ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜୁନ୍ ୨୦୨୧ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା



Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




ପବିତ୍ର ସାବିତ୍ରୀ ବ୍ରତ ଏବଂ ରଜ ସଂକ୍ରାନ୍ତି ଉପଲକ୍ଷେ ସମସ୍ତ ବନ୍ଧୁଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।

କରୋନାଠାରୁ ସୁରକ୍ଷିତ ରହନ୍ତୁ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| **କାହାଣୀ ବିଭାଗ** | | **୧୫** |
| ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ-୧୦ | ଅଶୋକ ବିଶ୍ୱାଳ | ୧୬ |
| ଜେଜେଙ୍କ ଜାସୁସି - ୨ | ବିଜୟ କୁମାର ପଣ୍ଡା | ୨୪ |
| କାଳିଆ ସବୁ ଦେଖୁଛି | ପ୍ରଶାନ୍ତ କୁମାର ନାଥ | ୨୬ |
| ଶ୍ରଦ୍ଧାଞ୍ଜଳୀ | ଡଃ ଆଭାଞ୍ଜଳି ଶତପଥୀ | ୩୦ |
| ଖେଳଣା | ରଞ୍ଜିତ ସାହୁ | ୩୩ |
| ମିଛମାୟା ସଂସାର | ଇଂ ବିଦ୍ୟାଧର ପଣ୍ଡା | ୩୫ |
| ଜୀବନ ଯମୁନାରେ | ଅଭିମନ୍ୟୁ ବେହେରା | ୪୩ |
| ଶତାବ୍ଦୀର ଅନ୍ଧାର, ନୁଙ୍ଗୁ ଓ ଟିଙ୍ଗୁଡୁ | ଡଃ ଉଷାରାଣୀ ଦାଶ | ୪୬ |
| ଅଥ ଉପାସନା | ସଂଜୀବ କୁମାର ଦାସ | ୫୬ |
| ଆଖିଏ ଲୁହ | କାହ୍ନୁ ଚରଣ ସାହୁ | ୬୧ |
| ସୁନ୍ଦରୀ | ଦେବାଶିଷ ଦେଓ | ୬୩ |
| ଗୋଲାପ | ଆର୍ଷୀ ଉପାସନା କର | ୬୬ |
| ଫୁଲଦାନୀ | ସୁଧାଂଶୁ ଶେଖର ଦ୍ୱିବେଦୀ | ୬୯ |
| ଦୁଇଟି ଛୋଟ ଗପ | ଆଶୁତୋଷ ମେହେର | ୭୩ |
| ଅକ୍ଷୟ ତୃତୀୟା | ବାସନ୍ତୀ ଲତା ଜେନା | ୭୬ |
| ଅକୁହା କଥାରୁ କିଛି | ଉତ୍ତମ ମହାପାତ୍ର | ୮୦ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

## କବିତା ବିଭାଗ ୮୪


| | | |
|---|---|---|
| ଅମରଜ୍ୟୋତି କାବ୍ୟସ୍ୱୟମ୍ବର | ଦେବଦତ୍ତ ସୁନା | ୮୫ |
| ମହାକାଳ ତୁମକୁ ମୁଁ କରେ ନମସ୍କାର | ଶିବ ନାରାୟଣ ଦାଶ | ୮୭ |
| ଇତିହାସ | କାହ୍ନୁ ଚରଣ ସାହୁ | ୯୧ |
| ଏ ସଙ୍କଟ ହରିନିଅ | ଗୁପ୍ତେଶ୍ୱର ଚାନ୍ଦ | ୯୨ |
| ଚିଠି | ଝରଣା ବାରିକ | ୯୪ |
| ଲୁହରେ ଲେଖୁଛି ଚିଠି | ନରେନ୍ଦ୍ର ପ୍ରସାଦ ବେହେରା | ୯୫ |
| ଧର ତୁ ପରମପାଦ | ମନୋରଞ୍ଜନ ସୁରୁଜାଳ | ୯୭ |
| କାଳିଆ ସାଆନ୍ତ ଆଜି ସାଜିଛନ୍ତି କୁଣିଆ | ପଙ୍କଜ କୁମାର ମଙ୍ଗଳ | ୯୮ |
| ଜୟ ଜଗନ୍ନାଥ | ରାମଚନ୍ଦ୍ର ପ୍ରଧାନ | ୧୦୦ |
| ଜୟ ଜଗନ୍ନାଥ | ଆକାଶ ସାହୁ | ୧୦୧ |
| ଜୟ ମା ଭଟ୍ଟାରିକା | ସରୋଜ କୁମାର ଜେନା | ୧୦୨ |
| ମୁଁ ଖୋଜୁଛି | ଅଜୟ କୁମାର ପଧାନ | ୧୦୩ |
| ମହେନ୍ଦ୍ରଗିରି | ରଶ୍ମୀବାଳା ଶତପଥୀ | ୧୦୫ |
| ହୃଦରେ ଉଠୁଛି ଅନେକ କମ୍ପନ | ଭାଗିରଥୀ ବେହେରା | ୧୦୬ |
| ଅଭିଶପ୍ତ | ହେମନ୍ତ ପଧାନ | ୧୦୭ |
| ଭଙ୍ଗା ହୃଦୟ | ଦୁଷ୍ମନ୍ତ ବେହେରା | ୧୦୮ |
| ବାଇ ଚଢ଼େଇ | ଅମରନାଥ ବାରିକ | ୧୦୯ |
| ପ୍ରେମର ପ୍ରତୀକ ମୁଁ ଗୋଲାପ | ଈଶ୍ୱରଚନ୍ଦ୍ର ବେହେରା | ୧୧୦ |
| ମାତୃତ୍ୱ | କୁମାରୀ ପୁଷ୍ପାରାଣୀ | ୧୧୨ |
| ମା'ର ଅତୁଟ ବନ୍ଧନ | ଅନନ୍ତ ପଟେଲ | ୧୧୩ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଅକ୍ଷୟ ତୃତୀୟା | ସନାତନ ମହାକୁଡ଼ | ୧୧୪ |
| ଅନୁଭବ | ଅଚ୍ୟୁତାନନ୍ଦ ଭୁଏ | ୧୧୫ |
| ନିଜକୁ ନିଜେ ହିଁ ଠକିବ | ଶିଶିର କୁମାର ପଣ୍ଡା | ୧୧୬ |
| ଦିନ ଥିଲା | ଡା ବିଜୟ କୁମାର ପାତ୍ର | ୧୧୭ |
| ସୁନା ସଂସାର | ଶାନ୍ତନୁ କୁମାର ରାଉତ | ୧୨୦ |
| ଫେରିବାଲା | ସିଦ୍ଧେଶ୍ୱର ତ୍ରିପାଠୀ | ୧୨୧ |
| କରୋନାର ବ୍ୟଥା | ମମତା ବାରିକ | ୧୨୨ |
| ସଙ୍କଟମୟ କରୋନା ଓ ୟାସ୍ | ପ୍ରହ୍ଲାଦ ସାହୁ | ୧୨୪ |
| କରୋନାର ଭାବନା | ମମତା ପାତ୍ର | ୧୨୫ |
| ଚରିତ୍ରହୀନା କରୋନା | ହେମନ୍ତ ଦାଶ | ୧୨୬ |
| କରୋନା ବାମ୍ପ | ଆର୍ତ୍ତତ୍ରାଣ ବିଶ୍ୱପ୍ରସନ୍ନ ଦାଶ | ୧୨୭ |
| କରୋନା ପାଇଁ 'ଅ' | ଶୈଳବାଳା ସିଂହ | ୧୩୧ |
| କୋଭିଡ଼ ଯୋଦ୍ଧା | ସୁବ୍ରତ କୁମାର ଗିରି | ୧୩୩ |
| ପ୍ରେମଭରା ଗୀତ | ଅମୂଲ୍ୟ କୁମାର ପଣ୍ଡା | ୧୩୫ |
| ନମସ୍କାର | ବିନୟ ମିଶ୍ର | ୧୩୬ |
| ତୁମ ବିନା | ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ | ୧୩୮ |
| ତୁମେ କାନ୍ଦିପାର | ରାକେଶ ଷଡ଼ଙ୍ଗୀ | ୧୩୯ |
| ବନ୍ଧ୍ୟା | ଜିତେନ୍ଦ୍ର ପାଣ୍ଡେ | ୧୪୧ |
| ଶୁଣ ପ୍ରିୟା | ରଞ୍ଜିତ ଅରେବେଡ଼ିଆ | ୧୪୨ |
| ନିଦାରୁଣ ନିଦାଘ | ପୁଷ୍ପାଞ୍ଜଳୀ ପଣ୍ଡା | ୧୪୩ |
| ଫୁଲେଇ ପ୍ରିୟା | ଜଗବନ୍ଧୁ ସାହୁ | ୧୪୫ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ନିଃଶବ୍ଦ ସ୍ୱର | ବିଷ୍ଣୁପ୍ରିୟା ଶତପଥୀ | ୧୪୬ |
| କୁନ୍ତୀ | ଡଃ ମାଙ୍ଗଳିକା ମହାପାତ୍ର | ୧୪୮ |
| ପୁତ୍ରମୋର ଆମେରିକା ଗଲା | ଦଣ୍ଡାସି ପ୍ରଧାନ | ୧୫୦ |
| ମାରୁଛ ଆମକୁ ତୁମେ ନକ୍ସଲ ସଜାଇ | ସୁଶୀଲ କୁମାର ଭୋଇ | ୧୫୨ |
| ବିଶ୍ୱାସ | ଉମେଶ କୁମାର ବିଶ୍ୱାଲ | ୧୫୪ |
| ମୌସୁମୀ | ଦିନେଶ ମେହେର | ୧୫୭ |
| ବର୍ଷା | ବିଜୟଲକ୍ଷ୍ମୀ ଭୋଇ | ୧୫୮ |
| ଯୌବନ | ରୁଦ୍ରନାରାୟଣ ଦାଶ | ୧୫୯ |
| କିଛି ତ ଥିଲା ନିଶ୍ଚୟ | ଅବିନାଶ ମାନସିଂହ | ୧୬୦ |
| ଜୀବନର ଜୟଯାତ୍ରା | ଅନୀତା ଦାଶ | ୧୬୧ |
| ସେହି ପିଲାବେଳ | ଡଃ ଆଭାଞ୍ଜଳି ଶତପଥୀ | ୧୬୨ |
| ବଞ୍ଚିବାକୁ ଇଚ୍ଛା ହୁଏ | ସନ୍ଦୀପ ଶେଖର ଜେନା | ୧୬୪ |
| ସତ ଲେଖିଲେ କି ଲାଭ | ଇଂ ବିଦ୍ୟାଧର ପଣ୍ଡା | ୧୬୫ |
| ଅଧା ପ୍ରତିଶ୍ରୁତି | ଅନସୂୟା ପଣ୍ଡା | ୧୬୬ |
| ଆଜି ବି ମୋର ମନେପଡ଼େ | ମେନକ ସାହୁ | ୧୬୮ |
| ଅପରିଚିତା | ଶୁଭଲକ୍ଷ୍ମୀ ପାଣିଗ୍ରାହୀ | ୧୭୧ |
| ସୀତାଙ୍କ ଅଗ୍ନିପରୀକ୍ଷା | ଟୋନିସ୍ ରୋହିଦାସ୍ | ୧୭୨ |
| ଅଧା ଜହ୍ନ | ସୁଧାଂଶୁ ଶେଖର ପ୍ରଧାନ | ୧୭୪ |
| ପ୍ରେମର ପରିଭାଷା ଓ ବିଭାଗ | ବାସନ୍ତୀଲତା ଜେନା | ୧୭୫ |
| ଶ୍ରୀ ଭଗବାନ | ରାମ ପ୍ରସାଦ ସିଂହ | ୧୭୭ |
| ପିଲାଏ ରଖିବ ମନେ | ବିଶ୍ୱନାଥ ସେଠୀ | ୧୭୮ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

| | | |
|---|---|---|
| ସେନେହ ରଜ୍ଜୁ କାଟି | ଅଲେଖ ମେହେର | ୧୮୦ |
| ଦ୍ୱିତୀୟା ଶ୍ରାବଣ | ପିନାକୀ ମିଶ୍ର | ୧୮୨ |
| ଭିନ୍ନ ଏକ ପ୍ରେମ କାହାଣୀ | ରଶ୍ମିତା ସାହୁ | ୧୮୫ |
| ବିପର୍ଯ୍ୟୟ ପରେ | ବାଲାଜୀ ସେଠୀ | ୧୮୭ |
| ନିଃସ୍ୱାର୍ଥ ଅପେକ୍ଷାର ଅନ୍ୟନାମ ପ୍ରେମ | ଶିତିକଣ୍ଠ ଗାଇଗରିଆ | ୧୮୯ |
| ବେଳ | ସୋନାଲି ଗଡ଼ନାୟକ | ୧୯୦ |
| ମୁକ୍ତିର ମହାଆନନ୍ଦ | ଡଃ ମନୋରଞ୍ଜନ ବିଷୋୟୀ | ୧୯୧ |
| ଆସିଛି ରଜ | ଲକ୍ଷ୍ମୀକାନ୍ତ ପୃଷ୍ଟି | ୧୯୨ |
| ହଜି ଯାଇଛି ସେ ରଜ | ସାଗର ନାୟକ | ୧୯୩ |
| ମଙ୍ଗଳ ପ୍ରଭାତ | ପ୍ରଦୀପ କୁମାର ଜିଲିକାରା | ୧୯୫ |
| ମୁଁ | ଶ୍ରୀକ୍ଷେତ୍ର ସୁନ୍ଦର | ୧୯୬ |
| ଏକ ମନ ଅନେକ ଯନ୍ତ୍ରଣା | ସୁଭାଷ ଚନ୍ଦ୍ର ପଣ୍ଡା | ୧୯୭ |
| ଭୂମିକମ୍ପ | ସରୋଜ କୁମାର ସାହୁ | ୧୯୯ |
| ପ୍ରୀତିପଦ୍ମା | ମଞ୍ଜୁରାଣୀ ମିଶ୍ର | ୨୦୦ |
| ତୁମକୁ ପାରୁନି ଭୁଲି | ପ୍ରଶାନ୍ତ କୁମାର ନାଥ | ୨୦୩ |
| କୃଷ୍ଣ/କୃଷ୍ଣା | ମମତା ମିଶ୍ର ଦାଶ | ୨୦୪ |
| ହୃଦୟର ତୋଫାନ | ଡଃ ରାକେଶ ରଞ୍ଜନ ମୁଣ୍ଡ | ୨୦୬ |
| ଶକୁନି | ସ୍ମୃତିରଞ୍ଜନ ବାରିକ | ୨୦୮ |
| ଅନାମିକା ନାୟିକା | ସୁରେନ୍ଦ୍ର କୁମାର ସାହୁ | ୨୧୦ |
| ଶ୍ମଶାନ | ଯଶୋବନ୍ତ ସା | ୨୧୩ |
| ଶ୍ରମମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ | ବିଶ୍ୱନାଥ ଭୁଏ | ୨୧୪ |

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


## ସମ୍ବଲପୁରୀ ବିଭାଗ ୨୧୫

| | | |
|---|---|---|
| ପାହାଧୁଇଲ | ଟୋନିସ୍ ରୋହିଦାସ୍ | ୨୧୬ |
| ବାବାର୍ ହଟ୍‌ହଟା | ସତ୍ୟନାରାୟଣ ମିଶ୍ର | ୨୧୮ |
| ଖରା | ବିଶ୍ୱନାଥ ଭୁଏ | ୨୨୦ |
| ବାସି ପଖାଲ୍ | ରାଜେନ୍ଦ୍ର ବୋଡ଼କିଆ | ୨୨୧ |
| ଲକ୍‌ଡାଉନ୍ ସଉକ | ରାଧାମୋହନ ପୂଜାହାରୀ | ୨୨୨ |
| ଗୁହାରୀ ଶୁନ୍ ଗୋ ମାଁ | ପ୍ରସନ୍ନ ପ୍ରୟାସ ଭୁଏ | ୨୨୩ |
| ଫୁଲ୍ | ଆକାଶ୍ ସାହୁ | ୨୨୪ |
| ଫୁଲର୍ ଜୀବନ୍ | ଲିପ୍ସା ଗଡ଼ତିଆ | ୨୨୫ |
| ଚାହେନା ମାହେଜୀ | ପ୍ରମୋଦ କୁମାର ସାହୁ | ୨୨୬ |
| ପ୍ରେମ୍ କାହାନୀ | ତପନ କୁମାର ସାହୁ | ୨୨୭ |
| ଇ଼ ଠାନେ | ସୁନୀଲ କୁମାର ଅଗସ୍ତି | ୨୨୮ |
| ମାଏଟ୍ ମୁଠେ | ମନୋରଞ୍ଜନ ସୁରୁଜାଳ | ୨୨୯ |
| ମାଖୁନୁ ଦାସ୍ | ଉମେଶ କୁମାର ବିଶ୍ୱାଲ୍ | ୨୩୦ |
| ଶୀକାରୀ | ଦେବଦତ୍ତ୍ ସନ୍‌ସ୍ | ୨୩୨ |

## ପ୍ରବନ୍ଧ ବିଭାଗ ୨୩୫

| | | |
|---|---|---|
| ଭଗବତ୍ ଜ୍ଞାନ | ସହଦେବ ପ୍ରଧାନ | ୨୩୬ |
| ଅପରିଚିତ କୋଣାର୍କ | ଅନିଲ ଦେ | ୨୫୬ |
| ମାତୃଭାଷା ପ୍ରତି ସ୍ନେହ | ଅସିତ ମହାନ୍ତି | ୨୬୯ |
| ଆମେ ସାମ୍ବାଦିକ-୧ | ସତୀଶ ବିଶ୍ୱାଳ | ୨୮୦ |


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ମୋଟ ଘରୋଇ ଉତ୍ପାଦ ଅର୍ଥନୈତିକ ପ୍ରଗତିର ପ୍ରକୃତ ମାପଦଣ୍ଡ କି ? | ଆଦିତ୍ୟ ପ୍ରସାଦ ସାହୁ | ୨୮୪ |
| ଏକ ଦୁଃଖଦ ମୁହୂର୍ତ୍ତରୁ | ପଙ୍କଜ କୁମାର ପାଣିଗ୍ରାହୀ | ୨୯୦ |
| ରାମ ବନବାସ ପାଇଁ ଦାୟୀ କିଏ ? | ନିତ୍ୟରଞ୍ଜନ ନନ୍ଦ | ୨୯୫ |
| ରାମାୟଣରେ ତ୍ୟାଗ | ସତ୍ୟନାରାୟଣ ମିଶ୍ର | ୩୦୮ |
| ବନ୍ଧୁତାର ଆଦର୍ଶ ନମୁନା - ସଖୀ ପାଇଁ ଆଖି | କୁଞ୍ଜବିହାରୀ ସାହୁ | ୩୧୦ |
| ଆମ ସାହିତ୍ୟ | ସିଦ୍ଧେଶ୍ୱର ତ୍ରିପାଠୀ | ୩୨୦ |
| ବାପା-ମାଆ | ଆଲୋକ କୁମାର ସାହୁ | ୩୨୨ |
| ସମ୍ପୂର୍ଣ୍ଣ ଓଡ଼ିଆ ଓଟିଟି ଆପ୍ : ଆଓ ନେକ୍ସଟ୍ | ତୀର୍ଥଦା ଶତପଥୀ | ୩୨୫ |
| ବିଶେଷ ସୂଚନା | | ୩୨୮ |


ଭବିଷ୍ୟତରେ ଆହ୍ୱାନ୍ ଇ-ପତ୍ରିକାରେ କେବଳ ସ୍ୱଳ୍ପ ଏବଂ ନିର୍ବାଚିତ କବିତା ହିଁ ସ୍ଥାନ ପାଇବ, ଯେଉଁ ସବୁ ବନ୍ଧୁ କବିତା ପ୍ରେରଣ କରୁଛନ୍ତି ସେମାନେ ନିରୁତ୍ସାହିତ ହୁଅନ୍ତୁ ନାହିଁ, କାରଣ କେବଳ କବିତା ନିମନ୍ତେ ଆହ୍ୱାନର ଏକ ବିଶେଷ ପତ୍ରିକା ପ୍ରତ୍ୟେକ ମାସରେ ପ୍ରକାଶିତ ହେବ । ଏବଂ ଏହି କବିତା ସବୁ ସିଧା ଆମ ୱେବ୍‌ସାଇଟରେ ପ୍ରକାଶିତ ହେବ । ଯାହା ଆପଣ ଅତି ସହଜରେ ନିଜ ବନ୍ଧୁମାନଙ୍କ ସହ ଶେୟାର୍ କରି ପାରିବେ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ଼କାଷ୍ଟ ସେବା ବର୍ତ୍ତମାନ ଅନେକ ପ୍ଲାଟଫର୍ମ୍ ଯଥା ସ୍ପଟିଫାଇ, ଆଙ୍କର୍, ବ୍ରେକର୍, ଓଭରକାଷ୍ଟ, ପକେଟ୍ କାଷ୍ଟ, ରେଡିଓ ପବ୍ଲିକ୍ ଏବଂ ଆପଲ୍ ପୋଡ଼କାଷ୍ଟରେ ଶୁଣିପାରିବେ । ଏଥିରେ ଶହେରୁ ଅଧିକ ଜ୍ଞାନବର୍ଦ୍ଧକ ପଞ୍ଚତନ୍ତ୍ର, ଜହ୍ନମାମୁଁ ଏବଂ ବିକ୍ରମ ବେତାଳ କାହାଣୀ ସମେତ, ଅନେକ କ୍ଷୁଦ୍ରଗଳ୍ପ ମଧ୍ୟ ସ୍ଥାନ ପାଇଛି । ନିଶ୍ଚୟ ଶୁଣନ୍ତୁ ଏବଂ ଆମକୁ ମତାମତ ଜଣାନ୍ତୁ । ଆପଣ ବି ନିଜ ଗଳ୍ପ କିମ୍ବା ପ୍ରବନ୍ଧ ଯଦି ଆମ ପୋଡ଼କାଷ୍ଟରେ ପ୍ରସାରିତ କରିବାକୁ ଚାହୁଁଛନ୍ତି, ତା ହେଲେ ଯୋଗାଯୋଗ କରି ପାରିବେ ।

**http://anchor.fm/aahwaan**

**http://anchor.fm/odia-katha**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ଜୁନ୍ ୨୦୨୧ ସଂସ୍କରଣ ସହିତ ମୁଁ ଉପସ୍ଥିତ । ଆଶା କରୁଛି, କରୋନା ମହାମାରୀର ଏହି ଦ୍ୱିତୀୟ ଲହଡ଼ିରେ ଆପଣଙ୍କ ସଂସାର ଅସ୍ତବ୍ୟସ୍ତ ହୋଇନଥିବ । ଅବଶ୍ୟ ଆଜିକାଲି ପ୍ରାୟ ଅଧିକାଂଶ ପରିବାରରେ କେହି ନା କେହି କରୋନା ଦ୍ୱାରା ଆକ୍ରାନ୍ତ ହୋଇଥିବାର ଖବର ଶୁଣିବା ଏକ ପ୍ରକାର ସ୍ୱାଭାବିକ ହୋଇଗଲାଣି । କିନ୍ତୁ ଯେତେବେଳେ କେହିଜଣେ ଆତ୍ମୀୟସ୍ୱଜନ ମୃତ୍ୟୁବରଣ କରିବା ଖବର ଶୁଣିବାକୁ ମିଳେ, ମନ ଆପେ ଆପେ ଦୁଃଖିତ ହୋଇଯାଏ ।

ମୋର ଦାୟିତ୍ୱ ତୁଲାଇବାକୁ ମୁଁ ପ୍ରତି ସପ୍ତାହରେ ସୋରଡ଼ା ଯାଉଥିବା ବେଳେ, ବିଗତ ମାସରେ ଶେଷାର୍ଦ୍ଧରେ ମଇ ମାସର ପଚିଶି ତାରିଖ ଦିନ ସେଇଥିପାଇଁ ଯାତ୍ରା କରିଥିଲି, କିନ୍ତୁ ଦୁର୍ଭାଗ୍ୟର ବିଷୟ, ସେଠାରୁ ଫେରିବାପରେ ମୁଁ ଜ୍ୱରରେ ପୀଡ଼ିତ ହୋଇଗଲି । ପ୍ରାରମ୍ଭିକ ପରୀକ୍ଷଣରୁ ଏହା ଆନ୍ତ୍ରିକ ଜ୍ୱର (ଟାଇଫଏଡ୍) ବୋଲି ଜଣାଯାଇଥିଲା ଏବଂ ଏଥିପାଇଁ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା କରିବା ସତ୍ତ୍ୱେ ଦୁଇ ତିନିଦିନ ଧରି ଜ୍ୱର କମ ନ ହେବା ପରେ କୋଭିଡ୍ ପାଇଁ ପରୀକ୍ଷଣ କରାଇଥିଲି । ଏବଂ ଏହା ପଜିଟିଭ୍ ଆସିଥିଲା । ଅବଶ୍ୟ ଏହା ପୂର୍ବରୁ ହିଁ ମୁଁ ସମସ୍ତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୋଭିଡ଼ ନିୟମ ପାଳନ କରି ଏକାନ୍ତବାସ କରୁଥିଲି । ତେଣୁ ମୋତେ ବିଶେଷ କଷ୍ଟ ହୋଇନଥିଲା, କିନ୍ତୁ ସୁଖର ବିଷୟ ଏହାଥିଲା ଯେ କରୋନା ପରୀକ୍ଷାରେ ମୁଁ ପଜିଟିଭ ହୋଇଥିବା ସତ୍ତ୍ୱେ ମୋ ଦେହରେ କରୋନାର କୌଣସି ଲକ୍ଷଣ ଦେଖାଦେଇ ନଥିଲା । ସାମାନ୍ୟ ଜ୍ୱର ବ୍ୟତୀତ ଅନ୍ୟ କୌଣସି ଲକ୍ଷଣ ନଥିଲା ଏବଂ ଏଥିପାଇଁ ମୁଁ ଧନ୍ୟବାଦ ଦେବି କେନ୍ଦ୍ର ସରକାରଙ୍କ ଜାତୀୟ ଟୀକାକରଣ କାର୍ଯ୍ୟକ୍ରମକୁ । କାରଣ ମୋ ଦେହ ଖରାପ ହେବାର ମାତ୍ର ଆଠଦିନ ପୂର୍ବରୁ ହିଁ ମୁଁ କରୋନା ନିମିତ୍ତ ପ୍ରଥମ ଡୋଜ୍ ଟୀକା ନେଇଥିଲି, କିନ୍ତୁ ଏହାର ସୁଫଳ ମୋତେ ତୁରନ୍ତ ମିଳିଥିଲା । କରୋନା ପଜିଟିଭ ହେବା ସତ୍ତ୍ୱେ ମୋତେ କୌଣସି ଅତ୍ୟଧିକ ଲକ୍ଷଣର ସମ୍ମୁଖୀନ ହେବାକୁ ପଡ଼ିଲା ନାହିଁ । ତେଣୁ ମୁଁ ଏହି ପତ୍ରିକା ଦ୍ୱାରା ମୋର ସମସ୍ତ ପାଠକ ଏବଂ ଲେଖକଲେଖିକା ମାନଙ୍କୁ ଅନୁରୋଧ କରିବି ଯେ ସେମାନେ ତୁରନ୍ତ ଟୀକା କରଣ କରାଇ ନିଅନ୍ତୁ ।

ଯଦି ଆପଣଙ୍କୁ କୌଣସି ପ୍ରକାର ଲକ୍ଷଣର ସମ୍ମୁଖୀନ ହେବାକୁ ହୁଏ, ତେବେ ତୁରନ୍ତ ଡାକ୍ତରୀ ପରାମର୍ଶ ନେଇ ଚିକିତ୍ସିତ ହୁଅନ୍ତୁ । ସବୁବେଳେ ସୁସ୍ଥ ମନୋସ୍ଥିତି ବଜାୟ ରଖନ୍ତୁ । ମନଭରି ଖୁସି ରହନ୍ତୁ, ଭଲ ଖିଆପିଆ କରନ୍ତୁ । କରୋନା ସାମାନ୍ୟ ଥଣ୍ଡା ରୋଗଠାରୁ ଅଧିକ କ୍ଷତି ନ କରିପାରେ । ମନେ ରଖନ୍ତୁ, ଅତ୍ୟଧିକ ମାନସିକ ଚାପ ଆପଣଙ୍କୁ ଦୁର୍ବଳ କରିଦେଇପାରେ ।

ଭାରତ ସରକାର ବର୍ତ୍ତମାନ କରୋନା ପାଇଁ ଟୀକାକରଣ କାର୍ଯ୍ୟକ୍ରମ ନିଜ ହାତକୁ ନେଇଛନ୍ତି ଏବଂ ଆଶା କରାଯାଉଛି ଆଗାମୀ ପାଞ୍ଚ ଛଅ ମାସ ମଧ୍ୟରେ ଏହା ସମଗ୍ର ଦେଶର ଅର୍ଦ୍ଧାଧିକ ଜନତାଙ୍କୁ ଟୀକା କରଣ କରାଇବା ଭଳି ସ୍ପର୍ଦ୍ଧା ସୃଷ୍ଟି କରିବ । ସେ ଯା ହେଉ, ଆମେ ଧନ୍ୟବାଦ ଦେବା ଆମ ଦେଶର ବୈଜ୍ଞାନିକମାନଙ୍କୁ, ଯେଉଁମାନଙ୍କ ଅକ୍ଲାନ୍ତ ପରିଶ୍ରମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେତୁ ଆମ ଦେଶ ଆତ୍ମନିର୍ଭର ହୋଇ କରୋନା ଟୀକା ଆବିଷ୍କାର କରି ପାରିଛି । ହୁଏତ ଏଥିପାଇଁ ଅନେକ ଜୀବନହାନୀ ହେବାରୁ ବଞ୍ଚି ପାରୁଛି ।

ଭାରତରେ କରୋନାର ଦ୍ୱିତୀୟ ଲହରୀକୁ ପ୍ରତିହତ କରିବାପାଇଁ ଓଡ଼ିଶା ସମେତ ଅନେକ ରାଜ୍ୟ ସରକାର କଠୋର ଭାବରେ ଲକ୍‌ଡାଉନ୍ ଲାଗୁ କରିଥିବା ସତ୍ତ୍ୱେ ଏହି ସଂକ୍ରମଣ ଦର କମ ହେବାର ନାଁ ନେଉନାହିଁ । ତେଣୁ ଆପଣମାନେ ସାବଧାନ ରହୁଥିବେ ବୋଲି ଆଶା । ଅତି ଆବଶ୍ୟକ ନ ହେଲେ ଘରୁ ଆଦୌ ବାହାରନ୍ତୁ ନାହିଁ । ସବୁବେଳେ ମାସ୍କ ବ୍ୟବହାର କରନ୍ତୁ । ଜନଗହଳି ପୂର୍ଣ୍ଣ ସ୍ଥାନକୁ ତ୍ୟାଗ କରନ୍ତୁ । ବାରମ୍ବାର ହାତକୁ ସାବୁନ ଦ୍ୱାରା ଧୁଅନ୍ତୁ ।

ଯଦି କୌଣସି ବନ୍ଧୁଙ୍କୁ କରୋନା ସମ୍ବନ୍ଧୀୟ କୌଣସି ସୂଚନା ଆବଶ୍ୟକ ହେଉଥାଏ ତା ହେଲେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦତ୍ତ ଟେଲି-ମେଡ଼ିସିନ୍ ସେବାର ଲାଭ ଉଠାଇ ପାରିବେ । ସୁସ୍ଥ ରହନ୍ତୁ, ସୁରକ୍ଷିତ ରହନ୍ତୁ । ଭଗବାନ ସମସ୍ତଙ୍କୁ ଏହି ବିପଦରୁ ବଞ୍ଚାନ୍ତୁ ।

ଜୟ ଜଗନ୍ନାଥ ।

ଆହ୍ୱାନର ଏହି ସଂସ୍କରଣ ଆପଣଙ୍କୁ ଅତୀତର ସମସ୍ତ ସଂସ୍କରଣ ଭଳି ଆମୋଦକର ମନେ ହେବ ବୋଲି ଆଶା । ଧନ୍ୟବାଦ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ଓଡ଼ିଆ ପୋଡ଼କାଷ୍ଟ ଚ୍ୟାନେଲ୍













## ଆସ ଓଡ଼ିଆରେ ଲେଖିବା, ପଢ଼ିବା, ଶୁଣିବା ଓ ଶୁଣାଇବା

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ୟାଘ୍ର ସାମ୍ରାଜ୍ୟର ନୀଳ ଆଲୋକ - ୧୦

ଅରିନ୍ଦମ ଏକ ଲମ୍ବା ଢୋକ ନେଲେ । ଧୂଆଁକୁ କିଛି ସମୟ ଫୁସଫୁସରେ ରଖିଲେ । ତାପରେ ଗୋଲ ଗୋଲ ବୃତ୍ତକରି ଧୂଆଁ ଛାଡିଲେ । ଏମିତିଆ ବୃତ୍ତର ଅର୍ଥ ହେଉଛି ସେ କିଛି ନିଷ୍ପତ୍ତି ପାଖରେ ପହଁଚି ପାରୁଛନ୍ତି । ତାଙ୍କର ଏମିତି ଧୂଆଁ ବାହାର କରିବା ଦେଖିବାର କଥା । ଗୋଟିଏ ବୃତ୍ତ ସହ ଆଉ ବୃତ୍ତର କିଛି ସମ୍ବନ୍ଧ ନଥିବ । କିଛି ବୃତ୍ତ ଭାଙ୍ଗେନି ।

"ଜଙ୍ଗଲରେ ହରିଣ ବା ମାଙ୍କଡର ଶବ ପଡିଥିବା ଏକ ସାଧାରଣ କଥା । କିନ୍ତୁ ମାଙ୍କଡର ବେକ ଧରିବା ! ମୋର ଆହୁରି ବିଶ୍ଲେଷଣର ଆବଶ୍ୟକତା ଅଛି ।"- ସେ କହିଲେ ।

"ମାଙ୍କଡର ବଡ଼ ଦଳ ଥିବ । ଗଛ ଉପରେ ମାଙ୍କଡମାନେ ସଜାଗ ଥାଆନ୍ତି । ସେମାନଙ୍କ ନଜର ସବୁଆଡେ ବୁଲୁଥାଏ । ବାଘ ଉପରର ଏତେ ପତଳା ଡାଳକୁ ଆସି ପାରିବ ନାହିଁ । ଓଜନରେ ଡାଳ ଭାଙ୍ଗିଯିବ ।"- ସେ କହି ହେଉଥିଲେ ।



ଅଶୋକ ବିଶ୍ୱାଳ

ବାଘ ଏତେ ଆଖି ଆଗରୁ ଲୁଚି ପାରିବ ନାହିଁ । ବାଘ ଶରୀରର ଫୁରୁକୁଟିଆ କଡା ଗନ୍ଧ ବାଘ ପହଁଚିବା ଆଗରୁ ପହଁଚିଯିବ ଆଉ ବାଘର ଉପସ୍ଥିତି ବିଷୟରେ ଜଣାଇଦେବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ତାହେଲେ ବାଘ କେମିତି ମାଙ୍କଡ ଧରିବ ?"- ସେ ନିଜକୁ ନିଜେ କହିଲେ ।

"ମୋର ସେ ଫଟୋ ଉପରେ କିଛି ସନ୍ଦେହ ନାହିଁ । କିନ୍ତୁ କଥାଟା କେମିତି ହଜମ ହେଉନି ।"- ସେ ପୁଣି କହିହେଲେ ।

"ମନେକର ବାଘ କେମିତି ଗଛ ତଳକୁ ଆସିଯାଇଛି । ମାଙ୍କଡମାନେ ଲକ୍ଷ୍ୟ କରି ନାହାନ୍ତି ।"- ପାଓଲି କହୁଥିଲେ ।

ସମସ୍ତେ ପାଓଲିଙ୍କ ଆଡକୁ ଚାହିଁଲେ । ଏମିତି ବି ହୋଇପାରେ । କଥାଟା ଅସ୍ୱାଭାବିକ । କିନ୍ତୁ ଅସମ୍ଭବ ନୁହେଁ ।

"ସମ୍ଭବଟା ବାଦ ଦେଲେ ବହୁତ ଉତ୍ତର ମିଳିଯାଏ ।"- ପାଓଲି କହିଲେ ।

ତାହେଲେ ପାଓଲିଙ୍କ ଯୁକ୍ତି କଣ କିଛି ଅଧିକ ରାସ୍ତା ଦେଖାଉଛି ? ଅରିନ୍ଦମ ପାଓଲିଙ୍କ ଆଡକୁ ବଡବଡ ଆଖିରେ ଚାହିଁଲେ । ତାଙ୍କୁ ପାଓଲିଙ୍କ କଥା ସଂମ୍ପୂର୍ଣ ଅଯୌକ୍ତିକ ଲାଗୁ ନଥିଲା ।

"ହୋଇପାରେ ପାଓଲି । କିନ୍ତୁର ଚାନସ ବହୁତ କମ । ହୁଏତ ଶହେକରେ ଗୋଟାଏ ।"- ଅରିନ୍ଦମ କହିଲେ ।

"ତାହେଲେ ଏମିତି ହେବାର ଚାନସ୍ ଅଛି ।"- ସପନବାବୁ କହିଲେ ।

ଦେବଶ୍ରୀ କିନ୍ତୁ କିଛି କହୁ ନଥିଲେ । ତାଙ୍କୁ ଏ ପର୍ଯ୍ୟନ୍ତ ସବୁ କଥା ବିଶ୍ୱାସ ସଙ୍ଗତ ଲାଗୁ ନଥିଲା । କିନ୍ତୁ ତାଙ୍କୁ ମଧ୍ୟ ଲାଗୁଥିଲା ପାଓଲିଙ୍କ କଥାରେ କିଛି ଓଜନ ଅଛି । ବାଘର କିଛି ମାଙ୍କଡ ଶିକାର କରିବାର ଚାନସ ଅଛି ।

ଦଳ ଏବେ ଟିକେଟିକେ ମାଙ୍କଡ ଶିକାରକୁ ସତ ଭାବିଲେଣି ।

ଏ ସବୁରେ କିଛି ଅସମ୍ଭବ କଥା ରହିଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାଘ ମାଙ୍କଡ ଭଳିଆ ଏତେ ଉପରକୁ ଗଛରେ ଚଢି ପାରିବ ନାହିଁ । ତା'ର ଓଜନ ତା'କୁ ପତଳା ଡାଳରୁ ପକାଇ ଦେବ ।

ବାଘ ମାଙ୍କଡ ଭଳି ଏ ଡାଳରୁ ସେ ଡାଳକୁ ସହଜରେ ଡେଇଁ ପାରିବ ନାହିଁ । ବାଘର ଲମ୍ବା ହାତ ବା ଲମ୍ବ ଆଙ୍ଗୁଳି ନାହିଁ । ସେ ଡାଳକୁ ମାଙ୍କଡ ଭଳି ମୁଠାଇ ଧରି ପାରିବ ନାହିଁ । ତେଣୁ ସେ କେବେ ବି ଗଛର ଏତେ ଉପରେ ପହଁଚି ପାରିବ ନାହିଁ ।ତେଣୁ ଗଛରେ ମାଙ୍କଡ ଧରିବା ଅସମ୍ଭବ ।

ସମସ୍ତେ ସେ ଫଟୋକୁ ଖୁବ ଧ୍ୟାନରେ ଅନାଇଲେ । ବାଘ ତା'ର ଶିକାର ବା ଆଖ ପାଖର ପରିବେଶରୁ ସେମାନେ କିଛି ସୂତ୍ର ଖୋଜୁଥିଲେ । ଫଟୋ ବହୁତ ସ୍ୱଷ୍ଟ । ଅର୍ଥାତ ଫଟୋ ଦିନରେ ଉଠାଯାଇଛି, ସଂନ୍ଧ୍ୟା ବା ରାତିରେ ନୁହେଁ । ମାଙ୍କଡର ଗଳାରେ ତାଜା ଲାଲ ରଙ୍ଗ ଦେଖା ଯାଉଥିଲା । ଅର୍ଥ ମାଙ୍କଡକୁ କିଛି ସମୟ ଭିତରେ ଧରାଯାଇଛି ଆଉ ସେହି ସମୟରେ ଫଟୋଗ୍ରାଫର ଫଟୋ ଉଠାଇଛନ୍ତି ।

ଫଟୋଗ୍ରାଫରୁ ଲାଗୁଥିଲା ଯେ ବାଘ ଠିଆ ହୋଇଥିବା ସ୍ଥାନ ଗଛଠାରୁ କିଛି ଦୂରରେ ଅଛି ।

ତା'ର ଅର୍ଥ ?

ପାଓଲିଙ୍କ ମୁହଁ ଉଜ୍ଜ୍ୱଳ ହୋଇ ଉଠିଲା । ସେ ମନକୁ ମନ କିଛି ହିସାବ କରିନେଲେ ।

"ମାଙ୍କଡକୁ ବାଘ ଖୋଲା ଯାଗାରେ ଧରିଛି ।"– ସେ କହିଲେ । ତାଙ୍କ ସ୍ୱର ଖୁବ ସ୍ୱଷ୍ଟ ।

ସମସ୍ତଙ୍କ ଆଖି ଖୋଲା ଥିଲା । ପାଓଲିଙ୍କ ଆଙ୍ଗୁଠିର ଇସାରା ବାଘ ଆଉ ଗଛ ଭିତରର ଦୂରତା ବତାଉଥିଲା । ଏବେ ସମସ୍ତେ ବିଶ୍ୱାସ କଲେ ଯେ ମାଙ୍କଡକୁ ବାଘ ଖୋଲା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଗାରେ ଧରିଛି ।

"ଖୋଲା ଯାଗାରେ ବାଘ କେଇ କ୍ଷେପାରେ ମାଙ୍କଡକୁ ଧରିନେବ । ମାଙ୍କଡ ଯେତେ ଜୋରରେ ଲମ୍ଫ ଦେଲେ ମଧ୍ୟ ବାଘଠାରୁ କ୍ଷିପ୍ର ହୋଇ ପାରିବ ନାହିଁ । ମାଙ୍କଡ କେମିତି ଖୋଲାଯାଗାକୁ ଆସି ଯାଇଛି । ଆଉ ବାଘ ହଠାତ୍ ଆକ୍ରମଣ କରି ତା'କୁ ଧରି ନେଇଛି ।"- ସପନବାବୁ କହିଲେ ।

ସମସ୍ତେ ସପନବାବୁଙ୍କ କଥାରେ ରାଜିହେଲେ । ଆନାଲିସିସ ବିଶେଷଜ୍ଞା ଦେବଶ୍ରୀ ମଧ୍ୟ ମୁଣ୍ଡ ହଲାଉଥିଲେ । ତାଙ୍କର ଲଜିକାଲ ମାଇଣ୍ଡ ଏ ଯୁକ୍ତି ଭିତରେ କିଛି ସତ ଖୋଜି ପାଉଥିଲା ।

"ମାଙ୍କଡ କଣ ପାଇଁ ଖାଲି ଯାଗାକୁ ଆସିଲା ? ମାଙ୍କଡ ଗଛରେ ରହିବା ଜନ୍ତୁ । ତା'ର କଣ ଦରକାର ଥିଲା ଖାଲି ଯାଗାକୁ, ପୁଣି ପାଣି କାଦୁଅକୁ ଆସିବା ?"- ଅରିନ୍ଦମ କହିଲେ । ତାଙ୍କର ମନରେ ତଥାପି କିଛି ସନ୍ଦେହ ଥିଲା

ଫଟୋରୁ ମାଙ୍କଡର ଶରୀରକୁ ଭଲକରି ପରଖି ହେଉଥିଲା । ମାଙ୍କଡ ଅଣ୍ଡିରା ଆଉ ବଳଶାଳୀ । ଏମିତିଆ ମାଙ୍କଡ ବହୁତ ଚଞ୍ଚଳ ହେଇଥିବ । ତା ସତ୍ତ୍ୱେ ବାଘ ମାଙ୍କଡକୁ ଧରିନେଲା ।

ସେମାନେ ଆଉ କିଛି ଉତ୍ତର ଖୋଜୁଥିଲେ ।

"ମାଙ୍କଡ ନିଶ୍ଚିତ ଭାବେ ଅସାବଧାନ ଅଛି । କିମ୍ବା ଆଉ କିଛି କାମରେ ବ୍ୟସ୍ତ ଅଛି । ଫଳତଃ ସେ ବାଘର ପାଖେଇ ଆସିବା ଜାଣି ପାରି ନାହିଁ । ତାହେଲେ କଣ ସେ କାମ ହୋଇପାରେ ?"- ସପନବାବୁ ଭାବୁଥିଲେ ।

ମାଙ୍କଡ କଣ କିଛି ଖାଇବାକୁ ଖୋଜୁଥିଲା । ଖାଇବା ଛଡା ମାଙ୍କଡ କଣ ପାଇଁ ଏତେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅସାବଧାନ ହେବ ? ନିଶ୍ଚିତ ଭାବେ ଏଥିରେ କିଛି ଖାଦ୍ୟର ସଂମ୍ପର୍କ ଅଛି ।

ମାଙ୍କଡମାନେ ଖାଲି ଡାଳ ପତ୍ର ଆଉ ଫଳ ଖାଆନ୍ତି ନାହିଁ । ବେଳେ ବେଳେ ସେମାନେ କିଛି ଚେର ମୂଳ ଖାଇଥାନ୍ତି । ଏଇଟା ବୋଧହୁଏ ଉତ୍ତର । ମାଙ୍କଡ ତଳକୁ ଆସିବାର ଉତ୍ତର ।

"ମାଙ୍କଡ ବୁଦାର ମୂଳ ଖାଇବା ପାଇଁ ତଳକୁ ଓହ୍ଲାଇ ଆସିଛି ।"- ସପନବାବୁ କହିଲେ । ସେ ଭାବୁଥିଲେ ଅରିନ୍ଦମ ବା ଦେବଶ୍ରୀ ତାଙ୍କ ସହ ଯୁକ୍ତି କରିବେ । କିନ୍ତୁ ଯୁକ୍ତି କଲେନି । ତାଙ୍କ କଥାରେ ସତ୍ୟତା ଅଛି ବୋଲି ସେମାନେ ଭାବୁଥିଲେ ।

"ଏହାହିଁ ହୋଇଛି ।"- ସେ ଏତିକି କହି ରହିଗଲେ । ଏକ ଲମ୍ବା ଶ୍ୱାସ ନେଲେ । ତାଙ୍କର ଲମ୍ବା ମୁହଁ ଟିକିଏ ଉପରୁଆ ହୋଇଗଲା । ସେ ପବନରେ କଫିର ସୁଗନ୍ଧ ଖୋଜୁଥିଲେ । ଏତେ ସିଗାରେଟ ଧୂଆଁରେ କଫିର ସୁଗନ୍ଧ ତଥାପି ବାରି ହେଉଥିଲା

"ମାଙ୍କଡ ମୂଳ ଖାଇବାକୁ ତଳକୁ ଓହ୍ଲାଇ ଆସିଛି । ସେଇ ସମୟରେ ବାଘ ବୁଦା ମୂଳରେ ଛପିରହିଛି । ମାଙ୍କଡକୁ ପାଖରେ ଦେଖି ଖେଦିଯାଇଛି । ବାଘକୁ ଦେଖି ମାଙ୍କଡ ଲମ୍ଫ ଦେଇ ପଳାଇବାକୁ ଚେଷ୍ଟାକରିଛି । କିନ୍ତୁ ଦୁଇ ଖେଦାରେ ବାଘ ମାଙ୍କଡକୁ ଥାବାମାରିଛି । ଫଳରେ ମାଙ୍କଡ ତଳେ ପଡିଯାଇଛି । ସେ ଉଠୁ ଉଠୁ ବାଘ ତା'ର ଗଳା ଧରି ନେଇ ତଣ୍ଟି ଝୁଣି ମାରିଦେଇଛି ।"- ସପନବାବୁ କଥାଟାକୁ ବୁଝାଉଥିଲେ ।

କଥାଟା ଠିକ ଲାଗୁଥିଲା ।

"ତାହେଲେ ଅନ୍ୟ କାନମାନ, ଅନ୍ୟ ଆଖିମାନ । ସେସବୁ କଣ ବାଘକୁ ଆଗରୁ ଦେଖିଲାନି । କେହି କଣ ବାଘର ଫୁରୁକୁଟିଆ ଗନ୍ଧ ବାରି ପାରିଲେନି ?"- ଅରିନ୍ଦମ ପଚାରିଲେ । ସପନବାବୁ ବହୁତ ଆଗେଇ ଯାଇଛନ୍ତି । କିନ୍ତୁ କିଛି ଅଧିକା ବିଶ୍ଳେଷଣ କରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ନାହାନ୍ତି । ତାଙ୍କର କଥାରେ ଯୁକ୍ତି ଥିଲା ଭଳି ଲାଗୁଥିଲା । ଦେବଶ୍ରୀ ମୁଣ୍ଡ ହଲାଇଲେ । ପାଓଲିଙ୍କ ମୁହଁ ଖୋଲା ରହିଗଲା ।

କଣ ପାଇଁ ଅନ୍ୟମାନେ ଲକ୍ଷ୍ୟ କରି ପାରିଲେନି ?

"ଏମିତି ହୋଇଥିବ ମାଙ୍କଡମାନଙ୍କ ଆଡୁ ବାଘ ଆଡକୁ ପବନ ବୋହୁଥିବ । ଫଳରେ ବାଘର ଫୁରୁକୁଟିଆ ଗନ୍ଧ ମାଙ୍କଡମାନଙ୍କ ପାଖରେ ପହଁଚି ପାରି ନଥିବ । ଆଉ ଏମିତି ବି ସୁନ୍ଦରବନର ବାଘ ଦେହରୁ ଏତେ ଫୁରୁକୁଟିଆ ଗନ୍ଧ ଆସେନି । ବାଘ ଯେ ସବୁବେଳେ ପହଁରୁଛି ।"-ସପନବାବୁ ନିଜର ଅକାଟ୍ୟ ଉତ୍ତର ରଖୁଥିଲେ ।

"କଥା ରହିଲା ଏତେ ଆଖିର ? ମାଙ୍କଡ ଦଳ ମାଟିକୁ ଓହ୍ଲାଇ ଆସିଥିବେ । ଫଳରେ ଗଛରେ କେହି ମାଙ୍କଡ ନଥିବେ । ତେଣୁ ଉପରେ କେହି ରକ୍ଷୀ ନାହାନ୍ତି । କେହି ବାଘର ଆସିବା ଲକ୍ଷ୍ୟ କରି ନାହାନ୍ତି । ସମସ୍ତେ ରସାଳିଆ ମୂଳ ଖାଇବାରେ ବ୍ୟସ୍ତ ହୋଇଯାଇଛନ୍ତି । ଫଳରେ ବାଘକୁ ସୁଯୋଗ ମିଳିଯାଇଛି ।"– ସପନବାବୁକଥାଟା ଭଲ ଭାବରେ ବୁଝାଉଥିଲେ ।

ଅରିନ୍ଦମ ନିଜର ମୁଣ୍ଡ ହଲାଇଲେ । ସେ ସପନବାବୁଙ୍କ କଥାରେ ଏବେ ରାଜି ହେଉଥିଲେ । ସପନବାବୁ ଏକ ଉପଯୁକ୍ତ ଉତ୍ତର ଖୋଜିଛନ୍ତି । କଥାଟାକୁ ସରଳ ଭାବେ ବୁଝାଇଛନ୍ତି । ଦେବଶ୍ରୀ ମଧ୍ୟ ମୁଣ୍ଡ ହଲାଇଲେ ।

"ଆଃ ସପନବାବୁ । ଆପଣ ଏକ ଅତି କଷ୍ଟ ପ୍ରଶ୍ନର ଉପଯୁକ୍ତ ଉତ୍ତର ଖୋଜିଦେଲେ ।" – ଏତିକି କହି ଦେବଶ୍ରୀ ନିଜର ସୁନ୍ଦର ହାତ ସପନବାବୁଙ୍କ ଆଡକୁ ବଢାଇଦେଲେ । ସପନବାବୁ ଦେବଶ୍ରୀଙ୍କ ହାତକୁ ସାମାନ୍ୟ ଶ୍ରଦ୍ଧାରେ ଧରିନେଲେ ।

ପାଓଲି ସପନବାବୁଙ୍କ ଆଡକୁ ଅନାଇଥିଲେ । ସପନବାବୁ ଦେବଶ୍ରୀଙ୍କ ହାତ ଏତେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟ ଧରିଥିବାର ଦେଖି ତାଙ୍କର ମୁହଁ ଲାଲ ହୋଇଗଲା । ଅରିନ୍ଦମ ଚେୟାରରେ ଆଉଜି ପଡି ସିଗାରେଟ ଜୋର ଜୋରରେ ଟାଣି ଚାଲିଲେ । ତାଙ୍କ ମୁହଁରୁ ଗୋଲ ଗୋଲ ଦୂଆଁର ବୃତ୍ତ ବାହାରି ଆସୁଥିଲା ।

ପାଓଲି ସେପଟକୁ ଆଉ ଅନେଇଲେନି । ସେ ଏକ ପୃଷ୍ଠା ଓଲଟାଇଲେ । ଏକ ପୃଷ୍ଠାରେ ବାଘର ଅନେକ ଚିତ୍ର । ଖୁବ ସ୍ୱଷ୍ଟ ଭାବରେ ଫଟୋଗୁଡିକୁ ତୋଳି ନିଆଯାଇଛି । ବାଘ ପାଣି ଭିତରେ ପଶିବାର ଫଟୋ । ବାଘ ପଛରେ ଜଙ୍ଗଲ ଅଛି । କଳା ଗାଢ ସବୁଜ ଜଙ୍ଗଲ । ଏକ କାଦୁଆ ଚଡା ପାଣି ଭିତରକୁ କୋଣ କରି ପଶି ଯାଇଛି । ପାଣି ସେଠୁ ନିଗିଡି ଆସୁଛି । ଗଛର ଶ୍ୱାସମୂଳସବୁ ପେନସିଲ ଭଳି ବାହାରିଛି । ଆଗରେ ଗୋଳିଆ ପାଣି । ବାଘର ମୁଣ୍ଡ ଆଗକୁ ହୋଇଯାଇଛି । ମୁହଁ ଖୋଲା । ପାଣି ଆଉ ଦୁଇ କଦମ । ବାଘ ପାଣିରେ ପଶି ଆର କୂଳକୁ ପହଁରିଯିବ ।

ପାଓଲି ସେହି ଫଟୋକୁ ବହୁ ସମୟ ଅନାଇ ରହିଲେ । ତାଙ୍କ ଆଖିର ପତା ପଡୁନଥିଲା ।

ସୁନ୍ଦରବନ ପାଣି ଭିତରକୁ ଏକ ଯାତ୍ରାରେ ଯିବା କଥା । ତାହେଲେ ଅନେକ ଜିନିଷ ଠିକ୍ ଭାବରେ ବୁଝିହେବ । ଏପର୍ଯ୍ୟନ୍ତ ପାଓଲି ସୁନ୍ଦରବନର ଗାଁମାନଙ୍କରେ ବୁଲିଛନ୍ତି । କିନ୍ତୁ ପାଣି ଭିତରେ ଲମ୍ବା ସମୟ ବିତେଇ ନାହାନ୍ତି ।

ଦେବଶ୍ରୀ ମଧ୍ୟ ଯିବାକୁ ରାଜି ହେଲେ । ଦେବଶ୍ରୀ ପାଣି କାଦୁଅ ଭିତରେ ରହିବେ ଏଇଟା କେମିତି ଆଶ୍ଚର୍ଯ୍ୟ ଲାଗୁଥିଲା । ଦେହରେ କାଦୁଅ ଲାଗିଲେ ନିଜକୁ ଅପରିଷ୍କାର ଲାଗେ । ସେମିତି ନବ ଅତ୍ୟାଧୁନିକା ତରୁଣୀ ଭିତରକୁ ଆସିବେ ବୋଲି ଭାବି ହେଉନଥିଲା ।

ଦେବଶ୍ରୀ ମଧ୍ୟ ନିଜକୁ କେମିତି ଅଲଗା ଭାବୁଥିଲେ । ପାଓଲିଙ୍କ ଅଭିଜ୍ଞତା ତାଙ୍କ ମନ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭିତରେ ଛାପ ଛାଡି ଦେଇଥିଲା । ସୁନ୍ଦରବନଟା ତାହେଲେ କେତେ ଭିନ୍ନ । ସବୁକଥା କଣ ଲଜିକରେ ହୁଏନା । ନା କିଛି ସୂତାର ଖିଅ ସେ ଛାଡିଯାଉଛନ୍ତି । ସୁନ୍ଦରବନ ଭିତରକୁ ଗଲେ ଜଣା ପଡିଯିବ । ଦେବଶ୍ରୀ ପାଓଲିଙ୍କ ହାତ ଧରିନେଲେ । ପାଓଲିଙ୍କୁ ଏକ ଆଶ୍ୱାସନା ମିଳୁଥିଲା । ଦେବଶ୍ରୀଙ୍କ ନରମ ଆଙ୍ଗୁଳି ପାଓଲିଙ୍କୁ ଆଉଁଷୁଥିଲା ।

କ୍ରମଶଃ-

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜେଜେଙ୍କ ଜାସୁସି - ୨

ଏହା ଏକ ଧାରାବାହିକ କାହାଣୀ । କାହାଣୀକୁ ସମ୍ପୂର୍ଣ୍ଣ ବୁଝିବା ପାଇଁ ପୂର୍ବ ଭାଗ ସବୁ ପଢ଼ିବାକୁ ଅନୁରୋଧ । ପୂର୍ବରୁ ପଢ଼ିଥିଲେ..

ଜେଜେଙ୍କ ଚାଲିଚଳଣୀ ସବୁଥିରେ ଗୋଟିଏ ରୁଟିନ ଥାଏ ଠିକ୍ ଯେମିତି ମିଲିଟାରୀ ଭଳି । ଗାଁ ଦାଣ୍ଡରେ ଚାଲିଗଲା ବେଳେ ତାଙ୍କୁ ଦେଖିଲେ, ଦୃଷ୍ଟାମି କରୁଥିବା ଭେଣ୍ଡିଆ ଗୁଡ଼ାକ ଦଣ୍ଡେ ଅଟକି ଯାଆନ୍ତି । ତା'ପରେ.. (ଦ୍ୱିତୀୟ ଭାଗ...)

ଏଇ କିଛି ମାସ ହେବ ଅବସର ନେଇ ଘରେ ଅଛନ୍ତି ।

ଘରେ ସବୁ କାମରେ ତାଙ୍କର ନିଘା । ଏଇଟା ଏମିତି କାହିଁକି ହେଲା ! ସେମିତି କାହିଁକି ନୁହେଁ ! ଏମିତି ଶହେ ପ୍ରଶ୍ନ କରନ୍ତି । ଅନେକ ସମୟରେ ଜେଜେମା'ଙ୍କ ସହ ତୁତୁ ମେମେ ହୁଏ ।

ଜେଜେମା ବି ଦେଖେଇ ଦେଖେଇ କୁହନ୍ତି :

"ହେଇଟି.. ତୁମର ସେ ଜାସୁସୀ ପଣ ଅନ୍ୟ କେଉଁଠି ଲଗାଅ ବା.. ଯଦି କାହାର କିଛି କାମରେ ଆସିପାରେ କିନ୍ତୁ ଖବର୍ ଦାର୍ ଘର ଭିତରେ ସେସବୁ ଚଳିବନି..ହାଁ ।"



ବିଜୟ କୁମାର ପଣ୍ଡା

ଜେଜେ ଟିକେ ଚୁପ୍ ହେଇଯାନ୍ତି ।

ଜେଜେଙ୍କ ନଜର ବଡ଼ ତୀକ୍ଷ୍ଣ, କେହି ଖସିଯାଇ ପାରନ୍ତିନି ।

ଗାଁରେ ତାଳ ନଡ଼ିଆ ଅବା ପିଜୁଳି ହେଉ ଯାହା ବାଡ଼ିରେ ଭଲ ଫଳେ ସେଠି ଚୋରି ହୁଏ କିନ୍ତୁ ଜେଜେ ଆମର ଚୋର ଧରିବାରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକ୍ସପର୍ଟ ।

ଏଇ କିଛିଦିନ ହେବ ଗାଁରେ ଭୁତୁଣୀ ମାତିଛି ବୋଲି ଚହଳ ପଡ଼ିଲା । ପିଲାଠୁଁ ବୁଢ଼ା ସଭିଙ୍କ ତୁଣ୍ଡରେ ସେହି ଭୁତୁଣୀ କଥା । ଭୁତୁଣୀକୁ କେହି ଦେଖୁ ବା ନଦେଖୁ, ସେ ଦେଖିବାକୁ ଏମିତି ସେମିତି ଏହି ସବୁ ଚର୍ଚ୍ଚା ସବୁଆଡ଼େ ଚାଲିଥାଏ ।

ତା'ର ଲମ୍ବା ଲମ୍ବା ନଖ, ଧଳା ଶାଢ଼ୀ, ଫୁରୁଫୁରୁ ଉଡୁଥିବା ଲମ୍ବା ବାଳର ଦୃଶ୍ୟମାନ ବଖାଣି ଜାଗା ଜାଗା ଲୋକମାନେ ଭୁତୁଣୀ ଚର୍ଚ୍ଚାରେ ସମୟ ବିତେଇ ଦେଉଥାନ୍ତି ।

ଆଶ୍ଚର୍ଯ୍ୟର କଥା ହେଲା ଯେ କେବଳ ଜେଜେଙ୍କ ଘରେ ପାଖାପାଖି ଭୁତୁଣୀର ଉପଦ୍ରବ ବହୁତ ବେଶି । କେତେବେଳେ ଗୁଦ ଗାଦ କିଏ ପଡ଼ିବାର ଶବ୍ଦ, କେବେ ଟେକା ପଥର ପଡ଼ିବାର ଶବ୍ଦ । ରାତି ହେଲେ ନାତି ଆଉ ନାତୁଣୀ ବି ଘରେ ଭୁତୁଣୀର ଚର୍ଚ୍ଚା କରି ହୋହାଲ୍ଲା କରିଦେଉଥିଲେ ।

କିଛିଦିନ ହେଲା ଭୁତୁଣୀ କଥା ଶୁଣିଶୁଣି ଅସ୍ତବ୍ୟସ୍ତ ହେଇପଡ଼ିଥିଲେ ଜେଜେ ।

ଗାଁ ପାଖ ଗୁଣିଆ ଦୁଇ ଜଣ ଆସି କଣ ସବୁ ମନ୍ତ୍ରତନ୍ତ୍ର କଲେ ହେଲେ କିଛି ବି ଲାଭ ହେଲାନି ।

ଏଥର ମାନିକୁ କହିଲେ ଜେଜେ

“ମାନି... ମା' ତୁ ସେ ଭୁତୁଣୀର ଡର ଛାଡ଼ିଦେ... ସେମିତି କିଛି ନାହିଁ ! ! ଏସବୁ ଲୋକଙ୍କ ମନଗଢ଼ା କଥା ।”

ଜେଜେ ସନ୍ଧ୍ୟା ବେଳେ ଗାଁକୁ ବାହାରିଗଲେ ।

ମନେ ମନେ ସ୍ଥିରକଲେ ଯଦି ଭୁତୁଣୀ ସଭିଙ୍କୁ ଦେଖା ଯାଉଛି ତାହେଲେ ସେ ବି ନିଜ ଆଖିରେ ଦେଖି ପାରିବେ । ସତ କଣ.. ଆଉ ମିଛ କଣ.. ସେ ତାଙ୍କ ଜାସୁସି ଅନ୍ଦାଜ୍ ରେ ନିଶ୍ଚିତ ନିର୍ଣ୍ଣୟ ନେବେ ବୋଲି ସ୍ଥିର କଲେ । (କ୍ରମଶଃ...)

ସମ୍ପାଦକ-କନକପ୍ରଭା,ସବଙ୍ଗ, ସିମୁଳିଆ,ବାଲେଶ୍ୱର, ଯୋଗାଯୋଗ- ୯୭୩୯୫୯୮୧୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାଳିଆ ସବୁ ଦେଖୁଛି

ରାତି ପାହିଲେ ରବିନ, ଭାଗନ, କରୁଣା, ଟୁଆଁ ଆଉ ସାଙ୍ଗରେ ଦି' ଚାରି ଜଣଙ୍କୁ ଧରି ଆସି ପହଞ୍ଚିଯିବେ ଦୁଆରେ । ହାତରେ ଖାତା ଧରି ଟଙ୍କା ମାଗିବେ । କୋଉ ହାତ ଉଧାରି କି ସୁଧିଆ ଟଙ୍କା ନୁହେଁ; ଏ ବର୍ଷର ରାମଲିଳା ଚାନ୍ଦା । ଆଗରୁ ପ୍ରାୟ ଚାରି ଛ' ଥର 'ପରେ ଦେବି' କହି ଫେରାଇ ଦେଇଛି ରତ୍ନାକର; ସେମାନଙ୍କୁ । ସେମାନେ ଫେରୁଥିଲେ ବାରମ୍ବାର ହେଲେ ଶେଷଥର ଗଲାବେଳେ ତାଗିଦ କରି କହି ଯାଇଥିଲେ – ଆଉ ଚାରିଦିନ ବାକି; ରାମଲିଳା ବହି ପଢ଼ା ସରିବ । ଟଙ୍କାଟା ଯେମିତି ତା ପୂର୍ବରୁ ମିଳିଯାଏ ।

ଗାଁ ସାହିଭାଇଙ୍କ କଥା; କେମିତି ବା କାଟି ଦେଇଥାଆନ୍ତା ରତ୍ନାକର । ଟଙ୍କା ଦେଇପାରିବନି ବୋଲି କହିଥାନ୍ତା ! ତେଣୁ ଆଗକୁ ପଛକୁ କେତେ କ'ଣ ଭାବି-ଚିନ୍ତି ମୁଣ୍ଡ ଟୁଙ୍ଗାରି 'ହଁ – ପରେ ଚାନ୍ଦା ଦେଇଦେବି' ବୋଲି କହିଥିଲା ସେଦିନ ।



ପ୍ରଶାନ୍ତ କୁମାର ନାଥ

ପକେଟ୍‌ରେ କି ଘରେ ବେଶି ଟଙ୍କା ନାହିଁ । ଆଠଦିନ ହେଇଗଲା ଘରେ ବସିଛି ରତ୍ନାକର – କାମକୁ ଯାଇନି । କେମିତି ବା ଯାଇଥାଆନ୍ତା ! ସରକାର ତ ୧୪ଦିନିଆ ଲକ୍‌ଡାଉନ ଘୋଷଣା କରିଛନ୍ତି । ତା ସହିତ ପୁଣି ଶନିବାର ଓ ରବିବାର ସଟ୍‌ଡାଉନ । ଗାଁ ଭିତରେ ଓ ସାହିରେ ଯେଉଁ ଲୁଚା-ଛପା କାମ ବି ଚାଲିଥିଲା; ସିଏ ବି ବନ୍ଦ ଗଲା ଆଠଦିନ ହେଲା । ପୁଣି ତାଙ୍କ ଗାଁ ଆର ସାହିରେ କରୋନାରେ ଦୁଇଜଣଙ୍କ ମୃତ୍ୟୁ ପରଠୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଲୁଚା-ଛପା କାମ ଉପରେ ବି ସଂପୂର୍ଣ୍ଣ କଟକଣା ଲାଗିଛି । ଆର.ଆଇ. ଓ ସରପଞ୍ଚ ଗାଁରେ ମାଇକ୍ ବଜାଇ ପ୍ରଚାର କରୁଛନ୍ତି; ଘରେ ରୁହ, ମାସ୍କ ପିନ୍ଧ, ଅତି ଜରୁରୀ ନହେଲେ ବାହାରକୁ ବାହାର ନାହିଁ । ଚିହ୍ନା ପରିଚିତ ଲୋକ ବି ତାକୁ ଘରକୁ ପୂରାଇବାକୁ ମନା କରୁଛନ୍ତି, କାଳେ ସିଏ କରୋନାରେ ଆକ୍ରାନ୍ତ ହୋଇଥିବ !

ଚିନ୍ତାରେ ରତ୍ନାକର । ଆଖି ପାଉନି ତା'ର ଆଗକୁ – କେମିତି ସଂସାର ଚଳାଇବ ? ହୁ ହୁ ହେଇ ବଢ଼ି ଚାଲିଛି ବଜାର ଦର; ଡାଲିଠୁ ତେଲ ଯାଏଁ – ସତେଯେମିତି ଦର କଷାକଷି ଦୌଡ଼ ଚାଲିଛି ଯ୍ୟାଙ୍କ ଭିତରେ ! କିଏ କେତେ ଉପରକୁ ଯାଇପାରିବ !

ଦିନସାରା ଚିନ୍ତାରେ ରତ୍ନାକର । 'ବୋଝ ଉପରେ ଲଳିତା ବିଡ଼ା' ପରି ଦିନକ ପରେ ଅକ୍ଷୟ ତୃତୀୟା । ବିଲ କାମ ବି ଆରମ୍ଭ କରିବାକୁ ହେବ ! କିଛି ନହେଲେ ଅଖିମୁଠାକ ଛାଟିଦେଇ ବିଧିରକ୍ଷା କରିବାକୁ ତ ହେବ ! ଘରେ ବିହନ ଯାହା ଅଛି ଅଳ୍ପ ବହୁତ ହେଇଯିବ । କିନ୍ତୁ ହଳୁଆ ଓ ମୁଲିଆକୁ ତ ବିଦାକି ଦେବାକୁ ହେବ ! ଘରେ ପିଠାପଣା ଆଉ ନୂଆ ଲୁଗା ଗାମୁଛା କଥା କିଏ ପଚାରେ ? ବଳଦ ବେକରେ ନାଲି ଛିଟ ଖଣ୍ଡିଏକୁ ଘଣ୍ଟିଘାଗୁଡ଼ି ହଳକ ବାନ୍ଧିବାକୁ ହେବ – ମନ୍ଦିରରେ ଭୋଗ ରାଗ ତ କରିବାକୁ ହେବ ! ସବୁ କଥାକୁ ଭାବି ଭାବି ଚିନ୍ତାରେ ଝାଉଁଳି ଯାଇଥିଲା ରତ୍ନାକରର ମୁହଁ । ପାଖରେ ଏତେ ସବୁକୁ ସମ୍ବଳ କାହିଁ ? ଟଙ୍କା ଯାହା ଘରେ ଥିଲା; ସକାଳୁ ହାଟ ସଉଦାରେ ସରିଛି । ଆଉ ଯେତିକି ଅଛି ଚାନ୍ଦା ବାବଦକୁ ହବନି । ଏ ବର୍ଷ ଚାନ୍ଦା ମୁଣ୍ଡପିଛା ଶହେ ଧାର୍ଯ୍ୟ ହୋଇଛି – କି ଗରିବ କି ଧନୀ – ସମସ୍ତଙ୍କୁ ଦେବାକୁ ହେବ । ଚାନ୍ଦା ଧାର୍ଯ୍ୟ ଦିନ ମିଟିଂରେ ରତ୍ନାକର ବି ଥିଲା । ନିଜର ସମ୍ମତି ଜଣାଇଥିଲା; ଚାନ୍ଦା ପ୍ରସ୍ତାବରେ ।

ରତ୍ନାକରର ଚାନ୍ଦା ତିନି ଶହ – ପୁଅ, ସ୍ତ୍ରୀ ଆଉ ତା ନିଜର ମିଶି । ଭାରି ସ୍ୱାଭିମାନି ରତ୍ନାକର – ହାତ ଉଧାର ବା କାହାଠୁ ନେଇ ଆସି ଚଳିଯିବା – ତା'ର ଜମାରୁ ପସନ୍ଦ ନୁହେଁ । ତେଣୁ ମନ ଦୁଃଖରେ ଏକଡ଼ ସେକଡ଼ ବୁଲୁଥାଏ; କେତେବେଳେ ବାଡ଼ିପଟ ତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କେତେବେଳେ ଦାଣ୍ଡପଟ । କଥା ପଦୁଟେରେ ଗର ଗର ହେଉଥାଏ; ସ୍ତ୍ରୀ ପୁଅଙ୍କ ଉପରେ । ଖିଆପିଆ ବି ସକାଳୁ ଭଲରେ କରି ନଥିଲା ।

'ଦିନ ଆସି ଗୋଟାଏ ପରେ ହେଲାଣି; ଖାଇବନି କି ?' – ପଚାରିଲା ସ୍ତ୍ରୀ ପାର ।

ରତ୍ନାକର ଶୁଣିଲା । ନିଜର ସ୍ୱଭାବକୁ ବଦଳାଇଲା – ଯାହାକୁ ସିଏ ସକାଳୁ ଦେଖେଇ ଆସିଥିଲା ଏଯାଏଁ । କ'ଣ ଉତ୍ତର ଦେବ ଭାବି ମୁରୁକି ହସିଲା । ନିଜକୁ ନିଜେ ମନକୁ ବୁଝାଇଲା । ମୁହୂର୍ତ୍ତକ ପାଇଁ ହେଲେ ବି ସବୁକୁ ଭୁଲି ଶାନ୍ତ ମନରେ ସମାଧାନର ବାଟ ଖୋଜିବାକୁ ଚେଷ୍ଟା କଲା । ଯାଇ ସ୍ତ୍ରୀ ପକାଇଥିବା ବରଡ଼ା ଚଟେଇଟା ଉପରେ ଚକା ପକେଇ ବସିପଡ଼ି ପଚାରିଲା – ପୁଅ କୁଆଡ଼େ ଗଲାକି ? ସିଏ ଖାଇବନି କି ?

ନଙ୍ଗଳା ପୁଅଟା ତା'ର ଗୋଟାଏ ହାତରେ ଆମ୍ବଟାକୁଟାକୁ ଧରି ଚାଟି ଚାଟି – ଆର ହାତରେ ଚଟେଇକୁ ତଳେ ଘୋଷାରି ଘୋଷାରି ଆସି ବସିଲା ରତ୍ନାକର ପାଖରେ ଚକା ଆସନ ଜମେଇ ।

ଚାହିଁଲା ରତ୍ନାକର ପୁଅକୁ । ମୁହଁଟା ଆମ୍ବ ରସ ଆଉ ସିଙ୍ଘାଣି ବାଲୁବାଲୁ ହେଇଛି । ହସିଲା ରତ୍ନାକର । ପଖାଳ କଂସାରେ ହାତ ପୂରାଇ ଭାତ ନଣ୍ଡାଏ ଛାଣିଆଣି ପ୍ରଥମେ ପୁଅକୁ ଖୁଆଇ ପରେ ନିଜ ପାଟିକୁ ନେଲା । କଞ୍ଚାଲଙ୍କା ଲୁଣ ଚକଟାରେ ପିଆଜ ନୋଳାକୁ ମାଡ଼ି ଦାନ୍ତରେ କାମୁଡ଼ିଲା । ବଡ଼ି ଗୋଟାଏକୁ ତାଟିଆ କଡ଼କୁ ଆଉଜେଇ ଆଣି ଚୁନା କରି ପାଟିକୁ ନେଲା ।

ରତ୍ନାକର ଉପରେ ଉପରେ ସ୍ୱାଭାବିକ ଜଣାପଡୁଥିଲେ ବି ମନ ଭିତରେ ରାମଲିଳା ଚାନ୍ଦା ଟଙ୍କା କଥା ଭାବୁଥିଲା ।

ଖାଇସାରି କଂସାକଯାକ ତୋରାଣିକୁ ଚୁଁ ଚାଁ କରି ପିଇଗଲା ରତ୍ନାକର । ପେଟକୁ ଆଉଁସି ସ୍ତ୍ରୀ ପାରକୁ ଉଦ୍ଦେଶ୍ୟ କରି କହିଲା – ଆଜି ଖାଇବାଟା ଅଧିକ ହେଇଗଲା । ପାର ଶୁଣିଲା କି ନ ଶୁଣିଲା ଜଣାନାହିଁ; ରତ୍ନାକର ହାତ ଧୋଇ ସଅପଟେ ପାରି ଗଡ଼ିଗଲା । ଚିତ୍

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୋଇ ପେଟ ଉପରେ ହାତ ଦୁଇଟାକୁ ଥୋଇଦେଇ ଉପରକୁ ଚାହିଁ ଚାଳଛପର ବାଉଁଶ ଗଣ୍ଠିକୁ ଗଣୁଗଣୁ ମନେ ମନେ ଭାବିଲା – କଥାରେ ଅଛି ପରା ଯିଏ ଜନମ ଦେଇଛି, ସିଏ ଜୀବନ ଦେଇଛି ! ମୁଁ କାହିଁକି ମିଛୁଟାରେ ଏତେ ଭାବୁଛି ! ଠାକୁରେ ନିଶ୍ଚୟ ତାଙ୍କ ନିଜ ବ୍ୟବସ୍ଥା ନିଜେ କରିବେ ! କାଲିଯାଏଁ ତ ସମୟ ଅଛି; ମଝିରେ ରାତିଟାଏ ବାକି – ଦେଖିବା କୋଉଟି ନା କୋଉଟି ବ୍ୟବସ୍ଥା ହେଇଯିବ ! କାଳିଆ ନିଶ୍ଚୟ କିଛି କରିବ !

ଘୁଙ୍ଗୁଡ଼ି ଉପରେ ଘୁଙ୍ଗୁଡ଼ି ମାରି ଅଚିନ୍ତାରେ ଶୋଇପଡ଼ିଲା ରତ୍ନାକର ।

କେଇଘଡ଼ି ଯାଇଛି ସ୍ତ୍ରୀ ପାର ଆସି ରତ୍ନାକର ଦେହରେ ହାତମାରି ଡାକିଲା – ହେଇ ଶୁଣୁଛ... ଶୋଇଛ କ'ଣ ଉଠ ।

ରତ୍ନାକର ତର ତର ହୋଇ ଉଠିବସିଲା । ସତେ ଯେମିତି କିଛି ଅଘଟଣଟା ଘଟିଛି ଭାବି ସ୍ତ୍ରୀ ପାର ମୁହଁକୁ ଚାହିଁଲା ।

'କାଲି କାଳିଆ ଟଙ୍କା ମିଳିବ; ଆମ ଆକାଉଣ୍ଟକୁ ଆସିବ; ଦୁଇ ହଜାର ଟଙ୍କା; ମୁଖ୍ୟମନ୍ତ୍ରୀ କହିଛନ୍ତି ଏଇ ଟଙ୍କା କୁଆଡ଼େ ଚାଷିମାନଙ୍କୁ ସରକାରଙ୍କ ଅକ୍ଷୟ ତୃତୀୟା ଭେଟି । ଗାଁ ସାରା କୁହାକୁହି ହଉଚନ୍ତି...' – ଗୋଟାଏ ନିଶ୍ୱାସରେ କହିଲା ଚାଲିଥିଲା ସ୍ତ୍ରୀ ପାର ।

ରତ୍ନାକର ବଲବଲ କରି ଚାହିଁଥିଲା ସ୍ତ୍ରୀ ମୁହଁକୁ । ଭିତରେ ଭିତରେ ଆଶ୍ଚର୍ଯ୍ୟ ହେଲା । ହାତ ପାପୁଲି ଦୁଇଟିକୁ ଯୋଡ଼ି ନମସ୍କାରଟିଏ କରି କହିଲା – କାଳିଆ ସବୁ ଦେଖୁଛି... ।

ଗୋବିନ୍ଦପୁର, ଟାଙ୍ଗୀ, କଟକ-୭୫୪୦୨୩
ମୋ: ୮୭୬୨୫୭୮୫୧୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଶ୍ରଦ୍ଧାଞ୍ଜଳୀ

ଏଇ ଦୁଇଦିନ ତଳେ ମୋ ନଣନ୍ଦଙ୍କର ଅବେଳରେ ଫୋନ ଆସିଥିଲା । ପଚାରିଲେ, "ବୁଇ ଓ ତାଙ୍କ ପରିବାରବର୍ଗ ସବୁ ଠିକ ଅଛନ୍ତି ନା ?" ତାଙ୍କ କଣ୍ଠରେ ଥିଲା ଏକ ସଂଶୟର ଭାବ । ଉହ୍ୟ ରଖିଥିବା ତାଙ୍କ ପ୍ରଶ୍ନର ଉତ୍ତର ମୋ ଦୁଃଖଭରା କଣ୍ଠ ଦେଲା, "ମାଉସୀ ଚାଲିଗଲେ ପରା ।"

ସ୍ୱତଃସ୍ଫୂର୍ତ୍ତ ହୋଇ ବାହାରି ଆସିଲା ଅନେକ ଶବ୍ଦ ସବୁ ତାଙ୍କ ହୃଦୟର ସେ ନିଭୃତ କୋଣରୁ ।

"ତାଙ୍କୁ ତ ବେଶି ବୟସ ହେଇ ନଥିଲା ? ସେ ତ ବେଶ୍ ସୁସ୍ଥ ସବଳ ଥିଲେ । କଣ ଦେହ ଖରାପ ଥିଲା ? ନା କରୋନା ହେଇଥିଲା..." ଇତ୍ୟାଦି ଇତ୍ୟାଦି । ପୁଣି ନିଜ ପ୍ରଶ୍ନର ଉତ୍ତର ନିଜେ ଦେଇ କହିଲେ, "କେତେ ସୁନ୍ଦର ଲୋକଟିଏ ଥିଲେ ମ ! ! ଏ ଭିତରେ କେତେ ପରିଚିତ ଲୋକ ସବୁ ଏମିତି ଚାଲି ଯାଉଛନ୍ତି କରୋନାର କରାଳ ଆଘାତରେ । ଲାଗୁଛି ଯେମିତି ବାଛି ବାଛି ଭଲ ଲୋକଗୁଡାଙ୍କୁ ଉଠେଇ ନେଇ ଯାଉଛି ।"



ଡଃ ଆଭାଞ୍ଜଳି ଶତପଥୀ

ପଚାରିଲି, "ତୁମେ ମାଉସୀଙ୍କୁ କେମିତି ଚିହ୍ନିଲ ?" ସାହିତ୍ୟିକା ନଣନ୍ଦ ମୋର ତାଙ୍କ ଅନୁଭୂତିକୁ ଆଧାର କରି କହିଲେ, "ସ୍ନେହୀଲୋକ ମାନଙ୍କୁ ଚିହ୍ନିବାକୁ କଣ ବହୁବାର ଦେଖା ହେବାକୁ ପଡ଼େ ? ତାଙ୍କ ବୁଣା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସ୍ନେହଜାଲ ବିଛେଇ ବସିଥାନ୍ତି ପରା, ଯାହାକୁ ବି ଦେଖିଲେ ସେ ଜାଲରେ ବାନ୍ଧିପକାନ୍ତି । ଏଇ ମେନାନାନୀଙ୍କ ଝିଅ ବାହାଘର ବେଳେ ତାଙ୍କ ସାଙ୍ଗରେ ଦେଖା ହେଇଥିଲା । ଥରଟେ ମାତ୍ର ଦେଖାରେ ମିଠା ମିଠା କଥାରେ ଆତ୍ମୀୟତାର ଡୋରି ବାନ୍ଧି ଦେଲେ । ସେଇ ପ୍ରଥମ ଦେଖାରେ ଲାଗିଲା ଯେମିତି ମୋ ଜନ୍ମରୁ ସେ ମୋତେ କୋଳେଇଛନ୍ତି । ନହେଲେ ମୁଁ କାହିଁକି ତାଙ୍କ ବିଷୟରେ ଏତେ ଚିନ୍ତା କରନ୍ତି ।” ହଁ ମୁଁ ଯେଉଁ ସୁସ୍ଥତାର ପରିଭାଷା ଦେଉଥିଲି ତାହା ହେଲା, “ସୁସ୍ଥତା ତ ଏକ ମାନସିକତା । ଅସୁସ୍ଥ ଶରୀର ମଣିଷର ଶରୀରକୁ ଅସୁସ୍ଥ କରିଦିଏ ମନକୁ ନୁହେଁ । ସୁସ୍ଥ ମନ ମଣିଷର ଅସୁସ୍ଥ ଶରୀରକୁ ବି ସୁସ୍ଥ କରିଦିଏ ।”

ସେଦିନର ନଣନ୍ଦଙ୍କ ସାଂଗେ କଥା କହି ସରିଲା ପରେ ମାଉସୀଙ୍କୁ ଆଉ ଟିକେ ନିରେଖି ଚାହିଁବାକୁ ମନ ହେଲା । ହ୍ୱାଟ୍ସାପ୍ ଖୋଲି ଦେଲି । ପରିବାରର ସମସ୍ତଙ୍କ ଷ୍ଟାଟସରେ ମାଉସୀଙ୍କ ଫୋଟ । ସୋନି ସାଙ୍ଗରେ ଆଇର ହସ, ଚୁନୁ ସାଙ୍ଗରେ ଜେଜେମାର ଯାଦୁ କି ଜପି, ବୁଇ ସଙ୍ଗରେ ଶାଶୁ ସଙ୍ଗାତ ଆଉ ସବିତା ସାଙ୍ଗରେ ମାଆର କୁହୁକ ହାତ ।

ଜମା ଭଲ ଲାଗିଲା ନାହିଁ ତାଙ୍କ ସାଙ୍ଗରେ ସେ ଗଙ୍ଗା ଲେଖା ହେଇଥିବା ଚିହ୍ନଟା । ନିରେଖି ଚାହିଁଲି ।

କଥା ହେଲି ତାଙ୍କ ଫଟୋ ସାଙ୍ଗରେ ।

ମାଉସୀ ! ! ମୋ ମନ କଥା ମନରେ ରହିଗଲା । ଚେନ୍ନାଇରୁ ଆସିବା ପରେ ମୋର ଇଚ୍ଛା ଥିଲା କ୍ୱାର୍ଟରରେ ଆସି ପୁରା ସେଟ୍ ହେଲା ପରେ ଆପଣ ଆଉ ମଉସା ହେବେ ଆମର ବିଶିଷ୍ଟ ଅତିଥି । ଆପଣ ଶିଖେଇ ଦେଇଥିବା ବେଲ ପଣା, ପୋଡ଼ପିଠା ନିଶ୍ଚେ ବନେଇବି । ହେଲେ କଣ କରିବି କହିଲେ ଏ ରାକ୍ଷସ କରୋନାର ଅହରହ ରଡିରେ ସମସ୍ତେ ଘରେ ଲୁଚିଗଲୁ ପରା । କରୋନା ଗଲେ ଘରୁ ବାହାରିବୁ ମନସ୍ଥ କଲୁ । କିନ୍ତୁ କରୋନା ଆଉ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ମଣିଷର ଅହରହ ଯୁଦ୍ଧ ଭିତରେ କେତେ ଜଣ ବଳିଦାନ ଦେଇ ଦେବେ ବୋଲି କିଏ ଜାଣି ଥିଲା । ସରକାରଙ୍କୁ ତ ଲାଗିଲା ଯୋଉମାନେ ସମାଜ ସେବାରେ ଲିପ୍ତ ହୋଇ କରୋନାର କରାଳ ଆଘାତରେ ପ୍ରାଣତ୍ୟାଗ କରୁଛନ୍ତି ତାଙ୍କୁ କରୋନାଯୋଦ୍ଧାର କବଚ ପିନ୍ଧେଇଦେବେ । ଆଉ ସେ ଉପାଧି କେବଳ ବୃତ୍ତି ସହ ଜଡ଼ିତ ହେବ । ହେଲେ ଆପଣ ଯୋଉ କରୋନା ସାଙ୍ଗରେ ଲଢି ଚାଲିଗଲେ, ଏଇ କରୋନା ଯୋଦ୍ଧାର ନାଁ କଣ ? ପରିବାରକୁ କରୋନା ମୁକ୍ତ କରି କରୋନା ସାଙ୍ଗରେ ସନ୍ଧି କଲେ ଆପଣ । ଆଉ କହିଲେ ମୋ ମୁଣ୍ଡ ନେଇଯା, ଖବରଦାର୍ ମୋ ପରିବାର ପାଖ ମାଡିବୁ ନାହିଁ ।

ଆପଣଙ୍କ ଭଳି ଏଇ କରୋନା ଯୋଦ୍ଧାର କଣ ନାଁ ଦେବା ? ବୁଢି ଠାକୁରାଣୀ ? ଗ୍ରାମ ଦେବତୀ ନାଁ କୁଳ ଦେବୀ ନା କୁଳ ଜଗୁଆଳି ? ପୁଣି ଥରେ ମାଉସୀଙ୍କ ଫୋଟୋକୁ ଦେଖିଲି । ଖାଲି ହସୁଥିଲେ । ଯେମିତି କହୁଥିଲେ ହଉ ମାଆ ତୁମେମାନେ ସବୁ ଭଲରେ ରୁହ । ସେଇ ମୋ ବଳିଦାନର ମୂଲ୍ୟ ।

ହେଲେ ମୁଁ ହସୁନଥିଲି । ମୋ ଆଖିରୁ ସ୍ୱତଃସ୍ଫୂର୍ତ୍ତ ହୋଇ ଗଡି ଯାଉଥିବା ଦୁଇ ଟୋପା ଲୁହ ମାଉସୀଙ୍କ ଚରଣ କମଳ ଧୋଇ ଦେଇ କହୁଥିଲା ଏ କୂଳ ଦେବୀ କରୋନା ଯୋଦ୍ଧାକୁ ଶତଶତ ନମନ । ଆଉ ଅଞ୍ଜୁଳାଏ ଅମାନିଆ ଲୁହ ଉଚ୍ଛୁଳି ପଡ଼ି ତାଙ୍କ ପବିତ୍ର ଆତ୍ମାକୁ କହୁଥିଲେ ଶ୍ରଦ୍ଧାଞ୍ଜଳି ।

ଡକ୍ଟର ଆଭଞ୍ଜଳି ଶତପଥୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଖେଳଣା

ଗୋପାଳ ବାବୁ ଆଣିଥିବା ଖେଳଣା ଦେଖି କୁନିର ଅଳି ଆରମ୍ଭ ହେଲା । ବାରମ୍ବାର କହି ଉଠିଲା, "ବାପା ମୋତେ ସେ ଖେଳଣା ଦରକାର, ମୋତେ ସେ ଖେଳଣା ଦରକାର !" ଗୋପାଳ ବାବୁ ଆଣିଥିବା ଦୋକାନର ପତ୍ତା ନେଇ ସେଠାରେ ଝିଅ ସହ ହାଜର ହେଲା ବେଳକୁ ସେ ଖେଳଣାଟି ସରି ଯାଇଛି । ଦୋକାନୀ କହିଲା ଆଉ ଟିକେ ଆଗରୁ ଆସିଥାନ୍ତ, ଥିଲା ସେତେବେଳେ ।

ଝିଅ ମନ ଦୁଃଖ କରୁ ନକରୁ, ମୋତେ ଭାରି ଦୁଃଖ ଲାଗିଲା । ମୋର ପୂର୍ବ ସ୍ମୃତିଗୁଡିକ ଯେପରି ରୋମନ୍ଥନ ହେଇଆସିଲା । ଆମ କଲେଜ, ବନ୍ଧୁ ହରିଶ, ବନ୍ଧୁ ଅରୂପ ସବୁ ସବୁ ଆଖିରେ ଜଳ ଜଳ ହେଇ ଦିଶିଲା; ତା' ସହ ସେ ବି !



ରଞ୍ଜିତ ସାହୁ

କଲେଜ ଯାଉଥିବା ବେଳେ ମୁଁ ଜଣକୁ ଭଲ ପାଇ ବସିଥିଲି, ନିଜ ସ୍ତରରେ । ଏ ହେଉଛି ସେ, ମିତା । ମନେ ଅଛି । ଥରେ ତାକୁ ପ୍ରପୋଜ୍ କରିବାରୁ ସେ ମତେ କହିଥିଲା- "ଆଉ କିଛି ଦିନ ଆଗରୁ କହିଥାନ୍ତ ହେଲେ ! ଜାଣିକି  ଖୁସି ହେଲି ତୁମେ ମତେ ଭଲ ପାଅ । ତମେ ବି ଖରାପ ନୁହଁ । ମୋ'ଠୁଁ ଆହୁରି ବେଶ୍ ଭଲ ଝିଅ ତୁମକୁ ମିଳିବେ । ମୁଁ ଦୁଃଖିତ !"

ତେବେ ଟିକେ କଷ୍ଟ ଲାଗିଥିଲା, ପ୍ରେମକୁ ସ୍ୱୀକାର ନ କରିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କାରଣକୁ ନୁହେଁ । ତା'ର ସେ ଗୋଟେ କଥା, "କିଛି ଦିନ ଆଗରୁ କହିଥାନ୍ତ ହେଲେ ।"

ମୁଁ ଭାବିବାକୁ ମଜବୁର୍ ହେଇଯାଇଥିଲି, ଝିଅମାନେ କ'ଣ ନିଜକୁ ଖେଳଣା ବୋଲି ଭାବନ୍ତି କି ? ସେ ଗୋଟେ କ୍ଷଣ ବ୍ୟତୀତ ମୁଁ କେବେ ଭାବିନାହିଁ ସେମିତି । ଆଜି ବି ଦେଖା ହେଲେ ତା'ସହ ବେଶ୍ ବେଳ ଯାଏ କଥା ଚାଲେ ।

ସେ କଥା ତ ଅନ୍ୟ ଆଡ଼େ ଚାଲିଗଲା । ତା'ପରେ ବାପ ଝିଅ ଦୁହେଁ ଖୋଜି ଖୋଜି ଅନ୍ୟ ଗୋଟେ ଦୋକାନରୁ ଅନୁରୂପ ଖେଳଣାଟିଏ କିଣି ଚାଲି ଆସିଲୁ ।

ଛାତ୍ର: ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ(୨ୟ ବର୍ଷ),
କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା, କୋରାପୁଟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମିଛମାୟା ସଂସାର

ଆପଣ ! ଆପଣ କାହାକୁ ଅପେକ୍ଷା କରୁଛନ୍ତି କି ସାର୍ !

ନାଇଁ ମ । ମୁଁ କାହାକୁ କାହିଁକି ଅପେକ୍ଷା କରିବି ? ବିଶିଆ ତ ସଫା କହିଲା ଯେ ସିଏ ଆସିପାରିବନି କି ଝିଅକୁ ବି ଛାଡିବନି । ସେହି ଝିଅଜୋଇଁଙ୍କୁ ଛାଡିଲେ ମୋର କିଏ ବା ଆଉ ଅଛି ଯେ ମୁଁ କାହାକୁ ଅପେକ୍ଷା କରିବି ! ସହଜେ କରୋନା କାଳ, ବନ୍ଧୁବାନ୍ଧବ ସୁଖର ସାଥୀ । ଦୁଃଖବେଳେ କିଏ କାହାକୁ ପଚାରୁଛି !

ସାର୍ ! ମୁଁ ତୁମର ଛାତ୍ର, ତୁମ ଝିଅଠାରୁ କ'ଣ କମ୍ କି ? ପାଠ ଭଲ ପଢ଼ିଲିନି ବୋଲି ସିନା ଚାକିରି ହେଲାନି, ହେଲେ ତୁମେ ମୋତେ ମଣିଷ କରିବା ପାଇଁ ଯାହା ସବୁ କରିଛ, ସେଗୁଡା ସବୁ ଏ ଜନ୍ମରେ କ'ଣ ଭୁଲି ପାରିବି ? ମୁଁ ଯେତେବେଳେ ଶୁଣିଲି ଆପଣଙ୍କୁ କରୋନା ହୋଇଛି ବୋଲି ମୋ ମନ ସମ୍ଭାଳିଲାନି । ସଙ୍ଗେସଙ୍ଗେ ସାଇକେଲ୍ ଚଢି ଚାଲିଆସିଲି ।



ଇଂ ବିଦ୍ୟାଧର ପଣ୍ଡା

ତୁ ଗାମୁଛାଟିକୁ ମୁହଁରେ ଆଉଟିକେ ଭଲରେ କଷିକି ବାନ୍ଧିଦେ । କାଳେ କେତେବେଳେ ମୁଁ ଛିଙ୍କିଦେବି ! ମୁଁ ତ ଗଲେ ଯିବି, ତୋତେ ଛୁଅପିଲା ସଂସାରରେ ବହୁତ ହଇରାଣ ହେବାକୁ ପଡିବ । ଏ କରୋନା ରୋଗ ଭଗବାନ ସାତଶତ୍ରୁଙ୍କୁ ବି ନଦିଅନ୍ତୁ । ମଣିଷକୁ ମଲୁ କରିଦେଉଛି । ଛି.. ଛି.. ।

ନାଇଁ ସାର୍ ! ମୋର କିଛି ହେବନି । ମୁଁ ଦୁଇଟା ଯାକ ଟିକା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁଇମାସ ଆଗରୁ ନେଇ ସାରିଲିଣି । ମୋ'ରକ୍ତ ପରୀକ୍ଷାକରି ଡାକ୍ତର କହୁଥିଲେ ତୁମକୁ ଆଉ କରୋନା ହୋଇ ନପାରେ, ହେଲେ ବି ପରବାୟ ନାହିଁ । ତଥାପି ସାବଧାନ ରୁହ । କାରଣ ଏ କରୋନା କୁଆଡେ ଅନେକ ପ୍ରକାରର ଆସୁଛି ।

ହଉ ହଉ । ମୋର କୋଉ ଗୋଟେ ଧର୍ମବଳ ପାଇଁ ଭଗବାନ ମୋ'ଜୀବନ ବଂଚେଇବାକୁ ତୋତେ ମୋ'ପାଖକୁ ପଠେଇଛନ୍ତି । ମାମୁଁଘରେ ଗୋଠେ ଗାଇ, ରାତିପାହିଲେ ମୋଟେ ନାହିଁ । ଚମ୍ପା ବାହାଘରକୁ କୁଣିଆ ଚିଠା କରିବାକୁ ଚାରିଦିନ ଲାଗିଥିଲା । ଏବେ ରୋଗରେ ପଡିଛି ଯେ ଚାରିଜଣଙ୍କର ବି ଦେଖାନାହିଁ । କରୋନା ମଣିଷ ପଣିଆକୁ ବି ନଷ୍ଟ କରିଦେଲାଣି । ଆଠଦିନ ହେଲାଣି ମୁଁ ଏଇଘରେ ଏକା ରହିଛି । ବଂଚିବାକୁ ଇଛା ନଥିଲେ ମଧ୍ୟ ଔଷଧ ଖାଉଛି, ଶୋଉଛି । ଡାକ୍ତର କହୁଥିଲେ ଚଉଦଦିନ ଔଷଧ ଖାଇବା ପରେ ଭଲମନ୍ଦ ଜଣା ପଡିବ । ମୋ ମୁଣ୍ଡ ବୁଲଉଛି, ପାଦରେ ଛିଡାହେବାକୁ ବଳ ନାହିଁ । କେହି ବୋଲେ କେହି ପାଖରେ ନାହିଁ, ଏଇଶେଷ ପାଂଚଛଅ ଦିନ କେମିତି ବଂଚିବି କହିଲୁ ?

ମୁଁ ରହିବି । ଆପଣଙ୍କ ସେବା କରିବି । ମୁଁ ରୋଷେଇପତ୍ର କରି ଔଷଧ ଖୋଇଦେବି । ସାର୍ ! ଆପଣ ଚାହିଁଲେ ମୁଁ ରଙ୍ଗମାଆକୁ ବି ଏଠିକି ଘିନିଆଣିବି । ରଙ୍ଗ ବଡପିଲା ହେଲାଣି । ବିଏ ପାସ୍ କଲାଣି । କକାଖୁଡୀ ସାଙ୍ଗରେ ଘରେ ଏକା ରହିବାରେ କିଛି ଅସୁବିଧା ନାହିଁ । ଆପଣଙ୍କର ଏଠି ଏତେ ଘର, ଆମେ ଦିଜଣ ଦରକାର ପଡିଲେ ବାରଣ୍ଡାରେ ଶୋଇଯିବୁ ସାର୍ ।

ବଗଲା ! ତୁ ସତ କହୁଛୁ ? ମୋ ଘରେ ରହିବ ! ରଙ୍ଗମା ଆଉ ତୁ ମୋ ସେବା କରିବ ? ହେ ଭଗବାନ୍ ! ତୁମେ ହିଁ ବଡଲୋକ । ତୁମକୁ ଅବିଶ୍ୱାସ କରି ହତାଶ ହୋଇ ଆମେ ଦୁଃଖ ପାଉଛୁ । ତୁମର ସହାୟତାକୁ ଅପେକ୍ଷା ନକରି ଧୈର୍ଯ୍ୟଚ୍ୟୁତ ହୋଇ ମରିଯାଉଛୁ । କ୍ଷମାଦେବ ପ୍ରଭୁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହଁ ସାର୍ ! ପ୍ରଭୁ ହିଁ ବଡଲୋକ । ମୁଁ ଏବେ ରୁଟି ଦିପଟ ଓ ଭଜା କରି ତୁମକୁ ଖାଇବାକୁ ଦେଇ ଘରକୁ ଚାଲିଯିବି । ଆପଣ ଶୋଇ ଉଠିବାବେଳକୁ ରଙ୍ଗମା ତୁମକୁ ବିନାଚିନିରେ ଚା ଆଣିକି ଦେବ । ଆପଣ ପୁରାଭଲ ହେବାଯାଏ ଆମେ ଏଇଠି ଆପଣଙ୍କ ପାଖରେ ଏଇଘରେ ରହିବୁ ।

ଶ୍ୟାମବାବୁଙ୍କ ଦୁଇ ଆଖିରୁ ଅମାନିଆ ଲୁହ ଦିଧାରେ ଗଡି ଆସି ଗାଲର ଦାଢୀଗୁଡାକୁ ଓଦା କରିଦେଲା । ରୁଦ୍ଧଗଳାରେ ଖନେଇଖନେଇ କହିଲେ, 'ବଗଲା ! ମୋ ଦେହରେ ଫୁର୍ତ୍ତି ଆସିଲାଣି । ଆଉ କରୋନା ମୋ'ର କ'ଣ କରିବ ? ସକାଳୁ ରଙ୍ଗମା ମୋତେ କାଢ଼ା ଦେବ । ଦିପହରେ ରୁଟି ସନ୍ତୁଳା ଏବଂ ରାତିକୁ ରୁଟିଭଜା ପରେ ଔଷଧ ଖାଇଲେ ମୋତେ ଲାଗୁଛି ଦିନ ଚାରିଟାରେ ଭଲ ହୋଇଯିବି । ଏବକାର ଖାଇବା କଥା ଛାଡ୍ । ପାଉଁରୁଟି ଅଛି, ମୁଁ ଚଳେଇ ନେବି । ତୁ ହଜାରେ ଟଙ୍କା ନେଇଯା, ରଙ୍ଗହାତରେ ଦେଇ ରଙ୍ଗମାଆକୁ ନେଇ ଶୀଘ୍ର ଚାଲିଆସିବୁ । ତୁମ ଦିଜଣଙ୍କୁ ଦେଖିଲେ ମୋର ଅଧାରୋଗ ଭଲହେଲା ବୋଲି ଜାଣ୍ ।" ବଗଲା ରଙ୍ଗମାଆକୁ ନେଇ ଚାଲିଆସିଲା । ଶ୍ୟାମବାବୁ ଦୁଇଜଣଙ୍କୁ ସଂଗରୋଧ କାଇଦା କାନୂନ ପାଠ ପଢେଇ ନିଜେ ସେବାଶୁଶ୍ରୂଷାରେ ଲଗେଇଲେ । ସତକୁ ସତ ଚାରିଦିନରେ ଶ୍ୟାମବାବୁ ଚେଙ୍ଗା ହୋଇ ନୂତନ ଜନ୍ମ ପାଇଲା ପରି ଅନୁଭବ କଲେ । ରକ୍ତପରୀକ୍ଷା କରି ଜାଣିଲେ ଆଉ କରୋନା ନାହିଁ । ବୁଢା ସେଦିନ ଭଲମନ୍ଦ ଖାଇବା ବରାଦ କରି ବଗଲା ଓ ରଙ୍ଗମାଆ ସହ ଏକାସାଙ୍ଗରେ ଦୂରେଇ ଦୂରେଇ ବସି ଖାଇବାବେଳେ ନିଜ ଘରକଥା ଆମୂଳଚୂଳ ବଖାଣିବାକୁ ଲାଗିଲେ ।

ବଗଲା ! ତୁ ସିନା କିଛିକିଛି ଜାଣିଛୁ, ହେଲେ ରଙ୍ଗମା କିଛି ଆମଘର ବିଷୟରେ ଜାଣିନି । ଆଜି ମୋ କଥା ତୁମେ ସବୁ ଶୁଣ । ଚମ୍ପା ମୋର ଏକମାତ୍ର ଝିଅ, ଶିକ୍ଷିତ ଏବଂ ସୁନ୍ଦର । ବିଶିଆ ବାପା ଆମଘରେ ମେହେନ୍ତର ସେବାକରେ । ସେତେବେଳେ ସମସ୍ତଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଘରେ ଦୈନିକ ମଳଉଠା ଶୌଚାଳୟ ଥିଲା, ତେଣୁ ସେମାନେ ସମସ୍ତଙ୍କ ଘରୁ ଗୋଟିଏ ଲୁହା କଡେଇରେ ମଳ ସଫାକରି ମୁଣ୍ଡରେ ବୋହିନେଇ ଦୂରରେ ଫିଙ୍ଗୁଥିଲେ । ବେଳେବେଳେ ବିଶିଆ ତା'ଙ୍କ ସହ ଆସେ । ପିଲାଟି ଦେଖିବାକୁ ବଳୁଆ, କୁଚୁକୁଚିଆ ଚୁଟିକୁ ଉଜ୍ୱଳ ଆଖି ଦୁଇଟାକୁ ଦେଖିଲେ ଚାଲାଖ ପରି ମନେହୁଏ । ଚମ୍ପାମା ବହୁତ ପୂଜାଧିଜା ଓଷାବ୍ରତ କରି ତା'କୋଳରେ ପୁଅଟିଏ ହେଲାନି ବୋଲି ଛୁଆମାନଙ୍କୁ ଦେଖିଲେ ସେ ବେଶୀ ଆଦର କରେ । ବିଶିଆକୁ ମୁଢି, ପିଠା ସ୍ନେହଁରେ ଖାଇବାକୁ ଦିଏ । ସେତେବେଳେ ବିଶିଆକୁ ନଅବର୍ଷ ଏବଂ ଚମ୍ପାକୁ ଚାରିବର୍ଷ । ଚମ୍ପା ସ୍କୁଲରେ ନାଁ ଲେଖେଇଲା ପରେ ସବୁଦିନ ବିଶିଆ ତା'ସାଙ୍ଗରେ ସ୍କୁଲ୍ ଯାଇ ତା'ଭାଗ ମଧ୍ୟାହ୍ନ ଭୋଜନ ଗହମଜାଉ ଖାଏ । ଏମିତି ଛୁଆବେଳୁ ଦୁହେଁ ବଡ ହେଉହେଉ ଚମ୍ପା ବିଶିଆକୁ ଭଲପାଇ ବସିଲା । ଚମ୍ପାମା ବିଶିଆକୁ ପୁଅପରି ଦେଖୁଥିଲା ବୋଲି ଦି'ଜଣଙ୍କୁ ମିଳାମିଶା କରିବାରେ ବାରଣ କରିପାରିଲାନି । ନେଡିଗୁଡ କହୁଣୀକୁ ବୋହିଗଲା ପରେ ମୁଁ ଜାଣିଲି ଯେ ସେତେବେଳକୁ ସବୁ ସରିଯାଇଥିଲା । ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହେଲେ ସତ । କିନ୍ତୁ ବିଶିଆମନରେ ଅନେକ ଗୁଡିଏ ପ୍ରତିହିଂସାର ବିଜ ଅଙ୍କୁରିତ ହୋଇ ବଢୁଥିବା କଥା ଆମେ କେହି ଜାଣିପାରିଲୁନି । ସେ ଉପରେ ଉପରେ ହସେ କିନ୍ତୁ ଆମ ଉପରେ ପ୍ରତିଶୋଧର ସୁଯୋଗ ଖୋଜିବାରେ ବ୍ୟସ୍ତ ଥାଏ ।

ସମସ୍ତ ଉଚ୍ଚଜାତିର ଲୋକଙ୍କୁ ବିଶିଆ ଅନ୍ତରରେ ଘୃଣା କରୁଥିଲା । ତେଣୁ ସେ ମୋ ଝିଅର ସ୍ୱାମୀହୋଇ ତା'କୁ କଷ୍ଟଦେବାକୁ ଚାହୁଁଥିଲା । ବିବାହର ବର୍ଷେପରେ ସେ ଶାରୀରିକ ଏବଂ ମାନସିକ, ସବୁ ପ୍ରକାରେ ଚମ୍ପାକୁ କଷ୍ଟଦେଇ କୁହେ, 'ମୋର ବାପା ମା' ତୋର ବାପାମା'ର ମଳ ସଫା କରୁଥିଲେ । ଏବେ ମୁଁ ଚାହେଁ ତୁ ମୋ'ର ବାପାମା'ର ମଳ ସେମିତି ସଫାକରି ପଡିଆରେ ଫିଙ୍ଗିକରି ଆସିବୁ । ମୋତେ ବାରଣ୍ଡାରେ କେତେଥର ଖାଇବାକୁ ଦେଇଛି ତୋର ମା', ଏବେ ତୁ ଆମ ବାରଣ୍ଡାରେ ବସି ଖା ।" ତୋର ମା ମରିଗଲା ନହେଲେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତାକୁ ଏଠିକି ଡାକି ତୋ'ସାଙ୍ଗରେ ବସାନ୍ତି । ମୋ ନାଁ ବିଶ୍ୱନାଥ, ତୋ'ର ବାପା କାଇଁ ମୋତେ ବିଶିଆ ବିଶିଆ ଡାକୁଛି ବେ ? ମୁଁ ତାକୁ କାହିଁକି ଶାମିଆ ଶ.. ନ ଡାକିବି କହ ?'

'ସିଏ ଚମ୍ପାସାଙ୍ଗରେ ସ୍କୁଲ୍ ଯାଇଯାଇ ପାଠ ଧରିଲା । ମାଷ୍ଟର କହିଲେ ପିଲାଟା ବୁଦ୍ଧିଆ, ଅଙ୍କ ଧରୁଛି । ମୁଁ ତା ପାଇଁ ଗାଁର ସମସ୍ତଲୋକଙ୍କୁ ନେହୁରା ହୋଇ ସ୍କୁଲରେ ଦାଖଲା କରେଇଲି । କଲେଜର ସବୁ ପଢାଖର୍ଚ୍ଚ ଦେଲି । ଚମ୍ପା ତା'ଖର୍ଚ୍ଚରୁ ବି ଅଧା ଦେଇଦିଏ । ଦୁହିଁଙ୍କ ପାଇଁ ପଇସା ନିଅଁଟ ହେବବୋଲି ଚମ୍ପାକୁ ଘରେରଖି ବିଶିଆକୁ ଧରମପୁଅ ଭାବରେ ଇଂଜିନିୟରିଂ ପଢେଇଲି । କିନ୍ତୁ ତା'ହୃଦୟରେ ଆମ ପ୍ରତି ଏତେ ଘୃଣାଭାବ ଖୁନ୍ଦିହୋଇ ଅଛି ବୋଲି ମୋତେ ଜାଣିପାରିଲିନି । ଗୋଖରକୁ କ୍ଷୀର ପେଇପେଇ ଶେଷରେ ନିଜ କଲିଜାଠାରୁ ପ୍ରିୟ ଏକମାତ୍ର ଝିଅଟିକୁ ମଧ୍ୟ ଜୀବନସାରା କାନ୍ଦିବାପାଇଁ ତା ବେକରେ ଛନ୍ଦିଦେଲୁ । ଚମ୍ପାମା ତ ଏଇ ଚିନ୍ତାରେ ରୋଗଗ୍ରସ୍ତ ହୋଇ ଉପରକୁ ଚାଲିଗଲା, ହେଲେ ମୋତେ ସବୁ ଦେଖି ଏଠି ଭାରି ଖରାପ ଲାଗୁଛି । ମୋତେ କରୋନା ହେବା ଦିନଠାରୁ ଚମ୍ପା କାନ୍ଦୁଛି ଆସିବାପାଇଁ ଯେ ବିଶିଆ କହୁଛି, 'ବୁଢା ମଲେ ମେହେନ୍ତର ଲୋକ ମଶାଣିରେ ନେଇ ପୋଡିଦେବେ । ଆମେ ଯାଇ କଣ କରିବା ? ଦଶଦିନ ପରେ ଗାଁରେ ଖାଇବାକୁ ଦେଇ ଜମିଡିହ ବିକିବାକି ଚାଲି ଆସିବା । ମୁଁ ଗରାଖ ଠିକ୍ କରି ରଖିଛି । ସତକୁ ସତ ଯଦି ତୁମେମାନେ ମୋ ପାଖକୁ ଦେବଦୂତ ପରି ଆସିନଥାନ୍ତେ ମୁଁ କଣ ବଂଚିଥାନ୍ତି ?'

ଏତିକିରେ ଶ୍ୟାମବାବୁ କୋହ ଉଠେଇ କାନ୍ଦିବାକୁ ଲାଗିଲେ । ବଗଲା ତୁନି ହେବାକୁ କହିଲା । ରଙ୍ଗମା ପଣତକାନିରେ ନିଜ ଆଖିଲୁହ ପୋଛି କହିଲା, 'ବାବୁ କାନ୍ଦନି । କାନ୍ଦିଲେ କ'ଣ ଆଉ ଫେରିବ ? ସବୁ ଭାଗ୍ୟର କଥା ।' ଏତିକିରେ ସମସ୍ତେ ରାତ୍ରୀଭୋଜନ ସାରି ଶୋଇବାକୁ ଗଲେ ।

ଶୋଇବା ଶେଯରେ ରଙ୍ଗମା ବଗଲାକୁ କହିଲା ତୁମେ କାଲି ସହର ଯାଇ ବିଶ୍ୱନାଥ ଓ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚମ୍ପାକୁ ସାରଙ୍କ ମନଦୁଃଖ କଥା କୁହ । ତାଙ୍କ ମନ ବଦଳିଲେ ଥରେ ଆସି ଦେଖିଯିବେ । ବଗଲା ସକାଳୁ ସକାଳୁ ଯାଇ ବିଶ୍ୱନାଥବାବୁଙ୍କ ସରକାରୀ କ୍ୱାଟରରେ ହାଜର । ଫଳକରେ ଲେଖାଅଛି ବିଶ୍ୱନାଥ ଟୁଡୁ । ଭିତରେ ଜଣେ ମାଳି କାମ କରୁଥିବାର ଦେଖି ବଗଲା ପାଖକୁ ଡାକିଲା । ତାଠାରୁ ସବୁ ବୁଝିଲା । ମାଳି କହିଲା, 'ନିତିଦିନ ବାବୁ ମୋତେ ଏବଂ ମୋ ଜାତିକୁ ଦଶବାର ଥର ଗାଳିଗୁଲଜ ନକଲେ ତା'ଙ୍କ ମନ ଶାନ୍ତିହୁଏନି । ତା'ଙ୍କ ଅଧିନରେ ସମସ୍ତ କର୍ମଚାରୀ ସବର୍ଣ୍ଣ । ସମସ୍ତଙ୍କୁ ସିଏ କେବଳ ରଖିଛନ୍ତି ଦୈନିକ ଗାଳିଗୁଲଜ କରିବାପାଇଁ । ତା'ଙ୍କ ସ୍ତ୍ରୀକୁ ହାଣ୍ଡିଆ ପିଇ ପିଟିଲାବେଳେ ବି ଜାତି ନାଁ ନେଇ ବହୁତ ଗାଳିଶୁଣାନ୍ତି । ତୁମେ ଯଦି କାମପାଇଁ ଆସିଛ କହୁଛ ସବର୍ଣ୍ଣ ଜାତିର ବୋଲି ସେ ତୁମକୁ ନିଶ୍ଚୟ ରଖିନେବେ । କିନ୍ତୁ ଗାଳି ଶୁଣିବାକୁ ପଡିବ । ତାଙ୍କ ନିଜ ଜାତିର ଲୋକଙ୍କୁ ସିଏ ତାଙ୍କ ଅଧିନରେ ରଖିବାକୁ ଚାହାଁନ୍ତିନି, କାରଣ ସବର୍ଣ୍ଣଙ୍କୁ ରଖି ଗାଳିକରିବା ତା'ଙ୍କର ଗୋଟଏ ଖୁସି । ଏବେ ଦିନେ ନିଶାରେ କହୁଥାନ୍ତି, 'ଆମେ ହେଲୁ ସରକାରୀ ବ୍ରାହ୍ମଣ । ଏ ଶ.. ମାନେ ସବୁ ଚୋର ଡକାୟତ ଶ.. ନୀଚ, କାମଚୋର । ମନ୍ଦିରରେ ଘଂଟି ବାଡେଇ ଦକ୍ଷିଣା ପାଇଁ ହାତ ପତେଇବେ । ଶ..ଙ୍କୁ ଖାଲି ପାହାର ଦରକାର । ମୋ'କଥା ଚାଲୁଥିଲେ ସବୁ ବ୍ରାହ୍ମଣ ଓ କରଣମାନଙ୍କୁ ମୁଁ ବିଲରେ ବଳଦ ବଦଳରେ ହଳରେ ଯୋଚି ଚାଷକରନ୍ତି । କଲେଜପରେ ମାଓବାଦୀଙ୍କ ସାଙ୍ଗରେ ଛ'ମାସ ବୁଲି ସବର୍ଣ୍ଣଙ୍କ ରକ୍ତରେ ହୋଲି ଖେଳିବାର ଯେଉଁ ମଜା, ଯିଏ ଚାଖିଛି ସିଏ ଜାଣିଛି । ଜୟ ଭୀମ, ଜୟ ଆମ୍ବେଦକର । ତୁମେ ନଥିଲେ ଆମପାଇଁ କିଏ ଲେଖିଥାନ୍ତା ! ଶ.. ଏଗୁଡା ମାଳି, ପିଅନ ଭାବରେ କେମିତି ମୋ ପାଖରେ ସେବା କରୁଥାନ୍ତେ ? ଏବେ ଆମର ରାଜୁତି । ଏ ବାବୁ ! ସିଗାରେଟ୍ ଗନ୍ଧ ଆସିଲାଣି, ବାବୁ ଉଠିଲେ ବୋଧେ । ତୁମକୁ ଏଠି ଦେଖିଲେ ମୋତେ ସକାଳୁସକାଳୁ ଚଉଦପୁରୁଷ ନେଇ ଗାଳିକରିବେ ।' ବଗଲା ଆଉ ସେଠି କ'ଣ ରହିବ, ଏକାମୁହାଁ ହୋଇ ଧାଇଁଲା ଶ୍ୟାମବାବୁଙ୍କ ପାଖକୁ । ମିଛରେ କହିଲା, 'ଦେଖିଲି ସବୁ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭଲ, ସମସ୍ତେ ସେଠି ଭଲ । ଚମ୍ପା ବହୁତ ଭଲରେ ଅଛି । ଚାକର ବାକର ଖଟୁଛନ୍ତି, ମାଳି ବଗିଚା କାମ କରୁଛି । ବହୁତ ଭଲ, ସବୁ ଭଲ, ଆପଣ ଚମ୍ପାପାଇଁ ବ୍ୟସ୍ତ ହୁଅନ୍ତୁନି । ସେମାନେ ସବୁ ମହାନନ୍ଦରେ ସହରରେ ରହୁଛନ୍ତି ।'

ଶ୍ୟାମବାବୁ ବଗଲା ଆଖିଲୁହରୁ ସବୁ ବୁଝି ଚୁମ୍ବକରେ କହିଲେ, 'ମୁଁ ପରା ତୋ ମାଷ୍ଟର । ମୋତେ ମିଛ କହୁଛୁ !' ଦୁହେଁ କାନ୍ଦିବା ଭିତରେ ପାଟିଶୁଣି ରଙ୍ଗମା ବାହାରକୁ ଆସିଲା । ଶ୍ୟାମବାବୁ କହିଲେ, 'କାଲି ଚମ୍ପାମା ମୋ ସ୍ୱପ୍ନରେ ଆସି କହିଲା, 'ତୁମ ଚମ୍ପା ତୁମପାଖକୁ ଆସିଛି । ତା'କୁ ଚିହ୍ନ । ମୋ ଆଲମିରା ଉପରଥାକ ଭାଗବତ ବହିତଳେ ହାରଟିଏ ଅଛି, ତା'କୁ ଦିଅ । ଘରଡିହ ତା'ନାଁରେ କର ଏବଂ ଜମିରୁ ଅଧା ବଗଲା ନାଁରେ, ବାକି ଅଧା ଗାଁ କୋଠଘରକୁ ଦାନ ସୂତ୍ରରେ ଦେଇଦିଅ । ବିଶିଆ ଓ ଚମ୍ପା ମରିଗଲେ ବୋଲି ଜାଣ, ନିଜର ଯତ୍ନ ନିଜେ ନିଅ । ମଲାଗଲା ବେଳେ ଯଦି ପାଣିଢୋକେ ଦେବାକୁ ଝିଅ ଜୋଇଁଙ୍କର ସମୟ ନାହିଁ ତେବେ ଆମର କଷ୍ଟଅର୍ଜିତ ଧନସମ୍ପତ୍ତିରେ ତାଙ୍କର ଅଧିକାର କାହିଁକି ଆସିବ ! ଶ୍ୟାମବାବୁ ସ୍ୱପ୍ନାଦେଶନୁସାରେ ସବୁକାମ କଲେ । ଗାଁ ବାଲା କୋଠସମ୍ପତ୍ତି ପାଇ ଗାଁ ସ୍କୁଲକୁ ତାଙ୍କ ନାଁରେ କରିଦେଲେ ଏବଂ ବଗଲାକୁ ସେଥିରେ ପିଅନ ଚାକିରି ମିଳିଗଲା । ଦୁହେଁ ରଙ୍ଗକୁ ତା'ଙ୍କ ପାଖକୁ ଆଣି ରଖିବାପରେ ଗ୍ରାମସଭା ବସି ରଙ୍ଗକୁ ସେହି ସ୍କୁଲରେ ମାଷ୍ଟ୍ରାଣି ରଖିଲେ । ରଙ୍ଗର ବାହାଘର ଶ୍ୟାମବାବୁ ଧୁମ୍‌ଧାମରେ କରୁଥିବାର ଖବର ପାଇ ବିଶିଆ ଓ ଚମ୍ପା ଦୁହେଁ ଗାଁକୁ ଆସି ଦେଖିଲେ ଯେ ବହୁତ ବଡ ଆୟୋଜନ । ଚମ୍ପା ବାହାଘରଠାରୁ ବି ବଡ ତମ୍ବୁ ଲାଗିଛି । ବଗଲାର ବନ୍ଧୁବାନ୍ଧବରେ ଶ୍ୟାମବାବୁଙ୍କ ଘର ଭର୍ତ୍ତି । ରହିବାକୁ ଜାଗା ବିଷୟରେ ଚମ୍ପା ପଚାରିଲା, 'ବାପା ! ଆମେ କୋଉଘରେ ରହିବୁ ?' — 'ବାପା ! କିଏ କାହା ବାପା ? ତୋ ବାପା କରୋନାରେ ଛମାସ ତଳେ ମୋତେ ସବୁ ବିକିବାକି ଉପରକୁ ଚାଲିଗଲା । ଏବେ ତୁ ଯାହା ସାମ୍ନାରେ ଛିଡା ହୋଇଛୁ ସେ ବଗଲାର ସାର୍ ଆଉ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରଙ୍ଗର ଅଜା । ସିଏ ବିଶିଆ ଓ ଚମ୍ପାକୁ ଚିହ୍ନିନି, ତେଣୁ ତା ଘରେ ତୁମକୁ ରହିବାକୁ ଘର ଦେବାର ପ୍ରଶ୍ନ ଉଠୁଛି କେଉଁଠୁ ? ଯା, ମୋ ଆଗରୁ ଚାଲିଯା । ଗାଁର କିଛି ଲୋକ ଜମା ହୋଇ ବିଶିଆକୁ ଛୋଟଲୋକ, ନୀଚଲୋକ, ସ୍ୱାର୍ଥପର ପରି ନାନାକଥା କହି ଛିଛାକର କରିବାରୁ ସେଇ ଦାଣ୍ଡ ଦୁଆରୁ ଦୁହେଁ ସହର ଫେରି ଆସିଲେ । ରଙ୍ଗକୁ କନ୍ୟାଦାନ ଶ୍ୟାମବାବୁ କଲେ । ଘରୁ ଝିଅବିଦା କଲାବେଳେ ଶ୍ୟାମବାବୁ ରଙ୍ଗକୁ କୁଣ୍ଢେଇ ଆନନ୍ଦାଶ୍ରୁ ଗଡେଇ ଆଶୀର୍ବାଦ ସ୍ୱରୂପ କହୁଥାନ୍ତି ସଅଳ ମୋତେ ଅଣନାତିଟିଏ ଦେ । ମୋ ରକ୍ତର ନହେଲେ ନାହିଁ, ସେହି ମୋର ସନ୍ତକ । କାହିଁ ରକ୍ତସମ୍ପର୍କ ତ କରୋନା ବେଳେ କେହି ଜଣେ ମୁହଁ ଦେଖେଇଲେନି ! ଏଠି କରୋନାରେ ଯେତିକି ମରୁନାହାଁନ୍ତି ଏବେ ଯତ୍ନ ଏବଂ ସ୍ନେହଶ୍ରଦ୍ଧା ଅଭାବରୁ ବେଶୀ ମରିଯାଉଛନ୍ତି । ମଣିଷପଣିଆ ମଣିଷଙ୍କ ଠାରେ ଦିନୁଦିନ କମିକମି ଆସୁଛି । ବୋଧହୁଏ ରକ୍ତସମ୍ପର୍କ ବୋଲି ସେମିତି କିଛି ନାହିଁ । ସବୁ ମନଗଢା କଥା, ମିଛମାୟା ସଂସାର ।

ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍ଏଲ୍‌ବି,
ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦ / ୭୯୭୮୦୧୯୦୮୧, bdpanda1@gmail.com

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଜୀବନ ଯମୁନାରେ...

ସେଦିନ ବି ଯମୁନାରେ ଭୀଷଣ ଜୁଆର ଆସିଥିଲା । ଫୁଲି ଉଠିଥିଲା ଯମୁନାର ଗର୍ଭ, ଅଥଳ ଜଳରାଶି । କଂସ କାରାଗାରରେ ବନ୍ଦୀନି ମାତା ଦେବକୀଙ୍କର ଅଷ୍ଟମ ଗର୍ଭକୁ ନିଜ ମସ୍ତକରେ ବହନ କରି ମଥୁରାରୁ ଗୋପପୁରକୁ ନେଇ ଯାଉଥିବା ବସୁଦେବ ସେଦିନ ଅନୁଭବ କରିଥିଲେ ସ୍ୱଚକ୍ଷୁରେ ଦର୍ଶନ କରିଥିଲେ ଯମୁନାର ଜୁଆରକୁ । କଳା ଅନ୍ଧାର ବର୍ଷା ରାତିର ସେ ଦୃଶ୍ୟକୁ । ହର୍ଷରେ ଗର୍ବରେ ଫୁଲିଉଠିଥିଲା ଯମୁନାର ଛାତି କାରଣ ଭଗବାନ କୃଷ୍ଣ ତା ଦେହରେ ପାଦ ଦେଇ ପାରିବେ । ତା ଜୀବନ ଧନ୍ୟ ହେବ ଠିକ୍ ଯେମିତି ରାମ ଅବତାରରେ ଅଭିଶପ୍ତ ପାଷାଣୀ ଅହଲ୍ୟା ଉପରେ ପାଦ ଦେଇ ଶାପ ମୁକ୍ତ କରିଥିଲେ ତାଙ୍କୁ, ସେଇ ରାମ ସେଇ କୃଷ୍ଣ ମୁକୁନ୍ଦ ମାଧବ ମୁରାରୀ ....... । ଯାହାଙ୍କ ଆସିବା ଖୁସିରେ ଯମୁନା ଫୁଲି ଉଠିଥିଲା ତା ବକ୍ଷରେ ଜୁଆର ଉଠିଥିଲା ତାଙ୍କରି ଦର୍ଶନ ପାଇବା ପରେ ଯମୁନାର ଭଟ୍ଟା ପଡିଥିଲା ।



ଅଭିମନ୍ୟୁ ବେହେରା

ସେଦିନ କୃଷ୍ଣଙ୍କର ଜୀବନର ମୋଡ ହୁଏତ ଅଲଗା ଥିଲା ମାତ୍ର ଆଜି ମଣିଷ ଜୀବନ ଯମୁନାରେ ଯୋଉ କରୋନାର ଜୁଆର ଉଠିଛି ଯାହା ଥମିବାର ନାଁ ନେଉଛି ନା ଭଟ୍ଟା ପଡୁଛି । କେମିତି ଉଦ୍ଧାର ପାଇବ ଏ ମଣିଷ ଜାତି ଏ ମହାମାରୀ କରୋନା କବଳରୁ । ଆଉ କେତେଦିନ ଉଜୁଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚାଲିଥିବ ଜୀବନ ଆଉ ଜୀବିକା । ଜୀବନ ଯମୁନାରେ କରୋନାର ଜୁଆର ଲହର ପରେ ଲହର । ଅଭାବର ପର୍ବ ଚାରିଆଡେ ଯେମିତି ରାଜୁତି କରିଚାଲିଛି । ରୋଗୀ ପାଇଁ ଅକ୍ସିଜେନର ଅଭାବ କରୋନା ଟିକାର ଅଭାବ ଜୁଇ ଜଳିବା ପାଇଁ ଜାଗାର ଅଭାବ ମଶାଣିର ଅଭାବ ମାଟି ପିଣ୍ଡ ମାତିରେ ମିଶିବା ପାଇଁ ମାଟିର ଅଭାବ । କରୋନାରେ ମୃତ ବ୍ୟକ୍ତିଙ୍କୁ ମଶାଣି ପର୍ଯ୍ୟନ୍ତ ବୋହିନେବାକୁ ଛଅ ଖଣ୍ଡ କାଠର ଅଭାବ । ସହଯୋଗର ଅଭାବ ଶବକୁ ଚାରି କାନ୍ଧର ଅଭାବ ମାନବିକତାର ଅଭାବ । ମଣିଷକୁ କାମ ଧନ୍ଦାର ଅଭାବ ଖାଦ୍ୟର ଅଭାବ ଶିକ୍ଷାର୍ଥୀଙ୍କୁ ପାଠପଢାର ଅଭାବ ଆହା ପଦେର ଅଭାବ ମଣିଷପଣିଆର ଅଭାବ । ନୈତିକତାର ଅଭାବ ମନର ଅଭାବ ଜୀବିକା ଛାଡି ଜୀବିକାର ଅଭାବ । ଅଭାବର ପର୍ବରେ ସବୁର ଅଭାବ ହେଲେ ଚଳିବ ମାତ୍ର ମଣିଷ ପଣିଆର ଅଭାବ ହେଲେ ଏ ଦୁନିଆ ଚଳିବ କେମିତି । ତାପରର କାହାଣୀ ଅଭାବେ ସ୍ୱଭାବ ନଷ୍ଟ, ଚରିତ୍ରର ଅବକ୍ଷୟ, ସମ୍ପର୍କର ଅବକ୍ଷୟ, ସାଧୁତାର ଅବକ୍ଷୟ । ଏ ସବୁ ହେବା ଯେମିତି ସ୍ୱାଭାବିକ ହୋଇପଡିଛି । ଏ ସବୁ ପାଇଁ ମୂଖ୍ୟତଃ କରୋନା ଦାୟୀ । ଏ ସବୁକୁ ଆମେ ମର୍ମେ ମର୍ମେ ଅନୁଭବ କରିସାରିଲେଣି ଏଇ କରୋନା କାଳରେ । ରାତି ପାହିଲେ କରୋନା ଖବର ଲକଡାଉନ୍ ସଟଡାଉନ୍ ଜୀବନ ଜୀବିକାର ଫର୍ଦ୍ଦ ପ୍ରଭୃତି ଧିରେ ଧିରେ ମଣିଷର ଦେହସୁଆ ହୋଇଗଲାଣି ନା ମଣିଷ ଏଥିରେ ଅଣନିଶ୍ୱାସୀ ହୋଇପଡିଲାଣି ।

ଚାଣକ୍ୟ ନୀତି ଅନୁସାରେ ରୋଗ ପରି ଶତ୍ରୁ ନାହିଁ । ବର୍ଷ ବର୍ଷ ଧରି ଭାରତର ପଡୋଶୀ ଶତ୍ରୁ ଚୀନ ପଠାଇଥିବା ରୋଗ କରୋନା ଶତ୍ରୁ କେତେ ଭୟଙ୍କର ଖାଲି ଭାରତ ନୁହେଁ ସାରା ବିଶ୍ୱ ଅନୁଭବ କରିସାରିଲାଣି ।

କାମ, କ୍ରୋଧ, ମୋହ, ଲୋଭ ମଦ ମାର୍ଷ୍ଟର୍ଯ୍ୟ ପରି ଷଡରିପୁ ଯେଉଁ ମାନଙ୍କଠାରୁ ମଣିଷ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେତେ ଦୂରେଇ ରହିବ ସେତେ ଭଲ ମଣିଷ ହୋଇ ପାରିବ । ଷଡରିପୁଙ୍କ ପରେ ରୋଗ କଣ ମଣିଷର ଆଉ ଏକ ରିପୁ ନୁହେଁ କି ! ଷଡରିପୁ ଯେମିତି ସପ୍ତ ରିପୁ ପାଲଟିଛି ଆଉ ଏଇ ସପ୍ତ ରିପୁର ଦାଉ ମଣିଷ ସହି ଚାଲିଛି । ତଥାପି ମଣିଷ ଜୀଇଁଛି । ଭବିଷ୍ୟତରେ ଜୀଇଁବାକୁ ପଡିବ ମଧ୍ୟ । କଥାରେ ଅଛି ସ୍ୱାସ୍ଥ୍ୟ ହିଁ ସମ୍ପଦ । ସ୍ୱାସ୍ଥ୍ୟ ଭଲ ଥିଲେ ମଣିଷର ମନ ହୃଦୟ ଚିନ୍ତାଧାରା ସବୁକିଛି ଭଲରହେ । ତେଣୁ ପ୍ରାଚୀନ ଋଷିମନୀଷି ମାନଙ୍କଠାରୁ ଆରମ୍ଭ କରି ସମସ୍ତେ ଏଥିରେ ଏକମତ । ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଖାଦ୍ୟପେୟ ସହିତ ଯୋଗ ପ୍ରାଣାୟାମ ବ୍ୟାୟାମ ପ୍ରଭୃତି ସମସ୍ତଙ୍କ ପାଇଁ ଜରୁରୀ । ଖାଲି ଔଷଧ ପ୍ରତିଷେଧକ ନେଇଗଲେ ଚଳିବନି ତତସହିତ ଯୋଗ, ପ୍ରଣାୟାମ, ବ୍ୟାୟାମ ତଥା ବିଭିନ୍ନ ପ୍ରକାର ପ୍ରାକୃତିକ ଚିକିତ୍ସା ପଦ୍ଧତିର ଆବଶ୍ୟକତା ରହିଛି । ଖାଲି ସେତିକି ନୁହେଁ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଦିନଚର୍ଯ୍ୟାର ଆବଶ୍ୟକତା ରହିଛି । ଜୀବନ ଯେତେ କର୍ମମୟ ହେଲେବି ଠିକ ସମୟରେ ଖଦ୍ୟପେୟ ବିଶ୍ରାମ ନେବା ଆବଶ୍ୟକ ଓ ତା ସହିତ ଯୋଗ ବ୍ୟାୟାମ ଆଦି ନିୟମିତ କରିବା ଉଚିତ । ତେବେ ଯାଇ ଏଇ କରୋନା କାଳରେ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇପାରିବ । ଅମ୍ଳଜାନର ଅଭାବ ନିୟନ୍ତ୍ରଣ ହୋଇ ପାରିବ ଇତ୍ୟାଦି ।

ସେ ରୋଗ ଶତ୍ରୁ କରୋନା ହେଉ କି ପଡୋଶୀ ଶତ୍ରୁ ଚୀନ, ପାକିସ୍ତାନ ହୁଅନ୍ତୁ ଆମକୁ ତାର ମୂଳ ଖୋଜିବାକୁ ପଡିବ । ଏଇ ପରିପେକ୍ଷୀରେ ତଥା କଥିତ ସମାଜର ଏକ ଛୋଟ ଲୋକଗଳ୍ପର ଉଦାହରଣ ନିଆଯାଇପାରେ । କଥାଟି ହେଉଛି – କାହିଁକିରେ ଫୁଲଗଛ ମଲୁ , ମୋତେ କାଳୀ ଗାଈ ଖାଇଦେଲା । କାହିଁକି ରେ କାଳୀ ଗାଈ ଖାଇଦେଲୁ ଫୁଲ ଗଛ ମରିଗଲା । ମୋତେ ଗଉଡ ଜଗିଲା ନାହିଁ । କାହିଁକିରେ ଗଉଡ ଜଗିଲୁ ନାହିଁ – ମୋତେ ବଡ ବୋଉ ପାଉଣା ଦେଲା ନାହିଁ । କାହିଁକି ବଡ ବୋଉ ପାଉଣା ଦେଲୁ ନାହିଁ ଗଉଡ କାଳୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗାଈକୁ ଜଗିଲା ନାହିଁ କାଳୀ ଗାଈ ଗଛ ଖାଇଗଲା ଫୁଲ ଗଛ ମରିଗଲା । ମୋ ପୁଅ କାନ୍ଦିଲା । କାହିଁକିରେ ପୁଅ କନ୍ଦିଲୁ ମୋତେ ପିମ୍ପୁଡି କାମୁଡିଦେଲା । କାହିଁକିରେ ପିମ୍ପୁଡି କାମୁଡିଲୁ ? ପିମ୍ପୁଡି କହିଲା କଅଁଳିଆ ମାଉଁସ ଦେଖିଲେ ମୋର କାମୁଡିବା ଇଛା ହୁଏ । ଏହା ମୋର ପ୍ରକୃତି । ଫୁଲ ଗଛଟି କାହିଁକି ମଲା ତାର ମୂଳ କାରଣ ହେଉଛି ଦୁଷ୍ଟ ପିମ୍ପୁଡି । ଶେଷରେ ଫୁଲ ଗଛ ମରିବାର କାରଣ ଶତ୍ରୁ ପିମ୍ପୁଡିକୁ ଆବିଷ୍କାର କରିବାକୁ ହେଲେ ଏବଂ ତାର ମୂଳ ଉତ୍ପାଟନ କରିବାକୁ ହେଲେ କାରଣ ପଛର କାରଣ ଖୋଜିବାକୁ ପଡିବ, କାରଣ ପାଇଁ କାରଣ ଖୋଜିବାକୁ ପଡିବ । ତେବେ ଆମେ ଆମର ବିଦ୍ୟା ବୁଦ୍ଧି ବଳରେ ପଡୋଶୀ ଶତ୍ରୁ ଚୀନ ଆଉ ତାର ପଠେଇଥିବା ଶତ୍ରୁ କରୋନାକୁ ଜିତିବାରେ ସକ୍ଷମ ହୋଇ ପାରିବା ।

ପୁରାଣ ପଠନରୁ ଆମେ ଜଣିଛନ୍ତି ଯେ ଶିବ ବରରେ ହେଉ କି ବିଷ୍ଣୁ ବରରେ ହେଉ କି ବ୍ରହ୍ମା ବରରେ ହେଉ ଏଇ ଅମର ବରରେ ବଳୀୟାନ ହୋଇ ରାକ୍ଷସ ଭାବିଥାଏ ତାର ମୃତ୍ୟୁ ନାହିଁ, ସେ ଅମର ବର ପାଇଛି, ସେ ମୃତ୍ୟୁକୁ ଜୟ କରିଛି ମାତ୍ର କୌଣସି ନା କୌଣସି ଗୋଟିଏ ଛୋଟ ରାସ୍ତା ଥାଏ ଆଉ ସେ ଭୁଲ କରିବସେ ଆଉ ଶେଷରେ ସେଇ ଭୁଲ ତା ମୃତ୍ୟୁର କାରଣ ହୋଇଥାଏ । ଠିକ ସେହିପରି କରୋନା ପରି ଶତ୍ରୁର ବିନାଶର କାରଣ କୋଉଠି ନା କୋଉଠି ରହିଥିବ ନିଶ୍ଚୟ ଆଉ ସେଇ କାରଣ ଖୋଜି ପାରିଲେ କରୋନା ବିରୋଧୀ ଅଭିଯାନ ସଫଳ ନିଶ୍ଚିତ ।

କୋଭିଡ ନିୟମ ମାନିବା ସରକାରଙ୍କ ଗାଇଡ୍ ଲାଇନ ଅନୁସରଣ କରିବା, ଶେଷରେ କରୋନା ହାରିବ ମଣିଷ ଜିତିବ ପୁଣି ପୃଥିବୀ ହସି ଉଠିବ ।

ଅଧ୍ୟକ୍ଷ – ମାଇଁ ପ୍ଲାନେଟ୍ ପବ୍ଲିକ୍ ସ୍କୁଲ
ସ୍ୱାମପାଟଣା,କେନ୍ଦୁଝର, ମୋ - ୯୯୩୮୮୧୭୦୬୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶତାବ୍ଦୀର ଅନ୍ଧାର, ନୁଙ୍ଗୁ ଓ ଟିଙ୍ଗୁଡୁ

ହାଇ ମାରି ନୁଙ୍ଗୁ କୋଳରେ ଗଡ଼ି ପଡ଼ିଲା ଟିଙ୍ଗୁଡୁ । ନୁଙ୍ଗୁ ତାକୁ ଭଲ ଭାବରେ କୋଳକୁ ଆଉଜାଇ ନେଇ ତା’ ଦେହରେ ହାତ ବୁଲାଇଲା । ସକାଳ ପହରୁ ଖରାତରାରେ ବସି ବସି ଛୁଆଟା ହାଲିଆ ହୋଇଗଲାଣି । ସୂର୍ଯ୍ୟଙ୍କୁ ଅନାଇଲା ନୁଙ୍ଗୁ । ମନେ ମନେ ଗୁଣୁଗୁଣେଇ ହେଲା, “ଓଃ ଆହୁରି କେତେ ଯେ ବେଳ ବାକି । ଲୁକଗୁଡ଼ା ଆସୁ ନାହାନ୍ତି । ଶୀଘ୍ର ଶୀଘ୍ର ନେଇଗଲେ ସିନା ସେମାନେ ଘର୍ କେ ଯାଆନ୍ତେ । ସେ ବାବୁଟା ଆଇଲା ଯେ ଖାଲି ଦେଖିଲା, ବାଛିଲା ବାଛିଲା, ମୂଲେଇଲା, ହେଲେ କିଛି ବି ନେଲାନି ପଳେଇଲା । ଆର୍ ବାବୁଟା ଭାରି ଭଲ୍ । କେତେ କଥା ପଚାରିଲା, ଟିଙ୍ଗୁଡୁକୁ ଗେଲ୍ କଲା । ଆଉ ବୋତଲ୍ ଟାକୁ ଟଙ୍କେ ଚାରଣା କହିଲି ଯେ, ଦୁଇଟଙ୍କା ଦେଇ କି ନେଇଗଲା । ଏଇମିତି ବାବୁମାନେ ସିନା ଆସନ୍ତେ... । ଆର୍ ସେଇ ଯେଉଁ କଣା ବୁଢାଟା ଆସିବ, ଖାଲି ଅନେଇବ ଅନେଇବ, ସବୁ ବୋତଲ ଧରିବ, ଅଳ୍ପ ପଇସା ଦେଇ କି ପଳେଇବ । ନାଇଁ କହିଲେ ବି ଶୁଣିବ ନାଇଁ । ଆଜି ସେ ଲୁକଟା ଏଯାଏଁ ଆସିନି, ଭଲ୍ ହେଇଛି । ସେ ଲୁକଟାକୁ ଦେଖିଲେ ରାଗ୍ ଲାଗେ ।”



ଡଃ ଉଷାରାଣୀ ଦାଶ

ଟିଙ୍ଗୁଡୁ ଉପରେ ସ୍ନେହରେ ହାତ ବୁଲାଇ ଆଣିଲା ନୁଙ୍ଗୁ । ସାନ ଭାଇଟା ତାର । ପତ୍ର ଗହଳି ଭିତରୁ ବି ସୂର୍ଯ୍ୟ ମୁହଁ କାଢ଼ି ତା’ ମୁହଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉପରେ ଖରାଛାଇ ଖେଳ ଖେଳୁଛନ୍ତି । ଖରାକୁ ଆପଟ କରି ବସିପଡ଼ି ନୁଙ୍ଗୁ ସାତ ସିଆଁ ଗାମୁଛାଟା ଘୋଡ଼ାଇ ଦେଲା ତା' ଭାଇ ଉପରେ ।

ଆରପଟକୁ ଚାହିଁଲା ନୁଙ୍ଗୁ । ତାଙ୍କ ଘରପାଖ ମଙ୍ଗଳୁ ପରିବା ପାଛିଆ ପାଖରେ ବସି ତା' ଆଡ଼କୁ ଚାହିଁ ଦାନ୍ତ ନିକୁଟୁଛି । ମଙ୍ଗଳୁର ତାଚ୍ଛଲ୍ୟ ଭରା ଚାହାଣୀ ଦେଖି ନୁଙ୍ଗୁକୁ ରାଗ ଲାଗିଲା । ତା' ଆଡ଼ୁ ଦୃଷ୍ଟି ଫେରାଇ ଆଣି ନିଜେ ସ୍ୱଗତୋକ୍ତି କଲା, "ଓଃ, ଟୋକା ସବୁ ବିକି ସାଇଲାଣି କି ନା, ଦାନ୍ତ ନେଫୁଡୁଛି । ରଇଥା, ରଇଥା ଦେଖ୍ ବୁ ତୋ'ଠୁ ମୋର୍ ଆଗେ ବିକା ସରି । ତୁଇ କଣ୍ ବେ ବେଶି ଫୁଟାଣି କାଢୁଛୁ ।"

ସୁରୁବାଲି ଗାଁର ମକୁ ସି ର ପୁଅ ଝିଅ ଚିଙ୍ଗୁଡୁ ଓ ନୁଙ୍ଗୁ । କେତେଜଣ ପୁଅଝିଅ ମରି ମରି ଏହି ଦୁଇଜଣ ବଞ୍ଚିଯାଇଛନ୍ତି । ଅଭାବୀ ସଂସାର ତାର । ଛୁଆ ଦୁଇଟାକୁ ଭଲରେ ମୁଠେ ଖାଇବାକୁ ଦେଇ ପାରେନି । ସ୍ତ୍ରୀ ନିରାଶ ପର ଘରେ ପାଇଟି କରେ । ରୋଗରେ ଘାଣ୍ଟି ହୋଇ ହୋଇ ମକୁ ବଞ୍ଚି ଯାଇଛି ସିନା ହାତ ଗୋଡ ଅଚଳ । ଟାଣ କାମକୁ ପାରେନି । ବର୍ଷସାରା ବାଡ଼ିରେ ଆଠ ଦଶ ମନ୍ଦା ପୋଇ, ଦୁଇବୁଦା କଦଳୀ ଗଛ, ଚାଳ ଉପରେ କଖାରୁ ଓ ଲାଉ ଲଟା, ତା ହାତର ସ୍ପର୍ଶରେ ମୁଣ୍ଡ ହଲାଇ ନାଚୁଥାନ୍ତି । ଏଇମାନେ ହିଁ ତାର ଅଚଳ ଜୀବନରେ ଭରି ଦିଅନ୍ତି ଜୀବନୀ ଶକ୍ତି । ବର୍ଷଯାକର ଦାନା ଯୋଗାଡ଼ରେ ଏମାନଙ୍କର ଭୂମିକା ମଧ୍ୟ କମ୍ ନୁହେଁ । ବାପା ହାତରେ ହାତ ମିଶାଇ ଛୁଆ ଦୁଇଟା ବି ଘରର ବୋଝ କାନ୍ଧକୁ ନେବାକୁ ବାହାରି ପଡ଼ିଲେ । ପୋଇ ବିଡ଼ା, ମଞ୍ଜା, କଦଳୀ, କଖାରୁ କି ଲାଉ ଏମିତି କିଛି ବାଡ଼ିର ପରିବା, ଆଉ ଘରେ ଥିବା ପୁରୁଣା ଶିଶି(କାଚ ବୋତଲ) ଗୋଟେ ବ୍ୟାଗରେ ପୁରାଇ ଅଖା ଓ ଛିଣ୍ଡା ଛତା ଖଣ୍ଡେ ନେଇ ଭାଇଭଉଣୀ ସାପ୍ତାହିକ ହାଟକୁ ବାହାରି ପଡ଼ନ୍ତି । ମକୁ ଲୁଚାଇ ଲୁଚାଇ ଆଖିରୁ ଲୁହ ପୋଛେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅତୀତକୁ ଫେରିଯାଏ, ମକର ମେଳାରେ ନିରାଶକୁ ପ୍ରଥମ ଥର ପାଇଁ ସେ ଦେଖିଥିଲା । ବଳିଲା ବଳିଲା ଶରୀର ସାଙ୍ଗକୁ ଚିକ୍କଣିଆ ଫାଳିକିଆ ଖୋସାରେ ନାଲି ଫୁଲ ପେନ୍ଥା । ହଳଦିଆ ରଙ୍ଗର ଡୋରିଆ ଶାଢ଼ୀଟା ତା' ଦେହକୁ ବେଶ୍ ମାନୁଥାଏ । ପ୍ରଥମ ଦେଖାରେ ତା' ମନରେ ସୃଷ୍ଟି ହୋଇଥିଲା ଉଦବେଳନ । କିଛି ବିଚାରିବା ପୂର୍ବରୁ ତା' ହାତ ଧରି ଘିଞ୍ଚି(ଝିଙ୍କି) ଆଣି ତାକୁ ତା' ଡିର୍ଲା(ସ୍ତ୍ରୀ) ବନେଇ ଦେଲା । ଏ ତ ତାଙ୍କ ସମାଜର ରୀତି । କିଏ ବା କାହିଁକି କିଛି କହିବ । ଗଢିଲା ତାର ସ୍ୱପ୍ନର ସଂସାର । ପ୍ରଥମ ସନ୍ତାନ ଗର୍ଭକୁ ଆସିବା ଖବର ପାଇ ସେ ଦୁନିଆର ସବୁ ଖୁସି ହାତ ପାଆନ୍ତାରେ ପାଇ ଯାଇଛି ବୋଲି ମନେ କରିଥିଲା । ମାତ୍ର ଗୋଟିଏ ପରେ ଗୋଟିଏ ସନ୍ତାନ ଆଲୁଅ ଦେଖିବା ପୂର୍ବରୁ ଗହଳ ଅନ୍ଧାର ଭିତରେ ବିଲୀନ ହୋଇ ଯାଉଥିଲେ । ଥରକୁ ଥର ମକୁ ଓ ନିରାଶ ନିରାଶାରେ ଭାଙ୍ଗି ପଡୁଥିଲେ । ଝିଅଟା ଯେଉଁଦିନ ଦୁନିଆର ଆଲୁଅ ଦେଖିଲେ ତା' ଆଖିରେ ଆଖିଏ ସ୍ୱପ୍ନ ଭରିଯାଇଥିଲା । ତା' ପଛକୁ ପୁଅ ଚିଙ୍ଗୁଡୁ । ଝିଅଠୁ ତିନିବର୍ଷ ସାନ । ଦୁଇ ଛୁଆଙ୍କୁ ନେଇ ତା' ମନରେ କେତେ ଆଶା । ସେମାନଙ୍କୁ ପାଠ ପଢେଇବ, ବାବୁ ଭାୟାଙ୍କ ଭଳିଆ ବଡ଼ ମଣିଷ କରିବ । ଭଗବାନ ସହିଲେନି । ଅଜଣା ରୋଗରେ ପଡ଼ିଲା ମକୁ । ଗୋଡ଼ ହାତ ଅଚଳ ହେଇଗଲା । କାମକୁ ପାରିଲାନି । ଛୁଆ ଦୁଇଟାଙ୍କ ମୁହଁରେ ଦି'ମୁଠା ଦାନା ଦେବା ପାଇଁ ନିରାଶ ବାହାରକୁ ଗୋଡ଼ କାଢିଲା । ପର ଘରେ ପାଇଟି କଲା । ଆଉ ଶେଷରେ କଅଁଳାଛୁଆ ଦି'ଟା ବି ହାଟକୁ... । ଆଃ.. ଆଉ ଆଗକୁ ଭାବି ପାରୁ ନ ଥିଲା ସେ ।

ସପ୍ତାହରେ ଥରେ ଶୁକ୍ରବାରରେ ଶୁକୃଳି ହାଟ ବସେ । ଦଶ ଖଣ୍ଡ ଗାଁ ପାଇଁ ଗୋଟିଏ ହାଟ । ହାଟଡୋଟାର ବିସ୍ତିର୍ଣ୍ଣ ପ୍ରାଙ୍ଗଣରେ ଧାଡ଼ିକି ଧାଡ଼ି ମାଟିପିଣ୍ଡି । ପିଣ୍ଡି ଚାରି କଣରେ କାଠଖୁଣ୍ଟ ଉପରେ ନୁଆଁଣିଆ ଚାଳ । ପରିବା, ତେଜରାତି, ପୋଷାକ, ଚପଲ, ଖେଳନା,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବାସନ, କାଠଜାଳେଣୀ, ମାଛ, ମାଂସ, ଗାଈ, ଛେଳି, କୁକୁଡ଼ା ଆଦି ସବୁ ଜିନିଷ ହାଟରେ ଶସ୍ତାରେ ମିଳେ । ସବୁ ପ୍ରକାର ଜିନିଷ ପାଇଁ ଅଲଗା ଅଲଗା ଜାଗା । ମୁଖ୍ୟ ରାସ୍ତାର ଦୁଇ କଡ଼ରେ ଅଖା ପକାଇ ବସି ପଡ଼ନ୍ତି ନୁଙ୍ଘୁ ଚିଙ୍ଗୁଡ଼ୁ ପରି କେତେ ଆଳିମାଳିକା ବ୍ୟବସାୟୀ । ସପ୍ତାହକର ଚାହିଦା ପୂରଣ ନିମନ୍ତେ ଦଶ ଗାଁର ଲୋକଙ୍କ ଭିଡ଼ ଜମେ ଏଠାରେ । ଅଧିକାଂଶ ଲୋକ ଶିଶି ଖଣ୍ଡେ ଖଣ୍ଡେ କିଣି ମାଟି ତେଲ ପାଏ ଲେଖାଏଁ ଡିବା ଜଳାଇବା ପାଇଁ ନିଅନ୍ତି । ତେଣୁ ନୁଙ୍ଘୁର ଶିଶି ବେପାର ଭଲ ଚାଲେ । ତା' ସାଙ୍ଗକୁ ତାଜା ଓ ଛନଛନିଆ ବାଡ଼ି ପରିବା ବି ହାଟ ଫେରନ୍ତା ଲୋକମାନଙ୍କର ଆଖିରେ ପଡ଼ିଯାଏ ।

ନୁଙ୍ଘୁ ଗାମୁଛାଟିକୁ ଭଲ କରି ଚିଙ୍ଗୁଡ଼ୁ ଉପରକୁ ଭିଡ଼ି ଆଣିଲା । ତା' ମୁଣ୍ଡକୁ ଟିକେ ଆଉଁସି ଦେଇ ପଚାରିଲା –"ଶୋଇ ପଡ଼ିଲୁକି ନିନି ?"

"ନାଇଁ, କିସ୍ ଟା, କି ହେଲାକି ?" ଥକିଲା ସ୍ୱରରେ ଉତ୍ତର ଦେଲା ଚିଙ୍ଗୁଡ଼ୁ ।

ଚିଙ୍ଗୁଡ଼ୁ ଉଠି ବସିଲା । ଦେହ ହାତ ଭିଡ଼ିମୋଡ଼ି ହେଲା । ବେଳ ଆସି କେତେ ହେଲାଣି । ଚାରି ଆଡ଼କୁ ଚାହିଁଲା । ରସିକ୍ ବା' ଉପରେ ଆଖି ବୁଲାଇ ଆଣି କହିଲା, "ଏ ନୁଙ୍ଘୁ ! ଭୁକ୍ ଲାଗିଆକ୍ ।"

"ଆର୍ ମୋକେ ଯେ" ନୁଙ୍ଘୁ ଶୁଖିଲା କଣ୍ଠରେ କହିଲା ।

ଅଖାପଟ ତଳୁ ଚାରଣିଟେ କାଢି ଚିଙ୍ଗୁଡ଼ୁକୁ ଦେଲା ଓ କହିଲା, "ଯା'ନା ବୋ, ରସିକ୍ ବା' ପାଖରୁ ଚାରଣାର ଭୁଜା(ମୁଢି) ଘିନି ଆଣ ।" ଚିଙ୍ଗୁଡ଼ୁ ମନ ଖୁସିରେ ଡେଇଁଡେଇଁକା ଚାଲିଗଲା । ତା' ଯିବା ବାଟକୁ ଚାହିଁ ନୁଙ୍ଘୁ ଭାବୁଥିଲା, ଏଇଟା ତା'ର ଛୁଆ ଭାଇଟା । କେତେ ଭୁକ୍ ଲାଗୁଥିବ ତାକେ । ସେଇ ଯଉ ବାବୁଟା ଇସ୍କୁଲ ପଛପଟ କୋଠାଘରଟାରେ ରହେ, ତା'ର୍ ପୁଅଟା ବି ଚିଙ୍ଗୁଡ଼ୁ ସମାନ୍ । ଚିଙ୍ଗୁଡ଼ୁ ଯଦି ତା'ର୍ ଘରେ ଜନମ୍ ହୋଇ ଥାଆନ୍ତା,

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ତେବେ ତା'ର ପୁଅ ଭଳିଆ ଅଙ୍ଗାଜାମା ନାଇ ତା'ର ମେତା ଦେଖାଯାଉ ଥାଆନ୍ତା । ଆମର୍ ଘରେ କ'ଣ୍ ଅଛି ଯେ ଖାଇବ, ନାଇବ । ସକାଳୁ ହାଟ୍ କେ ଆସିବୁ ବୋଲି ବୋଉ ଚାକୁଣ୍ଡା ପତର୍ ଦୁଇଟା ଭାଜି ପଖାଳ ଦି'ଟା ଖୁଇ ଦେଲା ।

ତା' ଭାବନାରେ ବାଧା ପକାଇ ଚିଙ୍ଗୁଡୁ ତା' ସାମନାରେ ଛିଡା ହୋଇ ଡାକିଲା, "ଏ ନୁଙ୍ଗୁ ।" ନୁଙ୍ଗୁ ପ୍ରକୃତିସ୍ଥ ହେଲା । ଅଖାକୁ ଟିକେ ହାତରେ ଝାଡ଼ି ଦେଇ କହିଲା, "ଭୁଜା ଆଣିଲୁ, ଆ' ଇଠେ ବସ୍ କେ ଖାଇବା ।" ଚିଙ୍ଗୁଡୁ ସେମିତି ଛିଡ଼ା ହୋଇ ରହିଲା । ନୁଙ୍ଗୁ ମୁଣ୍ଡ ଉପରକୁ ଉଠାଇ ଚାହିଁଲା, ଦେଖିଲା ତା' ଭାଇ ଆଖିରେ ଲୁହ । ନୁଙ୍ଗୁ କାନ୍ଦ କାନ୍ଦ ହୋଇଗଲା । ସମ୍ଭାଳି ନ ପାରି ଏକା ନିଶ୍ୱାସରେ ପଚାରିଗଲା – "କିସ୍ ହେଲା ? ରସିକ୍ ବା' କିସ୍ ବୋଇଲା ? ତୁଇ କାନ୍ଦୁଛେ କିସ୍ ପାଇଁ ?"

"ମୋକେ ବୋଇଲା ତୁଇ ଯେ ସେଇ ଆର ବାରି ଚାରଣାର ଭୁଜା ନେଇଥିଲୁ, ପଇସା ନାଇଁ ଦେଇଥିଲୁ । ମୁଇଁ ଦେଇଛି ବୋଇଲି । ସେ ରାଗିଲା ଆର୍ ବୋଇଲା କି ଆମ୍ କେ ଆର୍ କେବେ ଭୁଜା ନାଇଁ ଦେବ । ଆର୍ ସେ ପଇସାଟାକ ବି ନାଇଁ ଦେଲା ।" ଦି ହାତରେ ଆଖିରୁ ଲୁହ ପୋଛି ପୋଛି ଚିଙ୍ଗୁଡୁ ଉତ୍ତର ଦେଲା ।

ଚିଙ୍ଗୁଡୁକୁ ପାଖକୁ ଟାଣି ଆଣି କୋଳରେ ବସେଇ ତା' ଆଖିର ଲୁହ ଧାରକୁ ଗାମୁଛାରେ ପୋଛୁ ପୋଛୁ ନୁଙ୍ଗୁ କହିଲା, "ତୁଇ ନାଇଁ କାନ୍ଦ । ବେଳ ବୁଡ଼ି ଆସିଲାଣି, ଆର୍ କେତେ ସମୟ୍ ଅଛି ଯେ । ଆଉ ଟିକେ ପରେ ଘର୍ କେ ଯିବା । ବୋଉ କହୁଥିଲା, ଆଜି ଭଲ୍ ଜିନିଷ୍ ଖାଇତେ ଦେବ । ସେ ଯାହାର୍ ଘରେ କାମ କରେ ତା' ପୁଅର ଆଜି ଜନମ୍ ଦିନ । ଭଲ୍ ଭଲ୍ ଜିନିଷ୍ ଆଣିଥିବ । କାନ୍ଦ୍ ନା, ଟିକେ ବେଗି ବେଗି ବିକି ଦେଇ ଘର୍ କେ ପଳେଇବା ।"

"କି'ରେ ପିଲା, ଏ ଶିଶିଟା କେତେ ଦାମ୍ ?"

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ବାବୁ ଟଙ୍କେ ଚାରଣା ।" ଉତ୍ତର ଦେଲା ନୁଙ୍ଗୁ ।

"ଟଙ୍କେ ଚାରଣା କ'ଣ କିରେ, ଟଙ୍କେ ନେ ।"

"ନାଇଁ ବାବୁ, ପୋଷେଇବ ନାଇଁ ।"

"ତାହେଲେ କେତେ ଦେବି ?" ବାବୁ ଜଣଙ୍କ ପଚାରିଲେ ।

"ସେତିକି ବାବୁ, ଯେତିକି କହିଛି, ବେଶି କହିନି ।"

ବାବୁ ଜଣକ ଦୁଇଟା ଶିଶି ବ୍ୟାଗରେ ପୁରାଇ ପଇସା ବାହାର କରି ନୁଙ୍ଗୁ ହାତକୁ ବଢାଇ ଦେଉ ଦେଉ ପୋଇବିଡ଼ା ଆଡ଼କୁ ଚାହିଁ ପଚାରିଲେ, "ଏ ପୋଇ ତୁମ ବାଡ଼ିର ନା ?"

ନୁଙ୍ଗୁ ମୁଣ୍ଡ ଟୁଙ୍ଗାରି 'ହଁ' ଭରିଲା ।

"ବଢିଆ ହୋଇଛି ତ, ସେଥିରୁ ଦୁଇ ବିଡ଼ା ଦେଲୁ" କହି ନୁଙ୍ଗୁ ହାତକୁ ପଇସା ବଢାଇ ଦେଲେ ବାବୁ ।

"ନିଜେ ବାଛିକି ନେଇ ଯାଅ ବାବୁ, କେତେ ଆଣିଥିଲି ସଇଲାଣି ।" ପଇସାକୁ ଅଖା ତଳେ ରଖୁ ରଖୁ ନୁଙ୍ଗୁ ଉତ୍ତର ଦେଲା ।

ବାବୁ ଚାଲିଗଲେ । ନୁଙ୍ଗୁ ଆଶ୍ୱସ୍ତ ହେଲା, ସବୁ ଜିନିଷ ପ୍ରାୟ ବିକା ସରିଲାଣି । ଚାରି ଛଅଟା ଶିଶି ଆଉ ଦୁଇଟା ପୋଇ ବିଡ଼ା ବଳିଛି । ସେ ବି ସରିଯିବ । ହାଟରୁ ଫେରନ୍ତା ବେଳକୁ ଲୁକଗୁଡ଼ା ନିଶ୍ଚୟ ଆସିବେ । ଅଖା ତଳୁ ପଇସା ଗଣିବାକୁ ଆରମ୍ଭ କଲା- ଚାରଣା, ଆଠଣା, ବାରଣା... । ପଇସାର ପରିମାଣ ବଢିବା ସଙ୍ଗେ ସଙ୍ଗେ ନୁଙ୍ଗୁର ଆଖି ଦୁଇଟା ଅଧିକରୁ ଅଧିକ ଚମକି ଉଠୁଥିଲା ।

"ଦେଖ୍ ନୁଙ୍ଗୁ, ସେଇ କଣା ବୁଢାଟା ଇଆଡୁକୁ ବୋଧେ ଆସୁଛି । ଆଜି ସିଏ ଯେତେ କହିଲେ ବି ଆଜି ତା'କେ ମୋଟୁରୁ ଶିଶି ଦେବାନି ।" ଚିଙ୍ଗୁଡୁ, ନୁଙ୍ଗୁକୁ ଜୋରରେ ହଲାଇ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଦେଇ କହିଲା ।

ନୁଙ୍ଗୁ ପଇସା ଗଣା ଅଧାରୁ ଛାଡ଼ି ସେ ଆଡ଼କୁ ଚାହିଁ କହିଲା, "ହଁ ମୋଟୁରୁ ଦେବାନି । ଭାରି ଚାଲାଖିଟା, ଆମଠୁ ଅଳପ ପଇସାରେ ନେଇକି ବେଶି ପଇସାରେ ବିକୁଛି ।"

ସତକୁ ସତ ବୁଢାଟା ତାଙ୍କ ପାଖରେ ଆସି ପହଞ୍ଚିଲା ।

"ଏ ପିଲା, କଣ ଶିଶି ବିକା ସରିଲାଣି ?" ଲୋଭିଲା କଣ୍ଠରେ ପଚାରିଲା ।

"ତୋର୍ କି ଯାଏ ?" ଦୃଢ ଭାବରେ ଉତ୍ତର ଦେଲା ନୁଙ୍ଗୁ ।

"ଆଉ କେତେ ସମୟ ବସିବ, ଦେଇ ଦିଅ ମୁଁ ସବୁ ନେଇଯାଏ ।" ତା' ଆଖିରେ ଥିଲା ସର୍ବଗିଳା ଭୋକ, ଯାହା ନୁଙ୍ଗୁ ଚିଙ୍ଗୁଡ଼ୁ ଭଳି ସରଳ ମଣିଷର ସାରା ଜୀବନର ସମ୍ବଳକୁ ମୁହୂର୍ତ୍ତକ ମଧ୍ୟରେ ତା' ଗର୍ଭରେ ବିଲୀନ କରିଦେବ ।

"ନାଇଁବାବୁ, ତୁଇ ଯାଆ । ତୋର୍ କିସ୍ ପାଇଁ ମୁଣ୍ଡ ବଥଉଛି ? ଆମର୍ ଶିଶି ଆମେ ବିକି ପାରିବୁ ।" ନୁଙ୍ଗୁ କଣ୍ଠରେ ଦୃଢତା ଭରା ପ୍ରତିବାଦ ।

ଲୋକଟି ସେଠୁ ଚାଲିଗଲା । ବିଜୟ ଭଙ୍ଗୀରେ ପରସ୍ପରକୁ ଚାହୁଁଥିଲେ ନୁଙ୍ଗୁ ଓ ଚିଙ୍ଗୁଡ଼ୁ ।

ନୁଙ୍ଗୁ ମଥାଟେକି ଆକାଶକୁ ଚାହିଁଲା, "ଚାରିଟା ବାଜିବଣି ବୋଧେ" ମନେ ମନେ ଗୁଣୁଗୁଣେଇଲା ।

"ଏ ନୁଙ୍ଗୁ, ଶୁଣ୍ ତ, ଗଞ୍ଜା ଲଢେଇ ଆରମ୍ଭ ହେଲା ବୋଧେ, ମୁଁ ଯାଉଛି ।" କହି ନୁଙ୍ଗୁ ଉତ୍ତରକୁ ଅପେକ୍ଷା ନ କରି ଚିଙ୍ଗୁଡ଼ୁ ଏକମୁହାଁ ଧାଇଁଲା ।

ସାପ୍ତାହିକ ହାଟର ଏକ ପ୍ରମୁଖ ଆକର୍ଷଣ ଗଞ୍ଜା ଲଢେଇ । ହାଟର ପଶ୍ଚିମ ଦିଗର ଶେଷ ମୁଣ୍ଡ ପଡ଼ିଆରେ ଗଞ୍ଜା ଲଢେଇ ହୁଏ । ହାଟୁଆଙ୍କ ପାଇଁ ଏ ଏକ ବିରାଟ ମନୋରଞ୍ଜନ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦର୍ଶକମାନଙ୍କର ଉତ୍ସାହର ସୀମାନାହିଁ । ସେମାନେ ପଡ଼ିଆର ସୀମାରେ ଏକ ଗୋଲାକାର ପ୍ରାଚୀର ସୃଷ୍ଟି କରିଦିଅନ୍ତି । ଗଞ୍ଜା ଲଢେଇରେ ଭାଗ ନେବା ପାଇଁ ଅନେକ ଲୋକ ନିଜ ନିଜ ହୃଷ୍ଟପୁଷ୍ଟ ଗଞ୍ଜା ସହ ପଡ଼ିଆରେ ଉପସ୍ଥିତ ହୁଅନ୍ତି । ଦୁଇ ପକ୍ଷର ଦୁଇଟି ଗଞ୍ଜା ମଧ୍ୟରେ ଲଢେଇ ହୁଏ । ଦୁଇ ପକ୍ଷର ଦୁଇଟି ଗଞ୍ଜା ଲଢେଇ ପାଇଁ ପ୍ରସ୍ତୁତ ହୁଅନ୍ତି, ହତିଆର ଧରି ଯୁଦ୍ଧ ପାଇଁ ପ୍ରସ୍ତୁତ ସୈନିକଙ୍କ ପରି । ଦୁଇଟି ଯାକ ଗଞ୍ଜାର ଗୋଡ଼ରେ ଧାରୁଆ କାତି । ଲଢେଇ ଆରମ୍ଭ ହେବା ମାତ୍ରେ ଦର୍ଶକମାନେ ଦୁଇ ପକ୍ଷକୁ ସମର୍ଥନ କରି ମନ୍ତବ୍ୟମାନ ଦେଇ ସମଗ୍ର ହାଟ ପରିବେଶକୁ ପ୍ରକମ୍ପିତ କରି ଦେଉଥାନ୍ତି ।

"ମୋର ଧୋବଲା ଟା.."

"ମୋର ନାଲି.., ହଁ ମାଇଲା, ମାଇଲା, ହଁ, ଦେ କାତି ମାରି ଦେ...." ଦର୍ଶକଙ୍କ ମନ୍ତବ୍ୟରେ ଅଧିକ ଉତ୍ସାହିତ ହୋଇ ଜୋରରେ ଲାଞ୍ଜ ହଲାଇ ଦୁଇରୁ ତିନି ଫୁଟ ଉପରକୁ ଡେଇଁ ପରସ୍ପରକୁ ଆଘାତ କରୁଥାନ୍ତି ଗଞ୍ଜା ଦୁଇଟି ।

ଭିଡ଼ ଠେଲି ଚିଙ୍ଗୁଡୁ ଯାଇ ପହଞ୍ଚିଗଲା ପଡ଼ିଆ ଭିତରେ ।

'ଧୋବଲା' ତା'ର ବୀରତ୍ୱର ପ୍ରତୀକ ସ୍ୱରୂପ ଦୁଇଟା 'ପାଉ' ମାରିଦେଲା । ପୁଣି ଏକ ବୀର ସୈନିକ 'କସରା'ର ଆବିର୍ଭାବ ଯୁଦ୍ଧ କ୍ଷେତ୍ରରେ । ହାଲିଆ ଘାଲିଆ 'ଧୋବଲା' ଏଥର 'କସରା'ର ଶିକାର ବନିଗଲା । 'କସରା' ବି ଦର୍ଶକଙ୍କ ମନ୍ତବ୍ୟ ଓ ତାଳିମାଡ଼ରେ ଉତ୍ସାହିତ ହୋଇ ଗୋଟିଏ ପରେ ଗୋଟିଏ ଏମିତି ତିନିଟା ପାଉ ମାରିଦେଲା । ଏଥର ନାଲି ମୁକୁଟକୁ ହଲାଇ ଗଳା ଫୁଲାଇ ଶତ ସିଂହର ବଳ ନେଇ ଯୁଦ୍ଧ କ୍ଷେତ୍ରକୁ ଲମ୍ଫ ଦେଲା 'ଚିତିରି' । ଘମାଘୋଟ ଲଢେଇ । ସ୍ଥଳ ଓ ଆକାଶ ଏକାକାର ।

ଚିଙ୍ଗୁଡୁ ମଜ୍ଜି ଯାଇଛି ଖେଳ ଭିତରେ । କେତେବେଳେ ତାଳି ମାରି ହସି ହସି ଗଡ଼ି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଉଛି ତ କେତେବେଳେ ନିଜ ପକ୍ଷର ଗଞ୍ଜା ପରାଜିତ ହେବାରୁ ମୁହଁ ଶୁଖେଇ ଦେଉଛି । ସମୟକୁ ନିଘାନାହିଁ ।

ସଞ୍ଜ ନଇଁ ଆସିଲା । ଚିଙ୍ଗୁଡୁ ଏ ଯାଏ ଫେରିଲାନି । ଛୁଆଟାକୁ ଭୁକ ଲାଗୁଥିଲା । ନୁଙ୍ଗୁ ବ୍ୟସ୍ତ ହୋଇ ପଡିଲା । ବାକି ଜିନିଷ ବି ବିକ୍ରି ହୋଇନି । କିସ କରିବ, କିସ ନାହିଁ ଭାବି ଭାବି ଜିନିଷପତ୍ରକୁ ଛାଡି ଦେଇ ଚିଙ୍ଗୁଡୁକୁ ଖୋଜିବାକୁ ବାହାରିଗଲା । ଖୋଜି ଖୋଜି ପହଞ୍ଚିଗଲା ଭାଇ ପାଖରେ । ଅନ୍ଧକାର ମାଡ଼ି ଆସିଲାଣି । ଭାଇକୁ ଧରି ଏକା ନିଶ୍ୱାସରେ ଧାଇଁଲା ତା'ଙ୍କ ଦୋକାନ ନିକଟକୁ । ଏପଟୁ ସେପଟ, ସେପଟୁ ଏପଟ ଦରାଣ୍ଡି ଗଲା, କାହିଁ ତା'ଙ୍କ ଅଖା, ପୋଇ, ଶିଶି, ପଇସା ? ଭାଇ ଭଉଣୀ ନିର୍ବାକ୍, ନିଷ୍ପନ୍ଦ । ପରସ୍ପରକୁ ଧରି ଜୋରରେ କାନ୍ଦି ଉଠିଲେ । ଭୋକିଲା ପେଟ, ହାଡୁଆ ଛାତି ଫଟାଇ ବାହାରି ଆସିଲା ତତଲା ନିଶ୍ୱାସ ଆଉ ବୁକୁ ଫଟା କୋହ । ଅନ୍ଧକାରରେ ମିଳାଇଗଲା ଗୋଟିଏ ସପ୍ତାହର ସ୍ୱପ୍ନ, ସାହା,ଭରସା ସବୁ କିଛି ।

ଚନ୍ଦ୍ର ଉଦୟ ହେବାକୁ କେତେ ଯେ ବେଳ ବାକି...

ଅଧ୍ୟକ୍ଷା, ରାଜଧାନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଥ ଉପାସନା

ସେଦିନ ବିମ୍ବାଧରଙ୍କୁ କଥାଟା ଅତ୍ୟନ୍ତ ବ୍ୟଥିତ କରିଥିଲା । ପ୍ରାତଃ ସ୍ନାନ ସମାପ୍ତ କରି ମନ୍ଦିରକୁ ଯିବା ସମୟରେ ପଡିଶା ଘର ସମବୟସ୍କ ତାଙ୍କର ଅତିପ୍ରିୟ ଯଦୁନାଥ ପ୍ରଶ୍ନ କରିଥିଲେ, "ବିମ୍ବା, ମନ୍ଦିର ଯିବା କଣ ନିତାନ୍ତ ଆବଶ୍ୟକ ? ପୂଜାପାଠ କରିବାରେ ଏ ଯେଉଁ ଲୋକ ଦେଖାଣିଆ, ତମେ କଣ ସେଥିରେ ବିଶ୍ୱାସ କର ?" ପାଦ ଆଗକୁ ବଢ଼େଇ ପାରିଲେନି ବିମ୍ବାଧର ।

ସତେ ଅବା ତାଙ୍କ ପାଦ ତଳୁ ଏକ ତଡ଼ିତ ପ୍ରବାହିତ ହେବାର ସେ ଅନୁଭବ କଲେ ।

କ୍ଷଣକେ ଅବିଚଳିତ ହୋଇ ନିଷ୍ପ୍ରଭ ହୋଇଗଲେ ଅବା ! ବର୍ଷୀୟାନ ଯଦୁବାବୁ ଯାହାଙ୍କୁ ସେ ଏତେ ସମ୍ମାନ ଦିଅନ୍ତି, ଏମିତି ଏକ ଅବାନ୍ତର ପ୍ରଶ୍ନ କଲେ କାହିଁକି ? ସେ କିଛି ବୁଝିବା ପୂର୍ବରୁ ନିଜକୁ ପ୍ରସ୍ତୁତ କରିନେଇ ଯଦୁନାଥଙ୍କୁ ପାଲଟା ପ୍ରଶ୍ନ କଲେ, "ମନ୍ଦିରରେ ପୂଜାପାଠ ଉପରେ ଆବଶ୍ୟକତା ଓ ଅନାବଶ୍ୟକତାର ଏ ଯେଉଁ ବିତର୍କ ଆପଣ ମୋ ଉପରେ ତୀକ୍ଷ୍ଣ ଶର ପ୍ରାୟ ବିଦ୍ଧ କରିଦେଲେ, ତା ହୁଏତ ଏକ ନାସ୍ତିକ ପକ୍ଷରେ ଶୋଭନୀୟ, କିନ୍ତୁ ମୁଁ ଯାହା ଜାଣିଚି, ଆପଣ ତ କେବେ ନାସ୍ତିକ ନୁହନ୍ତି ।"



ସଂଜୀବ କୁମାର ଦାସ

ଯଦୁନାଥ ବିମ୍ବାଧରଙ୍କ ପ୍ରଶ୍ନରେ ବିଚଳିତ ହେଲେନି, ବରଂ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିମ୍ବାଧରଙ୍କ ମୁଖମଣ୍ଡଳରେ ଆସନ୍ନ ବିବର୍ଣ୍ଣତାରେ ବ୍ୟଥିତ ହୋଇ ବୁଝାଇଥିଲେ, "ତମ ପ୍ରଶ୍ନର ଉତ୍ତର ଦେବି ବିମ୍ବାଧର, ଏଇ ଏକ ନିଜ ଅନୁଭୂତିରୁ, ଶୁଣ ।"

ଯଦୁନାଥ ଯାହା ଶୁଣାଇଥିଲେ ତାହା ଏହିପରି ।

ବୟସ ସେତେବେଳେ ମୋତେ ଦଶ କି ଏଗାର । ଜେଜେଙ୍କ ସାଙ୍ଗରେ ଗାଁର ଚଉପାଢ଼ିର ଶିବମନ୍ଦିରରେ ପ୍ରତି ସନ୍ଧ୍ୟାରେ ହେଉଥିବା ଭଜନ ଓ ପୂଜା କୀର୍ତ୍ତନ ଦେଖିବାକୁ ଯାଏ । ଫେରିଆସି ପାଠପଢା ସାରିଦିଏ ଏବଂ ଖାଇପି ଶୋଇଯାଏ । ସେଦିନ ବଡ଼ି ଭୋରୁ ମୋ ନିଦ ଭାଙ୍ଗିଗଲା । ମୁଁ ଆଖି ଫିଟାଇବା ପୂର୍ବରୁ ଶୁଣିଲି କିଛି କୋଳାହଳ । ଆମ ଘରେ ଏତେ ଗହଳି କାହିଁକି ? ବୁଝିବାକୁ ଡେରି ଲାଗିଲାନି । ଜେଜେ ଆମ ସମସ୍ତଙ୍କୁ ଛାଡି ଚାଲି ଯାଇଥିଲେ । କାନ୍ଦବୋବାଳି ପରିବେଶ ଭିତରେ ସମସ୍ତେ ମ୍ରିୟମାଣ । ଲୋକେ କହିବାର ଶୁଣିଥିଲି, ସଂକ୍ରାନ୍ତିରେ ଭଲରେ ଚାଲିଗଲା, କି ପୁଣ୍ୟ କାମ କରିନଥିଲା ସତେ !ଆଃ, ଦେବୋପମ ମଣିଷଟିଏ । ଏକ ଭିନ୍ନ ନକ୍ଷତ୍ରରେ ଜନମ ନେଇଥିଲା ସେ । ମାତ୍ର, ସେ ପ୍ରଶଂସା ଶୁଣିବାକୁ ମୋର ଧୈର୍ଯ୍ୟ ନଥିଲା । ଗତ ସନ୍ଧ୍ୟାରେ ମନ୍ଦିରରୁ ତ ପୂଜାପାଠ କରି ଫେରିଛୁ ଦୁହେଁ ! ଏ କଣ ସମ୍ଭବ ? ମୋର ଜଣେ ସମ୍ପର୍କୀୟଙ୍କୁ କୁଣ୍ଢାଇ ପକାଇ ମୁଁ ପଚାରିଥିଲି, "ଜେଜେ କଣ ଆଉ କେବେ ଫେରିବେନି ? ସବୁଦିନ ସନ୍ଧ୍ୟାରେ ଭଜନ କୀର୍ତ୍ତନ ଏବଂ ପୂଜାପାଠ କିଏ କରିବ ମୋ ସହିତ ? ସୁନ୍ଦର କଣ୍ଠରେ ଚଉତିଶା ଶୁଣାଇବ କିଏ, ଏଇମିତି କେତେ ପ୍ରଶ୍ନ । ମୋ ପ୍ରଶ୍ନର ଉତ୍ତର କିନ୍ତୁ ମୋତେ ମିଳିନଥିଲା ସେଦିନ । ଏତିକି କେବଳ ସ୍ପଷ୍ଟ ମାନେ ଅଛି ମୋର ସେଇ ସମ୍ପର୍କୀୟ କୋକେଇନେଇ ଜେଜେଙ୍କ ଶବଦାହକଙ୍କ ସାଙ୍ଗରେ ଚାଲିଯାଇଥିଲେ ଅନ୍ତ୍ୟେଷ୍ଟି କର୍ମରେ ନିଜକୁ ସାମିଲ କରି । ଏପଟେ ଜେଜେମା ଦୁଆରେ ମୁଣ୍ଡରେ ମଥାପିଟି କାନ୍ଦୁଥିଲେ ଏବଂ ଠାକୁରଙ୍କୁ ସବୁ ଦୋଷ ଦେଉଥିଲେ । ହୁଏତ ସେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଚାହୁଁଥିଲେ ଜେଜେଙ୍କ ଆଗରୁ ସେ ଚାଲି ଯାଇଥାନ୍ତେ । ନାରୀଟିଏ ସଧବା ହୋଇ ଆରପାରିକୁ ଯିବାକୁ ସବୁବେଳେ ମନାସି ଥାଏ । ଜେଜେମାଙ୍କୁ ସେ ଆଶୀର୍ବଦ କଣିକାରୁ ଠାକୁରେ କେମିତି ବଂଚିତ କଲେ, ସେ କଥା ତାଙ୍କୁ ଘାରି ଯାଉଥିଲା । ଅନ୍ୟଥା ଆଉ କେଇ ଦିନ ଘରର ଛୁଆପିଲା ଏବଂ ବିଶେଷକରି ନାତିନାତୁଣୀ ମାନଙ୍କ ସଂଗେ କଟିଯାଇଥିଲେ କଣ ସଂସାର ର ସବୁ ଓଲଟା ପାଲଟା ହେଇଯାଇଥାନ୍ତା !

******

ଏତେ ଜଗି ଜଗି ଠାକୁର ଶେଷକୁ ତାଙ୍କଠୁ ତାଙ୍କୁ ନେଇଗଲେ ! ସେ ବ୍ୟଥିତ ହେବାର ଅନ୍ୟ ଏକ କାରଣ, ମୋର କକେଇ ଅର୍ଥାତ ତାଙ୍କ ସାନପୁଅ ଅତି କମ ବୟସରେ ଭଗବାନଙ୍କୁ ମଧ୍ୟ ପ୍ରିୟ ହୋଇ ଯାଇଥିଲେ । ମୁଁ ଏଥିରୁ ଅନୁମାନ କରୁଥିଲି ହୁଏତ ଜେଜେମା ଠାକୁରଙ୍କ ଠାରୁ ଏକ ବିଶେଷ ଦେବା ନେବା ରୀତିର ଆଶା କରୁଥିଲେ । ଜେଜେ ଦୀର୍ଘାୟୁ ଅଥବା ଅମର ରୁହନ୍ତୁ । କିନ୍ତୁ ବିଧିର ବିଧାନ ବିଚିତ୍ର, କିଏ ବା ଏଡାଇ ପାରିବ !

ଜେଜେମାଙ୍କର ପାର୍ଥିବ ବିଚାର ଶକ୍ତିକୁ ସେତେବେଳେ ପୂର୍ଣ୍ଣମାତ୍ରାରେ କଳିବାର ପରିପକ୍ୱତା ମୋର ହୁଏତ ଆସିନଥିଲା । କିନ୍ତୁ ଯେଉଁ ଗୁରୁତ୍ୱପୂର୍ଣ୍ଣ ଦିଗଟି ମୋତେ ବାରମ୍ବାର ବ୍ୟଥିତ କରୁଥିଲା ତାହା ଏହି ଯେ ଉପାସନାର ଅର୍ଥ ଜଗତକର୍ତ୍ତାଙ୍କୁ ସ୍ମରଣ କରି ନିଜକୁ ଅମର ଅଥବା ଦୀର୍ଘାୟୁ କାମନା ପାଇଁ ନୁହଁ, ବରଂ ସୃଷ୍ଟିକର୍ତ୍ତାଙ୍କର ସୃଷ୍ଟିକୁ ନିଜ ଜୀବନକାଳ ମଧ୍ୟରେ ସଫଳ କରାଇବା ପ୍ରଚେଷ୍ଟାରେ ଉତ୍ସର୍ଗ କରିବା, ତେବେ ଯାଇ ଜୀବନ ସାର୍ଥକ ହେବ । କାରଣ ଜୀବନରେ ପ୍ରତ୍ୟେକଟି ମୁହୂର୍ତ୍ତ ହୀରା ସଦୃଶ ମୂଲ୍ୟବାନ । ପ୍ରତିଟି ଜୀବନ ମୂଳରେ ସୃଷ୍ଟିର ଉଦ୍ଦେଶ୍ୟ ପ୍ରଚ୍ଛନ୍ନ ଭାବରେ ଲୁକ୍କାୟିତ । ଏହି ଗୂଢ଼ ସତ୍ୟଟି ମୋ କିଶୋର ବୟସର କେତେ ପିଲାଙ୍କୁ ଘାରିଥିବ ମୁଁ ଜାଣେନା, କିନ୍ତୁ ମୋ ଜେଜେଙ୍କ ପାଇଁ ଭଗବାନଙ୍କ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଠାରେ ଜେଜେମାଙ୍କ ଭଳି ଅଳି କରି ଲୁହ ଗଡାଇବାର ପକ୍ଷପାତୀ ମୁଁ ନଥିଲି ।

ସ୍ୱାର୍ଥପରତାର ସବୁ ସରହଦ ବୋଧହୁଏ ମୋ ଜେଜେମାଙ୍କ କରୁଣା କ୍ରନ୍ଦନ ଟପି ଯାଇଥିଲା । ଯିବା ମଧ୍ୟ ସ୍ୱାଭାବିକ, ସେ ସ୍ୱାଭିମାନିନୀ ନାରୀ, ପତିବ୍ରତା । ତାଙ୍କ କର୍ତ୍ତବ୍ୟ ସେ କରୁଥିଲେ ନିଜ ପଣତରେ ଲୋତକ ଭିଜାଇ । ଘଟଣାଟିକୁ ମୁଁ ଅନ୍ୟ ପ୍ରକାରେ ଗ୍ରହଣ କରିଥିଲି ସେଦିନ । ସେଦିନ ମୁଁ ଅନୁଶୋଚନା କରିଥିଲି । କର୍ତ୍ତବ୍ୟ ସ୍ୱରୂପ ପ୍ରତିଜ୍ଞା କରିଥିଲି, ଉପାସନା ଏ ଅହଂ ପାଇଁ ନୁହଁ, ବରଂ ଆମ ସମସ୍ତଙ୍କ ପାଇଁ ହେଉ ଯାହା ସମ୍ମୋଚ୍ଚାରିତ ହେବ ସବୁରି କଣ୍ଠରୁ -

ସର୍ବେ ଭବନ୍ତୁ ସୁଖିନଃ,ସର୍ବେ ସନ୍ତୁ ନିରାମୟା ,

ସର୍ବେ ଭଦ୍ରାଣି ପଶ୍ୟନ୍ତୁ,ମା ..........

ଜେଜେଙ୍କ ସହିତ ମନ୍ଦିରରେ ପୂଜାପାଠ ଏବଂ ଜଣାଣ ଭଜନ ମୂଳରେ ଏଇ ଲକ୍ଷ୍ୟ ମଧ୍ୟ ମୋର ଥିଲା । ମୁଁ ତାଙ୍କ ସଂଗେ କେବଳ ମନର ନିର୍ମଳତା ଏବଂ ସାରା ଜଗତ ଏକ ପରିବାର ଭାବନା ନେଇ ଯାଉଥିଲି । ଅପାର ଆନନ୍ଦ ଲଭୁଥିଲି । ସେ ସାଧନା ମୋର ଅନେକାଂଶରେ ପୂର୍ଣ୍ଣ ହୋଇଥିଲା । କଦାଚିଦ ମନରେ ମୁଁ ପୁଷ୍ପ ଚନ୍ଦନ ଅର୍ଚ୍ଚନାରେ ଭଗବାନଙ୍କର ସନ୍ନିକଟ ହେବାକୁ ଚାହୁଁ ନ ଥିଲି ।

ଚାହିଁଥିଲି ଭଗବତ ପ୍ରେମର ମହାନତାକୁ ଉଦ୍ଭାସିତ କରିବା ପାଇଁ । କାରଣ ସ୍ୱଳ୍ପ ଜୀବନ କାଳରେ ତ ଅନେକ କିଛି ସମାଧାନ କରିବାକୁ ହେବ । ଅବଶ୍ୟ ପୁଷ୍ପ ଚନ୍ଦନ ଅର୍ଚ୍ଚନା ର ମୁଁ ବିରୁଦ୍ଧାଚରଣ କରୁ ନାହିଁ । କିନ୍ତୁ ତା ମୂଳରେ ନିହିତ ଗୁଢ ତଥ୍ୟ ଉଦ୍ଘାଟନ କରିବାର ପରିପକ୍ୱତା ଏବେ ଅନେକଙ୍କର ହୁଏତ ଆସିଥାଇପାରେ । ଏଇ ଅର୍ଚ୍ଚନା ମାଧ୍ୟମରେ ନିଜକୁ ପରିବ୍ୟାପ୍ତ କରିବାର ଏ ଏକ ସାଧନ ହୋଇପାରେ । ସଂକୀର୍ଣ୍ଣତା କୁ ଦୂର କରି ସେହି ପରମ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ବ୍ରହ୍ମଙ୍କ ସାନ୍ନିଧ୍ୟ ଲାଭ କରିବାର ଇଏ ଏକ ସୋପାନ ହୋଇପାରେ ଯଦି ଏହାକୁ ସେହି ଭାବେ ଗ୍ରହଣ କରାଯାଏ । ମୁଁ କିନ୍ତୁ ସଯତ୍ନ ଏଇ କଥାଟିକୁ ମୋଟାମୋଟି ଧରି ନେଇଥିଲି ,ଉପାସନାର ମାଧ୍ୟମ ମୋ ପାଇଁ କର୍ମରେ ହିଁ ସୀମିତ ରହୁ । କାରଣ ,କର୍ମେ ଜୀଏଁ ନର,କର୍ମ ଏକ ତାର ଜୀବନର ମାନଦଣ୍ଡ ।

ଏ ସମସ୍ତ ପରେ ଯଦୁନାଥ ବିମ୍ବାଧରଙ୍କୁ କହିଥିଲେ, ମୁଁ କେବେ ନାସ୍ତିକ ନଥିଲି । ପରଂବ୍ରହ୍ମଙ୍କ ଅସ୍ତିତ୍ୱ ମୁଁ ସର୍ବଦା ଅନୁଭବ କରିଛି । କିନ୍ତୁ ତାଂକର ସାନ୍ନିଧ୍ୟ ଲାଭ ପାଇଁ ମୋର ମାଧ୍ୟମ ସମ୍ପୂର୍ଣ୍ଣ ଭିନ୍ନ । ମୁଁ ଦେବାଳୟରେ ଯେଉଁ ଉପାସନା କଥା କହୁଛି ତାହା ନିର୍ମଳତା ପ୍ରାପ୍ତି ସହିତ ଏକ ବୃହଦ ଲକ୍ଷ୍ୟର ସମୀପବର୍ତ୍ତୀ ହେବା କଥା,ଐଶ୍ୱରୀୟ ଚେତନାର ସନ୍ଧାନରେ ନିଜକୁ ପରମାତ୍ମାଙ୍କ ସହିତ ଏକାକାର କରିବାର କଥା,ଯାହା ସେହି ପରମ ବ୍ରହ୍ମଙ୍କ ଇଛା ।

ବିମ୍ବାଧର ସେଦିନ ମନ୍ଦିର ଯାଇଥିଲେ । ଉପାସନାର ମାଧ୍ୟମ ତାଙ୍କର ପ୍ରଭାବିତ କି ନା ତାହା କେବଳ ଯଦୁନାଥ ହିଁ ଜାଣିପାରିଥିଲେ , କାରଣ ତା ପରଠୁଁ ଉଭୟଙ୍କୁ ଦେବାଳୟରେ ଉପାସନାର 'ବିଧି' ସମ୍ପର୍କିତ ଉପଦେଶ ଅନ୍ୟଙ୍କୁ ପ୍ରାଞ୍ଜଳ ଭାବେ ବୁଝାଉଥିବାର କେଇବାର ଦେଖାଯାଇଥିଲା ।

କଲେଜ, ଭଦ୍ରକ

ଭ୍ରାମ୍ୟାଭାଷ:୬୩୭୨୬୭୯୦୦୫

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଆଖିଏ ଲୁହ

ରାମ ବାବୁ ନିରୀହ ଚାହାଣୀରେ ଅପଲକ ଚାହିଁଥାନ୍ତି ପାଣିରେ ଭାସୁଥିବା ଚାଳଘରକୁ । କେବଳ ଘର ନୁହେଁ ଭାସୁଥାଏ, ଅନେକ ଦିନରୁ ସାଇତି ଥିବା ସ୍ୱପ୍ନ । କେଜାଣି କାହିଁକି ପ୍ରକୃତି ଗରିବ, ଦିନମଜୁରିଆର ସ୍ୱପ୍ନ ଭାଙ୍ଗେ, ବୋଧେ ଭାଙ୍ଗିବାକୁ ଭଲଲାଗେ ତାକୁ । ହେଲେ ବୁଝି ପାରେନି କ୍ରୁର ପ୍ରକୃତି ଗରିବ ଛାତିର କୋହ, ଝରି ଆସୁଥିବା ଆଖିଏ ଲୁହ ।

ପଲ୍ଲୀପୁର ଗାଆଁରେ ରାମ ବାବୁଙ୍କ ଘର । ରାମ ବାବୁ, ତାଙ୍କ ସ୍ତ୍ରୀ ରାଧା ଓ ଦୁଇ ପୁଅ ଝିଅକୁ ନେଇ ତାଙ୍କ ଟିକି ଦୁନିଆ । ପୁଅ ସତ୍ୟ, ଏବେ ଦଶମ ଶ୍ରେଣୀ ପରୀକ୍ଷା ଦେଇଛି । ଝିଅ ନାଁ ସେବତୀ, ଦୁଇ ବର୍ଷ ହେଲା ଯୁକ୍ତ ଦୁଇ ସାରି ଘରେ ବସିଛି ।



କାହ୍ନୁ ଚରଣ ସାହୁ

ସାବି (ସେବତୀ) ଭଲ ପଢୁଥିଲା, ସେଥିପାଇଁ ରାମବାବୁ ଶକ୍ତିମତେ ଯୁକ୍ତଦୁଇ ଯାଏଁ ପଢ଼େଇଲେ ଓ ତା'ପରେ ଆର୍ଥିକ ଅବସ୍ଥା ଆଗକୁ ବଢ଼ିବାକୁ ଦେଲାନି । ସାବି ଦେଖିବାକୁ ସୁନ୍ଦର ଓ ଅନେକ ଗୁଣର ଅଧିକାରିଣୀ ।

ରାମବାବୁଙ୍କ ପରିବାର ଛୋଟ ପରିବାର ଓ ସୁଖୀ ପରିବାର । ରାମବାବୁ ଦିନ ମଜୁରୀଆ, ଯାହା ସେ ଅର୍ଜନ କରନ୍ତି ସେଥିରେ ପରିବାର କଷ୍ଟେମଷ୍ଟେ ଚଳିଯାଏ । ହେଲେ, ମହାମାରୀ କରୋନା ଯୋଗୁଁ କେଇଦିନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହେଲା ମଜୁରୀରେ ଏପଟ ସେପଟ । କେବେ କାମ ମିଳେ ତ ଆଉ କେବେ ମିଳେନାହିଁ, କେବେ ପାଞ୍ଚଦିନ କାମ ହୁଏ ତ ଆଉ କେଉଁଥର ପନ୍ଦର ଦିନ ଘରେ ବସିବାକୁ ହୁଏ । ରାମ ବାବୁ ଓ ତାଙ୍କ ପତ୍ନୀ ଖୁବ ପରିଶ୍ରମୀ, ଯେବେ କାମ ମିଳେନି ଦୁହେଁ ଲାଗି ପଡନ୍ତି ଘରପଛ ଢ଼ିପ ଜମିରେ କିଛି ପନିପରିବା ଫଳେଇବାରେ ।

ପାଖ ଗାଁର ଜଣେ ଭଦ୍ରବ୍ୟକ୍ତି ତାଙ୍କ ପୁଅ ପାଇଁ ସାବିକୁ ବୋହୂ କରିବେ ବୋଲି ପ୍ରସ୍ତାବ ଦେଇଛନ୍ତି । ସେବେଠୁ କିଛି ଅର୍ଥ ଯୋଗାଡ଼ କରିବାରେ ଲାଗି ପଡିଛନ୍ତି ରାମବାବୁ । ପ୍ରସ୍ତାବ ଆସିବା ପରେ ଘରେ ସମସ୍ତେ ଯେତିକି ଖୁସି ତା'ଠୁ ଢେର ଅଧିକ ବ୍ୟସ୍ତ ଯୌତୁକ ଓ ବିବାହ ଖର୍ଚ୍ଚକୁ ନେଇ । ଠିକ ସେହି ସମୟରେ ପ୍ରକୃତିର କରାଳ ରୂପ ରାମବାବୁଙ୍କ ସୁନା ସପନ ଚୁନା କରିଦେଲା । ପ୍ରଖର ପବନରେ ଚାଳଘର ଛାତ ଉଡ଼ିଗଲା । ରାମବାବୁଙ୍କ ସ୍ୱପ୍ନ ଏବେ ଭେଳା ଭେଳା ହେଇ ବଢ଼ି ପାଣିରେ ଭାସିବାକୁ ଲାଗିଲା । ବର୍ଷାର ସ୍ରୋତରେ ହୁଏ ତ ଆଖିରୁ ଝରି ଆସୁଥିବା ଲୁହର ଧାର ଦେଖି ହେଉନି କିନ୍ତୁ ସାଗରରେ ପରିଣତ ହେବାର ସାମର୍ଥ୍ୟ ରହିଛି ।

ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି
ସମ୍ପାଦକ : ସୃଷ୍ଟି ସମ୍ଭାର
ଭ୍ରାମ୍ୟଭାଷ : ୮୨୪୯୫୨୦୮୮୦

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସୁନ୍ଦରୀ

ସୁନ୍ଦରୀ..... ଦୁଇ ଦୁଇ ଥର ରୋଗୀଣି / ଲୋମ ଝାଡି ହେବା ପରେ ବି ନିଜକୁ ଚିକ୍କଣେଇ ରଖିବାର ସବୁ ପ୍ରୟାସ ଜାରି ରଖିବାରେ କୌଣସି ହେଳା କରିବାର ମନେ ହେଉ ନଥାଏ । ଏମିତି ବି ରୋଗୀଣିଟିଏ ବୋଲି କେଉଁ କୁକୁର ତା ପ୍ରତି ଧ୍ୟାନ ଦେଉନାହାନ୍ତି । ବିଚାରି ମନରେ ଅନେକ ଆଶା । କାହା ସହ ଟିକେ ଭଲରେ ମିଶନ୍ତା, ଖେଳନ୍ତା, ବୁଲନ୍ତା । ତା ଠୁଁ ବଡ ଗୁଲି, ହେମ ଆଦି କେତେ ସଙ୍ଗୀ ହେଇ ବୁଲୁଛନ୍ତି... ଆଉ ସେ... ?

ଦିନେ ଏମିତି କିଛି ଭାବୁ ଭାବୁ ସେ ଉଠି ପଡିଲା ଆଉ ଏକ ମୁହଁ ହୋଇ ଚାଲିଲା.. ସହରର ଶେଷ ଆଡକୁ । ରାସ୍ତା କଡରେ ଜଣେ ଲୋକ କୁକୁର ମାନଙ୍କୁ ଖାଇବାକୁ ଦେଉଥାଆନ୍ତି । ସେ ବି ସେଠାକୁ ଗଲା । ସେଇ କୁକୁର ମାନଙ୍କ ଆକ୍ରୋଶର ଶୀକାର ହୋଇ ସେ ଦରମରା ହୋଇ ପଡିଲା । ଲୋକ ଜଣକ ଦୟାଳୁ ଥିଲେ । ସେ ତାକୁ ସେମାନଙ୍କ କବଳରୁ ବଞ୍ଚାଇ ନିଜ ଘରକୁ ନେଇଗଲେ । ସୁନ୍ଦରୀ ହୋସ୍ ଫେରିଲା ପରେ ନିଜକୁ କ୍ଷତବିକ୍ଷତ ଅବସ୍ଥାରେ ପାଇଲା । କିନ୍ତୁ ସେଇ କ୍ଷତ ଗୁଡିକୁ ସେଇ ଲୋକ ଜଣକ ଉପଯୁକ୍ତ ଚିକିତ୍ସା କରିଦେଇଥିଲେ । କିଛିଦିନ ଚିକିତ୍ସିତ ହେଲା ପରେ ସୁନ୍ଦରୀର ଦେହ ଠିକ୍ ହେବା ସହ ତା ଦେହର ଲୋମ ବି ପୁରା ଭାବରେ କଅଁଳିଲା । ସେଥିପାଇଁ ସୁନ୍ଦରୀ ବି ସେ ମହାଶୟଙ୍କୁ କୃତଜ୍ଞତା



ଦେବାଶିଷ ଦେଓ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

(ତା ପରିଭାଷା ରେ) ଜଣାଇବାରେ ହେଳା କରୁ ନଥାଏ । ତାଙ୍କ ପଡୋଶୀ ଘର କୁକୁର ଟଫି ସହ ସୁନ୍ଦରୀର ସବୁଦିନ ଦେଖାହୁଏ । ତାର ପ୍ରଜାତି ଅଲଗା ହେଲେ ବି ସେ ଦେଶୀ କୁକୁରଙ୍କ ସହ ସାଙ୍ଗ ହେବାରେ କୁଣ୍ଠାବୋଧ କରେନି । ତା ମାଲିକ ଯେତେବେଳ ଟିକେ ଅନ୍ୟମନସ୍କ ଥାନ୍ତି... ସେ ଖସିଆସି ସୁନ୍ଦରୀ ସହ ଭୂଇଁରେ ଲୋଟି ଖେଳା ଖେଳି କରେ । ଏ ସବୁ ଦେଖି ତା ମାଲିକ ବିଗିଡି ଯାଆନ୍ତି କିନ୍ତୁ ତା ଖୁସି ପାଇଁ କିଛି କୁହନ୍ତି ନାହିଁ । ଏମିତି କିଛି ସମୟ ମିଶିବା ପରେ ଦୁହେଁ ଦୁହିଁଙ୍କୁ ଘରକୁ ଫେରି ଯାଆନ୍ତି । କିନ୍ତୁ ଏବେ ଆଉ ତା ମାଲିକ ଆସୁ ନାହାନ୍ତି । ତାଙ୍କ ସ୍ତ୍ରୀ ଟଫିକୁ ନେଇ ଆସନ୍ତି, କିନ୍ତୁ ତଳେ ଗଡିଗଲେ କି କାହା ସହ ମିଶିଲେ ପାଟି କରନ୍ତି... ସୁନ୍ଦରୀ ପରି ଦେଶୀ କୁତ୍ତିଙ୍କ ସହ ଜମା ନୁହେଁ । ଏ ପରି ହେବାର ଦେଖି ଦୁହେଁ ବଡ ମନ କଷ୍ଟ କଲେ । ଆଉ ୟାଙ୍କର ହାବଭାବ ଦେଖି ସେଇ ଦୟାଳୁ ବ୍ୟକ୍ତି ଜଣଙ୍କ ଟଫିର ମାଲିକାଣୀଙ୍କୁ ଦୁହିଁଙ୍କୁ ମିଶିବା ପାଇଁ ଛାଡିବାକୁ କହିଲେ । ହେଲେ ସେ ବୁଝିଲେନି । ବିରକ୍ତି ହୋଇ କହିଲେ, ମୁଁ ଏତେ ଟଙ୍କା ୟା ପଛରେ ଉଡ଼ଉଚି.. ଏତେ ଯତ୍ନ ନେଉଛି... ତାକୁ ବୁଲା କୁକୁରଙ୍କ ତାର ଇନଫେକସନ୍ ହୋଇଯିବନି ? ?

ଟଫି ବିଚରା ଏକା ଏକା ବିରକ୍ତ ହୋଇ ଯାଏ । ଦୂରରୁ ତା ସାଙ୍ଗ ସାଥି ଅବା ସୁନ୍ଦରୀକୁ ଦେଖିଲେ କୁଁକୁଁ ହେଇ କାନ୍ଦେ ।

ସୁନ୍ଦରୀ ବି ମୁହଁକୁ ଭୂଇଁ ରେ ଘସି ଘସି ସାନ୍ତ୍ୱନା ଦେଉଥାଏ ।

ଟଫି ଆଉ କିଛି ଖାଇଲାନି କି ପିଇଲାନି । କାହା କଥା ବି ଶୁଣୁ ନଥାଏ । ସବୁବେଳେ ମୁହଁ କୁ ତଳକୁ କରି ଶୋଇ ରହିଲା । ମାଲିକାଣୀ ବ୍ୟସ୍ତ । ଡାକ୍ତର କହିଲେ..ରୋଗ ତ ସେମିତି କିଛି ଜଣା ପଡୁନି । ବୋଧହୁଏ କିଛି ଇନଫେକ୍ସନ୍ ହେଇଚି କି କଣ । ତା ଛଡା ଏ ପ୍ରଜାତି କୁକୁର ମାନେ ବହୁତ୍ ସୁକୁମାରିଆ ଆଉ ଜିଦିଆ ବି । ହଉ ଦେଖନ୍ତୁ, ମୁଁ ଔଷଧ ଦେଇ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଦେଇଚି । ଠିକ୍ ହେଇଯିବ ।

ଦିନକୁ ଦିନ ଅବସ୍ଥା ବିଗିଡି ବାରେ ଲାଗିଲା । ସେ ଠିକ୍ ସେ ଚାଲି ପାରିଲା ନାହିଁ । ତା ଏ ଅବସ୍ଥା ଦେଖି ମାଲିକାଣୀ ବ୍ୟସ୍ତ ହୋଇ ତାକୁ ରାସ୍ତାରେ ଛାଡି ଦେଇ ଆସିଲେ । ଟଫି ତାଙ୍କର ଏ ଚିନ୍ତାଧାରା ଦେଖି ଖୁବ୍ ଦୁଃଖୀ ହେଲା ସିନା... ସୁନ୍ଦରୀ କୁ ଦେଖି ଖୁସିରେ ନାଚି ଉଠିଲା । ସୁନ୍ଦରୀ ତା ଅବସ୍ଥା ଦେଖି କାନ୍ଦି ପକାଇଲା ଓ ଗେଲ କରିବାକୁ ଯାଇ ତା ଦେହ ସାରା ଚାଟିବାକୁ ଲାଗିଲା । କିଛିଦିନ ପରେ ସେ ବି ଠିକ୍ ହେଇଗଲା । ଆଗ ଭଳି ହୃଷ୍ଟପୃଷ୍ଟ ହେଇଗଲା... ସେଇ ମହାନ, ଦୟାଳୁ ବ୍ୟକ୍ତି ଙ୍କ ପାଇଁ । କାରଣ ସେ ସୁନ୍ଦରୀ ପରି ତାକୁ ବି ଆଶ୍ରୟ ଦେଇଥିଲେ ।

ଦିନେ ସକାଳୁ ସେଇ ମାଲିକାଣୀ ପ୍ରାତଃ ଭ୍ରମଣରେ ଆସିଥିଲେ । ଦୁଇଜଣ ଲୋକ ତାଙ୍କ ପିଛା କରୁଥାନ୍ତି । ଟଫି ନଜରରେ ପଡିଗଲେ । ସେ ସେମାନଙ୍କୁ ସେଠାରୁ ଭୁକି ଭୁକି ଘଉଡାଇ ଦେଲା । ମାଲିକାଣୀ ଟଫି କୁ ଦେଖି ଖୁସି ହେଇ ଗେଲ କରି ପକାଇଲେ । ସେ ତାକୁ ତାଙ୍କ ସହ ଯିବାପାଇଁ ଡାକିଲେ । ଟଫି ଦୌଡିଯାଇ ସୁନ୍ଦରୀ କୁ ସାଥିରେ ନେଇ ଆସି ତାଙ୍କ ଆଗରେ ଠିଆ ହେଇ ଚାହିଁଲା । ମାଲିକାଣୀ ଦୁହିଁଙ୍କୁ ଦେଖି ହସିଦେଲେ । ମନେ ମନେ କହିଲେ ଟଫି... ତୋ ରୋଗୀଣା ହେବା ଆଉ ଘର ଛାଡିବା ଉଦ୍ଦେଶ୍ୟ ମୁଁ ଜାଣି ପାରିଲି । ତୁ ପଶୁ ଟିଏ ହେଲେ ବି ତୋ ଚିନ୍ତାଧାରା ସତରେ କେତେ ମହାନ୍ । ନା ତୁ ତୋ ସାଥୀକୁ ଭୁଲିଲୁ ନା ତୋ ମାଲିକାଣୀ କୁ । ଯା... ତୋ ଇଚ୍ଛା... ତୋ ପାଇଁ ଆଉ ତୋ ସାଥୀ ପାଇଁ ମୋ ଗେଟ୍ ସବୁବେଳେ ଖୋଲା... ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୋଲାପ

ସିନିକୁ ଗଛପତ୍ରର ଭାରି ସଉକ, ଭଳିକି ଭଳି ଗଛ ନିଜ ବାଡ଼ିରେ ଲଗାଇଥାଏ, ଫୁଲ ଭିତରେ ଗୋଲାପ ତାର ଭାରି ପସନ୍ଦ ସେ ବି ନାଲି ଗୋଲାପ, କିନ୍ତୁ ତାର ମନରେ ଭାରି ଦୁଃଖ ଯେ ସବୁ ଫୁଲଗଛ ଥିବା ସତ୍ତ୍ୱେ ଗୋଲାପ ତା ବାଡ଼ିରେ ନଥାଏ । ସବୁବେଳେ ଖୋଜୁଥାଏ ନାଲି ଗୋଲାପ ଗଛଟିଏ ଆଣି ନିଜ ବାଡ଼ିରେ ଲଗେଇବ, ବଜାର ଗଳିକନ୍ଦି ସବୁ ଖୋଜିଲା କିନ୍ତୁ ଗଛଟିଏ ସହଜରେ ପାଇପାଇଲା ନାହିଁ ।

ପ୍ରବୀଣ ଓ ସିନି ଦୁହେଁ ଘନିଷ୍ଠ ବନ୍ଧୁ । କେଜାଣି କେମିତି ସେ ସିନିର ମନ କଥା ଜାଣିବାକୁ ପାଇଲା, ଯେ ସିନି ଏକ ନାଲିଗୋଲାପ ଗଛ ସନ୍ଧାନରେ ଅଛି । ପ୍ରବୀଣ ମନେମନେ ସ୍ଥିର କଲା ଯେ ସିନି ଜନ୍ମଦିନରେ ତାକୁ ଏକ ଗୋଲାପ ଗଛଟିଏ ଉପହାର ଦେବ । ସେ ମଧ୍ୟ ଚାରିଆଡ଼େ ଖୋଜିଲା କିନ୍ତୁ ଗଛଟେ ପାଇଲା ନାହିଁ, କଣ କରିବ, ଚିନ୍ତା କଲା ଯେ ସହରକୁ ଯାଇ ଗଛଟିଏ ନେଇ ଆସିବ ! ! ତା ପରଦିନ ବାହାରିଲା ସହର ଅଭିମୁଖେ, ସେଠିଥିବା ନର୍ସରୀରୁ ଗଛଟିଏ ଆଣିଲା, ଭାରି ଯତ୍ନରେ ତାକୁ ରଖିଥାଏ ।



ଆର୍ଷୀ ଉପାସନା କର

କିଛିଦିନ ପରେ ସିନିର ଜନ୍ମଦିନ ବି ଆସିଲା, ଠିକ୍ ସେଦିନ ଯାଇ ତାକୁ ଦେଖା କଲା ଓ ଗୋଲାପ ଗଛଟି ଉପହାର ସ୍ୱରୂପ ଦେଲା, ଗୋଲାପ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗଛଟିକୁ ଦେଖି ସିନି ସେଦିନ ଭାରି ଖୁସି, ହେବନି ବି କେମିତି ଯୋଉ ଗଛକୁ ବହୁ ଦିନ ଧରି ଗଳିକନ୍ଦି ବୁଲି ଖୋଜୁଥିଲା ସେଟାକୁ ଯେ, ସେ ପାଇଗଲା । ପ୍ରବୀଣ କହିଲା ଗଛଟିକୁ ବହୁତ କଷ୍ଟରେ ସହରରୁ ଯାଇ ଆଣିଚି, ତାର ଉଚିତ୍ ଯତ୍ନ ନେବ । ସିନି ହସିକରି ମଧ୍ୟ ହଁ ଟେ ମାରିଦେଲା । ଏତିକି କହି ଚାଲି ଆସିଲେ ସେଠାରୁ ଦୁହେଁ । ସିନି ଗଛଟିକୁ ଯତ୍ନ ସହକାରେ ନେଇ ଗୋଟେ ମାଟି କୁଣ୍ଡରେ ଲଗେଇ ଦେଲା । ପ୍ରବୀଣ ତା ମନ କଥା ଜାଣିପାରି ତା ପାଇଁ ଗୋଲାପ ଗଛଟିଏ ଆଣିଦେଇ ଥିବାରୁ ତା ପ୍ରତି ଆଉ ଟିକେ ଭଲପାଇବା ବଢ଼ିଗଲା, ସେ ମନେ ମନେ ସ୍ଥିର କଲା ଗଛଟିରେ ପ୍ରଥମ ଫୁଲ ଫୁଟିଲେ ପ୍ରବୀଣକୁ ଯାଇଦେଇ ଆସିବ । ଗଛଟିର ଖୁବ୍ ଯତ୍ନ ନେଉଥାଏ ସେ, ଧୀରେ ଧୀରେ ଗଛ ବଢ଼ିବାକୁ ଲାଗିଲା, ନୂଆନୂଆ ପତ୍ର ବି କଅଁଳିଲା । ଗଛଟି ବଢୁଥିବାର ଦେଖି ସେ ବହୁତ ଖୁସି ବି ହେଇ ଯାଉଥାଏ । ସବୁଦିନ ଉଠି ଆଗ ଯାଇ ଦେଖେ କଢ ହେଇଚି କି ନାହିଁ, କିନ୍ତୁ ହେଇନଥାଏ, ସିନି ଗଛଟିର ଆହୁରି ଯତ୍ନ ନେଲା, କିଛିଦିନ ପରେ ସକାଳୁ ଉଠି ଦେଖେ ତ ସେଥିରେ ଗୋଟେ କଢ଼ ହେଇଚି, ସେ ତ ଖୁସିରେ କହିଲେ ନସରେ । କେବଳ ଫୁଟିବା ଅପେକ୍ଷାରେ ଥିଲା । ଧୀରେ ଧୀରେ କଢ଼ିଟି ତାର ପୂର୍ଣ୍ଣ ରୂପ ନେଲା ଓ ଏକ ସୁନ୍ଦର ନାଲି ଗୋଲାପ ହୋଇ ଫୁଟିଲା । ଫୁଲକୁ ଦେଖି ବହୁତ ଆନନ୍ଦିତ ଥାଏ ସିନି, ମୁହୂର୍ତ୍ତେ ବି ଅପେକ୍ଷା ନ କରି ସାଙ୍ଗେ ସାଙ୍ଗେ ଫୁଲକୁ ନେଇ ଚାଲିଲା ପ୍ରବୀଣ ଘରକୁ ।

ସେଠାକୁ ଯାଇ ଦେଖେ ତ, ସେଠି ସବୁ ଶୂନଶାନ । ତାଙ୍କ ଘର ଜଗୁଆଳି ଖାଲି ଘର ଜଗିଥାନ୍ତି, ଜଗୁଆଳି ମଉସା କହିଲେ ପ୍ରବୀଣ ବାବାଙ୍କ ଯିବା ପରେ ପରେ ସମସ୍ତେ ଘର ଛାଡ଼ି ଅନ୍ୟତ୍ର ରହୁଛନ୍ତି । ଏହା ଶୁଣି ଟିକେ ସ୍ତବ୍ଧ ହୋଇଗଲା ସେ, ପାଦ ତଳୁ ମାଟି ଖସିଗଲା ପରି ଲାଗୁଥାଏ ତାକୁ । ବିଚଳିତ ହୋଇ ସିନି ପାଦ ଆଗକୁ ବଢାଇ ଚାଲିଲା, ପ୍ରବୀଣ ରହୁଥିବା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରୁମ୍ ଆଡ଼କୁ, ସେଠାରେ ଗୋଟେ ଡାଇରୀ ପଡ଼ିଥାଏ, କିଛି ନ ଭାବି ଆଗକୁ ଆଗକୁ ଡାଇରୀ ଖୋଲିଲା ଓ ଗୋଟେ ଗୋଲାପ ଫୁଲ ମଧ୍ୟ ପାଇଲା ଯାହାକି ପୁରା ଶୁଷ୍କ ଓ ନିସ୍ତେଜ ଅବସ୍ଥାରେ ଥାଏ, ଲେଖା ଥିଲା ଡିଅର ସିନି, ମୋ ମନ କଥା ମନରେ ରହିଗଲା, ତୁମକୁ କହି ପାରିଲିନି, ତୁମକୁ ମୁଁ ମନେମନେ ଭଲପାଇ ବସିଥିଲି, କିନ୍ତୁ ଭଗବାନଙ୍କ ନିର୍ଦ୍ଦେଶ କିଛି ଅଲଗା ଥିଲା । ଏଇ ଗୋଲାପ ଫୁଲଟି ତୁମ ପାଇଁ ଆଣିଥିଲି କିନ୍ତୁ ଦେଇପାରିଲି ନାହିଁ, ମୋତେ କ୍ଷମା କରିଦେବ, ମୋତେ ବ୍ଲଡ଼ କ୍ୟାନ୍ସର, ମୁଁ ଆଉ କିଛି ଦିନର ଅତିଥି ମାତ୍ର, ତୁମେ ତୁମର, ଆଉ ମୁଁ ଦେଇଥିବା ଗଛର ଯତ୍ନ ନେବ । ଇତି ତୁମର ପ୍ରବୀଣ ।

ଏତିକି ପଢି ସିନି ଚିତ୍କାର କରି କାନ୍ଦିବାକୁ ଲାଗିଲା, ଆଉ ସେଠି ରହିପାରିଲା ନାହିଁ । ପ୍ରଥମ ଫୁଲଟିକୁ ବି ଦେଇ ପାରିଲାନି ଜାଣି ଆହୁରି ଜୋରରେ କାନ୍ଦିବାକୁ ଲାଗିଲା । ଏମିତି ଦିନ ପରେ ଦିନ ବିତି ଚାଲିଥାଏ । ଗଛଟିର ଯେମିତି କିଛି କ୍ଷତି ନ ହୁଏ ସେଥିପାଇଁ ସିନି ଗଛରେ ସାର ଆଣି ଦେଲା ଓ ଠିକ୍ ଭାବେ ଅଧିକ ଯତ୍ନ ନେଲା କାହିକିଁ ନା ତା ପାଖେ ପ୍ରବୀଣ ସିନା ନଥିଲା କିନ୍ତୁ ସେ ଦେଇଥିବା ଶେଷ ସନ୍ତକ ଥିଲା ସେ ଗୋଲାପ ଗଛଟି, ପ୍ରବୀଣକୁ ସିନା ସେ ହରେଇଦେଲା କିନ୍ତୁ ସେ ଦେଇଥିବା ଗଛଟିକୁ ସେ ଯେମିତି ନ ହରାଏ ସେଥିପାଇଁ ଦିନରାତି ଏକ କରି ଗଛର ଯତ୍ନ ନେଲା, କିଛି ଦିନପରେ ଦେଖିଲା ଗଛରେ କଢିଗୁଡ଼ିକ ଭର୍ତ୍ତି ହୋଇଥାଏ, କଢ଼ି ଗୁଡ଼ିକ ଫୁଟିବା ଯାଏଁ ଅପେକ୍ଷାରେ ରହିଲା । ପରଦିନ ସକାଳୁ, ସିନି ଫୁଲଗୁଡିକୁ ତୋଳି, ଚାଲିଲା ଶ୍ମଶାନ ଆଡ଼କୁ ।

ନୟାଗଡ଼

Listen to Odia Podcast on https://anchor.fm/aahwaan

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

# ଫୁଲଦାନୀ

ବହୁବର୍ଷ ତଳେ ବିଜୟ ନଗର ନାମକ ରାଜ୍ୟରେ ରାଜା କୃଷ୍ଣଦେବ ରାୟଙ୍କର ରାଜୁତି ଥିଲା । ରାଜା ବହୁତ ଜ୍ଞାନୀ ତଥା ପ୍ରଜାବତ୍ସଳ ଥାଆନ୍ତି । ରାଜା କୃଷ୍ଣଦେବ ରାୟ ପ୍ରତିବର୍ଷ ବିଜୟ ନଗରରେ ବାର୍ଷିକ ଉତ୍ସବ ବଡ଼ ଧୂମଧାମରେ ପାଳନ କରନ୍ତି । ପଡୋଶୀ ରାଜ୍ୟ ସହିତ ତାଙ୍କର ସୁସମ୍ପର୍କ ଥିବା କାରଣରୁ ଅନେକ ରାଜା ମହାରାଜା ଉତ୍ସବରେ ଭାଗ ନିଅନ୍ତି ଓ ତାଙ୍କୁ ବହୁତ ଗୁଡିଏ ଉପହାର ପ୍ରଦାନ କରନ୍ତି । ଗୋଟେ ବର୍ଷ ବିଜୟ ନଗର ଉତ୍ସବରେ ତାଙ୍କୁ ୪ଟି ଦାମୀ ଫୁଲଦାନୀ ଉପହାର ରୂପେ ମିଳିଥାଏ ।

ଫୁଲଦାନୀକୁ ଦେଖିବା ମାତ୍ରେ ରାଜାଙ୍କ ମନ ସେଥିପ୍ରତି ଆକର୍ଷିତ ହୋଇଗଲା । କେମିତି ନ ହେବ ? ପ୍ରକୃତରେ ୪ଟି ସାରା ଫୁଲଦାନୀର ଶୋଭା ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥାଏ । ତାହା ଦେଖି ଜଣା ହେଉଥାଏ ପ୍ରକୃତରେ ଦୁନିଆର ସମସ୍ତ ରଙ୍ଗକୁ ମିଶାଇ ଚିତ୍ରିତ କରାହୋଇଛି ।



ସୁଧାଂଶୁ ଶେଖର ଦ୍ୱିବେଦୀ

ଯେବେ ସେହି ଫୁଲଦାନୀକୁ ଦେଖାରଖା କରିବାକୁ ଖୋଜା ପଡ଼ିଲା ରାଜ ମହଲରେ ରହୁଥିବା ସବୁଠାରୁ ବିଶ୍ୱସ୍ତ ଓ ଯୋଗ୍ୟତମ ସେବକ ରାମୟାକୁ ସେହି କାର୍ଯ୍ୟ ସମର୍ପଣ କରା ହେଲା । ରାମୟା ପ୍ରତିଦିନ ଖୁବ୍ ଧ୍ୟାନର ସହିତ ଫୁଲଦାନୀ ଗୁଡିକର ଦେଖାରଖା କରେ । ଫୁଲଦାନୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉପରେ କେବେବି ଧୂଳି ମଳି ଲାଗିବାକୁ ଦିଏନାହିଁ କି କାହାକୁ ହାତ ମାରିବାକୁ ଦିଏନାହିଁ ।ବଡ଼ ଆନନ୍ଦ ମନରେ ସକାଳେ ସକାଳେ ତଟକା ଓ ସୁଗନ୍ଧିତ ଫୁଲର ଛଡ଼କୁ ଆଣି ସେସବୁ ଫୁଲଦାନୀରେ ସଜାଇ ଶୋଭା ବର୍ଦ୍ଧନ କରାଏ ।

ଦିନେ ସେ ଫୁଲଦାନୀକୁ ସଫା କରୁଥିବାବେଳେ ହଠାତ ତା ହାତରୁ ଗୋଟେ ଫୁଲଦାନୀ ଖସିଯାଇ ତଳେ ପଡି ଚୁନା ଚୁନା ହୋଇଗଲା । ରାମୟା ମନ ଭିତରେ ଭୟର ଲହଡି ମାଡି ଆସିଲା । ରାଜା ଜାଣିଲେ ତାପ୍ରତି କିପ୍ରକାର ଦଣ୍ଡ ବିଧାନ କରିବେ ଏଇ ଭାବନାରେ ସ୍ଥାଣୁ ସଦୃଶ ଠିଆହୋଇ ଥରିବାକୁ ଲାଗିଲା । ପରେ ପରେ ସତକୁ ସତ କଥା ଯାଇ ରାଜାଙ୍କ କାନରେ ପଡିଲା । ରାଜା ସେତେବେଳେ ସଭାସଦଙ୍କ ସହିତ ସଭାକାର୍ଯ୍ୟରେ ବ୍ୟସ୍ତ ଥାଆନ୍ତି । ଫୁଲଦାନୀ ଭାଙ୍ଗିବା କଥା ଶୁଣିବା କ୍ଷଣି ତୁରନ୍ତ ସେ କ୍ରୋଧାନ୍ୱିତ ହୋଇ ରାମୟାକୁ ଫାଶୀ ଦଣ୍ଡାଦେଶ ଶୁଣେଇଦେଲେ । ବିଚରା ରାମୟା ଫାଶୀ ଦଣ୍ଡ ପାଇବା କଥା ଶୁଣି ବିକଳରେ କାନ୍ଦିବାକୁ ଲାଗିଲା । ରାଜାଙ୍କ ସଭାରେ ତାଙ୍କର ପ୍ରିୟ ଅଷ୍ଟ ଜ୍ଞାନୀଙ୍କ ମଧ୍ୟରେ ତେନାଲି ରାମ ବସିଥାଆନ୍ତି । ରାଜାଙ୍କ ଆଦେଶ ଶୁଣିବା ପରେ ସେ କିଛି ପରାମର୍ଶ ଦେବାପାଇଁ ଇଛା କଲେ । କିନ୍ତୁ ସେତେବେଳେ ରାଜାଙ୍କର କ୍ରୋଧ ଏତେ ମୁଣ୍ଡଉପରକୁ ଉଠିଯାଇଥାଏ ଯେ ସେ କାହାରି କଥା କି ପରାମର୍ଶ ଶୁଣିବା ଅବସ୍ଥାରେ ନଥାନ୍ତି । ସ୍ଥିତି ଅନୁକୂଳ ନୁହେଁ ବୋଲି ବୁଝିପାରି ତେନାଲି ରାମ ଚୁପ ରହିବାକୁ ଉଚିତ ମଣିଲେ ।

ଫାଶୀର ଦିନ ନିଧାର୍ଯ୍ୟ କରାଗଲା । ସେବକ ରାମୟା ନିଜ ମୃତ୍ୟଦଣ୍ଡ ପାଇବା ଭୟରେ କାନ୍ଦି କାନ୍ଦି ପୁରା ବେହାଲ ହୋଇ ଯାଇଥାଏ । ଦିନେ ତେନାଲି ରାମ ବନ୍ଦୀ ଗୃହରେ ଥିବା ରାମୟାକୁ ଦେଖା କରିବାପାଇଁ ଗଲେ । ତାଙ୍କୁ ଦେଖିବା ପରେ ରାମୟା ନିଜ ପ୍ରାଣକୁ ବଞ୍ଚାଇବା ଲାଗି ବହୁତ ଗୁଆରି କଲା । ତେନାଲି ରାମ ରାମୟା କାନପାଖରେ କିଛି କଥା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

କହି ଫେରି ଆସିଲେ । ତାଙ୍କ ଠାରୁ ଅଭୟ ପରାମର୍ଶ ପାଇ ତାର ଭାବ ସ୍ୱଭାବ ଶାନ୍ତ ହେଲା ଆଖିରୁ ଲୁହ ପୋଛି ସାଷ୍ଟମ ହେଲା ।

ଶେଷରେ ରାମୟାର ଫାଶୀ ଦିନ ଉପସ୍ଥିତ ହେଲା । ସେ ଫାଶୀ ଖୁଣ୍ଟ ନିକଟରେ ନିଶ୍ଚିନ୍ତ ଶାନ୍ତ ଭାବେ ଠିଆ ହୋଥାଏ । ଫାଶୀ ଦେବା ପୂର୍ବରୁ ରାମୟାର ଶେଷ ଇଛା କଣ ପଚରାଗଲା । ରାମୟା ସଙ୍ଗେ ସଙ୍ଗେ କହିଲା, "ମହାରାଜ ! ଫାଶୀ ପାଇବା ପୂର୍ବରୁ ମୁଁ ଥରେ ଅନ୍ୟ ତିନୋଟି ଫୁଲଦାନୀକୁ ଶେଷଥର ଦେଖିବାକୁ ଚାହେଁ ।"

ରାମୟାର ଅଜବ ପ୍ରକାର ଇଛା ଶୁଣିବା ପରେ ରାଜାଙ୍କ ସମେତ ସେଠାରେ ଉପସ୍ଥିତ ଅନ୍ୟ ପାରିଷଦବର୍ଗ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଜଣେ ଅନ୍ୟ ଜଣଙ୍କୁ ପ୍ରଶ୍ନବାଚୀ ମୁଦ୍ରାରେ ଦେଖୁଥାଆନ୍ତି । ଯାହା ବି ହେଉ ମୃତ୍ୟୁଦଣ୍ଡ ପାଇଥିବା ଲୋକର ଇଛା ପୂରଣ ହେବ । ରାଜାଙ୍କ ଆଦେଶ ଅନୁସାରେ ଅନ୍ୟ ତିନୋଟି ଫୁଲଦାନୀକୁ ଅଣାଗଲା । ରାମୟା ପ୍ରଥମେ ସେହି ଫୁଲଦାନୀକୁ ଭଲଭାବେ ନିରିଖେଇ ଦେଖିନେଲା । ପୁଣି ଗୋଟେ ପରେ ଗୋଟେ ଫୁଲଦାନୀ ଉଠେଇ ତଳେ କଚାଡି ଭାଙ୍ଗିବାକୁ ଲାଗିଲା । ତାର ଏଭଳି ପାଗଳାମୀ ଦେଖି ସମସ୍ତେ ତଟସ୍ଥ ।

ରାଜା ରାଗରେ ଗଁ ଗଁ ହୋଇ ଗର୍ଜନ କରି ପଚାରିଲେ, "ମୂର୍ଖ ! ତୋର ଏତେ ସାହାସ ହେଲା କିପରି ? କାହା ସାହାସରେ ତୁ ଏଭଳି ଦୁଃସାହସ କାମ କଲୁ ?"

ରାମୟା ନିର୍ଭୟରେ କହିଲା, "ମହାରାଜ ! ମୋର ସାମାନ୍ୟ ଭୁଲ ପାଇଁ ଆପଣଙ୍କର ଗୋଟେ ଦାମୀ ଫୁଲଦାନୀ ଭାଙ୍ଗିଗଲା । ଯେଉଁଥିପାଇଁ ମୋତେ ମୃତ୍ୟୁ ଦଣ୍ଡର ଆଦେଶ ମିଳିଛି । ଯଦି ଭବିଷ୍ୟତରେ ଆଉ କେହି ସେବକ ଦ୍ୱାରା ଫୁଲଦାନୀ ଭାଙ୍ଗିଯାଏ ତାହେଲେ ଆପଣ ତାକୁ ମୋହରି ଭଳି ମୃତ୍ୟୁ ଦଣ୍ଡ ଶୁଣାଇବେ । କିନ୍ତୁ ମୁଁ ଚାହେଁନାହିଁ ପୁଣିଥରେ ଆଉ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେହି ସେବକକୁ ମୃତ୍ୟୁ ଦଣ୍ଡ ମିଳୁ । ସେଥିପାଇଁ ବାକିଥିବା ଫୁଲ ଦାନୀକୁ ଭାଙ୍ଗିଦେଲି ।”

ରାମୟ୍ୟାଠାରୁ ଏଭଳି ଉକ୍ତି ଶୁଣି ରାଜା କୃଷ୍ଣଦେବ ରାୟ ଯେତେ ବିସ୍ମିତ ହେଉଥାଆନ୍ତି ସେତେ ପରିମାଣରେ ସନ୍ଦେହୀ ହୋଇ ପଡୁଥାଆନ୍ତି । ଜଣେ ସେବକ ମୁଣ୍ଡରେ ଏଭଳି ବୁଦ୍ଧି ସୃଷ୍ଟି ହେବା ଅସମ୍ଭବ । ତେବେ ସେ ଯାହା କହୁଛି ଅକ୍ଷରେ ଅକ୍ଷରେ ଠିକ । କୌଣସି ନିର୍ଜୀବ ଫୁଲଦାନୀ ଅପେକ୍ଷା ମଣିଷ ଜୀବନ ବହୁତ ମୂଲ୍ୟବାନ । କ୍ରୋଧବଶତଃ ସେ ଗୋଟେ ବଡ଼ ଭୁଲ କରିବାକୁ ଯାଉଥିଲେ । ନିଜର ଭୁଲ ସୁଧାରିବା ପାଇଁ ରାମୟ୍ୟାକୁ ମୁକ୍ତ କରିବା ନିମନ୍ତେ ଆଦେଶ ଦେଲେ ।

ଅନତି ଦୂରରେ ଠିଆ ହୋଇଥିବା ତେନାଲି ରାମ ରାଜାଙ୍କର ପରିବର୍ତ୍ତନକୁ ଦେଖି ମନ୍ଦ ମନ୍ଦ ହସୁଥାଆନ୍ତି । ତେନାଲି ରାମଙ୍କ ହସ ମଧ୍ୟରେ କିଛି ରହସ୍ୟ ଲୁଚି ରହିଛି ବୋଲି ରାଜା ବେଶ ଅନୁମାନ କରି ପୁଣିଥରେ ରାମୟ୍ୟାକୁ ପଚାରିଲେ, “ତୋତେ ଫୁଲଦାନୀ ଭାଙ୍ଗିବାକୁ କିଏ କହିଥିଲା ?” ରାମୟ୍ୟା ତେନାଲି ରାମଙ୍କ ପରାମର୍ଶ ବିଷୟରେ ରାଜାଙ୍କୁ ସବୁ ଜଣାଇଲା । ରାଜା ସବୁ ଜାଣିବାପରେ ତେନାଲିରାମଙ୍କ ପାଖକୁ ଯାଇ ଆଲିଙ୍ଗନ ବଦ୍ଧ କରି କହିଲେ, “ସତରେ ଆଜି ତୁମେ ମୋତେ ବହୁତ ବଡ଼ ଭୁଲ କରିବା ପୂର୍ବରୁ ବଞ୍ଚେଇଦେଲ ତେନାଲି । ତୁମ ଜ୍ଞାନ ଓ ବୁଦ୍ଧିକୁ ଧନ୍ୟ । ତୁମ ଭଳି ହିତୈଷୀ ଦୁନିଆରେ ବିରଳ ।”

ବିସି-୭୪,ସଲଟ ଲେକ,କଲକତା-୬୪
ମୋ-୭୨୯୦୩୪୭୨୫୯
email-dwibedysudhansu@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

# ଦୁଇଟି ଛୋଟ ଗପ

ପ୍ରଥମ ଗପ - ଦାଗ

ରେଳ ଷ୍ଟେସନରେ ଡେରି ହୋଇ ଯାଇଥିବା ଟ୍ରେନ୍‌କୁ ଅପେକ୍ଷା ଯେମିତି ବିରକ୍ତିକର... ଠିକ୍ ସେମିତି ରେଳ ଫାଟକରେ ନିଜ କାର୍ ଭିତରେ ଫାଟକ୍ ଉଠିବା ପର୍ଯ୍ୟନ୍ତ ଅପେକ୍ଷା ବି ବହୁତ ବିରକ୍ତିକର । ଆଉ ଯଦି ଅପ୍ ଆଉ ଡାଉନ୍ ଦୁଇ ଲାଇନ୍ ବାଲା ଫାଟକ ହୋଇଥିଲେ କଥା ସରିଲା.... ।

ଏମିତି ଭାବନାରେ ଫଶିଥିଲେ ଶୁଭକାନ୍ତ । ଏବେ ଏବେ ତ ଡାଉନ୍ ଲାଇନରେ ପାସେଞ୍ଜର୍ ଟା ଗଲା....ଫାଟକ୍ ଖୋଲୁନି... ତା' ମାନେ ଅପ୍ ଲାଇନ କ'ଣ ଗୋଟାଏ ଆସୁଥିବ ! !

ଏତିକି ବେଳେ ଆଖି ତା'ର ଟାଣି ହୋଇଗଲା ସାମ୍ନାରେ ଅପେକ୍ଷାରେ ଥିବା କଳା ମଚ୍ ମଚ୍ ଏସ୍‌ୟୁଭି ଗାଡି ଉପରେ । ଦାମୀ ଗାଡିଟା ନିଶ୍ଚୟ । ରାସ୍ତା କଡ ଗଛ ତଳେ ଠିଆ ହୋଇ ସିଗାରେଟ୍ ଟିଣିବାରେ ବ୍ୟସ୍ତ ଥିବା ଭଦ୍ରବ୍ୟକ୍ତି ମାଲିକ ନିଶ୍ଚୟ ହୋଇଥିବେ । ବେଶଭୂଷାରୁ ଜଣାପଡୁଥିଲେ ବେଶ୍ ସମ୍ଭ୍ରାନ୍ତ । ମନ ଭରି ସିଗାରେଟ୍‌କୁ ଉପଭୋଗରେ ଟାଣି... ଧୂଆଁ ସବୁକୁ ଛାଡୁଥିଲେ ଶୂନ୍ୟ ଆକାଶକୁ । ହଠାତ୍ କ'ଣ ଦେଖିଲେ କେଜାଣି ଗାଡିର୍ ପଛ ପଟ ବଂପର୍ ପାଖକୁ ଆସି ଅତି ନିରେଖି ଦେଖି ଗାଡିର



ଆଶୁତୋଷ ମେହେର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦେହରେ ଆଙ୍ଗୁଠି ଖେଳାଇ ଆଣି ପରୀକ୍ଷା କରିନେଲେ ସେ । କିଛି ଆଞ୍ଚୁଡା ଦାଗ ଲାଗିଯାଇଛି ବୋଧେ କେଉଁଠି ଘସି ହୋଇ । ବିରକ୍ତି ଭାବ ଫୁଟି ଉଠିଥିଲା ତାଙ୍କ ମୁହଁରେ । ଶୁଭକାନ୍ତ ଭଲ ଭାବରେ ଦେଖିପାରୁଥିଲେ ଯେ ! !

ଭଦ୍ରବ୍ୟକ୍ତି ଜଣକ ସିଗାରେଟର ଶେଷ ଅଂଶକୁ ତଳେ ପକାଇ ଯୋରରେ ପାଦତଳେ ଦଳି ପକାଇଲେ ଓ ପକେଟରୁ ନୂଆଁ ଖଣ୍ଡେ ବାହାର କରି ଲାଇଟର୍ ଜଳାଇ ଆଉ ଗୋଟାଏ ଦମଦାର୍ ଧୂଆଁ ଟାଣି ପକାଇଲେ ! ! ଭଦ୍ରବ୍ୟକ୍ତି ଗାଡି ଉପର ଦାଗ ଦେଖି ଟେନସନରେ ଆସିଗଲେ ବୋଧେ ! !

ଶୁଭକାନ୍ତ ମନେ ମନେ ହସିଲା । ଗାଡି ଉପର ସାମାନ୍ୟ ଗୋଟାଏ ଦାଗ ପାଇଁ ଏତେ ଚିନ୍ତା.... ହେଲେ ସିଗାରେଟ୍ ଧୂଆଁରେ ଅହରହ ଛାତି ଭିତରେ ଦାଗ ଟାଣିଲା ବେଳେ ତ ସେ ମନଭରି ଉପଭୋଗ କରିଚାଲିଥିଲେ ! !

ଅପ୍ ଲାଇନରେ ଫାଟକ୍ ପାରି ହେଉଥିବା ଟ୍ରେନ ଶବ୍ଦରେ ଚିନ୍ତା ଭାଙ୍ଗିଲା ଶୁଭକାନ୍ତଙ୍କ । ସିଟ୍ ବେଲଟ୍ ଭିଡି ଗାଡି ଷ୍ଟାର୍ଟ କଲେ । ସେ ଅଜଣା ଭଦ୍ରବ୍ୟକ୍ତି ବି ଗାଡିରେ ବସି ସାରିଥିଲେ । ତାଙ୍କ ଡ୍ରାଇଭର ଗାଡି ଷ୍ଟାର୍ଟ କଲାଣି ମଧ୍ୟ ।

ରେଳ ଫାଟକ୍ ଧୀରେ ଉପରକୁ ଉଠିଲାଣି ।

ଏଥର ଗିଅର୍ ବଦଳାଇଲେ ଶୁଭକାନ୍ତ ! !

ଦ୍ୱିତୀୟ ଗପ - ବିଷବଳୟ

ଏବର ସମୟରେ ସମସ୍ତଙ୍କୁ କରୋନାର ଭୟ ।

ଜ୍ୱର କାଶ ହେଲା ତ... ଡାକ୍ତରଖାନା ଯାଅ... କୋଭିଡ୍ ଟେଷ୍ଟ କର ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେ ବି କରିଥିଲେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ । କାଶ ହୋଇ ଛାତି ବିନ୍ଧୁ ଥିଲା... ତେଣୁ ଛାତିର ଏକ୍ସରେ ବି କରିଥିଲେ ତାଙ୍କ କଥାରେ ।

ତହିଁ ପର ଦିନ ଟେଲିଫୋନ୍ ଡାକରା ପାଇଁ ଧାଇଁଗଲେ ସେ ଡାକ୍ତରଖାନାକୁ । ଡାକ୍ତର ତାଙ୍କ ମୁହଁକୁ ଅନାଇଲେ ତ ପିପିଇ ପୋଷାକ ଆଖି ଘୋଡଣୀ ଭିତରୁ ।

...ଆପଣଙ୍କ କରୋନା ପଜିଟିଭ୍ ଆସିଛି । ଏକ୍ସରେ ପାଇଁ କହିଥିଲି କରିଛନ୍ତି ?

ସୁକାନ୍ତ ବାବୁ ଖୋଳ ସହ ବଢାଇଦେଲେ । ଡାକ୍ତରବାବୁ ଏକ୍ସରେ ଫିଲ୍ମିମ୍ କୁ ଲାଇଟରେ ଦେଖି ଆହୁରି ବେଶୀ ଗମ୍ଭୀର ହୋଇଗଲେ ଯେମିତି ।

ଅନେକ ପ୍ରଶ୍ନ ଉଁକି ମାରୁଥିଲା ସୁକାନ୍ତ ବାବୁ ଙ୍କ ମନରେ ।

....ସିଗାରେଟ୍ ପିଅନ୍ତି ? ଡାକ୍ତର ପଚାରିଲେ ।

...ହଁ ସାର୍ ।

....କେତେ ପରିମାଣରେ ? ?

ଦୋଦୁଲ୍ୟମାନ କଣ୍ଠରେ ସୁକାନ୍ତ ମୁହଁରୁ ବାହାରିଲା.....ଦିନକୁ ଦୁଇ ପେକେଟରୁ ବି ବେଶୀ

...କୋଡିଏ ଖଣ୍ଡ ସିଗାରେଟ୍ ଦିନକୁ ? ? କେତେ ଦିନ ହେଲା ଏଇ ବଦଅଭ୍ୟାସ ଆପଣଙ୍କ ? ?

....ପ୍ରାୟ ଦଶ ବର୍ଷ ତଳରୁ...ବେଶୀ ବି ହୋଇପାରେ ! !

ନୀରବତା ଛାଇଗଲା ଯେମିତି କୋଠରୀ ଭିତରେ ।

ତେବେ କଣ ଏଡମିଟ୍ ହେବାକୁ ହେବ ସାର୍ ? ? କୋରେନା ପଜିଟିଭ ହୋଇଛି ଯେ ! ! ନା ଦରକାର ନାହିଁ । ଦଶ ବର୍ଷ ଧରି ସିଗାରେଟ୍ ପିଇପିଇ ଫୁସଫୁସର ଅବସ୍ଥା ଯାହା

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

କରିସାରିଛନ୍ତି ସେଥିରେ କୋରୋନା ଭୂତାଣୁ ବି କରିବେ କଣ ? କଣ ଅଛି ଯେ ସେମାନେ ଆଉ ଖାଇବେ ନଷ୍ଟ କରିପାରିବେ ? ଆପଣଙ୍କ ଫୁସଫୁସର ବିଷ ବଳୟରେ କରୋନା ଭୂତାଣୁ ଗୁଡା ବି ଅସହାୟ ହୋଇ ପଡିବେ । ଘରକୁ ଫେରି ଯାଆନ୍ତୁ... ସଙ୍ଗରୋଧରେ ରହିଯିବେ କିଛି ଦିନ । ତାପରେ କରୋନା ପରୀକ୍ଷା ଆଉଥରେ କରିନେବେ । କରୋନା ନେଗେଟିଭ୍ ହୋଇଯିବେ ସେତେ ବେଳକୁ ନିଶ୍ଚୟ !!

୫୪ ଆର୍ଯ୍ୟପଲ୍ଲୀ
କିଟଛକ,ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅକ୍ଷୟ ତୃତୀୟା

ସୁଜଳା ସୁଫଳା ଶସ୍ୟ ଶ୍ୟାମଳା ଆମ ଉତ୍କଳ ପ୍ରଦେଶ । ଆରାଧ୍ୟ ଦେବତା ବଡ଼ ଠାକୁର ପ୍ରଭୁ ଶ୍ରୀଜଗନ୍ନାଥ । ତାଙ୍କର ନୀତିକାନ୍ତିକୁ ଧରି ଓଡ଼ିଶାର ବାରମାସରେ ତେରପର୍ବ ପାଳିତ ହୁଏ । ରାତି ପାହିଲେ ଅକ୍ଷୟ ତୃତୀୟା । ସନିଆର ବାପାମା ଙ୍କର ଆନନ୍ଦ କହିଲେ ନ ସରେ । ସନିଆର ବାପା ରଘୁଆ ହାଟକୁ ଯାଇ ନୂଆ ଗଉଣି, ନୂଆ ବୋଝ କିଣି ଆଣିଛନ୍ତି । ନିଜ ପାଇଁ ଧୋତି ଗାମୁଛା କିଣିଛନ୍ତି । ଆସନ୍ତା କାଲିକୁ ଧାନ ଅନୁକୂଳ ହେବ । ଜମିରେ ଅକ୍ଷିମୁଠି ବୁଣାଯିବ । ମା ଲକ୍ଷ୍ମୀଙ୍କୁ ସ୍ୱାମୀ ସ୍ତ୍ରୀ ଦ୍ୱିଜଣ ଯାକ ବାରବାର ଡାକୁଛନ୍ତି । ମା ଗୋ ଏ ବର୍ଷ ଯେମିତି ଫସଲ ଭଲ ହେଉ । ରାତ୍ରିରେ ଖିଆପିଆ ସାରି ସନିଆ, ରଘୁଆ, ରତନୀ ଓ ରଘୁଆର ମା ଶୁକୁରି ଶୋଇ ପଡିଲେ । ବଡି ଭୋରୁ ରତନୀ ଉଠି ଦାଣ୍ଡ ଦୁଆରରେ ଗୋମୟ ପାଣି ଛାଟିଲା । ଘର ଦ୍ୱାର ଲିପା ପୋଛା କଲା । ଶୌଚ ସାରି ତରତରରେ ଗାଧୋଇ ପଡିଲା । ଅରୁଆ ଚାଉଳ ବାଟି ବୋଝ, ଗଉଣୀକୁ ଝୋଟି ଚିତାରେ ସଜାଇଲା । ଦାଣ୍ଡ ଦୁଆରରେ ଝୋଟି ଦେଲା । ସେଠାରେ କଳସ ଗୋଟିଏ ବସାଇଲା । କଳସ ତଳେ ଧାନ କିଛି ରଖିଲା । ଆମ୍ବ ଡାଳ ତା ଉପରେ ଥୋଇଲା । ଦୁବ, ବରକୋଳି ପତ୍ର ଓ ଫୁଲ ରଖି କଳସକୁ ସଜାଇଲା । ଧୂପ ଦୀପ, ଚନ୍ଦନ, ସିନ୍ଦୂର ସବୁ ରଖିଲା । ବୋଝରେ ଧାନ



ବାସନ୍ତୀଲତା ଜେନା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରଖି ହଳଦୀ, ଚନ୍ଦନ, ସିନ୍ଦୂର ଲଗାଇ ଦେଲା । ଗଉଣିରେ ଚକୁଳି ପିଠା କ୍ଷିରୀ କରି ରଖିଲା । ଏହି ସମୟରେ ରଘୁଆ ଗାଧୋଇ ନୂଆ ଲୁଗା ପିନ୍ଧି ସେଠାକୁ ଆସିଲା । ରଘୁଆ ମହାଲକ୍ଷ୍ମୀଙ୍କୁ ଭୋଗ ଲଗାଇଲା । ରଘୁଆର ସ୍ତ୍ରୀ ରତନୀ ଶଙ୍ଖ ବଜାଉଥାଏ । ହୁଳହୁଳି ପକାଉଥାଏ ।

ରଘୁଆ ଅକ୍ଷୀ ମୁଠି ବୁଣିବା ପାଇଁ ଧାନ ବୋଝ ଓ ଗଉଣି ଧରି ଜମିକୁ ବାହାରିଲା । ସାଙ୍ଗରେ ତାର ପୁଅ ସନିଆ ଗଲା ହଳଲଙ୍ଗଳ ନେଇ । ଜମି ପାଖରେ ପହଂଚି ରଘୁଆ ଜମିର ପୂର୍ବ ଦିଗରେ ଐଶାନ୍ୟ କୋଣରେ କିଛି ମାଟି ଖୋଳି ସେଠାରେ ଗୁଆ ଓ ଅକ୍ଷୀ ମୁଠି ବୁଣି ମାଟି ଘୋଡାଇ ଦେଲା । କ୍ଷିରୀ, ପିଠା ଥୋଇ ଭୋଗ ଲଗାଇଲା । ଧୂପ ଦୀପ ଜାଳିଲା । ମା ଲକ୍ଷ୍ମୀଙ୍କୁ ଆରାଧନା କରି କହିଲା କୃପା କରିବୁ ଲୋ ମା, ଏ ବର୍ଷ ଯେପରି ଫସଲ ଭଲ ହେବ । ପେଟପାଟଣା କଥା । ଦୟା କରିବୁ ଲୋ ମା । ଏତିକି କହି ସାଷ୍ଟାଙ୍ଗ ପ୍ରଣିପାତ କଲା ।

ତା'ପରେ ଜମିରେ ମୁଠା ମୁଠା ଧାନ ଛାଟି ଜମିକୁ କର୍ଷଣ କଲା । ଦିନ ଦ୍ୱିପ୍ରହରରେ ଅକ୍ଷୀ ମୁଠି ବୁଣି ରଘୁଆ ଘରକୁ ଫେରିଲା । ଖାଇପିଇ ଟିକେ ଦାଣ୍ଡ ପିଣ୍ଡାରେ ଶୋଇ ପଡିଲା । ଗଛ ଲତାର ସୁଲୁସୁଲୁ ପବନରେ ରଘୁଆକୁ ନିଦ ହୋଇଗଲା । ସନିଆର ଜେଜେମା ଦାଣ୍ଡ ପିଣ୍ଡାରେ ବସି ଆମ୍ବରୁ ଚୁପା ଛଡାଉ ଥିଲେ । ଆମ୍ବୁଲ କରିବା ପାଇଁ । ସନିଆ କହିଲା, ଜେଜେମା ଅକ୍ଷୀ ମୁଠି ତ ବାପା ବୁଣି ଦେଲେ । ଆଜି ଦିନକୁ ଅକ୍ଷିମୁଠି ଦିନ ନ କହି କାହିଁକି ଅକ୍ଷୟ ତୃତୀୟା କହନ୍ତି ? ଜେଜେମା ତାକୁ ବୁଝାଇ କହିଲେ ଅକ୍ଷୟ ମାନେ ଯାହାର କ୍ଷୟ ନାହିଁ । ତୃତୀୟା ମାନେ ନିତି । ଅର୍ଥାତ ବୈଶାଖ ମାସ ଶୁକ୍ଳ ପକ୍ଷ ତୃତୀୟା ତିଥିକୁ ଅକ୍ଷୟ ତୃତୀୟା କହନ୍ତି । ଏହି ଦିନ ଯେଉଁ କର୍ଯ୍ୟ କଲେ ସବୁ କାର୍ଯ୍ୟ ଶୁଭ ହୋଇଥାଏ । ଏହା ଓଡ଼ିଶାର କୃଷିଭିତ୍ତିକ ଗଣ ପର୍ବ । ପବିତ୍ର ଦିବସ । ସିଦ୍ଧିର ଦିବସ । ଆଜିର ଦିନରେ ପାଞ୍ଜି ଦେଖି ଶୁଭ ଦିନ ନିର୍ଣ୍ଣୟ କରିବା ଦରକାର ହୁଏ ନାହିଁ । ଅକ୍ଷୟ ତୃତୀୟରେ ଗୃହ ନିର୍ମାଣ, ଗୃହ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରତିଷ୍ଠା, ବିବାହ, ଉପନୟନ ଯାହା କଲେ ସବୁ ଶୁଭ ହୁଏ ।

ଜାଣିଛୁ ସନିଆ ! ଆଜି ଦିନରେ ମା ସୀତା ଜନ୍ମ ହୋଇଥିଲେ । ରାଜା ଜନକ ଜଣେ ରାଜା ହେଲେ ବି ସେ କୃଷି କାର୍ଯ୍ୟ କରୁଥିଲେ । ଅକ୍ଷୟ ତୃତୀୟା ଦିନ ସେ ଅକ୍ଷୀ ମୁଠି ବୁଣି ଜମିରେ ହଳ କରୁଥିବା ସମୟରେ ସୀତାଙ୍କୁ ମାଟି ତଳୁ ପାଇ ତାଙ୍କୁ ନିଜ ଝିଅ କରି ରଖି ଥିଲେ । ସୀତା ଭୂମିରୁ ଜନ୍ମ ହୋଇ ଥିବାରୁ ତାଙ୍କୁ ଭୂମିଜା ବୋଲି କହନ୍ତି । ସନିଆ କହିଲା ଆଉ କଣ ହୁଏ ଜେଜେମା ? ସୁକୁରି କହିଲା ଆଜି ଦିନରେ ବଳଦେବଙ୍କର ରେବତୀଙ୍କ ସହିତ ବିବାହ ହୋଇଥିଲା । ଭଗବାନ ବିଷ୍ଣୁ ଷଷ୍ଠ ଅବତାରରେ ପର୍ଶୁରାମ ରୂପେ ଜନ୍ମ ନେଇ ଥିଲେ ପୃଥିବୀ ପୃଷ୍ଠରେ । ଆଜି ଦିନରେ ଜୟ ଦେବ ଜନ୍ମ ହୋଇଥିଲେ । ସେ ଗୀତ ଗୋବିନ୍ଦ ଲେଖି ଥିଲେ । ସେହି ଗୀତ ଶୁଣି ବଡ଼ ଠାକୁର ଶୋଉଥିଲେ । ଆଜି ଦିନରେ ବଡ଼ ଠାକୁରଙ୍କର ରଥ ଯାତ୍ରା ପାଇଁ ରଥ କାଠ ଅନୁକୂଳ ହୁଏ । ଚନ୍ଦନ ଯାତ୍ରା ଆରମ୍ଭ ହୁଏ । ଶ୍ରୀଜଗନ୍ନାଥ ଓ ଲିଙ୍ଗରାଜ ପ୍ରଭୁ ଚାପ ଖେଳନ୍ତି । ଅର୍ଥାତ ଜଳ କ୍ରୀଡା କରନ୍ତି । ଏ ସବୁ ଘଟିଥିଲା ସତ୍ୟ ଯୁଗ ଶେଷ ଓ ତ୍ରେତୟା ଯୁଗ ଆରମ୍ଭରେ । ସନିଆ କହିଲା, ଜେଜେମା ! ତୁମେ ଏତେ କଥା କେଉଁଠୁ ଜାଣିଲ ? ଜେଜେମା କହିଲେ ଏ ସବୁ ପୁରାଣରେ ଲେଖା ଅଛି । ତୁ ପଢିଲେ ବହୁତ କଥା ଜାଣି ପାରିବୁ ॥

ଗାନ୍ଧିନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅକୁହା କଥାରୁ କିଛି

ଆଜି ଅନେକ ଦିନ ପରେ ପୁଣିଥରେ ସେଇ ରାସ୍ତା ଦେଇ ଯିବାକୁ ବାଧ୍ୟ ହେଲି ମୋର କିଛି ଜରୁରୀ କାମ ପାଇଁ । ସେ ରାସ୍ତା ସହ ଥାଏ ଅନେକ ଅଭୁଲା ପୁରୁଣା ସ୍ମୃତି । ଖାସ ସେଇ ଅତୀତର ସ୍ମୃତି ଗୁଡା ମନେ ପଡି ବର୍ତ୍ତମାନକୁ କଷ୍ଟ ଦିଏ ବୋଲି ସେ ରାସ୍ତା ଛାଡ଼ି ଦେଇଥିଲି । ଆଜି ହଟାତ ସେଇ ରାସ୍ତାରେ ଛିଡା ହୋଇଥିବା ବେଳେ ଲାଗିଲା ଯେମିତି ସେ ମୋତେ କ୍ରସ୍ କରିଗଲା ସେଇ ପୁରୁଣା ଷ୍ଟାଇଲ୍‌ରେ, ସେଇ ରଙ୍ଗର ସାଇକେଲ୍, ଆଉ ଡ୍ରେସ୍‌ଟା ବି ଥିଲା ସେଇ ରଙ୍ଗର, ମୁଁ ବି ନିଜକୁ ସେଇ ଅତୀତକୁ ବୋଧେ ନେଇ ଯାଇଥିଲି, ସ୍କୁଟିଟାକୁ ଷ୍ଟାର୍ଟ କଲି । ସେ ସେତେବେଳକୁ ଅନେକ ବାଟ ପହଞ୍ଚିଲାଣି ଭାବିଲି ଆଜି ବୋଧେ ତା ସହ ଆଉ ଦେଖା ହୋଇ ପାରିବନି ଆଉ ଜୋରରେ ଚଳେଇଲି, ହଠାତ ମୋ ଗାଡ଼ି ଆଗକୁ ଗୋଟେ ଡଉଲ-ଡାଉଲ ବାଛୁରୀ ଛୁଆଟେ ଚାଲିଆସେ ଆଉ ମୁଁ ଭାରସାମ୍ୟ ହରାଇ ରାସ୍ତା କଡକୁ ସ୍କୁଟିସହ ଖସି ପଡେ, ଆଉ ସେତେବେଳେ ମୋର ଚେତା ପଶେ ଏ ସିଏ ନୁହେଁ ମୁଁ ଯାହାକୁ ଖୋଜୁଥିଲି, ସେ ତ ଆଜି ତା ଜୀବନସାଥୀ ସହ ଏ ସହରରୁ ଅନେକ ଦୂରରେ... ଏ ଭିତରେ ଟ୍ରେନ ଯାଇ ବିଶାଖାପାଟଣା ଅତିକ୍ରମ କଲାଣି ଆଉ କାହାଣୀ ଶୁଣି ଶୁଣି ବି ପାଖରେ ବସିଥିବା ସେଇ ଅଜଣା ଅଚିହ୍ନା ଲୋକଟି



ଉତ୍ତମ ମହାପାତ୍ର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଟିକିଏ ଗଭୀର କୋହଭରା କଣ୍ଠରେ କୁହେ - ସେ ଚାଲିଗଲା ପରେ କଣ ତମକୁ କେବେ ଦୁଃଖ ଲାଗିନି ?

ପ୍ରତିଉତ୍ତରରେ ଅଜୁ - ହଁ କଷ୍ଟ ତ ଲାଗିଛି କିନ୍ତୁ ମୋର ପରିବାରର ଅବସ୍ଥିତି, ସ୍ନେହ, ଶ୍ରଦ୍ଧା ମୋତେ ସେ କଷ୍ଟକୁ ବେଶି ଉପଭୋଗ କରିବାକୁ ଦେଇନାହିଁ । ଘରର ଗୋଟେ ବୋଲି ପୁଅ ସବୁ ଅଳି ଅଝଟ ସହି ଦୁଃଖ କଷ୍ଟକୁ ମୁଣ୍ଡରେ ବୋଝ ଭଳି ମୁଣ୍ଡେଇ ମୋତେ କେବେ ଅଭାବକୁ ଅନୁଭବ କରିବାକୁ ଦେଇ ନାହାନ୍ତି । ଠିକ ଏଇ ସମୟ ରେ ଜୋର ସେ ବର୍ଷା ଓ ପବନ ଯୋଗୁ ଟ୍ରେନର ଝରକାରୁ ବର୍ଷା ଟୋପା ଝପକି ପଡେ ଅଜୁ ଉପରେ, ସଙ୍ଗେ ସଙ୍ଗେ ଅଜୁ ଝରକାକୁ ପକେଇ ଦିଏ ଆଉ ପୁଣିଥରେ ତା ଜୀବନର ଅକୁହା କଥାକୁ ଓଗାଳିବାକୁ ପ୍ରସ୍ତୁତ ହୁଏ ସେଇ ଅପରିଚ ଲୋକ ପାଖରେ, ପରିବାରର ଏତେ ଭଲପାଇବା ପାଇଲା ପରେ ବି ଆଉ କାନ୍ଦିବି କାହିଁକି ବୋଲି କୁହେ, "ପ୍ରକୃତ ଭଲ ପାଇବା ତ ସେଇୟା ନା ଭଲ ପାଉଥିବା ଲୋକଟାର ସବୁ ବେଳେ ଶୁଭ ମନାସିବା ସେ ଯଉଁଠି ବି ଥାଉ ଭଲରେ ଥାଉ, ପୁଣି ଉଦାହରଣ ଦିଏ ମନକୁ ବୁଝେଇବାକୁ ଯାଇ କେଦାର-ଗୌରୀ ଆଉ ଦେବଦାସ-ପାରୋର ଅମେଳିତ ପ୍ରେମର । ସେମାନଙ୍କ ପ୍ରେମ ସହ ନିଜ ପ୍ରେମକୁ ତଉଲି ପକାଏ । ଘଟଣା ଆଜିକୁ ୩ ବର୍ଷ ତଳର ପୁରା ସଜ ପଖାଳ ଭଳି ସତେଜ ରହିଛି ରାଜୁର ହୃଦୟରେ, ଜୀବନର ଅକୁହା କଥାକୁ କହିଲା ବେଳେ ଟିକିଏ ବାଷ୍ପରୁଦ୍ଧ ହଉଥାଏ, ହବନି ବା କେମିତି ଦୃଦୟ ଦେଇ ଭଲ ପାଉଥିବା ହୃଦୟଟା ଆଜି ଆଉ କାହାର ରୋଷେଇ ଘରେ । ଅପରିଚିତ ଲୋକଟି କାହାଣୀ ଶୁଣୁଶୁଣୁ ତାର ହୃଦୟ ଭିତରେ ଏମିତି ଅନେକ ପ୍ରଶ୍ନ ଆସୁଥାଏ । ଇତିମଧ୍ୟରେ ଟ୍ରେନ ଯାଇ ବିଜୟୱାଡ଼ା । ଇଟିଲି ....ଇଟିଲି ..ସମ୍ବର, ଏଗ ବିରିୟାନି ବୋଲି ହୁରି ପଡେ କାହିଁକି ନା ସେତେବେଳକୁ ରାତ୍ରିଭୋଜନ ସମୟ ଆସିଗଲାଣି ଅଜୁ ଓ ସେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଜଣା ଲୋକଟି ଟ୍ରେନରୁ ଓହ୍ଲେଇ କଦଳୀ କିଣିବାକୁ ଲାଗିଲେ କାହିଁକି ନା ଉଭୟଙ୍କ ପାଖରେ ପାଉଁରୁଟି ରହିଥାଏ । ଦି'ଜଣ ପୁଣି ଟ୍ରେନକୁ ଉଠି ପରସ୍ପର ଭିତରେ ଖାଇବାକୁ ବାଣ୍ଟି ଖାଇଲେ । ଉଭୟ ଶୋଇବାକୁ ପ୍ରସ୍ତୁତ ହେଲେ ଆଉ ନିଜ ନିଜ ସିଟରେ ଶୋଇଲେ କିନ୍ତୁ ସେ ଅପରିଚିତ ଲୋକଟି ମନରେ ଅଜୁର ପୁରା ପ୍ରେମ କାହାଣୀ ଶୁଣିବାକୁ ଇଛା ଭରି ରହିଥାଏ ଆଉ ରାଜୁକୁ ଗଭୀର କଣ୍ଠରେ କୁହେ ରାଜୁବାବୁ କାହାଣୀ ଆଗକୁ ବଢ଼ାଓ କିନ୍ତୁ ବର୍ଷାର ଶୀତଳତା ରାଜୁର ଆଖିରେ ମାଦକ ଭରା ନିଦ ଭରି ଦେଉଥାଏ । ରାଜୁ ନିଦୁଆ କଣ୍ଠରେ କୁହେ ଭାଇ ଆଉ ଯାହା ରହିଲା କାଲି ସକାଳେ କହିବି, ବହୁତ ନିଦ । ଅପରିଚିତ ବ୍ୟକ୍ତି ଜଣକ କୁହନ୍ତି ଠିକ ଅଛି ରାଜୁ ଭାଇ ଶୁଭରାତ୍ରୀ, ତମ କାହାଣୀ ଶୁଣିବାକୁ କାଲି ସକାଳକୁ ଅପେକ୍ଷା କଲି । ଏବେ ଦୁଇ ଜଣ ଶୋଇପଡିଲେ, ସକାଳ ହେଲା ଚା ବାଲା ବଗି ଭିତରେ ରଡି ଛାଡୁଥାଏ ଚାଇ....ଚାଇ.....ଆଉ ହଟାତ ନିଦ ଭାଙ୍ଗିଯାଏ ସେଇ ଅପରିତ ଲୋକଟିର, ନଜର ପଡେ ସାମ୍ନାରେ ଥିବା ରାଜୁର ସିଟରେ, ଦେଖେ ତ ସେଇଠି ଜଣେ ଦକ୍ଷିଣ ଭାରତୀୟ ଲୋକ ବସିଥାନ୍ତି ଆଉ ତାଙ୍କ ପାଖରେ ପଡିଥାଏ ଏକ ବାଦାମୀ ରଙ୍ଗର ଡାଏରୀ । ତାଙ୍କୁ ପ୍ରଶ୍ନ କରନ୍ତି ହିନ୍ଦୀରେ ଏ ସିଟରେ ଥିବା ଲୋକଟି କେଉଁଠି ଓହ୍ଲେଇଲେ ଜାଣିଛନ୍ତି କି ? ସେ ଉତ୍ତର ଦିଅନ୍ତି ହିନ୍ଦୀରେ କିନ୍ତୁ ତେଲୁଗୁ ଉଚ୍ଚାରଣ ଭଳିଆ - ବୋଧେ ପୂର୍ବ ଷ୍ଟେସନରେ ଆଉ ହଁ ଏ ଡାଏରିଟି ତମକୁ ଦବା ପାଇଁ କହିଯାଇଛନ୍ତି । ଡାଏରି ଟି ଆଣି ସେ ତାଙ୍କ ବ୍ୟାଗରେ ପୁରାନ୍ତି ଆଉ ତାଙ୍କର ଗନ୍ତବ୍ୟ ସ୍ଥଳ ଷ୍ଟେସନରେ ଓହ୍ଲେଇ ସେଇ ଷ୍ଟେସନରେ ଫ୍ରେସ୍ ହୋଇ ନିଜର କିଛି ବ୍ୟକ୍ତିଗତ କାମ ପାଇଁ ପ୍ରସ୍ତୁତ ହୁଅନ୍ତି ଏମିତି ଚାରିଦିନ ପରେ ନିଜ ଘରକୁ ଫେରି ସେ ଡାଏରିକୁ ଖୋଲନ୍ତି ଓ କାହାଣୀକୁ ପଢ଼ନ୍ତି, କାହାଣୀ ଶେଷରେ ଲେଖାଥାଏ- ଭାଇ ଆପଣଙ୍କ କାହାଣୀଟି ପୁରା କହିବା ପାଇଁ ସମୟ ପାଇଲିନି ବହୁତ ଅଳ୍ପ ସମୟ ଭିତରେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବହୁତ ନିଜର ଲାଗିଥିଲ ତେଣୁ ମୋ କାହାଣୀଟି ତମକୁ କହିଲି ବାକିତକ କାହାଣୀ ମୋ ଡାଏରିରୁ ପଢ଼ିନେବେ । କିନ୍ତୁ କିଛି ଅକୁହା କଥାକୁ କାହା ପାଖେ ପ୍ରକାଶ ନ କରିବାକୁ ତାର ଅନୁରୋଧ ଥିଲା କାହିଁକିନା ସେ ଜାଣିଥିଲା ସେ ଅପରିଚିତ ଜଣଙ୍କ ଲେଖକ ବୋଲି ଆଉ ସେଇ ଅପରିଚିତ ଜଣକ ଏ କାହାଣୀର ଲେଖକ, ଆଶ୍ଚର୍ଯ୍ୟର କଥା ସେ ସେଇ ଡାଏରିଟିକୁ ସମୁଦ୍ର ଗର୍ଭକୁ ଦେଇ ଦବାର ଅନୁରୋଧ ମଧ୍ୟ କରିଥିଲା ବୋଧହୁଏ ସେଇଥିରେ ତାର ଅନେକ କିଛି ସ୍ମୃତି ଥିଲା ଯାହାକୁ ସେ ଭୁଲିବାକୁ ଚେଷ୍ଟା ସତ୍ତ୍ୱେ ବି ଭୁଲିପାରୁ ନଥିଲା ।

ବାଲେଶ୍ୱର, ୭୫୬୦୦୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କବିତା ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅମରଜ୍ୟୋତି କାବ୍ୟ ସ୍ୱୟମ୍ବର



ଦେବଦତ୍ତ ସୁନା

ପ୍ରଥମ ଛାନ୍ଦ

ପ୍ରଥମ ଅଧ୍ୟାୟ (ଭାଗ ୧୨)

ଅଳ୍ପ ସମୟରେ କବିଙ୍କ ପାଖରେ
ସମସ୍ତ ବିଦ୍ୟା ଲଭିଛି,
ଅତି ସୂକ୍ଷ୍ମ ମତି ପାଇଁ କୁସଙ୍ଗତି
ଲଭି ଏ ମନ୍ଦ କରିଛି ।
ଅନଳରୁ ବଳି ସିଏ ତ ପ୍ରବଳ
ଜ୍ୱଳନ୍ତ ନିଆଁ ପିଣ୍ଡୁଳା,
ଅଗତି ଚାହିଁଲେ ସାଙ୍ଗ ସାଥିମେଳେ
କରିଛି କର୍ମ ଅଭୁଲା ।
ଅଶ୍ରୁ ପୋଛି ହେଲି ଶୁଣି ତ କହିଲି
ଅହଂକୁ ସେ ନ ମାରିଲେ,
ଅଦୂରରେ ରହି ପ୍ରାଣ ଦେବି କହି
ଗରଳ ସତ ପିଇଲେ ।
ଅଙ୍ଗରକ୍ଷକ ମୋ ଏହି କଥା ଶୁଣି
କହିଲେ ପିଇଲେ ଭଳ,
ଅନନ୍ତ ଚିନ୍ତାରୁ ସିଏ ମୁକ୍ତ ହେବେ
ଲଭିବେ କୋଟିଏ ବଳ ।
ଅଳିକେ କେବଳ କିଛି ମାତ୍ର କାଳ
ବଂଚିଛି ବି ଅନ୍ୟ ପାଇଁ,
ଅନେଇଲେ ମତେ କାଳ ଡାକେ ସତେ
ସପନରେ ସତ କାହିଁ ।
ଅଳପ ସମୟ ରହିଛି ତ କହି
ସୂଚନା ଦିଏ ତାହାଙ୍କୁ,
ଅମର ନୁହଁନ୍ତି ସିଏ ଜାଣିଛନ୍ତି
ଚାହାଁନ୍ତି ସେ ମରିବାକୁ ।
ଅଶ୍ରୁଧାର ପିଇ ବଂଚୁଛନ୍ତି କହି
ହସିଲେ ଅଧର ଖୋଲି,
ଅଜାଣତେ କାହିଁ ଅଶ୍ରୁଝରି ଯାଇ
ନୟନେ ରହିଲା ଢଳି ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଅଦୂରରେ ରହି କଷ୍ଟ ଦିଏ କହି
ରୋକିଦେଲେ ନିଜ ପାଦ,
ଅମର ପ୍ରେମର ଦ୍ୱିଧାରେ ଅନ୍ତରେ
ଅନ୍ତରେ ବି ଅବସାଦ ।
ଅଙ୍ଗରୁ ନିଜର ଖୋଲିଲେ ବସ୍ତର
ଥୋଇଦେଲେ ହାତେ କହି
ଅଗମ୍ୟ ପଥରେ ଚାଲିବେ ସେ ଥରେ
ସବୁ ବାଧା ବିଘ୍ନ ସହି ।
ଅଳୀକ ମୋହର ପ୍ରେମରେ ତାଙ୍କର
ଅନ୍ତର ନାଶିବେ ଯାଇ,
ଅନୁରୋଧ କଲେ ମୁହିଁ ବଂଚିଥିଲେ
ବଂଚିବେ ମାଁ ବାପା ଭାଇ ।
ଅନୁରୋଧ ପୁଣି କଲେ ହାତ ଟାଣି
ଦେଇବି ବସ୍ତ୍ର କାବ୍ୟଙ୍କୁ,
ଅଳୀକ କହିବି ଦୂର ସିଏ ଭାବି
ଯାଇଛନ୍ତି ଡାକିବାକୁ ।
ଅତି ଆଦରରେ ପୁଣି ଯାଇ ଥରେ
ବିଦାୟ ମାଗିଲେ ତହିଁ,
ଅଷ୍ଟ ଶିଷ୍ୟ ସାଥେ ଅନେକ ଶିଷ୍ୟଙ୍କୁ
ମେଳାଣି ନେଉଛି କହି ।
ଅଳ୍ପ ଦିନ ପରେ ଫେରିବେ ତ କହି
ଛିଡ଼ାଥିଲେ ସେହିଠାରେ,
ଅନୁରୂପ ପୁଣି ସର୍ବ ଶିଷ୍ୟ ଜାଣି
ପ୍ରଣାମ କଲେ ମଥାରେ ।
ଅନେଇଲି ତେବେ କ୍ଷତ ତହିଁ ଥିବେ
ଯେଉଁଠି ନିଜେ ପୂର୍ବରୁ,
ଅସୀ ଆଘାତରେ କ୍ଷତ କରିଥିଲି
ସେମନ୍ତ ଦେଖେ ପାଖରୁ ।
ଅକ୍ଷତ ରହିଛି କ୍ଷତକୁ ଭେଦିଛି
ଦେଖି ମନ ବିଚଳିତ,
ଅଶ୍ରୁ ବହିଗଲା ଯେବେ ଏ ଦେଖିଲି
ହୃଦୟ ମୋ ବିଚଳିତ ।
ଅନେଇଲା ପରେ ଜାଣିଲି ସତରେ
ବକ୍ଷର କ୍ଷତ ଅମର,
ଅନୁମତି ଲଭି ଯିବା ପାଇଁ କବି
ପାଖକୁ ହେଲେ ତତ୍ପର ।

(କ୍ରମଶଃ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହାକାଳ ତୁମକୁ ମୁଁ କରେ ନମସ୍କାର



ଶିବ ନାରାୟଣ ଦାଶ

ମହାକାଳ ! ଆସ ଥରେ ତୁମରି ସେ ରୁଦ୍ର ଅଟ୍ଟହାସେ,
ଆସ ନେଇ ନିସୁପ୍ତିର ତୁହିନ ଚୁମ୍ବନ,
ଆସ ପୁଣି ପିନାକ ଟଙ୍କାରି
ତମସାର ଶତାୟୁ ଗରଭେ
କରିବାକୁ ନୀଲୀନ ବିଲୀନ,
ଆସ ତୁମେ ଅଶନିର ଭୈରବୀ  ନିଶ୍ୱାସେ
ପ୍ରଳୟର ରାସ ରଚି ଆସ ପୁଣି ମୁକ୍ତ ବିହାୟାସେ ।

ତୁମକୁ ମୁଁ କରେ ସମ୍ଭାଷଣ
ଧୂର୍ଜଟିର ତାଣ୍ଡବ ନିର୍ଘୋଷେ ଆସ ତୁମେ କରି ପ୍ରକମ୍ପିତ,
ଜାଳିଦିଅ ଆହେ ଉଷର୍ବୁଦ୍ଧ
ତୁମରି ସେ ଦୀପ୍ତ ଦାବାନଳେ ଭଷ୍ମକର ଏ ମଣିଷ ସ୍ୱାର୍ଥାନ୍ୱେଷୀ ବେଦ ।
ଭଷ୍ମକର ଅଦିବ୍ୟ ଅଜ୍ଞାନ -
ଜ୍ଞାନ, ମାନ, ଦର୍ଶନ, ମନନ
ମାନସରୁ ସୃଷ୍ଟ ଯେତେ ଶତ ଅର୍ବାଚୀନ,
ଦେଇ ତାରେ ପୂର୍ଣ୍ଣାହୁତି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧ୍ୱଂସ କର ପୁଣି
ଜରାଗ୍ରସ୍ତ ଗତାୟୁର ପରେ ପୂର୍ଣାୟୁର ସ୍ଥିତ ବର୍ତମାନ ।

ଏ ସୃଷ୍ଟିର ଭଗ୍ନ ଜାନୁ ପରେ ଦିଅ ଏକ ନିଦାଘ ସଂଘାତ,
ଭୁଲିଯାଉ ମନୁର ସନ୍ତାନ ମନୋଦ୍ଭବ ମିଥ୍ୟା ଗନ୍ତାଘର,
ଶ୍ମଶାନର ପିଙ୍ଗଳ ଗହ୍ୱରେ
ହଜିଯାଉ ଶତ ଅହଂକାର, ସ୍ୱାର୍ଥସିଦ୍ଧି - ଜ୍ଞାନ ଗାରିମାର,
ଉପହାତ ସଂବେଶ ତା ହେଉ ଜାଗରିତ
ଜାଗୁ ପୁଣି ଦେହ ବିପଞ୍ଚିରେ ପ୍ରବୃଦ୍ଧର ଅୟୁତ ନିର୍ବେଦ ।

ମହାକାଳ ! ଆସ ତୁମେ ଦାମିନୀର ସର୍ପିଳ ନର୍ତ୍ତନେ,
ଆସ ମୋର ହିଲୋଳିତ ଏ ବାହୁ ବନ୍ଧନେ,
ତୁମ ସ୍ପର୍ଶେ ଭରିଉଠୁ ରୋମାଂଚର ଅସୀମ ବେପଥୁ,
ପ୍ରଜ୍ଞା ଗୋଚରେ ଏକା ପ୍ରଜ୍ଞାବାହୀ ତୁମେ ସତ୍ୟ ଯେଣୁ
ତୁମରି ସେ ହିମ ଆଶ୍ଲେଷେ
ଦେହ ଖୋଜୁ ଦେହାତିତ ଅତୀନ୍ଦ୍ରୀୟତାରେ ।
ପ୍ରାଣ ଭୁଲୁ ଆସକ୍ତିର ତନ୍ତ୍ରିତ ଆବେଗ
ମନ ହଜୁ ମନୋତୀତ ଜ୍ଞାନ ମାନସରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମନୁର ପୁତ୍ର ଦେଖୁ ଜ୍ୟୋତିର୍ମୟ ଉଷାର ଆଲୋକ -
ଅମିତବୀର୍ଯ୍ୟ ଏକ ପ୍ରଖର ମାର୍ତଣ୍ଡ,
ରଜ ବୀର୍ଯ୍ୟ ସମାହିତ ଏ ମଲାଙ୍ଗ ଦେଖୁ,
ଦେଖୁ ତାର କବନ୍ଧର ପରେ
ଅମୃତର ଅୟୁତ ଆଲେଖ୍ୟ,
ଦେହେ, ପ୍ରାଣେ, ମନେ ନେଇ ଆତ୍ମାର ସ୍ୱାକ୍ଷର
ଲଭିଛି ସେ ଦିବ୍ୟ ରୂପାନ୍ତର ।

ମହାକାଳ ଆସ ଥରେ ଆସ
ରତିକ୍ଳାନ୍ତା ଧରିତ୍ରୀର ଯୌନ ଅଧିବାସେ,
ଆସ ନେଇ ଧ୍ୱଂସର ବିଷମୟ ଜ୍ୱାଳା
ତୁମରି ସେ ବିକ୍ଷୋଭୀତ ପ୍ରଖର ନିଶ୍ୱାସେ,
ତୁମେ ଯେଣୁ ଅମୃତର ଏକଇ ସୋପାନ
ଆସ ଆହେ ରୁଦ୍ରାଣୀର ନଗ୍ନ ଅପଘନେ,
ଏ ପାତକ ସୃଷ୍ଟି ଦେଖୁ ତୁମ ବିଶ୍ୱରୂପ
ଜ୍ୟୋତିର୍ମୟ କମନୀୟ ଶିଖା ଲେଲିହାନ ।

ମହାକାଳ ଘେନ ମୋର କୋଟି ନମସ୍କାର,
ତୁମକୁ ମୁଁ ଡାକେ ପୁଣି ଅସୀମ ଆଲ୍ହାଦେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପିପାସୀତ କପିଞ୍ଜଳ ଆଜି,

କ୍ଷଣଦାର ଅନ୍ଧ ଆକାଶେ ଆସ ତୁମେ କ୍ଷଣପ୍ରଭା ସାଜି

ନିଅ ମୋର ପ୍ରୀତି ସମ୍ଭାଷଣ,

ଦିଅ ଶତ ମୃତ୍ୟୁ ଉପହାର -

ମୃତ୍ୟୁ ନୁହେଁ, ନୁହେଁ ମୃତ୍ୟୁ ସେ ତ - ଉର୍ଜସ୍ୱଳ ଅମୃତ ସମ୍ଭାର,

ମହାକାଳ ତୁମକୁ ମୁଁ କରେ ନମସ୍କାର ।

ଜେନେରାଲ୍ ମ୍ୟାନେଜର (ବିଡ଼ି ଫାଇନାନ୍ସ୍)

ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍

ବିଜିନେସ୍ ଡେଭେଲପ୍‌ମେଣ୍ଟ ପେଟ୍ରୋକେମିକାଲ୍ସ୍

ସପ୍ତମ ମହଲା, ଇଣ୍ଡିଆନ୍ ଅଏଲ୍ ଭବନ, ୟୁସୁଫ୍ ସରାୟ

ନୁଆ ଦିଲ୍ଲୀ : ୧୧୦୦୧୬

ଫୋନ୍ : ୨୬୮୫୯୦୬୩, ଭ୍ରାମ୍ୟଭାଷ : ୯୯୯୯୦୨୪୬୫୬

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଇତିହାସ



କାହ୍ନୁଚରଣ ସାହୁ

ତମ ପାଇଁ

ନକଲି ଶବ୍ଦ

ଯାହା କ୍ଷଣକରେ

ଉଭାନ ହେଇଯିବ,

ହେଲେ ମୋ ପାଇଁ ସଜଡ଼ା ସ୍ମୃତି

ଚିର ଦିନ ମୋର ହେଇ ରହିବ ।

କାଲି କଥା

ସବୁଦିନ ଗୋଟେ

ଅଭୁଲା, ଅଭିଜା ସ୍ମୃତି ହେଇ

ହସୁଥିବ ନିଜତ୍ୱକୁ ହରେଇ,

ତମେ ମସଗୁଲ ଥିଲ, ଥିବ

ମୁଁ ପାରିବିନି ଆଉ ଥରେ ଫେରି ।

ଖୋଜିବାର ଅଭିମାନ

ହଜିଗଲା କାଲି ରାତିରେ

ଫିକା ଫିକା ଲାଗୁଥିଲା ରଙ୍ଗୀନ ହୃଦୟ

ଅନେକ ଅତିଥୀଙ୍କ ଅପେକ୍ଷାରେ,

ଧୋଇଦେଲି ରଙ୍ଗ ଯେତେ ଥିଲା ମନରେ

ଆପଣେଇ ନେଲି ନୂଆ ଏକ ପୃଥ୍ୱୀ ନିଜ ଭିତରେ !

ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି

ମୋ: ୮୨୪୯୫୨୦୮୮୦

ସମ୍ପାଦକ : ସୃଷ୍ଟି ସମ୍ଭାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏ ସଙ୍କଟ ହରିନିଅ



ଗୁପ୍ତେଶ୍ୱର ଚାନ୍ଦ

ଜୟ ଜୟ ସଦା ଶିବ ହେ

ଜୟ ପାର୍ବତୀ ପତି ।

ଉଭୟ ମାତା ପିତା ପଦେ

ବାଢୁ ଅଛି ପ୍ରଣତି ॥ ୧

କୈଳାସ ଶିଖରେ ବସତି

ସଦା ଧ୍ୟାନେ ମଗନ ।

କଣ୍ଠେ ଶୋଭା ପାଏ ଭୁଜଙ୍ଗ

ଗଳା ମାଳି ଯେସନ ॥ ୨

କଟିରେ ଶୋଭିତ ବସନ

ରୂପେ ବ୍ୟାଘ୍ର ଚରମ ।

ସର୍ବାଙ୍ଗେ ବିଲେପିତ ହୋଇ

ଥାଅ ଶ୍ମଶାନ ଭସ୍ମ ॥ ୩

ମଥାରେ ମୁକୁଟ ସଦୃଶ

ସୁଶୋଭିତ ଶଶାଙ୍କ ।

ହସ୍ତେ ତ୍ରିଶୂଳ ଡମ୍ବରୁ ଯେ

କୁମର ଦ୍ୱୟ ଅଙ୍କ ॥ ୪

ବିଘ୍ନ ବିନାଶନେ ସୁଦକ୍ଷ

ଗଜାନନ ଗଣେଶ ।

କୁମାର ତାରକା ବିନାଶି

ମହୀ କଲେ ଉଶ୍ୱାସ ॥ ୫

ଆହେ ଗଙ୍ଗାଧର ମହେଶ

ତ୍ରିପୁରାରି ବୃଷଭ ।

ବାହନେ ବୁଲୁଛ ସଂସାର

ମଇତ୍ର ପଦ୍ମ ନାଭ ॥ ୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୁବେର ଯାହାଙ୍କର ସଖା

ଅପାର ଯା ମହିମା ।

ଏ ଦୀନ ଜନର ଗୁହାରି

ବାରେ ହେଉ ଶୁଣିମା ॥ ୭

ସମୁଦ୍ର ମନ୍ଥନ କାଳରେ

ହଳାହଳ ଗରଳ ।

ପାନ କରି ପ୍ରଭୁ ଜଗତେ

ନୀଳକଣ୍ଠ ହୋଇଲ ॥ ୮

ଏବେ ହା' ହା' କାର ହେଉଛି

ଏ ସମଗ୍ର ଜଗତ ।

ଉଦ୍ଧାର କରହେ ନାଶିଣ

କରୋନାର ଉତ୍ପାତ ॥ ୯

ମହାମାରୀ ମାଡି ଆସୁଛି

ଧରି ବିକଟ ରୂପ ।

ଏ ସଙ୍କଟ ହରି ନିଅ ହେ

ଶାନ୍ତ କରିଣ କୋପ ॥ ୧୦

କବି ଶ୍ରୀ ଗୁପ୍ତେଶ୍ୱର ଚାନ୍ଦ, ଗ୍ରାମ /ପୋ :ସମାସିଂହା,

ଜିଲ୍ଲା :ଝାରସୁଗୁଡା, ମୋ. ୭୬୮୩୮୪୧୦୭୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚିଠି



ଝରଣା ବାରିକ

ଚିଠି ଥିଲା ଆମ ପ୍ରେମର ପ୍ରତୀକ
ଅଲିଭା ଅକ୍ଷରେ ନାଆ,
ଚିଠି ଥିଲା ଆମ ସମ୍ପର୍କ ସୁଅରେ
ବହି ଯାଉଥିବା ବାଆ ।

ଚିଠି ଥିଲା ଆମ ତରୁଣ ବୟସେ
ଠିକଣା ଗୋଟିଏ ନୁଆ,
ଚିଠି ଥିଲା ଆମ ଦୁହିଁଙ୍କ ଜୀବନେ
ପହିଲି ପ୍ରେମର ଛୁଆଁ ।

ଚିଠି ଥିଲା ଆମ ଦୁହିଁଙ୍କ ଭିତରେ
ଭଲପାଇବାର ସେତୁ,
ଚିଠି ଥିଲା ଆମ ଅଚିହ୍ନା ମନର
ପହିଲି ବସନ୍ତ ଋତୁ ।

ଚିଠି ଥିଲା ଆମ ଦୁହିଁଙ୍କ ମନର
ଅକୁହା କଥାର ଚିତ୍ର,
ଚିଠି ଥିଲା ଆମ ପବିତ୍ର ବନ୍ଧନ
ଯୋଡିବାର ଏକ ମିତ୍ର ।

ଚିଠି ଥିଲା ଆମ ଅଜଣା ରାଜ୍ୟର
ଚିହ୍ନାଥିବା ପକ୍ଷୀଟିଏ,
ଚିଠି ଥିଲା ଆମ ଦୁହିଁଙ୍କ ମନକୁ
ଯୋଡିବାର ସାକ୍ଷୀ ସିଏ ।

ସମଲ, ତାଳଚେର, ଅନୁଗୋଳ
ମୋବାଇଲ : ୯୫୫୬୮୪୬୯୩୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲୁହରେ ଲେଖୁଛି ଚିଠି



ନରେନ୍ଦ୍ର ପ୍ରସାଦ ବେହେରା

ଲୁହରେ ଲେଖୁଛି ଚିଠିଟେ ଦେଉଛି
କରିବନି ମୋତେ ପର
କାଲିଥିଲି ତୋର ଅତି ଆପଣାର
ହୋଇଗଲୁ ଆଜି ଦୂର ।୧ ।

ଅନ୍ତର ବେଦନା ସହି ମୁଁ ପାରେନା
ମନେ ପଡୁ ତୁହି ଖାଲି
ମନେମନେ ତୋତେ ଖୋଜୁଅଛି କେତେ
କାହିଁକି ଗଲୁ ତୁ ଭୁଲି ।୨ ।

ତୋପରି ଭଉଣୀ କେତେ ଖୋଜିଲିଣି
ଏଜଗତେ ମିଳୁ ନାହିଁ
ସ୍ନେହଶ୍ରଦ୍ଧା ତୋର ଅଛି ମନେ ମୋର
କହୁଛି ପ୍ରଭୁଙ୍କୁ ଚାହିଁ ।୩ ।

ମୋ ପରି ଭାଇକୁ ଫିଙ୍ଗିଣ ଦୂରକୁ
କେମିତି ପାଉଛୁ ଶାନ୍ତି
ଜୀବନରେ ଦିନେ ଦେଖିବି ନୟନେ
କରନି ମନ ଅଶାନ୍ତି ।୪ ।

କେଉଁ ଦୋଷ ଦେଖି ଗଲୁ କଳାମାଖି
ବୁଝାଇ କହିବୁ ମୋତେ
କାନ୍ଦୁଛି ହୃଦୟ ହେଲୁ ତୁ ନିର୍ଦ୍ଦୟ
କେମିତି ଭୁଲିବି ତୋତେ । ୫ ।

ଦୂରକୁ ସୁନ୍ଦର ପର୍ବତ ଶିଖର
ପାଖକୁ ସୁନ୍ଦର କଇଁ
ଭଗ୍ନୀ ପାଶେ ଭାଇ ଥିଲେ ସାଥୀହୋଇ
ଆନନ୍ଦ ଆସିବ ଧାଇଁ ।୬ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କୁହ ହେ ଠାକୁର    କି ଦୋଷ ମୋହର
କାହିଁକି ହେଲୁ ପଥର
କର ସମାଧାନ    ବୁଝାଇ ତା ମନ
ଡାକିବେ ତୁମକୁ ନର  ।୭ ।

ଏତିକି ପ୍ରାର୍ଥନା    କର ମୋର ଘେନା
ଦିଅ ତା ଜୀବନେ ସୁଖ
ହସିଉଠୁ ତାର    ସୁନାର ସଂସାର
ନ ଆସୁ ଜୀବନେ ଦୁଃଖ  ।୮ ।

କବିକମଳ ନରେନ୍ଦ୍ର ପ୍ରସାଦ ବେହେରା,
ଆଳଦା, ଖଇରା,ବାଲେଶ୍ବର, ମୋ–୯୮୫୩୦୪୭୫୧୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧର ତୁ ପରମପାଦ



ମନୋରଞ୍ଜନ
ସୁରୁଜାଳ

କଳିଯୁଗ ଶେଷ ପ୍ରମାଦ ଅଶେଷ
ଦେଖି ବିପରୀତ ରୀତି,
ପଥର ଦେବତା ମଣିଷର ଚେତା
ହଜାଇଲା ବୁଦ୍ଧି ମତି ।
ମଣିଷକୁ ଏବେ ମଣିଷ ଛୁଇଁବା
ଲାଗୁଅଛି ବଡ ଡର,
ବିପତ୍ତି ପ୍ରକୃତି ମାରେ ଆଖିଠାର
ମିଳୁନାହିଁ ତାର ଟେର ।
ଅସମୟେ ବର୍ଷା ଖରା ତାତି ଶୀତ
ଗଛ କାଟି କଲା ପଦା,
ସଭ୍ୟତା ନାମରେ ବେଶଭୂଷା ଭୁଲି
ବୋଲାଉଛି ନାମଜାଦା ।
ପୁରୁଣା କାଳିଆ ଚିତା ଚଇତନ
ବୋଲି କହି ମାରେ ତାଲି,
ଦେଉଳେ ଅପୂଜା ପଡିଛି ଦେବତା
ନିଜ ପାଇଁ ଚିନ୍ତେ ଖାଲି ।
ହରି ଭାବ ରସ ପିୟୁଷ ପରଶ
ଲାଗେ ବିଷ ଜ୍ୱାଳା ପରି,
ସୁକର୍ମକୁ ଛାଡି କୁକର୍ମେ ଜଡିତ
ଗରଳ ଅମୃତ ସରି ।
ଝଡିଯାଏ ନେତ ଚକ୍ର ହୁଏ ବକ୍ର
ଖସି ପଡୁଛି ପଥର,
ଧର୍ମର ଇଙ୍ଗିତ ବୁଝୁ ନାହୁଁ କିଆଁ
ସମୁଦ୍ର ଲଙ୍ଘୁଛି ତୀର ।
ବିପଥରୁ ଫେରି ସତ୍ୟକୁ ଆବୋରି
କରିଯା ନିତ୍ୟ କରମ,
ମୋ ଇଚ୍ଛା ତୋ ଇଚ୍ଛା ସମସରି ହେଲେ
ନିଶ୍ଚେ ଉଦୟ ଧରମ ।
ପାଣି ଫୋଟକାଟେ ଜୀବନ ରହସ୍ୟ
ପୋଛିଦେ ମନରୁ ଖେଦ,
ଲୀଳା ରଚିବାକୁ ମଉନ ମୁଁ ସିନା
ଧର ତୁ ପରମ ପାଦ ।

ଅଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାଳିଆ ସାଆନ୍ତ ଆଜି ସାଜିଛନ୍ତି କୁଣିଆ



ପଙ୍କଜ କୁମାର ମଙ୍ଗଳ

କାଳିଆ ସାଆନ୍ତ ଆଜି ସାଜିଛନ୍ତି କୁଣିଆ,

ସେ ଖୁସିରେ ନାଚେ ଆଜି ସାରା ଦୁନିଆ ।

ଆଷାଢ଼ ମାସ ଶୁକ୍ଳ ପକ୍ଷରେ ଝୁଲି ଝୁଲି ବଡ଼ ଦାଣ୍ଡରେ,

ଭକତ ଙ୍କୁ ଡାକୁଥାଏ ମୋ କଳକୁ ଚାଲିଆ ।

ଛାଡ଼ି ଆସିଛନ୍ତି ସେ ଯେ ରତ୍ନ ସିଂହାସନ,

ଭକ୍ତ ମେଳରେ ରହିବେ ହୋଇ ବାମନ ।

ଅପୂର୍ବ ଲୀଳା ରଚିଲେ ବାମନ ଅବତାରେ,

ତିନି ପୁରକୁ ଜିତିଲେ ତିନି ପାଦରେ ।

ଗୁଣ୍ଡିଚା ରାଣୀର ମନ ହୁଅଇ ଉଚ୍ଛନ୍ନ,

ଦେଖିବ ପୁଅକୁ ବୋଲି ନାଚଇ ନୟନ ।

ମନ ଧରୁ ନାହିଁ ଛାଡି ଯିବେ ଭକତର ମେଳ,

ଆକୁଳ ହେଲାଣି ମାଆ ଗୁଣ୍ଡିଚାର କୋଳ ।

ବରଷକୁ ଥରେ ରଥଯାତ୍ରାରେ ଜନ୍ମ ଭୂମିକୁ ଫେର,

ସଂସାରବାସୀଙ୍କ ପାଇଁ କି ସଙ୍କେତ ତୁମର ।

ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ଆଣିଲନି ନିଜ ସହ,

ଏମିତି ପତ୍ନୀଙ୍କ କେଉଁ ଦୋଷଥିଲା କୁହ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଗତଜନନୀ ଅଭିମାନ କରି ଭାଙ୍ଗିବେ ନନ୍ଦିଘୋଷକୁ,

ହେରା ପଞ୍ଚମୀରେ କଟୁଆଳ ପୁଅ ଜଗି ଛନ୍ତି ରଥକୁ ।

ଗୁଣ୍ଡିଚା ମାଆର ଆଜି କି ସୌଭାଗ୍ୟ ପୁଅ ଫେରୁଛି ମାଆର କୋଳକୁ,

ନଅ ଦିନ ପରେ ବାହୁଡି ଆସନ୍ତି ଛାଡି ମାଆର କୋଳକୁ ।

ଶ୍ରୀ ମନ୍ଦିରରେ ପହଡ଼ ପଡ଼ିଛି ରାଗି ଛନ୍ତି ଲକ୍ଷ୍ମୀ ଠାକୁରାଣୀ,

ରସଗୋଲା ଦେଇ ମାନ ଭଙ୍ଗ କଲେ ଭିତରକୁ ଯିବେ ପୁଣି ।

ଅପୂର୍ବ ଲୀଳା ରଥଯାତ୍ରାର ଅମର ତୁମ ମହିମା,

ରକ୍ଷା କରୁଥାଅ ରକ୍ଷାକର୍ତ୍ତା ପ୍ରଭୁ ଚିର ଅମ୍ଳାନ ହେଉ ତୁମ ଗାରିମା ।

ବଡ଼ପାହି, ଭୋଗରାଇ, ବାଲେଶ୍ୱର ।

ଦୂରଭାଷ-୭୭୪୯୯୩୬୬୮୧

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୟ ଜଗନ୍ନାଥ



ରାମଚନ୍ଦ୍ର ପ୍ରଧାନ

କୋଟି ଓଡ଼ିଆଙ୍କ  ହେ ମଉଡ଼ମଣୀ

କଳାଦିଅଁ ଜଗନ୍ନାଥ

ଓଡ଼ିଆ ମାଟିର  ବରେଣ୍ୟ ଠାକୁର

କୋଟି କୈବଲ୍ୟଙ୍କ ନାଥ ।

ଜଗତ କରତା  ଆହେ  ଭାବଗ୍ରାହୀ

ଅନାଥ ଜନଙ୍କ ନାଥ

ତୁମରି କରୁଣା  ପ୍ରେମବାରି ଧାରେ

ବନ୍ଧା ମୋ ଜୀବନ ପଥ ।

ଭକତ ବତ୍ସଳ  ହେ ଦୀନବାନ୍ଧବ

ଦାରୁଦିଅଁ ଭଗବାନ

ରତ୍ନ ସିଂହାସନେ ମଉନେ ବସିଛ

ଦେଇ ତୁମ ଦରଶନ ।

ହେ କୃଷ୍ଣ କେଶବ  ଐର ବିନାଶକ

ଲୀଳାମୟ ବିଶ୍ୱପତି

ସଂସାର ଜଂଜାଳୁ ମୁକ୍ତି ଦିଅ ମୋତେ

ସରିଲାଣି ମୋ ଶକତି ।

ତୁମେ ମୋ ବିଶ୍ୱାସ  ତୁମେ ମୋ ଭରସା

ତୁମ ବିନୁ ନାହିଁ ଗତି

ଜୟ ଜଗନ୍ନାଥ  ନାମ ଜପି ତୁମ

ବିତି ଯାଉ ଦିନରାତି ।

ମୋ ପ୍ରାଣ ସ୍ପନ୍ଦନ ମୋ ଜୀବ ଜୀବନ

ତୁମେ ମୋ ବିଜୟ ରଥ

ମୋ ଭାବ ବନ୍ଧନ ମୋ ବାସ ଚନ୍ଦନ

ତୁମେ ତ ମୋ ଜଗନ୍ନାଥ ।

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ

ମୋ: ୯୮୬୧୬୩୮୭୩୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୟ ଜଗନ୍ନାଥ



ଆକାଶ ସାହୁ

ଜଗତର ନାଥ ତୁମେ
ତୁମେ ହିଁ ଜଗନ୍ନାଥ ।
ଦୁଃଖୀକୁ ସାହା ହୁଅ
କରୁଣା ତୁମ ଅପାର ।
କର ଧରମର ଜୟ
କର ଅଧର୍ମର କ୍ଷୟ ।
ପାପିକୁ ଦେଇ ଥାଅ ଦଣ୍ଡ
ଭକ୍ତକୁ ଦେଇଥାଅ ଆଶୀର୍ବାଦ ।
ତୁମର ଶକ୍ତିରେ ଜଗତ ହୁଏ ମଙ୍ଗଳମୟ
ତୁମେ ହିଁ ପ୍ରଭୁ ଜଗନ୍ନାଥ ।
ଏତିକି ଗୁହାରି ପ୍ରଭୁ
ଜଗତକୁ ଦେଇ ଥାଅ ଆଶୀର୍ବାଦ ।

ଗ୍ରାମ - ସୁଲେଇ
ଜିଲ୍ଲା - ସୁବର୍ଣ୍ଣପୁର
ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୟ ମାଆ ଭଟ୍ଟାରିକା



ସରୋଜ କୁମାର ଜେନା

ବଡ଼ମ୍ବା ଗଡ଼ରେ ରହିଲୁ ତୁହି ମା

ଜୟ ମା ବୃହଦମ୍ବିକା ,

ତ୍ରିପୁରା ସୁନ୍ଦରୀ ନାମରେ ପୂଜିତା

ତୁହି ମାଆ ଭଟ୍ଟାରିକା ।୧ ।

ଚିରୋସ୍ରୋତା ମହାନଦୀ ତଟ କକ୍ଷେ

ପର୍ଶୁରାମ ପୀଠ ନାମେ ,

ସବୁଜିମା ପୂର୍ଣ୍ଣ ରତ୍ନଗିରି ବକ୍ଷେ

ପୂଜିତା ଶଶାଙ୍କ ଗ୍ରାମେ ।୨ ।

ମହାଷ୍ଟମୀ ମାର ଜନ୍ମ ତିଥି ଜାଣ

ଶ୍ରୁତି ତେରି ଭକ୍ତ ଶୁଣ ,

ନିଶିରେ ଉଭା ଯାତ ହୁଏ ସମ୍ପୂର୍ଣ୍ଣ

ଦେଖିଥାନ୍ତି ଭକ୍ତ ଗଣ ।୩ ।

ଅନେକ କଥା ମାର ଅଛି ରଚିତା

ଆଜି ମହାଷ୍ଟମୀ ପର୍ବ ,

ମହାମାୟୀ ଭଟ୍ଟାରିକା ନାମେ ଖ୍ୟାତ

ଓଡିଶା କରେ ଗୌରବ ।୪ ।

ଦରଦୀ କବି - ସରୋଜ କୁମାର ଜେନା
ବାଲିଝରୀ,ନରସିଂହପୁର,କଟକ
ମୋ -୯୩୪୮୭୮୩୭୯୧

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମୁଁ ଖୋଜୁଛି



ଅଜୟ କୁମାର ପଧାନ

ଜୀବନରେ

ଏଇ ଅଙ୍କାବଙ୍କା ପଥରେ

ପ୍ରତିଟି ମୁହୂର୍ତ୍ତରେ, ମୁଁ ଖୋଜୁଛି ।

ହଁ... ମୁଁ ଖୋଜୁଛି

ଯାହା ଥିଲା ମୋ ପାଇଁ ଆସ୍ଥାନ

ସବୁ ସମସ୍ୟାର ସମାଧାନ

ସତରେ ! ବୈକୁଣ୍ଠ ସମାନ ।

ହଁ... ମୁଁ ଖୋଜୁଛି

ସେହି ସମୟକୁ ସେହି ସକାଳକୁ

ଯେଉଁଠି ସୁନେଲି ଖରା ନେଇଆସେ

କେତେ ଯେ ଆଶା ଉଦ୍ଦୀପନା କୁ ।

ନିଛାଟିଆ ଅଞ୍ଚଳର ରାସ୍ତା କଡ଼େ

ପ୍ରତିଷ୍ଠିତ ଶିକ୍ଷାର ମନ୍ଦିର ,

ଯିଏ ଶ୍ରମିକକୁ ସଜାଡ଼େ ପ୍ରସ୍ତୁତ କରେ

ମଣିଷ ଗଢ଼ା କାରଖାନାର ।

ହଁ... ମୁଁ ତାକୁ ଖୋଜୁଛି

ଚଳନ୍ତି ଠାକୁର ସେମାନେ

ଆସନ୍ତି ଗୁରୁଜୀ ଗୁରୁମା ରୂପେ ,

ଆଦର୍ଶ ପ୍ରକାରେ ପରଖି ନିଅନ୍ତି

ମୋ ଜୀବନର ଅଜ୍ଞାତ ଦୀପେ ।

ସବୁକିଛି ଆଜି ମନେ ପଡ଼ିଯାଉଛି

ସେଥିପାଇଁ ତ ଖୋଜୁଛି..

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିନ ତମାମ ଅତିବାହିତ ହୋଇଥାଏ
ଜିଜ୍ଞାସାର ଅନ୍ତରାଳେ ,
ସେଇ ନିଃଶବ୍ଦ କାନ୍ଥ କୋଠରୀ
ମୋତେ ଧରିଥିଲା କି କୋଳେ ?
ହଁ... ମୁଁ ତାକୁ ଖୋଜୁଛି

ଚର୍ଚ୍ଚା ହୁଏ ଏଠି ଅନେକ କଥା
ଶିଖିବାର ଭାବରେ ରହେନା ତିକ୍ତତା ,
କିଛି ନୂତନ କିଛି ପୁରାତନ
ତା'ରି ସମାନ୍ତରାଳରେ ସୃଷ୍ଟି ଜ୍ଞାନ ।
ମୁଁ ହଜିଯାଇଛି...ତାକୁ ଖୋଜୁଛି...

ସାଙ୍ଗ ସାଥି ସହପାଠୀ
ପାଠ ପଢ଼ା ସହ ନାଚଗୀତ
ଖେଳକୁଦ ସଙ୍ଗେ ଦାୟିତ୍ୱ
ପରିବାର ହୋଇ ଏକତ୍ରିତ
ଭାବିଦେଲେ ମନ ଦୋହଲି ଯାଉଛି
ହଁ.. ହଁ.. ମୁଁ ତାକୁ ଖୋଜୁଛି

କୋଣ ଅନୁକୋଣରୁ ଆସିଥିଲୁ
କେହି କାହାକୁ ଚିହ୍ନି ନ ଥିଲୁ ,
ଆପଣା ଅଙ୍ଗେ ପ୍ରସୟ ଦେଇ
କେତେ ନିଜର କରିଦେଲୁ ।

ଏତେ ଦିନ ପରେ ବି
ମୋ ଆଖି ଆଗେ ଖେଳିଯାଉଛି
ମୋ ବନ କାନନେ ଘୁରି ବୁଲୁଛି
ଧିରେ ଧିରେ ଆସି ମୋତେ କହୁଛି
ସ୍ୱପ୍ନ ସାଗରକୁ ଜାବୁଡ଼ି ଧରିଛି
ମୋତେ ଖୋଜିବା ପାଇଁ ବ୍ୟଥିତ କରୁଛି !
ସେଥିପାଇଁ ତ ମୁଁ ଖୋଜୁଛି...

ରେଶମ, ଭେଡେନ, ବରଗଡ଼
ମୋ - ୭୮୭୭୯୪୪୧୫୨

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମହେନ୍ଦ୍ରଗିରି



ରଶ୍ମୀବାଳା ଶତପଥୀ

ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି
ଅବର୍ଣ୍ଣନୀୟ ତା'ର ଶୋଭା,
ଓଡ଼ିଶା ମାଟିର ପବିତ୍ର ସ୍ଥାନ
କେଡେ ସୁନ୍ଦର ତା'ର ଆଭା ।

ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ଠାରେ
ଗିରିମାଳା ବିରାଜିତ,
ପୌରାଣିକ ଐତିହାସିକ ପୂର୍ବଘାଟ
ମହେନ୍ଦ୍ରଗିରି ନାମେ ପରିଚିତ ।

ପବିତ୍ର ଝରଣା ନାମେ ତପ୍ତପାଣି
ଅଛି ଉଷ୍ଣ ପ୍ରସବଣ,
ମାଟିର ସୁଗନ୍ଧ ଯୁକ୍ତ ଉଷ୍ଣ ଜଳ
କରେ ରୋଗ ନିବାରଣ ।

ମହାନଦୀ ଠାରୁ ଗୋଦାବରୀ ପର୍ଯ୍ୟନ୍ତ
ବ୍ୟାପ୍ତ ସେହି ଅଞ୍ଚଳ,
କନ୍ତନୀୟ ଶୋଭା ବହନ କରୁଛି
ମହେନ୍ଦ୍ର ପାର୍ବତ୍ୟ ଅଞ୍ଚଳ ।

ସବୁଜ ସୁନ୍ଦର ଗଜପତି ଜିଲ୍ଲା
ଐତିହ୍ୟ ସଂସ୍କୃତି ଭରା,
ସେଠି ଉପସ୍ଥିତ ମହେନ୍ଦ୍ର ପର୍ବତ
ସରି ହେବ କିଏ ପରା ।

ସ୍ଥାନ - ଯାଜପୁର ଟାଉନ୍,ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହୃଦରେ ଉଠୁଛି ଅନେକ କମ୍ପନ



ଭାଗିରଥୀ ବେହେରା

ସଜଳ -ହୃଦରେ ଅନେକ ଉଠୁଛି କମ୍ପନ

ମାଟିର ଛାତିରେ ପାଦ ରଖିଅଛି , ହୃଦରେ ଅନେକ ଉଠୁଛି କମ୍ପନ
ଦେବା ଲୋକ ଯଦି ଖୁସିରେ ଦିଏ , ନେବା ଲୋକ କାହିଁ ମୁଁ ମଉନ ।

ଦରଜ ଯେତିକି ଗରଜ ସେତିକି , ନିଜ ଲୋକ ଯଦି ପାଖେ ଥାଏ
ପର ଲୋକ ସିନା ଜାଣେନା ଯନ୍ତ୍ରଣା , ନିଜ ଲୋକ ହିଁ କଷ୍ଟ ଦିଏ
ମାଟି ବି କାନ୍ଦେ ମାଟି ବି ହସେ , ଲୁଚାଏ କାହିଁକି ପ୍ରେମର ପଣ
ମାଟିର ଛାତିରେ ପାଦ ରଖିଅଛି , ହୃଦରେ ଅନେକ ଉଠୁଛି କମ୍ପନ ।

ଆଶ୍ଚର୍ଯ୍ୟ କରୁଛି ଏ ନିଆରା ମିଳନ , ମାଟି ସହ ଜଡ ମୋ ଶରୀର
ମିଶିଯିବେ ଦିନେ ଧୂଳିକଣା ହୋଇ , ଭାଙ୍ଗିବ ପ୍ରତାରଣାର ମନ୍ଦିର

ଉପରକୁ ଚାହିଁ ଚାତକ ପରାଏ , ମାଟିର ଏ ଅନେକ ଅପେକ୍ଷା
ଆଲିଙ୍ଗନ କରି ମୁଁ ଜାବୋଡି ଧରିଛି , ଯେମିତି ସରିଲା ପ୍ରତୀକ୍ଷା
ଆକାଶ ନଉଁଛି କୋଳେଇ ଧରୁଛି , ନିବିଡତାର କି ବାଧା ବନ୍ଧନ
ଦେବା ଲୋକ ଯଦି ଖୁସିରେ ଦିଏ , ନେବା ଲୋକ କାହିଁ ମୁଁ ମଉନ ।

ମାଟି ତ ଦେଉଛି ମୁଁ ତ ନେଉଛି , କାହା ହୃଦୟେ କାହିଁକି ଏ ଦହନ
ପାଉଁଶ ହେବ ଦିନେ ଭାଗିରଥୀ , ମାଟି ସହିବ କେବଳ ମୋ ଜଳନ ।

ସମ୍ପାଦକ ଗଞ୍ଜାମର କବିତାଘର , ମୋ -୮୨୮୦୨୨୩୬୪୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭିଶପ୍ତ



ହେମନ୍ତ ପଧାନ

କାହାପାଇଁ ବଞ୍ଚିବି ମୁଁ କାହାପାଇଁ ମରିବି

ଜଣା ନାହିଁ ମତେ କିଛି !

ଭାବିମୁଁ ପାରୁନି କି ବୁଝି ମୁଁ ପାରୁନି

କଣ କରିବି ମୁଁ ସତେ କେ ଜାଣି !

ନିଅତିର ଦାନ ଦେଇଛି ଜୀବନ

ଜୀବନ ଟା ଗୋଟେ ମୋ ଅଭିଶପ୍ତ !

ଜୀ ମୁ ପାରୁନି କି ମରୀ ମୁ ପାରୁନି

ଦୁଃଖକଷ୍ଟ ପାଇବାଟା ମୋ କେବଳ ସାର !

ହେଲା କାମ ସବୁ ଅଧୁର ରହଇ

ହଉଚି ଖାଲି ବହୁ ହଇରାଣ !

ପାଇଁ ବାର ମୋର୍ ନାହିଁ ଆସା କିଛି

ସପ୍ନ ଯେ ନୁହଇ କେବେ ସତ !

ନିଜକୁ କାଇଁଯେ ଧନ୍ୟ ମନେ କରି ବି ଜୀବନ

ଟା ଗୋଟେ ମୋ ଅଭିଶାପ !

ଭାବି ଭାବି କେତେ ଦିନ ଯେ କଟୁଛି

ଆଖିର ଲୁହ ହିଁ କେବଳ ସତ !

ଗ୍ରାମ -କେନ୍ଦୁପାଲି
ଗଜବନ୍ଦ୍, ସୋନପୁର
ଭ୍ରାମ୍ୟଭାଷ : ୭୮୪୮୦୪୨୯୮୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଙ୍ଗା ହୃଦୟ



ଦୁଷ୍ମନ୍ତ ବେହେରା

କେମିତି ବଞ୍ଚିବି
ମନ ଭାଙ୍ଗିଲ
ଭାଙ୍ଗିଲ ହୃଦୟ
ଶରୀର ପଡିଛି ଚାହିଁ !!

ଅପେକ୍ଷା କରିଛି ହସ
ଦେବନା ଦେବ ଲୁହ
କଲବଲ କରି ମାରି ହସୁଛ
ଏମିତି ହସ ତୁମେ !!

ଚିଠି ଅଛି ତୁମେ ନାହଁ
ରଖିଛି ଛବି ତୁମର ସାଇତି
ଦେଖେଇ ମାରିଲ ମୋତେ
ତମ ଛଳନା ତାଟି !!

ଭୁଲିଗଲୁ ତୁ ମୋ
ମନକୁ ଚିରି ଦେଇ
ଚାଲିଗଲୁ ମୋ ଆଖି
କୁ ଚିତ୍ର ଦେଇ !!

ଏତିକି ବାଧିଲା ମୋତେ
ବୁଝିବାରେ ଡେରି କରିଲ
ହସ ସହିତ ଖେଳୁ ଖେଳୁ
ଲୁହକୁ ବୁଝିପାରିଲନି !!

ସାଧା କାଗଜର ମୂଲ୍ୟ ନାହିଁ
ବୋଲି ଚିରିଦେଲ ମୋ ସ୍ମୃତି.
ମୁଁ ନଥିବି ଥିବ ମୋ ସ୍ମୃତି ତୁମ
ମନ ଭାଙ୍ଗି ମନେ ପକେଇ ଦେବ !!

ଦୁଷ୍ମନ୍ତ ବେହେରା (ପାଦପଦ୍ମ)
ରାସୋଲ-ମୁଣ୍ଡିଆପଷି
ଢେଙ୍କାନାଳ
ମୋ ନଂ-୯୯୩୭୬୪୨୪୦୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାଇ ଚଢ଼େଇ



ଅମରନାଥ ବାରିକ

ବାଇ ଚଢ଼େଇରେ ବାଇ ଚଢ଼େଇ ।
ବାଆ ବତାସକୁ ଡର ତୋ ନାହିଁ ।।
ସୂତା ବୁଣି ବସା ବାନ୍ଧୁ ଚଞ୍ଚଲେ ।
ଝୁଲୁଥାଉ ତାଳ ବାହୁଙ୍ଗା ତଳେ ।।
ନୀଳ ଗଗନରେ ଭାସି ବତାସେ ।
ଉଡୁଥାଉ ବୁଲି ଖୋଲା ଆକାଶେ ।।
ଶୀତଳ ପବନ ତୋ ଦେହେ ଲାଗେ ।
ସବୁ କାମେ ରହୁ ତୁ ସଦା ଆଗେ ।।
ଗହନ ବନରେ ଖୋଜୁ ଆହାର ।
ଶକତ ମନଟି ଅଟେ ତୋହର ।।
ଜାଣି ନାହୁଁ ବୋଲି କପଟ ଛନ୍ଦ ।
ସେଲାଗି ଦଇବ ରଖିନି ମନ୍ଦ ।।
ସୁବାସ ସୁମନ ସମ ଜୀବନ ।
ବିହଙ୍ଗ ଜାତିଟା ତୋ ଲାଗି ଧନ୍ୟ ।।
ଶିଖରେ ମାନବ ଏ ଦିନଚର୍ଯ୍ୟା ।
ଯାହା କରେ ବାଇ ଚଢ଼େଇ ରଜା ।।
ରଖିଥିଲେ ଧର୍ମ କର୍ମରେ ମନ ।
ବିଭୁ କୃପା ପାଇ ହେବ ମହାନ ।।
ନାହିଁ ପ୍ରଭୁ ବିନା ମୁକତି ପଥ ।
କହେ ଏହି ବାଣୀ ଅମର ନାଥ ।।

କଯାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧, ୯୫୪୦୩୦୦୯୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମର ପ୍ରତୀକ ମୁଁ ଗୋଲାପ



ଈଶ୍ୱର ଚନ୍ଦ୍ର ବେହେରା

ସମୟ ସ୍ରୋତରେ ମୁଁ ଆଜି
କାହା ବଗିଚାର ଫୁଲଟିଏ,
ମୋତେ ତୋଳିବାର ସ୍ୱପ୍ନ
କାହାର ଆଉ ନାହିଁ..
ମୁଁ ପୂଜା ପାଇଁ ନହେଲେ ବି
କେହି ମୋତେ ଆଦରରେ ତୋଳିବ,
ଆଉ ମୋ ସାର୍ଥକ ପ୍ରେମର ପ୍ରତୀକଟେ କହିବ ।

ପୂର୍ଣ୍ଣ ମାର୍ଜିତ ମୋ ରୂପ,
ତଥାପି ମୋ ଭିତରେ କଣ୍ଟା
ଆକର୍ଷଣ ପୂର୍ଣ୍ଣ ଚେହେରାରେ ଲୁଚିଛି
ଗନ୍ଧବିହୀନ ଗୁଣ.. !

କିଏ ଜାଣିଥିଲା ମୋ କଣ୍ଟାରେ
ମୁଁ କ୍ଷତ ବିକ୍ଷତ କରିଦେବି
ପ୍ରେମିକ ପ୍ରେମିକାର ଛଳନାର ପ୍ରେମ.. !

ମୁଁ ପୁଣି କେବେ..
ପୂର୍ଣ୍ଣିମାରେ ପୂର୍ଣ୍ଣଚନ୍ଦ୍ର ସାଜିଛି
ଟଙ୍କା ପାଇଁ ନୁହଁ, ନିଜ ରୂପରେ
ପ୍ରେମୀ ଯୁଗଳଙ୍କୁ ବିମୋହିତ କରିଛି,
ପୁଣି ମୋର ଦୁଇଟି ରୂପ ଉଦଭାସିତ ହୋଇଛି,
ଦୁନିଆଁରେ ଆଜି ଧୋକ୍କାବାଜ୍ ପ୍ରେମ ପାଇଁ
ମୁଁ ଦୁଃଖ ବି ପାଉଛି.. !

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାହିଁ ସେ ନିରନ୍ତର ଭଲ ପାଇବାର ଗୁଣ

ଲୁଚି କରି ରହିଥାଏ

ପ୍ରତି ପ୍ରେମୀ ଯୁଗଳଙ୍କ ମନେ,

ମୋତେ ଧରି କହିପାରେ

ନିଜ ମନ ଆଇନାର ଭାଷା,

ଖାସ୍ ଆଜି ସେ ଭାଷାକୁ ବୁଝିବାକୁ ନାହିଁ

ପ୍ରେମିକ ପ୍ରେମିକାର ଆଶା ।

ଆଜି ଛଳନା ସାଜିଛି

ମୋତେ ଆଧାର କରି ପ୍ରେମ କରିବାଟା

କିନ୍ତୁ ମୁଁ ପ୍ରେମର ଆଧାର ଓ ପ୍ରତୀକ ସମସ୍ତେ

ଜାଣିବାଟା

ହେଲେ ଆଜି ଭଳି ଛଳନା ରୂପୀ ସାମାଜିକ

ପ୍ରେମରେ

ମୁଁ କିନ୍ତୁ ହତବାକ୍,

ନିରୂପାୟ ହୋଇ ସ୍ଥାନ ପାଉଛି

ଦ୍ୱାର ସଜ୍ଜାରେ, ଫୁଲ ତୋଡ଼ାରେ.. !

ଶିକ୍ଷକ ପ୍ରଶିକ୍ଷକ, ଡ଼ି.ଆଇ.ଇ.ଟି, କଳାହାଣ୍ଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାତୃତ୍ୱ



କୁମାରୀ ପୁଷ୍ପାରାଣୀ

ପହିଲି ଫୁଲର ନରମ ପରଶ
ପାଏ ଯେବେ ନାରୀ ଟିଏ,
ପୁଲକରରେ ତାର ପ୍ରତିଟି ଅଙ୍ଗ
ଆନନ୍ଦରେ ଭରି ଯାଏ ।
ମାତୃତ୍ୱ ପାଇଁ ପ୍ରତିଟି ମୁହୂର୍ତ୍ତ
ଆବେଗରେ ତାର ଭରେ,
ନଅ ମାସ ତାକୁ ନଅ ବର୍ଷ ଲାଗେ
ସୁଦୀନ ସୁମରି ଝୁରେ ।
ପ୍ରତି ମୁହୂର୍ତ୍ତରେ ପ୍ରତିଟି ସ୍ପନ୍ଦନେ
ଦେଖେ ନୂଆ ନୂଆ ସୂର୍ଯ୍ୟ,
ଗଢ଼ିବସେ କେତେ ନୂଆ ଅନୁଭୂତି
ନଥାଏ ତା ପାଖେ ଧୈର୍ଯ୍ୟ ।
ଘର ଲୋକଙ୍କର ସେନେହ ଆଦର
ଅବିରତ ଝରି ପଡେ,
ପୁଅଟିଏ ହେବ ଘର ମହକିବ
ଗରବ ଗାରିମା ବଢେ ।

କିନ୍ତୁ,
ଦିନେ ଯେବେ କୁଆଁ କୁଆଁ ଡାକେ
କନ୍ୟା ସନ୍ତାନ ଟିଏ,
ନିଷ୍ପେସିତ ହୁଏ ମାତୃତ୍ୱ ତାର
ପାଖରେ ନଥାଏ କିଏ ।
ଖୋଜିବୁଲେ ଏକା ନିଷ୍ଠୁର ସମାଜେ
ମାନବିକତାର ସୂତ୍ର,
ମାତୃତ୍ୱ ସ୍ନେହ ଭିନ୍ନ ନୁହଇ
ହେଉ କନ୍ୟା ଅବା ପୁତ୍ର ।

ହେ, ମାନବ ତୁମେ ନିଷ୍ଠୁର ହୁଅନି
ସୃଷ୍ଟି ତ ରଚଇ କନ୍ୟା,
ପତ୍ନୀ, କନ୍ୟା ଆଉ ଭଗ୍ନୀ, ଜନନୀ
ନାରୀ ହିଁ ସୃଷ୍ଟିରେ ଧନ୍ୟା ।
ନାରୀ ହିଁ ସୃଷ୍ଟି ରେ ଧନ୍ୟା ।।

ଶିକ୍ଷୟିତ୍ରୀ, କ. ନୂଆଗାଁ, କନ୍ଧମାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମା'ର ଅତୁଟ ବନ୍ଧନ



ଅନନ୍ତ ପଟେଲ

ମାର ମମତା ଅତୁଟ ବନ୍ଧନ ଜନ୍ମ
ଜନ୍ମାନ୍ତର ପାଇଁ
ନିଜ ଦୁଃଖ କୁ ସେ ବକ୍ଷେ ଚାପି ରଖେ ନିଜ
ସନ୍ତାନ ସୁଖ ପାଇଁ.....(୦)

ମା'ଠୁ ମୁଁ ଯେବେ ରୁଷଇ ଗେହ୍ଲା କରି ମୋତେ
ଦିଏ ମନେଇ
କିଛି ଲୋଡା ନାହିଁ ଜୀବନ ପାଇ ମାଆ ଯେବେ
ପାଶେ ଅଟଇ....(୧)

ମାର ସେହି କୁହୁକ ସ୍ୱର ମନକୁ ମୋର
କରେ ଅଧିର
ନିଜେ ଉପବାସ ରହି ନିଜ ପୁଅକୁ
ଦିଅଇ ଆହାର....(୨)

ମାର ସେହି ଜହ୍ନ ମାମୁ ଲୋରୀ ନିଦ ବି
ଯାଏ ତା ଠାରୁ ହାରି
ମାର ସ୍ନେହ ଅମୂଲ୍ୟ ଅଟଇ ସଂସାର
ସବୁ ପୁଅ ତାହାରି....(୩)

କଦଳୀ ମୁଣ୍ଡା କଳାହାଣ୍ଡି, ଓଡ଼ିଶା, ପିନ_୭୬୬୧୦୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅକ୍ଷୟ ତୃତୀୟା



ସନାତନ ମହାକୁଡ଼

ବଇଶାଖ ଶୁକ୍ଳ ତୃତୀୟ ଦିନ
ଅକ୍ଷୟ ତୃତୀୟା ଧରା ଗମନ ।

କୃଷକ ଭାଇର ପ୍ରଥମ ଦିନ
ଅକ୍ଷି ମୁଠି ବୁଣି କରେ କଷଣ ।

ମଙ୍ଗଳ ବେଳାରେ ରଥଖଳାରେ
ବିନ୍ଧାଣି ଲାଗନ୍ତି ରଥଗଢାରେ ।

ରଥ ଚଢ଼ି ପ୍ରଭୁ ଗୁଣ୍ଡିଚା ଯିବେ
ଭାଇ ଭଉଣୀଙ୍କୁ ସାଥୀରେ ନେବେ ।

ଅକ୍ଷୟ ତୃତୀୟା ଦିନଟି ଶୁଭ
ଦାନ କଲେ ମିଳେ ଅନେକ ଲାଭ ।

ଶାସ୍ତ୍ର ପୁରାଣରେ ଅନେକ କିଛି
ଅକ୍ଷୟ ତୃତୀୟା ଦିନ ହୋଇଛି ।

ଅକ୍ଷୟ କୁମାର ପରଶୁ ଜନ୍ମ
ହୋଇଥିଲା ପୁଣି ଗଙ୍ଗା ଆଗମ ।

*ଗ୍ରାମ/ପୋ.ଅ- ବେରୁଆଁବାରୀ
ଜିଲ୍ଲା-ନୟାଗଡ-୭୫୨୦୮୨ ଓଡ଼ିଶା
ଦୂରଭାଷ:୦୯୩୩୯୭୧୦୧୭୮
ଇ-ମେଲ-sanmahakud@gmail.com
ୱେବସାଇଟ:www.sanatanmahakud.in

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନୁଭବ



ଅଚ୍ୟୁତାନନ୍ଦ ଭୁଏ

ଓଁକାର ବୋଇଲେ ଯା'କୁ
ବ୍ରହ୍ମା, ବିଷ୍ଣୁ, ଶିବ,
ତ୍ରିଭୁବନେ ବିହାରେ ଯେ'
ଭାବେ କର ଠାବ । (୧)

କିଏ କହେ ପରମାତ୍ମା
ଶୂନ୍ୟ ଦେହି ଭାବ ,
ନାମ ମଧ୍ୟେ ଭିନ୍ନାଭିନ୍ନ
ଧରିଛନ୍ତି ନାବ । (୨)

ବିଶ୍ୱାସ ଅଟଇ ମୂଳ
ମନରେ ମାନବ,
ଯାହା ପାଇଁ ତିଷ୍ଠି ଅଛି
ସସାଗରା ଭବ । (୩)

ମନ ଧ୍ୟାନ ଅଧ୍ୟୟନ
ଏକ ଘରେ ଠାବ,
ଜୀବ ଓ ପରମ ଏକା
କର ଅନୁଭବ । (୪)

ଗୋଲାମାଳ, ରେଙ୍ଗାଲି, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଜକୁ ନିଜେ ହିଁ ଠକିବ



ଶିଶିର କୁମାର ପଣ୍ଡା

ବୟସ ହୋଇଲେ ସଭିଏଁ ଚାହାଁନ୍ତି
ସେନେହ, ଶରଧା, ଆଦର
ଭଲ ଲାଗେନାହିଁ ସେତେବେଳେ ଯଦି
ସ୍ୱର ଉଠେ ପ୍ରତିବାଦର ।

ଅଭାବ କଷଣେ ପେଶିହୋଇ ସିଏ
ଶେଷବେଳେ ସୁଖ ଚାହାଁନ୍ତି
ଆଧୁନିକ ଏଇ ଯୁଗରେ ସେମିତି
ପୁଅ ଝିଅ ଅବା କାହାଁନ୍ତି ?

କେବେ ଅଣଦେଖା କରନାହିଁ କେହି
ନିଜ ବୁଢ଼ା ବାପା ମାଆଙ୍କୁ
ଦେଖିବେ ଯେମିତି କରିବେ ସେମିତି
ନିଜର ଭାବୁଛ ଯାହାଙ୍କୁ ।

ଭୋଗାଭୋଗ ସବୁ ଏଇଠି ହୋଇବ
ଯାହା କରିଥିବ କରମ
ମଲାବେଳେ ଯିବା ଖାଲିହାତେ ଆମେ
ସାଥେ ଥିଲେ ଥିବ ଧରମ ।

ଏକଥାଟି ମନେ ରଖିବ ।
ହତାଦର ବାପା ମାଆଙ୍କୁ କରିଲେ
ନିଜକୁ ନିଜେହିଁ ଠକିବ ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦିନ ଥିଲା



ଡା ବିଜୟ କୁମାର ପାତ୍ର

ଦିନ ଥିଲା !

ଆମ ବାଡ଼ିରେ ଥିବା

ଚମ୍ପା ଗଛ ସାଥେ,

ମୋ ବୋଉର ଯୁକ୍ତିତର୍କ ହୁଏ;

ରଙ୍ଗକୁ ନେଇ,

ମୋ ବୋଉ ଜିତି ଯାଏ,

ଚମ୍ପା ଦିନ ହେଲେ ମଉଳେ,

ହେଲେ ଇଏ ହଳଦୀ ରଙ୍ଗର

ବାଡୁଅ ଲୁଗା ପିନ୍ଧିବାଭଳି ଲାଗେ,

ରାତି ହେଲେ ସିଏ ବାସେ ;

ଇଏ ବି କୋଉ କମ ଯେ !

ୟା ଭିତରୁ ତ ହରଦମ

ଠାକୁରାଣୀର ବାସ୍ନା ।

ଗାଁ ମୁଣ୍ଡ ଏକୁଟିଆ ଘର,

ଦକ୍ଷିଣରୁ ଆସୁଥିବା ଶ୍ରାବଣ,ଫଗୁଣ

ପ୍ରଥମେ ଆମକୁ ମାରାକରି

ଗାଁ ଭିତରକୁ ପଶନ୍ତି,

କାଇଁଚ ଲତାକୁ ଆଶ୍ରାକରି

ବାଡ଼ିପଟ ଉଇ ହୁଙ୍କାରେ ଚଢି ;

ଆଖି ପାଇବା ପର୍ଯ୍ୟନ୍ତ ଦେଖିଲେ,

ଯାତ୍ରା ବାଲାଙ୍କ ଗତରାତିର

ସୁଅଁ ପାଉଡର ବୋଳା ମୁହଁ

ଓ

ଲମ୍ବା ଲମ୍ବା ଚୁଟି,

ଝାପ୍ସା ଦେଖାଯାଏ;

ପଞ୍ଚୁ ଦୋଳ ଯାତ୍ରା

ଆରମ୍ଭ ଆରମ୍ଭ ମାଡ଼େ ।

ସନ୍ଧ୍ୟା ହେଲେ

ଆମ ଛବିଲି ଗାଇଟା

କୁଦି କୁଦି ଆସେ,

ଅଧା ରାସ୍ତାରୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଟୁଇସନ ଫେରନ୍ତା
ସାନକୁ ସାଙ୍ଗରେ ନେଇ,
ଅବୁଝା ଶବ୍ଦରେ
ମୋ ବୋଉକୁ ତାଗିଦ କରେ;
ପୁଅକୁ ପଖାଳ ବାଢ଼ି ଦେବାକୁ,
ପଶୁ ହେଲେବି........
ଗରିବ ହାଣ୍ଡିର ବ୍ୟଥା ବୁଝେ ସେ,
କୋଉ ଦିନୁ ସିଏ ଗଲାଣି,
ମୁଁ କିନ୍ତୁ ବେଳେ ବେଳେ
ତା ସମାଧି ବାଟଦେଇ ଗଲେ;
ଦଣ୍ଡେ ଅଧେ ଅଟକେ ।

କୋଉକାଳରୁ...
ଆମ ଗାଁ ବଜାରକୁ
ମାର୍କେଟ କହନ୍ତି,
ଡିବିରୀ ବତୀ
ଓ
କେତେଟା ଲଣ୍ଠନ ମେଳରେ ;
ଏଠି ତେଲ କାଚ ଓ ଶାଳ ପତ୍ରରେ
"ଜିଇଁବା"ବିକ୍ରି ହୁଏ,
କିଛି ଛୋଟ ପଇସା ବଦଳରେ,

ବାକି,..ସୁଖ ଦୁଃଖର ହାଟ
ମାଗଣାରେ ଚାଲେ,
ମଶାଲ ଲିଭିବା ପର୍ଯ୍ୟନ୍ତ ।

କେବେ କେବେ ବୁଲିଗଲେ
ଭାଇ ସାଙ୍ଗମାନେ,
ଲାଓ ହେଇ...
ଶକ୍ତି ପରୀକ୍ଷା ନିଅନ୍ତି;
ମୋ ଅପରିପୁଷ୍ଟ  ହାଡମାନଙ୍କର,
ମୁଁ ବାସ୍.....
ପେଟ ଭର୍ତିକରି ଫେରେ,
ସାହୁ ଦୋକାନରୁ
ଉଡି ଆସୁଥିବା ବାସ୍ନାରେ,
ଆଉ ଦିନେ ଦିନେ
ବେଶୀ ଭୋକ ହେଲେ,
ଗାଁ ପାଖ ପୋଖରୀରେ
ଜୀବନର ପ୍ରତିମ୍ବିବ ବୁଡିଥାଏ,
ତୋଫା ଜହ୍ନ ଆଳୁଅରେ,
ଜୀବନ ଖୋଜିବାର
ଅସଫଳ ପ୍ରୟାଶରେବି,
ଢେର ଡେରି ବଞ୍ଚି ହୁଏ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସକାଳ ହେଲେ..
ଦର ଭିଜା ପ୍ୟାଣ୍ଟକୁ
ବସି ବସି କୁଲାରେ
ପାଛୁଡୁ ଥାଏ ମୋ ବୋଉ,
ଓତ ଦରମରା ହେଲେ
ମୁଁ ପିନ୍ଧି ସ୍କୁଲକୁ ଯାଏ,
ବାବୁ ଘର ପିଲାଙ୍କ ସାଙ୍ଗରେ,
ସାମାଜିକ ବିଜ୍ଞାନ ଶ୍ରେଣୀରେ
ଗରିବର ସଂଜ୍ଞା ପଚାରିଲେ,
ସମସ୍ତେ ନିର୍ବାକ !
ମୋ ଆଡେ ଅନାନ୍ତି,
ମୁଁ ବି ମୋ ପଞ୍ଜରାର
ହାଡ ଗଣୁଗଣୁ
ଜୀବବିଜ୍ଞାନ କ୍ଲାସପାଇଁ
ପ୍ରସ୍ତୁତ ହେଉଥାଏ ।

ଦିହ ପା ଖରାପହେଲେ
ଏଠି କାଳିଶି ଲାଗେ,
ଉପାୟ ଶୂନ୍ୟ ଗରିବର ଚିତ୍କାରକୁ,
ହରିବୋଲ କହନ୍ତି,
ହରିବୋଲ ଶବ୍ଦରେ
ମୁର୍ଦାର ଜୀବନ୍ତହୁଏ,
ବିଶ୍ୱାଶର ମଜଭୁତ ଡୋରରେ
ସବୁ ବିପତ୍ତିକୁ ବାନ୍ଧି,
ଗାଁ ମୁଣ୍ଡ ଅପନ୍ତରାରେ
ବିସର୍ଜନ କରାହୁଏ,
କାଳିଶି ଚୁପ !
ଗାଁ ଝାଲା ବି ନିରବ !
ମୋ ବୋଉବି କେତେ ବୋକୀ !
ନିଅଣ୍ଟିଆ ଚାଉଳରୁ
ଦି ମୁଠା ଦେଇ,
ନାହାକକୁ ଡରିମରି ପଚାରୁଥାଏ,
ଦେଇ ବାହାଘର,
ଆମ ପାଠ ପଢା,
ବାପାଙ୍କ ରାଜ୍ୟ ଜୟ କଥା.... ।

ଉପଖଣ୍ଡ ପ୍ରାଣୀଚିକିତ୍ସା ଅଧିକାରୀ
ଢେଙ୍କାନାଳ, ୭୦୦୮୬୭୯୨୧୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁନା ସଂସାର



ଶାନ୍ତନୁ କୁମାର
ରାଉତ

ସୁନାର ସଂସାର ଗଢିବା ଯେ ଆମେ
ଦୁଇ ମନ ଏକ କରି
ଖରା, ଛାଇ ରାସ୍ତା କରିବାରେ ଏକ
ସୁଖ, ଦୁଃଖକୁ ଆଦରି.... ! !

ଜୀବନର ମାନେ ଅବ୍ୟକ୍ତ ଜଞ୍ଜାଳ
ଯନ୍ତ୍ରଣା ରହିବ ଘେରି
ସେ ଯନ୍ତ୍ରଣାରୁ ଆମେ ସୁଖ ସାଉଁଟିବା
ସାଉଁଟା ମୁକୁତା ପରି..... ! !

କେତେ ବାଧା ବିଘ୍ନ ଆସିବ ଜୀବନେ
ହୋଇବନି ନିରୁପାୟ
ସବୁ ସମସ୍ୟାର ସମାଧାନ ତମେ
ଉପାୟ ଦବ ସମୟ..... ! !

ସମ୍ପର୍କ ସୁଦୃଢ ରହିବ ଆମର
ଜାଗି ରହିବ ବିଶ୍ୱାସ
ଦୁହେଁ ଦୁହିଁଙ୍କର ହାତ ଛାଡିବନି
ଥିବା ଯାଏ ଶେଷ ଶ୍ୱାସ.... ! !

ପାଟରଙ୍ଗା, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫେରିବାଲା



ସିଦ୍ଧେଶ୍ୱର ତ୍ରିପାଠୀ

ପେଟ ପାଇଁ ନାଟ ଦୁନିଆର ପାଠ
ବିଧିର ବିଧାନ ଏହି
ଘର ପରିବାର ଜୀବନ ସଂସାର
ଯାହା ଗଢ଼ିଛି ଏ ବିହି ।

ରାତି ପାହିଗଲେ ହୁଅଇ ସକାଳ
ଜୀବନ ଜଞ୍ଜାଳ ଲାଗେ
ପେଟ ପାଟଣା ର ବୃତ୍ତି ଅନ୍ୱେଷଣେ
କିଏ ଯାଏ କେଉଁଦିଗେ ।

ଟାଇଁ ଟାଇଁ ଖରା ବିଜୁଳି ବରଷା
କୋହଲା ସେ ଶୀତ ପାଗ
ଫେରିବାଲା ବୁଲେ ଏ ଗାଁ 'ସେ ଗାଁ'
ଅହରହ ଚଉଦିଗ ।

ଦିନ ଯାଏ ପାହି ସଞ୍ଜ ଆସେ ନଇଁ
ଫେରିବାର ବେଳ ହୁଏ
ହିସାବ କିତାବ ସାରି ଫେରିବାଲା
ତା ବାଟରେ ଫେରିଯାଏ ।

ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନାର ବ୍ୟଥା



ମମତା ବାରିକ

ମାନବର ବିଦ୍ୟାବଳ ହେଉଛି ଅନ୍ୟଥା
କରୋନା ସାଜିଛି ଆଜି  ସର୍ବ ମୁଣ୍ଡ ବ୍ୟଥା  । ।

ସ୍ୱୟଂ ପ୍ରଭୁ କରୁଛନ୍ତି ମାନବ- ପରୀକ୍ଷା
ଆଜି ପରା ନିଷ୍ଫଳ ତା' ସବୁ ଶିକ୍ଷା ଦୀକ୍ଷା  । ।

ଏ ପରୀକ୍ଷା ଗରିବଙ୍କୁ କରେ ଲୋକହସା
ହୃଦୟେ ଦେଉଛି ଭାରି କଷଣ ସହସା  । ।

ରୋଗ ନୁହେଁ ଦେଲାଣି  ସେ ଅହରହ ବ୍ୟଥା
କରୋନା ସାଜି ବସିଛି ଏବେ ଲୋକହନ୍ତା । ।

ଧନୀ ପାଏ ବସି ସିନା ପେନସନ ଯୋଜନା
ସମ୍ପର୍କ ଯାଉଛି ଭାଙ୍ଗି ତାର ମନ ଚୁନା
ପଡିଲେ ଶେଯରେ ଆଉ କେହି ନୁହେଁ ଚିହ୍ନା
ସ୍ମଶାନରେ ବାପ ପାଇଁ ପୁଅ ବି ଅଚିହ୍ନା । ।

ଧୂଳିସାତ ହୁଏ ଆଜି ମାୟାର ନଗର
ଅପେକ୍ଷା ପିଣ୍ଡ ଯିବାକୁ ଛାଡ଼ି ପ୍ରାଣ ତା'ର । ।

ଧନ, ଜୀବନ, ଲୋଭରେ ନାହିଁରେ ସତ୍ୟତା
ମରଣ  ଯାତ୍ରା ହିଁ ଜୀବନର  ସାର୍ଥକତା । ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହୃଦବିଦାରକ ଦୃଶ୍ୟ ଦେଖି  ମର୍ମାହତ

ଜନ ମନେ ଭରେ କାହିଁ  ବିଭୀଷିକା ଚିତ୍ର  ? ?

ଏ ହେଉଛି ତା' କର୍ମର ଅଭିଶପ୍ତ ଫଳ

ଯାହା ବିନା  ନାହିଁ ଆନ ଗନ୍ତବ୍ୟର ସ୍ଥଳ । ।

ଯାଜପୁର, ବାରବାଟୀ, ଗ୍ରାମ-ବାମଦେବପୁର, ପିନ୍: ୭୫୫୦୦୮

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଙ୍କଟମୟ କରୋନା ଓ ୟାସ୍



ପ୍ରହ୍ଲାଦ ସାହୁ

## ସଙ୍କଟମୟ କରୋନା ଓ ତାଣ୍ଡବକାରି ୟାସ୍

ଏ କରୋନାଟା ବଡ ବଦମାସ୍

ଦି'ବରଷ ହେଲା କରୁଛି ସର୍ବନାଶ,

ତଥାପି ମେଣ୍ଟିଲାନି ତା'ର ଶୋଷ

ସାଙ୍ଗରେ ଘେନି ଆସିଲା ୟାସ୍

***

ୟାସ୍ ଲେଖିଦେଲା ଧ୍ୱଂସର ଇତିହାସ

ଓଡିଶାର ଘରେଘରେ କଲା ଜଳ ତାଣ୍ଡବ,

ଏବେବି ସୁଖୁନି ପାଣି ବାଲେଶ୍ୱରର ବାସ

ଭାସିଗଲେ ଜଳେ ଅସଂଖ୍ୟ ଜୀୟନ୍ତା ଶବ

***

କରୋନା ଭୟେ ଭୟଭୀତ ଧରିତ୍ରୀ

ପୁଣି ବ୍ଲାକ ଫଙ୍ଗସ୍ କଲା ବେକାବୁ,

ଧନ-ଜନ-ଜୀବନ ସବୁ ନାସ କରି

ସାଇକ୍ଲୋନ୍ ୟାସ୍ ଧୋଇନେଲା ଓଡ଼ିଶାକୁ

***

ହେ ଜଗନ୍ନାଥ, ପତିତପାବନ, ମହାବାହୁ

ରକ୍ଷାକର ହେ ସଙ୍କଟମୋଚନଏ ବିପତ୍ତିରୁ,

ତୁମ୍ଭେ ଥାଉଁ ଥାଉଁ ଲୋଡିବୁ ଆଉ କାହାକୁ

ତୁମ୍ଭ ଶ୍ରୀଚରଣେ ସେବାକରି ପ୍ରାଣ ମୋର ଯାଉ

***

ଭ୍ରାମ୍ୟଭାଷ : ୮୧୭୮୯୪୪୭୭୬

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କରୋନାର ଭାବନା



ମମତା ପାତ୍ର

କରୋନା କହୁଛି ଏମିତି କରନା,
କରନା ଆଉ ଏତେ ସବୁ ବାହାନା,
ବାହାନା ଖାଲି କରୁଛରେ ସତେ,
ସତେ କେବେ ଆଉ ଜାଣିବ ମତେ,
ମତେ ଡର ମାସ୍କ, ସେନିଟାଇଜର,
ସେନିଟାଇଜର କାଳକରୁଛି ମୋର,
ମୋର ଉଗ୍ରତାକୁ ଦେଖିକର ବିଚାର
ବିଚାର ନ ହେଲେ ହେବ ଭୟଙ୍କର,
ଭୟଙ୍କର ମୁଁ ଯିଏ ଥରେ ଚାଖିଛି,
ଚାଖିଛି ମତେ ସିଏ ବିଷପାନ କରିଛି
କରିଛି,କରିଛି,ସେ ବିଷପାନ କରିଛି
କରିଛି କରେନା, ମଣିଷ ମାରୁଛି,
ମାରୁଛି ଶତ ଶତ ଜୀବନ ନେଉଛି,
ନେଉଛି ସଂସାର ଭସେଇ ଦେଉଛି,
ଦେଉଛି,ଶିଖାଉଛି ସଂସ୍କାରର ବାର୍ତ୍ତା
ବାର୍ତ୍ତା ଆମ ଯୁଗ ସତାବ୍ଦୀର ସତ୍ତା,
ସତ୍ତା ସେ ସତାବ୍ଦୀର ପୁରୁଣା କଥା,
କଥାରେ ଅଛି ସବୁ ଆଶା,ଭରଷା,
ଭରଷା ନାହିଁ ଦୁନିଆରେ କାହାକୁ ,
କାହାକୁ !କାହାକୁ ?ସେ ଚଉବାହାକୁ
ଚଉବାହାକୁ ଡାକିଲେ ଶୁଣିବେ ସବୁ
ସବୁ ମାନିଚଳିବେ ସଚେତନତାକୁ,
ସଚେତନତାକୁ କରାଇବା ଅଭ୍ୟାସ,
ଅଭ୍ୟାସ ବଳେ ବଢିବ ଯେ ସାହସ...

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚରିତ୍ରହୀନା 'କରୋନା'



ହେମନ୍ତ ଦାଶ

ବାରମ୍ବାର ନିଜର ରୂପ ବଦଳାଇ
ଅନ୍ୟର
ଦୁର୍ବଳ ମୁହୂର୍ତ୍ତର ସୁଯୋଗ ନେଇ
ବାସ୍ କିଛି ଦିନ
ଅଜ୍ଞାତର ହୃଦୟରେ ରାଜ୍ କଳାପରେ
ତା ହୃଦୟକୁ ଖିନ୍ ଭିନ୍ କରି
ପ୍ରତାରଣା କରୁଥିବା
ଏକ ବହୁରୂପୀ ରୂପଜୀବୀ ।

ଅତି ନମ୍ରତାର ସହ
ପ୍ରବେଶ କରି
ଅତି କ୍ରୁରତାର ସହ
ଧୋକା ଦେବାରେ ମାହିର୍
ଏ' ବିଟପୀ ଜଣକା ।

ବିଜନ ବିପଣୀମାଳାରେ
ବିଚରଣ କରି
ଗରାଖ ସନ୍ଧାନରେ
ଦିନ ରାତି ଏକ୍ କରି
ଅଗଣିତ ଜନତାଙ୍କୁ
ନିଜ ଫାଶରେ ବସ କରୁଥିବା
ଗଣିକା ଟିଏ ।

ଅନ୍ୟର ଘରଭାଙ୍ଗି
ସିନ୍ଦୂର ପୋଛି
ସର୍ବସ୍ୱାନ୍ତ କରିଦେଉଥିବା
ଏକ ଅଦୃଶ୍ୟା ଅପୂର୍ବା
ରୂପସୀ କରୋନା
ଚରିତ୍ରହୀନା ନୁହେଁ ତ
ଆଉ କଣ ?

ଆଶୁକବି ହେମନ୍ତ ଦାଶ, ସଂପାଦକ "ନିଷାନ"
ତୁଷୁରା, ବଲାଙ୍ଗିର । ମୋ-୯୯୩୭୬୮୮୫୪୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା ବାମ୍ଫ



ଆର୍ତ୍ତତ୍ରାଣ
ବିଶ୍ୱପ୍ରସନ୍ନ ଦାଶ

କରୋନା ସାଜିଛି କାଳ, ତୁଣ୍ଡି ଖୋଲୁ ଖୋଲୁ ବୋଉ ବୋବେଇଲା
ସନିଟାଇଜର୍ ବୋଅଳ  ବାମ୍ଫ ନେଇଯା ସଅଳ  ।
ବାମ୍ଫ ନଉଚି
ସକାଳୁ ସକାଳୁ ଟିଭି ଖୋଲିଦେଇ କାରୋନା ପୁରାଣ ଶୁଣୁଚି ।

ବଜାର ସଉଦା ହାଟ,    ଫଟଫଟିଆଠୁ ଖଟିଖିଆଯାଏଁ
ଏଠି ସବୁ ଭୋକିଲାଙ୍କ ଭେଟ  କାହାର ଚାଲିଛି ପୁଷମାସ
ଆଉ ପୋଡ଼ିଲାଣି କାହା ପେଟ କୋଉଠି ଚାଲିଛି ଭୋଟ ରାଜନୀତି
କିଏସେ ହେଲାଣି ଫଟ  କାରୋନା ଭାଇର ରସ,
ଗଗନେ ପବନେ ଜଳେ ସ୍ଥଳେ ବ୍ୟାପି ଚଳାଇଛି ପରା ନାଟ
ଚକରା ଦୋକାନେ ବିଚାର ପଡ଼ିଚି    ମଶାଣି ହେଲାଣି ଛୋଟ ।
ହାତ ଗୋଡ଼ ଜାକି ଘରେ ଖାଇ ପିଇ  ଆସ ଶୋଇବା ସଜେଇ ଖଟ
ନାହିଁ ଆଉ କିଛି ବାଟ । ଭାଇ କାରୋନା କନ୍ଦେଇ ଦଉଚି
ବାମ୍ଫ ନଉଚି,
ସକାଳୁ ସକାଳୁ ଟିଭି ଖୋଲିଦେଇ କାରୋନା ପୁରାଣ ଶୁଣୁଚି ।

ନୂଆ ନୂଆ ବେଶ ଧରୁଛି ,            ଗୁଡ଼େଇ ତୁଡ଼େଇ ହଟହଟା କରି
କେତେଯେ ତାଣ୍ଡବ ରଚୁଛି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶିଙ୍ଗଳି ତୁଣ୍ଡିରେ ନିସ୍ତାର ନାହିଁ ଏବେ ଡବଲ ତୁଣ୍ଡି ବାନ୍ଧୁଛି,
ବେଳେ ବେଳେ ଖାଲି ଦାଢ଼ିକୁ ଘୋଡ଼େଇ ତାମ୍ବୁଳ ଚୋବାଉଛି ।
ବଜାର ମଝିରେ ଖଟିଭାଇ ମେଳେ ଗରମ ଚାଆର ମଜା,
ଗରମ ପ୍ରକୋପେ କାରୋନା ମରିବ ଡରୁ କାହିଁପାଇଁ ଅଜା ।
ତଳ ତୁଣ୍ଡି କହେ ଉପର ତୁଣ୍ଡିଲୋ କେଡ଼େ ସୁନ୍ଦର ତୋ ମୁହଁ,
ନାଲିପିକ ପାଣି ଗାଧେଇ ଗାଧେଇ ମୋର କଷ ପଡ଼ିଗଲା ଦିହ ।
ଗରମ ପାଣିରେ ଫୁଟେଇ ଫୁଟେଇ ତୁଣ୍ଡି ଧୋଉଚି
ବାମ୍ଫ ନଉଚି,
ସକାଳ ପାଇଲେ ଟିଭି ଖୋଲିଦେଇ କାରୋନା ପୁରାଣ ଶୁଣୁଚି ।

ଭେକସିନୀ ଚାଲିଛି ଦିଆ,
ଦୂରତାକୁ ପୁରା ରକ୍ଷା କରି ଆମେ ଲମ୍ବା ଧାଡ଼ି ବାନ୍ଧି ଅଛୁ ଠିଆ ।
ସରପଞ୍ଚ ଆଶା ଦିଦି ଚିହ୍ନାମାନେ ଧାଡ଼ି ଆଗେ ମନ ଦିଆ ନିଆ,
ଅନଲାଇନ ବୁକିଙ୍ଗ କରିଛନ୍ତି ଯିଏ ଫୁଟାଣି ଆକାଶ ଛୁଆଁ ।
ପାଳି ପଡ଼ିବକି ନାହିଁରେ ନାରଣ କାଲି ପୁଣି ହେବା ଠିଆ,
ବଇଦସାଙ୍ଗେ ନିତି ଗେଲ ହେଉଥିଲେ କାରୋନା ହେବ ଛାନିଆ ।
ଭେକସିନୀ ମିଳୁନି ନିତି ଫେରୁଚି ବାମ୍ଫ ନଉଚି,
ସକାଳୁ ସକାଳୁ ଟିଭି ଖୋଲିଦେଇ କାରୋନା ପୁରାଣ ଶୁଣୁଚି ।

ସ୍କୁଲ ଛୁଟି ପୁଣି କଲେଜବି ଛୁଟିଦିଦି ବାଣ୍ଟିଲେଣି ଭତ୍ତା,
ବିନା ପରୀକ୍ଷାରେ ଚଢୁଥିବା ଶ୍ରେଣୀ ମିଳିବ ଚାଉଳ ଜୋତା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନଲାଇନ ଜ୍ଞାନୀ ବୋଲାଇବା ଆମେ ମୋବାଇଲ ହେବ ଛତା,
ସରକାରୀ ନୀତି ମାନିଥିଲେ ସିନା ମିଳିବ ଦିନେ ମାନ୍ୟତା ।
କରୁଣା ବାବା ହେ ଧନ୍ୟ ତୁମ କୃପା ଧନ୍ୟ ତୁମର ମହିମା,
ହାତ ଛାଡ଼ିଦେଇ ଅଧାବାଟୁ ତୁମେ ଚାଲିଯାଅ ନାହିଁ ଜମା ।
କରୁଣା କରୁଣା ନିତି ଜପୁଚି ବାମ୍ଫ ନଉଚି,
ସକାଳୁ ସକାଳୁ ଟିଭି ଖୋଲିଦେଇ କାରୋନା ପୁରାଣ ଶୁଣୁଚି ।

ପୋଲିସ ମାଡ଼ରୁ ବଞ୍ଚିବା ଲାଗିମୁଁ ଅଜାଣତେ ଗଳି ପଶି,
ଆଶ୍ଚର୍ଯ୍ୟ ଚକିତ କି ଦେଖିଲା ନେତ୍ର ତୁମ ଭୁତ ପଳାଇଲା ଖସି ।
ନାଳିପାଣି ଦେଖି ଏତେ ତୁମେ ଡର ଜଣା ନଥିଲାଲୋ କାରୋନା ଭାଇ,
ବିଶ୍ୱସାରା ଯାର ଆତଙ୍କ ଖେଳୁଛି ବସିଅଛି ସିଏ ମୁଣ୍ଡ ନୁଆଇଁ ।
ଭୋଟ ଲାଇନି କୁମ୍ଭ ଲଙ୍ଗୋଟି ଚିକେନ ଦୋକାନ ମଦର ଭାଟି
ଗୁପ୍‌ଚୁପ ଖାନ୍ତି ଅଙ୍କଲ ଆଣ୍ଟି ରୋବାବ ତୁମର ନାହିଁକି ସେଠି ?
ଗୁମର କଥା ମୁଁ କହିବି ନାଇଲୋ ତୁମ ଅଜାଗା ଘାଆରେ ଚୂନ ମାରୁଚି
ବାମ୍ଫ ନଉଚି,
ସକାଳୁ ସକାଳୁ ଟିଭି ଖୋଲିଦେଇ କାରୋନା ପୁରାଣ ଶୁଣୁଚି ।

ମାଇପ କହୁଛି ଶାଳିକୁ ଦେଖେଇ ଚୋଠାଟା ତୋ ଭାଇନା,
ଘରେ ପାଳୁଛନ୍ତି ହନିମୁନ ଏବେ ବାହାରକୁ ଯିବା ମନା ।
କାରୋନା ଭାଇଲୋ ଯେତିକି ବଢ଼ିବୁ ଉଭା ହେବେ ସେତେ କୁନି କୁନା,
ସେଇଠି ତୋର ପ୍ରବେଶ ନିଷେଧ ତୁଣ୍ଡି ବାନ୍ଧିବାବି ମନା ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବେଗିରି ପଳା,
ଭେକସିନୀ ଆସିଲେ ମୂଳପୋଛ ହେବୁ ଚିନି ଦେବେନି ତୋ ନନା ।
ଭଲରେ ଭଲରେ କହୁଚି ସତର୍କ ସୂଚନା ଦଉଚି
ସାନିଟାଇଜର ହାତେ ଘସି ଘସି ଚମଡା ଠିଆ ମୁଁ କରିଚି ବାମ୍ପ ନଉଚି,
ସକାଳ ପାଇଲେ ଟିଭି ଖୋଲିଦେଇ କାରୋନା ପୁରାଣ ଶୁଣୁଚି ।

ମିଡିଆ ସାଜିଛି ଯାନ,
କାରୋନା ଗଣତି ବଢିବା କମିବା ସରକାରୀ ମିଠା ପାନ ।
କିଏସେ ମରିଲା କାହାର ସରିଲା ପଚାଶଢା ସବୁ ଶ୍ୱାନ,
ଇଲେକ୍ସନ ଭିଡ଼ ଶୋଭାଯାତ୍ରା ସବୁ ରାସ୍ତା କଲାଣି ଶ୍ମଶାନ ।
ଛାଡ଼ ରାଜନୀତି କେତେଯେ ଭରିବ ପେଟି ପେଟି କରି ଧନ
ଥରୁଟିଏ ଏସିରୁମରୁ ବାହାରି କର ପ୍ରାଣର ସମ୍ମାନ ।
ଅମ୍ଳଜାନ ଟିକେ କମିଗଲେ ଖାଲି ଛାଡ଼ି ପଳେଇବ ପ୍ରାଣ,
ପିଲା ଛୁଆ କେହି ପାଖ ମାଡିବେନି ବାମ୍ପ ହେବ ମିଛ ମାନ ।
ପାଣିରେ ଚନ୍ଦନ ତୁଲସୀ ପଡ଼ିଚିବାମ୍ପ ନଉଚି,
ସକାଳ ପାଇଲେ ଟିଭି ଖୋଲିଦେଇ କାରୋନା ପୁରାଣ ଶୁଣୁଚି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା ପାଇଁ 'ଅ'



ଶୈଳବାଳା ସିଂହ

ଅଦୃଶ୍ୟ ଭୂତାଣୁ ଆସିଛି ଧାଇଁ
ଅମାନିଆ ଆମେ ହୋଇବା ନାହିଁ

ଅନିମନ୍ତ୍ରିତ ରୋଗ କରୋନା ସେଇ
ଅଜଣା ରୋଗ ସେ ଗ୍ରାସ କରଇ

ଅକାଳ ମୃତ୍ୟୁକୁ ନ ଆଣ ଡାକି
ଅଯଥାରେ ତମେ କରନା ଖଟି

ଅଣଦେଖା କେବେ କରିବା ନାହିଁ
ଅସୁବିଧା ସବୁ କେରାନା ପାଇଁ

ଅମାନିଆ ଆମେ ହେବାନି ଭାଇ
ଅମୂଲ୍ୟ ରତ୍ନଟି ଜୀବନ ଅଟଇ

ଅକାଳ ବିୟୋଗ ହେବ ଆମର
ଅସୁନ୍ଦର ହେବ ଆମ ସଂସାର

ଅନିୟନ୍ତ୍ରିତ ମହାମାରୀ କରୋନା
ଅବିବେକୀ ପରି କରେ ସଂସାର ଚୂନା

ଅକାଳରେ  ଯଦି ଇଚ୍ଛା ଝଡ଼ିବା ପାଇଁ
ଅନିୟମ କାମ ଯେତେ କରିବା ତହିଁ

ଅବାଟରେ ଗଲେ ଆସେ ବିପଦ
ଅବାଧ୍ୟ ହୋଇଲେ କଥା ସରିବ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅନ୍ଧାର ଆଲୁଅ ଖେଳ ମଧ୍ୟରେ
ଅଗୋଚରେ ଦେଖ କରୋନା ମାଡ଼େ

ଅଶାନ୍ତ ସମୁଦ୍ର ପରି ମାଡ଼େ କରୋନା
ଅହଂକାର ଛାଡ଼ି ସଭିଏଙ୍କୁ ଅନା

ଅକଲଗୁଡୁମ ଆଜି ସଭିଁଙ୍କର
ଅଣସେର ରହି ପ୍ରଭୁ ଉଦ୍ଧାର କର

ଅଧୈର୍ଯ୍ୟ ହୋଇଲେ ନିଷ୍ଚେ ମରିବା
ଅସମୟେ ଜୀବନ ଦୀପ ଲିଭାଇ ଦେବା

ଅସହ୍ୟ ଯନ୍ତ୍ରଣାରେ ମାନବ ଆଜି
ଅଜଣା ରୋଗରେ ହେଉଛି ଭାଜି

ଅକୁହା ବେଦନା ଯଦି ସହବା
ଅପରାଜିତ ଆମେ ନିଷ୍ଚେ ହୋଇବା

ଅଜ୍ଞାନ ମାନବ କରେ କି ଦୋଷ
ଅକାରଣେ ପୃଥିବୀ ହୋଇବ ଶେଷ

ଅଣଲେଉଟା କି କରୋନା ରଥ
ଅଜ୍ଞାନ ମାନବ ହୁଏ ବ୍ୟଥିତ

ଅମଣିଷ ପରି ହୋଇବା ଯେବେ
ଅପ୍ରୀତିକର ସ୍ଥିତି ଆସିବ ତେବେ

ଅଯ୍ୟମାରମ୍ଭ ଆଜି ଶେଷ ହେଉଛି
ଅବିକଳ ଛବି ଦେଖା ଯାଉଛି

ଅଥୟ ହେଲାଣି ସାରା ସଂସାର
ଅମୋଘ ଅସ୍ତ୍ର ପ୍ରଭୁ ପ୍ରୟୋଗ କର

କୁସୁପୁର, କଟକ
ମୋ=୯୧୭୮୩୭୭୭୯୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୋଭିଡ଼ ଯୋଦ୍ଧା



ସୁବ୍ରତ କୁମାର ଗିରି

ଯେହେତୁ କରୋନା ଲକ୍ ଡାଉନ୍ ବେଳେ ଆମେ
ହୋଲ୍ ଡେ ଆଣ୍ଡ ନାଇଟ୍ ଡିଉଟି ପାଳୁ,
ଘରଣୀ ଏବେ ଦାବୀ କରିଲେଣି
ଆମକୁ 'କୋଭିଡ ଯୋଦ୍ଧା' ର ମାନ୍ୟତା ମିଳୁ ।।

ପିଲେ ରହୁଥିଲେ ହଷ୍ଟେଲରେ ଆଉ
ସ୍ୱାମୀ ଖାଉଥିଲେ କ୍ୟାଣ୍ଟିନର ଖାଦ୍ୟ,
ରାତିରେ ବି ପଟ ରୁଟି କରିଦେଲେ
ସରିଯାଉଥିଲା ଆମ ଦାୟିତ୍ୱ ।

ଏବେ ନାସ୍ତା, ଲଞ୍ଚ, ଡ଼ିନର ପାଇଁ କି
ତୁହା ତୁହା ଖାଲି ଚୂଲିକି ଜାଳୁ,
ଏତେ କାମ କରି ବାହା ବିନ୍ଧିଲାଣି
ଆମକୁ 'କୋଭିଡ ଯୋଦ୍ଧା' ର ମାନ୍ୟତା ମିଳୁ ।।

ଯା' ପୁଅ ବେକାର,ତା ଝିଅ ଫେରାର
ଦାଣ୍ଡେ ବସି ଆଉ ପାରୁନୁ ଗପି
ନିତି ଦୋକାନ, ବଜାର ବୁଲିବା ଅଭ୍ୟାସ
କେମିତି ରହିଛୁ ପାଦକୁ ଚାପି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏକୁଟିଆ ଯା ସାଥେ ଗପୁଥିଲୁ
        ମୋବାଇଲରେ ଗପିନୁ ଅନେକ କାଳୁ
ସବୁ ଛାଡ଼ି ପରିବାର ସେବା କରୁ
ଆମକୁ 'କୋଭିଡ ଯୋଦ୍ଧା' ର ମାନ୍ୟତା ମିଳୁ ।।
ବାହାଘର ବେଳେ ବାପା କହିଥିଲେ
        ଝିଅ ରହିବନି ଶଶୁର ଘରେ,
ଘର କାମ ଜୋଇଁ ଅଧା କରୁଥିବେ
        ଝିଅକୁ ରଖିବେ ତାଙ୍କ ପାଖରେ ।
ଅଣ୍ଟା ମୁଣ୍ଡବିନ୍ଧା ବାହାରି ଗଲାଣି
ଯେଣୁ କାମର ଅଭ୍ୟାସ ନାହିଁ ସେ ବେଳୁ
ନ ହେଲେ ଘର ଭିତରେ ବି ଲକ୍ ଡାଉନ୍ କରିଦେବୁ
ଆମକୁ 'କୋଭିଡ ଯୋଦ୍ଧା' ର ମାନ୍ୟତା ମିଳୁ ।।

କନିଷ୍ଠ ଶିକ୍ଷକ, ତଳାପାତି, ଅସନା, ମୟୂରଭଞ୍ଜ
ମୋବାଇଲ୍-୭୮୯୪୮୦୩୩୧୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମଭରା ଗୀତ



ଅମୂଲ୍ୟ କୁମାର ପଣ୍ଡା

ଲେଖିଥିଲେ ଆମେ ଏହି ମର୍ତ୍ତ୍ୟ ଧାମେ
ପ୍ରେମ ଭରା ଗୀତଟିଏ
ସେ ଗୀତର ସ୍ୱର ହୋଇ ଚିତ୍ତ ଚୋର
ନେଇ ଚାଲିଗଲା କିଏ !

ପଦ ପଦ ଯୋଡି ପଂକ୍ତି ଥିଲେ ଗଢି
ପ୍ରେମ ରସ ଭରି ଦେଇ
ମନେ ଦେଇ ଦୁଃଖ ପାଇବ କି ସୁଖ
ଦୁଷ୍ଟ ନିଶାଚର ସେହି ?

କଲା ସିନା ଚୋରି ପାରିବନି ଧରି
ମନ ସୁର ତାଳ ଲୟ
ଯେବେ ସେ ଗାଇବ ହୃଦୟେ ଜାଗିବ
ଅଜଣା ଆବେଗ ଭୟ ।

ଭଲ ପାଉଥିବୁ ଚାଲିଛୁ ଚାଲିବୁ
ସ୍ୱଚ୍ଛ ଆମ ପ୍ରେମ ବାଟ
ଯୁଗ ଯୁଗ ପାଇଁ କେବେ ହେବନାହିଁ
ଆମରି ପ୍ରେମରେ ଫାଟ ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ :- ୯୯୩୮୯୦୭୦୭୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନମସ୍କାର



ବିନୟ ମିଶ୍ର

ନମସ୍କାର କଲି ଦୁଇହାତ ଯୋଡି
ଶିରେ ଲଗାଇ ଅଞ୍ଜଳି,
ପାଟିରେ କହିଲି, ଆଣ୍ଠୁମାଡି ମୋର
ଭୂମିଷ୍ଠ ପ୍ରଣାମ କଲି ।

ବଡ଼ଭାଇ ମୋର କିଛି କହିଲେନି
ମୁଣ୍ଡକୁ ଟୁଙ୍ଗାରି ଦେଲେ,
ଭାଉଜ ମୋହର ହଉ ବୋଲି କହି
ଦାନ୍ତ ଦେଖେଇ ହସିଲେ ।

ବୋଉ ଆଉଁସଇ ମୁଣ୍ଡକୁ ମୋହର
ନନାଙ୍କର ଆୟୁସ୍ମାନ,
କକେଇ କହନ୍ତି କେବେ ଆସିଲୁ ଯେ
ଖୁଡିଙ୍କର  ହସ ସାନ ।

ଜଣାଶୁଣା ବଡ଼ମାନେ କହିଥାନ୍ତି
କେତେ କିଏ କେଉଁପରି,
ନମସ୍କାର ମୋର ଗୋଟାଏ ପ୍ରକାର
ମନ ଯାଏ କିନ୍ତୁ ମରି ।

ଗୁରୁଙ୍କୁ ମୋହର ନମସ୍କାର କଲେ
କେବେ ନ କହନ୍ତି କିଛି,
ଆଶ୍ଚର୍ଯ୍ୟ ଲାଗଇ ନମସ୍କାର ଦେଇ
ନମସ୍କାର ବି ଶୁଣୁଛି ।

ଦିନେ ପଚାରିଲି ମୋ ଗୁରୁଙ୍କୁ ଯଦି
ଜଣେ କରେ ନମସ୍କାର,
କଅଣ କହିଲେ ଖୁସୀ ହେବ ସିଏ
ନ ଫେରାଇ ନମସ୍କାର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିଲେ ମୋ ଗୁରୁ ନମସ୍କାର ଗୋଟି

ହୋଇ ନ ଥାଏ କାହାର,

କାହାଠାରୁ କେବେ କିଏ ନ ନିଅନ୍ତି

(ଏ) ଦେବା ନେବାର ସମ୍ଭାର ।

ଏ ମର୍ତ୍ତ୍ୟ ମଣ୍ଡଳେ ନମସ୍କାର ପାଇଁ

ଏହି ପଦେ ମନେ ଥାଉ,

"ତୁମ୍ଭ ଇଚ୍ଛାପୁର୍ଣ୍ଣ ହେଉ ମହାବାହୁ

ମଣିଷର ଇଚ୍ଛା ନୋହୁ ।"

ମଲ୍ଲୀପୁର, ଖୋର୍ଦ୍ଧା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମ ବିନା



ପ୍ରିୟଙ୍କା
ପ୍ରିୟଦର୍ଶିନୀ ରାୟ

ତୁମେ ମୋର ଜନମ ଜନମ ର ସାଥି,

ତୁମ ବିନା ମୁଁ ଜିଇଁବି କେମିତି।

ଦଣ୍ଡେ ନଦେଖିଲେ ରହିପାରୁନାହିଁ,

ଦୁରେଇଗଲେ ତମେ ସାହିପାରୁନାହିଁ।

କି ପ୍ରେମ ଶକ୍ତି ଅଛି ତୁମ ଠାରେ,

ନିଶବ୍ଦ ରାତିରେ ଖାଲି ପଡ ମୋ ମନ ରେ।

ଯେତେ ବୁଝେଇଲେ ମନ ମୋ ବୁଝୁନି,

ତୁମ ବିନା ମତେ ଲାଗେ ମୋ ଦିନ ହିଁ ସରୁନି।

ଅତି ଯତନ ରେ ତୁମକୁ ରଖିଛି ମୋ ହୃଦ ରେ,

ତୁମ ପାଦ ରେଣୁ ବୋଳନ୍ତି ସଦା ମୋ ମଥାରେ ।

ଚିଠି ଦେଇଥିଲ ତୁମେ ଆସିବ ବୋଲି,

ଆଜିକାଲି ତୁମେ ବୋଧେ ଗଲଣି ଭୁଲି।

ଚାହିଁ ବସିଛି ମୁଁ ତମର ବାଟକୁ,

କଥା ଦିଅ ଆସିବ ତୁମେ ଆଗ ମାସକୁ।

ଜାରକା, ଯାଜପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ କାନ୍ଦିପାର



ରାକେଶ ଷଡ଼ଙ୍ଗୀ

ତୁମେ କାନ୍ଦିପାର କୁମ୍ଭୀର କାନ୍ଦଣା
କରି ଛଳ ଛଳ ଆଖି
ତୁମ କାନ୍ଦ ପାଇଁ ଦାୟୀ ପରା ତୁମେ
ରହିଛି ଏ ମାଟି ସାକ୍ଷୀ ।
ତୁମେ କାନ୍ଦିପାର ଛାତି ପିଟି ପିଟି
ମୃତ୍ୟୁର ତାଣ୍ଡବ ଦେଖି
ତାଣ୍ଡବ ନିମନ୍ତେ ଅନୁମତି ପରା
ତୁମେ ଦେଇଅଛ ଡାକି ।

କରି କୁମ୍ଭମେଳା ନିର୍ବାଚନ ଲୀଳା
ଦେଖେଇଲ ଯେତେ ନାଟ
ରୋଗାକ୍ରାନ୍ତ ହେଲା ଭାରତଟା ସାରା
ସ୍ମସାନ ସାଜିଲା ଘାଟ
ଭୁଲିଗଲ ତୁମେ ଦେଶର ଅବସ୍ଥା
ଘାରିଲା ଚଉକି ନିଶା
ସାମ୍ରାଜ୍ୟ ବିସ୍ତାର ନୀତି ଧରି ତୁମେ
କରିଲ ତାହାକୁ ପେଷା

ଟୀକା ଅଭିଯାନ ଶିଥିଳ କରିଲ
ମାଗଣା ବାଣ୍ଟିଲ ଧନ
ଭାରତଟା ସାରା ଶ୍ୱାସରୁଦ୍ଧ ହୋଇ
ହେଲା ଅମ୍ଳଜାନ ହୀନ
ରାତିଦିନ ଲଢ଼ି ଡାକ୍ତର ଆମରି
ଦେଲେ ବଳିଦାନ କେତେ
ତଥାପି ଜୀବନ ବଞ୍ଚାଇନପାରି
ସନ୍ତାରିଲେ ନିଜ ହାତେ
କେତେ ଯେ ଜୀବନ ଶବରେ ପାଲଟି
ଅଛୁଆଁ ହୋଇଲା ସତେ
କେତେ ହେଲେ ପୋଡ଼ା କେତେ ହେଲେ
ପୋତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନଦୀରେ ଭାସିଲେ ଯେତେ

କାନ୍ଦିଲେ କି ତୁମେ ? ଫେରିକି ଆସିବେ
ଆତ୍ମୀୟଙ୍କ ମୃତ ଜନ
ଆଖିଲୁହ ତୁମ ଧୋଇ କି ପାରିବ ?
ଶବର ଦୁର୍ଗନ୍ଧ ମାନ ।।

ଥାଉ ଥାଉ ତୁମେ କାନ୍ଦନାହିଁ ଆଉ
ଆଖିରୁ ଲୋତକ ସାରି
ତୁମ କାନ୍ଦ ଦେଖି କାନ୍ଦି ପକାଇବେ
ଦେଉଳରେ ଥାଇ ହରି
ଦଳ, ଚିହ୍ନ ଖେଳ ବନ୍ଦ କରି ଏବେ
ସାହାର୍ଯ୍ୟର ହାତ ଦିଅ
ମୃତ୍ୟୁର ସହିତ ଲଢ଼ିବା ପାଇଁକି
ଜନତାଙ୍କ ସାଥେ ରୁହ ।।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ , ସମ୍ବଲପୁର
ମୋ- ୭୮୫୩୦୭୬୦୭୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବନ୍ଧ୍ୟା



ଜିତେନ୍ଦ୍ର ପାଣ୍ଡେ

ମୁଁ ସତେ କେଡେ ହତଭାଗିନୀଟେ
ମୋ କୋଳେ ସନ୍ତାନ ନାହିଁ,
କଳୁଷିତ କରେ ଏ ସମାଜ ମତେ
ବନ୍ଧ୍ୟା ବୋଲି ନାମଦେଇ । ।

ବନ୍ଧ୍ୟା ହେବାରେ ବା ଦୋଷ ମୋର କ'ଣ
ଯାହା କପାଳ ଲିଖନ,
କହେ ଏ ସମାଜ ଅଶୁଭ ଅଟଇ
ମୋ ମୂଖ କଲେ ଦର୍ଶନ । ।

ସ୍ୱାମୀ ନିର୍ଯ୍ୟାତନା ଶାଶୁ କଟୁବାକ୍ୟ
ହୃଦେ ଜାଳେ ଦୁଃଖ ନିଆଁ,
କବାଟ କୋଣରେ ଚୂଲିମୁଣ୍ଡେ ବସି
ଢାଳେ ଲୁହ ଅମାନିଆ । ।

ଆସିଥିଲି ଦିନେ ବଧୂବେଶ ସାଜି
ଘର ଏରୁଣ୍ଡୀ ବନ୍ଧ ଡେଇଁ,
ବନ୍ଧ୍ୟାକରି ବିହି ମୋ ଭାଗ୍ୟରୁ ସତେ
ସୁଖ ସେ ନେଲା ଛଡେଇ । ।

ସନ୍ତାନ ବିହୂନେ ଏ ଜୀବନ ମୋର
ହୋଇଛି ଯେ କଳଙ୍କିତ,
କୋଉ ଜନମର ପାପଫଳ ବୋଧେ
ଏ ଜନ୍ମେ ହେଲା ପ୍ରାପତ । ।

ହେ ଜଗତପିତା ପରମ ଈଶ୍ୱର
ତୁମ ପାଦରେ ବିନତୀ,
ସନ୍ତାନଟେ କୋଳେ ଦେଇ କର ପ୍ରଭୁ
ବନ୍ଧ୍ୟା ଜୀବନରୁ ମୁକ୍ତି । ।

ବାଗଉଡାର, ବେଲପଡା,ବଲାଙ୍ଗିର
ମୋ-୭୩୨୦୯୭୯୬୪୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୁଣପ୍ରିୟା



ରଞ୍ଜୀତ
ଅରେବେଡ଼ିଆ

ଶୁଣ ପ୍ରିୟା,
କି ସଞ୍ଜ କି ସକାଳ
କି ଦିନ କି ରାତି
ତୁମକୁ ଖୋଜି ଚାଲୁଛି ମୋ ଆଖି !

ଶୁଣ ପ୍ରିୟା,
କି ଖରା କି ବର୍ଷା
କି ଶୀତ କି ବସନ୍ତ
କେବେ ହେବ ମୋ ଅପେକ୍ଷାରେ ଅନ୍ତ ?

ଶୁଣ ପ୍ରିୟା,
ମୋ ମନ ମୋ ହୃଦୟ
ମୋ ସପନ ମୋ ଜୀବନ
ତୁମଠାରେ ଛନ୍ଦି ହୁଏ ରାତିଦିନ !

ଶୁଣ ପ୍ରିୟା,
ମୋ ବନ୍ଧୁ ମୋ ବାନ୍ଧବୀ
ମୋ ସାଥୀ ମୋ ପ୍ରିୟା
ମୋ ମନ ହୁଏ
ତୁମ ପାଇଁ ଅମାନିଆ !

ଶୁଣ ପ୍ରିୟା
ତୁମ ହସ ତୁମ ଲାଜ
ତୁମ ସଜ ତୁମ ଚାହାଣୀ
କେବେ ଦେଖିବ ମୋ ଆଖି କେଜାଣି ?

ଶୁଣ ପ୍ରିୟା
ତୁମ ଆଖି ମୋ ଆଖି
ତୁମ ହାତ ମୋ ହାତ
କେବେ ଛନ୍ଦାଛନ୍ଦି ହୋଇ ?
ମୋ ସପନ ହେବ କି ସତ !

ଗ୍ରାମ - ମିର୍ଜାପୁର, କଳାହାଣ୍ଡି
କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡିଶା ( କୋରାପୁଟ )
ସ୍ନାତକୋତ୍ତର ଓଡ଼ିଆ ବିଭାଗ, ପ୍ରଥମ ବର୍ଷ ଛାତ୍ର...

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଦାରୁଣ ନିଦାଘ



ପୁଷ୍ପାଞ୍ଜଳୀ ପଣ୍ଡା

ନିଦାରୁଣ ନିଦାଘର ଖରାରଙ୍ଗ ଏରୁଣ୍ଡି ବନ୍ଧରୁ
ଝୁଣ୍ଟିପଡେ ତୋଫା ଖରା ଚାଳ ସେପାଖରୁ ।
କଅଁଳ କିରଣ ଧିରେ ଧିରେ ହୋଇ ଯୁବା
ଦିଶୁଥାଏ ସୁନ୍ଦର ସୁଷମା, ପ୍ରୌଢ଼ଟିଏ ଅବା ।।

ସଙ୍କୁଚିତ ସବୁଜିମା ଘାସ ଗାଲିଚାରେ
ଶୋଇଥାଏ ଦିପହର ଶେଷ ଠିକଣାରେ ।
ଧୂସର ମାଟିର ରଙ୍ଗ ମାଖିହୋଇ ଧରା
ଅବିଶ୍ରାନ୍ତ ଚୁମୁଥାଏ ବକ୍ଷ ଉତ୍ତାପ ଉତ୍ତରା ।।

ଜୀବନର ଚିତ୍ର ଆଙ୍କେ ସାଦା କାଗଜରେ
ଅଗ୍ନୀ ବର୍ଷା କରୁଥାଏ ଗୋଧୁଳି ସନ୍ଧ୍ୟା ରେ ।
ଅଳତା ମଖା ପାଦରେ ଓଦା ମାଟି ଛୁଆଁ
ଡ଼ହ ଡ଼ହ ଗ୍ରୀଷ୍ମ ଭରେ ମନତଳେ ନିଆଁ ।।

ତାରାଫୁଲ ଫୁଟିଯାଏ ଉପର ଆକାଶେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନୀରୋଳା ନିସ୍ତବ୍ଧ ସେଠି ଜହ୍ନ ରାତି ହସେ ।

ଉତ୍ତର ଦିଗ ଆଲୋକ ପୂର୍ବ ଦିଗ ଆଡେ

ଚାହିଁ ଦେଖେ ଫର୍ଚା କାଳେ ସେ ପଟ କୁ ମାଡ଼େ । ।

ନିଦାଘ ଦାରୁଣ ବୁଣେ ଅରୁଣ କାକଳୀ

ଶୁଭିଯାଏ ଶଙ୍ଖ ନାଦ ଚଉଦିଗ ମେଲି । ।

ଷ୍ଟାଟିଷ୍ଟିକାଲ୍ ଅଫିସର

ଯାଜପୁର, ୯୮୨୧୪୫୭୫୭୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ଫୁଲେଇ ପ୍ରିୟା



ଜଗବନ୍ଧୁ ସାହୁ

ଜହ୍ନଠୁ ସୁନ୍ଦର    ଫୁଲଠୁ କୋମଳ
ମୋ ପ୍ରିୟା ଫୁଲେଇ ଝିଅ
ରୁଷିଗଲେ ସିଏ    ଚାନ୍ଦ ଲୁଚି ଯାଏ
ଆଖିରୁ ଝରେ ମୋ ଲୁହ

ଜହ୍ନଠୁ ଶୀତଳ    ମନ ତା' ଚଞ୍ଚଳ
ରୂପରେ ଲାବଣ୍ୟବତୀ
ଟିକିଏ ଲାଜେଇ    ଟିକିଏ ଫୁଲେଇ
ହସରେ ତା ଝରେ ମୋତି

ଲାଜେଇ ଆଖିରେ ଚାହିଁ ଦିଏ ଯେବେ
ପାରେନି ତା ପାଖୁ ଖସି
ଶୁଣୁଥାଏ ତାର    ମିଠା ମିଠା କଥା
ତା କୋଳରେ ମୁହିଁ ବସି

ମୁଣ୍ଡକୁ ଆଉଁସି ଗେଲ କରେ କେତେ
ପିଆଇବି ପ୍ରେମ ଲସି
ସତ ମୁଁ କହୁଛି    ଯେବେଠୁ ଦେଖିଛି
ଯାଇଛି ତା ପ୍ରେମେ ଫସି

ପ୍ରେମ୍ କବି ଜଗବନ୍ଧୁ ସାହୁ
ଛତ୍ରାଣିଆ ପଲ୍ଲୀ : ଗଞ୍ଜାମ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଃଶବ୍ଦ ସ୍ୱର



ବିଷ୍ଣୁପ୍ରିୟା ଶତପଥୀ

କାହାର ନିଃଶବ୍ଦ ସ୍ୱର
ମୋ ଆତ୍ମାକୁ ମନ୍ତ୍ରମୁଗ୍ଧ କରେ
କାହାର କୋମଳ ସ୍ପର୍ଶ, ବାରମ୍ବାର
ହୃଦୟକୁ ପ୍ରକମ୍ପିତ କରେ ?

ଦେଖିନାହିଁ ନେତ୍ରେ ତା'ର ଛବି
ମାନସ ପଟରେ ଭାସେ,
ଝାପସା ତା'ର ମୁଖ,
ତାର ଉପସ୍ଥିତି ଅନୁଭବ ହୁଏ
ମୋ ଭିତରେ ।

ସନ୍ନିକଟ ସେ ସମୟ
ଅଳ୍ପ ଅଛି ବାକି,
ସ୍ପର୍ଶ କରିବ ଧରଣୀ
ଜୀବନ୍ୟାସ ପାଇବ ସେ
ଚନ୍ଦ୍ର ଆଲୋକରେ ।

ମୋ ଗର୍ଭରେ ପାଦ ଚାଳି
ବ୍ୟଗ୍ରତାର ସହ ,
ଦେଖିବା ପାଇଁ ଦୁନିଆ
ଡାକେ ମା' ମୋର
ଜନ୍ମ ଦିଅ ଥରେ ।

ଭାବିବନି ହୀନ ମନେ
କନ୍ୟାଟିଏ ବୋଲି ,
କରିବନି ମନ ଉଣା ,
ଶଶୀ ପରି ବଢ଼ିବି ମୁଁ
ତୁମ ପରଶରେ ।

ନୟନେ ଅଞ୍ଜନ ଦେଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା
ଆହ୍ୱାନ ଇ-ପତ୍ରିକା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ହେତୁ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପ୍ରକାଶିତ
Aahwaan.com

 Magazine Downloaded from www.aahwaan.com

ଲୁଚାଇବ ନାହିଁ

ପଣତେ ତୁମର ,

ବଜ୍ର ପରି କଠିନ ହେବି

ତୁମ ନିର୍ଦ୍ଦେଶ ରେ ।

ପୁତ୍ର କନ୍ୟା ଉଭୟ ସମାନ

ଦେଖାଇ ଦିଅ ସଭିଙ୍କୁ,

ଶିଖାଅ ଏ ସମାଜକୁ

ଏ ସାରା ବିଶ୍ୱକୁ,

ଯାଉ ଅଜ୍ଞାନତା ଦୂରେ ।

ତୁମ ହସ୍ତଧରି ପଥ

ଚାଲିବାକୁ ସତ,

ବିଧାତାଙ୍କ ନିର୍ଦ୍ଦେଶ,

ଅବଶୋଷ କରନାହିଁ, ମା'

ମୋ'ର ଜନ୍ମରେ ।

ଜେନାପଦା ଆଠଗଡ କଟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୁନ୍ତୀ



ଡଃ ମାଙ୍ଗଳିକା
ମହାପାତ୍ର

ମୁଁ କୁନ୍ତୀ ..
ମୁଁ ନୁହେଁ ଗାନ୍ଧାରୀ
ମୁଁ ନୁହେଁ ଚିତ୍ରାଙ୍ଗଦା ବା ମାଦ୍ରୀ
ନୁହେଁ ମଧ୍ୟ ଧୀବର କନ୍ୟା ସତ୍ୟବତୀ

ମୁଁ ସମସ୍ତଙ୍କ ଠୁ ଅଲଗା
ମାଆ ର ଉଦରୁ ଜନ୍ମ ତ ନେଲି
କୁନ୍ତଙ୍କ ପାଳିତା କନ୍ୟା ହୋଇ
କୁନ୍ତୀ ନାମ ବହିଲି ...
ସାରା ଜୀବନ ସଂଘର୍ଷରେ କାଟିଲି
ମୁଁ ଖୁବ୍ ସ୍ୱାଭିମାନୀ ...

ପରିସ୍ଥିତିର ହୋଇ ଦାସୀ
ଚାରି ପତିଙ୍କର ହେଲି ଯେ ପ୍ରେୟସୀ
ସୂର୍ଯ୍ୟଙ୍କଠୁ ଆରମ୍ଭ କରି
ପାଣ୍ଡୁ, ପବନ ଓ ଇନ୍ଦ୍ରଙ୍କ ଯାଏ
ସେମାନଙ୍କୁ ବରଣ କଲି ଇଚ୍ଛାମତେ
କିଶୋରୀ ପ୍ରାଣରେ କିଛି
ବୁଝି ନ ପାରିଲି ...
ଇଚ୍ଛା ପ୍ରାପ୍ତି ବର ର
ସଦୁପଯୋଗ କି ଦୁରୂପଯୋଗ କଲି
ହେଜି ନ ପାରିଲି ..
ସେମାନେ ସମସ୍ତେ ଆସିଲେ
କିଛି ମୁହୂର୍ତ୍ତ ପାଇଁ ...
ମୋର ସାନିଧ୍ୟ ଉପଭୋଗ କଲେ
ମୋର କାମନା ପୂରଣ କରି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୋତେ ମୁକ୍ତ କରି ଚାଲିଗଲେ

ହେଲେ ମୁଁ ନିଜକୁ କେବେ
କ୍ଷମା କରିପାରିନି ...
ଏତେ ସବୁ ଅନୁଭୂତି ଥାଇ ମଧ୍ୟ
କେମିତି ମୋ ପାଟିରୁ ବାହାରିଲା
ବଧୂ ଦ୍ରୌପଦୀଙ୍କ ପାଇଁ
ପଞ୍ଚ ପତିଙ୍କ ଆଶୀର୍ବାଦ
କେମିତି ଥରେ ବି ଭାବିପାରିଲିନି
ଦ୍ରୌପଦୀର ଦେହ ଅଛି
ମନ ଅଛି.. ସେ ନାରୀଟିଏ ବୋଲି

ପାର୍ଥର ଥିଲା ସେ ପ୍ରେୟସୀ
ସ୍ୱୟମ୍ବର ଜିଣି କରିଥିଲା
ତାକୁ ମନର ମାନସୀ ..
ନ ଦେଖି ..ନ ଚାହିଁ ..
ପଞ୍ଚ ପୁତ୍ରଙ୍କ ଭିତରେ ବାଣ୍ଟି
ଦେଲାବେଳେ ଥିଲା ସେ ..
ନୀରବ ... ନିଶ୍ଚୁପ୍ ... ନିଶ୍ଚଳ
ମାତାଙ୍କ ଆଦେଶ ଥିଲା ତାଙ୍କ
ସତ୍ୟ ରକ୍ଷା ସଦୃଶ.. ଶିରୋଧାର୍ଯ୍ୟ

ଗୋଟିଏ ପୁରୁଷକୁ ବରଣ କରି
ତାକୁ କାୟ ମନୋବାକ୍ୟରେ
ଭଲପାଇବା କଷ୍ଟକର ନୁହେଁ
ହେଲେ ମୋ ଆଦେଶରେ
ପଞ୍ଚପତି ଙ୍କୁ କିପରି ବରିଲା
ଏକଥା କେବେ କି ସେ
ମୁଁହ ଖୋଲିକି କୁହେ .. ! !

ଏଥିପାଇଁ କେବେ ବି
ନିଜକୁ କ୍ଷମା କରିପାରିବିନି
ହୋଇଥାଏ ପଛେ ମୁଁ
ପଞ୍ଚ ମହାରଥୀଙ୍କ ଜନନୀ

କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁତ୍ରମୋର ଆମେରିକା ଗଲା



ଦଣ୍ଡାସି ପ୍ରଧାନ

କୋଇଲି ଲୋ ! ପୁତ୍ର ମୋର ଆମେରିକା ଗଲା -
ପୁଅ,ଝିଅ,ଜାୟା ଘେନି ବାହୁଡି ନୋହିଲା ।ଲୋ କୋଇଲି--
କେମନ୍ତ ଜୀବନ ଯିବ ଏଠି,
ନୟନ ପସରା ଗଲା ବିଦେଶ ବରି କି ।ଲୋ-- (୦୧)

ଧନ ଅରଜନ ନିଶା-ଚର ଚରମରେ-
ମାତୃ ମମତାର ମୂଲ୍ୟ-ବୋଧ ତରାଜୁରେ ।ଲୋ କୋଇଲି--
କାହାକୁ ଡାକିବି ଧନ ବୋଲି,
ଅଣ୍ଟିଗୁଆ ଖସିଯାଇ ବନ୍ଧ୍ୟାଦୋଷେ ମଲି । ।ଲୋ---(୦୨)

ମା'ର ଗରଭ କଷ୍ଟ କେଶବ କେବଳ -
କହ୍ନେଇ ଚରଣ ବିନୁ ବିନ୍ଧେ ବେଳୁବେଳ ।ଲୋ କୋଇଲି--
ଏଇ ଦୀନ ଦଶା ନିବାରଣ,
ନାତି ନାତୁଣୀ ବିହୀନ ଜୀବ ଅକାରଣ ।ଲୋ---(୦୩)

ବାପା ହୃଦୟାନନ୍ଦ ନନ୍ଦନେ ସ୍ପନ୍ଦନ-
ଶରବିଧ ଶୂନ୍‌ଯ ପ୍ରାଣ ପ୍ରାୟ ବପୁହୀନ । ଲୋ କୋଇଲି'--
ସ୍ୱଭାବେ ଅଭାବ ଭାବ ଧରି,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାହିତ୍ୟ ସମୂହ ସେବା କରମ ଆଦରି ।ଲୋ- (୦୪)

କେତେ ସ୍ୱପ୍ନ ଅସୁମାରୀ ଆଶା ସଞ୍ଚରଣ --
ମାତା ମାତୃଭୂମି ମାତୃଭାଷାକୁ ସମ୍ମାନ । ଲୋ କୋଇଲି--
ଆତଙ୍କିତ ଉଚ୍ଚ ଶିକ୍ଷା ଆଜି,
ଗୁଣାତ୍ମକମାନ ରଖ ଶୀଘ୍ର ବୁଝି ହେଜି ।ଲୋ--(୦୫)

ପାଶ୍ଚାତ୍ୟ ପ୍ରିତୀରଞ୍ଜନେ ପୂର୍ଣ୍ଣଚ୍ଛେଦ ପଡୁ--
ସ୍ୱଦେଶାଭିମାନ ପ୍ରେମ ବିଦେଶେ ନ ଗଡୁ ।ଲୋ କୋଇଲି--
ଗ୍ରାମୀଣ ଭାରତ ଉଠି ବାସୁ ,
ସ୍ନେହ ଶ୍ରଦ୍ଧା ସଙ୍ଗମରେ ଏ ଜଗତ ହସୁ । ଲୋ- (୦୬)

ସୁମିଷ୍ଟ ଏକାନ୍ନବର୍ତ୍ତୀ ପରିବାର ସୁଖ--
ସହାବସ୍ଥାନେ ହଟଇ ବିବିଧ ସଙ୍କଟ । ଲୋ କୋଇଲି--
ଅର୍ଥ ଲୋଭ ନିଶା ପରିହରି,
ପିତା ମାତା ପରିଜନ ନିଅ ହୋ ଆଦରି ! !ଲୋ--(୦୭)

ଗ୍ରା- ବାଦପୁର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଭ୍ରାମ୍ୟଭାଷ : ୮୬୭୦୯୯୪୯୬୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମାରୁଛ ଆମକୁ ତୁମେ ନକ୍ସଲ୍ ସଜାଇ



ସୁଶୀଲ କୁମାର ଭୋଇ

"ଏଇ ବନ ଉପବନ ପାହାଡ଼ି ଝରଣା
ଆମ ପାଇଁ ସୁଖ-ଦୁଃଖ, ଶାନ୍ତିର ବେଦନା
ତରୁଲତା ନିର୍ଜନ ଅରଣ୍ୟ ଆମ ପାଇଁ ହାସ୍ୟ-କ୍ରନ୍ଦନର ସ୍ୱର
ପର୍ବତ ମାଳାର ଗ୍ରନ୍ଥାଘରେ ଅମୂଲ୍ୟ ପଦାର୍ଥ
ଆମର ହୋଇବି ଆମେ କରୁନାହୁଁ ଲାଭ ।

ପୁଞ୍ଜିବାଦୀ ସରକାର ବାଣିଜ୍ୟଙ୍କ ସାଥେ
ଶୋଷଣ କରନ୍ତି ବସି ସାଶକଙ୍କ ହିତେ
ଏଇ ଜଙ୍ଗଲ ଏଇ ମାଟି ଏଇ ଖଣି, ପାଣି
ଲୁଟି ଲୁଟି ସାରିଦେଲ ଶୋଷକ କାରିଣୀ
ସର୍ବହରା କରିଦେଲ ପୁଞ୍ଜିବାଦୀ ଗୋଷ୍ଠୀ ।

ସାଶନ କରୁଛ ତୁମେ ଆମ ସରଳତାକୁ ନେଇ
ଆମ ସରଳତାକୁ ତୁମେ ସୁଯୋଗ ଭାବ ନାହିଁ
ଆମ ସ୍ୱପ୍ନ ନୁହଁ ବଡ଼ ଅଟାଳିକା ଘର ଦ୍ୱାର
ଆମ ସ୍ୱପ୍ନ ସୁଖ ଶାନ୍ତି ପ୍ରେମର ଭଣ୍ଡାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା'କୁ ତୁମେ ସବୁବେଳେ ନେଉଛ ଛଡ଼ାଇ

ତଥାପି ଆମେ ସହୁଛୁ ମୁଣ୍ଡପାତି ରହି
ସେତିକିରେ ଶାନ୍ତି ନୁହଁ ତୁମ ମନ ଭାବ
ଲୁଟୁଛ, ସୋଶୁଛ ଆମ ଶରୀରରୁ ରକ୍ତ
କରୁଛ ଆମକୁ ତମ ଶତ୍ରୁରୁର ଭେଷ
ପୁଣି ଦମନ କରୁଛ ତୁମ ସ୍ୱାର୍ଥ ଆଗେ ରଖି ।

ମୁହେଁ ସ୍ୱରାଜ ମନେ ସ୍ୱାର୍ଥ ମାନ ରଖି ।
ନକ୍ସଲ ସଜାଇ କେବେ ଦେଶ ଦ୍ରୋହୀ କହି
ମାରୁଛ ଆମକୁ ଆମ ଭିତରେ ଲଢ଼େଇ
ସଜାଇ କେବେ ନକ୍ସଲ ପୁଣି ଦେଶ ଦ୍ରୋହୀ କହି ।
ମାରୁଛ ଆମକୁ ତୁମ ନିଜ ସ୍ୱାର୍ଥ ପାଇଁ ।
ମାରୁଛ ଆମକୁ ତୁମେ ନକ୍ସଲ ସଜାଇ"

ସୁଶୀଲ୍ କୁମାର ଭୋଇ,ଭୁବନେଶ୍ବର-୨ ।
୬୩୭୨୭୭୭୮୭୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶ୍ୱାସ



ଉମେଶ୍ କୁମାର ବିଶ୍ୱାଲ

କହିଥିଲ ଜୀବନଯାକ ବିତେଇ ଦେବ ସାଥେ
ଜୀବନର ପ୍ରତ୍ୟେକ ରାହାରେ
ସାଥେ ଚାଲିବାକୁ
ଘଣ୍ଟାର କଣ୍ଟା ଯେପରି ଚାଲିଥାଏ
ପଥିକର ପଥସଙ୍ଗୀ ହୋଇ ।

ଅନେକ ଅନେକ ସ୍ମୃତିର ପାହାଡ
ତା' ଆଗେ ନାଚୁଛନ୍ତି
ରଣର ବିଭୀଷିକା ପରି
ତାଣ୍ଡବଲୀଳା କରୁଛନ୍ତି ସ୍ମୃତିଗୁଡାକ
ଆଖିରେ ଢଳ ଢଳ ହୋଇ ।

ରାଧାର ପାଉଁଜିକୁ ଝୁରି ଝୁରି
ଆଖିରେ ଯମୁନାକୁ ଧରି
ମାଧବ ଏକାନ୍ତରେ ତରୁଉହାଡରେ
ହୃଦୟକୁ ସମ୍ମୁଖେ ରଖିଛି
କଥା ବିନିମୟ କରି ।

ଇଚ୍ଛା ହୁଏ ତା'ର ପ୍ରବଳରୁ ପ୍ରବଳତର
ମନ ମାନସୀକୁ ନିଜର କରିଦେବାକୁ
ମରୁଭୂମିର ବାଲି ପରି
କ୍ଷୀଣ ଆଲୋକର ଆଶା ରଖି
ଗଢିହୋଇ ପାହାଡ ବନେଇ ଦେବାକୁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୂର ଦିଗ୍ୱଳୟରୁ ଫେରନ୍ତା ପକ୍ଷୀଯୁଗଳମାନେ
ପ୍ରେମ ବାର୍ତ୍ତାଳାପେ
ପ୍ରତ୍ୟୁଷର ଉହାଡରେ ନିଶ୍ଚିହ୍ନ ହେଉଛନ୍ତି
ମାଧବର ମରୁଦେହେ ପରାଣ ସଂଚାରି ।

କଳ୍ପତରୁ ବୃକ୍ଷଗୁଡା ନୃତ୍ୟ କରୁଛନ୍ତି
ଅବଲମ୍ବ ହୋଇ
ଭିଡ ଜମାଇଲେଣି ଚାରିଆଡେ
ନିଜେ ନିଜେ ପୂର୍ଣ୍ଣ ହେବା ପାଇଁ
ଆଉ ମାଧବକୁ ପୂର୍ଣ୍ଣତାର ପରଶ
ଦେବାପାଇଁ ।

ଶରୀରର ଅବୟବ ସବୁ ତୋ ଅପେକ୍ଷାରେ
ଚନ୍ଦ୍ର-ସୂର୍ଯ୍ୟ-ତାରକାର ଦରଶନ ନାହିଁ
ତା' ଗଗନରେ
କେବଳ ପ୍ରତିଛବି ତୋର
ଆଙ୍କିଛି ମନରେ ।

କଥା ଦେଇଥିଲ ତୁମେ
ଆକାଶକୁ ସାକ୍ଷୀ ରଖି
କରିବାକୁ ଏକାସାଥେ ନୀଡର ରଚନା
କ'ଣ ହେଲା କେଜାଣି ଆଜି
ଫୁଲ ଲାଗେ କଣ୍ଟାର ନବୀନା ।

ଚାରିଆଖି ଦୁଇଆଖି ହୋଇ
ହାତ ସାଥେ ହାତକୁ ଧରି
ସଜେଇ ଥିଲା ସପନ
କ୍ଷଣିକରେ ଆଖି ଫିଟିଗଲା
ଚୁରମାର୍ ହୋଇ ଛିନ୍ନହେଲା ପ୍ରୀତିରବନ୍ଧନ ।

ଏକ ଆତ୍ମା ଭିନ୍ନ ଦେହ ହୋଇ
ପରସ୍ପର ଜାକି ହୋଇ
ଜାଳିଥିଲା ମନ ଆଉ ଆତ୍ମା
ତତ୍ କ୍ଷଣାତ୍ ଉଭା ହୋଇ ଜଳଦ ବରଷା
ଶାନ୍ତ କରିଦେଲା ବାସନା ପ୍ରେତାତ୍ମା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମଳୟ ପରଶ  ବଦଳେଇ ପାରିନାହିଁ

ଫଗୁଣଟି ଦଶଦିଗେ ଚହଟାଇ ନାହିଁ

ମନର ଆବେଗମାନ

କରୁଛନ୍ତି ବିଷାଦର ସତତ ପ୍ରହରୀ   ।

ଅନ୍ଧାରର ପଥମାନେ ଧାଇଁ ଆସୁଛନ୍ତି

ଗତିରୋଧ ପାଇଁ

ତଥାପି ଯାଉଛି ଜୀବନ ପଥରେ

ବାଦଳ ପରି

କୁଳିଶର ଭୟକୁ ନ ଡରି   ।

ଗ୍ରା- ସାନଟୀକା, ଥାନା- ଲୋଇସିଂହା

ଜିଲ୍ଲା-ବଲାଙ୍ଗୀର

ମୋ : ୮୦୧୮୫୧୧୯୦୭

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

# ମୌସୁମୀ



ଦିନେଶ ମେହେର

ବହୁଦିନ ପରେ ପଶ୍ଚିମାକାଶେ
ଧରଣୀ ରଙ୍ଗେଇବା ଅଭିଳାଷେ
ଦୁରବନ୍ଧୁ ଆସିଲା ମୌସୁମୀକୁ ନେଇ
ସର୍ବସହା ଧରଣୀର ହସଟିଏ ପାଇଁ ।

ଯନ୍ତ୍ରଣାର ବହ୍ନିଦୀପରୁ ବାହାରି
ପିଇବାକୁ ହୁଏ ମୌସୁମୀର ମଧୁର ପରଶ
ଯାର ପରଶ ପ୍ରପତି ସକାଶେ
ତୃଷାର୍ତ୍ତ ମନ ଖେଳେ ଅପୂର୍ବ ହରଷେ ।

ଶୀତଳ ପ୍ରଭଞ୍ଜନ ବହି ଆଣୁଥାଏ
ଦୁରଦେଶର ଅକୁହା କାହାଣୀ
କାହାଣୀକୁ କାନ ଡ଼େରି ମହୀରେ
ନାଚି ଉଠୁଥାଏ ସବୁଜ ପୁଷ୍କରିଣୀ ।

ମହୋଦଧି ର ନୀଳ ଢେଉ
ଗାଇ ଦେଉଥାଏ ଅନାବନା ସଙ୍ଗୀତ
କାଳିଆ ସାଆନ୍ତ ଙ୍କ ଚରଣ ଧୁଏ
ଦିବାରାତ୍ରି ସଞ୍ଜ ସକାଳ ନିତ୍ୟ ।

ମୌସୁମୀ ଆଗମନେ କେତେ
ଚାଷୀଭାଇ ମନରେ ଆନନ୍ଦର କୋହ
ବିଲ ବୁଲୁଥାଏ ଖୁସିମନେ ଛାଡ଼ି
କ୍ଷଣସ୍ଥାୟୀ ପାପମହୀ ର ମୋହ ।

ସବୁଆଡେ ହୁଏ ମୌସୁମୀ ଆଗତ
ଆନନ୍ଦ ଉଲ୍ଲାସେ ଧରଣୀ କୋଳେ
ଧିରେ ଧିରେ ଅବତରେ , ପୁଣି ଶେଷରେ
ମାଟି ମାଁ କୋଳେ ଆନନ୍ଦରେ ଖେଳେ

ଜୁନାଗଡ଼, କଳାହାଣ୍ଡି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବର୍ଷା



ବିଜୟଲକ୍ଷ୍ମୀ ଭୋଇ

ବର୍ଷା ତୁମେ ଆସ
ଟୁପ୍ ଟାପ୍ ଶବ୍ଦ କରି ।
ଝୁମି ଝୁମି ନାଚି ନାଚି
ମତେ ଭେଟିବାକୁ
ମୁଁ ଲୁଚିରହେ ଝରକା ଫାଙ୍କରେ ।
ଦେଖେ ତୁମକୁ, ହଠାତ୍
ହଜିଯାଏ ସ୍ୱପ୍ନ ଦୁନିଆକୁ
କେବଳ ତୁମକୁ ଖୋଜି ଚାଲେ ।
କି ସୁନ୍ଦର ମହକ ,ଏ ମାଟିର
ପୃଥିବୀର ରୂପ ପରିବର୍ତ୍ତନ
ମତେ ଖୁବ୍ ଆକର୍ଷିତ କରେ ।
ତୁମ ସ୍ପର୍ଶରେ ଉଲ୍ଲାସିତ ହୁଏ ,
ଏ ଗିରି ବନ ଗଛ, ଲତା ।

ବର୍ଷା ତୁମେ ଆସ
କିଛି ମିଠା ମିଠା ବାର୍ତ୍ତା ନେଇ ।
ମୋତେ ଖୋଜ ହେଲେ
ମୁଁ ବିଫଳ ।
ଲାଜକୁଳୀ ଲାତା ସଦୃଶ
ମୁଁ ଝାଉଁଳି ପଡେ ।
କେମିତି ଭେଟିବି ତୁମକୁ
ମୋ ମନର ଆବେଗଭରା
କୋହକୁ ବୁଝାଇବା ପାଇଁ
ତୁମକୁ ଲୁଚି ଲୁଚି ଦେଖି
ମନକୁ ବୁଝାଇ ରଖେ ।
ବର୍ଷା ତୁମେ ଆସ
ଝୁମି ଝୁମି ନାଚି ନାଚି ।

ନାହଳପୁର, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯୌବନ



ରୁଦ୍ରନାରାୟଣ ଦାଶ

ଚଇତ୍ର ଆସିଲା ଚଇତାଳି ସଙ୍ଗେ
ଚୈତାଳି ବୋଳିଲା ଯୌବନ ମୋ ଅଙ୍ଗେ,
କି ଯୌବନ ମଦେ ମଦାଳସା କଲା
ଶରୀର କାମନା ବଶ ଯେ ହୋଇଲା ।।

ରୂପର ମଧୁକୁ ପିଆଏ ମକ୍ଷିକା
ଗଉରୀ, ଶ୍ୟାମଳୀ, କାଳି ଯେ ଲତିକା,
ଧାଉଁଥିଲି ତା'ର ପଛେ ଯନ୍ତ୍ର ପ୍ରାୟ
ଧରାଦେଲା ନାହିଁ ବୁଡ଼ାଇଲା ହାୟ ।।

ଭବିଷ୍ୟର ଛାୟା ଭୀମଛାୟା ପରି
ଲୌହଦଣ୍ଡ ପରି କଠିନ ଓ ଭାରୀ,
ସେ ଛାୟା ମଧ୍ୟରେ ନୈରାଶ୍ୟର କୂପ
ସେ କୂପ ମଧ୍ୟରେ ମୋ ଭବିଷ୍ୟ ରୂପ ।।

ଚାରୁଚିତ୍ର ଛବି ଯୌବନଟି ନୁହେଁ
ଚିରିଦେବ ସିଏ କଂସାସୁର ପ୍ରାୟେ,
ଦେଖୁଅଛି ଆଜି ତା'ର ବିଭୀଷିକା
ସୁଖେ ବଞ୍ଚିବାର ନାହିଁ ଏଠି ଆଶା ।।

ଦେଲା ସେ ଦାରୁଣ ବୈଶାଖ ଜୀବନେ
ଝାଞ୍ଜି ବୁହାଇଲା ନିରତେ ଏ ମନେ,
ଶୂନ୍ୟ ହୋଇଗଲା ଏ ଜୀବନ ପାଦ
ଏବେ ଯେ ଭରସା ମାତ୍ର ବିଷ୍ଣୁ ପାଦ ।।

ଠିକଣା- ନୟାପଲ୍ଲୀ, ଭୁବନେଶ୍ୱର।
ମୋ- ୯୮୬୧୨୦୧୨୧୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କିଛି ତ ଥିଲା ନିଶ୍ଚୟ



ଅବିନାଶ ମାନସିଂହ

ତୁ ଗୋଟେ ଏମିତି ସ୍ୱପ୍ନ,

ତୋତେ ଦେଖିବାକୁ ପୁନେଇ ରାତି ନୁହେଁ

ଲୋଡ଼ା ଥିଲା ଦ୍ୱିପ୍ରହରର ଦିନ ।

ତୁ ଗୋଟେ ଏମିତି ଛବି

ତୋତେ ଦେଖି ଆଉ ଲେଖି

ମୁ ପାଲଟି ଗଲି କବି ।

ଏ ସମ୍ପର୍କ ଏକ ଅବୁଝା ଗଣିତ

ଯାହାର ବିଶ୍ୱାସ କରିଛି ତୁମକୁ ଉପେକ୍ଷା,

ସେ ବିତିଯାଉ ବର୍ଷ ମାସ

ମନ କହେ କରିବାକୁ ଅପେକ୍ଷା ।

କିଛି ତ ଥିଲା ନିଶ୍ଚୟ !

ତୋର ସେ ମିଛ ରାଗରେ ,

ମିଛ ଅଭିମାନ ଆଉ ତୋର

ସେଇ ମିଛ ଅଭିନୟରେ ।

ନେହେଲେ ସବୁ କିଛି ମିଛ ଜାଣିସୁଧା

କାଇ ସେସବୁ ମନ ପଡ଼ନ୍ତା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନର ଜୟଯାତ୍ରା



ଅନୀତା ଦାଶ

ଶରୀର ରଥରେ ସମୟ ପଥରେ ଜୀବନର ଜୟ ଯାତ୍ରା
ଭ୍ରମଣ ସରିଲେ ଜୀବନ ଲଭିବ ଚିର ନିର୍ବାଣର ମୁଦ୍ରା ।
ମନ ବିବେକର ଘୋଟକ ଦୁଇଟି ଚଳାଇ ନିଅନ୍ତି ରଥ
ଯେ ଯାହା ଶକତି ପରଖିବା ପାଇଁ ସଦା ଶତତ ଚେଷ୍ଟିତ ।

ପ୍ରାରବ୍ଧ କରମ ଭାଗ୍ୟ ଓ ପ୍ରକୃତି ଏ ଚାରି ସୈନ୍ୟ ସାମନ୍ତ
ସାଥେ ସାଥେ ଧରି ଜୀବନ ଆମର ବିଜୟ ଯାତ୍ରାରେ ଲିପ୍ତ ।
ଯାତ୍ରାରେ ପରନ୍ତୁ କେବେ ଜୟ ପୁଣି କେବେ ହୁଏ ପରାଜୟ
ବାସ୍ତବତା ଯାହା କପାଳର ଲେଖା ସେତ ସଦା ଗ୍ରହଣୀୟ ।

ଯାତ୍ରା ସମୟରେ କେବେ ପଡିଯାଇ ସହଯାତ୍ରୀଙ୍କର ମୋହେ
ମନର ବଶରେ ବିବେକକୁ ଭୁଲି ମୋହଗ୍ରସ୍ତ ହୋଇଯାଏ ।
ରେଜୀବନ ତୋର ଲକ୍ଷ୍ୟଯେ ଚୂଡାନ୍ତ ତତେତ ଯିବାକୁ ହେବ
ବୟସର ଝଡ ପ୍ରହାରେ କମୁଛି ଶରୀର ରଥର ବେଗ ।
ମୁକତି ପଥର ଯାତ୍ରୀ ତୁହି ସତ୍ୟ ଶିବ ସୁନ୍ଦରଙ୍କୁ ଧ୍ୟାୟୀ
ଦୁଃଖ ସୁଖ ସମ ମଣି ଆଗେଇଯା ଚରୈବେତି ମନ୍ତ୍ର ଗାଇ ।

ଅର୍ଥନୀତି ଓ ପରିସଂଖ୍ୟାନ ବିଭାଗ,
ଭୁବନେଶ୍ୱର, ଓଡିଶା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେହି ପିଲାବେଳ



ଡଃ ଆଭାଞ୍ଜଳି
ଶତପଥୀ

ପିଲାବେଳ କ'ଣ
ନର୍ଦମା ମିଶା ବଢ଼ି ପାଣିକୁ ଦେଖି ଚାବରୁ ଚାବୁରୁ ହେବା
ଝାଟିମାଟି ଆଟୁ ତଳେ ଲୁଚକାଳି ଖେଳିବା
ଅପନ୍ତରା ଯାଗାକୁ ଡେଇଁ ଡେଇଁ  ଭୂଇଁ  ବରକୋଳି ତୋଳିବା
ଗୁଲିଦଂଡାରେ ହାରି ସାଙ୍ଗକୁ ମୁଥା ମାରିବା
ସିଂଘାଣି ନାକରେ ଜିଭ ମାରିବା
କଣ୍ଢେଇ ବାହାଘର କରି  ବଉଳକୁ କନିଆଁ ଦେଇ ସତ ସତ କାନ୍ଦିବା
ତିନି ଚକିଆ ସାଇକେଲକୁ ରେସିଙ୍ଗ୍ କାର୍ ଭାବିବା
ଆକାଶକୁ ଚାହିଁ ଜହ୍ନକୁ ସତ ମାମୁଁ ଭାବିବା
ମାକୁ ବୁଢ଼ୀ ଅସୁରୁଣୀ ଖାଇଦେବ ଶୁଣି ଭେଁବା ରଡ଼ି ଛାଡ଼ିବା
ସତ ସାବ୍ୟସ୍ତ କରିବା ପାଇଁ ତଣ୍ଟିକୁ କୁ ଚିମୁଟି ଧରି  ବିଦ୍ୟାରାଣ ପକାଇବା
ଗୁଲୁ ଗୁଲା ଲୋଭରେ ଦାଦାଙ୍କ ସାଙ୍ଗରେ ହାଟକୁ ଯିବା
ହରି ସାରଙ୍କ ବେତମାଡ଼କୁ ଡ଼ରି ପେଟ କାଟୁଛି କହି ସ୍କୁଲ ନ ଯିବା
ପଛ ଧାଡ଼ିରେ ବସି ପ୍ରେମ ପତ୍ର ଲେଖିବା
ବିଜ୍ଞାନ ବହି ଭିତରେ ସସ୍ତା  ଉପନ୍ୟାସକୁ ପିଇଯିବା
ଖାକି ରଙ୍ଗକୁ ପୋଲିସ ଭାବିବା
ଭକ୍ଷକକୁ ରକ୍ଷକ ଭାବିବା
ଆଖି ପଛେ ପଛେ ଜିଦି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅତର ବୋଲି ଛତର ବୁଲିବା

ସବୁଠି ଅଟକି ଅଟକି ବାପାକୁ କହିବା

ସେଇଟା ମୋ ପାଖରେ କାହିଁ ?

କେତେ ଯେ ଅଜ୍ଞାନୀ ପିଲାବେଳ ମନ ।

ସମୟ ବସନ୍ତରେ  ସେହି  ପିଲାବେଳ କୁଆଡ଼େ ହଜିଗଲା

ଏବେ କୁଆଡେ ବଡ଼ ହେଇଯାଇଛି

ତୃଣରୁ ଫଳନ୍ତି ଗଛ  ଆଉ ତାପରେ ପୁଣି  ଥୁଣ୍ଟା ବରଗଛ

ରିକ୍ତ କଳପାଠରେ ବୟସ ବସନ୍ତର ଚକ୍ ଖଡ଼ିରେ ସ୍ମୃତିର ଅସଂଲଗ୍ନ ଅକ୍ଷରର ସମାସ ଓ ସନ୍ଧି

ସେଇ ଅକ୍ଷରର ସନ୍ଧି ବିଚ୍ଛେଦରୁ ଅନୁତାପ, ପ୍ରତିଶୋଧ, ପ୍ରତିସ୍ପର୍ଦ୍ଧାର ନୂଆ ନୂଆ ଅଡୁଆ ଶବ୍ଦ

ଯେବେ କେବେ ମଧୁ ସ୍ମୃତି ଡସ୍‌ଟର ରେ ସେ ଅବାଗିଆ ଶବ୍ଦକୁ   ପୋଛି ଦିଏ

ପୁଣି ଅନିଶ୍ଚିତତାର କଲମରେ ଭରିଯାଏ ଭୟର ସ୍ୟାହି ।

ଅନୁରାଗର ଅନିଶ୍ଚିତତା

ବ୍ୟାଧିର ଭୟ

ପୁଣି ମୋହରେ ବିଶ୍ୱାସ ।

ପିଲା ବେଳ ଭଳି ନକଲି ହସ କାନ୍ଦ କୁ ଅସଲି ଭାବେ

ବିଶ୍ୱାସ କରିଦିଏ ତା ସୁଖ ମୋ ଦୁଃଖ ପରି ଆମର ।

ବାହ୍ୟ ଚକମକ ପଛରେ ଅତର ବୋଲି  ଛତର ବୁଲି

ଭଗବାନଙ୍କୁ ଚାହିଁ କହେ

ମୋ ପାଖରେ କାହିଁ ?

email- avanjali@yahoo.co.uk

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବଞ୍ଚିବାକୁ ଇଚ୍ଛା ହୁଏ



ସନ୍ଦୀପ ଶେଖର ଜେନା

ଭାବନାର ଉର୍ମି ହୃଦୟ ସାଗରେ
ଓଠ ଲଂଘିପାରେ ନାହିଁ,
କିଛି କଥା ସିନା କହି ହେଇଯାଏ
କିଛି କହି ହୁଏ ନାହିଁ ।

ନୀରବତା ର ତୁଣ୍ଡି ପିନ୍ଧାଇ
ସମୟ ବି ବିତି ଯାଏ,
ବୁଝିବା ଆଗରୁ କାହାକୁ ପାଖରୁ
ଚେହେରା ବଦଳି ଯାଏ ।

ଇପ୍ସିତ କେବେ କେବେ ମିଳେନାହିଁ
ବଦଳରେ ସବୁ ଦେଇ,
ମେଞ୍ଚେ ଅବଶୋଷ ପୁଳାଏ ଲୋତକ
ଉପହାର ସଜା ହୋଇ ।

ପୁଣି କିଏ ଆସେ ନିଃସ୍ୱାର୍ଥ ଭାବେ
ଗଢ଼ିବାକୁ ଭଙ୍ଗା ଅଂଶ,
ବାଣ୍ଟି ନିଏ ସବୁ କୋହର ଓଜନ
ଓଠରେ ଚେନାଏ ହସ ।

ନିତି ଶିଖାଏ ସେ ବଞ୍ଚିବାକୁ ନୂଆ
ବଞ୍ଚିବାକୁ ଇଚ୍ଛା ହୁଏ,
କେହି ଜଣେ କ'ଣ ଚାଲିଗଲେ କେବେ
ଜୀବନ ଅଟକି ଯାଏ ? ?

ହରିପୁରଶାସନ, ଖୋର୍ଦ୍ଧା
ଭ୍ରାମ୍ୟଭାଷ : ୮୨୪୯୨୧୦୮୪୨

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସତ ଲେଖିଲେ କି ଲାଭ !



ଇଂ ବିଦ୍ୟାଧର ପଣ୍ଡା

କେହି ଏବେ ନାହିଁ ନିରପେକ୍ଷ ହୋଇ
ସମସ୍ତେ ତ ପକ୍ଷଧର
କିଏ ପଦ୍ମନାଭ କିଏ କଟା ହାତ
କାହାର ଶଙ୍ଖ ବିଚାର
ବିରୋଧି ନେତାର ଦାୟିତ୍ୱ କାହାର ?
ରାଇଜେ ଦିଶେନି ଜଣେ
ଦେଶଦଶ ପାଇଁ ମୋଟେ ଚିନ୍ତାନାହିଁ
ଧୋବ ଧାଉଳିଆ ପଣେ
ଗଣ ମାଧ୍ୟମରେ କରୋନା ମରଣ
କେତେସତ କେତେମିଛ !
ସମସ୍ତଙ୍କୁ ଜଣା ପେଲାଅନ୍ତି ଘଣା
ଗୋଟେ କେହିନାହିଁ ସ୍ୱଚ୍ଛ
ଶ୍ମଶାନକୁ ଯାଅ ଶବସଂଖ୍ୟା ଗଣ
ଜୁଇ କେତେଜଳେ ନିତି
ବିଶ୍ୱାସରେ ବିଷଦେଇ ତୁମେ ହସ
ଆଖିରେ ଗେଞ୍ଜି ଆଙ୍ଗୁଠି
ସତୁରି ଜାଗାରେ ସତର କହୁଛ
ଲୋକଙ୍କୁ ଭୂଆଁ ବୁଲାଇ
ଭୋକୁଆ ଜନତା ନୁଆଁଇଛି ମଥା
ମୁଣ୍ଡ ଉପରେ ବସାଇ

ପଶ୍ଚିମ ବଙ୍ଗରେ ସିବିଆଇ ଧରେ
ଦେଶ ଉଠୁଛୁ ପଡୁଛି
ଚିଟ୍ ଫଣ୍ଡକଥା ଓଡିଆଙ୍କ ବ୍ୟଥା
କାହିଁକି ଭୁଲି ଯାଇଛି ?
ସାମ୍ବାଦିକ କିଆଁ ଲେଖି ନେବ ଚିଆଁ
ସମସ୍ତେ ତ ଏଠି ଚୁପ୍
ସରାକାରୀ କଳ ବୁଡାଇବେ ଜଳ
ଚକଟି କରିବେ ସୁପ୍
ଗଣତନ୍ତ୍ର ସ୍ତମ୍ଭ ଦୁର୍ବଳ ସମ୍ଭବ
କେତେ ଦିନକୁ ଏ ଭାବ !
ନିଜେ ବଂଚିଥିଲେ ବାପ ନାଁ ହେବ
ସତ ଲେଖିଲେ କି ଲାଭ !

ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍ଏଲ୍ବି
ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା,
ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦ / bdpan-
da1@gmail.com

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ଅଧା ପ୍ରତିଶ୍ରୁତି



ଅନସୂୟା ପଣ୍ଡା

ଦେହସୁହା ହେଇ ଗଲାଣି,

ତୁମେ ସେଇ ଦଗାଦିଆ କାହ୍ନୁ ବୋଲି

ଅନେକ ଦେବାର ପ୍ରତିଶ୍ରୁତି ଦେଇ ଚାଲିଯାଅ

ମୁ ଅନେଇ ଥାଏ ବାଟ ଚାହିଁ ।

କାଳେ ତୁମେ ଧଳା ଘୋଡାରେ ଆସିଯିବ

କାଳେ ତୁମେ ଗାଈ ପଲନେଇ ଫେରୁଥିବ

କାଳେ ତୁମେ ବନବାସରେ ଚାଲୁ ଚାଲୁ ଅହଲ୍ୟାକୁ ଉଧାରିବ

ତୁମେ କିନ୍ତୁ ଆସନି, ଅନେକଙ୍କୁ ଆଶାୟୀ କରି ।

ଅନେକ ମନ୍ତ୍ର ବୋଲିବା ପାଇଁ କୁହ

କେଉଁଥିରେ ତୁମେ ଖୁସି ହେବ ,

କେଉଁଥିରେ ତୁମେ ବର ଦେବ,

କେଉଁଥିରେ ତୁମେ ଧନ ଦେବ ।

ଅନେକ ଦେବାର ଆସ୍ଥା ଦେଖାଇ ତୁମେ ପୁଣି ଚମ୍ପଟ ମାର ।

ମୁଁ କିନ୍ତୁ ବାଟ ଚାହିଁ ଅନେଇ ଥାଏ ଆଶାକୁ ସଜେଇ

କାନ ଡେରେ କାଳେ ଶୁଭିବ ତୁମ ବଂଶୀ

କିନ୍ତୁ ଶୁଭେନି ସେମିତି କିଛି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବୁଝିଗଲିଣି ତୁମେ ସେଇ ଦଗାଦିଆ, କେବେ ରଖିବନି ପ୍ରତିଶ୍ରୁତି ।

ଅନେକବେଳୁ  ପଥର ହେଲଣି ପ୍ରଭୁ

ମନରେ ମୋ ଅସନ୍ତୁଳିତ ବିଭ୍ରାନ୍ତି

କେବେ ତୁମେ ଆସିବ ମନର ଏ ଗୋପ  ବୃନ୍ଦାବନେ

ପୁଣିଥରେ ବିଶ୍ୱାସର ନବଦିଗନ୍ତ ବାସି ଉଠିବ ।

ଭିସ୍ୟୁଟ୍ କଲୋନୀ, ବୁର୍ଲା

ମୋବାଇଲ୍ : ୯୪୩୭୨୧୧୯୭୧

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଜି ବି ମୋର ମନେପଡ଼େ



ମେନନ ସାହୁ

ଆଜି ବି ମୋର ମନେପଡେ

ଆଜି ବି ମୋର ମନେପଡେ

ସଂଧ୍ୟା ସମୟରେ ତୁ ମୋ କାନ୍ଧରେ ମୁଣ୍ଡ ରଖି କହୁଥାଉ

ତୁମେ ଯେତେବେଳ ଦୁଇ ଓଠ ଖୋଲି  ହସି କୁହ

ମତେ କେବେ ତୁମ ଠାରୁ ଅଲଗା କରିବନି

ମୋର ଏ ଓଠ କେବଳ ତୁମ ନାମ ଧରିବା ପାଇଁ ଅଛି

ତୁମକୁ ଛାଡି ଗୁଟେ ମୁହୂର୍ତ୍ତ ବଞ୍ଚିବା ମୋ ପାଇଁ ଯେମିତି ନର୍କ ଯନ୍ତ୍ରଣା

ସାରା ଜୀବନ ମୁଁ ତୁମ ପାଦରେ ପାଦ ମିଶାଇ ବାଟ ଚାଲିବି

ପରିସ୍ଥିତି ଯାହା ବି ହେଉ ମୁଁ କେବଳ ତୁମର ହୋଇ ରହିବି

ଆଜି ବି ମୋର ମନେପଡେ

ଏବେ ମୁଁ ଝୁରି ହୁଏ ତୋର ଏ କଥା ଭାବି   ।

ତୁମେ ଯେବେ ତୁମର ଝୁମୁକା ଲଗା କାନ ଦୋହଲାଇ କୁହ

ମୋର କାନ କେବଳ ତୁମ ସ୍ୱର ଶୁଣିବାକୁ ଅଛି

ଆଜି ବି ମୋର ମନେପଡେ

ଆଜି ମୋର ମନେପଡେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ହାତରେ ତୋ ହାତକୁ ଛନ୍ଦି ଆଉଁସି ଆଉଁସି ତୁ କହୁଥାଉ

ତୁମେ କହିଥିବା ପ୍ରତ୍ୟେକଟି ଶବ୍ଦ

ଏ ମୋର ହାତ କେବଳ ତୁମ ପାଇଁ ଅଛି

ସତରେ ଶୁଣିବାକୁ କେତେ ଭଲ ଲାଗେ ସେ ସବୁ

ଯାହା ବେଦୀରେ ତୁମ ସହ ଛନ୍ଦା ହେବ

ମନ୍ଦିରରେ ତୁମ ପାଇଁ ଦୀପ ଜାଳିବ

ଇଶ୍ୱରଙ୍କ ପ୍ରାର୍ଥନା କରୁଛି  ତୋ ପରି ଚିକ୍କଣ କଥା କହୁଥିବା

ଦୁଃଖରେ ତୁମ ଆଖିର ଲୁହ ପୋଛି ଦେବ

ସବୁ ପ୍ରେମିକାକୁ ସ୍ୱର୍ଗ ସୁଖ ମିଳୁ

ବିପଦରେ ତୁମ ହାତ ସହ ଏ ହାତ ମିଶିବ

ଆଉ ସେମାନଙ୍କ ମଧ୍ୟରେ ତତେ

ଅତିରିକ୍ତ ସ୍ୱର୍ଗ ସୁଖ ମିଳୁ

ଯେତେବେଳେ ତୁମେ କ୍ଲାନ୍ତ ହୋଇ ପଡୁଥିବ

ଏ ହାତ ମୋର ତୁମ ମୁଣ୍ଡ ଓ ଗୋଡ ଚିପି ଦେଉଥିବ

ଏବେ ଦୁଃଖ ଲାଗେ ଏମିତି କଥା ଭାବିଲେ ତୋର   ।

ଆଜି ବି ମୋର ମନେ ପଡେ ।

ତୋ ନୀଳମିଶା ଆଖିରେ ଚାହିଁ ମତେ କହୁଥାଉ

ମୋର ଏ ଆଖି କେବଳ ତୁମ ପାଇଁ ଅଛି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯାହା କେବଳ ତୁମ ଚେହେରା ଦେଖିବ

ଯାହା କେବଳ ତୁମ ସ୍ୱପ୍ନରେ ବିଭୋର ହେବ

ଯାହା କେବଳ ତୁମ ସ୍ପର୍ଶରେ ଖୋଲିବ ଓ ବନ୍ଦ ହେବ

ଏବେ ଭାବେ କଣ ସତରେ ତମେ ଏମିତି କହିଥିଲ ।

ଆଜି ବି ମୋର ମନେପଡେ

କେତେ ଯେ ରାତି ଅନିଦ୍ରା ରହି ତୁ ମୋ ସହ ଫୋନରେ ଗପୁ

ଏ ରାତି କେବଳ ମୋ ପାଇଁ ବୋଲି କହୁ

ଯେଉଁ ରାତିରେ କେବଳ ମୁଁ ତୁମକୁ ଓ ତୁମେ ମୋତେ ଦେଖୁଥିବ

ତମେ ମୋ କଥା ଶୁଣୁଥିବ ଆଉ ମୁଁ ତୁମ କଥା

କେତେ ସୁନ୍ଦର କଥା ସବୁ ତୋର ଅନ୍ଧାରରେ ଭାସି ଆସେ ମୋ ପାଖକୁ

ଏବେ ବିଶ୍ୱାସ ହେଉନି ଏକଥା ଦିନେ ତୁ କହିଥିଲୁ ।

ଢେଙ୍କାନାଳ, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅପରିଚିତା



ଶୁଭଲକ୍ଷ୍ମୀ ପାଣିଗ୍ରାହୀ

ସମୟ ବୁକୁରେ ସମସ୍ତେ ଅପରିଚିତା
ନା ଅତୀତ ନା ବର୍ତ୍ତମାନ ନା ଭବିଷ୍ୟତ
ସମସ୍ତେ ନିଜ ନିଜ କ୍ଷେତ୍ରେ ଦଗାବାଜ୍
ପରିଚୟ ଦେବାକୁ ପଡେନି ଏଯାବତ୍ ।।

ରକ୍ତରେ ଭିଜା ଚିଠି ହେଉ କିମ୍ବା ଫୁଲ
ଆଉ କାହାର ସେ ନିଶ୍ଚୟ ଗୋଲାମ
ସ୍ମୃତି ବଡ଼ ଅଜବ ଅବୁଝା ଜିନିଷ ଟେ
ପ୍ରଥମେ କ୍ଷତ ଦିଏ ତାପରେ ମଲମ ।।

ଆତ୍ମିୟତାର ଚିହ୍ନା ବଜାର ଭିଡ଼ ମଧ୍ୟେ
କୋଳାହଳ ଶୂନ୍ୟ କିଣା ବିକା ଚାଲେ
ବେଇମାନ୍ ସମୟ ସେବେ ଅଟକି ଯାଏ
ଆଉ ଭାବପ୍ରବଣତା ଅନାୟସରେ ବୁଲେ ।।

ସମ୍ପର୍କର ସୌଧ ନିର୍ମାଣ ସରିବା ବେଳେ
ସବୁ ଅନ୍ତରଙ୍ଗ ସ୍ନେହୀ ଆଉ ଆପଣାର
ସୌଧ ପୁରୁଣା ହୁଏ ମୂଳଦୁଆ ଭାଙ୍ଗିଯାଏ
ସଭିଏଁ ଲାଗନ୍ତି ଅବିଶ୍ୱାସୀ, ସନ୍ଦେହୀ, ପର ।।

ମାଘର ଜାଡ଼ ଲାଗେ ବୈଶାଖର ତାତି
ଯେତେବେଳେ ସମୟ କୁହେ ତୁ କିଏ
ସବୁ ଠିକ୍ ଥିଲା କିନ୍ତୁ ଅପରିଚିତା ହେଲି
ଯେବେ ପ୍ରତିବିମ୍ବ ବି ପ୍ରଶ୍ନ କଲା ତୁ କିଏ !!

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ
କଳା , ଶିକ୍ଷା ସମ୍ମାନ ଶେଷ ବର୍ଷ
ଦାଶରଥିପୁର , ବଡ଼ମ୍ବା , କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୀତାଙ୍କ ଅଗ୍ନିପରୀକ୍ଷା



ଟୋନିସ୍ ରୋହିଦାସ

ମିଥିଲା ନଗରେ ଜଣକଙ୍କ ଘରେ ହେଲେ ଜନମ
ତାଙ୍କରି ନାମ ହେଲା ସୀତା । ।
ହସିଲା ଦୁନିଆ ଖୁସିରେ ଧରିଣୀ ମାତା । ।

ବିବାହ କରିଲେ ଶ୍ରୀରାମଙ୍କୁ
ଅଯୋଧ୍ୟାର ହେଲେ ସେ ରାଣୀ । ।
ଲେଖା ହୋଇଅଛି ରାମାୟଣ କାହାଣୀ । ।

ଯେବେ ପିତୃ ସତ୍ୟ ପାଳିଗଲେ ରାମ ବନବାସ । ।
ଭ୍ରାତା ଲକ୍ଷଣ ସହିତେ ଗଲେ ମାତା ସୀତା ଛାଡ଼ି ଅଯୋଧ୍ୟା ଦେଶ । ।

ତେର ବର୍ଷ ଦଶ ମାସ ଦୁଃଖ ଭରା ଜୀବନ କଟିଲେ ବନବସେ । ।
ରାଜା ଭୋଗ ପର କରିଦେଲେ
ଏମିତି ଜୀବନ କି ଆସେ । ।

ଚନ୍ଦ କପଟ କରି ରାବଣ ଅଶୋକ ବନରୁ ନେଲା ଯେ ସୀତାଙ୍କୁ କରି ହରଣ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେତେ ଦୁଃଖ କେତେ ଯାତନା ସହିଲେ ସୀତା ,ଖୋଜିଲେ ରେ ବିଲି ବୁଲି ରାମ ଲକ୍ଷଣ । ।

ଯେବେ ରାମ ସହ ହେଲେ ରାବଣ ର ଯୁଦ୍ଧ,ବିନାଶ ହେଲା ଯେ ସାରା ଲଙ୍କା ର ଭୂଖଣ୍ଡ । ।
ସବୁ ପାପୀ ମାନଙ୍କୁ ଦେଇ ଦେଲେ ଶ୍ରୀରାମ ଦଣ୍ଡ । ।

ଲଙ୍କା ରୁ ଯେବେ ଆଣିଲେ ସୀତା ଙ୍କୁ ରାମ ସନ୍ଦେହ ସୃଷ୍ଟି କଲା ତାଙ୍କରି ମନ । ।
ଦେବାକୁ ପଡ଼ିଲା ଅଗ୍ନିପରୀକ୍ଷା  ଯୁଗ ଯୁଗ ପାଇଁ ମନେ ରହିଗଲା ସେହି ଦିନ । ।

ଜିଲ୍ଲା-ସୁନ୍ଦରଗଡ଼

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଧା ଜହ୍ନ



ସୁଧାଂଶୁ ଶେଖର ପ୍ରଧାନ

ଆଖି ଖୋଲିବାରେ ଭୁଲ୍, ଆଖି ବୁଜି ରେ ବି
କର୍ମ ନୁହେଁ ଜନ୍ମତୋ ପରିଚୟ,
ସୁନ୍ଦରୀ ହେଲେବି ତୁପରା ଅଶୁଭ ।

ସେଇ ପନ୍ଦର ଦିନିଆ ଅସ୍ତ୍ର ରେ
ହାଣି ହୋଇ କ୍ଷତାକ୍ତ ମୋ ଦେହ ,
ସବୁସହି କଣ୍ଟା ରେ ଚାଲେ
ଅଭିଶପ୍ତ ପରା ତୋର ପ୍ରତିଟି ପ୍ରତ୍ୟହ ।

ସବୁ ସହି କଣ୍ଟାରେ ଚାଲିଲି
ମୁଁ ସେଇ ଅଜଣା ଲକ୍ଷ୍ୟରେ,
ଆଶାକୁ ମାରି, ସ୍ୱପ୍ନ ଲୁଚେଇ ଅପରିଚିତା
ସାଜି ବୁଲୁଛି ଏକାନ୍ତରେ ।

ଏଇ ଏବେକୁ ଧରି, ବଦଳେଇ ଅସ୍ତିତ୍ୱକୁ
ସହି ସବୁ କଷ୍ଟ ଯନ୍ତ୍ରଣା
ଧରିଛି ରକ୍ତଧାର ପିନ୍ଧିଛି ଶିକୁଳି
ଅମାବାସ୍ୟାର ।

ସେଦିନ ସେ ବି ହସି କ୍ଷୀଣ ସ୍ୱରର କହିଗଲା
ଆସୁଛି ତୋ ଲୁହ,
ଧୋଇବାକୁ ତୋ ରଞ୍ଜିତ ରକ୍ତାଧାର ।

ସମୟ ସରିଗଲା
ଭାଙ୍ଗିଲା ଶିକୁଳି ଏରୁଣ୍ଡି ବନ୍ଧରେ,
ଅମାବାସ୍ୟାର ଅପବାଦ
ଦେହରେ କଣ୍ଟା ହୋଇ ଗଲେ
ଦୋଷ କାହାର ଅଧା ଜହ୍ନର ନା ସେଦିନ ଜନ୍ମି
ଥିବା ସେ ଔଆସି ଝିଅର ?

ଛାତ୍ର, ସୋଲଗାଡିଆ,ଢେଙ୍କାନାଳ
୭୮୧୫୦୪୭୮୮୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମର ପରିଭାଷା ଓ ବିଭାଗ



ବାସନ୍ତୀଲତା ଜେନା

ଜୀବନ ସରସ ପ୍ରେମ ବିନା ନୁହେଁ
ପ୍ରେମ ତ ଜୀବନ ଜ୍ୟୋତି
ମନର ଭାବନା ହୃଦୟର କଥା
ପ୍ରକାଶେ ମିଳଇ ଶାନ୍ତି ।୧।

ବ୍ୟକ୍ତିଗତ ସ୍ନେହ ସଂଯୋଗ ମାଧ୍ୟମେ
ପ୍ରେମ ଯେ ସୂଚଇ ଦିଏ
ଦୟା କ୍ଷମା ସ୍ନେହ ମମତା ପ୍ରଣୟ
ପ୍ରେମ ପରିଭାଷା ହୁଏ ।୨।

ବୈଜ୍ଞାନିକ କହେ ବିପରୀତ ଲିଙ୍ଗ
ଆକର୍ଷଣ ପ୍ରେମ ହୁଏ
ଧର୍ମ ଶାସ୍ତ୍ର କହେ ଭକ୍ତ ଭଗବାନ
ଶାଶ୍ୱତ ପ୍ରେମରେ ଥାଏ ।୩।

ପ୍ରେମର ଶବ୍ଦଟି ବିଭିନ୍ନ ସ୍ଥାନରେ
ଭିନ୍ନ ଭିନ୍ନ ରୂପ ନିଏ
ବ୍ୟକ୍ତି ଗତ ହେଉ ଅବା ସାର୍ବଜନ
ସଂଜ୍ଞା ତାର ଭିନ୍ନ ହୁଏ ।୪।

ମାତୃ ସ୍ନେହ ବୋଲା ସନ୍ତାନେ ଚୁମ୍ବନ
ଥାଏ ବାତ୍ସଲ୍ୟ ମମତା
ସ୍ୱଚ୍ଛ ମଣି ସମ ସେ ପ୍ରେମ ଅଟଇ
ଜଗତେ ଦିଏ ବାରତା ।୫।

ଯୁବକ ଯୁବତୀ ଅବା ପତି ପତ୍ନୀ
ପ୍ରାଣୟେ ମର୍ଜି ରହନ୍ତି
ସସକାମ ପ୍ରେମ ତାକୁ ହିଁ କହନ୍ତି
ନବ ଜୀବନ ଦିଅନ୍ତି ।୬।

ସମସ୍ତଙ୍କୁ ଭଲ ପାଇବାକୁ ହେଲେ
ନିଷ୍କାମ ପ୍ରେମରେ ଗଣା
ନିଃସ୍ୱାର୍ଥର ପ୍ରେମ ଚିରନ୍ତନ ହୁଏ
ଇତିହାସେ ସେ ଅନନ୍ୟା ।୭।

ଜନ୍ମ ଭୂମି ପ୍ରିତି କର୍ତ୍ତବ୍ୟ କରିଲେ
ଦେଶ ପ୍ରେମ ଥାଏ ହୋଇ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୀର ଯୋଦ୍ଧା ସାଜି ସୀମା ଜଗି ରହେ

ଶୀତ କାକରକୁ ସହି ।୮।

ରତି କାମଦେବ ପ୍ରେମର ପ୍ରତୀକ

ସାଥେ ଋତୁ ରାଜ ଥାଏ

ନିଷ୍କାମ ଯୋଗୀକୁ ଫୁଲ ଶର ମାରି

ପ୍ରେମ ସୂତ୍ରେ ବାନ୍ଧି ଦିଏ ।୯।

ଏସାରା ଜଗତ ପ୍ରେମରେ ମୋହିତ

ପ୍ରେମ ବିନା ନାହିଁ ସ୍ଥିତି

ରାଧାକୃଷ୍ଣ ପ୍ରେମ ଅମର କାହାଣୀ

ଗାଉଛି ଧରଣୀ ଗୀତି ।୧୦।

ଜୟ ଦେବଙ୍କର ଗୀତ ଗୋବିନ୍ଦ ଯେ

ରାଧା କୃଷ୍ଣ ରାସ ଲୀଳା

ବ୍ୟାସଦେବଙ୍କର ଭାଗବତ ଗ୍ରନ୍ଥ

ପ୍ରେମରେ ହୋଇଛି ଖେଳା ।୧୧।

ପ୍ରେମ ବୋଲି ଯେଉଁ ଦୁଇଟି ଅକ୍ଷର

ବିଶ୍ୱାସ ଭରସା ସ୍ୱପ୍ନ

ସ୍ନେହ ଭକ୍ତି ପ୍ରେମ ହୃଦୟେ ରହିଲେ

ଜିତିବା ସବୁରି ମନ ।୧୨।

ଗାନ୍ଧୀନଗର, ନବରଙ୍ଗପୁର ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶ୍ରୀ ଭଗବାନ



ରାମପ୍ରସାଦ ସିଂହ

ଧରାଧାମେ ଅବତୀର୍ଣ୍ଣ ବଂଶୀଧାରୀ
ମୌଳିକ ରୂପେ ଉଦ୍ଭବ,
ଅଦ୍ୱୈତ ରୂପ ପୁଷ୍ପିତ ନାରାୟଣ
କମଳ ନୟନ ଭବ ।।

ପରମ ପୁରୁଷ ଘେନିଣ ପ୍ରଣାମ
ଭକ୍ତିର ଆସରା ପାଇ,
ଶାଶ୍ୱତ ଚିରନ୍ତନ ଚିତ୍ର ସ୍ୱଷ୍ଟମୟ
ଅଚ୍ୟୁତ ଆକାର ଥାଇ ।।

ଚିରନ୍ତନ ଭବ୍ୟ ଅମୃତ ସାଗରେ
ଲୀନ ସଂସାର ଜଗତ,
ତାଙ୍କରି ଅମାପ ମହିମା କରୁଣା
ଭରେ ଭକ୍ତିରସ ପ୍ରୀତ ।।

ସୁକରପଡା, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପିଲାଏ ରଖିବ ମନେ



ବିଶ୍ୱନାଥ ସେଠୀ

ପିଲାମାନେ ଆଜି କହୁଛି କଥାଟେ
ଶୁଣ ହେ ମନ ଲଗାଇ,
ଶିଶୁରୁ ହୋଇବ ନାଗରିକ ତୁମେ
ଧୀରେ ଧୀରେ ବଡ ହୋଇ ।

ଆଜି ସିନା ତୁମେ ଛୋଟ ଟେ ହୋଇଛ
କାଲି ଯେ ବଡ ହୋଇବ,
ନାଗରିକ ଟିଏ ସାଜି ତୁମେ ସବୁ
ନୂଆ ଦେଶଟେ ଗଢିବ ।

ଭଲ ପାଠ ପଢି ତୁମେମାନେ ସବୁ
ହୋଇବ ଉତ୍ତମ ଛାଟ,
ଏକଥା ଜାଣ କି ପିଲାମାନେ ତୁମେ
ପାଠ ଯେ ଦେଖାଏ ବାଟ ।

ଭଲ ପାଠ ପଢି ପିତାମାତାଙ୍କର
ତୁମେ ହିଁ ଟେକ ରଖିବ,
ଭଲ ଛାତ୍ର ଟିଏ ହୋଇଣ ପାଠରେ
ନିଜର ନାଆଁ ରଖିବ ।

ଖେଳା ବେଳେ ତୁମେ ସଭିଏଁ ଖେଳିବ
ପାଠେ ନ କରିବ ହେଲା,
ପାଠ ନ ପଢିଲେ ମନେ ରଖିବ ହେ
ବୁଡିବ ତୁମର ଭେଲା ।

ପିତାମାତାଙ୍କର କଥା ମାନୁଥିବ
ତାଙ୍କରି ସେବା କରିବ,
ତାଙ୍କ ଉପଦେଶ ସାଥେ ଘେନି ତୁମେ
ସର୍ବଦା ବାଟ ଚାଲିବ ।

ସିଏ ପା ଅଟନ୍ତି ଚଳନ୍ତି ପ୍ରତିମା
ଜାଗ୍ରତ ପ୍ରହରୀ ଭଳି,
କେତେ ସେ  ମହାନ ଅଟନ୍ତି ସତରେ
କିଏ ବା ପାରିବ କଳି ।

କଠୋର ସାଧନେ ବ୍ରତୀ ହେବ ଯେବେ
ପହଞ୍ଚିବ ଲକ୍ଷ ସ୍ଥଳେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସବୁ ଅସାଧ୍ୟ ଯେ ସାଧିତ ହୋଇବ

ସାଧନା ଶକତି ବଳେ ।

ଭଲ ପାଠ ପଢି ଆଗକୁ ବଢିବ

ସୁନାମ ଅର୍ଜିବ ତୁମେ,

ସଦା କରୁଥିବ ମନୋନିବେଶ ହେ

ଯେତେକ ସୁନ୍ଦର କାମେ ।

ଜୀବନରେ ଭଲ ମଣିଷଟେ ହୋଇ

ଉତ୍ତମ କାମ କରିବ,

ଦେଶ ମାତୃକାର ସେବା କରି ସଦା

ଜାତିର ଟେକ ରଖିବ ।

ବିଶ୍ୱନାଥ ସେଠୀ,

ଶଙ୍କରା, ବିନିକା, ସୁବର୍ଣ୍ଣପୁର,

ହ୍ୱାଟ୍ସଆପ-୯୫୫୬୯୩୮୭୯୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସେନେହ ରଜ୍ଜୁକାଟି



ଅଲେଖ ମେହେର

ସେନେହ ରଜ୍ଜୁକାଟି    ମୋହ ଶଯ୍ୟଲୁ  ହଟି
ମହାପଥରେ ଗଲୁଚାଲି,
ହୃଦୟ ହାର ମୋର     କରିଲୁ ସାତପର
ଅକ୍ଷି ତତଲା ଲୁହ ଢାଳି ରେ  । ପ୍ରାଣଧନ ।
କୋଳ ମୋ'କରି ଦେଲୁ ଶୂନ,
ଅକାଳେ ଦେଇ ଦୁଃଖ  ଘନ ।
ସତର ବସନ୍ତର    ସ୍ମୃତି କରେ ଆତୁରେ
ବିଥିର ହୁଅଇ ଜୀବନ ।
ଆଜ୍ଞାଧିନ ତନୟ     ଦେଇ ମତେ ଅଭୟ
ଇକ୍ଷଣୁ ହୋଇଛୁ ଅନ୍ତର,
ମନ ପରାଣ କାୟା   ବିଲୋକେ ଶାନ୍ତ ଛାୟା
ବିହାୟସରେ  ନିରନ୍ତର ରେ  । ପୁତ୍ରମଣି ।
ଛାଡିଲୁ ମାତା ପିତା ଭଗ୍ନି,
ସମର୍ପିଲି କାୟାକୁ ଅଗ୍ନି ।
ନିରାଶ୍ରା ଦରିଆର   ତୁ' ଥିଲୁ  ବତୀଘର
ଅନ୍ତରେ ଲାଗେ ବାଡବାଗ୍ନି ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମନ ମୋ' ଥିଲା ଚିନ୍ତି    ସକଳ  ଛାଡି ଭ୍ରାନ୍ତି

ତୋ'କାନ୍ଧେ ଯିବି ମିଶାଣକୁ,

ବିହି ହେଲା ଭଗାରି   ଛଡାଇ  ନେଲା ହରି

ପ୍ରାଣେ ଦେଇ ଅମାବାସ୍ୟାକୁ ରେ  । ଜୀବଧନ ।

ସାଙ୍ଗରେ ନେଇଗଲୁ ପ୍ରାଣ,

କରି ଶୁଷ୍କ କାଠ ପାଷାଣ ।

ଏ ବୟସେ ତୋ' ସଙ୍ଗ    ବିରଞ୍ଚି  କଲା ଭଙ୍ଗ

ଦେଇ ଘୋର ଯମ ଜାତନା ।

ବାପା କେ ଡାକିବାରେ    କଥା କଥା ଭିତରେ

ହେଲା ଆମ ପାଇଁ  ସପନ ,

ଏ ମନ ରାଇଜର     ତୁ'ଏକା ହୃଦହାର

କେଣେ ହୋଇଗଲୁ  ଗୋପନ ରେ  । ପୁତ୍ରମଣୀ ।

ଛଡାଇ ହୃଦୟୁ ସ୍ପନ୍ଦନ ,

କନ୍ଦାଏ ଅତୀତର ଦିନ ।

ଗର୍ଭ  ତାରିଣୀ ମାଆ   କାନ୍ଦଇ ପିଟି ହିଆ

ଭାଜିଲା ସୁନେଲି  ସପନ ।

ଅଲେଖ ମେହେର ସୋହେଲା ବରଗଡ଼

ମୋ-୭୩୭୦୨୨୦୫୫୯

Listen to Odia Podcast on https://anchor.fm/aahwaan
ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ଦ୍ୱିତୀୟା ଶ୍ରାବଣ



ପିନାକୀ ମିଶ୍ର

ଘରେଘରେ କାନ୍ଦ ବୋବାଳି
କିଏ ଆଉ ଦେବ ତୁମକୁ
ସଂଜସଳିତା ଶଙ୍ଖହୁଳହୁଳି !

ଭିତରେ ଭିଏଇଛ ଆନନ୍ଦବଜାର
ବାହାରେ ରଚିଲ ମରଣର ହାଟ,
ଅସରା ଅଶ୍ରୁଜଳ ।

ତୁମ ଆଖି ନା ଏ କାଚବାଟି
ହାହାକାର , ମଡକ ସବୁଠି
ମହାମାରୀ ନିଏ କଂଚାପାଚିଲା ସାଉଁଟି ।

ଝଡରେ ଛିଣ୍ଡିଯାଉ ସେ ପତିତପାବନ ,
ସିନ୍ଦୁର ଲିଭିଗଲା
ହାତରୁ ରଙ୍କୁଣା ଖସିଗଲା
ଆଉ ଟାଣିବନି ଏ ପଥରଦେଉଳ ଅଫିମିଆ
ମୋହ ।

ଦକ୍ଷିଣରେ ପିଅର ନଥିଲେ
ଦିଅଁଦେଖା କି ସାର୍ଥକ ହୁଏ !
ଗର୍ଭଧାରିଣୀର ଛାତି ଫାଟିଗଲେ
ଅଧାଗଢାଦିଅଁ ଲାଗେ ସାତଭଗାରୀ ,
କାଳସର୍ପ ।

ତୁମେ ଅବତରି ଆସିଲେ କେତେ ନଆସିଲେ
କେତେ
ମାଟି ଛୁଇଁଲା ଯିଏ
ଦେହକ ଦୁଃଖରେ ଲୋଟେ,
କିଛି ବଦଳିବାର ନାହିଁ ହୋ...
ବଂଧନର ବାଡିଫୁଲ ଫୁଟୁଛିମାନେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଧୂଳିରେ ଦୁଃଖ ଲୋଟୁଛି ।

ଜୀବନ ରାସ୍ତାରେ ଯୁଦ୍ଧ ଅସରନ୍ତି
ଅଂଧାର ,ଝଡ, ଅଭାବ ,ରକ୍ତ, ନିଆଁଦାଢ
ପଡିଉଠି ଜୀବନ ଚାଲିଛି,
ଏଠି ତା'ବି ନାହିଁ ହୋ....
ନଅଂକରେ ତ ଭାତ ଫୁଟୁଥିଲା ତୁମ ଉଆସରେ
ସେବେଠୁ ତୁମକୁ କେହି ବୁଝି ପାରିଲେନି ।

କ'ଣ ହୁଏ କେଜାଣି !!
ମନରମଣିଷ ପାଖରେ ନଥିଲେ
ଅଶୁଭ କଳାଛାଇ ଘରେ ଆଣ୍ଠେଇପଡିଲେ ବି
ତଥାପି ତୁମକୁ ଏ ମଣିଷ ଖୋଜେ
ଥେକାଏ ପବନ ବହିଗଲା ପରେ,
ଦୁର୍ଭାଗାପାଦ ହାବୁଡେ ଯାଇ ଦେଉଳଦୁଆରେ ।

ଥାଉଥାଉ ସେତିକି ଥାଉ
ବହୁତ ହେଲା ଖଣ୍ଡାବୁଲା,
ଲୁହବତୁରା ମାଟି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶ୍ମଶାନ ଧୂଆଁଭର୍ତ୍ତି ଆକାଶ

ପାହାଡର ବି ଥର

ନଈ ବି ଅତନ୍ଦ୍ର,

ଥାଉଥାଉ  ସେତିକି ଥାଉ ହୋ

ତୁମେ କେବେ କାହାର ଥିଲ ଯେ'  ?

ମୋ ପ୍ରପୀଡିତ ପ୍ରାଣ ,ଝାଉଁଳାଆଖି

କନକବେଦୀରେ ତୁମକୁ ଚାହିଁଲେ

ଛାଁ କୁ ଝରିପଡେ -

ସାନ୍ତ୍ୱନାର ଆଷାଢ  ଦ୍ୱିତୀୟାଶ୍ରାବଣ  ।

ଚର୍ଚ୍ଚ ପାଖ , ଜେଲ୍ ରୋଡ, କେନ୍ଦୁଝର -୧
ମୋ ୯୪୩୮୧୧୮୩୯୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭିନ୍ନ ଏକ ପ୍ରେମ କାହାଣୀ



ରଶ୍ମିତା ସାହୁ

ସପନଭରା ନିଦ ଥିଲା ମୋର ଅତିପ୍ରିୟ,
ପାଠ ପଢିବା ହୋଇଗଲା ମୋ ପାଇଁ ଅପ୍ରିୟ । ।
ସପନରେ ଦେଖୁଥିଲି ଏକ ପ୍ରତିଛବିର ଛାୟା,
ତାକୁ ଆବିଷ୍କାର କରିବାକୁ ହେଉଥିଲି ବାୟା । ।
ପ୍ରତିଦିନ ଚାଲୁଥିଲା ସପନର ଲୁଚକାଳି,
ସେହି ସପନ ପାଇଁ ଶୁଣୁଥିଲି ବହୁତ ଗାଳି । ।
ଦିନେ ସେଇ ଛାଇ ନେଲା ଏକ ଦିବ୍ୟ ରୂପ,
ସେଇ ରୂପ ଥିଲା ମୋ ନାୟିକାର ସ୍ୱରୂପ । ।
ସକାଳୁ ସଂଜ-ସଂଜରୁ ରାତି
ରାତିରୁ ନିଦ-ନିଦରୁ ସପନ !
ସେଇ ସପନେ ମୋ ପ୍ରିୟା ସହ ହେଉଥିଲା ମିଳନ !
ସପନରେ କରିଥିଲି ଏକ ଫୁଲର ଘର,
ଗଢୁଥିଲି ତା ସାଥେ ଏକ ଭାବର ସଂସାର । ।
ଅବାସ୍ତବରେ ମୁଁ ଏପରି ମଜ୍ଜିଗଲି,
ତାକୁ ବାସ୍ତବରେ ପାଇବାକୁ ଚେଷ୍ଟା କଲି । ।
ଏପଟେ ପାଠ ଷାଠ ସବୁ ତୁଲିକି ଗଲା,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବୋଉ ଗାଳି ଶୁଣି ଶୁଣି ଦିନ ସରିଲା । ।

ଯୋଉଁଦିନ ବୋଉ ଚଟକଣି ରେ ନିଦ ଭାଗିଂଗଲା,

ସେତେବେଳେ ଜାଣିଲି-

ସପନର ନାୟିକା ଥିଲା ମିଛ ମରିଚିକା ବୋଲି । ।

କେମିତି ଲାଗିଲା ଏ ମୂଢର ପ୍ରେମ କାହାଣୀ,

ଥଟ୍ଟା କରିବନି ରାଣ ଦେଲି ଜାଣି । । ।

ରଶ୍ମିତା ସାହୁ (ଛତ୍ରପୁର,ଗଞ୍ଜାମ)

Email-Rasmi.k.sahu777@gmail.com

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ବିପର୍ଯ୍ୟୟ ପରେ...



ବାଲାଜୀ ସେଠୀ

ଶୁଣ ଶୁଣ ମୋ ଉପକୂଳିଆ କଙ୍କାଳ,,,
ଦୁଃଖ ନକରି ଉଠ ଚଞ୍ଚଳ,,,
କେତେ ଆଉ ନଇଁ ଥିବା
ଉଠ !ଏବେ ଅଣ୍ଟା ସଳଖିବା
ବିକଟାଳେ ଆସିଥିଲା 'ୟସ' ଝଡ଼,,,
ଭାଙ୍ଗିଦେଲା ଗଛଡ଼ାଳ, ବିଦ୍ୟୁତ୍ ଖୁଣ୍ଟ,
ଘର,କାନ୍ଥ,ବାଡ଼,,,

ଚାଲ,,,
ଖୋଜିନେବା ନିଜ ନିଜ ଦରଭଙ୍ଗା ବାସ୍ତୁ,
ବୋହିଦେବା ଭଙ୍ଗାଘରୁ ପାଣି
ଛାତଟେ ତିଆରିବା ଜରି ତ୍ରିପାଳଟେ ଆଣି
ଆଉ ଗୋଟେ ବିପର୍ଯ୍ୟୟ ଆସିବାଯାଏଁ
କାଳିଆ ଠୁଁ ମାଗିନେବା ଶାନ୍ତିର ତଥାସ୍ତୁ,,,
ଆସିବେ ଉଦାରିଆ ରିଲିଫବାଲା
ଦେଇ ଯିବେ ଓଳିକର ଚୁଡା, ଗୁଡ଼, ଦରବ,

ବାବୁ-ଭାୟା ଆସିବେ
କ୍ଷୟକ୍ଷତି ଆକଳନ କରିବେ
ଥୋଡା ଥୋଡା ଦେଇ
ପାଳିବେ ଫୋଟୋ ଉଠା ପରବ,,,

ବନା ବୋଉ.. ! ଖୋଜ ଖୋଜ
ଗିନା,ଗଡୁ,ଡବା,,,
ମୁଠେ ମୁଠେ ଖାଇ
ଆର ଓଳିକୁ ମୁଠେ ଥୋଇଦେବା,,,
ସାପ, ବେଙ୍ଗ, ମାଛ, ମଣିଷ
ଦେଖ ! ସବୁ ଏକାଠି,,,
ଖଣ୍ଡପ୍ରଳୟରେ ସମସ୍ତେ ଖୋଜନ୍ତି ରାହା
କିଏ ଯିବ କେଉଁଠି,,, ?
ଏବେ କିଏ କାହାର ନୁହେଁ ବଇରୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନିଜେ ବଞ୍ଚି ଆରେକୁ ବଞ୍ଚା,,,

ଶବ-ଶିବ ସମସ୍ତେ ଏକାକାର

ପ୍ରକୃତି କୋପରେ ପ୍ରଳୟ କେଞ୍ଚା,,,

ହେଜ ହେଜରେ ବୁଦ୍ଧିମାନ କଙ୍କାଳ

ଏବେ ଆତ୍ମସମୀକ୍ଷାର ଭଲ ବେଳ,,,

ଚେତା ହଜେଇଲେ ଭୋଗିବୁ

ମରଣ ଠୁଁ ବେଶି କଲବଲ,,,,,

ବି. ଦ୍ର:- ଶବ-ଜଡ, ଶିବ-ଜୀବନ

ଚିତ୍ରକୋଣ୍ଡା, ମାଲକାନଗିରି

Listen to Odia Podcast on https://anchor.fm/aahwaan
ଆହ୍ୱାନ-ଇ-ପତ୍ରିକା

 Magazine Downloaded from www.aahwaan.com

# ନିଃସ୍ୱାର୍ଥ ଅପେକ୍ଷାର ଅନ୍ୟନାମ ପ୍ରେମ



ଶିତିକଣ୍ଠ ଗାଇଗରିଆ

ଆକାଶ ଦିନେ ପଚାରିଲା ପୃଥିବୀକୁ
ତୁମେ ଜାଣ ପ୍ରେମର ମାନେ କଣ
ଧରଣୀ ମୁରୁକି ହସି ପ୍ରତ୍ୟୁତ୍ତର ଦେଲା
ସମର୍ପଣ !

ଯେଉଁଠି ଥାଏ ସବୁକିଛି ପାଇ ହରେଇ ଦେବାର ଭୟ
କିଛି ନ ପାଇ ଅଶାନ୍ତ ମନର କୋହ
ଆଉ ପୁଣି ସମୟ ସାଥେ ଭାଗ୍ୟର ବିଡ଼ମ୍ବନାର ଡର
ଯା ପରେ ବି ନିଃସ୍ୱାର୍ଥ ସମର୍ପଣ ହିଁ ପ୍ରେମ
ମୁଁ ଜାଣେ
ତୁମ ସହ ମିଳନ କଳ୍ପନାମାତ୍ର
ମିଳନର ବ୍ୟାକୁଳତା ଦୁଷ୍ପ୍ରାପ୍ୟ
ଏହା ହିଁ ଶାଶ୍ୱତ, ଚିରନ୍ତନ
ତଥାପି ଇଚ୍ଛା ହୁଏ
ତୁମ ଅସ୍ତିତ୍ୱରେ ନିଜକୁ ଭୁଲେଇ ଦେବାକୁ
ସ୍ୱପ୍ନରାଜ୍ୟରେ ତୁମ ସହ ନିଜକୁ ହଜେଇ ଦେବାକୁ
ଭୁଲିଯିବାକୁ ସମସ୍ତ କୋହ ଓ ଯାତନା
କେବଳ ଏତିକି ଜାଣେ
ନିଃସ୍ୱାର୍ଥ ଅପେକ୍ଷାର ଅନ୍ୟନାମ ପ୍ରେମ...

କଳାପଥର, ସୁବର୍ଣ୍ଣପୁର, ୭୬୭୦୧୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବେଳ



ସୋନାଲି ଗଡ଼ନାୟକ

ତ୍ରାହି ତ୍ରାହି ଡାକର ଗୁଞ୍ଜନ

ପଥର ସାଜିଲେଣି ଭଗବାନ

କୋଳାହଳପୂର୍ଣ୍ଣ ଏବେ ଶ୍ମଶାନ

ଅହମିକାର ଆସ୍ତରଣ ହେଉଛି ଖଣ୍ଡନ

ନାହିଁ ଆଉ ଚାରି କାନ୍ଧ ଲୋଡ଼ା

ପ୍ଲାଷ୍ଟିକ୍ ଆବରଣେ ଶବ ପୋଡ଼ା

ଅଧିକାର ସାଜୁଥିଲା କହି ନିଜର

ଅଛୁଆଁ ଭାବି କରୁଛି ପର

ଚାପି ହୋଇ ରହିଯାଏ କାନ୍ଦ

ହୃଦୟ କରୁଥାଏ ଫଟାନାଦ

ସରିବ ଅଭିନୟ ପୂରିବ କାଳ

ସଜାଗ ହେଉଥାଅ ଥାଉ ଥାଉ ବେଳ ।

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁକ୍ତିର ମହାଆନନ୍ଦ



ଡଃ ମନୋରଞ୍ଜନ
ବିଷୋୟୀ

ଚିହ୍ନା ମୁହଁ ସବୁ

ଲୁଚି ଯିବାକୁ ବସିଲେଣି

ପରିଚିତ ଓଠମାନଙ୍କର

ଭାଷା ବଦଳିଗଲାଣି

ଇଚ୍ଛା ସବୁ ମରି ଆସିଲାଣି

ସ୍ମୃତିସବୁ ହଜିଯିବାକୁ

ଲାଗିଲାଣି

ତଥାପି ମନର ଏକାନ୍ତ ଇଲାକାରେ

ବଞ୍ଚି ରହିଛି ସ୍ୱପ୍ନ

ନିମିଷକ ପାଇଁ ହେଉପଛେ

ସ୍ୱପ୍ନ ଦେଉଛି

ସକଳ ହତାଶା ଆଉ ଯନ୍ତ୍ରଣାରୁ

ମୁକ୍ତିର ମହାଆନନ୍ଦ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୦୪୧୭୨୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଆସିଛି ରଜ



ଲକ୍ଷ୍ମୀକାନ୍ତ ପୃଷ୍ଟି

ବାର ମାସରେ ତେର ପରବ
ଓଡିଶା ବାସୀଙ୍କ ଚିର ଗୌରବ
ପୁର ପଲ୍ଲୀ ରେ ଲାଗେ ସରଗ
ଆସିଛି ଆସିଛି ରେ ରଜ ପରବ ॥

ସଭିଙ୍କ ମନରେ ଫୁଟାଏ ହସ
ରଜ ପରବ ଯେ ତିନି ଦିବସ
ନୂଆ ପୋଷାକେ ଆନନ୍ଦ ଉଲ୍ଲାସ
ସାଙ୍ଗ ସାଥି ମେଳ ଦିଏ ହରଷ ॥

ଘରେ ଘରେ ହୁଏ ପୋଡପିଠା
ଏଣ୍ଡୁରି କାକରା ଆହା କି ମିଠା
ରଜ ଦୋଳି ଖେଳି ରଜଗୀତ ଗାଇ
ତାସ ଲୁଡୁ ଖେଳି ରଜ ପାନ ଖାଇ
କବାଡି ସଙ୍ଗେ ଗୁଡ଼ି ଉଡ଼ା ମଜା
ନାଚ ଗୀତ ସଙ୍ଗେ ବାଜଇ ବାଜା ॥

ନାହିଁ ସେ ମଉଜ ଏଇ ବରଷ
ସଂସାର ହୋଇଛି ରୋଗର ବସ
କରୋନା ପ୍ରକୋପ କରିଛି ଗ୍ରାସ
ଆତଙ୍କିତ ମନ କରେ ହତାଶ ॥

ତଥାପି ଲଢ଼ିବା ସଚେତନ ହୋଇ
ହାରିବ କରୋନା ଯିବ ଦୁରେଇ
ଘରେ ରହି ଆମେ କରିବା ମଉଜ
ଆସିଛି ରଜ ରେ ଆସିଛି ରଜ ॥

ସ୍ଥାନ-ବିଶ୍ରା(ଜରାଇକେଲା), ଜିଲ୍ଲା-ସୁନ୍ଦରଗଡ଼
ଦୂରଭାଷ : ୯୯୩୭୫୨୪୦୭୯, ୬୩୭୦୧୫୧୭୧୩

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହଜିଯାଇଛି ସେ ରଜ



ସାଗର ନାୟକ

ଆଜି ରଜ ଆସିଛି
ସତେ ଯେମିତି କୋରୋନାରେ ସବୁ
ବତୁରିଯାଇଛି
ସୁନେଲି ଅତୀତର ସ୍ମୃତିକୁ
ବାରମ୍ବାର ମନେ ପକେଇ ମୁଁ ଝୁରୁ ହଉଛି
ଅବସୋସର ଚଉହଦୀ ଭିତରେ
ବନ୍ଦୀ ହେଇଯାଇଛି ଅଭୁଲା ଅତୀତ
ଭୋଲେନାଥ ଙ୍କ ବିଶ୍ୱ ରୂପକୁ ଦେଖିବାକୁ
ମୁଁ ଖୋଜୁବୁଲୁଥିଲି
ଦାଣ୍ଡ ଆଉ ସହର ... (୧)

ହେ ରଜ ଆଜି କାହା ପାଖରେ
ନାହିଁ ସମୟ
ପୂର୍ବ ପ୍ରସ୍ତୁତି ଅବା
ନାହିଁ ସ୍ୱାଗତ ସମ୍ଭାଷଣ
ଯନ୍ତ୍ରବତ୍ ଚାଲିଛି ଜୀବନ
ନା ଅଛି
କୁଆଁରୀ ଝିଅର
ପାଳିବାର ଆବେଗ
ନା ରଜସ୍ୱଳା ମାଟିର ବାସ୍ନାରେ
ଆଭୂଭୂତ ହେବାର ଚମକ
କିନ୍ତୁ ରଜ ଆସିଛି
ପ୍ରଣୟର ପରିଭାଷା
ଆଉ ପ୍ରତାରଣାର ଫର୍ଦ୍ଦ
ସବୁକୁ ତ ସେ ଗୋଟେଇ ନେଇଛି,
ମନ ଭିତରେ
ଅଭିମାନର ଲୁଚେଇ ଦେଇଛି
ଆଉ ନିଜ ବାଟେ ପୁଣି ଫେରୁଛି... (୨)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କୋଉଠି କାଁ ଭାଁ

ଦୋଳି ତ ଝୁଲୁଚି

ହେଲେ କୁଆଁରୀଙ୍କ ମେଳ ନାହିଁ

କି ରଜ ଗୀତର ସ୍ୱର

ଭାସି ଆସୁନାହିଁ

ସବୁ ସେ ଦେଖୁଛି

ସମସ୍ତେ ନିଜ ନିଜର

ସ୍ୱପ୍ନ ପୂରଣ ପାଇଁ

ଖୁବ୍ ଗୋଟାଏ ବ୍ୟସ୍ତ

ତାର ଗୋଟାଏ କି ସ୍ୱପ୍ନ !!

ଗାଁ ମୁଣ୍ଡରେ ଥିବା

ବୁଢା ବରଗଛ ମୂଳ ବି

ଖୁବ୍ ଶୁନ୍ ଶାନ୍,

ଯୋଉଁଠି ଦିନେ ଚାଲିଥିଲା

ରଜର ପୂଣ୍ୟ ଦୋଳି ଓ

ଗାଁ ପିଲାଙ୍କର ମେଳ

ଆଜି ଖାଲି ଅବୁଝା ପବନ...(୩)

ବଦଳିଛି ଜୀବନ

ବଦଳିଛି ମନ

ନା ଅଛି ଖିଲି ପାନ

ନା ଅଛି ବେଣୀ ଅବା ରିବନ୍

ତଥାପି ରଜ ଆସିଲେ

କାହିଁକି କେଜାଣି

ମନ ଭିତରେ ଭରିଯାଏ

ଭିନ୍ନ ସିହଁରଣ,

ମନେପଡେ ଖୁବ୍ ପିଲାଦିନ

ନାଲି ଫ୍ରକ୍, ଅତର ଆଉ

ଘରରୁ ଦାଣ୍ଡ ମୋର

ଡେଉଁଥିବା ପାଦ ଓ

ଛମ୍ ଛମ୍ ଶୁଭୁଥିବା

ପାଉଁଜିର ନିକ୍ୱଣ ............(୪)

ନୟାସିଙ୍ଗଡ଼ା,ନାଉଗାଁ

ଜଗତସିଂହପୁର,ଓଡିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମଙ୍ଗଳ ପ୍ରଭାତ



ପ୍ରଦୀପ କୁମାର
ଜିଲିକାରା

ରାଗ- ଚୋଖି

ପ୍ରାଚୀ କକୁଭେ ଭାସ୍କର ଉଦିତ ହୋଇ ତତ୍ପର
ଉଷାରାଣୀ ତେଜି ତନ୍ଦ୍ରା ହୋଇଲେ ସଜ
ଉର୍ଦ୍ଧେ ଉଠି ରବି ରାଜ ଧରଣୀକୁ କଲା ସଜ
ବପନ କରିଲା ସ୍ୱର୍ଣ୍ଣ ଲହରୀ ବୀଜ
ମହୀ ରବି କରେ ଆବରି
ମସ୍ତକେ ମଣ୍ଡିତ ସତେ ସ୍ୱର୍ଣ୍ଣ କବରୀ ।୧

ରବି ସ୍ୱର୍ଣ୍ଣ ବର୍ଣ୍ଣ ବୀଚି ଜଳେ ସ୍ଥଳେ ନଭେ ବିଞ୍ଚି
ପୁଷ୍ପବନେ ପୁଷ୍ପପୁଞ୍ଜ ନର୍ତ୍ତନେ ରତ
ବ୍ୟୋମେ ଗଗନ ବିହାରୀ କୂଜନେ ମନ୍ତ୍ର ଉଚାରି
ବିଶ୍ୱ ସୃଷ୍ଟି କର୍ତ୍ତା ଧ୍ୟାନ ପ୍ରାୟପ୍ରାୟେ ପ୍ରତୀତ
ସରିତ ତରଙ୍ଗ ଉଚ୍ଛୁଳି
ସମୀର ସଙ୍ଗତେ ବିଭୁ ସ୍ୱାଗତେ ମେଳି ।୨

ଗ୍ରାମ ପଥେ ନରନାରୀ ଆଳସ୍ୟତା ପରିହରି
ପ୍ରାତଃକାଳ ଶୌଚ ସ୍ନାନେ ସରେ ଗମିଲେ
କୁଳ ଭୁଆଶୁଣୀ ମାନେ ବୃନ୍ଦାବତୀ ମୂଳେ ଧ୍ୟାନେ
ଅମ୍ବୁ ଢାଳି କୁଳ ରକ୍ଷା ଯେ ମନାସିଲେ
ବିପଣିରେ ଗହଳ ଜନ
ଯେ ଯାର କର୍ମ ଆରମ୍ଭି ଯାପିଲେ ଦିନ ।୩

ଠିକଣା/ ଗ୍ରାମ- ହାଡ଼ଶିଙ୍ଗୁଳା, ଡାକ- ଚାଟିକୋଣା, ଗୋଷ୍ଠୀ- ବିଷମକଟକ, ଜିଲ୍ଲା- ରାୟଗଡ଼ା ।
ଦୂରାଭାଷ-୮୨୪୯୪୩୯୯୩୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ



ଶ୍ରୀକ୍ଷେତ୍ର ସୁନ୍ଦର

ନିର୍ଲଜ ପରି

ନକଲି ହସରୁ ଚେନାଏ ଓଠରେ ଚାପି ଧରି

ସ୍ୱାଭିମାନର ତଣ୍ଟିରେ ପାଦଦେଇ

ତତଲା କଳା ଧୂଆଁକୁ ପିଇ

ଜୀଇଁ ରହିବାର ଛଳନା କରେ

ଏ ସ୍ୱାଭାବିକ ମଣିଷ ମାନଙ୍କ ଭିଡ ଭିତରେ

ଠିଆ ହେବାକୁ ଯାଇ

ବେଳେବେଳେ ଅସ୍ୱାଭାବିକ କିଛି କରି ବସେ

ନିଜ ଉପରେ ଅଭିମାନ କରି

ନିରୋଳାରେ ଏ ଆଖିରୁ ଲୁହ ଝାରେ

ନିଇତି ଅତୀତର ସାଉଁଟା ଶାମୁକାରୁ

ମୁଁ ମୋ ନିଜକୁ ଖୋଜେ ...

ସଙ୍ଗୀତ ଶିକ୍ଷକ

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ, ବରଗଡ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏକ ମନ ଅନେକ ଯନ୍ତ୍ରଣା



ସୁଭାଷ ଚନ୍ଦ୍ର ପଣ୍ଡା

ଅନେକ ଅନେକ ବାଟ ଏ ମଧ୍ୟରେ ଚାଲି ଆସିଲିଣି
ଲକ୍ଷ ବାଲି ବନ୍ଧ ଡେଇଁ ,
ଅନେକ ଧୂଳିର ଝଡ଼ ସହି ସାରିଲିଣି ।
ହେ ମୋ ପ୍ରିୟା ପ୍ରାଣ ପ୍ରିୟା ତୁମେ ଯିବା ପର ଦିନ ଠାରୁ
କାଟିଲିଣି ଅନେକ ସ୍ୱପ୍ନର ମାୟା ,
ଫେରିଲିଣି ଲବଙ୍ଗ ଦ୍ୱୀପର ସେଇ
ସାତ ତାଳା ମାଣିକ ନଅରୁ ।
ଅନେକ ମଧ୍ୟାହ୍ନ ବାଲି ଫୁଟି ସାରିଲାଣି
ଏ ଶରୀର ସ୍ନାୟୁରେ ସ୍ନାୟୁର ,
ବହୁଥର ଫେରିପାଇ ନିଜକୁ ମୁଁ ଭୁଲି ସାରିଲିଣି
ଅନେକ ଲୋମଶ ନୀଳ
ନୀଳ ଭ୍ରୁଲତାରେ ।
ଜଉମୁଦ ଦିଆ ବହୁ କଉମୁଦି ବସନ୍ତର
ଦେହ ଲଫାପାରେ ବହୁତ ଲେଖିଛି ଚିଠି
ଧବଳ କଇଁର ସ୍ୱପ୍ନ ଦେଖିଛି ମୁଁ ଅନେକ
ନୀଳେନ୍ଦି ନୀଳ ବେଣୀର ଢେଉରେ ।
ଅନେକ ଥର ବି ମୋତେ ବନ୍ଦୀ କଲା
ଶାମୁକାର ଓଠ ଏଇ ପଳାସୀ ରଙ୍ଗର ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୃଣାଳ ବାହୁର ଛନ୍ଦ,

ମୋତେ ପୁଣି ବନ୍ଦୀ କଲା ରଜନୀର ତୃତୀୟ ପ୍ରହର ।

ସମସ୍ତ ବନ୍ଧନ ଶେଷେ ଛିନ୍ନ ହେଲା

ମୋତେ କେହି ପାରିଲେନି ଧରି ,

ସବୁଠୁ ମୁଁ ଛିନ୍ନ ହେଲି ,

ଶୀର୍ଣ୍ଣ ହେଲି ,

ଅନେକ ବୟସ ଆଉ ଲୁହ ଖର୍ଚ୍ଚ କରି ।

ମୋ ରାସ୍ତାର ସବୁ ବାଲିବନ୍ତ ସବୁ ବକ୍ଷ ଉପତ୍ୟକା ଡେଇଁ ,

ଅନେକ ତରଙ୍ଗାୟିତ , ନିସ୍ତରଙ୍ଗ ମାଂସର ସମୁଦ୍ର

ତୁମକୁ ଖୋଜିଲି ସତ,

ତୁମ ସତ୍ତା ନାହିଁ କାହିଁ ନାହିଁ ।

ତୁମରି ବିଳସୀ ଓଠ , ମୋନାଲିସା ହସ ଆଉ

ଭୀରୁ ନିଶ୍ୱାସର ଅନେକ ସନ୍ଧାନ ନେଲି,

ନାହିଁ କାହିଁ ତୁମ ଶାଢ଼ୀ , କେଶ ଆଉ କଙ୍କଣ ନକଲ ।

ତୁମେ କଣ ପରୀ ହେଲ ?

ତୁମେ କଣ ରତିକାବ୍ୟ ହେଲ ସ୍ୱାମୀ ହୀନା

କେଉଁ ଏକ ସଦ୍ୟ ବିଧବାର ?

ତୁମେ କଣ କସ୍ତୁରୀର ଗନ୍ଧ ହେଲ ,

ମିଶିଗଲ ପ୍ରତ୍ୟେକ ବସ୍ତିର ଏଇ ମୋର ସ୍ଥୁଳ ଶରୀରର ?

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ,

ଗହଗା, ନରସିଂହପୁର, କେନ୍ଦ୍ରାପଡ଼ା, ଓଡିଶା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭୂମିକମ୍ପ



ସରୋଜ କୁମାର ସାହୁ

ସେଦିନ ତୁମେ ଆସିଥିଲ
ରାତିକୁ ଦିନ କରି
ସତମିଛ ପ୍ରେମର ମଇଳାକୁ
ଆଞ୍ଜୁଳିକରି ଢାଳି ଦେଇଥିଲ
ମୋ ଉପରେ,
ଯେଉଁଥିରେ ଖୋଜିବା ତ ଦୂରର
ମୋତେ ଚିହ୍ନିବା ବି ଥିଲା ଅସମ୍ଭବ ।

ତମ ହୃଦୟର ସ୍ପନ୍ଦନ
କିଛି କହୁ କି ନ କହୁ
ଆଖି ବାରି ପାରୁଥିଲା ଗୋଟେ
ଭିନ୍ନ ସ୍ୱାଦର ଗନ୍ଧ,
ଯାହାର ଅର୍ଥ କି ସ୍ଥିତି ନଥିଲା
ମୋ ପାଖରେ ।

ଓଠ ଝୁରୁଥିଲା ବାୟୁର ଶୀତଳତା
ଦେହର ଉର୍ବରଚର୍ମ ଶୁଷ୍କ ମରୁଭୂମି ପରି
ହୋଇପଡ଼ିଥିଲା ଶ୍ରୀହୀନ
ଗଛର କଅଁଳ ପତ୍ରଗୁଡ଼ାକ
ଝଡ଼ି ଯାଇଥିଲା ବିନା ବିପର୍ଯ୍ୟୟରେ
ପାଦତଳକୁ ଟାଣି ଆଣିଥିଲା
ଗୋଟେ କୃତ୍ରିମ ଭୂମିକମ୍ପ ।

ଆଠଗଡ଼, କଟକ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରୀତିପଦ୍ମା



ମଞ୍ଜୁରାଣୀ ମିଶ୍ର

ଅପ୍ରାପ୍ତିର ଆବର୍ତ୍ତ ଭିତରେ ତୋ ଜୀବନ ଫରୁଆଟା ଭାସୁଥିଲା

ବୁଢ଼ୀ ଅସୁରୁଣୀର ପ୍ରବାଳ ଦ୍ୱୀପରେ

ତଥାପି ତୁ ଅପେକ୍ଷା କରିଥିଲୁ ସମ୍ଭାବନାର ନୂତନ ସୂର୍ଯ୍ୟକୁ

ପ୍ରୀତିପଦ୍ମା -

ତୋ ପଦ୍ମତନୁରେ କୋଡିଏଟି ବସନ୍ତର ଦାଗ

ଘରକରଣାର ବିବର୍ଣ୍ଣ ବୃତ୍ତରେ ମୁଠା ମୁଠା ଝରିପଡେ

ତୋ ଦୁଃଖଦ ସଙ୍ଗୀତ ପରାଗ ।

ବ୍ୟଥାର ତଟିନୀଟିଏ ଦୁଇ କୂଳ ଖାଏ

ଆତଙ୍କର ନୀଳ ନୀଳ ଢେଉ

ତୋ ସଂସାର ଲୁହରେ ଲହୁରେ ଓଦା

ଆଉ ତୋ ନିଷିଦ୍ଧ ମନର ମଣିଷ ହସୁଥିଲା ଗରଳର ହସ ତୋ ବାପା ପାଖକୁ ଚିଠି

ଲେଖୁଥିଲା

ବାରମ୍ବାରଇତର ସମ୍ବୋଧନର

ପ୍ରୀତିପଦ୍ମା

ତୁ କାହୁଁ ବୁଝିବୁ ଧନ ଦଉଲତରେ ମପାହୁଏ

ସ୍ନେହ ପ୍ରେମ ପ୍ରୀତି ଅନୁରାଗ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସଂପର୍କର ସବୁ ସ୍ରୋତ ମିଶିଯାଏ ଧନର ସମୁଦ୍ରେ

ସୌଭାଗ୍ୟର କୃଷ୍ଣଚୂଡା ହସେ

ପ୍ରତିଶୃତିର ଶ୍ୟାମଳ ଋତୁଟେ ଖଣ୍ଡିଉଡା ଦେଇଥାଏ ।

ତୁ କାହୁଁ ବୁଝିବାକୁ ଚେଷ୍ଟା କରିବୁ

ଦିଆ ନିଆ ଦୁନିଆର ଦାଉ

ଶଙ୍ଖ ହୁଳହୁଳିର କୋଳାହଳ

ଯୌତୁକର ନିଲାମ ଡାକରା

ତୋ ଲୁହର ବତୁରା ମାଟିରେ ମୁଠା ମୁଠା ଅଭିପ୍ସା ବୀଜମାନେ

ଅଙ୍କୁରିତ ହୋଇ ନ ପାରିବାର ଯନ୍ତ୍ରଣା

ଯାତନାର ବଜ୍ର କବାଟ

ତୋ ପରିଧି ଚାରି ପଟେ କପଟ ପଶାର ଖେଳ

ତତେ ଶୋଷି ଚାଲିଥିବା କାକ୍‌ଟସ ମାନଙ୍କର ଅଟ୍ଟହାସ୍ୟ

ଆଉ ତୋ ମନର ନୈବେଦ୍ୟ ଚଉରା ମୂଳରେ

କେତେ କାଳ ସହିଥାନ୍ତୁ ନାରୀତ୍ୱର ପ୍ରବଞ୍ଚନା

କାହାକୁ ବା ମାଗିଥାନ୍ତୁ ପ୍ରତ୍ୟୟର ବାରିଧାର ନିର୍ଭର ସାନ୍ତ୍ୱନା

କେମିତି ଯେ ଏତେ ଶୀଘ୍ର ସମାଧାନ କରିଦେଲୁ ପ୍ରୀତିପଦ୍ମା

ପଦ୍ମପତ୍ର ଗହମ ନିଦରେ ଶୋଇଗଲୁ ଚିରଦିନ

ଏଇ ଯେ ଦୁଶୁଛି ଜୁଇ

କଞ୍ଚା କାଠ ଧୂଆଁର କୁଣ୍ଡଳୀ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଉ ଲିଭି ଲିଭି ଆସୁଥିବା ଜୀବନର

ଚମତ୍କାର ଖଇ କଉଡ଼ିର କାବ୍ୟ

ଅହିଅ ଡେଙ୍ଗୁରା ବାଜେ

ଗୋଧୂଳିର ଛାଇ ତଳେ ମାଲଭାଇ ଠିଆ

ସର୍ବହୀନ ଜୀବନଟା ପାଇଁ କିଛି ଟା ଦରଜ

କିଛି ଲୁହ କିଛି ଉପହାର

ନାଲି ଶାଢୀ ଶଙ୍ଖା ଓ ସିନ୍ଦୂର ।

ହାଇଦ୍ରାବାଦ, ୭୩୮୧୨୬୫୭୬୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମକୁ ପାରୁନି ଭୁଲି



ପ୍ରଶାନ୍ତ କୁମାର ନାଥ

ଭୁଲିଯିବି ବୋଲି କହିଦେଲି ସିନା
କରି ମୁଁ ତୁମକୁ ପର
ହେଲେ ଭୁଲିଯିବି ଯେତେମୁଁ ଭାବିଲେ
ମନେ ପଡ ସେତେ ମୋର ।

ଜିଇଁଯିବି ବୋଲି କହିଦେଲି ସିନା
ହେବିନି ତୁମକୁ ଝୁରି
ହେଲେ ତୁମବିନା କହୁଛି ସତରେ
ଯାଉଛି ପ୍ରିୟା ମୁଁ ମରି ।

କହିଦେଲି ସିନା ତୁମରି ବିହୁନେ
ବଞ୍ଚିଯିବି ଏକା ଏକା
ହେଲେ ଜାଣିଗଲି ତୁମ ବିନା ପ୍ରିୟା
ଜୀବନଟା ମୋର ଫିକା ।

ଭାବିଥିଲି ମୁହିଁ ତୁମେ ଗଲାପରେ
ଢାଳିବିନି ଟୋପେ ଲୁହ
ହେଲେ ଯେବେ ତୁମେ ଛାଡି ଚାଲିଗଲ
ସମ୍ଭାଳି ପାରୁନି କୋହ ।

ଆଜି ପ୍ରିୟା ମୋର ହୃଦୟ ସେମିତି
ତୁମକୁ ହେଉଛି ଝୁରି
ତୁମବିନା ସତେ ଜୀବନଟା ମୋର
ଅଟେ ମରୀଚିକା ପରି ।

ସୁନ୍ଦରପୁର, ଉତ୍ତରକୁଳହାଟ, ପ୍ରୀତିପୁର,
ଯାଜପୁର: ୭୫୫୦୧୩
ମୋ : ୮୩୧୦୩୨୮୩୪୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୃଷ୍ଣ / କୃଷ୍ଣା



ମମତା ମିଶ୍ର ଦାଶ

ରାମ ଓ ଜଗିଆ ଦୁଇଟି ବନ୍ଧୁ
ସବୁବେଳେ ଥାନ୍ତି ଏକାଠି ହୋଇ ।
ଗପ କରୁଥାନ୍ତି ଇଆଡୁ ସିଆଡୁ
ଭାବାବେଶେ ସଦା ନିମଜ୍ଜି ରହି ।।
ଏକଦା ଦିନକେ କଥା ହେଉ ହେଉ
ପଚାରିଲା ରାମ ଜଗିଆ ହାକି ।
କାହିଁକି ତୋହର ବାପା ମାଆ ତୋତେ
ଜଗବନ୍ଧୁ ସ୍ଥାନେ ଜଗିଆ ଡାକି ।।
ନାମଟି ତୋହର ଅତ୍ୟନ୍ତ ସୁନ୍ଦର
ଜଗବନ୍ଧୁ ଦେଇ ହୁଅନ୍ତି ତୃପ୍ତ ।
ଗେଲରେ ଡାକିଲା ବେଳକୁ କାହିଁକି
ଶବ୍ଦର ଅର୍ଥକୁ କରି ବିକୃତ ।।
ରାମ କଥା ଶୁଣି ଜଗିଆ କହିଲା
ଗେଲରେ ସିନା ମୋ ନାମ ଜଗିଆ ।
ହେଲେ ବିଦ୍ୟାଳୟେ ରେକର୍ଡ ବହିରେ
ଜଗବନ୍ଧୁ ଅଟେ ମୋହର ନାଁଆ ।।

କହିବାରେ ଅବା କେତେ ଭାଷା କହୁ
ସଜାଗ ଆମେ ତ ଲେଖିଲା ବେଳେ ।
ତୁମ ଭଳି କିନ୍ତୁ କଥା କହୁ କହୁ
ମନ ଭରୁ ନାହୁଁ ଅସାଧୁତାରେ ।।
କଥା କହୁ କହୁ ଠାଣିକୁ ଦେଖାଇ
ଶ୍ଳୋକା ବୋଲି କୁହ ଶ୍ଳୋକକୁ ତୁମେ ।
ଯୋଗ କରୁ କରୁ ଯୋଗାସନେ ବସି
କହୁଛୁ ତାହାକୁ ଯୋଗା କି ଆମେ ?
କୃଷ୍ଣଙ୍କୁ ସରବେ ଭଗବାନ କହି
ଆତୁରେ ଡାକୁଛ ହେ କ୍ରିଷ୍ଣା ବୋଲି ।
ଡାକ ଶୁଣି ତୁମ ଦ୍ରୌପଦୀ ଆସିବେ
କବରୀକୁ ତାଙ୍କ ସଜାଡ଼ି କରି ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କ୍ରିଷ୍ଣା କ୍ରିଷ୍ଣା ଡାକ ଶୁଣି ଶୁଣି ଦେଖ
ଯମୁନା ନଦୀରେ ଆସେ ଉଜାଣି ।
ରାମା ରାମା ଏହି ଆହ୍ୱାନରେ ପୁଣି
ସୁନ୍ଦରୀଙ୍କ ମନେ ସଦା ଭାଳେଣି ।।
କଥାରେ କଥାରେ କହୁଚୁ କହୁଛୁ
ଲେଖିବାରେ ଆମେ ଶୁଦ୍ଧତା ରଖୁ ।
ଛୋଟ ଛୋଟ କ୍ଷେତ୍ରେ ଶୁଦ୍ଧତାକୁ ଜଗି
ରାମ ଶବଦକୁ ରାମା ନ ଲେଖୁ ।।
ଅଞ୍ଚଳ ଭେଦରେ ଭାଷା ବଦଳିବ
ଏଇଟା ଗୋଟିଏ ନିରାଟ ସତ୍ୟ ।
ନିୟମରେ ବନ୍ଧା ଲିଖିତ ଭାଷାରେ
ଭରି ରହିଥାଏ ବିଷୟ ତତ୍ତ୍ୱ ।।
ସ୍ଥାନର ଭେଦରେ କେତେ ଭାଷା କହୁ
ସଜାଗ ରହୁଛୁ ଲେଖିଲା ବେଳେ ।
ତୁମ ଭଳି କିନ୍ତୁ କଥା କହୁ କହୁ
ଗେହ୍ଲାରେ ନ ଭାବୁ ଅସାଧୁତାରେ ।।
ଅତି ଚାଲାକିରେ କୁଆବୁଦ୍ଧି କରି
ଶ୍ଳୋକକୁ ନ ଲେଖ ବାଳକେ ! ଶ୍ଳୋକା ।
ଯୋଗା, ରାମା ଆଉ କୃଷ୍ଣାଙ୍କୁ ଦୂରାଇ
ଶୁଦ୍ଧତାରେ କର ଭାଷା ସୁରକ୍ଷା ।।

ବି. ଦ୍ର. କୃଷ୍ଣା ଅର୍ଥ ଦ୍ରୌପଦୀ ଏବଂ ଯମୁନା । ସୁନ୍ଦରୀ ଲଳନାଙ୍କୁ ରାମା କୁହାଯାଏ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହୃଦୟର ତୋଫାନ



ଡଃ ରାକେଶ
ରଞ୍ଜନ ମୁଣ୍ଡ

ତୁମେସେ ହୃଦୟ ତୋଟାର ପ୍ରସ୍ଫୁଟିତ ପୁଷ୍ପ
ବିହଙ୍ଗ ମୁଁ ତୁମ ପାଶେ ବୁଲେ ..
ତୋଫାନ ଆସି ମନ ବାରିଧିରେ ଧିରେ ଧିରେ
ଢେଉକୁ ତ୍ୱରାନ୍ୱିତ କରି ଚାଲେ ।

ନିର୍ବାପିତ ହୁଏ ବିକଟ ବିଶାଦ ତୁମ କର ସ୍ପର୍ଶ
ଯେବେ ମୋ କରକୁ କରେ ...
ଅଭୁଲା ସେ ସ୍ମୃତି ସ୍ତୁତି କରେ ମୁଁ ନିତି
ଏମିତି ମିଳୁ ଥାଉ ଖୁସି ଥରେ ଥରେ ।

ବନ୍ଧନ ଏମିତି ନାମ ନାହିଁ ଏହା ହିଁ କଷ୍ଟ
ଉପାର୍ଜିତ ପରିସ୍ଥିତି ...
କେହି କେହି ପଚାରନ୍ତି କଲମର ମୁନି
କାହା ପାଇଁ କରେ ଗତି ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବେଦନାକୁ ଚାପି ତୁମର ଭାବକୁ ଭାବି

ସବୁ ଖୁସି ମିଳିଥାଏ..

ଚପଳା ଚମକେ କୁସୁମ ମହକେ ଭାଗ୍ୟେ

ଯାହା ଲେଖାଥାଏ ।

ବିୟୋଗ ନହୋଇ ବିୟୋଗର ଦୁଃଖ

ମିଳେ ଯେବେ ..

କପାଳର କ'ଣ ଦୋଷ ବିଫଳ ନିଜର

ଏ ଦଶା ତେବେ ।।

ଧର୍ମଗଡ଼, କଳାହାଣ୍ଡି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶକୁନି



ସ୍ମୃତିରଞ୍ଜନ ବାରିକ

ପଶାପାଲି ଚକ୍ଷୁଅଗ୍ରେ, ପ୍ରବେଶଇ ମନେ,
ନାମ ଶୁଣି ଥରିଯାଏ କୁରୁକ୍ଷେତ୍ର ଗାନେ ।
ନୁହେଁ ସେ ଆତତାୟୀ ହୃଦୟ ବିଦାରୀ,
ଅତିସ୍ନେହୀ ଭ୍ରାତା ଜାଣେ ସେ ଗାନ୍ଧାରୀ ।
ଗାନ୍ଧାର ସୁକନ୍ୟା ଅଲିଅଳୀ ରାଜକନ୍ୟା,
ଦୁଃଖର ପ୍ରବେଶ ଆସେ ଅଶ୍ରୁରୂପେ ବନ୍ୟା ।
ପ୍ରସ୍ତାବ ଭୀଷ୍ମର, ଶୁଣି ସେହି ଭ୍ରାତା,
ହୃଦୟ ସମ୍ଭାଳି ଦିଏ ଅରାଜିର ବାର୍ତ୍ତା ।
ସୁନ୍ଦରୀ ଭଗିନୀ ଅଲିଅଳି ରାଜଜେମା,
ଅନ୍ଧର ବିବାହ ଦୁଃଖ, ଟାଣେ ଆଜି ସୀମା ।
ଚଞ୍ଚଳ ଶକୁନି, ନେଇ ଦୃଢ଼ ପଣ,
ସ୍ୱଚିନ୍ତେ ଉପାୟ କୁରୁକ୍ଷେତ୍ରେ ରଣ ।
ବାନ୍ଧଇ ପଶାରେ ସେ କୁରୁର ଡୋରି,
ପାଣ୍ଡବ, କୌରବ ଯୁଦ୍ଧେ ଯିବେ ବୋଲି ତରି ।
ବାସୁଦେବ ରହି କାଟଇ ଫାଶ,
କୌରବ ସଜାଏ ନିଜ ହାତେ ନିଜ ଝାସ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶକୁନି ପଶାରେ ଯୁଦ୍ଧ କ୍ଷେତ୍ରେପୁର,

ଯୁଦ୍ଧର ଗନ୍ଧରେ ଭାସିଯାଏ ବୀର, କ୍ରୁର ।

ନିଷ୍ଫଳ ନୁହଁଇ କାର୍ଯ୍ୟେ ତା ଶକୁନି,

କହି କରେଇ ଉଠେଇଲା ମନେ ଗ୍ଲାନି ।

ଦୁର୍ଯ୍ୟୋଧନ ବୀର ପଶାପାଲି ଫଶେ,

ବଂଶର ଲୋପ ନିଜନାମେ ଲେଶେ ।

ଅନ୍ତରେ ଶକୁନି ପୂର୍ଣ୍ଣକରେ ବାଞ୍ଛା,

ସବୁ ଘଟୁଥାଏ ବାସୁଦେବେ ଇଛା ।

ଗ୍ରାମ:- ଅନୁପଲା, ଗ୍ରାମ.ପ:-ସାମନ୍ତରାପୁର

ବ୍ଲକ୍:-ତିର୍ତ୍ତୋଲ, ପିନ୍:-୭୫୪୧୬୨

ଜି:-ଜଗତସିଂହପୁର

ଇ.ମେଲ୍:- smrutiranjanbarik.smruti@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନାମିକା ନାୟିକା



ସୁରେନ୍ଦ୍ର କୁମାର ସାହୁ

ଅନାମିକା ନାୟିକା ସେ ହୃଦ-ପଦ୍ମେ ମମ,
ବିରହ ବିଧୁର ପ୍ରାଣ ତାକୁ ଖାଲି ଝୁରେ,
ମୁକ୍ତ ଆକାଶେ ଭ୍ରମିତ ବିହଙ୍ଗୀର ସମ,
ଜାଣେନା ଜାଣେନା ମୋଠୁଁ ଅଛି କେତେ ଦୂରେ ।।୧ ।।

ସରଳ ଶୀଳ ସ୍ୱଭାବ ବିଭବେ ଭୂଷିତା,
ଷୋଡ଼ଶୀ ଶଶୀ-ବଦନୀ ରୂପେ ଅନିନ୍ଦିତା,
ହୃଦ-ଦେବାଳୟେ ଆହା ଦେବୀ ସେ ପୂଜିତା,
ପରାଣ ପ୍ରେୟସୀ ରଘୁବୀରେ ଯେହ୍ନେ ସୀତା ।।୨ ।।

ବିଳସେ ବିଳାସେ ଆହା ଯା' ରୂପ ଦର୍ଶନେ,
ନିରୀହ ହରିଣୀ କି ସେ ରମ୍ୟ ଉପବନେ,
ନିଷ୍କପଟ ଯେହୁ ତିଳେ ଛଳ ନାହିଁ ମନେ,
ସରଗ ସୁଷମା ଘେନି ଆସିଛି ଭୂବନେ ।।୩ ।।

ଭୁବନ ବିଦିତ ନବ ଯୌବନ ଶୋଭିତା,
ରୂପ ଗୁଣେ ସରି ଯାର ନୁହେଁ ଅପସରା,
ଅଦୃଶ୍ୟ ଅମର ଆମର ସମ୍ପର୍କର ସୂତା,
ଚନ୍ଦ୍ର ସେହୁ, ମରତରେ କୁମୁଦ ମୁଁ ପରା ।।୪ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଳାକର କର ଲଭି କୁମୁଦ ଯେସନେ,

ଉଲ୍ଲାସ ମନେ ବିକଶି ବିକାଶଇ ଶୋଭା,

ପ୍ରେୟସୀ ମୁଖ-କମଳ ଦର୍ଶନେ ତେସନେ,

ଆହ୍ଲାଦେ ଲଭିବି ପ୍ରଶାନ୍ତି କି ମନଲୋଭା ।।୫ ।।

ସରିତ ରୀତି ଯେସନେ ମିଶେ ପାରାବାରେ,

ପଥେ ବାଧାବିଘ୍ନ ଲଙ୍ଘି ଲାଗେ ଲକ୍ଷ୍ୟ ସ୍ଥଳେ,

ସେହିମତେ ପ୍ରାଣପ୍ରିୟା ସହ ସରାଗରେ,

ମିଶିବାକୁ ଇଚ୍ଛା ମୋର ହୁଏ ସଦା କାଳେ ।।୬ ।।

ନିରବେ ନିଃଶବ୍ଦେ ଶ୍ରାବଣର କେତେ ରାତି,

ବିରହେ ବିତିଛି ଜାଣେ ଏଇ ମନ ସିନା,

ଜୀବନ ସମ୍ବଳ ତା'ର ଅପାଶୋରା ସ୍ମୃତି,

ଛାତି ତଳେ ଲୁଚାଇଛି ଅନ୍ତର ବେଦନା ।।୭ ।।

କେତେ ଫଗୁଣ ଫେରିଛି ମନେ ନାହିଁ ଆଉ,

ରଙ୍ଗହୀନ ମଣେ ପ୍ରାଣେ ପ୍ରାଣସହୀ ବିନା,

ଫେରିବ ସେ ଦିନେ କାଳେ ଜୀବ ଯାଉ ଯାଉ,

ଏଇ ଆଶା ବହି ଦେହ ବଞ୍ଚେ ଆତ୍ମା ବିନା ।।୮ ।।

ଏକୁଟିଆ କେତେ ରାତି ରହି ଉଜାଗର,

ଆଖି ଖୋଜେ ତା ପ୍ରତିମା ସୁଦୂର ଆକାଶେ,

ନୟନରୁ ବହେ ଅମାନିଆ ଲୁହଧାର,

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନପାଇ ତଥାପି ତାକୁ ନିଜ ବାହୁ ପାଶେ ।।୯ ।।

ପରମ ପ୍ରେମମୟୀ ସେ ମନୋହାରୀ ମୋର,
ଦୂରେ ରହି କାହୁଁ ସେ ବୁଝିବ ପ୍ରିୟ ବ୍ୟଥା,
କନକ ବରନା ନାରୀ ହୃଦ ରତ୍ନ ହାର,
ଆସିଲେ ପାଶେ ଭାଷନ୍ତି ହୃଦ ତଳ କଥା ।।୧୦ ।।

ହୋଇ ମୁଁ ନାୟକ କାଳ୍ପନିକ ନାୟିକାର,
ବନ୍ଧା ପୀରତି ବନ୍ଧନେ ତାହା ଠାରେ ସିନା,
ବିଚିତ୍ର ଚିତ୍ର ଚରିତ୍ରେ ରଙ୍ଗେ ସଙ୍ଗେ ତା'ର,
ଜୀବନହୀନ ଜୀବନ ଲାଗେ ପ୍ରେମ ବିନା ।।୧୧ ।।

ସହଜେ ହଜେ ମୁଁ ଭାବଧାରା ରାଇଜେ,
ମଙ୍ଗଳମୟ ମଙ୍ଗଳେ ଲେଖନୀ ମୋ ଚଳେ,
ଦିବସ ଯାମିନୀ ଯା'ଙ୍କ ପୀରତିରେ ଭିଜେ,
ସର୍ବସ୍ୱ ମୋ ସମର୍ପିତ ତାଙ୍କ ପଦ ତଳେ ।।୧୨ ।।

ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର, ମୋ - ୯୮୩୧୧୨୯୮୪୬

ଆହ୍ୱାନ ଇ-ପତ୍ରିକା
Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଶ୍ମଶାନ



ଯଶୋବନ୍ତ ସା

ଶ୍ମଶାନ ତୋ ବାହ୍ୟ ରୂପ ଅତୀବ ଭୀଷଣ
ନିର୍ଜନତା ଚାରିପାଖେ ନିଶିଦିବସ ଦଣ୍ଡାୟମାନ ।
ମାନବକୁ ଅନ୍ତିମ କାଳେ ଦେଖି ନିରାଶୟ
ନେଇ ନିଜ କୋଳେ ତାକୁ ଦେଉ ଆଶ୍ରୟ ।
ପବିତ୍ର ହୃଦୟ ତୋର କି ଅଛି ଉପମା
ସରଗର ସ୍ୱର୍ଗ ତୁହି ମର୍ତ୍ତ୍ୟର ସୁଷମା ।
ନାହିଁ ତୋ ପାଖେ ଉଚ୍ଛ-ନୀଚ ଭେଦ ଜ୍ଞାନ
ସମଭାବେ ସମସ୍ତଙ୍କୁ ଦେଉ ସମ୍ମାନ ।
ଧନୀ-ନିର୍ଧନ ହେଉ ଅବା ଦାଣ୍ଡର ଜନଗଣ
ସର୍ବେ ତୋ ପାଇଁ ଇଶ୍ୱରଙ୍କ ସନ୍ତାନ ।
କୋଟିଜନ ତନୁ ତୋ ବକ୍ଷେ ସମାଗମ
ଗୁଣ ତୋର ଗୁଣିବାରେ, ନାହିଁ ବୁଦ୍ଧି-ଜ୍ଞାନ ।
ତୁ ଚିରନ୍ତନ ସତ୍ୟ, ହିଂସା-କପଟ ନାହିଁ ତୋର
ଦୁନିଆର ସବୁ ତିର୍ଥେ ଅଟୁ ତୁ ପବିତ୍ର ।
ଧନ୍ୟ ତୁ ଶ୍ମଶାନ, ଧନ୍ୟ ତୋର ବକ୍ଷ
ତୋହର ମହିମାମାନ ଅଟେ ଚମତ୍କାର ।

ଗ୍ରାମ:- ସିନାପାଲି, ନୂଆପଡ଼ା(ଓଡ଼ିଶା)
ମୋ: ୭୮୯୪୭୩୭୩୭୬

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶ୍ରମମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ



ବିଶ୍ୱନାଥ ଭୁଏ

ଯେଉଁଠି ଗଲେ ସେଇଠି ଦିଶେ
ନିଃସ୍ୱାର୍ଥ କର୍ମ ଆପଣଙ୍କର
ଜୟ ଗାନ ସ୍ୱର  ଶୁଭୁଅଛି ସତେ
ହୃଦୟ ସ୍ପନ୍ଦନେ ସମସ୍ତଙ୍କର.... !

ନିରିମଳ କଥା ସାଥେ କର୍ମ
ରହିଅଛି ଗୁଣ ସେବାର
ସଭିଙ୍କୁ ସମାନ ଦେଖନ୍ତି ଆପଣ
ନ ରଖି ମନେ ପାତର ଅନ୍ତର.... !

ଯେତେ ଆସିଲେ ବି କଷ୍ଟର ଝଡ଼
ବନ୍ଧୁ ତ ଆପଣ ବିପଦ ବେଳର
ଅସମ୍ଭବ ନିଆଁ ଆପେ ଯାଏ ଲିଭି
ଅଟନ୍ତି ଆପଣ ବାରିର ଧାର.... !

ହୁଏ ଦୃଶ୍ୟମାନ ତତ୍ପରତା
କରିବାପାଇଁ କର୍ମ ସେବାର
ବିଶ୍ରାମ ତ୍ୟାଗ କରି ଆପଣ
ହସ ଆଣନ୍ତି କ୍ରନ୍ଦନ ଓଠର .... !

ଖୋଲାରହେ ସଦା ସଭିଙ୍କ ପାଇଁ
ଆପଣଙ୍କ ହୃଦୟର ଦୟା ଦୁଆର
ଅନ୍ଧାର ଦୁନିଆଁ ହୁଏ ଆଲୋକିତ
ପାଇ ଆଲୁଅ ଆଶୀର୍ବାଦର.... !

କେଶାଇପାଲି, ଭଟ୍ଲି
ଜିଲ୍ଲା - ବରଗଡ଼, ମୋ - ୯୬୭୮୮୨୭୪୮୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପାହା ଧୁଇଲ



ଟୋନିସ୍ ରୋହିଦାସ

ଆମର ପଶ୍ଚିମ ଓଡ଼ିଶାର ସମ୍ବଲପୁର ମାଟିନେ ଇଷ୍ଟ ଦେବୀ ମା ସମଲେଇଙ୍କର ମନ୍ଦିର ଅଛେ, ସାରା ଦୁନିଆ ନେ ମା ଭିନ୍ ଭିନ୍ ରୂପ ନେ ମା ପୂଜା ପାଉଛନ୍ । ଜେନ୍ତା କି ମା ସମ୍ବଲପୁର ନେ ସମଲେଶ୍ୱରୀ, ଘଟଗାଁ ନେ ମା ତାରିଣୀ, କଟକ ନେ କଟକଚଣ୍ଡୀ, ଯାଜପୁର ନେ ମା ବିରଜାଇ, ବ୍ରହ୍ମପୁରେ ନେ ମା ତାରା ତାରିଣୀ, ଚନ୍ଦରପୁର ନେ ମା ଚନ୍ଦ୍ରାସେନି, ହେନ୍ତା ଭିନ୍ ଭିନ୍ ରୂପ ନେଇ ମା ପୂଜା ପାଉଛନ୍ ।

ଗୁଟେ ଦିନର କଥା ଗୁଟେ ଲୋକ ଥିଲା ଯାହାର ନା ରାମ ସେ ବହୁତ ଗରିବ ଘରର ଥିଲା । ସେ ସବୁ ବେଳେ ଲୋକର ସେବା କରିଥିଲା ନିତ କମାଲେ ଖାଇବାର କେ ପାଉଥିଲା । ନି ପାଏଲେ ହେନ୍ତା ନ ନି ଖାଇ କରି ରାତି ସୁଇ ଯାଉଥିଲା ।

ଭାବୁ ଥିଲା କାମ ନି କାଇ ଟା କମାମି ଆଉ ମୋର ଜୀବନ ଜୀବିକା କରବି । ହେନ୍ତା ଗୁଟେ ଦିନ ନାଇଁ ପାଏଲେ ଖାଇ ବହୁତ ଭୋକ ରେ ବ୍ୟାକୁଳ ହେଲା । କେହି ନି ଆସଲେ ତାର ପାଖେ ସେ ମା ସମଲେଇ ଙ୍କେ ଡାକଲା,ମୁଇ ତୋର ଛୁଆ ମା ତୋର ଛୁଆ ଆଏଜ ଭୁଖେ ସୁଇଛେ ତୁଇ ଦେଖୁଛୁ ମୋର ଦୁଃଖ ନାଇଁ ପାରୁଛ କାଇ ଦେଖି ?

ସେ କାନ୍ଦି କାନ୍ଦି ଆଖିର ଲୁହୁ ଝରାଲା । ଯିଏ ଜଗତ ଜନନୀ ସାରା

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦୁନିଆ ର ମା ସେ କେନ୍ତା ଇ ଛୁଆ କେ ଦୁଃଖେ ଦେଖବା, କିଛି ସମୀଯ୍ୱା ନେ ମା ଗୁଟେ ବୁଢ଼ୀ ରୂପ ନେଇ ତାର ପାସକେ ଆସଲେ,ତାର ଘର ବାହାରେ ଡାକଲେ ଘରେ ଅଛ କି ବଲି ?

ସୁନିକରି ରାମ ବାହାର ହେଲା ମା ଙ୍କର ରୂପ ଦେଖି ସେ ଜାନି ନାଇଁ ପାରଲା ,କହ ବୁଢ଼ୀ ମା  କାଇ ହେଲା ବଲି ରାମ କହେଲା । ମା କହେଲେ ମତେ  ବହୁତ ଭୋଗ ଲାଗୁଛେ କିଛି ଖାଇବାର ଲାଗି ଦିଆ ବେଟା । ରାମ ବୁଝି ନାଇଁ ପାରଲା ଇଟା କାଇଁ ଲୀଲା ଗୋ ସମଲେଇ ମା ମୁଇ ଭୁକେ କାନ୍ଦୁଛେ ବେଳେ ଅଲଗା କାହାକେ ପଠେଇ ଦେଲୁ ମୋର ନେ ?

ହଉ କହେଲ ରାମ ମା ସମଲେଇଙ୍କର ନା ନେଇ ସେ ବୁଢ଼ୀ ମା ଙ୍କେ ଘର କେ ନେଲା । ଆଉ ବସି କେ ଦେଲା ତାର ପରେ ସେ ରନ୍ଧା ଘର ଦି ଗଲା, ଭାବଲା ମୋର ଇ ଗରିବ ଘରେ ମୁଇ ନି ପାଉଛେ ଖାଇ ଇ ମା ବୁଢ଼ୀ କେ କେନ ନୁ ଦେମୀ ।

ରନ୍ଧା ସମାନ କେ ଦେଖଲା କି ରାମ ଚକିତ ହେଇଗଲା ସବୁ ନେ ଖାଇବାର କେ ଭରି ରହିଛେ । ଦେଖି କରି ଖୁଶି ନେ ଉସତ୍ ହେଲା ସେ ଜାନି ଗଲା ଇଟା ମୋର ମା ସମଲେଇ ଙ୍କର ଦୟା ବଲି । ଜେନ୍ତା ଖାଇବାର ନେଇକରି ବାହାର କେ ଗଲା ଘରେ ଆସିଥିବା ବୁଢ଼ୀ ମା ନାଇଁ ନ । ରାମ ବୁଝି ନି ପାରଲା ଇଟା ମୋର ମା ଆସିଥିଲା ମୋତେ ଖାଇବାର ଦେଇ କେ । ମୁଇ ଚିନ୍ହି ନେଇ ପାର୍ଲି । ଜୁହାର୍ ଜୁହାର୍ ଗୋ ମା ସମଲେଇ ଧଏଁନ ତୋର ମହିମା ଛୁଆ ମନ ବୁଝି ତୁଇ ଖାଇବାର କେ ଦେଲୁ । ତୋର ଲୀଳା ଅପାର ମା ସମଲେଈଶ୍ୱରୀ  ।

ମା କେଭେ ଛୁଆ ର ଦୁଃଖ ଦେଖି ନେଇ ପାରେ ଜୟ ମା ସମଲେଇ । ମା ସମଲେଇ ଙ୍କର ଘରେ ପାହା ଧୁଇଲ ପଡ଼ଲା ଘର ମନ୍ଦିର ହେଲା, ମା ଙ୍କର ଦୟା ହେଲେ ସବୁ ଦୁଃଖ ଦୂର ହେଇ ଯାଏସି ।

ପାମରା, ସୁନ୍ଦରଗଡ଼, ମୋ-୭୦୭୭୯୧୧୭୩୫

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାବାର୍ ହଟ୍‌ହଟା



ସତ୍ୟ ନାରାୟଣ ମିଶ୍ର

କୈଳାସପର୍ବତ୍ ନୁ ଯୋଗ ଧ୍ୟାନ କରି ବାବାଶିବ ମହେଶ୍ୱର୍ ସୁମରଣ କଲେ ଗୋଲକ ବିହାରୀ ବିଷ୍ଣୁ ଭଗବାନ କେ । ବିଷ୍ଣୁ ଭିଲ୍ ଛନେ ଉତୁରୁ ପର୍କଟ ହେଇ କରି ଶିବ କେ ପଚାର୍ଲେ "କେଁ ହେଲା ହୋ ଭୁଲାନାଥ ? ତମେ ମତେ ଭୁଲେ ଭୁଲେ ଇଥାନ୍ କେ ଆସ ବୋଲି ନି ଡାକିତ ? ମୁଇ ଯେ ସୁଖନିଦ୍ରା ଛାଡିକରି ତମେ ଡାକୁଛ ବୋଲି ନରଦି ଆସଲି ।

ଶିବ କହେଲେ "ହେନ୍ତା କେନତା ଡାକମି ହୋ ! ଗୁଟେ ବଡା ମୁସ୍କିଲ ହଟହଟା ଥି ପଡିଗଲି ଯେ ଇଥିନୁ ମତେ ନିସ୍ତାର କରବ ବୋଲି ଡାକଲି ତମକୁ, ତମେ ସାହେଜ୍ ନି କଲେ ବୁଡି ଯିମି ନ ।

ବିଷ୍ଣୁ କହେଲେ "ଇ ବୁଆ, ହେନ୍ତା କାହିଁ କହୁଚ ହୋ, ମୁଇ ଥାଉଁ ଥାଉଁ ତମେ ବୁଡି ମର୍ବ କେଁ ? କହ କେଁ କେଁ ଅସୁବିଧା ଥି ପଡିଛ ଯେ କହ ମତେ" ।

"ଦେଖ ତ ଯେ, ସେ ସଲା ଚୋର ଗୁଟକ ମୋର୍ ଗୁଡିକେ ସମଲା ଆରୁ ପିତଲ୍ ଘଣ୍ଟି କେ ଚୁରାବାର୍ ଲାଗି ମୋର୍ ଲିଙ୍ଗ ଉପୁରେ ଠିଆ ହେଇଗଲା । ମୁଇ କେଁ ଜାନେ । ବେଲ ପତର୍ ଚଢାଲା ବାଗିର ତାର୍ ସର୍ବାଙ୍ଗ ମତେ ସମର୍ପି ଦେଲା ଭାବିକରି ଉସତ୍ ହେଲି ଆରୁ ପର୍କଟ ହେଇକରି ତାକେ କେଁ ବର ୩ ଟା ମାଗୁଚୁ ଯେ ମାଗ୍ ରେ ଭକତ୍ ବୋଲି ଦେଲି ।

ଦେଖଲା ଯେନ୍‌ଟା ସେ ଲୋକଟା ଘଣ୍ଟି ଛାଡିକରି ପାହା ତଲେ ଛାଟ୍

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଇ ପଡିଦେଲା । ଗୁଟେ ଗୁଟେ କରି ୩ ଟା ବର୍ ମାଗି ବସଲା । ପହେଲା ଘର୍ ଦୁଆର ଦିଅ ବଏଲା ଯେ କହେଲି "ତଥାସ୍ତୁ" ଦୁଇ ନମରେ ଧନ ଦରବ ମାଗଲା ଯେ ବି ହଁ କହେଲି, ତିନ୍ ନମ୍ବର ବେଲେ ତ ମତେ ମହା ଅଡୁଆ ଥି ପକେଇ ଦେଲା ।" ବିଷ୍ଣୁ କହେଲେ "କେ ନ୍ ତା ?"

ସେ କହେଲା, "ତିନ ନମ୍ବର ବର ଥି ମତେ ଜବାବ ଦିଅ ଜେଭେ ବି ଫେର ତିନ୍ ଟା ବର ଦେବ । ସତ ରଖବା ର୍ ଲାଗି ମୁଇ ହଁ କଲି । ଦିନା ଚାରେ ଉତରୁ ଫେର ଥରେ ମତେ ଆସି କରି କହେଲା ମତେ ତିନ ଟା ବର ଦିଅ ବୋଲି । ମୁଇ ସତ ରଖବା କେ ରାଜି ହେଇ ଗଲି ଯେ ପହେଲା ମାଗଲା ସୁନ୍ଦୁର୍ ମାହେଜି ଗୁଟେ ଦିଅ । ପରେ ମାଗଲା ତାର୍ ଘରେ ଦୁଇ ଟା ପିଲା ହେବେ । ଫେର୍ ଥରେ ତିନ୍ ନମ୍ବର ବେଲେ କହେଲା ମତେ ଯେଭେ ବି ଆରୁ ତିନ ଟା ବର ଦେବ । ଇଂତା କହି କହି କରି ମତେ କେତେ ଯେ ହଇରାନ୍ ହଟହଟା କରୁଛେ ମହା ମୁସ୍କିଲ୍ । କେତେ କେତେ ଥର ବର ମାଗୁଚେ ଆରୁ ତିନ ନମ୍ବର ବର ବେଲେ ଫେର୍ ତିନି ଟା ବର ଦେବ ବୋଲି ଥାକି ମାରୁଛେ ।

ବିଷ୍ଣୁ କହେଲେ ତମକୁ ମିଛେ ମୁଇ ଭୁଲା ବାବା କହେସି କେଁ ହୋ । ଦେଖ ତ ଯେ, ତମେ କଅଣ ଭାବି କରି ବର ଦେଲ ଆରୁ ସେ ତମକୁ ଭକୁଆ ବନେଇ କରି କେନ୍ତା ନାଟ କରି ଚାଲିଛେ । ହଉ, ଇ ଥର ମୁଇ ସରସ୍ୱତୀ କେ ପଠମି, ସେ ଆସିକରି ଲୋକର୍ କଣ୍ଠେ ବସି ଦେବା ଯେ ଆରୁ ବର ମାଗନା ଭୁଲି ଯିବା ସେ । ହର ର୍ ମନ ଟା ଉଲ୍ଲାସ୍ ହେଇଗଲା । ଯା ହଉ, ଇ ଥର ମୁଇ ସେ କଲର୍ କଲିଆ ନୁ ରକ୍ଷା ପାଇଯିମି । ତ, ଆର ଥର ଚୋର ଆସିକରି ଯେତେବେଲେ ବର ମାଗଲା ସରସ୍ୱତୀ ତାର କଣ୍ଠେ ବିଜେ । ପହେଲା ବର ଥି ମାଗଲା ମୁଇ ସବୁ ବେଲେ ଗରିବ ର୍ ସେବା କର୍ମି । ଦୁଇ ନମ୍ବର ବର ଥି ମାଗଲା ମୁଇ ଦୁଖୀ ରଙ୍କି କେ ଧନ ଦରବ ଦାନ ଦେମି । ଶେଷ ବର ଥି ମାଗଲା ତମର ନା ଥି ମୋର୍ ଗାଁ ନେ ମନ୍ଦିର ଟେ ବନାମି । ଶିବ କହେଲେ "ତଥାସ୍ତୁ ବତ୍ସ "...

ସିଂଧେକେଲା, ବଲାଙ୍ଗୀର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଖରା



ବିଶ୍ୱନାଥ ଭୁଏ

ସୂରୂଜ୍ ଭିତ୍'ରୁ ଯେନ୍
ବାହାର୍'ଲା ଉଜାଲା
ଦୁନିଆଁ କହୁଛେ ସଭେ
ଇଟା ଖରା କର୍'ଲା..... !

ସକାଲ୍ ମଏଧାନ୍ ଅଉ
ବେଲ୍ ବୁଡ଼ାର୍ ଇ ଖରା
ଭିନ୍ ସମିଆଁ କେ ଭିନ୍ ରୂପେ
ଇଟା ତାର୍ ପହଁରା.... !

ସକାଲେ ସକାଲେ ପୂରୁବ୍ ଦିଗେ
ସୂରୂଜର୍ ଲାଲ୍ ରଂଗର୍ ଶାନ୍ତ ଖରା
କୁନୁଆଁ ଆସି ଦୁନିଆଁ ଉପ୍'ରେ
ପଡ୍'ସି ତାର୍ ଶାନ୍ତ ପସ୍'ରା.... !

ଦେଖାସି ରିସ୍'ମି ଇ ଖରା
ଆଏସି ଯେନ୍ତା ମଏଧାନ୍ ସମିଆଁ
ଧର୍'ତୀ ରାନୀ ଯାଏସି ତପି
ଝୁର୍'ମୁରାସି ସାରା ଦୁନିଆଁ..... !

ବେଲ୍ ବୁଡ଼ା କେ ଇ ଖରାର୍
ରିସ୍'ମି ସଭେ ବସ୍'ସି ସିତ୍'ଲି
ହେଥିର୍ ଲାଗି ଚାର୍'ହିକୁତି
ଦୁନିଆଁର୍ ମହକ୍ ଯାଏସି ଚହଲି.... !

କେଶାଇପାଲି, ଭଟଲି
ଜିଲ୍ଲା - ବରଗଡ଼, ମୋ-୯୬୭୮୮୭୮୪୮୮

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାସି ପଖାଲ୍



ରାଜେନ୍ଦ୍ର ବୋଡ଼କିଆ

ବୈଶାଖ ମାସେ ଗାଧବ ସଖାଲ ସଖାଲ
ମାଚ୍ ମାଉସ୍ ନେଇ ନୁରବ ଖାଏବ ମୁଠେ ପଖାଲ
ଖରା ଦିନେ ଗରମ ଦିହେଁ ଆରାମ ଲାଗସି
ଯେତ୍ କି ବେଳେ ଖାଏବ ବାସି ପଖାଳ
ପଖାଲ୍ ସନେ ନୁନ୍ ମୁରିଚ୍ ଆର୍ ତାର ସନେ
ଆଲୁ ଭଜା ଲାଗି ସତେ ବଡେ ମଜା
ପଖାଲ୍ କଁସା ଦେଖିଦେଲେ ଉଷତ ଭୁକାସୁଷା
ଖାଏଲେ ଛାଡସି ଏକାସାଙ୍ଗେ ଭୋକ ଆରୁ ତୁରସା
ପାତଲ ଘଁଟା ବାଏଗନ ପୁଡା ଭାଜି କି ଶାଗ
ବାସି ପଖାଲ ଖାଏବାକେ ହେଇଥିଶି ପାଗ
ଖାଏବ ମୁଠେ ଘିଚିକରି ପେଟ ପୁରନା
ଶୁଇବ ଟିକେ ଆଁଏଖ୍ ନିଦ୍ ପୁରନା
ବାସି ପଖାଳ ଖାଏଲେ କାକର ରହେବା ଗାଗର
ନୁରା ନେଇ ପଡେ ଡାକ୍ତର କି ଓଷୋ ପତ୍ର ।।

କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଭବାନୀପାଟଣା, ଓଡ଼ିଶା
ସ୍ନାତକ ତୃତୀୟ ବର୍ଷ ଓଡ଼ିଆ ସମ୍ମାନ,
କଦଳୀମୁଣ୍ଡା, ଧର୍ମଗଡ଼, କଳାହାଣ୍ଡି,ଓଡ଼ିଶା, ଦୂରଭାଷ - ୮୧୧୪୩୫୩୮୫୧

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଲକ୍‌ଡାଉନ୍ ସଉକ



ରାଧାମୋହନ ପୂଜାହାରୀ

ଲକ୍ ଡାଉନ୍ ଥିଁ ଘରେ ବସି ବସି
ଭାବଲି କାଏଁଟା କରମି,
ଏଇ ଥର ମୋର୍ ମନ୍ କେ ଆଇଲା
ଦାଢ଼ି ମେଛା ଟିକେ ଧରମି ।(୧)

ଇଥିର୍ ଲାଗି ମୁଇଁ କେତେ ଶ୍ରମ୍ କଲି
ନାଇଁ ବୁଝି ପାରନ୍ କେହି,
ଘାଂଟି ସାନି ହେଇ ଯନ୍ତ୍ରାଲା ଯିଏ
ମଜା ପାଇଥିବା ସେହି ।(୨)

ମେଛା ଦେଖି ମୋର୍ ଲୁକ୍ ମାନେ ମୋତେ
ଶୁନାଲେ କେତେ ଯେ କଥା,
ମାଷ୍ଟର ହେଇ ତୁଇ ମେଛା ରଖଲେ
ସଂସାରେ ନୁଇଁବା ମଥା ।(୩)

ମେଛା ସାଙ୍ଗେ ମୋର୍ ଶିକ୍ଷାର୍ ସଂପର୍କ
ଯୁଡୁଛନ ଯେନ୍ ମାନେ,
ତାକର୍ ନୁ ବଡ଼ ମୁରୁଖ୍ କେହି ନାଇଁ
ଜାନି ରଖୁନ୍ ସେଇମାନେ ।(୪)

କବୀର୍ କହେଲେ ସାଧୁ ମାନକର୍
ଜାତି କାଏଁ କରବ ଜାନି,
ଖୁଲପା କେ ଛାଡ଼ି ଖଣ୍ଡା ଧାର ଦେଖ୍
କେତେ ସେ ପାରୁଛେ ହାନି ।(୫)

ପରର ଭାତେ ତୁଇ ମୁଡ଼ ନାଇଁ ଖେଲା
ଏ ମନ୍ ! ଇ କଥା ଜାନି ଥା' ରେ,
କେନ୍ ଶାସ୍ତ୍ରେ ଇଟା ଲେଖା ଅଛେ ଭାଇ
ମାଷ୍ଟର ମେଛା ନାଇଁ ଧରି ପାରେ ?(୬)

ଫାଲତୁ ଲୁକ୍ କର ଅଯଥା କଥାରେ
ନାଇଁ ଯିବ କେଭେ ରୁଷି,
ନିଜର ଜୀବନ କେ ନିଜର ବତରେ
ଜିଇଁବାରେ ଅଛେ ଖୁସି ।(୭)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୁହାରୀ ଶୁନ୍ ଗୋ ମାଁ



ପ୍ରସନ୍ନ ପ୍ରୟାସ ଭୁଏ

ସବୁ ଦେଖୁଛୁ ସବୁ ଜାନୁଛୁ ଗୋ ମାଁ
ଦେଖା ଟିକେ ତୋର୍ ଲିଲା,
ଆଁଠେ ପାନି ସଂସାର୍ ଯାଉଛେ ଉହୁଲି
ଭକତର୍ ବୁଡ଼ଲା ନ ଭେଲା ।

ତ୍ରାହି ତ୍ରାହି କରି ଡାକୁଛନ୍ କେଥନି
କାଏଁ ଯେ ଗୋ ନାଇଁ ଶୁନୁ,
ବାକି ନାଇଁ ନ ଆରୁ କେନସି ଠାନ୍
ବାଛି ନଉଛେ ଚାରହି କୁନୁ ।

ଅଢେଲା ନାଇଁ ହେବାର କିହେ ଗୋ ମାଁ
ଅମାନ୍ତି ନାଇଁ କରବାର୍ ତତେ,
ଭକତିର୍ ଥାଲି ତୋର୍ ଆଗେ ଢାଲି
ପୁଜା କରୁଛନ୍ ଦୁହି ହାତେ ।

ମଂଗଲକାରିଣୀ ତୁଇ ତ ସଂସାରର୍ ମାଁ
ତୁଇ ତ ସଂକଟ ତାରଣୀ ,
ତୋର୍ ହାତେ ପାତେ ସବୁ ଅଛେ ମାଁ
ରଖ୍ ଭବ ସାଗରୁ ଛାନି ।

ଗୁହାରୀ ତୋର୍ ଠାନେ ଏତ୍'କି ଗୋ ମାଁ
ରଖି ଥା ପନତ୍ ତୋର୍ ଢାପି,
ଯେଡ଼େ ବିପଦ୍ ଆଏଲେ ଆସୁ ନ ମାଡ଼ି
ପନତେ ଦେବୁ ତାହାକେ ରାଁପି ।

ରାଞ୍ଚି, ଝାଡ଼ଖଣ୍ଡ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫୁଲ୍



ଆକାଶ ସାହୁ

ଛୋଟ୍ ଫୁଲ୍ ଟେ ସେ
ବଗିଚାରେ ଥିସି ଖିଲ୍ ଖିଲେଇ ହଁସି ।
ଛୋଟ୍ ଫୁଲ୍ ଟେ ହେଲେବି
ତାର୍ କହଁର୍ ଦୁନିଆକେ ମହକେଇ ଦେସି ।
ଛୋଟ୍ ପର୍ ଜାପତି ଉଡିଆସି ଥିସିବସି
ଯେତେ ଦୁଃଖ୍ ହେଲେ ବି ।
ସବୁବେଳେ ହଁସୁ ଥିସି ।
ସବୁବେଳେ ହଁସୁ ଥିସି
ଫୁଲ୍ ଉପ୍ ରେ ମହୁମାଛି ବସି
ମହୁ ଖାଇ ଖୁସି ହେସି ।
ସେ ଫୁଲ୍ ଭଗବାନଙ୍କର୍
ବେଁକେ ଝୁଲୁ ଥିସି ।
ସେ ଫୁଲ୍ ସବ୍ କର୍ର
ମନକେ ଘିନି ନେସି ।

ସୁଲେଇ, ସୁବର୍ଣ୍ଣପୁର, ଓଡ଼ିଶା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫୁଲ୍‌ର ଜୀବନ୍



ଲିପ୍ସା ଗଡ଼ତିଆ

ଆମର୍ ଘରର୍ ବାଏର୍ ଦି
ମନ୍ ମନସା ଫୁଲ୍ ଫୁଟିଅସି
ମୁଇଁ ଯିସି ତୁଲି ଆନ୍ ସି
ଯେନ୍ ଟା ଭଲ୍ ଦିସୁଥିସି
ହେନ୍ତା ହିଁ ଦୁନିଆଁ ଟା
ଗୋଟେ ବଗିଚା ଆଏ
ଆମେ ସବୁ ଫୁଲ୍
ଯେନ୍ ଫୁଲ୍ ଟା ଅତକା ସୁନ୍ଦର
ତାକେ ନେଇ ଯିସନ୍ ଭଗବାନ୍
ତାଙ୍କର ପାଖକେ ଜଲ୍‌ଦି

ସେ ଫୁଲ୍ ଭିତରେ ମୋର ମା
ଝୁରୀ ମରିଗଲେ ନାଇଁ ଆସେ ଫେରି
ଅଏନ୍ ଅଏନ୍ ଫୁଲ୍ କେ ନେଇଯିସି
ଅସୁନ୍ଦର ଫୁଲ୍ କେ ଛାଡି ଦେସି
ତାପରେ ସେ ହେସି ସରଗ୍
ଆମେ ହେସୁ ନରକ୍
ମୁଇଁ ଖୁସ୍ ହେସି ସେ ଅଛେ ସରଗ୍ ନେ
ଭାବସି ମୋର୍ ମା ମିତାର୍
ଅଏନ୍ ଅଏନ୍ କାମ କରବି ଯିବି ସରଗ୍
ହେବି ମୋର ମା' ର ନନୀ ...

ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାହେଁନି ମାହେଜୀ...



ପ୍ରମୋଦ କୁମାର ସାହୁ

ଚାହେଁନି ମାହେଜୀ ପାଇଛେ ମୁଇ
ତାର୍ ଗୁନ୍ ନାଇଁ କି ଧରମ୍ ନାହିଁ
ମନ୍ କେ ଜାନୀ କହେସି କଥା
କଥା ସୁନି ଫାଟି ଯାଏସି ମଥା
ମୁବେଲ୍ ଫୁନ୍ ଥି କରୁଛେ ମିଟିଙ୍ଗ୍
କହେଲେ କହୁଛେ କରୁଛେ ଚାଟିଙ୍ଗ୍ ।।

ମାଁ ଟା ମୋର୍ କରୁଛେ କବାର୍
ମାହେଜି ମୋର୍ ଖଉଛେ ଉପ୍ ରେ ହାଙ୍ଗ ।
ମାଁ ମୋର୍ କହୁଛେ ହଏ ଗୋ ବହ
ଖୁରି ଗିନା ଟା ହେଲେ ଧୁଇ ଦିଅ ।।

ଆର୍ ଗୁଟେ କଥା ମନେ ରଖିଥା
ସର୍ କା ବୁଲେଇ ଖର୍ ସି ପକା
ସାଢି ପଟା ନେଇ କର୍ ବୁ ସଫା
ନାଇଁ କଲେ ମାର୍ ମି ଥୁତ୍ ନା ଦେଖା ।।

ବହ କହୁଛେ ନାଇ ମାଜେ ରେ ବୁଢୀ
ମାଜି କରି ଆନ୍ ଜଲ୍ ଦି କରି
ଗରମ୍ ଚାହା ବନେଇ ଦେଇଥା ଥୁଇ
ଉଠ୍ ଲା ଧାପୁ ଚାହା ପିଇ ମି ମୁଇଁ ।।

ସହି ନାଇଁ ପାରେ କି କହି ନାଇଁ ପାରେ
ଉଲ୍ ଟା କହେସି ମୋର୍ ଘରୁ ପଲା
ସାଦ୍ ନା ବେଦ୍ ନା ମୋର୍ ମାଁ ବୁଆର୍ ଟା
ମାଏନ୍ ମହତ୍ ସବୁ ସାରିଦେଲା ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ୍ କାହାନୀ



ତପନ କୁମାର ସାହୁ

ତୁଇ ଅଛୁ ମୁଇ ବି ଅଛେଁ
ଗୁଟେ ଗାଁ ଥି ଘର,
ଇ ଜନ୍,ତରା ରାତ୍ ଦିନ ଖାଲି ଝୁରି ହଉଛନ୍
ଆର୍ ଭୁଲି ଗଲୁ  କାଏଁ ମତେ
ଆରୁ କରି ଦେଲୁ ଭାଏଲ୍ ପର୍  ! ! !

ଫୁଲ୍ ବି ଦେଖ୍ ତ ଝଂଲି ଗଲା
ଭମର୍ କେ ମାଡଲା ଡର୍
ଟିଆ ଦେଇ କରି ନାଇଁ ଆସୁଛୁ
ପବନ୍ ଥି ମାରୁଛୁ ସର୍  ! ! !

କୋବିଡ୍ ଟେଷ୍ଟ କରଗୋ ଥରେ
ଆସଲେ ନେଗେଟିଭ୍
ପକ୍କା ତମ୍ କେ ଭେଟି ଯିମି ମୁଇଁ
ଆର୍ ଥରେ ହେମା ଏକ୍ଟିଭ୍  ! ! !

ତର କଥା ମାନି କରି କରଲିଁ ଟେଷ୍ଟ
ଆସ୍ଲା ପଜେଟିଭ୍
କୋରେନଷ୍ଟାଇନ୍ ନେ ଚଉଦ ଦିନ
ଜୀବନ ଦୀପ ମିଟ୍ ମିଟ୍  ! ! !

ରିପୋଟ ଇଟା ଭୁଲ କି ଠିକ୍
ବୁଜଭାର ରିଟ୍ ଘିଟ୍
ଶହେ ପାବାର୍ ବଲ୍ ଜାଳିକରି
ଘର୍ ମୋର୍ ଅନ୍ଧାର କିଟ୍ କିଟ୍  ! ! !

ଭଲ ଥାଇ କରି ନାଇଁ ଆସ୍ ଲୁ ଭେଟି
ଏବେ ତ ହେଲା କାରୋନା
ଦିନ ଉଖିଆ ଥି ମର୍ ପ୍ରେମ୍ କହାନୀ
ହେଇ ଗଲା ବାଟ ବନା
ହେଇ ଗଲା ବାଟ ବନା  ! ! !

କଳାହାଣ୍ଡି

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଇ' ଠାନେ



ସୁନୀଲ କୁମାର ଅଗସ୍ତି

ଇ' ଠାନେ....

ସଭେଁ ଧରିଛନ୍ ଗରିକଁଟା

ସମକିରର୍ ନେ ଅଛେ ଜାଲ୍,

ହେଲେ,ଜରଡା ଚିଙ୍ଗରି ଭାକୁର୍

ସଭେଁ ଜାନିଛନ୍ କେନ୍ କେନ୍ ଆଏ

ତବଭି ନି' ପଡୁଛେ ଜନା କେନତା ?

ଗଖା ମାଛ୍ ଗଲେ ଛିଙ୍ଗଲି ଯାଉଛେ

ଠାନ୍ ଜାନି ସମିଆଁ ବତରେ,

ହେଲେ, ଇ' ଜରଡା ଚିଙ୍ଗରି ପୁଟିଆ କେ

କାଁ' ଯେ ସମକିରର୍ ଲାହା

ହରମିସା ଇମାନେ ଅରକଲେ,,

ଜାଲ୍ ଧରୁ ଗରିକଁଟା ଧରୁ

କେଭେଁ ନି' ହାରନ୍

ଗୁଟେ ନଜର୍ ତାଁକର,

ତମେ ଆମେ ସିନେ କେରି ଖେଲସୁଁ

ହେଇ କେରେଇ କେରେଇ

ହେଲେ, ଜିତ୍ ଟା' ହରମିସା

ଯାହାର୍ ବଫୁ ଆଏ ତାହାର୍,,

ଟିଟିଲାଗଡ଼,ବଲାଙ୍ଗୀର

ମୋ/୭୬୮ ୪୮୬ ୯୬୩୬


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଏଟ୍ ମୁଠେ



ମନୋରଞ୍ଜନ
ସୁରୁଜାଳ

ପୁଓ ନାତି ଜନମ୍ କାହାର୍ ଲାଗି
ମାଏଟ୍ ମୁଠେ ତ ସାର୍,
ମରି ହଜି ଗଲେ ଫିକବେ ଖଁଦେଇ
ବୁହି ମୁରଦାର୍ ଭାର୍ ।
କରମେ ନାଇଁସେ ଉଜ୍ଜଲେ ମାଏଟ୍
କାଁଡେ ଜାଗା ମରଘଟି,
ମଲା ମୁହୁଁ ଭିଲ ଦେଖି ନାଇଁ ହୁଏ
ଯଦି ଇଥି ଗଲୁ ହିଟି ।
ଅଛିଆଁ ଲେଖେଁ ନାଇଁ ଛିଅନ୍ କିହେ
ପୁଓ ହେଉକି ମାଏପୋ,
ଜନମ୍ କରିଥା କୁଟୁମ୍ ବାଟୁମ୍
ଖାପଲେ ବେମାରି ଖପୋ ।
ପାତର୍ ଅଁତର୍ ନାଇଁ ନ ତାର୍ ନ
ବଡ୍ ଛୋଟ୍ ମାଥେବର୍,
ସମକୁଁ ସମାନ୍ ଦେଖୁଛେ ରବିଆ
ରୁଥି ଆସେ ଘର୍ ଘର୍ ।
ତାକି ତର୍କି କରି ମୁହେଁ ଟୁଁଡି ଆର୍
ଧୁରିଆ କେ ଅନସରି,
ଫେପଲା ହାତକେ ସାବୁନ୍ ଲଗେଇ
ରାକସ୍ ନେପାରେ ଧରି ।
ଇ ପବନେ ପରେ ବହଁକି ବହଁକି
ଆଉଛେ ଫେର ମାଡ଼ି,
ସମିଆଁ କିରଲେ ହୁସିଆର୍ ହେଇ
ନେହଜା ଅଁଧାରେ ବାଡି ।
ଜିଇଁ ଥିଲେ ସିନେ ଜିବକା କରବୁ
ଡାକଦେ ରଖହୋ ହରି,
ତୁମର କଲ୍ ଆଘେଁ କେଁ କରେ ବଲ୍
ତମେ ବଏରି ଅଏରି ।
ମାଏଟ୍ ମୁଠେ ଆର୍ ଜନମ୍ ମାଟି
ଯଦି ନାଇଁନ ଭାଏଗେ
ସତ୍ ମାହାଁପୁରୁ ଭଜରେ ମନୁଆଁ
ଫୁଲ୍ ସଁଗେଁ ହେଇ ତାଗେ ।

ଅଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଖୁନୁ ଦାସ୍



ଉମେଶ କୁମାର ବିଶ୍ୱାଳ

ମାଖୁନୁ ଦାସ୍
ବିନ୍ ପଢିକରି ପାସ୍

ରାଏତ୍ ସାରା ସେ ଚେତିକରି
କମଲ୍ ଭିତ୍ ରେ ମୁଡ୍ କେ ଭରି
ପିଲାଟା...
ପବ୍-ଜି ଥି ମାତିଛେ
ପୁଟ୍ ପୁଟେଇ ହେଉଛେ
ତନ୍ ମନ୍ ଦେଇ  ଆଙ୍ଗ୍'ଠି ଚିପି
ଆଲ୍ ଚି  ପଚେଇ ହେଉଛେ
ଗୁଡ୍ ଆଡେ ସେ ବହି କେ ରଖି
ମୋବାଇଲ୍ ନିଶା ଘାରିଛେ
ଖେଲୁଛେ ସେ ତାସ୍
ପିଲାଟା... ବିନ୍ ପଢିକରି ପାସ୍  ।

ସରକାର୍ ସୁବିଧା କଲେନ
ପିଲାକଁର୍ ମନ୍ ଜାନ୍'ଲେ ନ
ବିନ୍ ପରୀକ୍ଷାରେ ପାସ୍ କରବାର୍
ସୂତ୍ର ବାହାର୍ କଲେନ
ସଭେ ପାସ୍ କର୍'ମା ବୋଲି
ମେଟ୍ରିକ୍ ପିଲା ଜାନ୍'ଲେ ନ
ପବ୍-ଜି ପିଲା ଇଟା ଶୁନିକରି
ମନ୍ ଟା ତାର୍ ଖାସ୍
ଆଉ ମାଖୁନୁ ଦାସ୍
ବିନ୍ ପଢିକରି ପାସ୍  ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆମର୍ ଦେଶର୍ ଲିଖିତ୍ ସମ୍ବିଧାନ୍

ସମ୍'କୁ ସମାନ୍ କରିଛେ

ସରକାର୍  ତା'ର୍ ଦେଖାଲା ବାଟେ

ପାହେ ପାହେ ଚାଲୁଛେ

ଆଗ୍ ପଛ୍ କିଛି ବିଚାର୍ ନି କରି

ମନ୍ କଲେ ନିୟମ୍ ବଦଲଉଛେ

କିଏ....ପାଠ୍ ପଢିକରି ଫେଲ୍ ହେଲେ ତ

କିଏ ନି ପଢିକରି ପାସ୍

ଆଉ ଆମର୍ ମାଖୁନୁ

ଆନ୍'ବା ଫାସ୍ କ୍ଲାସ୍  ।

ଗ୍ରା- ସାନଟୀକା

ଥାନା- ଲୋଇସିଂହା

ଜିଲ୍ଲା-ବଲାଙ୍ଗୀର

ଭ୍ରାମ୍ୟଭାଷ : ୮୦୧୮୫୧୧୯୦୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ଶୀକାରୀ

( ଭାଗ ୯ )

ଛାଡ଼ ହୋ ଇକଥା ଅର୍ ଗୁଟେ କଥା
କହୁଛେଁ ଶୁନ୍ନ ଘାଏ,
ମଦ୍ ପିଆ କଥା କହେମି କହେଲିଁ
ଭୁଲିଁ ଥିଲି ଶୁନ ଘାଏ ।
ବିହା ଯେ ହେବାର୍ ପୂର୍ବୁ ତ ଘାଏ
ଟିକେ ରଚେ ପିଉଥଲିଁ,
ବିହା ପରେପରେ ମାହେଝି କେ ଦେଖି
ପୁରା ତାକେ ଛାଡ଼ି ଦେଲିଁ ।
ନେଇଁ ଛାଡ଼ିଥିତିଁ ଯେନ୍ ଦିନ ପିଇ
ଘର୍ ଫିର୍ଲେ କନିଆ,
କଥା ନେଇ ହୁଏ ଚୁପ୍‌ଚାପ୍ ଥାଏ
କଥା ଯାର୍ ମଗ୍ନିଆ ।
ଦିନେ ଅଧେ ଭାଲ୍ ହେନ୍ତା କର୍ତା
ପିଇ ଦେଲେ ଚୁପ୍ ଚାପ୍,
କଥା ନେଇ ହୁଏ ପାଖେ ପାଖେ ଥାଏ
ଲାଗ୍ଲା ମତେ ବେଖାପ୍ ।



ଦେବଦତ୍ତ ସନ୍‌ସ୍

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନେଇ କହୁଥାଇ କଥା ସିଏ କାହିଁ

ନେଇ ହେବାର୍ ଭାବ୍ଲିଁ,

ମଦ୍ ପଉଥିଲିଁ ଧିରେ ଧିରେ କରି

ହେତାକେ ପୁରା ଛାଡ୍ଲିଁ ।

ମଦ୍‌କେ କହୁଛେଁ ମାହାଝି କେ ନେଇଁ

ହେତାକେ କାଏଁ ଛାଡ୍ଝି,

ତାକେ ପରେ ମୁଇଁ ବିହା ହେଇଛେଁ ହୋ

ଭୁଲି କାଁ ଦମ୍ ଧର୍ମି ।

ମଦ୍ ଛାଡ଼ି ଦେଲିଁ ପରେ ପଚାର୍ଲିଁ

ମାହାଝିକେ ମୋର୍ କଥା,

କାଏଁ ଯେ ସୁହୁଜେ ମଦ୍ ପିଇଥିଲେଁ

ନେଇ ହଉଥାଇ କଥା ।

ଲାଜେ ଡରେଁ ଘାଏ ମତେ ଦେଖୁଥାଏ

ରାତିକା ସାଙ୍ଗେ ତ ସୁଇ,

ଡିବ୍ରି ଜଲୁଥାଏ ଧିରେ କହୁଥାଏ

ଛାତିନ ମୁଣ୍ଡ୍‌କେ ଥୁଇ ।

ମଦ ପଇଥିଲେ ଉତ୍ତର୍ ଫିରାଲେ

ଲାଗୁ ବଏଲା କଲି,

“ମଧୁଆର୍ କାଏଁ ସୁଓର୍ ସୁତର୍

ଯେ ତାର୍ନୁ କିଏ ବଳି ।


Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପିଇଥିଲେ ସିଂହ ରଜାର୍ ବାଗିର୍

ଠାନି ତାର୍ ବଢ଼ିଥିସି,

ଟିକେ ରଚେ କଥା ଧରିକରି କାଏଁ

ସୁହୁଙ୍ଘେ ପିଠ୍ ସିଙ୍ଘ୍‌ସି ।

ହେଥିର୍ ଲାଗିରେ ପିଇଥିଲେ ତୁମେ

କଥା ପଦେ ନାଇଁ ହୁଏଁ,

ଯାହା କହେଲେରେ ସବୁ ମାନି କରି

କଥା ପଦେ ନାଇଁ କୁହେଁ ।"

ତାର୍ କଥା ଶୁନି ହସିଁ ତ ପକାଲିଁ

ଜାନ୍ଲିଁ ସେ ହୁସିଆର୍,

ମଦ୍ ନେଇଁ ପିଏଁ ପୁରା ଛାଡ଼ିଦେଲିଁ

ଜାନ୍ଲିଁ ତାର୍ ବିକାର୍ ।

ସେହ୍ନି ଦିନୁଲେ ମଦ୍ ତ ଛାଡ଼ିଛେଁ

ଆର୍ ନି ପିଇବାର୍,

ସତ୍ କହୁଛେଁ ହୋ କାଏଁ ମିଛ କଥା

କହେମି ଯେ ଦର୍କାର୍ ।

ହେଦେହେଦେ କାଣା ଗୁଟେ ବାଗିର୍ ତ

ଦିଶୁଛେ ପଡ଼ିଆ ପାଖେଁ,

ଘାସ୍ ବହଲିଆ ପୁରା ଠିଆଠିଆ

ଗଛ୍ ଘେରା ଚାରି ପାଖେଁ ।

(କ୍ରମଶଃ)

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଗବତ୍ ଜ୍ଞାନ

ଓଁ ନମଃ ଭଗବତେ ବାସୁଦେବାୟ !

ନାରାୟଣଂ ନମସ୍କୃତ୍ୟଂ ନରଂଚୈବ ନରୋତ୍ତମଂ

ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋଜୟ ମୁଦିରୟେତ୍ ।

ମୁକଂ କରୋତି ବାଚାଳଂ ପଙ୍ଗୁଂ ଲଙ୍ଘୟତେ ଗିରିଂ

ଯତ୍କୃପା ତମହଂ ବନ୍ଦେ ପରମାନନ୍ଦ ମାଧବଂ ।

ନିଗମକଳ୍ପତରୋର୍ଗଳିତଂ ଫଳଂ ଶୁକମୁଖାଦମୃତଦ୍ରବସଂଯୁତମ୍ ।

ପିବତ ଭାଗବତଂ ରସମାଳୟଂ ମୁହୁରହୋ ରସିକା ଭୁବି ଭାବୁକାଃ ।

ଶ୍ରୀମଦ୍ଭାଗବତ ମହାପୁରାଣର ୪ର୍ଥ ସ୍କନ୍ଧ ବିଷୟସୂଚୀ ଏବଂ ଅଧ୍ୟାୟଗତ ସାରାଂଶ -



ସହଦେବ ପ୍ରଧାନ

ଶ୍ରୀମଦ୍ଭାଗବତ ମହାପୁରାଣର ୧୨ଟି ସ୍କନ୍ଧ ମଧ୍ୟରୁ ଏହି ସଂସ୍କରଣରେ ୪ର୍ଥ ସ୍କନ୍ଧ ବିଷୟରେ ସବିସ୍ତୃତ ବିବରଣ ପ୍ରଦାନ କରାଯାଉଛି । ଚତୁର୍ଥ ସ୍କନ୍ଧର ବିଷୟ ସୂଚୀଠାରୁ ଆରମ୍ଭ କରି ସର୍ବମୋଟ ୩୧ଟି ଅଧ୍ୟାୟର ସାରାଂଶ ଏଠାରେ ବର୍ଣ୍ଣନା କରା ଯାଉଛି । ତେଣୁ ହେ ପ୍ରିୟ ପାଠକବୃନ୍ଦ - ଭାଗବତରୂପୀ ଅମୃତ ପାନ କରିବା ହୁଅନ୍ତୁ ।

ଆନନ୍ଦେ କର ସୁଧା ପାନ । ଯେଣେ ପାଇବ ଦିବ୍ୟ ଜ୍ଞାନ । ।

ଚତୁର୍ଥ ସ୍କନ୍ଧ - ୩୧ ଟି ଅଧ୍ୟାୟ (ବିସର୍ଗ) ଭାଗବତର ୨ୟ ଲକ୍ଷଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସଂଖ୍ୟା ଅଧ୍ୟାୟ ବିଷୟ ବସ୍ତୁ

୧ ପ୍ରଥମ ମୈତ୍ରେୟ ବିଦୁର ସମ୍ବାଦ - ଋଷି ବଂଶାନୁଚରିତ - ସ୍ୱାୟମ୍ଭୁବ ମନୁଙ୍କ କନ୍ୟା ବଂଶ ବର୍ଣ୍ଣନ ।

୨ ଦ୍ୱିତୀୟ ହର ପ୍ରଜାପତି ସଂବାଦ - ଶିବ ଓ ଦକ୍ଷ ପ୍ରଜାପତିଙ୍କ ମଧ୍ୟରେ ମନୋମାଳିନ୍ୟ - ଦକ୍ଷଙ୍କର ଶିବଙ୍କୁ ଶାପ ।

୩ ତୃତୀୟ ହର ଗୌରୀ ସମ୍ବାଦ - ପିତାଙ୍କ ଯଜ୍ଞୋତ୍ସବକୁ ଯିବା ପାଇଁ ସତୀ (ଦକ୍ଷକନ୍ୟା)ଙ୍କ ଇଚ୍ଛା, କିନ୍ତୁ ଶିବଙ୍କ ବାରଣ

୪ ଚତୁର୍ଥ ସତୀ ଦେହୋତ୍ସର୍ଗ – ଯୋଗାଗ୍ନିରେ ସତୀଙ୍କର ଦେହତ୍ୟାଗ ।

୫ ପଞ୍ଚମ ଦକ୍ଷ ଯଜ୍ଞ ବିଧ୍ୱଂସ – ଶିବଙ୍କ ସ୍ୱରୂପ ବିରଭଦ୍ରଙ୍କଦ୍ୱାରା ଦକ୍ଷ ଯଜ୍ଞ ବିଧ୍ୱଂସ ଓ ଦକ୍ଷ ବଧ ।

୬ ଷଷ୍ଠ ମହାଦେବଙ୍କୁ ପ୍ରସନ୍ନ କରିବା ନିମନ୍ତେ ବ୍ରହ୍ମାଦି ଦେବଗଣଙ୍କ କୈଳାସ ଗମନ ।

୭ ସପ୍ତମ ଦକ୍ଷଙ୍କର ପୂନର୍ଜୀବନ ଲାଭ ଓ ଯଜ୍ଞ ସମାପନ ।

୮ ଅଷ୍ଟମ ଧ୍ରୁବ ଚରିତ – ତପସ୍ୟା ଉଦ୍ଦେଶ୍ୟରେ ଧ୍ରୁବର ବନଗମନ ଓ ତପ ସାଧନ ।

୯ ନବମ ବର ପ୍ରାପ୍ତି ପରେ ଧ୍ରୁବଙ୍କ ସ୍ୱଗୃହ ପ୍ରତ୍ୟାବର୍ତ୍ତନ ଓ ରାଜ୍ୟାଭିଷେକ ।

୧୦ ଦଶମ ଗୁହ୍ୟକ (ଯକ୍ଷ) ମାନଙ୍କ ଦ୍ୱାରା ଉତ୍ତମ (ଧ୍ରୁବଭ୍ରାତ) ହତ୍ୟା ଏବଂ ସେମାନଙ୍କ ସହ ଧ୍ରୁବଙ୍କର ଯୁଦ୍ଧ ।

୧୧ ଏକାଦଶ ଯୁଦ୍ଧ ବନ୍ଦ କରିବାକୁ ଧ୍ରୁବଙ୍କୁ ସ୍ୱାୟମ୍ଭୁବ ମନୁଙ୍କ ପରାମର୍ଶ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

୧୨ ଦ୍ୱାଦଶ ଧ୍ରୁବଙ୍କୁ କୁବେରଙ୍କ ବରଦାନ ଓ ଧ୍ରୁବଙ୍କ ଧ୍ରୁବଲୋକ ପ୍ରାପ୍ତି ।

୧୩ ତ୍ରୟୋଦଶ ଧ୍ରୁବଙ୍କ ବଂଶାବଳୀ, ଅଙ୍ଗ ରାଜା ଚରିତ ଓ ବେଣ ଜନ୍ମ ।

୧୪ ଚତୁର୍ଦ୍ଦଶ ବେଣ ବଧ, ପୃଥୁ ଚରିତ - ନିଷାଦ ଉତ୍ପତ୍ତି (ମୁନିମାନଙ୍କ ଶାପ ଯୋଗୁଁ ବେଣର ପ୍ରାଣହାନି) ।

୧୫ ପଞ୍ଚଦଶ ପୃଥୁ ଚରିତ – ବେଣ ଶରୀର ମନ୍ଥନରୁ ପୃଥୁ ରାଜା ଓ ଅର୍ଚ୍ଚି ରାଣୀ ପ୍ରକଟ, ପୃଥୁ ଅଭିଷେକ ।

୧୬ ଷୋଡଶ ଭାଟଗଣଙ୍କ ଦ୍ୱାରା ରାଜା ପୃଥୁଙ୍କ ସ୍ତୁତି ।

୧୭ ସପ୍ତଦଶ ପୃଥୁଙ୍କର ପୃଥିବୀ ପ୍ରତି କୋପ ଏବଂ ପୃଥିବୀର ସ୍ତୁତି - ଧରିତ୍ରୀ ନିଗ୍ରହ ।

୧୮ ଅଷ୍ଟାଦଶ ଧରଣୀ ଦୋହନ - ବିଭିନ୍ନ ଦେବଦେବା ଧରଣୀ ଦୁହିଂଲେ ।

୧୯ ଊନବିଂଶ ପୃଥୁଙ୍କର ଅଶ୍ୱମେଧ ଯଜ୍ଞ ।

୨୦ ବିଂଶ ପୃଥୁ ଚରିତ - ପୃଥୁଙ୍କ ଯଜ୍ଞଶାଳାରେ ବିଷ୍ଣୁଙ୍କ ପ୍ରକଟ୍ୟ -ପୃଥୁଙ୍କ ଭଗବାନଙ୍କୁ ସ୍ତବ ।

୨୧ ଏକବିଂଶ ପ୍ରଜାଙ୍କୁ ପୃଥୁଙ୍କର ଉପଦେଶ ।

୨୨ ଦ୍ୱାବିଂଶ ପୃଥୁଙ୍କୁ ସନକାଦିଙ୍କର ତତ୍ତ୍ୱୋପଦେଶ ।

୨୩ ତ୍ରୟୋବିଂଶ ପୃଥୁଙ୍କ ତପସ୍ୟା, ପରଲୋକ – ବୈକୁଣ୍ଠ ଗମନ ।

୨୪ ଚତୁର୍ବିଂଶ ପୃଥୁଙ୍କ ବଂଶ ପରମ୍ପରା ଏବଂ ପ୍ରଚେତାଗଣଙ୍କୁ ରୁଦ୍ରଙ୍କ ଉପଦେଶ ।

୨୫ ପବିଂଶ ରାଜା ପ୍ରାଚୀନବର୍ହି ନାରଦ ସମ୍ବାଦ - ପୁରଞ୍ଜନ ଉପାଖ୍ୟାନର ଉପକ୍ରମ ।

୨୬ ଷଡବିଂଶ ପୁରଞ୍ଜନରାଜା ମୃଗୟା ନିମନ୍ତେ ବନଗମନ କରିବାରୁ ରାଣୀର କୋପ ।

୨୭ ସପ୍ତବିଂଶ ପୁରଞ୍ଜନ ପୁରରେ ଚଣ୍ଡବେଗର ଆକ୍ରମଣ ଏବଂ କାଳକନ୍ୟା ଚରିତ ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

୨୮ ଅଷ୍ଟବିଂଶ ପୁରଞ୍ଜନର ନାରୀ ଜନ୍ମ ପ୍ରାପ୍ତି ଏବଂ ମୋକ୍ଷ ।

୨୯ ଊନତ୍ରିଂଶ ପ୍ରାଚୀନବର୍ହି ନାରଦ ସମ୍ବାଦ - ପୁରଞ୍ଜନ ଉପାଖ୍ୟାନର ଆଧ୍ୟାତ୍ମିକ ଅର୍ଥ ।

୩୦ ତ୍ରିଂଶ ପ୍ରଚେତାଗଣଙ୍କୁ ଭଗବାନଙ୍କର ବରଦାନ ।

୩୧ ଏକତ୍ରିଂଶ ପ୍ରଚେତାଗଣଙ୍କୁ ନାରଦଙ୍କ ଉପଦେଶ ଏବଂ ସେମାନଙ୍କର ପରମପାଦ ଲାଭ ।

୪ର୍ଥ ସ୍କନ୍ଧ ଅଧ୍ୟାୟଗତ ସାରାଂଶ

ପ୍ରଥମ ଅଧ୍ୟାୟରେ ସ୍ୱାୟମ୍ଭୂବ ମନୁଙ୍କର ମହାରାଣୀ ଶତରୂପାଙ୍କ ଗର୍ଭରୁ ପ୍ରିୟବ୍ରତ ଓ ଉତ୍ତାନପାଦ ନାମରେ ଦୁଇଟି ପୁତ୍ର ଏବଂ ଆକୁତି, ଦେବହୂତି ଓ ପ୍ରସୂତି ନାମରେ ତିନୋଟି କନ୍ୟା ଜନ୍ମ ହୋଇଥିଲେ । ସ୍ୱାୟମ୍ଭୂବ ମନୁ ନିଜ କନ୍ୟା ଆକୁତିଙ୍କ ବିବାହ ରୁଚି ନାମକ ପ୍ରଜାପତିଙ୍କ ସହ ପୁତ୍ରିକାଧର୍ମ (ବିବାହକାଳେ କନ୍ୟାର ୧ମ ପୁତ୍ରକୁ କନ୍ୟାପିତା ପୋଷ୍ୟପୁତ୍ର ରୂପେ ଗ୍ରହଣ କରିବା ସର୍ତ୍ତ) ଅନୁସାରେ କରାଇଦେଲେ । ରୁଚି ଓ ଆକୁତିଙ୍କ ଠାରୁ ଯାଆଁଳା ପୁଅଝିଅ ଜନ୍ମ ହେଲେ । ପୁଅଟି ସାକ୍ଷାତ୍ ଯଜ୍ଞସ୍ୱରୂପ ବିଷ୍ଣୁ ଓ ଝିଅଟି ମାତା ଲକ୍ଷ୍ମୀ ଭଳି ଥିଲା । ଝିଅଟିର ନାମ ଦିଆଗଲା ଦକ୍ଷିଣା । ପୁଅଟିକୁ ମନୁ ନିଜ ଘରକୁ ନେଇ ଆସିଲେ ଓ ଝିଅଟିକୁ ରୁଚି ନିଜ ପାଖରେ ରଖିଲେ । ବିବାହ ଯୋଗ୍ୟ ହେବାରୁ ଝିଅ ଦକ୍ଷିଣା ନିଜ ଇଚ୍ଛା ଅନୁସାରେ ଯଜ୍ଞପୁରୁଷଙ୍କୁ ହିଁ ବିବାହ କଲେ । ଦକ୍ଷିଣା ଗର୍ଭରୁ ୧୨ଟି ପୁତ୍ର – ତୋଷ, ପ୍ରତୋଷ, ସନ୍ତୋଷ, ଭଦ୍ର, ଶାନ୍ତି, ଇଡ଼ସ୍ପତି, ଇଦ୍ମ, କବି, ବିଭୂ, ସ୍ୱାହ୍ନ, ସୁଦେବ ଓ ରୋଚନ ଜନ୍ମ ନେଲେ । ସେହିମାନେ ହିଁ ସ୍ୱାୟମ୍ଭୂବ ମନ୍ୱନ୍ତରରେ ତୁଷିତ ନାମକ ଦେବତା ହେଲେ । ସେହି ମନ୍ୱନ୍ତରରେ ମରୀଚି ଆଦି ଥିଲେ ସପ୍ତର୍ଷି । ଭଗବାନ୍ ଯଜ୍ଞ ହିଁ ଥିଲେ ଦେବତାମାନଙ୍କର ଅଧୀଶ୍ୱର ଇନ୍ଦ୍ର ଏବଂ ମହାନ୍ ପ୍ରଭାବଶାଳୀ ପ୍ରିୟବ୍ରତ ଏବଂ ଉତ୍ତାନପାଦ ଥିଲେ ମନୁପୁତ୍ର ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେହି ମନ୍ୱନ୍ତର ଏ ଦୁହିଁଙ୍କ ପୁଅ, ନାତି ଓ ଦୌହିତ୍ରମାନଙ୍କ ବଂଶରେ ବିସ୍ତାରିତ ହୋଇଗଲା ।

ମନୁ ତାଙ୍କର ୨ୟ ଝିଅ ଦେବହୂତିର ବିବାହ କର୍ଦ୍ଦମ ଋଷିଙ୍କ ସହ କରାଇଲେ । ୩ୟ ଝିଅ ପ୍ରସୂତିକୁ ଦକ୍ଷ ପ୍ରଜାପତି ବାହାହେଲେ । କଳା ଥିଲେ କର୍ଦ୍ଦମ ଋଷିଙ୍କ ଜ୍ୟେଷ୍ଠା କନ୍ୟା । ସେ ମରୀଚିଙ୍କ ପତ୍ନୀ ହଲେ । ମରୀଚି ଓ କଳାଙ୍କ ୨ ପୁତ୍ର କଶ୍ୟପ ଓ ପୂର୍ଣ୍ଣିମାନ/ପୂର୍ଣ୍ଣିମା । ପୂର୍ଣ୍ଣିମାର ୨ ପୁତ୍ର ବିରଜ ଓ ବିଶ୍ୱଗ ଏବଂ ୧ କନ୍ୟା ଦେବକୁଲ୍ୟା (ଗଙ୍ଗା) । ଅତ୍ରି ଓ ପତ୍ନୀ ଅନୁସୂୟାଙ୍କ ତିନି ପୁତ୍ର–ଉଦରରୁ ଦତ୍ତାତ୍ରେୟ (ରୁଦ୍ର), ପୃଷ୍ଠରୁ ଦୁର୍ବାସା, ନୟନରୁ ସୋମ (ଚନ୍ଦ୍ର) । ସେମାନେ ଯଥାକ୍ରମେ ବିଷ୍ଣୁ, ଶିବ ଓ ବ୍ରହ୍ମାଙ୍କ ଅଂଶରୁ ଜନ୍ମ ହୋଇଥିଲେ ।

ଅଙ୍ଗିରା ଓ ପତ୍ନୀ ଶ୍ରଦ୍ଧାଙ୍କ ୪ କନ୍ୟା – ସିନୀବାଲୀ, କୁହୁ, ରାକାବାଳୀ ଓ ଅନୁମତି ଏବଂ ୨ ପୁତ୍ର – ଉତଥ୍ୟ ଓ ବୃହସ୍ପତି ।

ପୁଲସ୍ତ୍ୟ ଓ ପତ୍ନୀ ହବିର୍ଭୂ ଗର୍ଭରୁ ଅଗସ୍ତ୍ୟ ଓ ବିଶ୍ରବା । ବିଶ୍ରବାର ସ୍ତ୍ରୀ ଇଡ଼ବିଡ଼ା ଓ କେଶିନୀ । ଇଡ଼ବିଡ଼ା ଗର୍ଭୁ କୁବେର ଏବଂ କେଶିନୀ ଗର୍ଭରୁ ୩ କୁମର - ରାବଣ, କୁମ୍ଭକର୍ଣ୍ଣ ଓ ବିଭୀଷଣ । ପୁଲହ ଓ ପତ୍ନୀ ଗତି ଗର୍ଭରେ ୩ ବାଳକ – କର୍ମଶ୍ରେଷ୍ଠ, ବରୀୟାନ ଓ ସହିଷ୍ଣୁଜନ୍ମ ନେଲେ । ସେହିପରି କ୍ରତୁ ଓ ପତ୍ନୀ କ୍ରିୟା ଗର୍ଭରେ ବାଳଖିଲ୍ୟାଦି ୬୦ ସହସ୍ର ଋଷି ଜନ୍ମ ହେଲେ । ବଶିଷ୍ଠ ଓ ପତ୍ନୀ ଉର୍ଜ୍ଜୀ (ଅରୁନ୍ଧତୀ) ଗର୍ଭରେ ୭ ପୁତ୍ର – ଚିତ୍ରକେତୁ, ବିରଜା, ମିତ୍ର, ଉଲ୍ୱଣ, ବସୁଭୃତଯାନ, ଦ୍ୟୁମନ ଓ ସୁରୋଚି ଜନ୍ମ ହେଲେ । ତଥା ତାଙ୍କର ୨ୟ ପତ୍ନୀଙ୍କ ଠାରୁ ଶକ୍ତି ଆଦି ଅନେକ ପୁତ୍ର ଜନ୍ମ ନେଲେ । ଅଥର୍ବଣ (ଅଥର୍ବ ମୁନି) ଓ ପତ୍ନୀ ଚିତ୍ତି ଗର୍ଭରୁ ଦଧୀଚି (ଅନ୍ୟନାମ ଅଶ୍ୱଶିର) ନାମରେ ଏକ ତପୋନିଷ୍ଠ ପୁତ୍ର ଜନ୍ମ ହେଲେ । ଭୃଗୁ ଓ ପତ୍ନୀ ଖ୍ୟାତିଙ୍କ ଦୁଇ ପୁତ୍ର - ଧାତା ଓ ବିଧାତା ଏବଂ କନ୍ୟା ଶ୍ରୀ ବା କମଳା । ମେରୁ ଋଷିଙ୍କ ଦୁଇ କନ୍ୟା ଆୟତି ଓ ନିୟତି । ଆୟତି ଧାତାଙ୍କୁ ବାହା ହେଲେ ଓ ତାଙ୍କ ପୁତ୍ର ମାର୍କଣ୍ଡ ଓ ମାର୍କଣ୍ଡର ପୁତ୍ର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାର୍କଣ୍ଡେୟ । ନିୟତି ବିଧାତାଙ୍କୁ ବାହା ହେଲେ ଓ ତାଙ୍କ ପୁତ୍ର ପ୍ରାଣ ଏବଂ ପ୍ରାଣ ପୁତ୍ର ବେଦଶିରା । ଭୃଗୁ ଋଷିଙ୍କର ଅନ୍ୟ ଏକ ପତ୍ନୀ (ନାମ ଦିଆ ଯାଇନାହିଁ) – ତାଙ୍କ ପୁତ୍ର କବି ଏବଂ କବିଙ୍କ ପୁତ୍ର ଉଶନା (ଶୁକ୍ରାଚାର୍ଯ୍ୟ) ।

ଦକ୍ଷ ପ୍ରଜାପତି ଓ ପ୍ରସୂତି ଗର୍ଭରୁ ୧୬ କନ୍ୟା ଜନ୍ମିଲେ ସେଥିରୁ ଧର୍ମକୁ ୧୩ଟି (ଶ୍ରଦ୍ଧା (ପୁତ୍ର ଶୁଭ ବା ସତ୍ୟ), ମୈତ୍ରୀ (ପୁତ୍ର ପ୍ରସାଦ), ଦୟା (ପୁତ୍ର ଅଭୟ), ଶାନ୍ତି (ପୁତ୍ର ସୁଖ), ତୁଷ୍ଟି (ପୁତ୍ର ମୋଦ ବା ହର୍ଷ), ପୁଷ୍ଟି (ପୁତ୍ର ଅହଂକାର ବା ଗର୍ବ), କ୍ରିୟା (ପୁତ୍ର ଯୋଗ), ଉନ୍ନତି (ପୁତ୍ର ଦର୍ପ), ବୁଦ୍ଧି (ପୁତ୍ର ଅର୍ଥ), ମେଧା (ପୁତ୍ର ସ୍ମୃତି ବା ସ୍ମରଣ), ତିତିକ୍ଷା ବା କ୍ଷମା (ପୁତ୍ର କ୍ଷେମ), ହ୍ରୀ ବା ଲଜ୍ଜା (ପୁତ୍ର ପ୍ରଶ୍ରୟ ବା ବିନୟ) ଓ ମୂର୍ତ୍ତି (ଦୁଇ ପୁତ୍ର ନର ଓ ନାରାୟଣ) ଦେଲେ; ଅଗ୍ନିକୁ ୧ କନ୍ୟା ସ୍ୱାହା (୩ ପୁତ୍ର ପାବକ, ପବମାନ ଓ ଶୁଚି (୪୫ ରୂପ ); ଅଗ୍ନିଷ୍ୱାତ୍ତାଦ (ପିତୃପୁରୁଷ - ଅନଳଷ୍ୱତ୍ତ, ବର୍ହିଷଦ, ସୌମ୍ୟ, ଆଜ୍ୟପ, ସାଗ୍ନିକ, ନିରଗ୍ନିକ )ଙ୍କୁ ୧ କନ୍ୟା ସ୍ୱଧା ( ଦୁଇ କନ୍ୟା ଧାରିଣୀ ଓ ବୟୁନା); ଶିବଙ୍କୁ ୧ କନ୍ୟା ସତୀ ଦାନ କଲେ ।

ଦ୍ୱିତୀୟ ଅଧ୍ୟାୟରେ ଗର୍ବ ବହି ଶିବ ନିଜ ଶ୍ୱଶୁର ଦକ୍ଷଙ୍କୁ ଦେବସଭାରେ ସମ୍ମାନ ନ ଦେବାରୁ ଦକ୍ଷଙ୍କର ଶିବଙ୍କୁ ଅଭିଶାପ; ତେଣୁ ନନ୍ଦିଙ୍କର ଦକ୍ଷଙ୍କୁ ପ୍ରତି ଅଭିଶାପ; ଭୃଗୁଙ୍କର ଶିବଙ୍କୁ ଶାପ; ନିଜ ନିଜ ଗଣଙ୍କୁ ଧରି ଶିବଙ୍କ ସଭା ବର୍ଜନ ଇତ୍ୟାଦି ବିଷୟ ବର୍ଣ୍ଣନା କରାଯାଇଛି ।

ତୃତୀୟ ଅଧ୍ୟାୟରେ ସତୀ ପିତାଙ୍କ ଯଜ୍ଞୋତ୍ସବରେ ଯୋଗ ଦେବାକୁ ଶିବଙ୍କୁ ଅନୁରୋଧ କଲେ । କିନ୍ତୁ ଶିବ ସତୀଙ୍କୁ ସେଠାକୁ ଯିବାକୁ ମନା କଲେ । କହିଲେ ଯେ, ବିନା-ନିମନ୍ତ୍ରଣରେ ବି ବନ୍ଧୁ ଘରକୁ ଯାଇହେବ, ତାହା ତ ଠିକ୍; କିନ୍ତୁ ସେପରି ଯିବାଟା କେବଳ ସେହି କ୍ଷେତ୍ରରେ ଠିକ୍ ହେବ, ଯେଉଁ କ୍ଷେତ୍ରରେ କି ଉକ୍ତ ବନ୍ଧୁଙ୍କ ଦୃଷ୍ଟି ଘୋର ଦେହାଭିମାନ ଜନିତ ମଦ ଓ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କ୍ରୋଧ୍ୟ ହେତୁ ଦ୍ୱେଷପୂର୍ଣ୍ଣ ଓ ଦୋଷଯୁକ୍ତ ହୋଇଯାଇ ନ ଥାଏ । ସତ୍ ପୁରୁଷ ମାନଙ୍କ ନିମନ୍ତେ ବିଦ୍ୟା, ତପ, ଧନ, ବଳିଷ୍ଠ ଶରୀର, ଯୁବାବସ୍ଥା ଓ ଉଚ୍ଚ କୁଳ – ଏହି ଛଅଟି ହେଉଛି ସଦ୍ ଗୁଣ; କିନ୍ତୁ ନିଚ ପୁରୁଷ ମାନଙ୍କ ନିମନ୍ତେ ଏହି ଛଅଟି ଅବଗୁଣରେ ପରିଣତ ହୋଇଯାଏ; କାରଣ ଏ ସବୁ ପାଇଗଲେ ନିଚ ପୁରୁଷର ଅଭିମାନ ବଢ଼ିଯାଏ; ତାର ଦୃଷ୍ଟି ଦୋଷଯୁକ୍ତ ହୋଇଯାଏ ଏବଂ ବିବେକ ଶକ୍ତି ନଷ୍ଟ ହୋଇଯାଏ । ଏ ସବୁ ଫଳରେ ସେ ମହାପୁରୁଷମାନଙ୍କର ମହତ୍ତ୍ୱ ଦେଖି ସହିପାରେ ନାହିଁ । ତେଣୁ ଯେଉଁ ଲୋକ ନିଜ ଘରକୁ ଆସିଥିବା ଲୋକଙ୍କୁ ଭ୍ରୂକୁଟି କୁଟିଳ ପରି କ୍ରୋଧ୍ୟପୂର୍ଣ୍ଣ ନୟନରେ ଦେଖେ, ସେ ଭଳି ଅବ୍ୟବସ୍ଥିତ ଲୋକଙ୍କ ଘରକୁ 'ଏ ମୋର ବନ୍ଧୁ' ବୋଲି ଭାବି କେବେ ବି ଯିବା ଉଚିତ ନୁହେଁ ।

ଯେ ପ୍ରାଣୀ ଅଭ୍ୟାଗତ ଦେଖି । ବକ୍ର ବଦନେ ବୁଜେ ଆଖି । ।
ବନ୍ଧୁ ହେଲେ ହେଁ ଜାଣ ତୁହି । ତା ଗୃହେ ଯିବା ନ ଯୋଗାଇ । ।୪/୩ /୧୮
ଅସାଧୁ ଜନଙ୍କ ସ୍ୱଭାବ । ନିରତେ ଅସହଣି ଭାବ । ।
ସାଧୁଙ୍କ ସୁପୂଣ୍ୟ ସମ୍ପଦ । ଦେଖି ବହନ୍ତି ମନେ ଖେଦ । ।
ହିଂସନ୍ତି ତାଙ୍କୁ ଅକାରଣେ । ହରିଙ୍କି ଯେହ୍ନେ ପୁଣ୍ୟ ଜନେ । ।୪/୩/୨୧

ଚତୁର୍ଥ ଅଧ୍ୟାୟରେ ଶିବଙ୍କ ବାରଣ ସତ୍ତ୍ୱେ ସତୀ ନିଜ ପିତା ସମ୍ପାଦନ କରୁଥିବା ଯଜ୍ଞସ୍ଥଳକୁ ଯାଇ ସେଠାରେ ନିଜେ ଅପମାନିତ ହେଲେ ଓ ଦେଖିଲେ ଯେ ତାଙ୍କ ସ୍ୱାମୀଙ୍କୁ ବି ବହୁତ ଅପମାନିତ କରାଯାଉଛି । ସତୀ ଅତି କ୍ରୋଧ ହୋଇ ନିଜ ପିତାଙ୍କୁ ଶିବଙ୍କ ମହିମା, ଗାରିମା ତଥା ମହତ୍ତ୍ୱ ବିଷୟରେ ଚେତାବନୀ ଦେଲେ ଏବଂ କହିଲେ ଯେ ମନୁଷ୍ୟ ପକ୍ଷରେ ଏହା କର୍ତ୍ତବ୍ୟ ଯେ, ସେ ନିଜ ଧର୍ମମାର୍ଗରେ ଦୃଢ଼ ରହି ମଧ୍ୟ ଅନ୍ୟର ମାର୍ଗକୁ ନିନ୍ଦା ନ କରୁ ।

ସ୍ୱଧର୍ମେ ନିଷ୍ଠା ଯାର ଥିବ । ସେ ପରନିନ୍ଦା ନ କରିବ । ।୪/୪/୧୯

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସତୀ ଅତିଶୟ ମ୍ରିୟମାଣ ହୋଇ ନିଜ ଶରୀରକୁ ଧ୍ୱଂସ କରିଦେବାକୁ ଚାହିଁ ଦଶ ପ୍ରାଣବାୟୁ - ପ୍ରାଣ, ଅପାନ, ବ୍ୟାନ, ଉଦାନ, ସମାନ, ନାଗ, କୁର୍ମ, କୃକର, ଦେବଦତ୍ତ ଓ ଧନଞ୍ଜୟ ଇତ୍ୟାଦିକୁ ରୁଦ୍ଧ କରି ପ୍ରାଣାୟମ ମାର୍ଗରେ ସମାଧିସ୍ଥ ହୋଇ ପ୍ରାଣ ତ୍ୟାଗ କରିଦେଲେ ।

ପଞ୍ଚମ ଅଧ୍ୟାୟରେ ଶିବ, ନାରଦଙ୍କ ଠାରୁ ସତୀ ପ୍ରାଣ ତ୍ୟାଗ କରିଦେଇଥିବା କଥା ଶୁଣି ନିଜ ଜଟାର କେରାଏ ଅଂଶରୁ ବୀରଭଦ୍ର ନାମକ ଏକ ବିଶାଳକାୟ ପୁରୁଷ ସୃଷ୍ଟି କଲେ ଏବଂ ଦକ୍ଷଙ୍କୁ ନଷ୍ଟ କରିଦେବାକୁ ତାକୁ ଆଦେଶ ଦେଲେ । ବୀରଭଦ୍ର ଯାଇ ଦକ୍ଷର ମୁଣ୍ଡ ଗଣ୍ଡି ଅଲଗା କରିଦେଲା ।

ଷଷ୍ଠ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି ଯେ ଦକ୍ଷଙ୍କ ଯଜ୍ଞସ୍ଥଳରେ ଏପରି ଅଭାବନୀୟ ଘଟଣା ଘଟିବାରୁ ଏବଂ ଶିବ କୋପିତ ହେବାରୁ ବ୍ରହ୍ମାଦି ଦେବଗଣ ତାଙ୍କ ନିକଟକୁ ଯାଇ ତାଙ୍କୁ ଶାନ୍ତ କରାଇଲେ । ଏହି ଅଧ୍ୟାୟରେ କୈଳାସ ପର୍ବତର ଶୋଭା, ତଥା ରାସ୍ତାରେ ଯିବା ସମୟରେ ଦୃଷ୍ଟିଗୋଚର ହେଉଥିବା ପର୍ବତ, ବୃକ୍ଷଲତା, ଫଳପୁଷ୍ପ ତଥା ଜୀବଜନ୍ତୁ, ନଦନଦୀ ଇତ୍ୟାଦିର ରମଣୀୟ ବର୍ଣ୍ଣନା କରାଯାଇଛି । ପରିଃଶେଷରେ ସମସ୍ତେ ଯାଇ ଦେଖିଲେ ଯେ ଏକ ବରଗଛ ତଳେ ଶିବ ବିରାଜମାନ ହୋଇ ତର୍କମୁଦ୍ରା ବା ଜ୍ଞାନମୁଦ୍ରା (ତର୍ଜନୀ ଓ ବୃଦ୍ଧାଙ୍ଗୁଳିର ଅଗ୍ରଭାଗକୁ ଯୋଡ଼ି ଅନ୍ୟ ତିନି ଅଙ୍ଗୁଳିକୁ ଏକତ୍ର ସିଧା) ରେ ବସିଥାନ୍ତି । ବ୍ରହ୍ମା ସମେତ ସମସ୍ତ ଦେବତା ଶିବଙ୍କ ନିକଟରେ ପହଞ୍ଚି ତାଙ୍କୁ ପ୍ରାର୍ଥନା କଲେ କି ସେ ଦକ୍ଷକୁ କ୍ଷମା କରି ଯଜ୍ଞକୁ ସମ୍ପୂର୍ଣ୍ଣ କରନ୍ତୁ ଏବଂ ଟେକା ପଥର ମାଡ଼ରେ ଯାହାର ଯାହା କ୍ଷତି ହୋଇଛି ସେମାନେ ସେହି ଅଙ୍ଗ ଫେରି ପାଆନ୍ତୁ ବୋଲି ଶିବଙ୍କୁ ଅନୁରୋଧ କଲେ ।

ସପ୍ତମ ଅଧ୍ୟାୟରେ ଶିବ, ଦେବତାମାନଙ୍କ ଗୁହାରି ଶୁଣି କହିଲେ ଯେ, ଦକ୍ଷଙ୍କ ମୁଣ୍ଡ ତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଗ୍ନିରେ ଜଳିଗଲା, ତେଣୁ ଏକ ଛେଳିର ମୁଣ୍ଡ ତାଙ୍କ ବେକରେ ଲଗାଇ ଦିଆଯାଉ । ଭଗଦେବ, ମିତ୍ରଦେବ (ଦ୍ୱାଦଶ ଆଦିତ୍ୟଙ୍କ ମଧ୍ୟରୁ ଜଣେ)ଙ୍କ ଆଖିରେ ନିଜର ଯଜ୍ଞଭାଗ ଦେଖନ୍ତୁ । ପୂଷା ଯଜମାନଙ୍କ ଦାନ୍ତ ସାହାଯ୍ୟରେ ଖାଆନ୍ତୁ । ଯଜ୍ଞକର୍ମରେ ନିୟୋଜିତ ଥିବା ଅଧ୍ୱର୍ଯ୍ୟୁ ଆଦିଙ୍କ ମଧ୍ୟରୁ ଯାହାଙ୍କର ଭୂଜ ଭଗ୍ନ ହେଲା, ସେମାନେ ଅଶ୍ୱିନୀକୁମାରଙ୍କ ଭୂଜ ସାହାଯ୍ୟରେ ଓ ଯେଉଁମାନଙ୍କର ହାତ ଭାଙ୍ଗିଗଲା, ସେମାନେ ପୂଷାଙ୍କ ହାତ ସାହାଯ୍ୟରେ କର୍ମ କରନ୍ତୁ ଏବଂ ଭୃଗୁଙ୍କର ଛେଳିଙ୍କ ଦାଢ଼ିନିଶ ଭଳି ଦାଢ଼ିନିଶ ବାହାରୁ । ତା ପରେ ଦକ୍ଷ ଜୀବନ ପାଇ ଶିବଙ୍କୁ କ୍ଷମା ମାଗିଲେ । ପୁଣି ଯଜ୍ଞ ଆରମ୍ଭ ହେଲା । ଭଗବାନ ବିଷ୍ଣୁ ମଧ୍ୟ ଯଜ୍ଞସ୍ଥଳକୁ ଆସିଲେ । ସମସ୍ତେ ଭଗବାନଙ୍କୁ ସ୍ତୁତି କଲେ ।

ଦକ୍ଷଯଜ୍ଞ ସମାପନ ହେଲା । ସତୀ ପୁନଃ ଶରୀର ଧାରଣ କରି ଅମ୍ବିକା ରୂପରେ ପୁଣି ଶିବଙ୍କ ନିକଟରେ ରହିଲେ ।

ଅଷ୍ଟମ ଅଧ୍ୟାୟରେ ଧ୍ରୁବ ଚରିତ ମାଧ୍ୟମରେ ବର୍ଣ୍ଣନା କରାଯାଇଛି ଯେ, ଶତରୂପା ଓ ସ୍ୱାୟମ୍ଭୁବ ମନୁଙ୍କର ପୁତ୍ର ଉତ୍ତାନପାଦଙ୍କର ସୁନୀତି ଓ ସୁରୁଚି ନାମରେ ଦୁଇ ପତ୍ନୀ ଥିଲେ । ସୁରୁଚି ରାଜାଙ୍କର ସ୍ନେହୀ ଥିଲେ ଓ ତାଙ୍କ ପୁତ୍ର ଥିଲେ ଉତ୍ତମ ଏବଂ ସୁନୀତିଙ୍କର ପୁତ୍ର ଥିଲେ ଧ୍ରୁବ । ରାଜା ଉତ୍ତାନପାଦ ସୁନୀତି କିମ୍ବା ଧ୍ରୁବଙ୍କୁ ସ୍ନେହ କରୁ ନ ଥିଲେ ।

ପର କଥାକୁ ଅଭିମାନ । ଘେନନ୍ତି ନାହିଁ ସାଧୁଜନ । ।୪ /୮/୧୭
ଅଦୃଷ୍ଟ ଦୁଃଖ ସୁଖ ଦିଏ । ଆନେ ଦୂଷିବା ଯୋଗ୍ୟ ନୁହେଁ । ।
କର୍ମ ଆଦରି ସହି ଦୁଃଖ । କେବେ ହେଁ ନୋହିବ ବିମୁଖ । ।୪/ ୮/୨୮
ଗୁଣ ଅଧିକେ ମୋଦ ଭାବ । ନିକୃଷ୍ଟେ ଅନୁଗ୍ରହୀ ହେବ । ।
ସମାନ ଜନେ ମିତ୍ରପଣ । ଏହିଟି ଉତ୍ତମ ଲକ୍ଷଣ । ।୪/୮/୩୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରାଜା ଉତ୍ତାନପାଦଙ୍କ କୋଳରେ ବସିବାରୁ ବଞ୍ଚିତ ହୋଇ ଦୁଃଖ ଓ ରାଗରେ ଧ୍ରୁବ ଘୋର ତପସ୍ୟା କରିବାକୁ ବନକୁ ଚାଲିଗଲେ ।

ଏହି ଅଧ୍ୟାୟରେ ଧ୍ରୁବଙ୍କ ଯୋଗସାଧନ ଓ ସମାଧି ପଦ୍ଧତି ବର୍ଣ୍ଣନକରାଯାଇଛି ।

ନବମ ଅଧ୍ୟାୟରେ ଧ୍ରୁବ କଠୋର ତପସ୍ୟା କରି ଭଗବାନଙ୍କଠାରୁ ବର ପ୍ରାପ୍ତି କରି ଗୃହକୁ ପ୍ରତ୍ୟାବର୍ତ୍ତନ କରିଥିବା ବିଷୟ ବର୍ଣ୍ଣନା କରାଯାଇଛି । ସେ ଘରେ ପହଞ୍ଚିବା ପରେ ରାଜା ଓ ଏପରିକି ସାବତ ମାଆ ବି ତାଙ୍କୁ ବହୁତ ଆଦର ସମ୍ମାନ କରିଥିଲେ । ତା ପରେ ରାଜା, ପୁତ୍ର ଧ୍ରୁବଙ୍କୁ ରାଜ ଅଭିଷିକ୍ତ କରି ସଂସାର ପ୍ରତି ବିରକ୍ତ ହୋଇ ବନକୁ ଚାଲିଗଲେ ।

ଦଶମ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି ଯେ, ଧ୍ରୁବ, ପ୍ରଜାପତି ଶିଶୁମାରଙ୍କ କନ୍ୟା ଭ୍ରମିଙ୍କୁ ବିବାହ କଲେ । ଭ୍ରମିଙ୍କ ଠାରୁ ୨ ପୁତ୍ର କଳ୍ପ ଓ ବତ୍ସର ଜନ୍ମ ହେଲେ । ୨ୟ ପତ୍ନୀ ଇଳା ଠାରୁ ପୁତ୍ର ଉତ୍କଳ (୨ୟ ଶ୍ୱଶୁର ସମୀରଣ) ଜନ୍ମ ହେଲେ । ଧ୍ରୁବ ଜଇତ୍ର ନାମକ ରଥରେ ବସି କୁବେର ପୁରକୁ ଯକ୍ଷ (ଗୁହ୍ୟକ) ମାନଙ୍କ ସହ ଯୁଦ୍ଧ କରିବାକୁ ଯାଇଥିଲେ ।

ଏକାଦଶ ଅଧ୍ୟାୟରେ ଯୁଦ୍ଧ ବନ୍ଦ କରିବା ପାଇଁ ଧ୍ରୁବଙ୍କୁ ସ୍ୱାୟମ୍ଭୂବ ମନୁଙ୍କ ପରାମର୍ଶ ବିଷୟ ବର୍ଣ୍ଣନା କରାଯାଇଛି ।

ଯାହାକୁ ଦେଖି ପ୍ରାଣୀ ଡ଼ରେ । ସେ ପ୍ରାଣୀ ଜୀବ ଥାଉଁ ମରେ ।। ୪/୧୧/୩୨

ଦ୍ୱାଦଶ ଅଧ୍ୟାୟରେ ଧ୍ରୁବଙ୍କୁ କୁବେରଙ୍କ ବରଦାନ ଓ ଧ୍ରୁବଙ୍କର ବିଷ୍ଣୁଲୋକପ୍ରାପ୍ତି ବିଷୟ ବର୍ଣ୍ଣନା କରାଯାଇଛି ।

କେହି କାହାର ହନ୍ତା ନୋହେ । ପ୍ରାଣୀ ଜୀବନ କାଳ ଦହେ ।।
ଏ ଜୀବ ଅହଂକାର ବହି । ଅତ୍ମାକୁ ବୋଲେ ତୁହି ମୁହିଁ ।।
ଏ ନୋହେ ଜ୍ଞାନୀଙ୍କର ମତ । ଯାହାକୁ ପ୍ରସନ୍ନ ଅନନ୍ତ ।।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଂସାର ଦେଖେ ସ୍ୱପ୍ନ ପ୍ରାୟ । ସେ ମୋହେ ନୋହେ ପରାଜୟ । ।୪/୮/୪

ତ୍ରୟୋଦଶ ଅଧ୍ୟାୟରେ ଧ୍ରୁବଙ୍କର ବଂଶର ବର୍ଣ୍ଣନା କରାଯାଇଛି । ରାଜା ଅଙ୍ଗଙ୍କ ଚରିତ ବର୍ଣ୍ଣନା କରାଯାଇଛି । ଧ୍ରୁବର ଜ୍ୟେଷ୍ଠ ପୁତ୍ର - ଉତ୍କଳ - ଧ୍ରୁବ ତାକୁ ରାଜା କଲେ । ବତ୍ସର ଉତ୍କଳର ଭାଇ । ସ୍ୱର୍ବୀଥି ବତ୍ସରର ପତ୍ନୀ । ଏମାନଙ୍କର ୬ ପୁତ୍ର - ପୁଷ୍ପାର୍ଣ୍ଣ, ତିଗ୍ମକେତୁ, ଇଷ, ଉର୍ଜ, ବସୁ ଓ ଜୟ । ପୁଷ୍ପାର୍ଣ୍ଣର ଦୁଇ ଭାର୍ଯ୍ୟା - ପ୍ରଭା ଓ ଦୋଷା । ପ୍ରଭା ଗର୍ଭରେ ୩ ପୁତ୍ର - ପ୍ରାତଃ, ମଧ୍ୟାହ୍ନ ଓ ସାୟଂ । ଦୋଷାର ୩ ପୁତ୍ର- ପ୍ରଦୋଷ, ନିଶୀଥ ଓ ବ୍ୟୁଷ୍ଟ । ବ୍ୟୁଷ୍ଟର ପତ୍ନୀ - ପୁଷ୍କରିଣୀ, ଏମାନଙ୍କର ପୁତ୍ର ସର୍ବତେଜା । ସର୍ବତେଜା ଓ ପତ୍ନୀ ଆକୂତିର ଗର୍ଭେ – ଚାକ୍ଷୁଷ ମୁନି; ଚାକ୍ଷୁଷ ପତ୍ନୀ - ନଡ୍ୱଳା । ଏମାନଙ୍କର ୧୨ ସୁତ - ପୁରୁ, କୁତ୍ସ, ତ୍ରିତି, ଦ୍ୟୁମ୍ନ, ସତ୍ୟ, ଋତ, ବ୍ରତ, ଅତିରାତ୍ର, ଅଗ୍ନିଷ୍ଟୋମ, ଶିବି, ଉଲ୍ମୁକ ଓ ପ୍ରଦ୍ୟୁମ୍ନ । ଉଲ୍ମୁକର ୬ ପୁତ୍ର - ଅଙ୍ଗ, ସୁମନା, ଖ୍ୟାତି, କ୍ରତୁ, ଅଙ୍ଗିରା ଓ ଗୟ । ଯମର କନ୍ୟା ସୁନୀଥା, ସେ ଅଙ୍ଗର ସ୍ତ୍ରୀ ଅଟେ । ଅଙ୍ଗ ଓ ସୁନୀଥାର ପୁତ୍ର ବେଣ । ମନୁ ବଂଶେ ବେଣ ମାତାମହ ଗୁଣରୁ ଦୁଷ୍ଟ ଅଟେ । ବେଣର ପୁତ୍ର ପୃଥୁ । ରାଜା ଅଙ୍ଗ ପତ୍ନୀ ସୁନୀଥା ଓ ପୁତ୍ର ବେଣକୁ ଛାଡ଼ି, ସଂସାର ମୋହ ଛାଡ଼ି ବୈରାଗୀ ହୋଇ ତପସ୍ୟା କରିବାକୁ ବନକୁ ଚାଲିଗଲେ ।

ଚତୁର୍ଦ୍ଦଶ ଅଧ୍ୟାୟରେ ରାଜା ବେଣଙ୍କ କଥା ବର୍ଣ୍ଣନା କରାଯାଇଛି । ବେଣ ଅତ୍ୟନ୍ତ ଅତ୍ୟାଚାରୀ ଓ ପ୍ରଜାପୀଡ଼କ ଥିଲେ ।

ପଞ୍ଚଦଶ ଅଧ୍ୟାୟରେ ବେଣ ଶରୀରକୁ ବିପ୍ରମାନେ ମନ୍ଥନ କରିବାରୁ ସ୍ତ୍ରୀ ଓ ପୁରୁଷ ଉଭୟ ଦେହରେ ପୃଥୁ ଓ ଅର୍ଚ୍ଚି ଜାତ ହେଲେ । ପୃଥୁ ରାଜା ଓ ତାଙ୍କ ପତ୍ନୀ ଅର୍ଚ୍ଚି ରାଣୀ । ପୃଥୁଙ୍କୁ କେଉଁ ଦେବତା କଣ ପ୍ରଦାନ କଲେ ତାହା ଏହି ଅଧ୍ୟାୟରେ ଉଲ୍ଲେଖ ।

ଷୋଡ଼ଶ ଅଧ୍ୟାୟରେ ବନ୍ଦୀଜନଙ୍କ ଦ୍ୱାରା ମହାରାଜ ପୃଥୁଙ୍କ ସ୍ତୁତିଗାନ ବିଷୟ ବର୍ଣ୍ଣନା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରାଯାଇଛି ।

ସପ୍ତଦଶ ଅଧ୍ୟାୟରେ ପୃଥୁଙ୍କର ପୃଥିବୀ ପ୍ରତି କୋପ ଏବଂ ପୃଥିବୀର ସ୍ତୁତି ବିଷୟ ବର୍ଣ୍ଣନା କରାଯାଇଛି ।

ଅଷ୍ଟାଦଶ ଅଧ୍ୟାୟରେ ପୃଥିବୀ ଦହନ ବିଷୟ ବର୍ଣ୍ଣନା କରାଯାଇଛି । ମହାରାଜ ପୃଥୁ ସ୍ୱାୟମ୍ଭୂବ ମନୁଙ୍କୁ ବାଛୁରୀ କରିଦେଲେ ଏବଂ ନିଜ ହାତରେ ପୃଥିବିରୂପୀ ଗାଇଠାରୁ ସବୁ ଧାନ୍ୟ (ଶସ୍ୟ ପ୍ରଦାୟକ ତୃଣ-ଗୁଳ୍ମ) ଦୁହିଁ ସଂଗ୍ରହ କଲେ । ଅନ୍ୟ ବିଜ୍ଞଜନମାନେ ମଧ୍ୟ ପୃଥୁଙ୍କ ପରି ସବୁଠାରୁ ସାର ଗ୍ରହଣ କରିଥାନ୍ତି; ତେଣୁ ସେମାନେ ମଧ୍ୟ ପୃଥୁଙ୍କ ଦ୍ୱାରା ଅନୁଶାସିତ ବସୁନ୍ଧରାଠାରୁ ନିଜ ନିଜ ଅଭୀଷ୍ଟ ବସ୍ତୁ ଦୋହନ (ସଂଗ୍ରହ) କରିନେଲେ । ଋଷି, ଦେବତା, ଦୈତ୍ୟ ଦାନବ, ଗନ୍ଧର୍ବ ଅପସରା, ପିତୃଗଣ, ସିଦ୍ଧ, କିମ୍ପୁରୁଷ, ଯକ୍ଷରାକ୍ଷସ, ଭୂତ-ପିଶାଚ, ପଶୁ, ବୃକ୍ଷ ସମସ୍ତେ ପୃଥିବୀରୂପୀ ଗାଇକୁ ଦୋହନ କଲେ ।

ଊନବିଂଶ ଅଧ୍ୟାୟରେ ମହାରାଜ ପୃଥୁଙ୍କର ଏକଶହ ଅଶ୍ୱମେଧ ଯଜ୍ଞ ସମାପନ ବିଷୟ ବର୍ଣ୍ଣନା କରାଯାଇଛି ।

ବିଂଶ ଅଧ୍ୟାୟରେ ପୃଥୁଙ୍କ ଯଜ୍ଞଶାଳାରେ ଶ୍ରୀବିଷ୍ଣୁଭଗବାନଙ୍କର ଆବିର୍ଭାବ ବିଷୟ ତଥା ସାଧୁଙ୍କ ଗୁଣ ଓ ପ୍ରକୃତି ବର୍ଣ୍ଣିତ ।

ଏ ଲୋକେ ସାଧୁ ଯେ ଅଟନ୍ତି । ସେ ଦ୍ରୋହ କର୍ମ ନ କରନ୍ତି । ।
ସାଧୁଙ୍କ ନାହିଁ ହିଂସା ଭାବ । ସମେ ଦେଖନ୍ତି ସର୍ବ ଜୀବ । ।
ଯେଣୁ ଏ ଦେହ ଆତ୍ମା ନୋହେ । ତେଣୁ ସେ ନ ପଡ଼ନ୍ତି ଦ୍ରୋହେ । ।

ଏହି ଅଧ୍ୟାୟର ଶ୍ଳୋକ ୫ ଠାରୁ ୧୩ ମଧ୍ୟରେ ଦେହ ଓ ଆତ୍ମା କିପରି ଭିନ୍ନ ତାହା ବର୍ଣ୍ଣନା କରାଯାଇଛି । ଏବଂ ଶ୍ଳୋକ ୧୪ରେ ରାଜାଙ୍କ ସୁଗୁଣ ଓ ଦୁର୍ଗୁଣ ବର୍ଣ୍ଣନା ହୋଇଛି ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଯଥା ଦୁର୍ଗୁଣ ବର୍ଣ୍ଣନରେ କୁହାଯାଇଛି -

ଯେ ରାଜା ପ୍ରଜାଙ୍କୁ ନ ପାଳେ । ଅଧର୍ମେ କର ନିଏ ବଳେ । ।
ସେ ରାଜା ନରକ ଭୁଞ୍ଜଇ । ତାହାର କାହିଁ ରକ୍ଷା ନାହିଁ । । ୪/୨୦/୧୪

ଏକବିଂଶ ଅଧ୍ୟାୟରେ ମହାରାଜ ପୃଥୁଙ୍କ ପକ୍ଷରୁ ପ୍ରଜାମାନଙ୍କୁ ଉପଦେଶ ଦେବା ବିଷୟ ବର୍ଣ୍ଣନା କରାଯାଇଛି । ପୃଥୁ ଏକ ଜ୍ଞାନଯଜ୍ଞ ସଭାର ମଧ୍ୟ ଆୟୋଜନ କରିଥିଲେ । ସେଥିରେ ଅନେକ ଋଷି, ଦେବତା ତଥା ରାଜର୍ଷି ଯୋଗ ଦେଲେ । ସେ ସେମାନଙ୍କର ଯଥାଯୋଗ୍ୟ ସମ୍ମାନ ସତ୍କାର କରି ଭଗବାନଙ୍କର ଗୁଣ ମହିମା ଗାନ ପୂର୍ବକ ଜ୍ଞାନବାଣୀ ବ୍ୟକ୍ତ କରି ସମସ୍ତଙ୍କର ମନ ମୋହିତ କରି ସମସ୍ତଙ୍କୁ ନିଜ ଜ୍ଞାନରେ ସନ୍ତୁଷ୍ଟ କରିଥିଲେ । ତାଙ୍କ ପିତା ଏତେ ବଡ଼ ପାପୀ ଥାଇ ନରକ ଭୋଗ କରୁଥିବା ସମୟରେ ନିଜ ପୁତ୍ରଙ୍କ ସୁକର୍ମରୁ, ନର୍କରୁ ଉଦ୍ଧାର ପାଇପାରିଥିଲେ । ପୃଥୁଙ୍କର ଏହି ମହାନ୍ ଗୁଣ ଯୋଗୁଁ ପ୍ରଜାମାନେ ତାଙ୍କୁ ପ୍ରାର୍ଥନା କରୁଥିଲେ ।

ଦ୍ୱାବିଂଶ ଅଧ୍ୟାୟରେ ମହାରାଜା ପୃଥୁଙ୍କୁ ସନକାଦିଙ୍କର ଉପଦେଶ ବିଷୟ ବର୍ଣ୍ଣନା କରାଯାଇଛି । ଅର୍ଥାତ୍ ପୃଥୁଙ୍କୁ ପ୍ରଜାମାନଙ୍କ ପ୍ରାର୍ଥନା ସମୟରେ ସେଠାରେ ସନକାଦି ଋଷି ପହଞ୍ଚିଲେ । ସେହି ମୁନିମାନଙ୍କୁ ଚିହ୍ନିପାରି ରାଜା ପୃଥୁ ତାଙ୍କୁ ସକଳ ପ୍ରକାର ସତ୍କାର କଲେ । ଏବଂ ତାଙ୍କ ମହିମା ବଖାଣି କହିଲେ ଯେ, ତାଙ୍କ ପରି ଅତିଥି ପାଇ ସେ ଧନ୍ୟ ହେଲେ ତଥା ଅତିଥି ସତ୍କାରର ସ୍ୱରୂପ ନିମ୍ନ ପ୍ରକାରେ ବ୍ୟକ୍ତ କଲେ -

ଯା ଗୃହେ ଅତିଥି ଆଗତ । ଭାବେ ପୂଜଇ ଶୁଦ୍ଧଚିତ୍ତ □ □
ବିଭବେ ପୂଜେ ବହୁବିଧେ । କାୟ ବଚନ ମନ ଶୁଦ୍ଧେ । ।
ବିଭବ ହୀନ ଯେବା ଜନ । ପୂଜିବ ଯେ ବିଧି ବିଧାନ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭୂମି ଉଦକ ତୃଣାସନେ । ବିନୟ କୋମଳ ବଚନେ ।। ୪/୨୨/୧୦

ଯା ଗୃହ ଗତେଣ ଅତିଥି । ସୁଖେ ଚରଣ ନ ଧୁଅନ୍ତି ।।

ତାର ଜୀବନ ଅକାରଣ । ବ୍ୟର୍ଥ ଆୟୁଷ ଯଶ ଗୁଣ ।। ୪/୨୨/୧୧

ଶ୍ରୀ ସନତ୍ କୁମାର ଜ୍ଞାନ ଉପଦେଶ ପ୍ରଦାନ ପୂର୍ବକ କହିଲେ ଯେ, ଦେହ ପ୍ରତି ଅତ୍ୟନ୍ତ ବିରାଗ ତଥା ନିଜର ଆତ୍ମସ୍ୱରୂପ ନିର୍ଗୁଣ ବ୍ରହ୍ମ ପ୍ରତି ସୁଦୃଢ଼ ଅନୁରାଗ ରଖିବା ହିଁ ହେଉଛି ସକଳ କଲ୍ୟାଣର ଉପାୟ ।

ଚିତ୍ତ ବିଶୁଦ୍ଧ ଯାର ନାହିଁ । ତାର ବୈରାଗ୍ୟ ଜ୍ଞାନ କାହିଁ ।। ୪/୨୨/୨୧

ଯିଏ ଅଜ୍ଞାନ ଅନ୍ଧକାରରୁ ଉଦ୍ଧାର ପାଇବାକୁ ଚାହାନ୍ତି, ସେ କଦାପି ବିଷୟାସକ୍ତି ରଖିବା ଉଚିତ ନୁହେଁ । ବିଷୟାସକ୍ତି ଧର୍ମ, ଅର୍ଥ, କାମ ଓ ମୋକ୍ଷ ପ୍ରାପ୍ତିରେ ବିରାଟ ପ୍ରତିବନ୍ଧକ ହୋଇ ଠିଆ ହୁଏ । ଚତୁଃବର୍ଗ - ଧର୍ମ, ଅର୍ଥ, କାମ ଓ ମୋକ୍ଷ । ଏଗୁଡ଼ିକ ମଧ୍ୟରେ ମୋକ୍ଷ ଶ୍ରେୟ ।

ଧର୍ମାର୍ଥ କାମ ମୋକ୍ଷ ଭଙ୍ଗ । କରଇ ସେ ପାପିଷ୍ଠ ସାଙ୍ଗ ।।

କୁସଙ୍ଗେ ସର୍ବନାଶ ହୁଏ । ପଡ଼ଇ ମିଥ୍ୟା ମାୟାମୋହେ ।। ୪/୨୨/୩୪

ପୃଥୁଙ୍କୁ ଦିବ୍ୟଜ୍ଞାନ ପ୍ରଦାନ କରି ସନକାଦି ଋଷି ଫେରିଗଲେ । ସେମାନଙ୍କ ଉପଦେଶ ପାଇ ପୃଥୁ ଆତ୍ମନିଷ୍ଠାରେ ପ୍ରତିଷ୍ଠିତ ହୋଇ ସକଳ କର୍ତ୍ତବ୍ୟ ଯଥୋଚିତ ରୀତିରେ ଅନୁଷ୍ଠାନ କରି ନିଜ ଭାର୍ଯ୍ୟା ଅର୍ଚ୍ଚିଙ୍କ ଗର୍ଭରୁ ନିଜର ଅନୁରୂପ ୫ଟି ପୁତ୍ର ଉତ୍ପନ୍ନ କରିଥିଲେ । ସେମାନଙ୍କର ନାମ ଥିଲା ବିଜିତାଶ୍ୱ, ଧୂମ୍ରକେଶ, ହର୍ଯ୍ୟକ୍ଷ, ଦ୍ରବିଣ ଓ ବୃକ । ଏହି ଅଧ୍ୟାୟର ଶ୍ଳୋକ ୫୪ ଠାରୁ ୭୨ ମଧ୍ୟରେ ପୃଥୁଙ୍କ ମହିମା ଗାନ ବର୍ଣ୍ଣନା କରାଯାଇଛି ।

ତ୍ରୟୋବିଂଶ ଅଧ୍ୟାୟରେ ରାଜା ପୃଥୁଙ୍କ ତପସ୍ୟା ଓ ପରଲୋକଗମନ ବିଷୟ ବର୍ଣ୍ଣନା କରାଯାଇଛି । ସେ ବନଗମନ କରି ଖରା, ଶୀତ, ବର୍ଷା ଖାଇ ତପସ୍ୟା କଲେ । ପତ୍ନୀ ଅର୍ଚ୍ଚି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଧ୍ୟ ତାଙ୍କ ସହ ବନ ଗମନ କରିଥିଲେ । ଶେଷ ସମୟରେ ସ୍ୱାମୀଙ୍କ ଦେହତ୍ୟାଗ ହେବାରୁ ସେ ମଧ୍ୟ ସ୍ୱାମୀଙ୍କ ଚିତାଗ୍ନିରେ ପ୍ରବେଶ କରିଯାଇଥିଲେ ।

ଚତର୍ବିଂଶ ଅଧ୍ୟାୟରେ ପୃଥୁଙ୍କ ବଂଶପରମ୍ପରା ଓ ପ୍ରଚେତାମାନଙ୍କୁ ଭଗବାନ୍ ରୁଦ୍ରଙ୍କ ଉପଦେଶ ବିଷୟ ବର୍ଣ୍ଣନା କରାଯାଇଛି । ପୃଥୁଙ୍କ ୫ ପୁତ୍ର – ହର୍ଯ୍ୟକ୍ଷ (ପୂର୍ବଭାଗ ନୃପତି), ଧୂମ୍ରକେଶ (ଦକ୍ଷିଣ ଦିଗ ରାଜା), ବୃକ (ପଶ୍ଚିମଭାଗ) ଦ୍ରବିଣ (ଉତ୍ତର ଦିଗ ରାଜା), ବିଜିତାଶ୍ୱ – ଜ୍ୟେଷ୍ଠ ପୁତ୍ର ରାଜଗାଦି ଅଧିଷ୍ଠ ହେଲେ । ବିଜିତାଶ୍ୱଙ୍କ ଅନ୍ୟନାମ ଅନ୍ତର୍ଦ୍ଧାନ ଯାହା ଇନ୍ଦ୍ର (ମେଘବାନ) ଦେଇଥିଲେ । ପ୍ରଚେତସ ଦଶଭାଇ ଚରିତ ଏହି ଅଧ୍ୟାୟରେ ବର୍ଣ୍ଣିତ ।

ପଞ୍ଚବିଂଶ ଅଧ୍ୟାୟରେ ପ୍ରଚେତସ ଦଶ ଭାଇଙ୍କ କଠୋର ତପ ଆଚରଣ ତଥା ପୁରଞ୍ଜନ ଉପାଖ୍ୟାନ ଉପକ୍ରମ ବର୍ଣ୍ଣିତ । ପୁରଞ୍ଜନ ଜଣେ ଯଶସ୍ୱୀ ରାଜା ଥିଲେ । ସର୍ବଦା ସୁଖ ସମ୍ଭୋଗ ବିଳାସରେ ଲିପ୍ତ ରହୁଥିଲେ । ବିଭିନ୍ନ ଭୋଗରେ ରହିବାକୁ ଖୋଜି ବୁଲୁ ବୁଲୁ ଶେଷରେ ସେ ହିମାଳୟର ଦକ୍ଷିଣ ଭାଗରେ ଗୋଟିଏ ନବଦ୍ୱାରବିଶିଷ୍ଟ ନଗରରେ ରହିଲେ । ସେହି ନଗରୀ ସମସ୍ତ ପ୍ରକାର ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ ଥିଲା । ଦିନେ ସେ ସେହି ନଗରୀରେ ବୁଲୁ ବୁଲୁ ଜଣେ ଦିବ୍ୟ ସୁନ୍ଦରୀ ରମଣୀକୁ ଦେଖିବାକୁ ପାଇଲେ । ସେହି ରମଣୀର ପରିଚୟ ମାଗିଲେ ଏବଂ ତାଙ୍କ ସହ ଥିବା ୧୧ ଜଣ ସେବକ ଓ ସଖୀମାନେ ତଥା ତାଙ୍କ ଆଗେ ଆଗେ ଚାଲୁଥିବା ସର୍ପଟି କିଏ ବୋଲି ପଚାରିଲେ । ଶେଷରେ ଉଭୟେ ଉଭୟଙ୍କୁ ଭଲ ପାଇଲେ । ଏବଂ ରମଣୀ ଜଣକ କହିଲେ ଯେ ସେ କିଏ ସେ ନିଜେ ବି ଜାଣେନା । ସେ ପୁରୁଷମାନେ ତାର ସଖା ଓ ସ୍ତ୍ରୀମାନେ ସଖୀ । ସେ ଯେତେବେଳେ ଶୋଇଯାଏ ସାପଟି ଜାଗ୍ରତ ରହି ସେହି ପୁରୀ(ନଗରୀ)କୁ ରକ୍ଷା କରେ । ସେ ରମଣୀ କହୁଥିଲେ, "ଆପଣ ଭୋଗ ଇଚ୍ଛୁକ, ତେଣୁ ମୁଁ ସକଳ ପ୍ରକାର ଭୋଗ ତୁମକୁ ଯୋଗାଇଦେବି ।"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏହି ଅଧ୍ୟାୟର ଶ୍ଲୋକ ୪୫ ଠାରୁ ୫୪ ମଧ୍ୟରେ ନଗରର ବିଭିନ୍ନ ଦ୍ୱାର ବିଷୟରେ ବର୍ଣ୍ଣନା ହୋଇଛି । ତାହା ଶରୀରତତ୍ତ୍ୱ ତଥା ଶରୀରର ବିଭିନ୍ନ ଦ୍ୱାର ଓ ସେ ଗୁଡ଼ିକର କାର୍ଯ୍ୟକଳାପ ସହ ତୁଳନାତ୍ମକ ବର୍ଣ୍ଣିତ ।

ଷଡ୍‌ବିଂଶ ଅଧ୍ୟାୟରେ ଶିକାର କରିବା ଲାଗି ରାଜା ପୁରଞ୍ଜନଙ୍କର ବନଗମନ ଓ ରାଣୀଙ୍କର କ୍ରୋଧ୍ୟ ବିଷୟ ବର୍ଣ୍ଣନ । ପରିଶେଷରେ ପୁରଞ୍ଜନ ସୁନ୍ଦରୀ ରମଣୀକୁ ମନେଇ ସନ୍ତୁଷ୍ଟି କରିବାରେ ସକ୍ଷମ ।

ସପ୍ତବିଂଶ ଅଧ୍ୟାୟରେ ପୁରଞ୍ଜନପୁରୀ ଉପରେ ଚଣ୍ଡବେଗର ଆକ୍ରମଣ ତଥା କାଳକନ୍ୟା ଚରିତ ବର୍ଣ୍ଣନ । ପୁରଞ୍ଜନ ଅତି ଆନନ୍ଦରେ ସୁନ୍ଦରୀ ରମଣୀ ସହ ଦିନ ବିତାଇ ଅସଂଖ୍ୟ ପୁତ୍ର-ପୌତ୍ରାଦି ଲାଭ କଲେ । ଏହିପରି ନିଜ ଜୀବନର ଅର୍ଦ୍ଧେକ ଆୟୁ ବିତିଗଲା । ଚଣ୍ଡବେଗ ନାମକ ଜଣେ ଗନ୍ଧର୍ବରାଜ ପୁରଞ୍ଜନଙ୍କ ନଗରୀକୁ ଆକ୍ରମଣ କରିବାକୁ ଆସନ୍ତେ ସେଠାରେ ଥିବା ପ୍ରଜାଗର ନାମକ ପାଫଣିଆ ସର୍ପ ପ୍ରତିରୋଧ କଲା । ସେ ସର୍ପ ଶହେ ବର୍ଷ ଏକାକୀ ସାତଶହ କୋଡ଼ିଏ ଗନ୍ଧର୍ବଗନ୍ଧର୍ବୀଙ୍କ ସହ ଲଢ଼ି ଚାଲିଲା । ଶେଷରେ କ୍ଷୀଣ ହୋଇଗଲା । ଏହି ଅଧ୍ୟାୟର ଶେଷ ଭାଗରେ କାଳକନ୍ୟା ବିଷୟରେ ମଧ୍ୟ ବାର୍ଣ୍ଣନା କରାଯାଇଛି ।

ଅଷ୍ଟବିଂଶ ଅଧ୍ୟାୟରେ ପୁରଞ୍ଜନଙ୍କର ନାରୀଜନ୍ମ ଲାଭ ଏବଂ ଅବିଜ୍ଞାତଙ୍କ ଉପଦେଶ ଫଳରେ ତାଙ୍କର ମୁକ୍ତି ବିଷୟ ବର୍ଣ୍ଣିତ ।

ରାଜା ପୁରଞ୍ଜନଙ୍କୁ କାଳକନ୍ୟା ଅର୍ଥାତ୍ ଜରା ଗ୍ରାସିଲା । ସେ କ୍ଷୀଣ ହୋଇଗଲେ । ତାଙ୍କର ସମସ୍ତ ଜ୍ଞାତିକୁଟୁମ୍ବ ଧ୍ୱଂସ ହେବାକୁ ଲାଗିଲେ । ସେ ଯେଉଁମାନଙ୍କୁ ପୀଡ଼ା ଦେଇଥିଲେ, ସେମାନେ ସମସ୍ତେ ଏବେ ପ୍ରତିଶୋଧ ନେଲେ । ଶେଷରେ ଇହଲୀଳା ତ୍ୟାଗ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କଲେ । ତାଙ୍କର ପୂର୍ବ ବୃତ୍ତାନ୍ତ ଜାଣିପାରିଲେ । ସେ କିଏ ? ନଗରୀଟି କଣ ଥିଲା ? ଏ ସବୁ ବିଷୟ ଜାଣି ପାରିଲେ ।

ଊନତ୍ରିଂଶ ଅଧ୍ୟାୟରେ ପୁରଞ୍ଜନ ଉପାଖ୍ୟାନର ତାତ୍ପର୍ଯ୍ୟ ଦର୍ଶାଯାଇଛି । ନବଦ୍ୱାର - ନୟନ(୨), ମୁଖ ବା ତୁଣ୍ଡ(୧), ନାସା ପୁଡ଼ା(୨), - ପୂର୍ବଦିଗ ପଞ୍ଚଦ୍ୱାର; ଉତ୍ତର ଦୁଇ ଦ୍ୱାର – କାନ ଦୁଇ, ପଶ୍ଚିମ ୨ ଦ୍ୱାର – ଲିଙ୍ଗ ଓ ଗୁହ୍ୟଦ୍ୱାର । ଆଖି ଦୁଇ– ଖଦ୍ୟୋତା ଆବିର୍ମୁଖୀ, ନାକପୁଡ଼ା ଦୁଇ- ନଳିନୀ ଓ ନାଳିନୀ, ବଦନ- ମୁଖ୍ୟଦ୍ୱାର (ପାଟି କାନ ଦୁଇ - ପିତୃହୁ (ପ୍ରବୃତ୍ତି) ଓ ଦେବହୁ (ନିବୃତ୍ତି), ଲିଙ୍ଗ - ଆସୁରୀ ଦ୍ୱାର (ଦୁର୍ମୁଦ - ମୁତ୍ରଶିରା, ବ୍ୟବାୟ – ବୀର୍ଯ୍ୟନାଳୀ, ଗୁହ୍ୟଦ୍ୱାର - ନିର୍‌ର୍ତ, ଏହା ବୈଶସ ନର୍କ । ପାଦଦ୍ୱୟ - ଆଦାନ ପାଦନ, ହୃଦୟପଦ୍ମ – ବସିବା ଆସନ, ଚକ୍ର ଦୁଇ - ପାପ ଓ ପୂଣ୍ୟ, ଧ୍ୱଜ – ତ୍ରିଗୁଣ – ସତ୍ତ୍ୱ, ରଜ ଓ ତମ, ବୁଦ୍ଧି – ସାରଥି, ମନ - ରଶ୍ମି ।

ଦେହାଭିମାନୀ ଜୀବ ଅଜ୍ଞାନରେ ଅଚ୍ଛାଦିତ ହୋଇ ଅନେକ ପ୍ରକାର ଆଧିଭୌତିକ, ଆଧ୍ୟାତ୍ମିକ ଓ ଆଧିଦୈବିକ କଷ୍ଟ ଭୋଗି ଭୋଗି ଶହେ ବର୍ଷ ପର୍ଯ୍ୟନ୍ତ ମନୁଷ୍ୟ ଶରୀର ଭିତରେ ରହେ । ବିଷୟ ବସ୍ତୁକୁ ଚିନ୍ତନ କରି କରି ସାତ୍ତ୍ୱିକ, ରାଜସ ଓ ତାମସ କର୍ମ କରେ ତଥା ସେହି ସବୁ କର୍ମ ଅନୁସାରେ ଭିନ୍ନ ଭିନ୍ନ ଯୋନିରେ ଜନ୍ମ ନିଏ । ତେଣୁ ଭାଗବତରେ ଅଛି -

ସାତ୍ତ୍ୱିକ କର୍ମ ଯେବେ କରେ । ଅଧିକ ପ୍ରକାଶ ଲୋକରେ । ।
ଏ ତିନିଲୋକେ ଯଶ ତାର । ଗାବନ୍ତି ଦେବାସୁର ନର । ।
ରାଜସ କର୍ମ ଯେ କରନ୍ତି । ଆଦ୍ୟରେ ସୁଖ ସେ ଲଭନ୍ତି । ।
ପଶ୍ଚାତେ ଲଭେ ବହୁ ଦୁଃଖ । ଏ ଭାବ ନ ଜାଣେ ମୁରୁଖ । ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତାମସ କର୍ମର ଯେ ଫଳ । ସେ ଶୋକ ଦୁଃଖ ମୋହ ଆଳ ।। ୪/୨୯/୨୮

ସ୍ୱପ୍ନାବସ୍ଥାରେ ନିଜର ମନୋମୟ ଲିଙ୍ଗଶରୀର ଧରି ବିଚରଣ କରୁଥିବା ପ୍ରାଣୀକୁ କୌଣସି ଦୃଶ୍ୟପଦାର୍ଥ ନ ଥାଇ ମଧ୍ୟ ଥିଲା ପରି ଲାଗେ, ଅଜ୍ଞାନ ନିଦ୍ରା ନ ଭାଙ୍ଗିବା ପର୍ଯ୍ୟନ୍ତ, ଥିବା ପରି ପ୍ରତୀୟ ହୁଏ; ଏହିପରି ଭ୍ରମ ଜୀବକୁ ଜନ୍ମ-ମରଣରୂପ ସଂସାରରୁ ମୁକ୍ତି ମିଳେ ନାହିଁ ।

ଯାବତ ଆତ୍ମଜ୍ଞାନ ନାହିଁ । ସଂସାରେ ନିବୃତ୍ତି ତା କାହିଁ ।। ୪/୨୯/୩୫
ଯାବତ କୃଷ୍ଣ ନ ଭଜଇ । ତାବତ ଜୀବ ଗତି କାହିଁ ।।
ଯେବେ ଭକତି ଯୋଗେ ନର । ଭଜଇ ଗୋବିନ୍ଦ ପୟର ।।
ତେବେ ବୈରାଗ୍ୟ ଜ୍ଞାନ ଜାତ । ପ୍ରକାଶି ନାଶଇ ଦୁରିତ ।। ୪/୨୯/୩୭

ବୈଦିକ କର୍ମ ପରମାର୍ଥକୁ ସ୍ପର୍ଶ କରିପାରେ ନାହିଁ, କେବଳ ଅଜ୍ଞାନ ହେତୁ ହିଁ ଏସବୁ ପରମାର୍ଥ ପରି ପ୍ରତୀୟମାନ ହୁଏ ।

ରୁଚି ନିମନ୍ତେ କର୍ମଫଳ । କର୍ମ ବିନାଶେ ଜ୍ଞାନବଳ ।।
ମଳିନବୁଦ୍ଧି ଯେବା ହୋନ୍ତି । ସେମାନେ ବେଦ କର୍ମ ଚିନ୍ତି ।।
ଅଜ୍ଞାନୀ ବୋଲି ତାଙ୍କୁ ଜାଣ । ସେ ଆତ୍ମା ନ କଲେ ପ୍ରମାଣ ।। ୪/୨୯/୪୭
ଜ୍ଞାନୀଙ୍କ ମଧ୍ୟେ ସେହୁ ବର । ଯେ ହରିକର୍ମେ ତତପର ।।
ଯଜ୍ଞାଦି ଦାନ ପୁଣ୍ୟ ସେହି । ଯେବେ ଜୀବରେ ଦୟା ବହି ।।
ସର୍ବ ଭୂତରେ ଆତ୍ମା ହରି । ପ୍ରକୃତି ସ୍ୱରୂପେ ବିହରି ।।
ସେ ଏକ ଆତ୍ମା ବେନି ଅଂଶ । ପ୍ରକୃତି ଭେଦେ ବହୁ ଦୃଶ୍ୟ ।। ୪/୨୯/୪୯
ସର୍ପାଗ୍ନି ସ୍ତିରୀ ଯେ ଦୁର୍ଜନ । ବିଶ୍ୱାସ ନ ଯିବ ଏମାନ ।। ୪/୨୯/୫୪

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତ୍ରିଂଶ ଅଧ୍ୟାୟରେ ପ୍ରାଚୀନବର୍ହିଙ୍କ ପୁତ୍ରଗଣ ପ୍ରଚେତସ ଦଶ ଭାଇ ଭଗବାନଙ୍କୁ ସନ୍ତୁଷ୍ଟି କରିଥିବାରୁ ଭଗବାନ ସେମାନଙ୍କ ନିକଟରେ ଆବିର୍ଭାବ ହେଲେ । କଣ୍ଡୁଋଷିଙ୍କ ବୀର୍ଯ୍ୟରୁ ପ୍ରମ୍ଲୋଚା ସୁନ୍ଦରୀଙ୍କ ଗର୍ଭରୁ ଯେଉଁ କନ୍ୟା ଜାତ ହେଲା ତାକୁ ବୃକ୍ଷ ତଳେ ଛାଡ଼ି ଦେଲେ । ଚନ୍ଦ୍ର ଅଙ୍ଗୁଳି ଚୋଷ୍ୟ କରାଇ କ୍ଷୀର ପୂର୍ବକ ଖାଦ୍ୟ ଦାନ କଲେ । ପ୍ରଚେତସ ଭାଇଗଣ ଭଗବାନଙ୍କୁ ସ୍ତୁତି କଲେ । ତା ପରେ ଭଗବାନ ଅନ୍ତର୍ଦ୍ଧାନ ହୋଇଗଲେ । ସେତେବେଳେ ପ୍ରଳୟ ସ୍ୱରୂପ ଦୃଶ୍ୟ ଦେଖିବାକୁ ପାଇଲେ । ବ୍ରହ୍ମାଙ୍କ ନିର୍ଦ୍ଦେଶ କ୍ରମେ ପୂର୍ବୋକ୍ତ ପ୍ରମ୍ଲୋଚା କନ୍ୟା ମାରିଷାକୁ ପ୍ରଚେତସ ଦଶ ଭାଇ ବାହାହେଲେ । ମହାଦେବଙ୍କୁ ଅବଜ୍ଞା କରିବା ପରିଣାମରେ ବ୍ରହ୍ମାଙ୍କ ପୁତ୍ର ଦକ୍ଷ ତାଙ୍କର ପୂର୍ବ ଶରୀର ତ୍ୟାଗ କରି ମାରିଷାଙ୍କ ଗର୍ଭରୁ ଜନ୍ମ ହେଲେ । ସେ କର୍ମକୁଶଳୀ ଦକ୍ଷ ଥିବାରୁ ତାଙ୍କ ନାମ ଦକ୍ଷ ହେଲା । ବ୍ରହ୍ମା ତାଙ୍କୁ ସୃଷ୍ଟି ରକ୍ଷା କାମରେ ଲଗାଇଦେଲେଏବଂ ସେ ମରୀଚି ଆଦି ଅନ୍ୟ ପ୍ରଜାପତିମାନଙ୍କୁ ସେମାନଙ୍କର ନିଜ ନିଜ କାର୍ଯ୍ୟରେ ନିଯୁକ୍ତି କଲେ ।

ଏକତ୍ରିଂଶ ଅଧ୍ୟାୟରେ ପ୍ରଚେତାମାନଙ୍କୁ ନାରଦଙ୍କର ଉପଦେଶ ଓ ସେମାନଙ୍କର ପରମପଦ ଲାଭ ବିଷୟ ବର୍ଣ୍ଣନା କରାଯାଇଛି । ଦଶଲକ୍ଷ ବର୍ଷ ବିତିଯିବା ପରେ ପଚେତାମାନଙ୍କର ବିବେକ ଉଦୟ ହେଲାରୁ ସେମାନେ ଭଗବାନଙ୍କର ବାଣୀ ସ୍ମରଣ କଲେ ଏବଂ ଭାର୍ଯ୍ୟା ମାରିଷାଙ୍କୁ ପୁତ୍ର ପାଖରେ ଛାଡ଼ିଦେଇ ଅବିଳମ୍ବେ ଘର ଛାଡ଼ି ଚାଲିଗଲେ । ସେମାନେ ଯାଇ ଜାଜଳି ମୁନି ସିଦ୍ଧି ଲାଭ କରିଥିବା ସ୍ଥାନରେ ପହଞ୍ଚିଲେ । ପ୍ରାଣ, ମନ ବାଣୀ ଓ ଦୃଷ୍ଟିକୁ ବଶ କରି, ତଥା ଶରୀରକୁ ନିଶ୍ଚେଷ୍ଟ, ସ୍ଥିର ଏବଂ ସଳଖ ରଖି, ଆସନ ଜୟ କରି ଚିତ୍ତକୁ ବିଶୁଦ୍ଧ ପରଂବ୍ରହ୍ମରେ ଲୀନ କରିଦେଲେ । ଏହି ସ୍ଥିତିରେ ଥିବାବେଳେ ସେମାନଙ୍କୁ ଦେବତା ଓ ଅସୁର ଉଭୟଙ୍କର ବନ୍ଦନୀୟ ନାରଦ ଦେଖିବାକୁ ପାଇଲେ । ପ୍ରଚେତାଗଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନାରଦଙ୍କୁ ସାଦର ସତ୍କାର ଅଭ୍ୟର୍ଥନା କଲେ । ତା ପରେ ନାରଦ ତାଙ୍କୁ ତତ୍ତ୍ୱଜ୍ଞାନ ପ୍ରଦାନ କଲେ । ଏହି ଜ୍ଞାନ ଉପଦେଶକୁ ପାଥେୟ କରି ସେମାନେ ପରମପଦ ଲାଭ କଲେ ।

ଇତି ଶ୍ରୀମଦ୍ଭାଗବତେ ମହାପୁରାଣେ ପାରମହଂସ୍ୟାଂ ସଂହିତାୟାଂ ବୈୟାସିକ୍ୟାଂ ସର୍ବେଷାମ୍ ଅଧ୍ୟାୟନାମ୍ ସାରସଂଗ୍ରହ ବିଶ୍ଳେଷଣ ଚିତି ସମାପ୍ତଃୟମ୍ ଚତୁର୍ଥ ସ୍କନ୍ଧଃ ।

ଭୀମସ୍ୟାପି ରଣେ ଭଙ୍ଗୋ ମୁନେରପି ମତିଭ୍ରମଃ ।
ଯଦି ଶୁଦ୍ଧମଶୁଦ୍ଧଂ ବା ମମ ଦୋଷୋ ନ ବିଦ୍ୟତେ । ।
ତ୍ୱଦୀୟଂ ବସ୍ତୁ ଗୋବିନ୍ଦ ତୁଭ୍ୟମେବ ସମର୍ପୟେ ।
ତେନ ତ୍ୱଦଂଘ୍ରିକମଳେ ରତିଂ ମେ ଯଚ୍ଛ ଶାଶ୍ୱତମ୍ । ।
ମନ୍ତ୍ରହୀନଂ. କ୍ରିୟାହୀନଂ, ଭକ୍ତିହିନଂ ସୁରେଶ୍ୱର ।
ଯତ୍ ପୂଜିତଂ ମୟାଦେବ ! ପରିପୂର୍ଣ୍ଣଂ ତଦସ୍ତୁମେ । ।
ଯଦକ୍ଷରପଦଭ୍ରଷ୍ଟଂ, ମାତ୍ରାହୀନଂ ଚ ଯଦ୍ ଭବେତ୍ ।
ତତ୍ସର୍ବଂ କ୍ଷମ୍ୟତାଂ ଦେବ ! ପ୍ରସୀଦ ପରମେଶ୍ୱର । ।

କ୍ରମଶଃ - - - - - - -

। ହରି ଓଁ ତତ୍ ସତ୍ ।

ସୁବର୍ଣ୍ଣପୁର, ଜରଡ଼ାଗଡ,ଗଞ୍ଜାମ
ମୋବାଇଲ୍ ନଂ – ୬୩୭୨୧୦୩୭୭୩୫
ଇମେଲ୍ : sahadeva.pradhan04@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅପରିଚିତ କୋଣାର୍କ

କୋଣାର୍କ କହିଲେ ଅଧିକାଂଶ ମଣିଷ ଭାବିଥାନ୍ତି ଅସଂଖ୍ୟ ଦୃଷ୍ଟିନନ୍ଦନ ଭାସ୍କର୍ଯ୍ୟ, ଯୌନ ଚର୍ଚ୍ଚାର ଉନ୍ମୁକ୍ତ ପ୍ରଦର୍ଶନୀ ଏବଂ ଅସୁମାରୀ କିମ୍ବଦନ୍ତୀର ଗନ୍ତା-ଘର । କେହି ଚିନ୍ତା କରିବାକୁ ମଧ୍ୟ ଚାହାନ୍ତି ନାହିଁ ଏ ବିଶାଳ ସୃଷ୍ଟି ପଛରେ କୌଣସି ଉଚ୍ଚତର ଚିନ୍ତା ଅଥବା ମହତ ଦର୍ଶନ କାର୍ଯ୍ୟ କରିଥିଲା କି ? ଅବଶ୍ୟ କରିଥିଲା; ଯାହା ସମସ୍ତ ଇଚ୍ଛାପୂରଣ ମହନୀୟତା ଠାରୁ ମହାନ !

ଯେବେ କେବଳ ଦୃଷ୍ଟିନନ୍ଦନ ଭାସ୍କର୍ଯ୍ୟ ପ୍ରଦର୍ଶନର ରାଜଇଚ୍ଛା ଥିଲା ତେବେ ତାହା ଗୋଟିଏ ପ୍ରରଦର୍ଶନୀ କକ୍ଷରେ ଅଥବା ରାଜପ୍ରାସାଦରେ ରଖାଯାଇ ପାରନ୍ତା; ମନ୍ଦିରଗାତ୍ରରେ କାହିଁକି ? ମନ୍ଦିର ଅର୍ଥାତ ଦେବାଳୟ – ଦେବତାଙ୍କ ଆଳୟ । ସେଠାକାର ସମସ୍ତ କ୍ରିୟା କାଣ୍ଡ ଅଧୀଷ୍ଠିତ ଦେବତାଙ୍କ ମହିମା ପ୍ରକଶ ପାଇଁ ନିୟୋଜିତ ହେବା ସ୍ୱାଭାବିକ । ଏ ଶିଳ୍ପ ସେଇ କାର୍ଯ୍ୟଟି କିପରି କରୁଥିଲା ? ଆଉ ଗୋଟିଏ ପ୍ରଶ୍ନ ମଧ୍ୟ ଏକାଧିକ ବ୍ୟକ୍ତିଙ୍କୁ ଚିନ୍ତିତ କରାଇଛି: ଯେତେବେଳେ ସମଗ୍ର କଳିଙ୍ଗ ଜଗନ୍ନାଥ ଭକ୍ତିରେ ଉଦ୍ବେଳ ଥିଲା; ଯେତେବେଳେ ଜଗନ୍ନାଥ ଗଙ୍ଗ ବଂଶର କୁଳଦେବତା; ସେତେବେଳେ ସେଇ ବଂଶର ଉଜ୍ଜ୍ୱଳତମ ନରପତି ପ୍ରଥମ ନରସିଂହଦେବ ଅସୁମାରୀ ଅର୍ଥ ବ୍ୟୟ କରି କାହିଁକି ଏପରି ଏକ ମନ୍ଦିର ନିର୍ମାଣ କଲେ ଯାହା ତାଙ୍କ କୁଳଦେବତାଙ୍କ ମନ୍ଦିର ଠାରୁ ଅନେକ ଉଚ୍ଚ,



ଅନିଲ ଦେ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ସେ ସମୟର ସମସ୍ତ ମନ୍ଦିରଠାରୁ ଅଧିକ ସୁନ୍ଦର ଏବଂ ସେଥିରେ ପ୍ରତିଷ୍ଠା କଲେ ସୂର୍ଯ୍ୟଙ୍କୁ ଯାହାଙ୍କର ଅନୁଗାମୀ ସେତେବେଳେ କୋଣାର୍କ ନିକଟସ୍ଥ କେତୋଟି ମଗି-ବ୍ରାହ୍ମଣ ବସ୍ତିରେ ସୀମିତ ଥିଲା (୧) ?

ଏ ସମସ୍ତ ପ୍ରଶ୍ନର ଉତ୍ତର ପାଇବାକୁ ସେ ସମୟର ଇତିହାସରେ ପ୍ରବେଶ କରିବାକୁ ପଡିବ ଏବଂ ବୁଝିବାକୁ ପଡିବ ନରସିଂହ ଚରିତ୍ର । ଏ ମନ୍ଦିର ତ୍ରୟୋଦଶ ଶତାବ୍ଦୀର ସୃଷ୍ଟି । ସେ ସମୟରେ କେବଳ ଓଡିଶା ତଥା କଳିଙ୍ଗ ନୁହେଁ, ସମଗ୍ର ଭାରତବର୍ଷ ଥିଲା ତିନୋଟି ଧର୍ମମତରେ କଳହରତ - ବୈଷ୍ଣବ, ଶୈବ ଓ ଶାକ୍ତ । ସେ କଳହକୁ ଶକ୍ତି ଯୋଗାଉଥିଲା ରାଜ -ଅନୁଗ୍ରହ ଅଥବା ତାହାର ଅଭାବ । ଚୋଡ଼ଗଙ୍ଗଦେବ ଦକ୍ଷିଣରୁ ଆସି ଓଡିଶା ଜୟ କରିଥିଲେ ୧୧୧୨ ଖ୍ରୀଷ୍ଟାବ୍ଦରେ । ଗଙ୍ଗମାନେ ବଂଶାନୁକ୍ରମେ ଶିବ ଭକ୍ତ ଥିଲେ କିନ୍ତୁ ବିଚକ୍ଷଣ ଚୋଡ଼ଗଙ୍ଗ ଦେଖିଲେ ଓଡ଼ିଆଙ୍କୁ ଶାସନ କରିବାକୁ ହେଲେ ଜଗନ୍ନାଥଙ୍କର ଚରଣାଶ୍ରିତ ହେବାକୁ ପଡିବ । ସେ ଶୈବଧର୍ମ ତ୍ୟାଗକରି ବୈଷ୍ଣବ ହୋଇଗଲେ ଏବଂ ଆଜି ଆମେ ଦେଖୁଥିବା ବଡ଼ଦେଉଳ ତୋଳିବାକୁ ଲାଗିଲେ (ଶେଷ କରିଥିଲେ ଅନଙ୍ଗଭୀମଦେବ) । ଚୋଡଗଙ୍ଗଦେବ କେବଳ ଏତିକିରେ କ୍ଷାନ୍ତ ହେଲେନାହିଁ; ମାଦଳାପାଞ୍ଜିର ଗୋଟିଏ ଲିଖନ ଅନୁଯାୟୀ, କେବଳ ବିରଜାଙ୍କୁ ଛାଡି ଅନ୍ୟ ସମସ୍ତ ଶକ୍ତିପୀଠ ବନ୍ଦ କରିଦେବାକୁ ଚାହିଁଥିଲେ କିନ୍ତୁ ରାଜନୈତିକ ବିବେଚନରୁ କିଛି ପଛେଇ ଗଲେ । ତଥାପି ପରବର୍ତୀ ଗଙ୍ଗ ନୃପତିମାନେ ଶକ୍ତି ପୂଜାର ସ୍ୱାଧୀନତା ଏବଂ ପ୍ରାଧାନ୍ୟ ଖର୍ବ କରିବାକୁ ଚେଷ୍ଟିତ ଥିଲେ (୨) ଇତିହାସ କହୁଛି ଗଙ୍ଗ ଆଗମନ ପୂର୍ବେ ପ୍ରାୟ ୪୦୦ ବର୍ଷ, ପ୍ରଥମେ ଭୌମ ଏବଂ ତାହାପରେ ସୋମବଂଶୀ ରାଜାମାନେ ଶିବ ଏବଂ ଶକ୍ତି ପୂଜାର ବିପୁଳ ସମର୍ଥକ ଥିଲେ(୩) । ସ୍ୱାଭାବିକ, ଚୋଡ଼ଗଙ୍ଗ ଏବଂ ତାଙ୍କର ଦାୟାଦମାନେ ଶୈବ-ଶାକ୍ତ ପ୍ରାଧାନ୍ୟ ଖର୍ବ କରିବାକୁ ଚାହିଁଥିବେ । ଏହା ରାଜନୀତି; ଧର୍ମ ଗୋଟିଏ ରାଜନୈତିକ ଗୋଟି ଚାଳନା ମାତ୍ର !

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଥାରେ ଅଛି, ଦିଅଁ ଠାରୁ ମୁଖଶାଳା ବଡ । ରାଜାନୁଗ୍ରହପପୁଷ୍ଟ ଧର୍ମର ଚେଲାମାନଙ୍କ ଉତ୍ପାତ ବଢିବାକୁ ଲାଗିଲା । ସେ ସମୟର କିଛି ଚିତ୍ର ମିଳୁଛି କେତେକ ପୁରାତନ ପୋଥିରୁ ଏବଂ ଇଦାନିଂ ପ୍ରକାଶିତ କେତେକ ଗବେଷଣାରୁ । ସେଥିରୁ କେତୋଟି ନିଦର୍ଶନ ଦିଆଯାଉଛି:

'ଜଗନ୍ନାଥ ସବୁ ଦେବ-ଦେବୀଙ୍କର ରାଜା ।

ପହଣ୍ଡି ବିଜୟ ସମୟରେ ସୂର୍ଯ୍ୟ ତାଙ୍କର ଦର୍ପଣ ବହନ କରିବେ (୪)'

'ବିଷ୍ଣୁ ମନ୍ଦିର ଅପବିତ୍ର ହୋଇଗଲେ ତାହାର ପୁନର୍ନିର୍ମାଣ ହେବ

କିନ୍ତୁ ଅନ୍ୟ ମନ୍ଦିର ହେବନାହିଁ (୫)'

ପ୍ରକାଶିତ ଗୋଟିଏ ଗବେଷଣାରୁ ଜଣାପଡୁଛି ଜଗନ୍ନାଥ ମନ୍ଦିର ଆକ୍ରାନ୍ତ ହୋଇଛି ୧୯ ଥର; କେବଳ ଯବନମାନଙ୍କଦ୍ୱାରା ନୁହେଁ, ଜଣେ ହିନ୍ଦୁ ସେନାପତି ଏବଂ ମହିମା ଧର୍ମଧାରୀ ମାନଙ୍କ ଦ୍ୱାରା ମଧ୍ୟ(୬) । ପ୍ରତିଥର ସଂସ୍କୃତ ଅଥବା ପୁନର୍ନିର୍ମିତ ହୋଇଛି । ଓଡ଼ିଶାରେ ଅନ୍ୟ କୌଣସି ମନ୍ଦିର କ୍ଷେତ୍ରରେ ଏହାର ନଜିର ନାହିଁ । ବଂଚିତ ଗୋଷ୍ଠୀ ଅସନ୍ତୁଷ୍ଟ ହେବା ସ୍ୱାଭାବିକ । ଗଙ୍ଗବଂଶର ଉଜ୍ୱଳତମ ନରପତି ପ୍ରଥମ ନରସିଂହଦେବ କଣ ପ୍ରଚଳିତ ଧାରାରେ ବଦଳ ଆଣିବାକୁ ଚାହିଁଥିଲେ ? କିପରି ରାଜା ଥିଲେ ନରସିଂହଦେବ ?

କିମ୍ବଦନ୍ତୀର ଅତିରଞ୍ଜନ ବାଦଦେଇ କେବଳ ଇତିହାସସିଦ୍ଧ ପ୍ରମାଣ ନିର୍ଭର କରି ନରସିଂହ ଚରିତ୍ର ଚିତ୍ରଣ କରିଲେ ବିଶ୍ୱାସ କରିବାକୁ ହେବ, ସେ ଜଣେ ଅତି ବଳବାନ, ବିଚକ୍ଷଣ, ଧର୍ମନିରପେକ୍ଷ, ଦୟାଳୁ, ଦାନୀ ଏବଂ ଦୂରଦୃଷ୍ଟି ସମ୍ପନ୍ନ ରାଜା ଥିଲେ । ତାଙ୍କର ବୟସ ଯେତେବେଳେ ୧୮ ବର୍ଷ ମାତ୍ର, ଯୁଦ୍ଧବିଦ୍ୟାରେ ପାରଙ୍ଗମତା ଦେଖି ପିତା ଅନଙ୍ଗଭୀମ ତାଙ୍କ ସୈନ୍ୟବାହିନୀର ସର୍ବାଧିନାୟକ କରି ଦକ୍ଷିଣକୁ ଯୁଦ୍ଧ କରିବାକୁ ପଠାଇଥିଲେ । ଚାରିବର୍ଷ ପରେ ଯୁବକ ନରସିଂହଦେବ ଫେରି ଆସିଲେ ପ୍ରଚୁର ଧନସମ୍ପତ୍ତି ଧରି (୭) ।

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରଜନ୍ମ ପରେ ପ୍ରଜନ୍ମ ଗଙ୍ଗ ସାମ୍ରାଜ୍ୟ ଷଣ୍ଢୁଆସୀ ଆକ୍ରମଣର ସମ୍ମୁଖୀନ ହେଉଥିଲା - ଦକ୍ଷିଣରୁ ଜାତିଭାଇମାନେ ଏବଂ ପୂର୍ବପଟୁ ଦୁର୍ଦ୍ଧର୍ଷ ପଠାଣବାହିନୀ ଦ୍ୱାରା । ଅପେକ୍ଷାକୃତ କ୍ଷୁଦ୍ର ଓଡ଼ିଆବାହିନୀ ଧରି ନରସିଂହଦେବ ଏପରି ସବୁ ଯୁଦ୍ଧ କୌଶଳ ରଚିଲେ ଯେ ଆକ୍ରମଣକାରୀ ମାନେ ପଛକୁ ହଟିବାକୁ ବାଧ୍ୟ ହେଲେ । ଏହା ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ ହୋଇଛି ଜଣେ ମୁସଲମାନ ଐତିହାସିକଙ୍କ ଦ୍ୱାରା (ମିନ୍‌ହାଜ୍ -ଏ-ଶିରାଜ) । ଦୀର୍ଘ ୧୨ ବର୍ଷ ଯୁଦ୍ଧ ପରେ ଓଡ଼ିଶାରେ ଶାନ୍ତି ବିରାଜିଲା । ଶିଳ୍ପ, ସାହିତ୍ୟ ଓ ଧର୍ମ; ସବୁ କ୍ଷେତ୍ରରେ କଳିଙ୍ଗ ତୁଙ୍ଗକୁ ଉଠିଲା (୮) । ଇତିହାସ କହୁଛି ପରବର୍ତ୍ତୀ ୩୦୦ ବର୍ଷ କେହି ଓଡିଶା ଆକ୍ରମଣ କରିବାକୁ ସାହସ କରିଲେ ନାହିଁ । କିନ୍ତୁ ନରସିଂହଦେବଙ୍କ ସ୍ୱପ୍ନ ସାକାର ହେଲା ନାହିଁ । କଅଣ ସେ ସ୍ୱପ୍ନ ? ନରସିଂହ ଚରିତ୍ରର ଆନ୍ୟଦିକ ଦେଖାଯାଉ ।

ଯଦିଓ ଜଗନ୍ନାଥ ରହିଗଲେ ଗଙ୍ଗବଂଶର କୁଳଦେବତା, ଅନ୍ୟ ଧର୍ମ ପ୍ରତି ଉଦାରତା କିଛି କମ ନଥିଲା । ଦକ୍ଷିଣରେ ଆକ୍ରମଣ ଦମନ କରିବାପରେ, ସେଇ ଦାକ୍ଷିଣାତ୍ୟରେ ଚୋଡ ଦେଶ, ପାଣ୍ଡ୍ୟା ଦେଶ ଓ କାଞ୍ଚି ଦେଶରେ ଏକାଦଶ ରୁଦ୍ରଙ୍କ ପୂଜା ପାଇଁ ବିପୁଳ ଜମି ଦାନ କରିଲେ (ଶିଳାଲିପି) । ଢେଙ୍କାନାଳ କପିଳାସ ପାହାଡ ଉପରେ ସ୍ଥାପିତ କପିଳେଶ୍ୱର ମନ୍ଦିର ନରସିଂହ ଦେବଙ୍କର କୀର୍ତ୍ତି । ଏହା ଗୋଟିଏ ଶିବ ମନ୍ଦିର ହେଲେ ମଧ୍ୟ ପଶ୍ଚିମ ପାର୍ଶ୍ୱ କିଛି ଉପରେ ବସା ହୋଇଛି ଜଗନ୍ନାଥଙ୍କୁ ଏବଂ ଗର୍ଭଗୃହରେ ଲିଙ୍ଗ ସ୍ୱୟଂ ଶର୍ପ କୁଣ୍ଡଳୀରେ ଶାୟିତ - ଅନନ୍ତବାସୁଦେବ ମୁଦ୍ରା । ସୀମାଚଳମ୍‌ର ପୁରାତନ ସୂର୍ଯ୍ୟ ମନ୍ଦିରର ସଂସ୍କାର ପାଇଁ କଳସଟିଏ, ମୁଖଶାଳା ଏବଂ ନାଟମନ୍ଦିର ଗଢିଦେଲେ ଏ ରାଜା । ଗୋଟିଏ ଯୁଦ୍ଧ ବିଜୟର ସ୍ମାରକୀ ରୂପେ ବିଶାଳ ଦାନ ଦେଲେ ଲିଙ୍ଗରାଜ ଏବଂ ସିଦ୍ଧ ଦାମୋଦରଙ୍କ ଉଦ୍ଦେଶ୍ୟରେ (ଶିଳାଲିପି) । ପିତାମହ ପ୍ରଥମ ନରସିଂହଦେବଙ୍କ ଉଦ୍ଦେଶ୍ୟରେ ଦ୍ୱିତୀୟ ନରସିଂହଦେବ ଯେଉଁ ତାମ୍ରପତ୍ର ଲେଖାଇଥିଲେ ତାହାର ଦ୍ୱିତୀୟ ଧାଡି, "ମେରୁ ତୁଳାପୁରୁଷମୁଖ୍ୟ ମହାର୍ଥ-

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦାନେ" ଅର୍ଥାତ ସ୍ୱଦେହ ଓଜନର ମେରୁସଦୃଶ ସ୍ୱର୍ଣ ଦାନ କରିଥିଲେ ନରସିଂହଦେବ ।

ବୈବାହିକ ସମ୍ପର୍କ ଗଠନରେ ମଧ୍ୟ ନରସିଂହଦେବଙ୍କର ଦୂରଦୃଷ୍ଟିର ପରିଚୟ ମିଳୁଛି । ଗଙ୍ଗବଂଶରେ କନ୍ୟା ଚୟନ ହେଉଥିଲା ଦକ୍ଷିଣରୁ । ପାଣ୍ଡ୍ୟାରଜ ନରସିଂହ ଦେବଙ୍କର ଶ୍ୱଶୁର ରୂପେ ପ୍ରତିଷ୍ଠିତ । ଲିଙ୍ଗରାଜ ଗାତ୍ରରେ ଶିଳାଲେଖାରୁ ଜଣାପଡୁଛି ସେ ମାଲବ୍ୟ ରାଜକନ୍ୟା ସୀତାଦେବୀଙ୍କୁ ମଧ୍ୟ ବିବାହ କରିଥିଲେ । ପୁତ୍ର ଭାନୁଦେବ ପାଇଁ ମଧ୍ୟ କନ୍ୟା ଚୟନ କରିଥିଲେ ମାଲବ୍ୟରୁ । ମାଳବ ରାଜ୍ୟଟି ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ର ମଧ୍ୟସ୍ଥ ଫିତାଟିଏ, ଯାହାର ଏକସମୟର ରାଣୀ ଥିଲେ ପ୍ରସିଦ୍ଧ ଅହଲ୍ୟା ବାଈ । ଦୂରଦୃଷ୍ଟି ସମ୍ପନ୍ନ ନରସିଂହଦେବ ବୁଝି ପାରିଥିଲେ ମରାଠାମାନେ ବିପଦର କାରଣ ହୋଇପାରନ୍ତି (୧୭୫୧ ପରେ ମରାଠାମାନେ ଓଡିଶା ଦଖଲ କରିଥିଲେ ମଧ୍ୟ) । ବର୍ତମାନ ଫେରିଯିବା ମୂଳ ପ୍ରସଙ୍ଗକୁ ।



ନରସିଂହଦେବ କାହିଁକି ଏପରି ଗୋଟିଏ ମନ୍ଦିର ଗଢିଲେ ଯାହାର ଅଧିଷ୍ଠାତା ବିବଦମାନ ତିନି ଗୋଷ୍ଠୀର କୌଣସି ଗୋଟିକର ମଧ୍ୟ ପୂଜ୍ୟ ଦେବତା ନୁହନ୍ତି ? ବଂଶାନୁକ୍ରମିକ ପ୍ରଥା ଭଙ୍ଗ କରି ସେ ଦେଶକୁ କେଉଁ ଦିଗକୁ ନେବାକୁ ଚାହୁଁଥିଲେ ? ନରସିଂହ ଚରିତ୍ର ଯେଉଁମାନେ ଭଲରୂପେ ଅନୁଧ୍ୟାନ କରିଛନ୍ତି ସେମାନେ ବୁଝି ପାରିଥିବେ, ଏ ରାଜା ଖେୟାଲ ଖୁଶିରେ କିଛି କରିବାର ମଣିଷ ନଥିଲେ/ ଯେଉଁ ରାଜା ତିନି ଶତାବ୍ଦୀ ସ୍ଥାୟୀ ଶାନ୍ତି ନିଶ୍ଚିତ କରିଥିଲେ ସେ ନିଶ୍ଚୟ ଚାହିଁନଥିବେ ପୂର୍ବେ କଥିତ ତିନି ଗୋଷ୍ଠୀର ଆତ୍ମକଳହ ସେ ଶାନ୍ତି

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ବିଘ୍ନିତ କରୁ । ସେ ଆହୁରି ମଧ୍ୟ ବୁଝି ପାରିଥିବେ, ଏ ତିନି ମଧ୍ୟରୁ କାହାକୁ ଉଚ୍ଛେଦ କରି ହେବନାହିଁ; ଏକମାତ୍ର ପନ୍ଥା - ସମନ୍ୱୟ କୋଣାର୍କ ଧ୍ୱଂସ ସ୍ତୁପ ମଧ୍ୟରୁ ଦୁଇଟି ପ୍ରସ୍ତର ଶିଳ୍ପ ଉଦ୍ଧାର କରାଯାଇ ଥିଲା । ସେଥିରେ ଶିବ-ଲିଙ୍ଗ, ଜଗନ୍ନାଥ ଏବଂ ମା-ଭବାନୀ ଏକାସନେ ଅଧିଷ୍ଠିତ ଏବଂ ପାର୍ଶ୍ୱରେ ରାଜା ଜୋଡହସ୍ତରେ ଦଣ୍ଡାୟମାନ । ଏଥିରୁ ଗୋଟିଏ ଆଛି ଜାତୀୟ ସଂଗ୍ରହାଳୟ ଦିଲ୍ଲୀରେ, ଗୋଟିଏ ଆଛି କୋଣାର୍କ ସଂଗ୍ରହାଳୟରେ । ଆହୁରି ଗୋଟିଏ ଏବେ ମଧ୍ୟ କୋଣାର୍କ ପ୍ରଥମ ପୃଷ୍ଠର ୫ ଏବଂ ୬ ନମ୍ବର ଚକ ମଧ୍ୟରେ ଉପରାଜଙ୍ଘା ମଣ୍ଡନ କରୁଛି । ଯେଉଁ 'ଅଧସ୍ତନ' ସୂର୍ଯ୍ୟ ଜଗନ୍ନାଥଙ୍କ ଦର୍ପଣ ବହନକାରୀ ତାଙ୍କରି ମନ୍ଦିରରେ ଆଉ ଦୁଇ 'ଅଧସ୍ତନ' ଦେବ-ଦେବୀଙ୍କ' ସହିତ ଏକ ଆସନରେ ଜଗନ୍ନାଥଙ୍କୁ ବସାଇବା, ସେସମୟର ପ୍ରେକ୍ଷାପଟରେ ନିଶ୍ଚୟ ସାହସିକ କାର୍ଯ୍ୟ ଥିଲା ! ନରସିଂହଦେବ ବୁଝିପାରିଥିଲେ ସବୁ ଧର୍ମର ମୂଳ କଥା ମାନବ ମଙ୍ଗଳ; ବିଭେଦ ଘଟାଉଛନ୍ତି ଚେଲା ମାନେ । ସେ ସ୍ଥିର କରିଥିଲେ, ଗୋଟିଏ ସ୍ଥାନରେ ବିବଦମାନ ତ୍ରୟୀଙ୍କୁ ଏକତ୍ର କରି ଆଲୋଚନା ମାଧ୍ୟମରେ ସାମାଜିକ ସଂପ୍ରୀତି ନିଶ୍ଚିତ କରାଯାଇ ପାରିବ । ଧର୍ମକୁ ହିଁ ଆୟୁଧ କରି ଧର୍ମ ସମନ୍ୱୟ, ଗୋଟିଏ କ୍ରାନ୍ତିକାରୀ ଯୋଜନା ! ପ୍ରସିଦ୍ଧ ଐତିହାସିକ ଡୋନାଲଡସନ ଏହାକୁ କହୁଛନ୍ତି, 'Religious synthesis '(୯) । ASIର ପ୍ରାକ୍ତନ D .G ଦେବଳା ମିତ୍ର କହୁଛନ୍ତି, 'Secular to the core ' (୧୦ ) । ସୂର୍ଯ୍ୟ ଯାହାଙ୍କର ମୂଳ ଚରିତ୍ର ଧର୍ମ ନିରପେକ୍ଷ, ଯାହାଙ୍କ କରୁଣା ଜାତି, ଧର୍ମ, ଦେଶ କୌଣସି ବିଭେଦ ନ ମାନି ବିତରିତ ହୋଇ ଥାଏ, ସେହିଁ ଏ ମନ୍ଦିରର ଅଧିଶ୍ୱର ହେବାର ଉପଯୁକ୍ତ ଦେବତା । ଲକ୍ଷଣିୟ, ସୂର୍ଯ୍ୟ ମନ୍ଦିର ନିର୍ମାଣ ହେବାପରେ ମଧ୍ୟ ନା ନରସିଂହଦେବ ନା ତାଙ୍କର କୌଣସି ଦାୟାଦ ଜଗନ୍ନାଥଙ୍କୁ ତ୍ୟାଗ କରିଥିଲେ । ନରସିଂହଦେବ ପ୍ରମାଣ କରିଗଲେ, ସ୍ୱଧର୍ମ ତ୍ୟାଗ ନକରି ମଧ୍ୟ ଅନ୍ୟ ଧର୍ମକୁ ସମ୍ମାନ କରାଯାଇପାରେ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମନ୍ଦିର ପ୍ରତିଷ୍ଠା ହୁଏ ୧୨୫୮; ନରସିଂହଦେବଙ୍କ କାଳ ହୁଏ ୧୨୬୪ । ଏହାପର ରାଜନୈତିକ ଉତ୍ଥାନପତନ, ହିନ୍ଦୁ ରାଜାମାନଙ୍କର ଅନାଗ୍ରହ, ମୁସଲମାନ ଆକ୍ରମଣ ଏବଂ ପ୍ରାକୃତିକ ଘୁର୍ନାବର୍ତ୍ତ ଏ ମହାନ ସୃଷ୍ଟି ଉପରେ ଯବନିକା ଟାଣି ଦିଏ ।

आत्मानं रथिनं विद्धि शरीरं रथमेव तु ।
बुद्धिं तु सारथिं विद्धि मनः प्रग्रहमेव च ।।३।।

ଫେରିଯିବା ପ୍ରଥମ ପ୍ରଶ୍ନକୁ - ଏ ଦେବାଳୟର ଦେବତାଙ୍କ ମହତ୍ୱ ଏବଂ ପ୍ରତିଷ୍ଠାତାଙ୍କ ଇଛା, କିପରି ଭାବେ ପ୍ରକାଶ କରିଲା ଶିଳ୍ପ ? କୋଣାର୍କ ସ୍ଥପତି ସୂର୍ଯ୍ୟ ମାହାତ୍ମ୍ୟ ଫୁଟେଇବାକୁ ଗୋଟିଏ ଦ୍ୱିତୀୟ ମାତ୍ରା ଯୋଗ କରିଲେ - ସୌରଶକ୍ତି ବାହିତ ଚଳମାନ ଜଗତର ଅମୃତ ଯାତ୍ରା । କଠୋପନିଷଦ ମାନବ ଦେହକୁ ରଥ ରୂପେ କଳ୍ପନା କରିଛି:

କଠୋପନିଷଦ (୧. ୩. ୪)

ଶରୀର ଗୋଟିଏ ରଥ ଯାହାର ଅଧିପତି ଆତ୍ମା, ବୁଦ୍ଧି ତାହାର ସାରଥୀ ଏବଂ ମନ ତାହାର ନିର୍ଣ୍ଣାୟକ ରଜ୍ଜୁ । ଏ ରଥକୁ ଗତିଶୀଳ କରୁଛି ସୌର ଶକ୍ତି । ଦିବସ, ରଜନୀ, ପ୍ରହର, ପକ୍ଷ, ମାସ ବିବର୍ତ୍ତନରେ ଏ ରଥ ଗତିଶୀଳ ରହିବ, ପ୍ରଜନ୍ମ ପରେ ପ୍ରଜନ୍ମ ଅନନ୍ତ କାଳ ଧରି - ଯେତେଦିନ ସୂର୍ଯ୍ୟ ଗଗନରେ ରହିବେ ଭାସ୍ୱର । ଏହାହିଁ ଅମୃତ - ମୃତ୍ୟୁହୀନ ଅନନ୍ତ ଯାତ୍ରା । ମନ୍ଦିର ପରିକଳ୍ପନାରେ ଯୋଗ ହେଲା ୧୨ ଯୋଡ଼ା (୨୪) ଚକ ଏବଂ ଚଳମାନ ଜୀବନଯାତ୍ରାର ନାନା ଚିତ୍ର । ଡୋନାଲଡସନ ଏହିପରି ଅନେକ କିଛି ଲକ୍ଷ୍ୟ କରି ଲେଖୁଛନ୍ତି, "-----an increasingly secular iconography (୧୧) ।

ଦୈନନ୍ଦିନ ଜୀବନଯାତ୍ରାର ଅନ୍ୟତମ ଅଂଶ ନର ନାରୀର ଦୈହିକ ମିଳନ; ତାହା ମଧ୍ୟ ଖୋଲାଖୋଲି ପ୍ରକାଶ କରା ଯାଇଛି । କିନ୍ତୁ ଏ ପ୍ରକ୍ରିୟାର ବହୁଳ ଉପସ୍ଥାପନା ଯେପରି ବହୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଯୌନ ପିପାସିତ ମଣିଷ ଟାଣି ଆଣିଛି ସେହିପରି ବହୁ ଶିକ୍ଷିତ ମଣିଷର ତିକ୍ତ ସମାଲୋଚନାର ଶରବ୍ୟ ହୋଇଛି । ଯେଉଁ ଜାତି ଜ୍ଞାନ, ବିଜ୍ଞାନ, କଳା, ସାହିତ୍ୟ; ସବୁ ବିଭାଗରେ ତୁଙ୍ଗକୁ ଉଠିଥିଲା ସେମାନଙ୍କର ରୁଚି କଣ ଏତେ ନିମ୍ନମାନର ଥିଲା ? ମନ୍ଦିର ଗାତ୍ରରେ କାମ କଳାର ପ୍ରଦର୍ଶନୀ କଥା ଆଲୋଚନାର ପରିସରକୁ ନ ଆଣିଲେ କୋଣାର୍କର ଶିଳ୍ପ ଦର୍ଶନ ଅସମ୍ପୂର୍ଣ୍ଣ ରହିଯିବ ।

କେବଳ କୋଣାର୍କରେ ନୁହେ, ଓଡ଼ିଶାର ଅନ୍ୟ ଦେବାଳୟ ଏବଂ ଭାରତର ବହୁ ଦେବାଳୟରେ କାମକଳାର ପ୍ରଦର୍ଶନୀ ଘଟିଛି । ଗଣନା କରିଲେ ଖଜୁରାହୋ ବୋଧହୁଏ କୋଣାର୍କକୁ ଟପିଯିବ । ବିଭିନ୍ନ ସମୟରେ ଏହାର ବିଭିନ୍ନ ମନଗଢା କାରଣ ଦର୍ଶାଯାଇଛି । ଖ୍ୟାତନାମା ଐତିହାସିକ କରୁଣା ସାଗର ବେହେରା ତାଙ୍କର ଶାଣିତ ବିଶ୍ଳେଷଣରେ ସେଗୁଡିକ ନାକଚ କରିଦେଇଛନ୍ତି (୧୨) । କେତେକ ଶିଳ୍ପ-ବୋଦ୍ଧା ଏଥିରେ ଯୌନତା-ଉତ୍ତୀର୍ଣ୍ଣ ଅନ୍ୟକିଛି ଦେଖିବାକୁ ପାଇଛନ୍ତି ଯାହା ସହିତ ଗୋଟିଏ ଉନ୍ନତ ଜାତିର ମାନସିକତାର ସାମଞ୍ଜସ୍ୟ ଥିବା ପରି ମନେହୁଏ । ସେଥିରୁ ଗୋଟିଏ ଏଠାରେ ଉପସ୍ଥାପିତ କରିବା ପ୍ରାସଙ୍ଗିକ ହେବ:

Parshi Brown ଜଣେ ରକ୍ଷଣଶୀଳ ଶିଳ୍ପ-ସମାଲୋଚକ ରୂପେ ପରିଚିତ । Brown ଏକସମୟରେ ମୂର୍ତ୍ତି ଗୁଡିକୁ plastic obscenity ରୂପେ ଚିହ୍ନିତ କରିଥିଲେ । ସେ ହିଁ ପରବର୍ତ୍ତୀ ସମୟରେ ଲେଖୁଛନ୍ତି, " ----For deep within the sculptured stones, lies an artless perfection that is full of art, inexpressible yet potent, like the musical notes of Mendelssohn's songs without words or the hunting indefinable melodies of 'Nocturnes' Debussy" । ପର୍ସି ବ୍ରାଉନ ତାଙ୍କ ଅଜାଣତରେ ଗୋଟିଏ ଉପନିଷଦିୟ ତତ୍ୱ ଛୁଇଁ ଯାଇଛନ୍ତି:

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା ସମ୍ପୂର୍ଣ୍ଣ ନିଃଶୁଳ୍କ ବିତରଣ ହେତୁ ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପ୍ରକାଶିତ Aahwaan.com 

 Magazine Downloaded from www.aahwaan.com

तद्वा अस्यैतदतिच्छन्दा अपहतपाप्माभयं रूपम् । तद्यथा प्रियया स्त्रिया सम्परिष्वक्तो न बाह्यं किञ्चन वेद नान्तरम्, एवमेवायं पुरुषः प्राज्ञेनात्मना सम्परिष्वक्तो न बाह्यं किञ्चन वेद नान्तरम्; तद्वा अस्यैतदाप्तकाममात्मकाममकामं रूपं शोकान्तरम् ॥ २१ ॥

ବ୍ରହଦାରଣ୍ୟକ ଉପନିଷଦ (୪.୩.୨୧)

ରାମକୃଷ୍ଣ ମିଶନର ଜଣେ ସନ୍ୟାସୀ ଇଂରାଜୀରେ ଏହାର ଟୀକା କରିଛନ୍ତି: ଆତ୍ମାର ଏଇ ରୂପଟି ଅତିଛନ୍ଦା, ଅର୍ଥାତ ସମସ୍ତ ପାପ ବୋଧ ଏବଂ ଅପରାଧ ବୋଧ ରହିତ । ଯେପରି ନର-ନାରୀ ଦୃଢ ଆଲିଙ୍ଗନବଦ୍ଧ ହୋଇ ମିଳନର ଚରମ ମୁହୁର୍ତରେ ସମସ୍ତ ଆକାଂକ୍ଷା ରହିତ ହୋଇଯାଏ ସେହିପରି ଆତ୍ମା କାମନା, ବାସନା, ଶୋକ ଉର୍ଦ୍ଧ୍ୱରେ ଉଠି ପରମାତ୍ମା ସହିତ ମିଳିତ ହେଉଅଛି ।



ଏପରି ଏକ ଗହନ ତତ୍ତ୍ୱକୁ ଶିଳ୍ପରେ ଫୁଟାଇବା ସହଜ ନୁହେଁ । ଏହାକୁ ଗୋଟିଏ ଧର୍ମୀୟ ଚିନ୍ତା ଭାବି ଶିଳ୍ପୀ ଯେବେ ସହଜ ପଥରେ ଏହା ଉପସ୍ଥାପିତ କରିଥାଆନ୍ତି, ସେ ସମୟର ସମାଜ ଏହା କିପରି ଭାବେ ଗ୍ରହଣ କରିଥିଲା ଜାଣିବାର ଉପାୟ ନାହିଁ । କିନ୍ତୁ ଐତିହ୍ୟ ସଂରକ୍ଷଣ ନାମରେ ନୂତନ ମନ୍ଦିରରେ ଆଜି ଯେବେ ଏହା କରାଯାଏ; ସମାଜ ନେବନାହିଁ ଏବଂ ବାଦାନୁବାଦ କୋର୍ଟ କଚେରୀ ଯାଏ ଗଡ଼ିପାରେ । ଏହା ମଧ୍ୟ ସତ୍ୟ, ମୂଳ ଦର୍ଶନରୁ ଏ ତତ୍ତ୍ୱ ବିଚ୍ୟୁତ କରି ହେବ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com



ନାହିଁ । ମଧ୍ୟଯୁଗର ମନ୍ଦିର ଶିଳ୍ପୀମାନଙ୍କ ବହୁ ପୂର୍ବେ, ପୌରାଣିକ ଯୁଗରେ ମଧ୍ୟ, ଏ ତତ୍ୱ ଭାସ୍କର୍ଯ୍ୟରେ ପ୍ରସ୍ଫୁଟିତ ହୋଇଥିଲା । ତାହାର ସର୍ବଶ୍ରେଷ୍ଠ ଉଦାହରଣ ଆର୍ଦ୍ଧନାରୀଶ୍ୱର ପରିକଳ୍ପନା । ଏପରିକି ପ୍ରଚଳିତ ଡିଗ୍‌ପାଳ ଏବଂ ତାହାଙ୍କ ଶକ୍ତି ପରିକଳ୍ପନାରେ ମଧ୍ୟ ଏ ତତ୍ୱ ନିହିତ ଆଛି - ନାରୀ ବିନା ସୃଷ୍ଟି ଅପୂର୍ଣ୍ଣ ।

ଏ ଯୁଗର ଶିଳ୍ପୀ ମଧ୍ୟ ଏ ଗହନ ତତ୍ୱ - ଏଯୁଗ ଉପଯୋଗୀ କରି - ଉପସ୍ଥାପିତ କରିପାରିବ । ଲକ୍ଷଣୀୟ, କୋଣାର୍କ ଗାତ୍ରରେ ଗୋଟିଏ ହେଲେ ଧର୍ଷଣର ଚିତ୍ର ପାଇବେ ନାହିଁ, ଯାହା ଆଧୁନିକ ସଭ୍ୟ ସମାଜ ପ୍ରତିଦିନ ଘଟାଇ ଚାଲିଛି !

ଆଜି କୋଣାର୍କ ଧ୍ୱଂସପ୍ରାପ୍ତ; ଯାହା ଅଛି, କାଳ ତାହାକୁ ମଧ୍ୟ ଗ୍ରାସ କରିବ । ମନେହୁଏ ଆଉ ଶହେ ବର୍ଷ ମଧ୍ୟରେ କୋଣାର୍କ ଗୋଟିଏ ବିକଳାଙ୍ଗ ପଥର ଗଦାରେ ପରିଣତ ହେବ । ସ୍ୱାଭାବିକ, ମଣିଷ ଚାହିଁବ ନୂତନଦେହରେ ଏ ସ୍ମୃତି ବଂଚେଇ ରଖିବାକୁ । କେତେକ କହୁଛନ୍ତି ଅବିକଳ ନକଲ ଗଢାଯାଉ, ଆଉ କେତେକ କହୁଛନ୍ତି modelଟି ଯେତେବେଳେ ଲୋପ ପାଇଁ ଯାଇଛି ନକଲଟି ହେବ କିପରି ? ଆଉ କେତେକ କହୁଛନ୍ତି ବିଶ୍ୱରେ କୌଣସି ନକଲ ଅସଲର ମର୍ଯ୍ୟାଦା ପାଇନାହିଁ । ଏ ସମସ୍ତ ବାଦ-ବିବାଦ ପଛରେ କାର୍ଯ୍ୟ କରୁଛି ମନ୍ଦିରଟିକୁ ତାହାର ଦେବତାଙ୍କ ଠାରୁ ବିଚ୍ୟୁତ କରି କେବଳ ଶିଳ୍ପ ପ୍ରଦର୍ଶନୀ କଥା ଚିନ୍ତା କରିବାରୁ । ଏହା ଅପରିଣତ ଚିନ୍ତା । ଦେଖାଯାଉ ଫାବ୍ରି କଣ କହୁଛନ୍ତି । ପ୍ରସିଦ୍ଧ Art Historian Charles Louis Fabri ତାଙ୍କ ଜୀବନର ଅର୍ଧାଧିକ ଭରତରେ କଟେଇ ଥିଲେ ଯାହାର ସିଂହଭାଗ (୧୨ବର୍ଷ) ଓଡିଶାରେ । ତାଙ୍କର କହିବା କଥା:

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

There has never been a copyist in this country, never a mere imitation of other masters' work; every temple is different, and the variety in sculpture – even of the same theme – is astonishing. (୧୩)

କୋଣାର୍କର ଅନ୍ତର୍ନିହିତ ଦର୍ଶନ ଗୋଟିଏ ଯୁଗାନ୍ତକାରୀ ଦର୍ଶନ, ଯାହା କୌଣସି ମନ୍ଦିରରେ ଘଟି ନାହିଁ - **ଧର୍ମ ମାଧ୍ୟମରେ ଧର୍ମ ସମନ୍ୱୟ** - ମୂଳପିଣ୍ଡ ବାଦ ଦେଇ ମନ୍ଦିରଟିଏ ଗଢିଦେଲେ ତାହା ଆଉ ଯାହା ହେଉ, କୋଣାର୍କର ପ୍ରକୃତ ସ୍ମୃତି ରକ୍ଷା ହେବ ନାହିଁ ।

ନରସିଂହଦେବଙ୍କ ପୃଥିବୀ ଥିଲା କଳିଙ୍ଗ ସୀମାରେ ସୀମିତ ଏବଂ ଧର୍ମୀୟ ବିବାଦ ତିନିଟି ଗୋଷ୍ଠୀରେ । ଆଜି ବିଜ୍ଞାନର କଲ୍ୟାଣରୁ ସମଗ୍ର ପୃଥିବୀ ଗୋଟିଏ କ୍ଷୁଦ୍ର ଗ୍ରାମରେ ପରିଣତ ହେଲାଣି, ମଣିଷ ବର୍ତ୍ତମାନ ପୃଥିବୀର ସୀମା ଅତିକ୍ରମ କରି ମହାବିଶ୍ୱରେ ପ୍ରବେଶ କରିଲାଣି କିନ୍ତୁ ଧର୍ମୀୟ ବିବାଦ ଆଉ ତିନିଟି ଗୋଷ୍ଠୀରେ ସୀମାବଦ୍ଧ ନାହିଁ । ଆଜିର ହିନ୍ଦୁ-ମୁସଲମାନ-ଖ୍ରୀଷ୍ଟିଆନ ବିବାଦ ତୁଳନାରେ ବୈଷ୍ଣବ-ଶୈବ-ଶାକ୍ତ କଳହ, ବାଳସୁଲଭ ମନେ ହେବ; କିନ୍ତୁ ନରସିଂହଦେବଙ୍କର ସମାଧାନ ରହିଯାଇଛି ସମଭାବେ ପ୍ରଯୋଜ୍ୟ - ଏକତ୍ର ବସି ଆଲୋଚନା ମାଧ୍ୟମରେ ସମନ୍ୱୟ କର । ଆଜି ଆଉ ଗୋଷ୍ଠୀ ଅଲଗା ଅଲଗା ବାକ୍ସରେ ରହିପାରିବ ନାହି । ମଣିଷକୁ ଗୋଟିଏ ଧର୍ମରେ ଆବଦ୍ଧ କରିବାର ଅପଚେଷ୍ଟାରେ ବହୁତ Holy-war ହୋଇସାରିଲାଣି; ହେଉଛି ମଧ୍ୟ । ରକ୍ତକ୍ଷରଣ ଛଡ଼ା ଆଉ କିଛି ହୋଇ ନାହିଁ; ହବାର ସମ୍ଭାବନା ମଧ୍ୟ ନାହିଁ । ଆଜି ସମଗ୍ର ମାନବ ଗୋଷ୍ଠୀର ୮୫% ମଣିଷ ୧୯ଟି ପଂଜିକୃତ ଧର୍ମର କାହାରି ନା କାହାରି ଅନୁଗାମୀ । ତଥା-କଥିତ secularist ମାନଙ୍କର ସମସ୍ତ ଚେଷ୍ଟା ସତ୍ତ୍ୱେ, ମଣିଷ ଧରମଛଡ଼ା ହୋଇ ପାରିବ ନାହିଁ । ଗୋଟିଏ ମାତ୍ର ବାଟ ଖୋଲା ଅଛି – ଏକତ୍ର ବସି ଆଲୋଚନା ମାଧ୍ୟମରେ ସମନ୍ୱିତ ସମାଜ ଗଢ ନଚେତ୍ ଆତ୍ମ-କଳହରେ ସୃଷ୍ଟୀ ଲୋପ ପାଇବ ।


Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆଜି ନୂତନ କୋଣାର୍କର ପ୍ରୟୋଜନ ଅଛି ତାହାର ମୂଳ ଆଦର୍ଶକୁ ମୁଖ୍ୟ କରି । ଶିଳ୍ପ ଅବଶ୍ୟ ରହିବ । ଜଣେ ଦରିଦ୍ର ମଣିଷ ମଧ୍ୟ ତାହାର ଘରକୁ ସାଧ୍ୟମତେ ସଜାଉଛି । ନୂତନ ମନ୍ଦିର ମଧ୍ୟ ଶିଳ୍ପ ସଜ୍ଜିତ ହେବ କିନ୍ତୁ, ଯୁଗୋପଯୋଗୀ କରି ମୂଳ ଆଦର୍ଶକୁ ପ୍ରତିଫଳିତ କରି । ସେ ଶିଳ୍ପ ମଧ୍ୟ ଦୃଷ୍ଟିନନ୍ଦନ ହୋଇପାରିବ; ଉତ୍କଳରୁ ଉତ୍କୃଷ୍ଟ କଳାକାର ଲୋପ ପାଇଯାଇନାହାନ୍ତି । କିନ୍ତୁ କିଏ ଗଢ଼ିବ ଏ ନୂତନ କୋଣାର୍କ; ଏ ଦେଶରେ ଆଉ ନରସିଂହଦେବ ଅଛନ୍ତି କି ?

ସଂଖ୍ୟା ସୂଚୀ

1. Dr. Karunasagar Behera. Konark – p.30
2. Dr. Sanjay Mohapatra. History of Shakti Cult in Odisha. Orissa Review –Octo.2017
3. Dr. Gouri Shankar Tripathy. Shaivisim in Odisha. Orissa Review-Octo.2013
4. Karunasagar – P.141
5. Bishan Swarup. Konaraka-p.97
6. Prof. Abhimanyu Dash. Invasion on the Temple of Lord Jagannath– Orissa Review – July 2011
7. Thomas E Donaldson. Hindu Temple Art of Orissa – p.593
8. Karunasagar – p.23
9. Donaldson.p.615

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

10.Dr.Debala Mitra. Konarka-pp.35,37

11.Donaldson – p.614

12.Karunasagar.P.230-240

13.Chrles Louis Fabri. History of the Art of Orissa – p.xxiv

ପ୍ରାକ୍ତନ ଯୁଗ୍ମ ଟ୍ରାନ୍ସପୋର୍ଟ କମିସନର, ଓଡ଼ିଶା

ଇମେଲ୍ : anildey1931@gmail.com

ଚେୟାରମ୍ୟାନ୍, କଳିଙ୍ଗ ହେରିଟେଜ୍ ପ୍ରିଜର୍ଭେସନ୍ ଟ୍ରଷ୍ଟ

ଅରୁଣୋଦୟ ନଗର, କଟକ, ଓଡ଼ିଶା, ଭ୍ରାମ୍ୟଭାଷ : ୯୪୩୭୦୩୭୬୮୫୨

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାତୃଭାଷା ପ୍ରତି ସ୍ନେହ

ଠିକ ଆଜିର ଦିନରେ ୧୪ ଜୁନ ୧୯୧୮ରେ ଓଡ଼ିଆ ସାହିତ୍ୟର ସମ୍ରାଟ ଫକୀରମୋହନ ସେନାପତିଙ୍କର ୭୫ ବର୍ଷ ବୟସରେ ଦେହାବସାନ ହୋଇଥିଲା । ଏହା ମଧ୍ୟରେ ଦେହାବସାନର ୧୦୩ ବର୍ଷ ବିତିଯାଇଛି କିନ୍ତୁ ପ୍ରତ୍ୟେକବର୍ଷ ତାଙ୍କର ସ୍ମୃତି ଆମ ମନକୁ ବିଚଳିତ କରେ । ଓଡ଼ିଆ ଭାଷାର ସମଗ୍ର ବିକାଶ ପାଇଁ ତାଙ୍କର ସଂଘର୍ଷମୟ ଜୀବନ ଆମ ପାଇଁ ପ୍ରେରଣାର ଉତ୍ସ । ଆଜି ଇଂରେଜ ନାହାନ୍ତି, କିନ୍ତୁ ମାତୃଭାଷା ଓଡ଼ିଆ ବିପଦରେ ପଡିଛି । ଏହି ବିପଦ ସମୟରେ ଫକୀରମୋହନ ସେନାପତିଙ୍କର ଓଡ଼ିଆ ଭାଷାକୁ ବଞ୍ଚାଇବା ପାଇଁ ଯେଉଁ ପଦକ୍ଷେପ ଗୁଡିକ ସେ ସମୟରେ ନେଇଥିଲେ, ସେସବୁ ବିଷୟରେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବା ଆଜିର ସମୟର ଡାକରା ।



ଅସିତ ମହାନ୍ତି

ଫକିର ମୋହନ ସେନାପତି ଓଡିଆ ରାଷ୍ଟ୍ରବାଦର ଜନକ ଭାବରେ ଜଣାଶୁଣା । ଓଡ଼ିଆ ଭାଷାକୁ ଏକ ଆକାର ଦେବାରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ଥିଲା, ବିଶେଷକରି ଯେତେବେଳେ ଓଡ଼ିଆ ଭାଷା ବିପଦ ମଧ୍ୟରେ ଗତି କରୁଥିଲା । ଜଣେ ପ୍ରବୀଣ ଲେଖକ, ଉତ୍ସାହୀ ଭାଷାପ୍ରେମୀ, ଭାଷାର ଜଣେ ସଂସ୍କାରକ କ୍ରମାଗତ ପ୍ରତିକୂଳତା ମଧ୍ୟରେ ସେ ଓଡ଼ିଆ ଭାଷାକୁ ଜୀବନ୍ତ ରଖିବାରେ ତାଙ୍କର ଅତୁଳନୀୟ ଯୋଗଦାନକୁ ଓଡ଼ିଶା ଇତିହାସ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାଙ୍କୁ ସବୁବେଳେ ମନେ ପକାଇବ । ଫକିର ମୋହନ ସେନାପତି ୧୮୪୩ ମସିହାରେ ବାଲେଶ୍ୱରର ମଲ୍ଲିକାଶପୁର ଗାଁରେ ଜନ୍ମଗ୍ରହଣ କରିଥିଲେ, ବହୁତ କମ୍ ଶିକ୍ଷା ସହିତ ଫକିର ମୋହନ ସେନାପତି ସେହି ବାରବାଟୀ ବିଦ୍ୟାଳୟରେ ଶିକ୍ଷକ ଭାବରେ ଯୋଗ ଦେଇଥିଲେ ଯେଉଁଠାରେ ସେ ପଢୁଥିଲେ । ସେ ବିଦ୍ୟାଳୟରେ ଉଚ୍ଚ ସ୍ଥାନରେ ରହୁଥିଲେ ମଧ୍ୟ ଅଧ୍ୟୟନ ଛାଡିବାକୁ ବାଧ୍ୟ ହୋଇଥିଲେ, କାରଣ ବିଦ୍ୟାଳୟର ଫିଜ୍ ଦେବାକୁ ସେ ସକ୍ଷମ ନଥିଲେ । ସେନାପତିଙ୍କ ପିଲାଦିନ ଅତ୍ୟନ୍ତ ସମସ୍ୟା ବହୁଳ ଥିଲା, କାରଣ ସେ ବହୁତ କମ୍ ବୟସରେ ପିତାମାତାଙ୍କୁ ହରାଇଥିଲେ ଏବଂ ତାଙ୍କ ଜେଜେମାଙ୍କ ଦ୍ୱାରା ପାଳିତ ହୋଇଥିଲେ । ସେ ଏପରି ଏକ ସମୟରେ ଜନ୍ମ ହୋଇଥିଲେ ଯେତେବେଳେ ଓଡିଶା ଔପନିବେଶିକ ଅଧୀନରେ ଥିଲା । ସେ ୧୮୬୫ର ମହା ଦୁର୍ଭିକ୍ଷ ଏବଂ ଭାଷା ଆନ୍ଦୋଳନ ଦେଖିଛନ୍ତି ଏବଂ ଓଡିଆ ଭାଷା ଏବଂ ସାହିତ୍ୟର ପ୍ରଚାରରେ ସକ୍ରିୟ ଅଂଶଗ୍ରହଣ କରିଛନ୍ତି । ସେନାପତି ଆଧୁନିକ ଓଡିଶାର ପିତାମହ ଭାବରେ ଜଣାଶୁଣା । ସେ ପ୍ରାୟତଃ ଓଡିଆମାନଙ୍କୁ ଦେଇଥିବା ବିସ୍ତୃତ ଲେଖା ପାଇଁ ସାହିତ୍ୟିକ ଭାବରେ ଲୋକମାନଙ୍କ ଭିତରେ ପରିଚିତ । କିନ୍ତୁ ତାଙ୍କୁ କେବଳ ସାହିତ୍ୟିକ ରୂପେ  ସୀମିତ ରଖିବା ଭୁଲ୍ ହେବ । ସେନାପତି ଏକ ସମୟରେ ଲେଖୁଥିଲେ ଯେତେବେଳେ ଲେଖିବା ପ୍ରଶ୍ନ ହୋଇନଥିଲା ଏବଂ ଜଣଙ୍କର ପରିଚୟ ପାଇଁ ଏକ ସମସ୍ୟା ଭାବରେ ଦେଖା ଯାଉଥିଲା । ଏକ ଭାଷାରେ ଉପଲବ୍ଧ ସାହିତ୍ୟ ଆଧୁନିକ ଯୁଗରେ ଭାଷାର ମହାନତା ମାପିବା ପାଇଁ ଏକ ପ୍ରାଧାନ୍ୟ ପାଲଟିଥିଲା । ସେନାପତିଙ୍କ ଆତ୍ମଜୀବନୀ ହେଉଛି ଓଡିଆରେ ଲିଖିତ ପ୍ରଥମ ଆତ୍ମଜୀବନୀ । ଆତ୍ମଜୀବନୀ ସହିତ ସେ ଓଡିଆ ସାହିତ୍ୟରେ କ୍ଷୁଦ୍ରଗଳ୍ପ ଏବଂ ଉପନ୍ୟାସ ଲେଖିବା ମଧ୍ୟ ଆରମ୍ଭ କରିଥିଲେ । ତାଙ୍କ ଲେଖା ସାମ୍ରାଜ୍ୟବାଦ ଏବଂ ମହିଳା ଶିକ୍ଷାକୁ ନେଇ ବିଭିନ୍ନ ବିଷୟ ଉପରେ ରହିଥିଲା, ଅନ୍ଧବିଶ୍ୱାସୀ ରକ୍ଷଣଶୀଳ ଚିନ୍ତାଧାରାକୁ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚ୍ୟାଲେଞ୍ଜ କରି ସେହି ସମୟରେ ଘଟୁଥିବା ପ୍ରତିଫଳିତ ହୋଇଥିଲା । ତାଙ୍କୁ ଏକ ସାମାଜିକ ବାସ୍ତବବାଦୀ ବୋଲି କୁହାଯାଏ । ସେ ଓଡ଼ିଶାର ପ୍ରେମଚାନ୍ଦ ଭାବରେ ପରିଗଣିତ ହୋଇଥିଲେ ହେଁ ସେ ତାଙ୍କ ପୂର୍ବରୁ ଲେଖୁଥିଲେ । ସେନାପତିଙ୍କ ଦ୍ୱାରା ଲେଖା ଏକ ସୁଚିନ୍ତିତ କାର୍ଯ୍ୟ ଥିଲା । ସେ ଏହି ପ୍ରସଙ୍ଗରେ ଲେଖିବା ଆରମ୍ଭ କରିଥିଲେ ଯେଉଁଠାରେ ଓଡିଆ ଭାଷାକୁ ବଙ୍ଗୀୟମାନେ ଏହାର ଭିନ୍ନତା ଉପରେ ପ୍ରଶ୍ନ କରିଥିଲେ ଏବଂ ସେ ମତ ରଖିଥିଲେ ଯେ ଭାଷା ପଢିବା ଏବଂ ଲେଖିବା ଦ୍ୱାରା କେବଳ ଜଣେ ସେମାନଙ୍କ ଭାଷାର ସେବା କରିପାରିବ । ୧୮୬୬ ମସିହାରେ ସେ ବାଲେଶ୍ୱରରେ ପି ଏମ ସେନାପତି ଆଣ୍ଡ କୋ, ଉତ୍କଳ ପ୍ରେସ ନାମରେ ଏକ ପ୍ରିଣ୍ଟିଂ ମେସିନ୍ ପ୍ରତିଷ୍ଠା କଲେ । ଉପରୋକ୍ତ ଗଣମାଧ୍ୟମ ଦ୍ୱାରା ପ୍ରକାଶିତ ଦୁଇଟି ଖବରକାଗଜ ହେଲା 'ବୋଧଦାୟିନୀ' ଏବଂ 'ବାଲେଶ୍ୱର୍ ସମ୍ବାଦ ବାହିକା' । ପୂର୍ବଟି ସାହିତ୍ୟ ଭିତ୍ତିକ ହୋଇଥିବାବେଳେ ଶେଷଟି ସମ୍ବାଦଭିତ୍ତିକ ଥିଲା । ଲେଖା ଅଭାବ ହେତୁ ଏହି ଦୁଇଟି ଅନିୟମିତ ଭାବରେ ପ୍ରକାଶିତ ହୋଇଥିଲା । ସେନାପତି କହିଛନ୍ତି ଯେ ପ୍ରାୟ ଚାଳିଶରୁ ପଚାଶ ଲୋକ ଏହାର ଗ୍ରାହକ ଥିଲେ ଏବଂ ଦଶଜଣ ଲୋକ ଏହାର ମୂଲ୍ୟ ଦେବାକୁ ବ୍ୟବହାର କରୁଥିଲେ । ସେନାପତି ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଆତ୍ମଜୀବନୀ, ବିଦ୍ୟାଳୟ ପାଠ୍ୟ ପୁସ୍ତକ, ବ୍ୟାକରଣ ଏବଂ ଅଭିଧାନ ଲେଖିଥିଲେ ଏବଂ ଧାର୍ମିକ ଗ୍ରନ୍ଥଗୁଡ଼ିକୁ ଅନୁବାଦ କରିଥିଲେ । ସେ ବିଶ୍ୱାସ  କରିଥିଲେ ଯେ ଭାଷାର ବିକାଶରେ ଲେଖା ସହ ଜଡିତ ଏବଂ ଭାଷାର ବିକାଶ ଦେଶ ପାଇଁ ସମାନ ଅଟେ । ସେନାପତିଙ୍କ ସାହିତ୍ୟ ଜୀବନ କବି ଭାବରେ ଆରମ୍ଭ ହୋଇଥିଲା । ସେ ରାମାୟଣ (୧୮୮୪ -୧୮୯୫), ମହାଭାରତ (୧୮୮୭ - ୧୯୦୫) ଏବଂ ଗୀତା (୧୮୮୭)କୁ ଅନୁବାଦ କରିଥିଲେ । ଏହା ସହିତ ସେ ବ୍ୟକ୍ତିଗତ ଧର୍ମ ଏବଂ ଭାବନା ଉପରେ ଅନେକ କ୍ଷୁଦ୍ର ଗୀତ ବା କବିତା ଲେଖିଥିଲେ, ଯାହା ପରେ ପୁଷ୍ପମାଳା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

(୧୮୯୪), ଉପହାର (୧୮୯୫), ଅବସରେ ବସରେ (୧୯୦୮) ପରି ଭଲ୍ୟୁମରେ ସଂଗୃହିତ ହୋଇଥିଲା । ପୂଜାଫୁଲ, ପ୍ରାର୍ଥନା ଏବଂ ଧୂଳି ଯାହା ୧୯୧୨ରେ ପ୍ରକାଶିତ ହୋଇଥିଲା । ସେ ଉତ୍କଳ ଭ୍ରମଣ (୧୮୯୨) ନାମକ ଏକ ଲମ୍ବା କବିତା ଲେଖିଥିଲେ ଯାହାକି ଓଡିଶାର ସାହିତ୍ୟିକ, ସାଂସ୍କୃତିକ ତଥା ରାଜନୈତିକ ବିବରଣୀ ଥିଲା । ସେ ଗୌତମ ବୁଦ୍ଧଙ୍କ ଜୀବନ ଏବଂ ପ୍ରଚାର ଉପରେ ଆଧାର କରି ବାଧାବତରା କାଭିଆ (୧୯୦୯) ନାମକ ଏକ କାବ୍ୟ ଲେଖିଥିଲେ । କିନ୍ତୁ ସାହିତ୍ୟରେ ତାଙ୍କର ପ୍ରକୃତ ଶକ୍ତି ଯାହା ପାଇଁ ସେ ଜଣେ ଅଗ୍ରଦୂତ ଭାବରେ ପରିଚିତ ହୋଇଥିଲେ, ଉପନ୍ୟାସ, କ୍ଷୁଦ୍ରଗଳ୍ପ ଏବଂ ଆତ୍ମଜୀବନୀରେ ଥିଲା, ଓଡିଆ ସାହିତ୍ୟର ଏହି ତିନୋଟି ଧାରା ତାଙ୍କ ଦ୍ୱାରା ଓଡିଶାରେ ପରିଚିତ ହୋଇଥିଲା, ଯାହା ଓଡିଆ ଗଦ୍ୟକୁ ଏକ ସ୍ୱତନ୍ତ୍ର ସୃଜନଶୀଳ ରୂପ ଦେଇଥିଲା । ସେ ଲେଖିଥିବା ଉପନ୍ୟାସଗୁଡ଼ିକ ଥିଲା, ଛ ମାଣ ଆଠଗୁଣ୍ଠ -୧୯୦୨, ମାମୁଁ ୧୯୧୩, ଲଛମା - ୧୯୧୪ ଏବଂ ପ୍ରାୟଶ୍ଚିତ । ସେ ୨୦ଟି କ୍ଷୁଦ୍ରଗଳ୍ପର ଏକ ଗୋଷ୍ଠୀ ଲେଖିଥିଲେ, ଯାହାକି ୧୯୧୭ ମସିହାରେ ଗଳ୍ପ ସ୍ୱଳ୍ପ ନାମକ ଏକ ଭଲ୍ୟୁମରେ ସଂଗୃହିତ ହୋଇଥିଲା ଏବଂ ଏକ ଆତ୍ମଜୀବନୀ ଯାହାକି "ଆତ୍ମଜୀବନ ଚରିତ" ନାମରେ ୧୯୨୭ ମସିହାରେ ପ୍ରକାଶିତ ହୋଇଥିଲା ଯାହାକି ବ୍ୟକ୍ତିଗତ ଲେଖା ଅପେକ୍ଷା ସାଧାରଣ ଜୀବନର ବର୍ଣ୍ଣନା ଥିଲା । ଏହା ଓଡିଶାର ସାମାଜିକ-ଅର୍ଥନୈତିକ ସ୍ଥିତିର ୨୦୦ ବର୍ଷର ଇତିହାସ ପ୍ରଦାନ କରେ । ଫକିର ମୋହନଙ୍କ କାର୍ଯ୍ୟର ସବୁଠାରୁ ଭିନ୍ନ ଅଂଶ ହେଉଛି ତାଙ୍କର ଭାଷା ବ୍ୟବହାର । ସେ ଓଡିଆର ସଂସ୍କୃତୀକରଣରେ ସହଯୋଗ କରିଥିଲେ । ତାଙ୍କର ଉପନ୍ୟାସ ଏବଂ କାହାଣୀ ଏବଂ ବହୁ ପରିମାଣରେ ତାଙ୍କର ଆତ୍ମଜୀବନୀ ସାମାଜିକ ବାସ୍ତବବାଦୀତାର ଚିତ୍ରଣ ଦିଗରେ ଏକ ନୂତନ ଏବଂ ଦୃଢ ଧାରା ସ୍ଥିର କରିଥିଲା । ତାଙ୍କର ଲେଖାଗୁଡ଼ିକ ପୂର୍ବ ଲେଖା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥିବା ବ୍ୟବଧାନକୁ ଦୂର କରିଥିଲା କାରଣ ସାଧାରଣ ଲେଖାଗୁଡ଼ିକ ସାଧାରଣ ଲୋକମାନେ ପଢିବା ପାଇଁ କଷ୍ଟ ହେଉଥିଲା କାରଣ ସେଗୁଡିକ ସଂସ୍କୃତରେ ଥିଲା । ବରଂ ସେ ସାଧାରଣ ଲୋକଙ୍କୁ କୃଷକ, କାରିଗର ପରି ବିବେଚନା କରିଥିଲେ ଏବଂ ସେଥିପାଇଁ ସେ ସାଧାରଣ ଦୈନନ୍ଦିନ ଭାଷା ବାଛିଲେ ଯାହା ଓଡିଆକୁ ଏକ ପୃଥକ ତଥା ସ୍ୱାଧୀନ ଭାଷା ଭାବରେ ବଞ୍ଚାଇ ରଖିବାକୁ । ଅର୍ଥାତ ସେ ସାଧାରଣ ଗାଉଁଲି ଭାଷାକୁ ତାଙ୍କ ଲେଖା ଗୁଡିକୁ ସ୍ଥାନ ଦେଇଥିଲେ, ଯାହାଫଳରେ ସାଧାରଣ ଲୋକ ସେଗୁଡିକ ବୁଝିବା ପାଇଁ ସକ୍ଷମ ହେବେ । ବୋଧହୁଏ ଜନ୍ ବିମ୍ସଙ୍କ ସହ ଫକିର ମୋହନ ସେନାପତିଙ୍କ ସହଯୋଗିତା ଏକ ଗଭୀର ଭାବନା ସୃଷ୍ଟି କରିଥିଲା ଯାହା ତାଙ୍କୁ 'ଚସା' ଭାଷାରେ ଲେଖିବାରେ ସାହାଯ୍ୟ କରିଥିଲା । ସେ ଓଡିଆ ପରିଚୟ ବଞ୍ଚାଇବା ପାଇଁ ଲେଖିବା ଆରମ୍ଭ କଲେ । ଏହା କରି ସେ ଦୁଇଟି ଉଦ୍ଦେଶ୍ୟର ପୂର୍ତ୍ତି କରିଥିଲେ । ପ୍ରଥମତଃ, ସେ ଓଡ଼ିଶାର ଉପକୂଳ ବେଲ୍ଟରେ ବ୍ୟବହୃତ ଭାଷାଭାଷୀ ଭାଷାକୁ ପ୍ରକୃତ ଭାଷା ଭାବରେ ପ୍ରତିଷ୍ଠା କରିବାକୁ ଚେଷ୍ଟା କରୁଥିଲେ ଏବଂ ଏହା ପ୍ରମାଣ କରିବାକୁ ଚେଷ୍ଟା କରିଥିଲେ ଯେ ଓଡିଆ ଏବଂ ବଙ୍ଗାଳୀ ମଧ୍ୟରେ ପ୍ରକୃତ ପାର୍ଥକ୍ୟ ଏହିଠାରେ ହିଁ ଦେଖିବାକୁ ମିଳେ । ଦ୍ୱିତୀୟତଃ ସେ ଏକ ଇତିହାସ ସୃଷ୍ଟି କରିବାକୁ ଚାହିଁଥିଲେ ଯାହାକି ଓଡିଆମାନଙ୍କ ମଧ୍ୟରେ ଗର୍ବ ଏବଂ ଚେତନା ଏବଂ ଏକ ଓଡିଆ ଇତିହାସ ପ୍ରତିଷ୍ଠା କରିବାରେ ସହାୟକ ହେବ । ସେନାପତିଙ୍କ ପାଇଁ ଜାତୀୟତା ଏବଂ ଭାଷା ପରସ୍ପର ସହ ଜଡିତ କାରଣ ସେ ବିଶ୍ୱାସ କରୁଥିଲେ ଯେ ଭାଷା ଦ୍ୱାରା ଜାତୀୟତା ନିର୍ଣ୍ଣୟ କରାଯାଏ । ସେ କୁହନ୍ତି "ମୋର ଉଭୟ ଶରୀର, ନା ମନ, କିମ୍ବା ଶିକ୍ଷାର ଶକ୍ତି ଅଛି, କେବଳ ସାହିତ୍ୟର ସେବା କରିବା ପାଇଁ ଏକ ନିରନ୍ତର ଏବଂ ଅପାରଗ ଇଚ୍ଛା ।" ସେ ପରାମର୍ଶ ଦେଇଛନ୍ତି ଯେ ଶିକ୍ଷିତ ଲୋକମାନଙ୍କ ଦ୍ୱାରା ଜାତୀୟ ସାହିତ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଚାରୋଟି ଉପାୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଗ୍ରହଣ କରାଯିବା ଉଚିତ ଏବଂ ତାହା ହେଉଛି; "ଏହାକୁ ପଢ ଏବଂ ଅନ୍ୟମାନଙ୍କୁ ଏହାକୁ ପଢ଼ିବାକୁ ଉତ୍ସାହିତ କର; ଏହାକୁ ଲେଖିବା ପାଇଁ ଅନ୍ୟମାନଙ୍କୁ ଲେଖ ଏବଂ ଉତ୍ସାହିତ କର ।" ତାଙ୍କ ପାଇଁ, "ଯେଉଁ ଦେଶର ଭାଷା ବିକଶିତ ହୋଇନାହିଁ, ସେ ଜାଗ୍ରତ ନୁହଁନ୍ତି । ଏଥିରେ ପଦକ୍ଷେପ ଅଭାବ ଏବଂ ଆତ୍ମ ସମ୍ମାନ ବଜାୟ ରଖିବାରେ ଅସମର୍ଥ ।" ସେ ଆହୁରି ମଧ୍ୟ କହିଛନ୍ତି ଯେ, "କୌଣସି ରାଷ୍ଟ୍ର ମାତୃଭାଷା ହରାଇ କେବେ ଅଗ୍ରଗତି କରିନାହାଁନ୍ତି । ମାତୃଭାଷାକୁ ଅବହେଳା କରୁଥିବା କୌଣସି ରାଷ୍ଟ୍ରର ଅବନତି ଏବଂ କ୍ଷୟ ଅନିବାର୍ଯ୍ୟ ।" ତାଙ୍କ ପାଇଁ, ଯେକୌଣସି ରାଷ୍ଟ୍ରର ଅଗ୍ରଗତି ପାଇଁ, ଏହାର ଭାଷା ଏବଂ ସାହିତ୍ୟର ବିକାଶ ମୌଳିକ ଅଟେ । ଫକିର ମୋହନଙ୍କ ପାଇଁ ଏକ ଦେଶର ଜାତୀୟ ସମ୍ମାନ ମାତୃଭାଷା ଦ୍ୱାରା ଚିହ୍ନିତ ହୁଏ, ତେଣୁ ଏହି ସମ୍ମାନ ପାଇଁ ସେହି ଦେଶର ଭାଷା ଏବଂ ସାହିତ୍ୟର ଉପରେ ନିର୍ଭର କରିବାକୁ ପଡ଼ିବ । ତାଙ୍କ ଅନୁଯାୟୀ, ଗଳ୍ପ, ଗଳ୍ପ, ନାଟକ ଏବଂ ଗୀତଗୁଡ଼ିକ ନିଜ ମାତୃଭାଷା ସହାୟତାରେ ଲୋକପ୍ରିୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତତ୍କାଳୀନ ସମୟ ବିଷୟରେ କଥାବାର୍ତ୍ତା କରୁଥିବାବେଳେ ସେନାପତି କହିଛନ୍ତି ଯେ ସେତେବେଳେ ଓଡିଆ-ବଙ୍ଗଳା ବିବାଦ ଚାଲିଥିଲା । ସେହି ସମୟରେ ସମସ୍ତ ସରକାରୀ କାର୍ଯ୍ୟାଳୟରେ ମୁଖ୍ୟ ଅଧିକାରୀମାନେ ବଙ୍ଗୀୟ ଥିଲେ । ବଙ୍ଗୀୟମାନେ ଓଡିଆକୁ ବଦଳାଇ ବଙ୍ଗାଳୀକୁ ସରକାରୀ ଭାଷା କରିବାକୁ ଚେଷ୍ଟା କରୁଥିଲେ । ଯେତେବେଳେ ବି ଚାକିରିର ସ୍ଥାନ ଖାଲି ପଡ଼େ, ବଙ୍ଗୀୟମାନେ ଯେକୌଣସି ପ୍ରକାରେ ନିଜ ଭାଇମାନଙ୍କୁ ନିଯୁକ୍ତ କରିବାକୁ ଚେଷ୍ଟା କରୁଥିଲେ । ସରକାରୀ କାର୍ଯ୍ୟାଳୟରେ ଏବଂ ଡାକ ବିଭାଗରେ ଗୋଟିଏ ହେଲେ ଓଡିଆ ନଥିଲେ । ସେନାପତି ମଧ୍ୟ ବୃନ୍ଦାବନ ଚନ୍ଦ୍ର ମଣ୍ଡଳ ନାମକ ଜଣେ ମୁଖ୍ୟ ଜମିଦାରଙ୍କ ସଂକ୍ଷିପ୍ତ ବିବରଣୀ ଦେଇଛନ୍ତି । ପ୍ରତିଦିନ ସନ୍ଧ୍ୟାରେ ବଙ୍ଗୀୟମାନେ କିପରି ତାଙ୍କ ସହିତ ଭେଟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରୁଥିଲେ ଏବଂ ତାଙ୍କ ଘରେ ୯ଟା ପର୍ଯ୍ୟନ୍ତ ସଭା ଜାରି ରଖୁଥିଲେ । ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କିପରି ଓଡିଆକୁ ବଙ୍ଗାଳୀ ସହିତ ବଦଳାଇବେ ସେହି ବୈଠକର ଏକମାତ୍ର ଉଦ୍ଦେଶ୍ୟ ଥିଲା । ତାଙ୍କ ଜୀବନର ଏକ ଘଟଣା ବିଷୟରେ ସେନାପତି କହିଛନ୍ତି ଯେ ବାରବାଟୀସ୍କୁଲ କମିଟିରେ ୭ ଜଣ ସଦସ୍ୟ ଥିଲେ ଯେଉଁଥିରୁ ୬ ଜଣ ବଙ୍ଗୀୟ ଏବଂ ସେ ଏକମାତ୍ର ଓଡିଆ ଥିଲେ । ଦିନେ ହଠାତ୍ କମିଟି ଡକାଗଲା ଏବଂ ସେନାପତି ସେଠାରେ ନଥିଲେ । ବଙ୍ଗୀୟ ସହକର୍ମୀ ବୃନ୍ଦାବନବାବୁ କମିଟି ଆଗରେ ପ୍ରସ୍ତାବ ଦେଇଥିଲେ ଯେ ଫକିର ମୋହନଙ୍କୁ ହଟାଇବା ଉଚିତ୍ ନଚେତ୍ ସେ କମିଟିରୁ ବାହାରକୁ ଯିବେ । ସେଠାରେ ଏକ ତୀବ୍ର ପରିସ୍ଥିତି ସୃଷ୍ଟି ହୋଇଥିଲା । ବିଦ୍ୟାଳୟଟି ଉଭୟ ଓଡିଆ ଏବଂ ବଙ୍ଗୀୟମାନଙ୍କ ଦ୍ୱାରା ସମାନ ଭାବରେ ଦାନ ମାଧ୍ୟମରେ ଚାଲୁଥିଲା । ଯଦି ସେ ବାହାରକୁ ଯାଆନ୍ତି ତେବେ ବଙ୍ଗୀୟମାନେ ଯୋଗଦାନ ବନ୍ଦ କରିଦିଅନ୍ତି ଏବଂ ଯଦି ସେନାପତିଙ୍କୁ ହଟାଇ ଦିଆଯାଏ ତେବେ ଓଡିଆମାନେ ଦାନ ବନ୍ଦ କରିବେ । ବିଦ୍ୟାଳୟ ଚଳାଇବା ପାଇଁ ସମସ୍ତ ଆବଶ୍ୟକୀୟ ଅର୍ଥ ଦେବାକୁ ବୃନ୍ଦାବନ ବାବୁ ରାଜି ହୋଇଥିଲେ ଏବଂ ସେନାପତିଙ୍କୁ ବିଦ୍ୟାଳୟରୁ ହଟାଇ ଦିଆଗଲା । ଏହା ପରେ ଓଡିଆମାନେ ଯୋଗଦାନ ବନ୍ଦ କରିଦେଲେ । ଦେବାର କିଛି ମାସ ପରେ, ବୃନ୍ଦାବନ ବାବୁ ଯୋଗଦାନ ବନ୍ଦ କରିଦେଲେ ଏବଂ ପରେ ବିଦ୍ୟାଳୟ ବନ୍ଦ ହୋଇଗଲା । ସେନାପତି ଆହୁରି ମଧ୍ୟ କହିଛନ୍ତି ଯେ ଏହି ଦେଶ ଏକ ତାନପୁରା ଭଳି, ଯାହାକି ଭାରତର ବିଭିନ୍ନ ଅଞ୍ଚଳ ଏବଂ ଭାଷା ସହିତ ତୁଳନାତ୍ମକ ଭାବରେ ଅନେକ ସ୍ୱାଧୀନ ଏବଂ ପରସ୍ପର ଉପରେ ନିର୍ଭରଶୀଳ ଷ୍ଟ୍ରିଙ୍ଗ୍ ରହିଛି । ଯେତେବେଳେ ଏହି ଷ୍ଟ୍ରିଙ୍ଗଗୁଡିକ ଏକାଠି ରଖାଯାଏ ସେମାନେ ସୁସଜ୍ଜିତ “ବନ୍ଦେ ମାତରମ” ତିଆରି କରନ୍ତି କିନ୍ତୁ ଯଦି ସେମାନେ ପରସ୍ପର ସହିତ ହସ୍ତକ୍ଷେପ କରନ୍ତି, ତେବେ କୌଣସି ସଙ୍ଗୀତ ରହିବ ନାହିଁ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି, "ବିଭିନ୍ନ ସଭାରେ ଭାଷଣ ଦେବା, ସମ୍ବାଦ ବାହିକାରେ ମୋର ଲେଖା ଏବଂ ଖୋଲାଖୋଲି ଭାବରେ ବିତର୍କ ପାଇଁ ମୁଁ ବଙ୍ଗୀୟମାନଙ୍କର ପ୍ରମୁଖ ଶତ୍ରୁ ହୋଇଯାଇଛି । ସେମାନେ ମୋତେ ଏତେ ଘୃଣା କରନ୍ତି ଯେ ସେମାନେ ମୋତେ ନାମରେ ଡାକନ୍ତି ନାହିଁ ଏବଂ ମୋତେ ସାଲା ରିଙ୍ଗ ନେତା ବୋଲି ନାମିତ କରନ୍ତି ।" ବ୍ୟକ୍ତିଗତ ଆକ୍ରମଣ ଏବଂ ଅପମାନ ସତ୍ତ୍ୱେ ସେ ଭାଷା ସାମ୍ରାଜ୍ୟବାଦର ମୁକାବିଲା କରିଥିଲେ । ତାଙ୍କୁ 'ସାଲା ରିଙ୍ଗ ନେତା' କୁହାଯାଉଥିଲା ଏବଂ ବଙ୍ଗୀୟ ଲୋକଙ୍କ ଘୃଣାକୁ ବହନ କରିବାକୁ ପଡୁଥିଲା । ମାତୃଭାଷା ପ୍ରତି ତାଙ୍କର ସ୍ନେହ ଏବଂ ନିଷ୍ଠା ଓଡିଆକୁ ଅନ୍ୟ ପଡୋଶୀ ପ୍ରାଧାନ୍ୟ ଭାଷା ସହିତ ବୁଡ଼ିବାକୁ ଦେଇ ନଥିଲା ଏବଂ ଏହାକୁ ଏକସ୍ୱାଧୀନ ଭାଷା ଭାବରେ ଜୀବନ୍ତ ରଖିଥିଲା ।

ସାମ୍ପ୍ରତିକ ପରିସ୍ଥିତିରେ ଏହା ଦେଖାଯାଉଛି ଯେ ଓଡିଆ ଭାଷା ଧୀରେ ଧୀରେ ନିଜର ପରିଚୟ ହରାଉଛି ଏବଂ ହିନ୍ଦୀ ଏବଂ ଇଂରାଜୀ ପରି ଅନ୍ୟ ଭାଷା ତାଙ୍କ ସ୍ଥାନ ନେଉଛି । ଓଡିଆ ଭାଷା ସମ୍ପୂର୍ଣ୍ଣ ବିପଦର ସମ୍ମୁଖୀନ । ଆସନ୍ତୁ ଜାଣିବା କାହିଁକି ଏହା ଘଟୁଛି ?

୧ - ଗୋଟିଏ ଭାଷାର ବିକାଶ ସେତେବେଳେ ହୋଇଥାଏ ଯେତେବେଳେ ବ୍ୟବସ୍ଥା ଏହାର ସାହିତ୍ୟ, ସଂସ୍କୃତି, କଳା ଏବଂ ସ୍ଥାପତ୍ୟକୁ ନିଜର ମାତୃଭାଷା ମାଧ୍ୟମରେ ଲୋକମାନଙ୍କ ପାଖରେ ପହଞ୍ଚାଇ ଦିଆଯାଇ ଥାଏ । କିନ୍ତୁ ଦୁର୍ଭାଗ୍ୟବଶତଃ ଏହି କାର୍ଯ୍ୟକଳାପ ପୂର୍ବରୁ ବନ୍ଦ ହୋଇସାରିଛି, ଏପରିକି ମହାନ ଲେଖକଙ୍କ କାହାଣୀ ଯାହା ପୂର୍ବରୁ ଆମ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଥିଲା, ତାହା ବର୍ତ୍ତମାନ ପୁସ୍ତକରୁ ପୃଥକ କରାଯାଇଛି । ପୁସ୍ତକ ଷ୍ଟଲରେ ନବଜାଗରଣ ଆନ୍ଦୋଳନ ଯୁଗର ଲେଖକ ମାନଙ୍କର ସାହିତ୍ୟ ଉପଲବ୍ଧ ନାହିଁ । ସାହିତ୍ୟର ପୁନଃ ମୁଦ୍ରଣ ଯେଉଁଥିରେ ଜୀବନର ସମସ୍ତ ଦିଗକୁ ଆଚ୍ଛାଦନ କରୁଥିବା ସମସ୍ତ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପ୍ରକାରର ସମସ୍ୟା ବିରୋଧରେ ସାମାଜିକ ଆନ୍ଦୋଳନ ବର୍ତ୍ତମାନ ବନ୍ଦ ହୋଇଯାଇଛି । ଏକ ଭାଷାର ଅସ୍ତିତ୍ୱର ଧାରା ଗତିଶୀଳ । ଯଦି ଏହାକୁ ଚଳନଶୀଳ କରାନଯାଏ ତାହାହେଲେ ଏହା ନିଶ୍ଚିତ ଭାବରେ ଅସ୍ତିତ୍ୱ ହରାଇବ ।

୨ – ଉଚ୍ଚଶିକ୍ଷା ଅଧ୍ୟୟନରେ, ଓଡିଆକୁ ଗୁରୁତ୍ୱ ଦିଆଯାଉ ନାହିଁ । ସମସ୍ତ ପୁସ୍ତକ ଇଂରାଜୀରେ ଲେଖାଯାଇଛି ଏବଂ ଛାତ୍ର ଛାତ୍ରୀମାନେ ଦୀର୍ଘ ଦିନ ଧରି ଓଡିଆ ସହିତ ସମ୍ପର୍କ ରଖିବାରେ ଅସମର୍ଥ ହୋଇ ଇଂରାଜୀ ଅଧ୍ୟୟନ କରୁଛନ୍ତି । ମେଡିକାଲ ଏବଂ ଇଞ୍ଜିନିୟରିଂ ପାଠ୍ୟକ୍ରମ ଏପର୍ଯ୍ୟନ୍ତ ଓଡିଆ ଭାଷାରେ ଲେଖା ହୋଇନାହିଁ, ତେବେ ଯୁବ ସମାଜ କିପରି ସେମାନଙ୍କ ମାତୃଭାଷା ସହିତ ସମ୍ପର୍କ ରଖିବାକୁ ସମର୍ଥ ହେବ ?

୩ - ଫକିରମୋହନ ସେନାପତି, ଗଙ୍ଗାଧର ମେହେର, ପ୍ୟାରୀ ମୋହନ ଆଚାର୍ଯ୍ୟ, ରାଧାନାଥ ରାୟ, ବାଞ୍ଛାନିଧି ମହାନ୍ତି ପରି ନବଜାଗରଣ ଲେଖକଙ୍କ ମହାନ ସୃଷ୍ଟି ସାହିତ୍ୟ ଆଜି ବଜାରରେ ଉପଲବ୍ଧ ନାହିଁ ଯାହାଫଳରେ ବର୍ତ୍ତମାନ ପିଢ଼ି ନା ସେମାନଙ୍କୁ ଜାଣିପାରୁଛନ୍ତି ନା ସେମାନଙ୍କ ଦ୍ୱାରା ଲେଖା ଯାଇଥିବା ସାହିତ୍ୟକୁ ପଢି ପାରୁଛନ୍ତି ।

୪ - ଇଂରାଜୀ ପୁସ୍ତକଗୁଡ଼ିକର ଓଡ଼ିଆ ଅନୁବାଦ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଛି ଯାହା ଫଳରେ ଯେଉଁ ମାନଙ୍କର ଇଂରାଜୀ ଜ୍ଞାନ ନାହିଁ ସେମାନେ ଜ୍ଞାନ ଜଗତ ଭିତରକୁ ପ୍ରବେଶ କରିବାରେ ସକ୍ଷମ ହୋଇ ପାରିବେ ନାହିଁ ।

୫ - ବର୍ତ୍ତମାନ ଓଡିଆ ପିଲାମାନଙ୍କର ସାହିତ୍ୟ ଏବଂ ଲେଖକ ଉଭୟ ଅବହେଳିତ ହୋଇଛନ୍ତି । ଆମେ ଜାଣୁ ଭାଷାର ବିକାଶ ପାଇଁ ପିଲାମାନଙ୍କ ସାହିତ୍ୟର ଏକ ବଡ଼ ଭୂମିକା ରହିଛି, ପିଲାମାନଙ୍କର ସାହିତ୍ୟ କେବଳ ମନୋରଞ୍ଜନ ଏବଂ ଶିକ୍ଷା ପାଇଁ ଲେଖାଯାଇ ନାହିଁ । ପିଲାମାନଙ୍କର କ୍ଷୁଦ୍ରଗଳ୍ପ, କବିତା, ପ୍ରବନ୍ଧ ଏବଂ ବିଜ୍ଞାନ ସବୁ ପାଠ୍ୟ ପୁସ୍ତକରେ ପଢା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାଇଥାଏ । ପ୍ରାଥମିକ ଏବଂ ମାଧ୍ୟମିକ ସ୍ତରରେ ଶିଶୁ ସାହିତ୍ୟ ଶିକ୍ଷା ଦିଆଯାଏ । ଏପରିକି ପିଲାମାନଙ୍କର ସାହିତ୍ୟ ଲେଖିବା ବହୁତ କଷ୍ଟକର । କାହାଣୀ, କବିତା, ପ୍ରବନ୍ଧ, ଉପନ୍ୟାସ ଏବଂ ଏକାଂକିକା ଲେଖିବାରେ ଶିଶୁଲେଖକ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ, କିନ୍ତୁ ବର୍ତ୍ତମାନ ସେମାନଙ୍କୁ ଅବହେଳା କରାଯାଉଛି । ସେଥିପାଇଁ ଅନେକ ଲେଖକ ଆଉ ଏଥିରେ ଧ୍ୟାନ ଦିଅନ୍ତି ନାହିଁ । ଶିଶୁ ଲେଖକମାନଙ୍କ ପାଇଁ ଜିଲ୍ଲା ସ୍ତରୀୟ ଏବଂ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ କ୍ୱଚିତ୍ ଦେଖାଯାଏ । ଅତୀତରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକାଶିତ ଅନେକ ଶିଶୁ ପ୍ରକାଶନ ବନ୍ଦ ହୋଇଯାଇଛି । ସାଧାରଣତଃ ଶିଶୁ ସାହିତ୍ୟର ବିକାଶ ଉପରେ କମ୍ ଗୁରୁତ୍ୱ ଦିଆଯାଉଛି । ଯଦି ଆମେ ଶିଶୁ ସାହିତ୍ୟର ବିକାଶ ପ୍ରତି ଦୃଷ୍ଟି ନଦେବା, ତେବେ ଆଗକୁ  ପାଠ୍ୟ ପୁସ୍ତକ ପାଇଁ ଲେଖାର ଅଭାବ ଅନୁଭବ କରିବୁ । ଏପରି ପରିସ୍ଥିତିରେ ନୂତନ ପିଢ଼ି ଜଡ ବିହୀନ ହେବା ସ୍ୱାଭାବିକ କାରଣ ଆମେ ଓଡିଆର ପରିବେଶ ଉପଲବ୍ଧ କରାଇ ପାରିଲୁ ନାହିଁ, ବର୍ତ୍ତମାନ ପରିସ୍ଥିତିରେ ନା ସେମାନେ ଇଂରାଜୀରେ ପରିପକ୍ୱତା ହାସଲ କରିପାରୁଛନ୍ତି ନା ଓଡିଆରେ । ଯଦି ଉପରୋକ୍ତ ବିନ୍ଦୁ ଗୁଡିକ ଉପରେ ପଦକ୍ଷେପ ନିଆଯାଏ ତେବେ ଆମେ ଶ୍ମଶାନ ପ୍ରାଙ୍ଗଣରୁ ଓଡିଆ ଭାଷାକୁ ଫେରାଇ ପାରିବା । ଏଠାରେ ଋଷ, ଜର୍ମାନୀ, ଫ୍ରାନ୍ସ ଏବଂ ଜାପାନ ପରି ଅନ୍ୟ ଦେଶ ବିଷୟରେ ଆଲୋଚନା କରିବା ଉଚିତ୍, ଯେଉଁମାନେ କେବଳ ସେମାନଙ୍କର ମାତୃଭାଷା ବ୍ୟବହାର କରନ୍ତି ଏବଂ ସେମାନଙ୍କର ପ୍ରତ୍ୟେକ କାର୍ଯ୍ୟକଳାପ ମାତୃଭାଷାରେ ହିଁ ହୋଇଥାଏ ଏବଂ ସେମାନେ ସମସ୍ତେ ବିକଶିତ ଦେଶ ଅଟନ୍ତି । ଏହାର ଅର୍ଥ ନୁହେଁ ଯେ ସେମାନେ ଇଂରାଜୀ ଜାଣନ୍ତି ନାହିଁ କିମ୍ବା ଶିଖନ୍ତି ନାହିଁ, ସେମାନେ ଆବଶ୍ୟକ ସ୍ଥଳେ ମଧ୍ୟ ଇଂରାଜୀ କୁହନ୍ତି, କିନ୍ତୁ ସେମାନେ ସେମାନଙ୍କର ମାତୃଭାଷା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି । ତେଣୁ କୁହାଯାଏ ଯେଉଁ ଦେଶର ମାତୃଭାଷା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେତେ ଶକ୍ତିଶାଳୀ, ସେହି ଦେଶ ପ୍ରତ୍ୟେକ କ୍ଷେତ୍ରରେ ସେତେ ବିକଶିତ । ଏହି ପରିସ୍ଥିତିରେ ଫକୀରମୋହନ ସେନାପତିଙ୍କ ଓଡ଼ିଆ ଭାଷାକୁ ଦେଇଯାଇଥିବା ସେହି ଉଚ୍ଚ ସ୍ଥାନକୁ ପୁଣି ଆମକୁ ଫେରାଇ ଆଣିବାକୁ ହେବ । ସେଥିପାଇଁ ରାଜ୍ୟର ସମସ୍ତ ମାତୃଭାଷା ପ୍ରେମୀ ଲୋକମାନଙ୍କୁ ଆଗେଇଆସିବାକୁ ପଡିବ ଏବଂ ମାତୃଭାଷା ଓଡ଼ିଆକୁ ତାର ସମ୍ମାନ ଦେବାକୁ ହେବ । ଯଦି ଏହା ଆମେ କରିପାରନ୍ତି ତେବେ ଫକୀରମୋହନ ସେନାପତିଙ୍କୁ ଆମେ ଉପଯୁକ୍ତ  ସମ୍ମାନ ଏବଂ ଶ୍ରଦ୍ଧା ଅର୍ପଣ କରିପାରିବା ।

ସୁଜନପୁର , ଯାଜପୁର (ଓଡିଶା)

asitmohanty41@gmail.com

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆମେ ସାମ୍ବାଦିକ - ୧

ପୂର୍ବରୁ ଗଣମାଧ୍ୟମ ଗୁଡିକ ଜନସାଧାରଣଙ୍କ ନିକଟରେ ତଥ୍ୟଭିତ୍ତିକ ସମ୍ବାଦ ପରିବେଷଣ କରି କୁସଂସ୍କାର, ଅନ୍ଧ ବିଶ୍ୱାସ, ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ଜନସଚେତନତା ସୃଷ୍ଟି କରିବାକୁ ଅଗ୍ରାଧିକାର ଦେଇ ଆସୁଥିଲେ । ତା ସହିତ ରାଜନୈତିକ ନେତାମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଗଣମାଧ୍ୟମ ସମ୍ପୃକ୍ତ ନେତାମାନଙ୍କ ଭାବମୂର୍ତ୍ତି ଓ ଦଳୀୟ ସଙ୍ଗଠନର ପ୍ରଚାର ପାଇଁ ଅସ୍ତ୍ର ଭାବେରେ ବ୍ୟବହୃତ ହୋଇଥାନ୍ତି । ସମ୍ପୃକ୍ତ ଗଣମାଧ୍ୟମ ଗୁଡିକର ସ୍ଥିତି ବଜାୟ ରଖିବା ନିମନ୍ତେ ଏହାର ସାମ୍ବାଦିକ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ବିଜ୍ଞାପନ ପାଇଁ ଶିଳ୍ପ ଏବଂ ବ୍ୟବସାୟ ସଂସ୍ଥା ନିକଟରେ ହାତ ପାତିବାକୁ ପଡେ । ଏହାକୁ ଲଜ୍ଜ୍ୟାଜନକ ପରିସ୍ଥିତି ବୋଲି ଅନୁଭବ କରି କେତେକ ଗଣମାଧ୍ୟମ ନିଜକୁ ଆର୍ଥିକ କ୍ଷେତ୍ରରେ ସୁଦୃଢ କରିବା ନିମନ୍ତେ 'ବିଜିନେସ ମୋଡ'କୁ ଆପଣାଇବା ଫଳରେ ସମ୍ପୃକ୍ତ ଗଣମାଧ୍ୟମ ଗୁଡିକ ନିଶ୍ଚିନ୍ତ ଲାଭବାନ୍ ହେଲେ ମାତ୍ର ସାମ୍ବାଦିକତାକୁ ଘୃଣ୍ୟ ସ୍ତରକୁ ପହଞ୍ଚାଇ ଦେଲେ । ରାଜ୍ୟରେ ସାମ୍ବାଦିକତା କ୍ଷେତ୍ରରେ ସର୍ବମାନ୍ୟ ସ୍ତରରେ ଥିବା ଜଣେ ବରିଷ୍ଠ ସାମ୍ବାଦିକ ଏବଂ ଲେଖକଙ୍କର ଗୋଟିଏ ସ୍ତମ୍ଭରେ ଏହି ବର୍ଣ୍ଣନା ଅତ୍ୟନ୍ତ ଚିନ୍ତାର ବିଷୟ ହୋଇଛି । ହେଲେ ବରିଷ୍ଠ ସାମ୍ବାଦିକ ଜଣକ ଅତି ଲଜ୍ଜ୍ୟାଜନକ ହେବା ଭଳି ଯେଉଁ ଶବ୍ଦଟି ବ୍ୟବହାର



ସତୀଶ ବିଶ୍ୱାଳ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଥିଲେ, ମୁଁ ତାହା ବ୍ୟବହାର ନକରି 'ଘୃଣ୍ୟ' ଶବ୍ଦ ଉଲ୍ଲେଖ କରିଛି ।

ଯେଉଁ ଲୋକମତ ଗଣତନ୍ତ୍ରର ମୂଳପିଣ୍ଡ, ତାର ଗଠନରେ ଗଣମାଧ୍ୟମର ଭୂମିକା ସର୍ବାଧିକ । ଏହି କାରଣରୁ ସାମ୍ବିଧାନିକ ମାନ୍ୟତା ପାଇଥିବା ତିନଟି ସ୍ତମ୍ଭ ମଧ୍ୟରୁ ଚତୁର୍ଥ ସ୍ତମ୍ଭର ଅଧିକ ପ୍ରଭାବଶାଳୀ । ଏବେ ଗଣମାଧ୍ୟମ ପାଇଁ ଆଉ ଏକ ବଡ ବିପଦ ଆସି ପହଞ୍ଚିଛି । କେବଳ ରାଜନେତା, ପୁଞ୍ଜିପତି ନୁହନ୍ତି ବରଂ ସଂଗଠିତ ଅପରାଧୀ (ମିଡିଆ ଭାଷାରେ ମାଫିଆ) ମାନେ ଗଣମାଧ୍ୟମ ସଂସ୍ଥା ଖୋଲି ତାକୁ ନିଜ ସ୍ୱାର୍ଥପାଇଁ ବ୍ୟବହାର କଲେଣି । 'ଡି ବ୍ରଦର୍ସ' ବା ଧଳ ସାମନ୍ତ ଭ୍ରାତା ନିଜର ସାମାଜିକ କର୍ତ୍ତବ୍ୟ ତୁଲାଇବାକୁ ଯାଇ 'ନିଉଜ ଲାଇନ' ନାମକ ସାପ୍ତାହିକ ଖବର କାଗଜ ପ୍ରକାଶନ କରିବା ଏହାର ଏକ ଦୃଷ୍ଟାନ୍ତ । ଠିକ ସେମିତି ତଳସ୍ତରରେ ବି ସାମ୍ବାଦିକତା ଭିତରକୁ ଅଣ-ସାମ୍ବାଦିକମାନେ ଅନୁପ୍ରବେଶ କରିଛନ୍ତି । ଅନେକ ଗଣମାଧ୍ୟମର ମୁଖିଆଙ୍କ ଅପରାଧିକ ମାମଲା ପ୍ରମାଣିତ ହେବାରୁ ସେମାନେ ଜେଲରେ ଦିନ କାଟିଛନ୍ତି କିମ୍ବା କାଟୁଛନ୍ତି । ତଳ ସ୍ତରର ଅନେକ ସାମ୍ବାଦିକ ନୀତି ଅପରାଧିକ ମାମଲାରେ ଗିରଫ ହେଉଛନ୍ତି । ଏବେ ସମାଜବିରୋଧୀ ମାନେ ବି ସମାଜସେବୀ / ସାମ୍ବାଦିକର ପରିଚୟ ହାସଲ କରିବାକୁ ଲାଜ କିମ୍ବା ଭୟ କରୁ ନାହାନ୍ତି । ଅର୍ଥ- କ୍ଷମତା- ଅପରାଧିକ ତଥା ଦୁର୍ନୀତିଗ୍ରସ୍ତଙ୍କ ମେଣ୍ଟ ଆଗରେ ଗଣମାଧ୍ୟମ ଆଉ 'ଗଣ' ସ୍ୱର ହୋଇନାହିଁ ବରଂ ଏ କ୍ଷେତ୍ରରେ ଗଣ ଖୁବ ଅସହାୟ ।

କର୍ପୋରେଟ ହାଉସ ହାତରେ ମିଡିଆ ସଂସ୍ଥା ରହିବା ଦିନ ଠାରୁ ଗଣମାଧ୍ୟମରେ ଏଭଳି ଗଣ ବିରୋଧୀ ପ୍ରବୃତ୍ତି, ନୀତି ନୈତିକତା ବିରୋଧୀ ଆଭିମୁଖ୍ୟ ଅଧିକ ପ୍ରସାରିତ ହୋଇଛି । ଏଡୱାର୍ଡ ଏସ ହରମ୍ୟାନ ଓ ନୋମ ଚମସ୍କି ୧୯୮୮ରେ ପ୍ରକାଶିତ ବିଖ୍ୟାତ ଗବେଷଣା ପ୍ରସୂତ ପୁସ୍ତକ 'ମାନୁଫାକ୍‌ଚରିଙ୍ଗ କନସେଣ୍ଟ: ଦ ପଲଟିକାଲ ଇକୋନୋମୀ ଅଫ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦି ମାସ ମିଡିଆ'ରେ ଏଥିନେଇ କରିଥିବା ବର୍ଣ୍ଣନା ଭାରତୀୟ ଗଣମାଧ୍ୟମ ପାଇଁ ପ୍ରସଙ୍ଗିକ ହୋଇ ପଡିଛି । ଏଥିରେ ଉଲ୍ଲେଖ ରହିଛି ଯେ, 'ମିଡିଆମୋଗଲ' ମାନେ ମୁନାଫା ପାଇଁ ଖବରକୁ ବି କେମିତି ନିଜ ଇଛା ଅନୁସାରେ ମିଶାଣ ଓ ଫେଡାଣ କରି ପାରନ୍ତି । ଏହି 'ମିଡିଆ ମୋଗଲ' ମାନଙ୍କ ପ୍ରାର୍ଦୁଭାବ ଏକ 'ଭଦ୍ର ମାଫିଆ' ସଦୃଶ । ମିଡିଆ ହାତରେ ମାଫିଆ ଏବଂ ମାଫିଆ ହାତରେ ମିଡିଆ, ଉଭୟ ସମାଜ ପାଇଁ ଘୋର ବିପଦ ଜନକ ହୋଇ ପଡିଛି ।

ଜାତିସଂଘ ସାଧାରଣ ପରିଷଦ ଦ୍ୱାରା ୧୯୯୩ ମସିହାରୁ ପ୍ରତିବର୍ଷ ମେ ୩ ତାରିଖକୁ ବିଶ୍ୱ ପ୍ରେସ ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା । ନୀରପେକ୍ଷ ଓ ନିର୍ଭିକ ଭାବେ ଖବର ପ୍ରକାଶକରି ସତକୁ ଲୋକଲୋଚନକୁ ଆଣିବା ଉପରେ ଚଳିତବର୍ଷ ଗୁରୁତ୍ୱାରୋପ କରାଯାଇଛି । ପରିସ୍ଥିତିର ଭୟାବହତାକୁ ଦୃଷ୍ଟିରେ ରଖି ଏଭଳି ଗୁରୁତ୍ୱାରୋପ ସ୍ୱାଗତଯୋଗ୍ୟ । ହେଲେ ଆମ୍ବ ଗଛରେ ପଣସ ଫଳିବା କେତେ ଦୂର ସମ୍ଭବ ହେବା ତାହା ଚିନ୍ତାର ବିଷୟ । ଏଥିପାଇଁ ସାମ୍ବାଦିକତାକୁ ମର୍ଯ୍ୟାଦାଜନକ କାର୍ଯ୍ୟ ଓ ସେବା ଭାବି ଏହାକୁ ଆପଣେଇଥିବା ପ୍ରକୃତ ସାମ୍ବାଦିକମାନେ ଅଣନିଶ୍ୱାସୀ ଏବଂ ହତାଶ୍ । ତଥାପି ସମାଜ ଏବଂ ବ୍ୟବସ୍ଥା ଜାଣିଛି ପ୍ରକୃତରେ କିଏ ସାମ୍ବାଦିକ? ସାମ୍ବାଦିକତାର ମୂଳ ନୀତି ଓ ଆଦର୍ଶକୁ ଜାବୁଡି ଧରିଥିବା ସାମ୍ବାଦିକଟିଏ କିମ୍ବା ସଂପାଦକଟିଏ କେବେ ଏହି ମହାନ କାର୍ଯ୍ୟର ଗରିମା, ସ୍ୱାଭିମାନ ଏବଂ ନୀରପେକ୍ଷତା, ନିର୍ଭିକତାକୁ ବଳି ପକାଇ ନଥାଏ । ସେ ଛୋଟ ହେଉ ବା ବଡ ଗଣମାଧ୍ୟମ । ପ୍ରକୃତ ସାମ୍ବାଦିକତା ସର୍ବଦା ମର୍ଯ୍ୟାଦା ଜନକ ଏବଂ ସମ୍ମାନ ଜନକ । ନିଜର କାର୍ଯ୍ୟଧାରା ପାଇଁ ଅନ୍ତରାତ୍ମାରୁ ମିଳୁଥିବା ସାବାସି ଏବଂ ବିବେକ ମୂଲ୍ୟାୟନ ହିଁ ସର୍ବଶକ୍ତିମାନ ଇଶ୍ୱରଙ୍କ ନିକଟରେ ସବୁଠାରୁ ବଡ ସଫଳତା । ଲୋକେ କିମ୍ବା ପାଠକ ମଧ୍ୟ ପ୍ରତି ସମ୍ବାଦ ଓ ଲେଖା ଅନ୍ତରାଳରେ ଥିବା ବାସ୍ତବତା କିମ୍ବା ଉଦ୍ଦେଶ୍ୟକୁ ବେଶ ଭଲ ଭାବେ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୁଝିବା ଭଳି ପରିସ୍ଥିତି ବି ସୃଷ୍ଟି ହେଲାଣି । ଏହି ବୁଝିବା ହିଁ ସାମ୍ବାଦିକତାକୁ ମୂଲ୍ୟାୟନ କରେ ।

ଗୌରୀ ଶଙ୍କର ରାୟଙ୍କ 'ଉତ୍କଳ ଦୀପିକା' ହେଉ କିମ୍ବା ଫକୀର ମୋହନ ସେନାପତିଙ୍କ 'ସମ୍ବାଦ ବାହିକା' ପରି ସମ୍ବାଦପତ୍ର ମାନେ ସେ ସମୟରେ ସମସ୍ତ ପ୍ରକର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ବି ଓଡିଆ ଅସ୍ମିତା ଓ ଗରିମା ପାଇଁ କରିଥିବା ଲଢେଇ ଯୁଗ ଯୁଗ ପାଇଁ ଓଡିଆ ସାମ୍ବାଦିକତାକୁ ଗୌରବାନ୍ୱିତ କରୁଥିବ । ଅନେକ ନିଷ୍ଠାପର ଉଚ୍ଚଶିକ୍ଷିତ ସମ୍ଭ୍ରାନ୍ତ ଯୁବକ ଏବଂ ଛାତ୍ର ଏହି ସାମ୍ବାଦିକତାକୁ ନିଜର ପେଷା ଭାବେ ଗ୍ରହଣ କରି ସମାଜ ପାଇଁ କିଛି କରିବାର ସଂକଳ୍ପ ନେଇଥାନ୍ତି । ଏହି ଧାରାରେ ମୁଁ ଜଣେ ସାମ୍ବାଦିକ । ସାମ୍ବାଦିକଟିଏ ସମସ୍ତଙ୍କ ପାଇଁ ଲେଖେ, ହେଲେ ସାମ୍ବାଦିକ ନିଜର ଅଭିଜ୍ଞତା ଏବଂ ଜୀବନ ସଂଘର୍ଷକୁ ବି କଲମ ମୁନରେ ରୂପ ଦେଇ ସମାଜ ପାଇଁ ଛାଡିଯିବା ଦରକାର । ଏହି ଧାରାରେ ଏହି ପେଷା ନେଇ ନିଜର ଅନୁଭବ ଓ ଅନୁଭୂତିକୁ ଏହି ସ୍ତମ୍ଭରେ ସଜାଡିବାର ପ୍ରୟାସ କରିଛି । ଯେତେ ପ୍ରତିକୂଳ ପରିସ୍ଥିତି ଆସିଲେ ବି ପ୍ରକୃତ ସାମ୍ବାଦିକଟିର ଅନ୍ତର ସବୁବେଳେ କହୁଥିବ – ହଁ ଆମେ ସାମ୍ବାଦିକ । (କ୍ରମଶଃ)

ବରିଷ୍ଠ ସାମ୍ବାଦିକ,

ଭୁବନପୁର, ଗଡମଧୁପୁର, ଧର୍ମଶାଳା, ଯାଜପୁର,

ମୋ-୯୪୩୭୦୯୧୧୭

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ମୋଟ ଘରୋଇ ଉତ୍ପାଦ

## ମୋଟ ଘରୋଇ ଉତ୍ପାଦ ଅର୍ଥନୈତିକ ପ୍ରଗତିର ପ୍ରକୃତ ମାନଦଣ୍ଡ କି ?

ମୋଟ ଘରୋଇ ଉତ୍ପାଦକୁ ସାଧାରଣତଃ ଅର୍ଥନୈତିକ କଲ୍ୟାଣ ଓ ପ୍ରଗତିର ବୀଜ ରୂପେ ଧରିନିଆଯାଏ । ଅର୍ଥନୈତିକ ଅଭିବୃଦ୍ଧି ଅନୁସାରେ ଗୋଟେ ରାଷ୍ଟ୍ରକୁ ବିକଶିତ ଓ ବିକାଶଶୀଳ ଏପରି ଦୁଇ ପାହ୍ୟାରେ ବିଭକ୍ତ କରାଯାଏ । ନିତିପ୍ରଣୟେତା ଓ ଶିକ୍ଷାବିତ୍ ମାନେ ମୋଟ ଘରୋଇ ଉତ୍ପାଦକୁ ହିଁ ଆର୍ଥିକ ପ୍ରଗତିର ମୂଳ ପରିମାପକ ଭାବେ ବିଚାର କରନ୍ତି । ଏହା ହେଉଛି ଏକ ଦେଶରେ ଉତ୍ପାଦିତ ସମସ୍ତ ସାମଗ୍ରୀ ଏବଂ ସେବା ଗୁଡିକର ମୋଟ ମୂଲ୍ୟ ଅଟେ । ଅର୍ଥନୈତିକ ଅଭିବୃଦ୍ଧିର ଧାରଣା ଶାସ୍ତ୍ରୀୟ ଅର୍ଥନୀତିରୁ ଉତ୍ପନ୍ନ ହୋଇଛି ଯେଉଁଠାରେ ଜାତୀୟ ଆୟର ଅଭିବୃଦ୍ଧି ଏକ ରାଷ୍ଟ୍ରର ସମ୍ପଦର ଅଭିବୃଦ୍ଧିକୁ ପ୍ରତିପାଦିତ କରେ । ତେବେ କହିବାର ତାତ୍ପର୍ଯ୍ୟ ଏହି ଧାରଣା ଶିଳ୍ପ ବିପ୍ଳବ ସମୟରେ ଲୋକପ୍ରିୟତା ହାସଲ କଲା, ଯେତେବେଳେ ବଜାର ଅର୍ଥନୀତି ବୃଦ୍ଧି ପାଇଲା । ତେବେ ଏଠାରେ ବିଚାର କରିବାର ବିଷୟ ପ୍ରକୃତରେ ମୋଟ ଘରୋଇ ଉତ୍ପାଦ ଗୋଟିଏ ଦେଶର ଆର୍ଥିକ ପ୍ରଗତିକୁ ଠିକ୍ ଭାବେ ଦର୍ଶାଇ ପାରୁଛି କି ? ମୋଟ ଘରୋଇ ଉତ୍ପାଦ ହିଁ ଗୋଟିଏ ଦେଶର ଅର୍ଥନୈତିକ କଲ୍ୟାଣର ପ୍ରକୃତ ମାନଦଣ୍ଡ କି ? ପ୍ରକୃତରେ ଆର୍ଥିକ ପ୍ରଗତିର ମାପକାଠି ଭାବରେ ଆଜି



ଆଦିତ୍ୟ ପ୍ରସାଦ ସାହୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ-ଇ-ପତ୍ରିକା

 Magazine Downloaded from www.aahwaan.com

ମୋଟ ଘରୋଇ ଉତ୍ପାଦର ପ୍ରାଧାନ୍ୟତା ଆଂଶିକ ଭାବେ ପରିଲକ୍ଷିତ ହୁଏ । କାରଣ ଏହା କେବଳ ସାମଗ୍ରୀ ଏବଂ ସେବାର ଉତ୍ପାଦନକୁ ବିଚାରକୁ ନେଇଥାଏ । ହେଲେ ଏହା ଏକ ବହୁମୁଖୀ ମାପଦଣ୍ଡ ନୁହେଁ ଯେଉଁଠି ଆର୍ଥିକ କଲ୍ୟାଣ ଓ ସଫଳତାକୁ ମାପିବାରେ ସକ୍ଷମ ଅଟେ । କହିବାକୁ ଗଲେ ଅର୍ଥନୈତିକ ପ୍ରଗତି ହେଉଛି ଏକ ବହୁମୁଖୀ ଧାରଣା ଯେଉଁଠି କେବଳ ଅର୍ଥନୈତିକ ଅଭିବୃଦ୍ଧି ନୁହେଁ, ସାମାଜିକ, ପରିବେଶ ଏବଂ ଅର୍ଥନୈତିକ ବିକାଶକୁ ଅନ୍ତର୍ଭୁକ୍ତ କରେ । ତେବେ ମୋଟ ଘରୋଇ ଉତ୍ପାଦର ଏକ ମୁଖ୍ୟ ସୀମାବଦ୍ଧତା ହେଉଛି ଏହା କେବଳ ହାରାହାରି ଉତ୍ପାଦନ ଓ ଆୟକୁ ସମାଧାନ କରିଥାଏ କିନ୍ତୁ ବାସ୍ତବରେ ଲୋକଙ୍କ ଜୀବନଯାପନ ଶୈଳୀ ଏବଂ ସେମାନେ କିପରି ଅର୍ଥନୈତିକ ଅଭିବୃଦ୍ଧିରୁ ଉପକୃତ ହୁଅନ୍ତି ତାହା ପ୍ରତିଫଳିତ କରିବାରେ ବିଫଳ ହୋଇଥାଏ ।

ଫିଲିପସେନ୍ ୨୦୧୫ ମସିହାରେ ପ୍ରକାଶିତ ତାଙ୍କ ପୁସ୍ତକ "ଦ ଲିଟିଲ୍ ବିଗ୍ ନମ୍ବର" ରେ ଲେଖିଛନ୍ତି ମୋଟ ଘରୋଇ ଉତ୍ପାଦକୁ ଅର୍ଥନୈତିକ ପ୍ରଗତିର ମାନଦଣ୍ଡ ଭାବେ କାହିଁକି ଧରାଯିବ ନାହିଁ । ସେ ବର୍ଣ୍ଣନା କରିଛନ୍ତି ମୋଟ ଘରୋଇ ଉତ୍ପାଦ ଗୋଟିଏ ଅର୍ଥବ୍ୟବସ୍ଥାର ମୋଟ ଉତ୍ପାଦନକୁ କେବଳ ମାପିଥାଏ ଯାହାକୁ କି ଟଙ୍କାର ମୂଲ୍ୟରେ ପରିଗଣନା କରାଯାଏ । ତେବେ ତାହା ବହୁ ମହତ୍ତ୍ୱପୂର୍ଣ୍ଣ ବିଷୟକୁ ଅଣଦେଖା କରିଥାଏ ଯାହାକି ବାସ୍ତବ ଜୀବନରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ବଜାରରେ ଖର୍ଚ୍ଚ ହୋଇଥିବା ମୋଟ ଅର୍ଥ ଉପରେ ଆଲୋଚନା ଲୋକଙ୍କର ଜୀବନଧାରଣର ମାନ ବିଷୟରେ କହିବ ନାହିଁ କି ଯେଉଁମାନଙ୍କ ପାଖରେ ଅଳ୍ପ ନଗଦ ରହିଛି ବା ଯେଉଁମାନଙ୍କ ପାଖରେ ଆଦୌ ନଗଦ ଟଙ୍କା ନାହିଁ, ସେହି ବିଷୟକୁ ଦୃଷ୍ଟିପାତ କରିବ ନାହିଁ । କହିବାର ତାତ୍ପର୍ଯ୍ୟ ମୋଟ ଘରୋଇ ଉତ୍ପାଦ ବଜାରରେ ଉପଲବ୍ଧ ଦ୍ରବ୍ୟ ଏବଂ ସେବା ଗୁଡ଼ିକର ପରିମାପ ମାପ କରେ କିନ୍ତୁ ସେମାନଙ୍କର ଗୁଣବତ୍ତା

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନୁହେଁ । ଏହା ଏକ ସାମାଜିକ ତଥା ପରିବେଶ ଭିତ୍ତିକ ଖର୍ଚ୍ଚ ଯାହାକୁ ମୋଟ ଘରୋଇ ଉତ୍ପାଦ ଅଣଦେଖା କରେ । ସରଳ ଭାଷାରେ ବୁଝିଲେ କୋଇଲା ଏବଂ ଅନ୍ୟାନ୍ୟ ପ୍ରଦୂଷିତ ଶିଳ୍ପଗୁଡ଼ିକର ଉତ୍ପାଦନ ମୋଟ ଘରୋଇ ଉତ୍ପାଦରେ ଯୋଗ ଦ୍ୱାରା ମୋଟ ଘରୋଇ ଉତ୍ପାଦ ବୃଦ୍ଧି ହୋଇଥାଏ । ହେଲେ ବାୟୁ, ଜଳ ଏବଂ ମୃତ୍ତିକାର ପ୍ରଦୂଷଣ ରୋଗ ଏବଂ ମୃତ୍ୟୁ ଘଟାଇଥାଏ । କିନ୍ତୁ ଏହି ସମସ୍ୟା କୁ ମୋଟ ଘରୋଇ ଉତ୍ପାଦ ବିଚାର କରିନଥାଏ । ଏକ ବୃକ୍ଷକୁ କାଟି ସେଇଥିରୁ ବିଭିନ୍ନ ପ୍ରକାରର ସାମଗ୍ରୀ ଯେତେବେଳେ ବଜାରରେ ବିକ୍ରି ହୁଏ, ସେତେବେଳେ ଏହାର ଯୋଗଦାନକୁ ମୋଟ ଘରୋଇ ଉତ୍ପାଦରେ ଯୋଡ଼ା ଯାଏ, କିନ୍ତୁ ଏକ ଗଛ ଯେ ଛାଇ ଦିଏ, ଅମ୍ଳଜାନ ସୃଷ୍ଟି କରେ, ମୃତ୍ତିକା ସଂରକ୍ଷଣ କରେ, ଏହି ସବୁ ଯଦିଓ ମୋଟ ଘରୋଇ ଉତ୍ପାଦରେ ଯୋଗଦାନ କରିନଥାଏ, ତଥାପି ଦେଶର ପରିବେଶ ଅର୍ଥନୀତି ଏବଂ ସାମାଜିକ ମୂଲ୍ୟବୋଧ ଉପରେ ପ୍ରଭାବ ପକାଇଥାଏ । ଆମେ ସବୁ କହୁ ଚୀନ୍ ର ମୋଟ ଘରୋଇ ଉତ୍ପାଦ ଭାରତ ଠାରୁ ଅଧିକ । ଏହା ସତ । କିନ୍ତୁ ଭାରତର ପ୍ରଦୂଷଣ ନିୟନ୍ତ୍ରିତ ଅଭିବୃଦ୍ଧି ଚୀନ୍ ଠାରୁ ଅଧିକ । ଚୀନ୍ ର ମୋଟ ଘରୋଇ ଉତ୍ପାଦର ୨୦ ପ୍ରତିଶତ ସିଧାସଳଖ ସମ୍ବଳହ୍ରାସ ଓ ପରିବେଶର ଅବକ୍ଷୟ ଉପରେ ଆଧାରିତ ଥିଲା । ଏହାଛଡା ଅନେକ ପ୍ରଦେଶରେ ପ୍ରଦୂଷଣ ନିୟନ୍ତ୍ରିତ ଅଭିବୃଦ୍ଧି ନକରାତ୍ମକ ଅଟେ । ମୋଟ ଘରୋଇ ଉତ୍ପାଦର ଅଭିବୃଦ୍ଧି ହେଉଛି ସତ, କିନ୍ତୁ ପ୍ରାୟ ୧୯୮୦ ମସିହା ପରଠାରୁ ଏହି ଅଭିବୃଦ୍ଧି "ଅଣ - ଅର୍ଥନୈତିକ" ହୋଇଆସୁଛି । ଏହି ଅର୍ଥରେ କହିବାକୁ ଗଲେ ଅସମାନତା, ପରିବେଶ କ୍ଷତି, ମୁଣ୍ଡପିଛା ଆୟ, ଏବଂ କଲ୍ୟାଣ ଉପରେ ପ୍ରଭାବ ପକାଉଥିବା ଅନ୍ୟାନ୍ୟ କାରଣ ଇତ୍ୟାଦିରେ ବିଶେଷ ଉନ୍ନତି ହୋଇନାହିଁ । ପ୍ରକୃତ ଅର୍ଥନୀତି ମାନବ କଲ୍ୟାଣକୁ ସମର୍ଥନ କରୁଥିବା ସମସ୍ତ ଜିନିଷକୁ ଅନ୍ତର୍ଭୁକ୍ତ କରିବା ସହ, ମୋଟ ଘରୋଇ ଉତ୍ପାଦ ଦ୍ୱାରା ଆକଳନ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

କରାଯାଇଥିବା ବଜାର ଅର୍ଥନୀତି ଠାରୁ ବହୁତ ବଡ଼ ଅଟେ । ସାମଗ୍ରିକ ସାମାଜିକ କଲ୍ୟାଣର ପରିମାପକ ଭାବରେ ମୋଟ ଘରୋଇ ଉତ୍ପାଦ କଦାପି କଳ୍ପନା କରାଯାଇନଥିଲା ଏବଂ ସେହି ଉଦ୍ଦେଶ୍ୟରେ ଏହାର ଅପବ୍ୟବହାର ବନ୍ଦ ହେବା ଆବଶ୍ୟକ ।

ପ୍ରକୃତ ଅର୍ଥବ୍ୟବସ୍ଥା ସମଗ୍ର ପ୍ରାକୃତିକ ସମ୍ପଦ ଓ ପୁଞ୍ଜିକୁ ବିଚାରକୁ ଆଣିଥାଏ । ଏହି ଗୁଡିକ ଆମ ପ୍ରତି ପ୍ରକୃତି ର ଉପହାର ଏବଂ ବହୁମୂଲ୍ୟବାନ ଅଟେ । ଏହି ପ୍ରାକୃତିକ ସମ୍ପତ୍ତି ଗୁଡିକ ବିଶ୍ୱର ମୋଟ ଘରୋଇ ଉତ୍ପାଦ ତୁଳନାରେ, ମାନବିକ, ସାମାଜିକ ଓ ପରିବେଶ ଭିତ୍ତିକ କଲ୍ୟାଣରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ କରିଥାଏ । କିନ୍ତୁ ମୋଟ ଘରୋଇ ଉତ୍ପାଦ ଏହି ଅବଦାନ ଗୁଡ଼ିକୁ ଅଣଦେଖା କରି ଏହି ସମ୍ପତ୍ତିଗୁଡ଼ିକର ବ୍ୟାପକ ହ୍ରାସ ଘଟାଇଛି । ସର୍ବଭାରତୀୟ ସ୍ତରରେ ୧୯୯୭ ମସିହା ପରଠାରୁ ଅଣ - ବଜାରିତ ପରିବେଶ ଭିତ୍ତିକ ସେବାରେ ଆମେ ୨୦ ଟ୍ରିଲିଅନ୍ ଡଲାର ହରାଇଛୁ, ଯାହା ଆମେରିକାର ମୋଟ ଘରୋଇ ଉତ୍ପାଦ ଠାରୁ ଅଧିକ ଅଟେ । ବିଶେଷକରି ଜି-୨୦ ରାଷ୍ଟ୍ରଗୁଡିକ ୧୯୮୦ ମସିହା ପରଠାରୁ ବହୁତ ଅଧିକ ଅସମାନ ହୋଇପଡ଼ିଛନ୍ତି । ଏହି ଅସମାନତା ବଢ଼ିବା ଯୋଗୁଁ ସାମାଜିକ ସମସ୍ୟା ବଢ଼ିବା ସହ ସାମାଜିକ ପୁଞ୍ଜି ଗଠନ ଓ ପରିଚାଳନା ବ୍ୟାହତ ହେଉଛି । ଏହାଛଡା ଜୀବନର ସାମଗ୍ରିକ ଗୁଣବତ୍ତା ବି କମ୍ ହୋଇଛି । ଗତ କିଛି ଦଶନ୍ଧି ମଧ୍ୟରେ ମୋଟ ଘରୋଇ ଉତ୍ପାଦର ଅଧିକାଂଶ ଲାଭ ଆୟକାରୀଙ୍କ ଶୀର୍ଷ ୧ ପ୍ରତିଶତ କୁ ଯାଇଛି । ଅବଶିଷ୍ଟ ୯୯ ପ୍ରତିଶତ ସାମାଜିକ ଓ ପ୍ରାକୃତିକ ସମ୍ପଦର ଅବନିତି ପରିପ୍ରେକ୍ଷୀରେ ସ୍ଥିର ପ୍ରକୃତ ଆୟ ଦେଖିଛନ୍ତି । ଏହାଛଡା ମୋଟ ଘରୋଇ ଉତ୍ପାଦର ଅଭିବୃଦ୍ଧି ପାଇଁ ଜଳବାୟୁ ବ୍ୟପାତକୁ ଅନ୍ତର୍ଭୂକ୍ତ କରାଯିବା ଆବଶ୍ୟକ ଯାହା ଅନ୍ତତଃ ପକ୍ଷେ କାରଖାନା, ରାସ୍ତା ଏବଂ ଘର ନଷ୍ଟ ହେବା ଭଳି ଗୁରୁତ୍ୱପୂର୍ଣ୍ଣ ଅଟେ । ତାହା ସହିତ ବଢୁଥିବା ଅସମାନତା ଯୋଗୁଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାମାଜିକ ପୁଞ୍ଜି ରେ ଯେଉଁ ହ୍ରାସ ଆସିଛି, ତାହାକୁ ମୋଟ ଘରୋଇ ଉତ୍ପାଦର ଲାଭ ବିରୁଦ୍ଧରେ ବି ଗଣନା କରିବା ଆବଶ୍ୟକ । ସାମାଜିକ ମଙ୍ଗଳ ଓ ଅଭିବୃଦ୍ଧି ସହ ଅର୍ଥନୈତିକ ଅଭିବୃଦ୍ଧି ସମାନ୍ତରାଳ ଗତିରେ ଆଗେଇବା ଆବଶ୍ୟକ ।

ମୋଟ ଉପରେ କହିବାକୁ ଗଲେ ବୋଧହୁଏ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୋଟ ଘରୋଇ ଉତ୍ପାଦ ଜାତୀୟ ଅର୍ଥନୈତିକ ପ୍ରଦର୍ଶନ କିମ୍ବା ଜାତୀୟ କଲ୍ୟାଣର ମାପ ପାଇଁ ପ୍ରକୃତ ମାନଦଣ୍ଡ ନୁହେଁ । ୧୯୯୦ ମସିହାରେ ମିଳିତ ଜାତିସଂଘ ଦ୍ୱାରା ପ୍ରବର୍ତ୍ତିତ "ହ୍ୟୁମାନ ଡେଭଲପମେଣ୍ଟ ଇଣ୍ଡେକ୍ସ" ବା "ପ୍ରବର୍ତ୍ତିତ ମାନବ ବିକାଶ ସୂଚକାଙ୍କ" ଏବଂ ଓ. ଇ. ସି. ଡି. ର ଉନ୍ନତ ଜୀବନ ସୂଚକାଙ୍କ ସହିତ ଅନେକ ବିକଳ୍ପ ପଦକ୍ଷେପ ରହିଛି । ସେହିପରି ଅନ୍ୟଟି ହେଉଛି, ଯାହାକୁ ମୋଟ ଘରୋଇ ଉତ୍ପାଦର ସହିତ ବ୍ୟବହାର କରାଯାଇପାରିବ ତାହା ହେଉଛି "ସୋସିଆଲ ପ୍ରୋଗ୍ରେସନ ଇଣ୍ଡେକ୍ସ" ବା "ସାମାଜିକ ପ୍ରଗତି ସୂଚକାଙ୍କ" ଯାହା ସାମାଜିକ ପ୍ରଗତିକୁ ମାନଚିତ୍ର କରେ ଏବଂ ଏହାକୁ ବଦଳାଇବା ପରିବର୍ତ୍ତେ ମୋଟ ଘରୋଇ ଉତ୍ପାଦକୁ ପୂର୍ଣ୍ଣ କରେ । ଏହା ୨୦୧୩ ମସିହାରେ ଉନ୍ମୋଚିତ ହୋଇଛି ଯାହା ଆଶ୍ରୟସ୍ଥଳ ଏବଂ ପୁଷ୍ଟିକର ଖାଦ୍ୟଠାରୁ ଆରମ୍ଭ କରି ଅଧିକାର ଓ ଶିକ୍ଷା ପର୍ଯ୍ୟନ୍ତ ଫଳାଫଳକୁ ମାପି କରିଥାଏ । ସେହିପରି ସାମାଜିକ ଓ ପ୍ରାକୃତିକ ପୁଞ୍ଜିରେ ପରିବର୍ତ୍ତନ ପାଇଁ ହିସାବ ରଖୁଥିବା ଗୋଟିଏ ସୂଚକାଙ୍କ ହେଉଛି "ଜେନୁଇନ୍ ପ୍ରୋଗ୍ରେସ୍ ଇଣ୍ଡିକେଟର" ବା "ପ୍ରକୃତ ପ୍ରଗତି ସୂଚକ" । ଏହା ଆୟ ବଣ୍ଟନ ଦ୍ୱାରା ବ୍ୟକ୍ତିଗତ ବ୍ୟବହାରକୁ ସଜାଡି ଥାଏ, ସ୍ୱେଚ୍ଛାସେବୀ ଏବଂ ଘରୋଇ କାର୍ଯ୍ୟପରି ଅଣ - ବଜାର ସେବା ଯୋଗକରିଥାଏ ଏବଂ ବାୟୁ ଓ ଜଳ ପ୍ରଦୂଷଣ ପରି ପ୍ରାକୃତିକ ପୁଞ୍ଜି ହ୍ରାସର ଖର୍ଚ୍ଚକୁ ବାହାର କରିଥାଏ । ଯୁକ୍ତରାଷ୍ଟ୍ର ର ଦୁଇଟି ରାଜ୍ୟ ମେରିଲ୍ୟାଣ୍ଡ ଓ ଭରମୋଣ୍ଟ ଅର୍ଥନୈତିକ ମାର୍ଗଦର୍ଶନ ନୀତିରେ ସହାୟତା କରିବାକୁ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

"ପ୍ରକୃତ ପ୍ରଗତି ସୂଚକ" ଗ୍ରହଣ କରିଛନ୍ତି । ଅନ୍ୟକେତକ ବିଦେଶୀ ରାଷ୍ଟ୍ର ବି ସମାନ ଭାବରେ ଏହାକୁ ବ୍ୟବହାର କରିବାକୁ ବିଚାର କରୁଛନ୍ତି ।

ସବୁପରେ ଆମର ଅଣ ଅର୍ଥନୈତିକ ଅଭିବୃଦ୍ଧି ନୀତି ଏବଂ ଅଭ୍ୟାସ ଗୁଡ଼ିକର ବାସ୍ତବତାକୁ ହୃଦୟଙ୍ଗମ କରିବା ସହ ପ୍ରକୃତ ଅର୍ଥନୈତିକ ଅଭିବୃଦ୍ଧି ଓ ଜାଗରଣ କୁ ପ୍ରକୃତ ରୂପ ଦେବାର ସମୟ ଆସିଛି । ଆମକୁ କେବଳ ସାଂଖିକ ମାନଦଣ୍ଡ ଉପରେ ନିର୍ଭର ନକରି ସମଗ୍ର ମାନବଜାତି ଓ ଜଗତର କଲ୍ୟାଣ ଭିତ୍ତିକ ମାନଦଣ୍ଡକୁ ଆବିଷ୍କାର କରିବାର ସମୟ ଆସିଛି । ମିଳିତଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ପ୍ରକ୍ରିୟା ଏହି ଦିଗରେ ଏକ ନିଶ୍ଚିତରୂପେ ଯୁଗାନ୍ତକାରୀ ପଦକ୍ଷେପ ହୋଇପାରିବ ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଏକ ଦୁଃଖଦ ମୁହୂର୍ତ୍ତରୁ

ମୁଁ ନୁହେଁ, ଆମ୍ଭେ ! ଏହି ବିଚାର କେବେ ?

ଏକବିଂଶ ଶତାବ୍ଦୀର ମଣିଷ ପ୍ରଗତିର ଚରମଶୀର୍ଷରେ ପହଂଚିବା ପରେ ବର୍ତ୍ତମାନ କେବଳ କିଏ ବଡ଼ ହୋଇପାରିବ, ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ସେହି ପ୍ରତିଦ୍ୱନ୍ଦିତା ମଧ୍ୟରେ ସମସ୍ତେ ନିଜକୁ ଅସ୍ଥିରତା ପ୍ରବଣ କରି ଅହରହ ଅଶାନ୍ତିର ବାତାବରଣ ମଧ୍ୟରେ ବଞ୍ଚୁଥିବା ଦେଖିବାକୁ ମିଳୁଛି । ବିଭିନ୍ନ ଦିଗରେ ବୈଜ୍ଞାନିକ ପ୍ରଗତି ହେତୁ ମଣିଷ ଏକ ରକମ ଅତିମାନବ ରୂପରେ ସଜାଇ ପ୍ରତ୍ୟେକ ମୁହୁର୍ତରେ ନିଜକୁ ପ୍ରକାଶ କରୁଥିବା, ଗୋଟିଏ ସାମାଜିକ ପ୍ରଥାରେ ପରିଣତ ହୋଇଗଲାଣି । କହିବାକୁ ଗଲେ ବିଭିନ୍ନ ଦିଗରେ ଭିନ୍ନ ଭିନ୍ନ ମଣିଷ ନିଜର ପ୍ରତିଭା ପ୍ରଦର୍ଶନ କରିବା ଦୌଡ଼ରେ ଏତେ ନିମଜ୍ଜିତ ଯେ କାହାର କାହାପ୍ରତି ଆନ୍ତରିକ ଭାବ ରହୁନାହିଁ । ମୁଁ ମଧ୍ୟରେ ସୀମିତ ସମସ୍ତଙ୍କ ଭାବଧାରା ଏକ ପ୍ରକାର କଳୁଷିତ ବାତାବରଣ ସୃଷ୍ଟି କରିବାରେ କେବଳ ସାଧାରଣ ମଣିଷଙ୍କ ନିର୍ବୋଧତାହିଁ ଦାୟୀ । ଏହି ପରିପ୍ରେକ୍ଷୀରେ ସମସ୍ତେ କେବଳ ଅନ୍ୟକୁ ଠକି ନିଜର ମିଥ୍ୟା ପ୍ରତିଭା ପ୍ରଦର୍ଶନ କରିବା ତଥା ମିଥ୍ୟା ପରିଚୟ ସୃଷ୍ଟି କରିବାରେ ବ୍ୟସ୍ତ ରହୁଥିବା ଗୋଟିଏ ସାଧାରଣ ବିଷୟ ଆଜି ସମୟର । ଯାହା ପାଖରେ ଧନ ନାହିଁ ସେ ଧନ ଉପାର୍ଜନ କରି ବଡ



ପଙ୍କଜ କୁମାର
ପାଣିଗ୍ରାହୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେବା ଲକ୍ଷ୍ୟ ରଖିଥିବା ବେଳେ ଯାହା ପାଖରେ ପ୍ରଚୁର ଧନ ଅଛି ସେ ସମସ୍ତଙ୍କଠାରୁ ଶୀର୍ଷରେ ରହିବା ଲକ୍ଷ୍ୟ ରଖିଥା'ନ୍ତି । ଅନୁରୂପ ପଦମର୍ଯ୍ୟାଦା, ସାମାଜିକ ସମ୍ମାନ, କ୍ଷମତା ଇତ୍ୟାଦି କ୍ଷେତ୍ରରେ ମାରାଥନ ଦୌଡ଼ର ପ୍ରତିଯୋଗୀ ଭାବେ ଦେଖିବାକୁ ମିଳୁଛନ୍ତି ପ୍ରାୟତଃ ସମସ୍ତ ମଣିଷ ନିଜ ନିଜର କ୍ଷମତା ପରିସର ମଧ୍ୟରେ ।

ଜନ୍ମଦାତ୍ରୀ ପ୍ରକୃତି କିନ୍ତୁ ମଣିଷର ଏହି ଅପ୍ରାକୃତିକ ପାଗଳାମୀରେ ତିଳେ ହେଲେ ବିଚଳିତ ନୁହେଁ ! ବରଂ ପ୍ରାକୃତିକ ରହସ୍ୟ ଜନିତ ଯେତେଦିନ ମଣିଷ ପୃଥିବୀ ପୃଷ୍ଠରେ ଜୀବନ ଧାରଣ କରିବା ନିୟାମକ ରହିଥିଲା ସେସବୁ ମଣିଷ ନିଜ ହାତରେ ଉଜାଡ଼ିଦେଇ ସମୟ ପୂର୍ବରୁ ଜୀବଜଗତ ବିଲୀନ କରିଦେବା ପାଇଁ ରଖିଥିବା ମନ୍ଦ ଉଦ୍ଦେଶ୍ୟକୁ ତାଚ୍ଛଲ୍ୟ କରିବା ଛଡା ଆଉ କିଛି ଦିଶୁନାହି । ଆଜି ସମୟରେ କୌଣସି ମଣିଷ ନିଜର ଜୀବନ ରହସ୍ୟ ଜାଣିବା ଦୂରର କଥା, କେବଳ ନିଜ ବିଷୟରେ ସମ୍ପୂର୍ଣ୍ଣ ଭାବେ ଜାଣିବା କ୍ଷମତା ରଖିନଥିବା ଅତ୍ୟନ୍ତ ଦୁଖଦଃ ବିଷୟ । ହେଲେ ଏମିତି ହେବା ପଛରେ ରହିଥିବା ରହସ୍ୟ କ'ଣ, ନା କେହି ବୁଝିଛନ୍ତି, ନା ବୁଝିବା କ୍ଷମତା ରଖିଛନ୍ତି ! ! ବାସ୍ତବିକ ସାମାଜିକ ସଂସ୍କାର ବଦଳରେ ଭ୍ରଷ୍ଟାଚାର, ଦୁର୍ନୀତି, ଈର୍ଷାଭାବ ଏବଂ ବ୍ୟକ୍ତିଗତ ସ୍ୱାର୍ଥନ୍ୱେଷୀ ଚିନ୍ତାଧାରା କାରଣରୁ ଏମିତି ଅମାନବୀୟ ଚରିତ୍ର ଗୁଡିଏ ମଣିଷ ମନରେ ଜାଗ୍ରତ ହେଉଥିବା ନିରାଟ ସତ୍ୟ । ହେଲେ ଏହିଭଳି ଅମାନବୀୟ ଚିନ୍ତନ ମଣିଷ ମନରେ ଜାଗ୍ରତ କରାଇ ସେମାନଙ୍କୁ କ୍ଷୀଣ କରିଦେବା ପଛରେ ରହିଥିବା ରହସ୍ୟ କ'ଣ, ତର୍ଜମା କଲେ ଜାଣିହେବଯେ.............

କେତେକ ଅମାନବୀୟ ଅସାମାଜିକ ଚିନ୍ତାଶୀଳ ବ୍ୟକ୍ତି ସମାଜରେ କୁସଂସ୍କାର ବିତରଣ କରି ସମାଜକୁ ତଳିତଳାନ୍ତ କରିବାରେ ଯଥେଷ୍ଟ ସହାୟକ ହୋଇଥା'ନ୍ତି । ସେମାନେ ବିଭିନ୍ନ କୁସଂସ୍କାର ତଥା ଭ୍ରଷ୍ଟାଚାର ଜନିତ ପ୍ରଦୂଷଣ ମଣିଷ ସମାଜରେ ସୃଷ୍ଟିକରି ନିଜର ସ୍ୱାର୍ଥ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାସଲ କରିବାରେ ଲାଗି ପଡନ୍ତି । ସେମାନଙ୍କ ସେହି ଛଳନାତ୍ମକ ପ୍ରେରଣାରେ ନିମଗ୍ନ ସମସ୍ତ ଶିକ୍ଷିତ, ଅଶିକ୍ଷିତ ବଶବର୍ତ୍ତୀ ହୋଇ ନିଜକୁ ନିର୍ବୋଧତାର ଅନ୍ଧାର ମଧ୍ୟରେ ରଖି ସେମାନଙ୍କ ଦ୍ୱାରା ପ୍ରେରିତ ମିଥ୍ୟା କୁହେଳିକାରେ ନିଜକୁ ହଜାଇ ଦେଇଥା'ନ୍ତି । ତେଣୁ ସାମାଜିକ କୁସଂସ୍କାର, ଭ୍ରଷ୍ଟାଚାର ଦିନକୁ ଦିନ ବ୍ୟାପକ ହେବାରେ ଲାଗିଛି । ସମସ୍ତଙ୍କ ପ୍ରାୟତଃ ଭାବନା ରହିଛି ଯେ ସମାଜରେ କାର୍ଯ୍ୟରତ ରାଜନେତା ଏବଂ ସରକାରୀ କର୍ମଚାରୀଙ୍କ ଯୋଗୁଁ ସାମାଜିକ ଭ୍ରଷ୍ଟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି ! କିନ୍ତୁ ଏହି ଆକଳନ କିଛି ମାତ୍ରାରେ ସତ୍ୟତା ପ୍ରତିପାଦନ କରୁଥିଲେହେଁ ତାହାର ମୂଳ, ଚେର କେତେଦୂର ଲମ୍ବିଛି ଏବଂ ତାହା କେଉଁଠାରୁ ସୃଷ୍ଟି ହୁଏ ସେସବୁ ଜାଣିବା କ୍ଷମତା ବହିର୍ଭୁତ ବିଷୟ ସାଧାରଣ ଲୋକଙ୍କ ପାଇଁ । ଅର୍ଥାତ ଏହି ଦୁଇ ଗୋଷ୍ଠୀ ବ୍ୟତୀତ କେଉଁ ଲୁକାୟିତ ଶକ୍ତି ଅଦୃଶ୍ୟ ଭାବେ କାର୍ଯ୍ୟ କରୁଛି ସାମାଜିକ, କୁସଂସ୍କାର ଓ ଭ୍ରଷ୍ଟାଚାର ବୃଦ୍ଧି କରିବାରେ, ନିରୀକ୍ଷଣ କରି ବିଶ୍ଳେସଣ କଲେହିଁ ଜାଣିହେବ ଯାହା କେହି କରନ୍ତି ନାହିଁ । ଅତଏବ ସାଧାରଣ ଲୋକଙ୍କ ଆଖି ଖୋଲି ସତ୍ୟକୁ ପଦାକୁ ଆଣିବାକୁ ଚେଷ୍ଟା ଆମର ଏହାଯେ............

ବିଭିନ୍ନ ଧାର୍ମିକ ଅନୁଷ୍ଠାନରେ ଜଡିତ ବ୍ୟକ୍ତିବିଶେଷ ପରୋକ୍ଷରେ ସମାଜରେ କୁସଂସ୍କାର ବିତରଣ କରୁଥିବାବେଳେ ବ୍ୟବସାୟୀ ମାନେହିଁ ସାମାଜିକ ଭ୍ରଷ୍ଟାଚାରର କେନ୍ଦ୍ରବିନ୍ଦୁ ଭଳି କାର୍ଯ୍ୟ କରିଥା'ନ୍ତି ! ମୁଁ ଜଡିତ ଥିବା ଧର୍ମାନୁଷ୍ଠାନ କିମ୍ବା ବ୍ୟବସାୟୀକ ସଂସ୍ଥା ସେମିତି ନୁହନ୍ତି, ଆଉ କିଏ ହୋଇଥାଇପାରେ ବୋଲି ଭାବିବା ନିରର୍ଥକ ! ସେମାନେ ସମସ୍ତେ ଗୋଟିଏ ବାଟର ବାଟୋଇ । କେତେ ଉପର ଚିକ୍କଣ ଥିଲେ ମଧ୍ୟ ଭିତର ଅଙ୍ଗାର ସୁନିଶ୍ଚିତ, ଯାହା ସାଧାରଣ ଚକ୍ଷୁକୁ ଅଦୃଶ୍ୟ ହୋଇଥାଏ । ସେମାନଙ୍କ ରହସ୍ୟ ବୁଝିବା ଜଟୀଳରୁ ଜଟିଳତର ହୋଇଥାଏ । ଏହି କଥାଟି ସାମାନ୍ୟ ଅପ୍ରୀତିକର ଅନୁଭବ ହେବା ସହିତ ଅବିଶ୍ୱସନୀୟ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ହେଉଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ସତ୍ୟ ଯାହା ଗଭୀର ଭାବେ ନିରୀକ୍ଷଣ କରି ଗବେଷଣା କଲେହିଁ ଜାଣିହେବ । ସାଧାରଣ ଲୋକଙ୍କ କ୍ଷମତା ବହିର୍ଭୁତ ବିଷୟ ଏହା ଯେ ସେମାନେ କେବେ ବୁଝିପାରିବେ ନାହିଁ ସେସବୁ ହୁଏ କେମିତି । କିନ୍ତୁ ତାହାହିଁ ବାସ୍ତବ ସତ୍ୟ !! ଆଭ୍ୟନ୍ତରୀଣ ବ୍ୟାପାରୀ ଠାରୁ ଆରମ୍ଭ କରି ଆନ୍ତର୍ଦେଶୀୟ ବ୍ୟପାରୀଙ୍କ ଆଶାତୀତ ଲମ୍ବା ଷଡଯାନ୍ତ୍ରିକ ପ୍ରକ୍ରିୟାରେ ସାଧାରଣ ଲୋକଙ୍କ ଜ୍ଞାନ, ଭାବ ବହିର୍ଭୁତ ବିଷୟକୁ ନେଇ ରଚିତ, ଗଠିତ ଏହି ସାମାଜିକ ଭ୍ରଷ୍ଟାଚାରକୁ ଏତେ ସହଜରେ ବୁଝିହେବନହିଁ ! ସେମାନଙ୍କ କପଟ ପସାର କଳା କାର୍ନାମା ଠାରୁ ନିଜକୁ ଦୁରେଇ ରଖିବା ଅତ୍ୟନ୍ତ କଷ୍ଟକର ବିଷୟ ହୋଇପଡିଛି ଆଜି ସମୟରେ । ତଥାପି ଆମକୁ କରିବାକୁ ହେବ । କିନ୍ତୁ ଏହା ପଛରେ ରହିଥିବା ଷଡଯନ୍ତ୍ରକୁ ସାଧାରଣ ମଣିଷ ବୁଝିବା ଦୂରର କଥା, ଯେଉଁ ରାଜନେତା ତଥା ଶିକ୍ଷିତ ସରକାରୀ କର୍ମଚାରୀମାନେ ସେମାନଙ୍କ ସହିତ ହାତମିଶାଇ ବଳି ପଡ଼ିଥା'ନ୍ତି ସେମାନେ ମଧ୍ୟ ସେମାନଙ୍କ କଳା କାରୁକାର୍ଯ୍ୟକୁ ବୁଝି ପାରୁନାହାନ୍ତି ! ତେଣୁ ଏହିମାନଙ୍କ କାନ୍ଧରେ ବନ୍ଧୁକ ରଖି ସାଧାରଣ ଲୋକଙ୍କୁ ଶିକାର କରିଚାଲିଥିବା ସେହି ଧର୍ମାନୁଷ୍ଠାନିକ ଏବଂ ବ୍ୟବସାୟିକ ଶିକାରୀ ଗୋଷ୍ଠୀଙ୍କୁ ଚିହ୍ନିବା ଏତେ ସହଜ ନୁହେଁ ଯାହା ସାଧାରଣ ଲୋକେ କରିପାରନ୍ତି ନାହିଁ !

ଅତଏବ ସାଧାରଣ ଲୋକଙ୍କୁ ସତ୍ୟର ଉନ୍ମୋଚନ କରି ବାସ୍ତବକୁ ଆପଣେଇବାକୁ ହେଲେ ଉପସ୍ଥିତ କୁହେଳିକାର କୁହୁଢ଼ିରୁ ବାହାରକୁ ଆସି ବିଚାରଶୀଳ ଭାବେ ତର୍ଜମା କରିବାକୁ ହେବ ସତ୍ୟ, ଅସତ୍ୟକୁ ! କେବଳ ଲେଖା ଏବଂ ବିକା ମଧ୍ୟରେ ସନ୍ନିବେଶିତ ସଭ୍ୟ ମଣିଷ ସମାଜ ଯେଉଁଠି ଏହି ଦୁଇଟି ବିଷୟ ପ୍ରତି କାହାର ନଜର ନାହିଁ କିମ୍ବା କୌଣସି ସାମାଜିକ ପ୍ରତିବନ୍ଧକ ନାହିଁ ! ଯିଏ ଯାହା ଲେଖିଲା, ଯିଏ ଯାହା ବିକିଲା, ସବୁଥିରେ ବିଶ୍ୱାସ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆମର, ଆମକୁ ସଂସ୍କାର ପରିବର୍ତ୍ତେ ତଳିତଳାନ୍ତ କରୁଥିବା ସାଙ୍ଘାତିକ ସାମାଜିକ ଅଭାବନିୟତାକୁ ସାଧାରଣ ମଣିଷ କାହିଁକି ଆଛା ଆଛା ଶୀର୍ଷକ ଶିକ୍ଷିତ ମଧ୍ୟ ବୁଝିବା କଷ୍ଟକର ବ୍ୟାପାର ! ତେଣୁ ସଭ୍ୟସମାଜ ଯେ ବ୍ୟାପକ ଅସଭ୍ୟତାର ପରିଚୟ ଦେବାରେ କୁଣ୍ଠାବୋଧ କରୁନାହିଁ ତାହା ବୁଝିବା କାଠିକର ପାଠ । ଏହି ଗଭୀରତମ ବିଷୟକୁ ଏହିଭଳି ସଂକ୍ଷିପ୍ତ ପର୍ଯ୍ୟାୟରେ ବିଶ୍ଲେଷଣ କରି ସମ୍ପୂର୍ଣ୍ଣ କରିବା ସମ୍ଭବ ନୁହେଁ ! ଏହାର ବାସ୍ତବତା ଉପରେ କର୍ମଶାଳା କରାଯାଇ ସଚେତନତା ସୃଷ୍ଟି କରାଯାଇପାରେ । କିନ୍ତୁ କାହାରି ଆଗ୍ରହ ସୃଷ୍ଟି ହେବା ଅନ୍ଦାଜ ହେଉନାହିଁ, କାରଣ ସମସ୍ତେ ବୁଝିଛନ୍ତି ଆଜିସମୟର ପରିସ୍ଥିତି । ତଥାପି ଆମ କର୍ତ୍ତବ୍ୟରୁ ପଶ୍ଚାପୃଦ ନହୋଇ ଜାରିରହିଛି ଆମ ସଂଗ୍ରାମ ଯାହା ଶେଷ ପର୍ଯ୍ୟନ୍ତ ନିଦ୍ୱର୍ନ୍ଦରେ ଚାଲିବ । ଯାହା ହେବ ନହେବ ସମୟ କହିବ । ଲେଖା ଏବଂ ବିକା ମଧ୍ୟରେ ସୀମିତ ସଭ୍ୟତାକୁ ସମ୍ପୂର୍ଣ୍ଣ ଭାବେ ନବୁଝି କେବଳ ସ୍ୱାର୍ଥାନ୍ଧ ହୋଇ ସମସ୍ତେ ଅଗ୍ରଗତି କଲେ ଯେ ମଣିଷ ସମାଜ ସମୟ ପୂର୍ବରୁ ସଂକୁଚିତ ହୋଇ ସମଗ୍ର ପୃଥିବୀ ସମୟ ପୂର୍ବରୁ ଜନଶୂନ୍ୟ ହୋଇଯିବାରେ କେବଳ ଆମେହିଁ ଦାୟୀ ରହିବା ଛଡା କାହାରିକୁ ଦୋଷାରୋପ କରିପାରିବା ନାହିଁ ବୋଲି ଆମ ବି·ରରେ ଆପଣଙ୍କ ଭାବ ବ୍ୟକ୍ତ କରିବେ ବୋଲି ଆଶା !

ପଙ୍କଜ କୁମାର ପାଣିଗ୍ରାହୀ

ସୋସିଆଲ ଫୋରମ (ଭାରତ)

ଛତ୍ରପୁର, ଗଞ୍ଜାମ.

ଦୂରଭାଷ.: ୯୪୩୭୩୨୪୯୧୭.

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

# ରାମ ବନବାସ ପାଇଁ ଦାୟୀ କିଏ ? ? ?

ରାବଣର ମୃତ୍ୟୁ ପରେ, ବିଭୀଷଣଙ୍କୁ ରାଜା କରାଇବା, ଶ୍ରୀରାମଙ୍କ ପାଇଁ ସ୍ୱାଭାବିକ ହୋଇଗଲା । ନବନିଯୁକ୍ତ ରାଜା ଲଙ୍କାପତି ବିଭୀଷଣଙ୍କ ଅନୁମତି ନେଇ, ଶ୍ରୀରାମ ସୀତାମାତାଙ୍କୁ ଅଶୋକବନରୁ ଉଦ୍ଧାର କଲେ । ଶେଷରେ ସମସ୍ତ ବାନର ଓ ଭଲ୍ଲୁକଗଣଙ୍କୁ ସେମାନଙ୍କ ଉପକାର ପାଇଁ କୃତଜ୍ଞତା ଜଣାଇଲେ । ସେମାନଙ୍କୁ କହିଲେ, "ଏବେ ନିଜ ନିଜ ରାଜ୍ୟକୁ ଫେରିଯିବାକୁ ହେବ ।"

କିନ୍ତୁ ଜାମ୍ବବାନ, ସୁଗ୍ରୀବ, ନଳ ନୀଳ, ଅଙ୍ଗଦ, ହନୁମାନ ଓ ବିଭୀଷଣ ଆଦି କହିଲେ, "ପ୍ରଭୁ ! ଆମେ ଆପଣଙ୍କ ସହ ଅଯୋଧ୍ୟା ଯିବୁ । ଆପଣଙ୍କ ରାଜ୍ୟାଭିଷେକ ଉତ୍ସବରେ ସାମିଲ ହେବୁ ।"

ଶ୍ରୀରାମ ବିଭୀଷଣଙ୍କୁ କହିଲେ, "ଲଙ୍କେଶ୍ୱର ! ଏବେ ଆମକୁ ଆମ ରାଜ୍ୟ ଅଯୋଧ୍ୟା ଯିବାକୁ ଅନୁମତି ଦିଅ ।"



ନିତ୍ୟରଞ୍ଜନ ନନ୍ଦ

ବିଭୀଷଣ କହିଲେ, "ମୋତେ ଅନୁମତି ମାଗି ଲଜ୍ଜା ଦିଅନ୍ତୁ ନାହିଁ ପ୍ରଭୁ ! ମୁଁ ଆପଣଙ୍କ ସେବକ । ଆଜ୍ଞା କରନ୍ତୁ । ପୁଷ୍ପକବିମାନ ଆପଣଙ୍କୁ ଅଯୋଧ୍ୟାରେ ନେଇ ଛାଡି ଆସିବ । ମୁଁ ରାଜ୍ୟାଭିଷେକ ଉତ୍ସବରେ ନିଜକୁ ସାମିଲ କରି ଭାଗ୍ୟବାନ ମଣିବି ।"

ଭଗବାନ ରାମ କହିଲେ, "ତୁମ ଇଚ୍ଛା ପୂର୍ଣ୍ଣ ହେଉ ।" ପୁଣି କହିଲେ,

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ମୋତେ ଭରତ ଅପେକ୍ଷା କରିଥିବ । ଚତୁର୍ଦ୍ଦଶ ବର୍ଷରୁ ମାତ୍ର ଗୋଟିଏ ଦିନ ଅଧିକ ହେଲେ, ସେ ଅଗ୍ନିରେ ପ୍ରାଣ ବିସର୍ଜନ କରିବ । ତେଣୁ ଆମକୁ ଯଥାଶୀଘ୍ର ଯିବାକୁ ହେବ । ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଅଯୋଧ୍ୟାରେ ପହଞ୍ଚିବାକୁ ହେବ ।"

ଘରବାହୁଡା ଯାତ୍ରାର ପ୍ରସ୍ତୁତି ପର୍ବ ଆରମ୍ଭ ହେଲା । ବିଭୀଷଣ ପୁଷ୍ପକବିମାନ ସୁସଜ୍ଜିତ କଲେ । ସେଇଥିରେ ସମସ୍ତଙ୍କୁ ଅଯୋଧ୍ୟା ଯିବାପାଇଁ ନିମନ୍ତ୍ରଣ କଲେ ।

ଭଗବାନ ରାମଙ୍କ ଅନୁମତି ନେଇ ସମସ୍ତେ ଏକ ସଙ୍ଗରେ ପୁଷ୍ପକ ବିମାନରେ ବିରାଜମାନ ହେଲେ । ସଙ୍ଗେ ସଙ୍ଗେ ପୁଷ୍ପକ ବିମାନ ଆକାଶମାର୍ଗରେ ଗତି କଲା । ଭଗବାନ ରାମ, ଲକ୍ଷ୍ମଣ ଓ ସୀତାଙ୍କ ସହ ଅନ୍ୟମାନେ ମଧ୍ୟ ଅଯୋଧ୍ୟା ଆସିଲେ ।

ଅଯୋଧ୍ୟା ମାଟିରେ ଭଗବାନ ରାମ ଆକାଶ ମାର୍ଗରୁ ପୁଷ୍ପକ ବିମାନରୁ ଓହ୍ଲେଇଲେ । ଅଯୋଧ୍ୟା ମାଟିକୁ ବାରବାର ଦଣ୍ଡପ୍ରଣାମ କଲେ । ଧୂଳିନେଇ ମଥାରେ ମାରିଲେ । ସେଠାରେ ନିଶାଦ ରାଜ ଗୁହକଙ୍କୁ ଭେଟିଲେ । ଗୁହକ ହାତରେ ଅଯୋଧ୍ୟା ରାଜାଙ୍କ ନିକଟକୁ ନିଜର ପ୍ରତ୍ୟାବର୍ତ୍ତନ ଖବର ପଠେଇଲେ ।

ଗୁହକକୁ ବିଶେଷ ଭାବରେ ଶ୍ରୀରାମ କହିଲେ, "ଭରତଙ୍କ ମନୋଭାବକୁ ଠିକ୍ ଭାବରେ ପଢିବ ଗୁହକ । ତା'ପରେ ତାଙ୍କୁ ଆମେ ଅଯୋଧ୍ୟା ଆସିବା ଖବର ଦେବ ।

ଗୁହକ ଅଯୋଧ୍ୟା ରାଜ ଭବନକୁ ଆସିଲେ । ସେଠାରେ ଭରତଙ୍କୁ ଖୋଜିଲେ । କିନ୍ତୁ ପାଇଲେ ନାହିଁ । ସେଇଠୁ ନନ୍ଦିଗ୍ରାମ ଗଲେ । ଭଗବାନ ରାମଙ୍କ ବାର୍ତ୍ତା ଭରତଙ୍କୁ ଦେଲେ ।

ଭରତ ଯେମିତି ଭଗବାନ ରାମ ଫେରୁଥିବା ଖବର ଜାଣିଲେ, ଆନନ୍ଦରେ ଗଦ୍ ଗଦ୍ ହୋଇଗଲେ । ଆଖିରୁ ଆନନ୍ଦାଶ୍ରୁ ଟପ୍ ଟପ୍ କରି ଝରି ପଡିଲା ଭରତଙ୍କର ।

ଆତ୍ମବିଭୋର ହୋଇଗଲେ । ଏଇ ଖୁସି ଖବର ଶୁଣେଇଥିବାରୁ ଗୁହକଙ୍କୁ ବିପୁରସ୍କାର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଲେ । ଗୁହକଙ୍କୁ ବାରବାର ଆଲିଙ୍ଗନ କରି ଚାଲିଲେ । କହିଲେ, "ଏଇ ଚତୁର୍ଦ୍ଦଶ ବର୍ଷ କେମିତି ଅତିବାହିତ ହୋଇଛି, ଆପଣ ଜାଣି ପାରିବେ ନାହିଁ ନିଶାଦ ରାଜ । ଏତେ ଦିନର ଅନ୍ଧକାର ଦୂରେଇ ଯାଇ ଏବେ ଆଲୋକ ପ୍ରକାଶ ପାଇବ । ଆଉ କାଳ ବିଳମ୍ବ ନ କରି ମୋ ପ୍ରଭୁଙ୍କୁ ନେଇଆସ ହେ ନିଶାଦ ରାଜ !"

ଅଯୋଧ୍ୟାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଆରମ୍ଭ ହେଲା .... ! !

ଭରତ ସଙ୍ଗେ ସଙ୍ଗେ ରଥ ସୁସଜ୍ଜିତ କରି ଭଗବାନ ରାମଙ୍କ ନିକଟକୁ ପ୍ରେରଣ କଲେ । ଅଯୋଧ୍ୟାକୁ ଉତ୍ସବମୁଖର କରିବାପାଇଁ ଆଦେଶ ଦେଲେ, "ନଗରର ପ୍ରତି ପୁରେ ପୁରେ, ପ୍ରତିଦାଣ୍ଡରେ ଆଲୋକରେ ଭରି ଦିଆଯାଉ । ପ୍ରତ୍ୟେକ ସ୍ଥାନରେ ଭଗବାନ ରାମଙ୍କ ସ୍ୱାଗତ ଓ ଭବ୍ୟ ସମ୍ବର୍ଦ୍ଧନା ପାଇଁ ପ୍ରସ୍ତୁତ ହେଉ । ଅଯୋଧ୍ୟାରେ ଆନନ୍ଦର ଲହରୀ ଖେଳିଯାଉ ।"

ସାରା ଅଯୋଧ୍ୟା ନଗରୀ ଆଲୋକମୟ ହୋଇ ଯାଇଥିଲା । ପୁରେ ପୁରେ ଖୁସିର ବାତାବରଣ ଖେଳି ଯାଇଥିଲା ।

ଅଯୋଧ୍ୟା-ପତି ଆଜି ଅଯୋଧ୍ୟା ଫେରିବେ । ଏହି ଖବର ପ୍ରଚାର ହେବା ମାତ୍ରେ ଅଯୋଧ୍ୟାବାସୀଙ୍କର ଖୁସି କହିଲେ ନ ସରେ । ସମସ୍ତେ ଧୂପଦୀପ ଜାଳି ଅର୍ଘ୍ୟଥାଳି ଧରି ପ୍ରତୀକ୍ଷା କଲେ । ସ୍ଥାନେ ସ୍ଥାନେ ଆମ୍ବ ତୋରଣ ଲଗାଇ ଦିଆଗଲା ।

ବାଜା ବାଣ ସହ ରାମ ଧ୍ୱନୀ ଓ ସ୍ୱାଗତ ଗୀତିକାରେ ଅଯୋଧ୍ୟା ଭୂମି ପ୍ରକମ୍ପିତ ହେଉଥିଲା । ଭଗବାନ ରାମଙ୍କୁ ପୁର ନରନାରୀ ପୁଷ୍ପମାଲ୍ୟ ଧରି ପୁଷ୍ପାର୍ପଣ କରିବା ଲାଗି ପ୍ରତୀକ୍ଷାରତ ହେଲେ ।

ଏହି ସମୟରେ ଅଯୋଧ୍ୟା ରାଜ ରାସ୍ତାରେ ରଥ ଧୀରେ ଧୀରେ ଗଡି ଆସୁଥାଏ । ରଥରେ ବସିଥାନ୍ତି ଭଗବାନ ରାମଙ୍କ ସହ ଜଗତ-ଜନନୀ କଲ୍ୟାଣମୟୀ ମାତା ସୀତା ।

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଖରେ ଠିଆ ହୋଇଥାନ୍ତି ଅନୁଜ ଲକ୍ଷ୍ମଣ । ସାଥୀରେ ଚାଲି ଚାଲି ଆସୁଥାନ୍ତି ଲଙ୍କେଶ୍ୱର ବିଭୀଷଣ, କିଷ୍କିନ୍ଧ୍ୟାରାଜ ସୁଗ୍ରୀବ, ଭଲ୍ଲୁକ-ରାଜ ଜାମ୍ବବାନ୍, ଅଙ୍ଗଦ, ନଳ,ନୀଳ ଓ ପ୍ରଭୁପଦ ସେବକ ପରମ ପୂଜ୍ୟ ସନ୍ଧ୍ୟା ବନ୍ଦନୀୟ ପ୍ରାତଃ ସ୍ମରଣୀୟ ବୀର ବଜରଙ୍ଗୀ ଅଞ୍ଜନା ହୃଦ-ଚନ୍ଦନ କେଶରୀ-ନନ୍ଦନ ମହାବୀର ହନୁମାନ । ତାଙ୍କ ପଛେ ପଛେ ଆସୁଥାନ୍ତି ଅସଂଖ୍ୟ ବାନର ଓ ବାନର ସେନାଧ୍ୟକ୍ଷ । ତାଙ୍କ ସହ ଅଯୋଧ୍ୟା ପୁର ନରନାରୀ ଗଣ । ରଥ ଆସି ଅଯୋଧ୍ୟା ରାଜ ଦାଣ୍ଡରେ ଉପସ୍ଥିତ ହେଲା ।

ରାଜ ଦରବାରରେ ଗୋଟିଏ ପଟେ ବସିଥିଲେ ବଶିଷ୍ଠ, ବିଶ୍ୱାମିତ୍ର, ବାମଦେବ, ଜାବାଳି ଭଳି ଗୁରୁବର୍ଗ ଓ ମହାମନ୍ତ୍ରୀ ସୁମନ୍ତ; ଗୋଟାଏ ପାର୍ଶ୍ୱରେ ଥିଲେ ତିନି ମାତା; ଅନ୍ୟ ପାର୍ଶ୍ୱରେ ଅଯୋଧ୍ୟା ପୁର ନରନାରୀ । ସମସ୍ତଙ୍କ ମନରେ ଅନେକ ପ୍ରଶ୍ନ ???

(କ) କୌଶଲ୍ୟା ଭାବୁଛନ୍ତି, "ମୋ ପୁଅକୁ ଦଶମାସ ଧରି ଗର୍ଭରେ ଧାରଣ କରିଥିଲି । ମୋ ସ୍ତନରୁ କ୍ଷୀର ଖୁଆଇଛି । ସେ ଆସିଲେ ମୋତେ ମାଆ ବୋଲି ଡାକି ଆଗେ ମୁଣ୍ଡିଆ ମାରିବ । ଖୁସିରେ ମୋତେ କୁଣ୍ଢେଇ ପକେଇବ ।

(ଖ) କୈକେୟୀ ଭାବୁଛନ୍ତି, "ରାମ କଣ ମୋତେ ମୁଣ୍ଡିଆ ମାରିବ? ମୋରି ପାଇଁ ସେ ଚଉଦ ବରଷ ବନବାସ କରିଛି । କେତେ ଦୁଃଖ କଷ୍ଟ ଭୋଗ କରିଛି । କୂଳବଧୁ ସୀତାଙ୍କୁ ରାକ୍ଷସ ରାବଣ ଚୋରି କରି ନେଇଗଲା । ଏତେ ସବୁ ପରେ କଣ ରାମ ମୋତେ କେବେ ମାଆ ବୋଲି କହିବ .....?? ନା ମୁଣ୍ଡିଆ ମାରିବ ??? ବରଂ ମୋତେ ତିରସ୍କାର କରିବ .... ! କେମିତି କୋଉ ମୁହଁ ନେଇ ମୁଁ ମୋ ରାମର ସମ୍ମୁଖୀନ ହେବି ..... !!

(ଗ) ସୁମିତ୍ରା ମନେ ମନେ ଭାବୁଛନ୍ତି, "ରାମ ଆସିଲେ ମୋତେ ତ ମାଆ କହି ମୁଣ୍ଡିଆ ମାରିବ; କିନ୍ତୁ ମୋ ପୁଅ ଲକ୍ଷ୍ମଣ ମୋତେ ପ୍ରଣାମ କରି "ମାଆ ମାଆ" ଡାକି ମୋ ଅତୃପ୍ତ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୃଦକୁ ତୃପ୍ତ କରିବ ।

(ଘ) ଗୁରୁବର୍ଗ ମନେ ମନେ ଭାବୁଛନ୍ତି, “ରାମ ଜ୍ଞାନୀ, ଦୂରଦୃଷ୍ଟି-ସମ୍ପନ୍ନ । ସେ ଆସିଲେ ଆଗେ ଗୁରୁଙ୍କୁ ପ୍ରଣାମ କରିବେ । କାରଣ ଗୁରୁ ଓ ଗୋବିନ୍ଦଙ୍କ ମଧ୍ୟରେ ଗୁରୁ ଶ୍ରେଷ୍ଠ ଓ ପୂଜ୍ୟ । ତେଣୁ ଆଗେ ସେ ଗୁରୁଙ୍କୁ ପ୍ରଣାମ କରିବେ ।

(ଙ)ପ୍ରଜାଗଣ ଭାବୁଛନ୍ତି - ରାମ ପ୍ରଜାବତ୍ସଳ । ତାଙ୍କ ହୃଦୟରେ ଅଯୋଧ୍ୟା ନରନାରୀଙ୍କ ପାଇଁ ଅଜସ୍ର ସ୍ନେହ ଶ୍ରଦ୍ଧା ଅଛି । ରାଜାଠାରୁ ପ୍ରଜା ବଡ଼ । ପ୍ରଜାଙ୍କୁ ନେଇ ରାଜ୍ୟ । ସେଥିପାଇଁ ରାମ ଆଗେ ପ୍ରଜାଗଣଙ୍କୁ ମୁଣ୍ଡିଆ ମାରିବେ ।

ସମସ୍ତେ ଏତେ ସବୁ ଭାବନାରେ ବୁଡି ରହିଥିଲା ବେଳେ ଶ୍ରୀ-ରାମ ରଥରୁ ଓହ୍ଲାଇଲେ । ସିଧା ଯାଇ ମାତା କୈକେୟୀଙ୍କ ପାଦ ତଳେ ଲମ୍ବ ହୋଇ ପଡିଗଲେ । ମହାରାଣୀ କୈକେୟୀଙ୍କର ଅଶ୍ରୁଭରା ନେତ୍ରରୁ ଧାର ଧାର ଲୋତକ ବୁନ୍ଦା ସବୁ ଭଗବାନ ରାମଙ୍କ ମସ୍ତକକୁ ଧୋଇ ଦେଉଥାଏ । ଭଗବାନ ରାମଙ୍କର ନୟନ ଯୁଗଳରୁ ମଧ୍ୟ ଲୋତକର ବାରି ଧାରା ମାଆ କୈକେୟୀଙ୍କର ପାଦ ପ୍ରକ୍ଷାଳନ କରୁଥାଏ ।

ଏଇ ସମୟରେ ମାଆ କୈକେୟୀ ଥର ଥର କଣ୍ଠରେ “ମୋ ଧନ ରାମ, ରାମ” କହି ଭୂଇଁରୁ ଟେକି ଆଣି ମୁଖରେ ବାତ୍ସଲ୍ୟ ମମତାକୁ ଅଜାଡି ଦେଉଥାନ୍ତି । ଥର ଥର କଣ୍ଠରେ କହିଲେ, “କାହିଁକିରେ ରାମ ! ଏ ମାଆକୁ ମୁଣ୍ଡିଆ ମାରିଲୁ ? ତୋ ପ୍ରଣାମ ପାଇବା ପାଇଁ ଏ କୁଳ କଳଙ୍କିନୀ ସମ୍ପୂର୍ଣ୍ଣ ଅଯୋଗ୍ୟା ।”

ଭଗବାନ ହସିଲେ । କହିଲେ, “ମାଆ ବନ୍ଦନୀୟା, ପୂଜନୀୟା । ପୁତ୍ର କୁ-ପୁତ୍ର ହୋଇ ପାରେ; କିନ୍ତୁ ମାଆ କେବେ ହେଁ କୁ-ମାତା ହୋଇ ନପାରେ । ମାଆ କେବେ ହେଁ ପିଲାର ଅମଙ୍ଗଳ କରି ପାରେନା; ଯେତେ ଯାହା ହେଇଗଲେ ହେଇଯାଉ ପଛେ ।”

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କୈକେୟୀ କହିଲେ, "ଥାଉରେ ଧନ ! ଆଉ ମୋତେ ଲଜ୍ଜା ଦେ ନାହିଁ । ମୋ ଭଳି ପିଶାଚିନୀ, ପାପିନୀ ଜଗତରେ ବିରଳ । ନୋହିଲେ ତୋ ଭଳି ପୁଅକୁ କଣ କେହି ବନକୁ ପଠେଇ ପାରିଥାନ୍ତା ?"

ଏଥର ଭଗବାନ ରାମ କହିଲେ, "ରାତି ପାହିଥିଲେ ମୁଁ ରାଜା ହୋଇଥାନ୍ତି । କିନ୍ତୁ ତୁମେ... ତୁମେ ଆଜି ଜନତା ଜନାର୍ଦ୍ଧନଙ୍କ ଆଗରେ ସତ କୁହ ମାଆ... ! ତୁମେ କଣ ପାଇଁ ମୋ ରାଜ୍ୟାଭିଷେକ ଦିନ ମୋତେ ବନକୁ ପଠେଇଲ ? କି ଅପରାଧ କରିଥିଲି ମୁହିଁ ? ?

କୈକେୟୀ କହୁଛନ୍ତି, "ଶୁଣିବୁ ରାମ ! କଣ ପାଇଁ ତୋତେ ବନକୁ ପଠେଇଲି ? ତେବେ ଶୁଣୁ..... ଆଜି ପ୍ରମାଣ ଦେବା ପାଇଁ ମୋ ପାଖରେ କିଛି ନାହିଁ । ଗୋଟିଏ କଥା ଆମେ ଦୁଇଜଣ ଶୁଣିଥିଲୁ । ଜଣେ ଏ ଜଗତରେ ନାହାଁନ୍ତି । ସାକ୍ଷୀ ଦେବା ପାଇଁ ନାହାନ୍ତି କେହି । କିଏ ମୋ କଥା ବିଶ୍ୱାସ କରିବ ?

ଭଗବାନ ରାମ କହିଲେ, "ତଥାପି ତୁମେ କୁହ ମାଆ ! କଣ ପାଇଁ ମୋତେ ତୁମେ ବଣକୁ ପଠେଇଲ ?"

କୈକେୟୀ କହିଲେ, "ତୁମର ଜନ୍ମ କଣ ରାଜା ହେବା ପାଇଁ ହୋଇଥିଲା କି ? ତୁମେ କିଏ, ସେ କଥା ମୁଁ ଜାଣିଛି ? ? ତୁମର ଜନ୍ମ ତ ଏ ଧରାରୁ ପାପଭାର ଲାଘବ କରିବା ପାଇଁ ହେ ରାଘବ ! ଯେବେ ତୁମେ ରାଜା ହୋଇଥାନ୍ତ, ତେବେ ଏ ଧରାର ପାପଭାର କେମିତି ଉଶ୍ୱାସ ହୋଇଥାନ୍ତା ! !

(ପ୍ରକୃତରେ ଭଗବାନ ରାମଙ୍କୁ ତ୍ରେତୟା ଯୁଗରେ ତିନି ଜଣ ଜାଣିଥିଲେ । ଜଣେ ପୁରୁଷ, ଜଣେ ନାରୀ ଓ ଜଣେ ନାରୀ ନୁହେଁ କି ପୁରୁଷ ନୁହେଁ । ପୁରୁଷ ଜଣଙ୍କ ହେଲେ ରାବଣ; ନାରୀ ଜଣଙ୍କ ହେଲେ କୈକେୟୀ; ପୁରୁଷ କି ନାରୀ ନୁହେଁ ହେଲେ ଏକ ସ୍ତନୀ ନାରୀ, ଯିଏ କି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଭୀଷଣଙ୍କ ଝିଅ 'ତ୍ରିଜଟା' ।

ଏଇଠି ଆଉ ଗୋଟିଏ କଥା କହିବାକୁ ଚାହେଁ ଯେ, କୈକେୟୀ ଏକ ବର ପାଇଥିଲେ; ଯାହା ଦ୍ୱାରା ସେ ଆଗତ ଭବିଷ୍ୟତ କଥା ଜାଣି ପାରୁଥିଲେ । ସେ ଶୋଇଥିବା ଅବସ୍ଥାରେ ବି ଏ ସାରା ସଂସାରର ସବୁ ଜୀବଙ୍କର ଭାଷା ବୁଝି ପାରୁଥିଲେ ।

(କ) ତେବେ ଗୋଟିଏ କଥା କହୁଛି ଶୁଣ : ସେତେବେଳେ ଖରାଦିନ ହୋଇଥାଏ । ସୂର୍ଯ୍ୟଙ୍କର ପ୍ରଚଣ୍ଡ ରୌଦ୍ର ତାପରେ ଅସହ୍ୟ ହେଉଥାଏ ଧରିତ୍ରୀ । ନଦୀ, ନାଳ, ପୋଖରୀ, ଗଡ଼ିଆ ସବୁ ଶୁଖି ଯାଉଥାଏ । ରାସ୍ତାରେ ପଥିକମାନେ ଗଲା ବେଳେ ଘୋଡା ଭଳି ଡେଇଁ ଡେଇଁ ଯାଉଥାନ୍ତି । ମାଟି ଫାଟି ଆଁ କରି ଦେଇଥାଏ । ସାରା ଜୀବଜଗତରେ ଖରା ପାଇଁ ହାହାକାର ପଡି ଯାଇଥାଏ ।

ଏହି ସମୟରେ ତୋ ବାପା ଅର୍ଥାତ୍ ଅଯୋଧ୍ୟା ରାଜ ମହାରାଜ ଦଶରଥ ବିନୋଦ ପାଇଁ ବଣକୁ ଯିବାକୁ ମୋତେ କହିଲେ । ଆମେ ବିନୋଦ ପାଇଁ ଜଙ୍ଗଲକୁ ଗଲୁ । ଆମେ ଜଙ୍ଗଲ ଭିତରେ ବୁଲି ବୁଲି ଥକି ଗଲୁ । ଏକ ବଡ଼ ଗଛ ଛାଇ ଦେଖି ତା'ମୂଳରେ ବିଶ୍ରାମ ନେଲୁ । ଚାହୁଁ ଚାହୁଁ ରାଜା ମୋ କୋଳରେ ମଥା ରଖି ଶୋଇପଡିଲେ । କିଛି ସମୟ ପରେ ମୋତେ ମଧ୍ୟ ନିଦ ଆସିଲା । ମୁଁ ମଧ୍ୟ ରାଜାଙ୍କ ଉପରେ ମୁଣ୍ଡ ରଖି ଶୋଇଗଲି ।

ନିଦରେ ଶୋଇଥିବା ଅବସ୍ଥାରେ ଗୋଟିଏ କଥା ଶୁଣିବାକୁ ପାଇଲି । ସେଇ ଗଛ ଉପରେ ବସିଥିବା ଶୁଆ-ଶାରୀଙ୍କର କଥାବାର୍ତ୍ତା ଶୁଣିଲି । ଶୁଆ କହୁଥିଲା, "ଦେଖେ ଲୋ ଶାରୀ ! ଏ ଯେଉଁ ବ୍ୟକ୍ତି ଶୋଇଛନ୍ତି,ସେ ହେଉଛନ୍ତି ଅଯୋଧ୍ୟାର ନୃପତି, ଯାହାଙ୍କ ବାନା ଫର ଫର ହୋଇ ଉଡି ଦିଗବିଜୟୀ ସମ୍ରାଟର ସୂଚନା ଦିଏ ।

ଆଜି ବିନୋଦ ପାଇଁ ଏ ଅରଣ୍ୟକୁ ଆସି ଏଇଠି କେମିତି ଶୋଇପଡିଛନ୍ତି । ସେ କଣ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜାଣିଛନ୍ତି ଯେ, ଆଜକୁ ଠିକ ସାତ ଦିନ ପରେ ଅଯୋଧ୍ୟାକୁ 'ଶ୍ୱାତ୍ତି ମାର୍ତ୍ତଣ୍ଡ' ଯୋଗ ପଡ଼ିବ । ଏହି ଯୋଗରେ ଅଯୋଧ୍ୟା ରାଜ ସିଂହାସନ ଶ୍ରୀ-ହୀନ ହୋଇଯିବ । ପୁଣି, ଏହି ଯୋଗ 'ଚତୁର୍ଦ୍ଦଶ ବର୍ଷ' ଯାଏ ବଳବତ୍ତର ରହିବ । ଯିଏ ରାଜ ଗାଦିରେ ବସିବ, ସେ ନିଶ୍ଚିତ ଭାବେ ମୃତ୍ୟୁ ବରଣ କରିବ ।

ସେଇ କଥାକୁ ବିଶ୍ୱାସ କରି ମୁଁ ଚିନ୍ତା କଲି, 'ଯଦି ଏହା ସତ୍ୟ ହୁଏ, ତେବେ ତୁ ରାଜା ହେଲେ ମୃତ୍ୟୁ ବରଣ କରିବୁ । ତେଣୁ ମୁଁ ଶପଥ କଲି, ଏଇ ସମୟ ଭିତରେ କେବେ ରାମଙ୍କୁ ରାଜା କରେଇ ଦେବି ନାହିଁ । ଅଯୋଧ୍ୟା ସିଂହାସନରେ ଅଧିଷ୍ଠିତ ହୋଇ ମୋ ପୁଅ ଭରତ ପଛେ ମରୁ; କିନ୍ତୁ ରାମ ଭଳି ପୁଅର କିଛି କ୍ଷତି ନ ହେଉ । ଏବେ  କୁହ ରାମ ! ତୁମକୁ ବନକୁ ପଠେଇ ମୁଁ କଣ କିଛି ଭୁଲ କଲି ... ?

ଭଗବାନ ରାମ କହିଲେ, "ମାଆ ! ଏକଥା ମୁଁ ଅବଶ୍ୟ ଜାଣିଛି ।"

(ଖ) କୈକେୟୀ କହିଲେ, ଆହୁରି କଥାଏ କହୁଛି ଶୁଣ... ଯେଉଁ ଦିନ ତୋର ରାଜ୍ୟାଭିଷେକ ପାଇଁ ରାଜ ଦରବାରରେ ତୋ ବାପା ଘୋଷଣା କଲେ, ତା'ପୂର୍ବରୁ ଗୁରୁବର୍ଗ କିମ୍ବା ମନ୍ତ୍ରୀମଣ୍ଡଳଙ୍କ ସହ ପରାମର୍ଶ କରି ନଥିଲେ । ଗୁରୁଦେବ ବଶିଷ୍ଠ, ବାମଦେବ, ବିଶ୍ୱାମିତ୍ର, ଜାବାଳି ଓ ମନ୍ତ୍ରୀବର ସୁମନ୍ତ୍ର ବସି ବୈଠକ କଲେ । ଗୁରୁଦେବ ଗଣନା କରି ଦେଖିଲେ ଯେ, ଆସନ୍ତା କାଲି ଠାରୁ ଅଯୋଧ୍ୟାକୁ 'ଶ୍ୱାତ୍ତି ମାର୍ତ୍ତଣ୍ଡ ଯୋଗ' ପଡ଼ୁଛି । ଏହା ଦ୍ୱାରା ଅଯୋଧ୍ୟା ରାଜ ସିଂହାସନ ଚତୁର୍ଦ୍ଦଶ ବର୍ଷ ପାଇଁ ମୁକୁଟ ବିହୀନ ହେବ । ଅଯୋଧ୍ୟା ସିଂହାସନରେ ଯିଏ ବସିବ, ତା'ର ମୃତ୍ୟୁ ଅବଶ୍ୟମ୍ଭାବୀ । ଅଯୋଧ୍ୟା ରାଜ ସିଂହାସନ ଚତୁର୍ଦ୍ଦଶ ବର୍ଷ ପାଇଁ ଶ୍ରୀ-ହୀନ ହୋଇ ପଡିବ । ଏଇ କଥା କିଏ ରାଜାଙ୍କୁ କହିବ .. ? ? ?

ସେମାନଙ୍କ ମଧ୍ୟରେ ଭାଳେଣି  ପଡିଲା । ସେଥିପାଇଁ ମୋତେ ଡକାଇଥିଲେ । କାରଣ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ରାଜାଙ୍କ ଉପରେ ମୋର ଦୁଇଟି ବର ବାକି ଥିଲା ।

(କ) ପ୍ରଥମଟି ହେଲା : ଦେବତାଙ୍କ ପାଇଁ ଯୁଦ୍ଧ ବେଳେ ଦଶରଥଙ୍କର ରଥର 'ଅନିକିଳି' ହୁଗୁଳି ପଡିଲା । ଚକ ଖସି ପଡିଲେ ରାଜା ଯୁଦ୍ଧ କେମିତି କରିବେ ? ଏହା ଚିନ୍ତାକରି ସେତେବେଳେ ତାଙ୍କର ସାରଥୀ ହୋଇଥିବା ବୀରାଙ୍ଗନା ରମଣୀ 'ମହାରାଣୀ କୈକେୟୀ' ନିଜ ଆଙ୍ଗୁଠି ଦେଇ ରଥ ଚକରେ ଅନିକିଳି କଲେ; ଯାହା ଦ୍ୱାରା ରାଜାଙ୍କ ଯୁଦ୍ଧରେ ବ୍ୟାହତ ହୋଇ ନଥିଲା । ରାଜା ଯୁଦ୍ଧରେ ବିଜୟୀ ହୋଇଥିଲେ । ଏଇଥିରେ ଖୁସି ହୋଇ ରାଜା ଗୋଟିଏ 'ବର' ଦେବେ ବୋଲି କୈକେୟୀଙ୍କୁ କହିଥିଲେ ।

(ଖ) ଦ୍ୱିତୀୟ ବର : ଥରେ ରାଜାଙ୍କର ମୁହଁରେ ଏକ 'ବଥ' ହୋଇଥିଲା; ଯାହାର ଜ୍ୱଳନରେ ରାଜା ମୃତ୍ୟୁବରଣ କରିଥାନ୍ତେ । ରାଜବୈଦ୍ୟଗଣ କହିଲେ, "ମହାରାଜ ଆପଣଙ୍କ ମୁହଁର ଘାଆ ଶୁଖିବା ପାଇଁ ଗୋଟିଏ ଉପାୟ ଅଛି । ଯଦି କେହି ତା'ମୁହଁରେ ଘାଆଟିରୁ ପୂଜ ରକ୍ତ ଆଦିକୁ ଶୋଷିଦିଏ; ତେବେ ଆପଣଙ୍କ ଘାଆରୁ ଉପଶମ ମିଳିବ । ଧୀରେ ଧୀରେ ଘାଆଟି ଶୁଖିଯିବ । ଆପଣ ଆରୋଗ୍ୟ ଲାଭ କରିବେ ।"

ସେଇଠୁ ରାଜା ରାଣୀ ଅନ୍ତପୁରକୁ ଆସିଲେ । ସାତ ଶହ ପଚାଶ ରାଣୀଙ୍କୁ ଡାକିଲେ । କହିଲେ, "ମୋତେ ସୁସ୍ଥ କରିବା ଚାହୁଁଛ କି ? ସମସ୍ତ 'ହଁ' ଭରିଲେ । ସେଇଠୁ ରାଜା କହିଲେ, "ଆସ ! ମୋ ବଥରୁ ନିଜ ପାଟିରେ ପୂଜ ରକ୍ତ ଆଦିକୁ ଶୋଷିଦିଅ ।" ରାଜାଙ୍କ କଥା ଶୁଣି ସମସ୍ତ ରାଣୀ ନାକ ଟେକିଲେ । କହିଲେ, "କିଏ କଣ ନିଜ ପାଟିରେ ପୂଜ ରକ୍ତ ଭଳି ପୋଚରା ଜିନିଷକୁ ଚାଟି ଚାଟି ସଫା କରିପାରିବ ?"

ଏଇ ସମୟରେ ଏକ ମାତ୍ର ନାରୀ ମହାରାଣୀ କୈକେୟୀ କହିଲେ, "ସ୍ୱାମୀ ! ମୁଁ ଆପଣଙ୍କ ଘାଆରୁ ମୋ ମୁହଁ ଲଗାଇ ପୂଜ ରକ୍ତ ବାହାର କରିବି ।"

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସ୍ୱାମୀ ଏକା ସିନା

ନାରୀର ଦେବତା

ଇହକାଳ ପରକାଳ ପାଇଁ

ଅଦ୍ୟ ସୁଲକ୍ଷଣୀ

ଦିଶୁଥାଇ ନାରୀ

ନାଲି ଶଙ୍ଖା ସିନ୍ଦୂରକୁ ନାଇ

ଖାଲି କହି ନ ଥିଲି ; କରିଥିଲି ମଧ୍ୟ ।

ନିଜ ପାଟି ଲଗେଇ ଜିଭରେ ଚାଟି ଚାଟି ବଥ ସଫା କରିଥିଲି । ଯାହା ଦ୍ୱାରା ରାଜା ଆରୋଗ୍ୟ ଲାଭ କରିଥିଲେ । ଏଥିପାଇଁ ମଧ୍ୟ 'କୈକେୟୀଙ୍କୁ ଆଉ ଗୋଟିଏ ବର' ଦେବେ ବୋଲି ରାଜା କଥା ଦେଇଥିଲେ । ଏହି ପ୍ରକାର କୈକେୟୀଙ୍କର 'ଦୁଇଟି ବର' ରାଜା ଦଶରଥଙ୍କ ଉପରେ ଥିଲା ।

ଏହି ଦୁଇଟି ବର ସେଇଦିନ ଯାଏଁ ମୁଁ ରାଜାଙ୍କ ଠାରୁ ବର ମାଗି ନଥିଲି । ଏଇଥିପାଇଁ, ଗୁରୁଦେବ ବଶିଷ୍ଠ ମୋତେ ଡାକିଥିଲେ । ଅଯୋଧ୍ୟାକୁ ପଡିଥିବା 'ଶ୍ୱାତ୍ତି ମାର୍ତ୍ତଣ୍ଡ ଯୋଗ' କଥା ବୁଝାଇ କହିଥିଲେ ।

ଏହା ମଧ୍ୟ କହିଲେ ଯେ : ଏ ଅଯୋଧ୍ୟା ରାଜ୍ୟ ଆଜି ତୁମକୁ କିଛି ମାଗୁଛି ରାଣୀ । ନିଜର ମାନ ସମ୍ମାନକୁ ବଳି ଦେଇ ଏ ରାଜ୍ୟ ଓ ରାଜାଙ୍କୁ ବଞ୍ଚେଇ ରଖିବା ପାଇଁ ତୁମେ ଏକ ମାତ୍ର ମହିୟସୀ ମହନୀୟା ନାରୀ; ଯାହାଙ୍କ ହାତରେ ଆଜି ଅଯୋଧ୍ୟା ରାଜ୍ୟର ଭାଗ୍ୟ ଭବିଷ୍ୟତ । ଏ ସମସ୍ତ କଥାକୁ ହୃଦୟଙ୍ଗମ କରି ଯାହା ନିଷ୍ପତ୍ତି ନେବେ ମହାରାଣୀ ।

ଏ ସମସ୍ତ କଥାକୁ ଗଭୀର ଭାବେ ଚିନ୍ତା କଲି । ମୁଁ ଏଇ ସିଦ୍ଧାନ୍ତରେ ଉପନୀତ ହେଲି

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେ, "ମୁଁ ପଛେ କୁଳ-କଳଙ୍କିନୀ ହେଇଯାଏ, ମୋ ହାତର ଶଙ୍ଖା ଓ ମଥାର ସିନ୍ଦୂର ପଛେ ଲିଭିଯାଉ, ମୋ ପୁଅ 'ଭରତ' ପଛେ ମରୁ; କିନ୍ତୁ ମୋ 'ରାମ'ର କିଛି ନ ହେଉ । ସେଥିପାଇଁ ମୁଁ ତୋ ବାପାଙ୍କର ଦୁର୍ବଳତା ଉପରେ କଠୋର କୁଠାରାଘାତ କରିଥିଲି ।

ଜାଣିଥିଲି ଯେ, ତୋ ବାପା ମୋତେ ସମସ୍ତ ରାଣୀଙ୍କ ମଧ୍ୟରେ ବହୁତ ଭଲ ପାଉଥିଲେ । ମୋ ଠାରେ ତାଙ୍କର ଦୁର୍ବଳତା ଥିଲା । ତେଣୁ ତୋ ରାଜ୍ୟାଭିଷେକ ଦୂରେଇବା ପାଇଁ କେବଳ କୈକେୟୀ ହିଁ ଏକମାତ୍ର ବ୍ୟକ୍ତି ଥିଲା; ଯିଏ କି ଏଇ ରାଜ୍ୟାଭିଷେକ ରୋକି ପାରିବ ବୋଲି ଅନୁଭବ କରିଥିଲି ।"

ମୁଁ ତାହା ହିଁ କରିଥିଲି । ମୋ ଶବ୍ଦ ଜାଲରେ ରାଜାଙ୍କୁ ଛନ୍ଦି ଦେଇଥିଲି । ତାଙ୍କୁ ବାଧ୍ୟ କରି ଦେଇଥିଲି : ମୋର ଦୁଇଟି ବର ଦେବା ପାଇଁ .. ! !

ପ୍ରଥମ ବରରେ : ତୋର ଚଉଦ ବରଷ ପାଇଁ ଅଯୋଧ୍ୟାରୁ ବନବାସ ।

ଦ୍ୱିତୀୟ ବରରେ : ମୋ ପୁଅ ଭରତ ରାଜା ହୋଇ ନିଷ୍କଳଙ୍କ ରାଜ୍ୟ ଭୋଗ କରିବ ।

ଏବେ କୁହ ରାମ ! ମୁଁ ତୋତେ ବନକୁ ପଠେଇ ଦେଇ କଣ ଭୁଲ କରିଥିଲି ? ? ?

ଭଗବାନ ରାମ କହିଲେ, "ମାଆ ! ଏ କଥା ବି ଜାଣିଛି ... ! ! !"

କୈକେୟୀ କହିଲେ, "ଆହୁରି ଗୋଟାଏ କଥା ଅଛି ଶୁଣ । ତୁମେ ସୀତାଙ୍କୁ ବିବାହ କରିଛ । ସୀତା ହେଉଛନ୍ତି ଧରଣୀ ରାଣୀଙ୍କର ଝିଅ । ତୁମେ ଯେବେ ରାଜା ହୋଇଥାନ୍ତ, ତେବେ ତୁମ ସହ ଧରିତ୍ରୀଙ୍କର ବିବାହ କରିବାକୁ ପଡ଼ିଥାନ୍ତା । ତୁମେ ଜୋଇଁ ହୋଇ ଶାଶୁଙ୍କ ସହ କିପରି ବିବାହ କରିଥାନ୍ତ ..... ? ? ତେଣୁ ତୁମେ ରାଜା ହେବା ପାଇଁ ଅନୁପଯୁକ୍ତ ଥିଲ ।

ସେଥିପାଇଁ ତୁମକୁ ମୁଁ ବନକୁ ପଠାଇଥିଲି ।

ଯଦି ମୁଁ ଭୁଲ କରିଥିଲି ବୋଲି ତମେ ଅନୁଭବ କରୁଛ, ତେବେ ତୁମେ ମୋତେ ରାଜା

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେବା ପରେ ଫାଶୀଦଣ୍ଡ ଦେବ; ନ ହେଲେ ଭରତକୁ କୁହ, "ମୋତେ ମାଆ ବୋଲି ଡାକିବ ।" କାରଣ ଚଉଦ ବରଷ ମୋର ମାତୃହୃଦୟ କାନ୍ଦୁଛି । ପୁଅ ବଞ୍ଚିଥିବ, ମାଆକୁ ମାଆ ବୋଲି ଡାକୁ ନଥିବ : ଏହା କେତେ ଯନ୍ତ୍ରଣାଦାୟକ ... ! ! ଏ କଥା ସେଇ ମାଆ ହିଁ କେବଳ ବୁଝିପାରିବ ।"

ଏତେ ସମୟ ଯାଏ ଭରତ ସବୁ ନୀରବରେ ଶୁଣୁଥିଲେ । କୈକେୟୀଙ୍କ କଥା ସରିବାରୁ ସଭାରେ ଉଠି ଠିଆ ହେଲେ । କହିଲେ, "ଭାଇ ! ମୁଁ ବି କିଛି କହିବି । ମୋ କଥା ବି ଟିକେ ଶୁଣନ୍ତୁ । ଭାଇ ! ଆପଣଙ୍କ ବନବାସ ସମୟରେ ମୁଁ ଅଯୋଧ୍ୟାରେ ନଥିଲି । ମୁଁ ନନ୍ଦୀଗ୍ରାମରେ ଥିଲି । କିନ୍ତୁ, ଦୁନିଆଁ କହୁଛି ଭରତ ପାଇଁ ରାମ ବନବାସ ଗଲେ । ମୋ ନାମରେ ଏ "କଳଙ୍କର ଭାର" ଲଦି ହୋଇ ରହିଛି । ଯଦି ମୋ ପାଇଁ ଆପଣଙ୍କ ବନବାସ ହୋଇଥାଏ, ତେବେ ଏ ଜୀବନ ଯିବ ପଛେ, ମୁଁ କୈକେୟୀଙ୍କୁ ମାଆ ବୋଲି ଡାକିବି ନାହିଁ ।"

ଏଇଠି ସମସ୍ତ କଥା ଶୁଣି ସଭାସଦ ଓ ପ୍ରଜାଗଣ ନୀରବ ହୋଇଯାଇଥିଲେ । ସମସ୍ତଙ୍କ ମୁହଁରେ ସେଇ ଗୋଟିଏ ପ୍ରଶ୍ନ : ରାମ ବନବାସ ପାଇଁ ଦାୟୀ କିଏ ... ? ?

କୈକେୟୀ ମାତା କହିଲେ, "କହିଦେ ରାମ ! ତୋ ବନବାସ ପାଇଁ ଦାୟୀ କିଏ ? ? ?"

ଭରତ ବି ପଚାରିଲେ, "କୁହ ଭାଇ ! ଆପଣଙ୍କ ବନବାସ ପାଇଁ ଦାୟୀ କିଏ .... ?"

ଏ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଭଗବାନ ରାମ କହିଲେ, "ମୋ ବନବାସ ପାଇଁ ଦାୟୀ କେହି ନୁହଁ; କେବଳ ଦାୟୀ ହେଉଛି 'କର୍ମଫଳ' ।

କର୍ମଫଳ ପ୍ରାଣୀ ଅବଶ୍ୟ ଭୁଞ୍ଜଇ

କେ କରି ପାରିବ ଆନ ?

ନିୟତି ଆଗରେ ମଥା ଯାଏ ନଇଁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟଟା ବଳବାନ ।

କି କରିବେ ଭଗବାନ ??

କର୍ମଫଳ ଘେନି ସଂସାରେ ଆସନ୍ତି

ଭୋଗେ କପାଳ ଲିଖନ ।

ସତରେ ମାଆ ହେବ ତ ଏମିତି .... ! ! !

ରାମାୟଣର କୈକେୟୀଙ୍କ ପରି ......... ! ! ! ! !

ଡି ଏଲ ଏ-୧୨, ବୀର ସୁରେନ୍ଦ୍ର ସାଏ ନଗର

ଭୁବନେଶ୍ୱର-୭୫୧୦୧୦

ଭ୍ରାମ୍ୟଭାଷ : ୯୪୩୭୧୭୮୪୨୪

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରାମାୟଣରେ ତ୍ୟାଗ



ସତ୍ୟ ନାରାୟଣ ମିଶ୍ର

ରାମଙ୍କ କଠଉ ନେଇ ପ୍ରତ୍ୟାବର୍ତ୍ତନ ପରେ ଭରତ ଆଉ ଯାଇ ନାହାନ୍ତି ରାଜ ପ୍ରସାଦକୁ । ନନ୍ଦିଗ୍ରାମରେ କୁଟୀର ନିର୍ମାଣ କରି ବିତାଉଥାନ୍ତି ସନ୍ୟାସ ଜୀବନ ।

ଭାଇ ଶତ୍ରୁଘନ ମଧ୍ୟ ଜଣେ ପ୍ରତିନିଧି ଭାବେ ଅଯୋଧ୍ୟା ରାଜକାର୍ଯ୍ୟ ତୁଲାଇ ଫେରି ଆସୁଥିଲେ ସେଇ ନନ୍ଦିଗ୍ରାମସ୍ଥ ଏକ ପର୍ଣ୍ଣକୁଟୀରକୁ । ଭାଇ ଭରତଙ୍କ ସହ ରାଜ୍ୟର କୁଶଳମଙ୍ଗଳ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରି ବିଶ୍ରାମ ନିଅନ୍ତି ତାଂକ ନିକଟରେ । ରାତି ସମୟରେ ଭରତ ଜାଗ୍ରତ ରହି ନଗରୀ ଭିତରେ ପଇତରା ମାରନ୍ତି ଜଣେ ପ୍ରହରୀ ସଦୃଶ । ନା ପତ୍ନୀ ପ୍ରତି ଲାଳସା, ନା ଐଶ୍ବର୍ଯ୍ୟ ରାଜ ସୁଖ ପ୍ରତି । ଜ୍ୟେଷ୍ଠ ଭ୍ରାତା ଶ୍ରୀରାମଚନ୍ଦ୍ରଙ୍କ ପାଇଁ ଏମାନଙ୍କ ତ୍ୟାଗ ସତରେ ଅବର୍ଣ୍ଣନୀୟ ।

ଏମିତି ଦିନେ ମଧ୍ୟରାତ୍ର ସମୟରେ ଆକାଶ ମାର୍ଗରେ ଚମତ୍କାରଟିଏ ଭାବି ହନୁମାନକୁ ବାଟୁଳି ମାରିଦେଲେ ଭରତ । ପର୍ବତ ସହିତ ହନୁ ଭୂପତିତ ହେଲା ମାତ୍ରେ ଥରି ଉଠିଲା ଅଯୋଧ୍ୟା ମୃତ୍ତିକା । ଧାଇଁ ଆସିଲେ ଅନ୍ତପୁରବାସୀ ଘଟଣା ବିଷୟ ଜାଣିବାକୁ । ହନୁଠାରୁ ଲକ୍ଷ୍ମଣ ଶକ୍ତିଭେଦ ବୃତ୍ତାନ୍ତ ଶୁଣି ନିଜକୁ ଅତ୍ୟନ୍ତ ଦୋଷୀ ମନେକଲେ ଭରତ । କହିଲେ, "ଶୀଘ୍ର ସୂର୍ଯ୍ୟ ଉଦୟ ପୂର୍ବରୁ ବିଶଲ୍ୟକରଣୀ ପହଞ୍ଚାଇ ମୋ ଭାଇ ଲକ୍ଷ୍ମଣଙ୍କୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବଦାନ ଦିଅ । ସମୟ ବହୁତ କମ୍ । ବିଳମ୍ବ କଲେ ହୁଏତ...”

ତାଙ୍କ କଥା ଶୁଣି ଆତଙ୍କିତ ନ ହୋଇ ଉର୍ମିଳା କହିଲେ, “ନା ଭାଇ ଆପଣ ସେ ଆଶଙ୍କା କରନ୍ତୁନି । କିଛି ହେବନାହିଁ ମୋ ସ୍ୱାମୀଙ୍କ । ସେ ପରା ସ୍ୱୟଂ ଭଗବାନଙ୍କ କୋଳ ଉପରେ ମୁଣ୍ଡ ରଖି ଶୋଇଛନ୍ତି । ତାଙ୍କୁ କାଳ ଛୁଇଁବ କେମିତି ? ସୂର୍ଯ୍ୟଦେବ ମଧ୍ୟ ଉଦୟ ହେବେନି ହନୁ ନଯିବା ପର୍ଯ୍ୟନ୍ତ ।” ସୁମିତ୍ରା କହିଲେ, “ହେ ହନୁ ! ରାମଙ୍କୁ କହିବ ଲକ୍ଷ୍ମଣ ଯଦି ନବଞ୍ଚେ ତାହେଲେ ମୋ ସାନପୁଅ ଶତ୍ରୁଘ୍ନ ଅଛି । ସିଏ ତାଙ୍କ ସାଥିରେ ରହି ସେବା କରିବ । ଭାଙ୍ଗି ପଡିବେନି ଦୁଃଖରେ ।” କୌଶଲ୍ୟା କହିଲେ, “ହନୁ ରେ ! ତୁ ଯାଇ ରାମଙ୍କୁ କହିବୁ ଯଦି ମୋ ଲକ୍ଷ୍ମଣର କିଛି ହେଇଯାଏ ତାହେଲେ ରାମ ଆଉ ଅଯୋଧ୍ୟାକୁ ଫେରିବନି । ସେଇଠି ରହିଯିବ ସବୁଦିନ ଲାଗି ।”

ହନୁମାନ ଏମାନଙ୍କ କଥା ଶୁଣି ଆଶ୍ଚର୍ଯ୍ୟଚକିତ ହେଇଗଲେ କିଛି କ୍ଷଣ । ପରସ୍ପର ପ୍ରତି ଏଭଳି ତ୍ୟାଗ ମନୋଭାବ ଦେଖି ପ୍ରଶଂସା ନକରି ରହି ପାରିଲେନି । “ଧନ୍ୟ ପ୍ରଭୁ, ଧନ୍ୟ ତୁମର ରାମରାଜ୍ୟ । ଏଠି ଭାଇ ପାଇଁ ଭାଇର ତ୍ୟାଗ । ସ୍ୱାମୀ ପାଇଁ ସ୍ତ୍ରୀର ତ୍ୟାଗ । ପୁତ୍ର ପାଇଁ ମା ତଥା ପିତା ପାଇଁ ପୁତ୍ରର ତ୍ୟାଗ । ବାସ୍ତବରେ କେତେ ମହାନ୍ ତୁମ ପରିବାର !”

ସତ୍ୟନାରାୟଣ ମିଶ୍ର ସିଂଧେକେଲା ବଲାଙ୍ଗୀର

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବନ୍ଧୁତାର ଆଦର୍ଶ ନମୁନା

## ବନ୍ଧୁତାର ଆଦର୍ଶ ନମୁନା- ସଖୀ ପାଇଁ ଆଖି

ଲେଖକଟିଏ କାହାଣୀ ପ୍ରତି ମୋହଗ୍ରସ୍ତ ହେଲେ, ଶବ୍ଦ ଯୋଡ଼େ । କାହାଣୀର ଚରିତ୍ରମାନଙ୍କୁ ଆବୋରି ନେଇ ରଚନାତ୍ମକ ଭାବରେ ସଜାଡ଼େ । ଜୀବନ୍ତ କରିବାକୁ ଆଗଭର ହୋଇଯାଏ । ସମାଜରେ ଘଟି ଆସୁଥିବା ସମ୍ବେଦନଶୀଳ ତଥା ପାଠକମାନଙ୍କ ପାଖରେ ଅପହଂଚ ହୋଇ ଯାଉଥିବା କାହାଣୀରେ ମୋଡ଼ ଦେଇ ପ୍ରବହମାନ ନଦୀ ପରି ଗତିଶୀଳ କରାଏ । ଆମୋଦଦାୟକ ଏବଂ ଶିକ୍ଷଣୀୟ ଢାଂଚାରେ ପରିପ୍ରକାଶ କରିବାକୁ ତତ୍ପର ହୋଇଉଠେ । ମନଛୁଆଁ ଶବ୍ଦମାନଙ୍କୁ ଏକାଠି କରି ସୁଲଭ / ସୁଠାମ ଭାବଭଙ୍ଗୀରେ ବାକ୍ୟ ରଚନା କରେ ଆଉ କାହାଣୀର ଅବଧିକୁ ଲମ୍ବେଇଦିଏ । ପାଠକମନସ୍କ କରିବାପାଇଁ କାହାଣୀକୁ ଉପନ୍ୟାସରେ ଛାଂଚରେ ତିଆରି କରେ । ପାଠକମନକୁ ଆକୃଷ୍ଟ କରି ପ୍ରାରମ୍ଭରୁ ପରିସମାପ୍ତି ଯାଏଁ ଲେଖକଟିଏ ଉପନ୍ୟାସଟିକୁ ଭାବମଞ୍ଜୁଳ କରିଥାଏ । ସରଳ ଓ ନିରାଡମ୍ବର ଭାବରେ ଉପନ୍ୟାସର ସୌନ୍ଦର୍ଯ୍ୟକୁ ପରିପ୍ରକାଶ କରିଥାଏ । ଭାଷାର ସରଳତା ଓ ସୁବୋଧତା ହିଁ ଶିଶୁଉପନ୍ୟାସର ମୁଖ୍ୟତଃ ପୃଷ୍ଠଭୂମି ।



କୁଞ୍ଜବିହାରୀ ସାହୁ

ଶିଶୁ ଉପନ୍ୟାସ ସେହିଭଳି ଏକ ଲମ୍ବା କାହାଣୀର ପ୍ରତିଫଳନ ଯାହାକି ଶିଶୁ ଔପନ୍ୟାସିକ ପ୍ରଶାନ୍ତ କୁମାର ମଙ୍ଗରାଜଙ୍କ ଲେଖନୀ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ମୁନରେ ସ୍ୱୀକୃତି ଲାଭ କରିଛି । ଶିଶୁ ଔପନ୍ୟାସିକ ଶିଶୁର ମନନଶୀଳ ଭାବଧାରାକୁ ହୃଦୟଙ୍ଗମ କରି ଉପନ୍ୟାସଟିକୁ ଆଗେଇ ନେଇଛନ୍ତି । 'ସଖୀ ପାଇଁ ଆଖି' ଉପନ୍ୟାସ ବନ୍ଧୁତାର ମିଠା ଆବେଗର କାନଭାସରେ ଅଙ୍କିତ । ସ୍କୁଲପଢ଼ା ବେଳର ଦୁଇ ଅନ୍ତରଙ୍ଗ ସାଥୀ ସଖୀ ଆଉ ସୀତାଙ୍କ ଚରିତ୍ରକୁ ସାବଲୀଳ ଢଙ୍ଗରେ ବର୍ଣ୍ଣନା କରାଯାଇଛି । ପ୍ରଶାନ୍ତ କୁମାର ମଙ୍ଗରାଜ ଓଡ଼ିଆ ଶିଶୁସାହିତ୍ୟର କାହାଣୀ ବିଭାଗରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । କେବଳ କାହାଣୀ ଯେ ତାଙ୍କ ଶିଶୁସାହିତ୍ୟକୁ ଋଦ୍ଧିମନ୍ତ କରିଛି, ତା ନୁହେଁ ତାଙ୍କର ଶିଶୁ ଉପନ୍ୟାସ ବି ଏକ ନିଆରା ଆସନ ତିଆରି କରିପାରିଛି । ଉପନ୍ୟାସରେ ଭରିରହିଛି ଶିଶୁକିଶୋରମାନଙ୍କ ମନକୁ ଧରିରଖିପାରିଲା ଭଳି ମସଲା ।

'ସଖୀ ପାଇଁ ଆଖି ' ଉପନ୍ୟାସର ଆଙ୍ଗିକ ଦିଗକୁ ନଜର ପଡ଼ିଲେ ଜାଣିହୁଏ ଯେ ଏହାର ପ୍ରଥମ ସଂସ୍କରଣ ମନମୋହନ ପ୍ରକାଶନ ୨୦୦୩ ମସିହାରେ ଦାୟିତ୍ୱ ନେଇଥିଲାବେଳେ, ୨୦୨୦ରେ ଦ୍ୱିତୀୟ ସଂସ୍କରଣ ହିସାବରେ କଟକର ବୁକମେଟ ପବ୍ଲିଶର ଦାୟିତ୍ୱ ନିର୍ବାହ କରିଛି । ଚିତ୍ରଶିଳ୍ପୀ ହିରାଲାଲ ବରିହା ଚରିତ୍ରମାନଙ୍କୁ ତୂଳୀରେ ସଜେଇଛନ୍ତି । ମନଲୋଭା ହୋଇଛି । ଶିଶୁଔପନ୍ୟାସିକ ପ୍ରଶାନ୍ତ କୁମାର ମଙ୍ଗରାଜଙ୍କ ଏହା ତୃତୀୟ ଉପନ୍ୟାସ ଯାହାକି ସାମାଜିକ ପୃଷ୍ଠଭୂମିରେ ପର୍ଯ୍ୟବେଶିତ । ସେ ଜଣେ ଶିକ୍ଷକ ଓ ଶିକ୍ଷା ସହିତ ଜଡ଼ିତ ହେଲେ ବି ସାହିତ୍ୟ ସାଧନାରେ ବ୍ରତୀ । ଶିଶୁ କାହାଣୀ ଓ ଉପନ୍ୟାସକୁ ନିଜର ମାନସ ସନ୍ତାନ ଭଳି ବିବେଚିତ କରିଛନ୍ତି । ତାଙ୍କର ସମସ୍ତ ଲେଖା ପଠନୀୟ ଓ ବିଚ୍ଛୁରିତ କୋଣେ ଅନୁକୋଣେ ।

ଉପନ୍ୟାସର ପ୍ରାରମ୍ଭରୁ ହିଁ ଭେଟିବାକୁ ପଡ଼େ ଏକ କଳାତ୍ମକ ଶୈଳୀର ଭାଷା ଭାବନାକୁ । ଲେଖାର ଭାବଧାରାରୁ ଉପନୀତ ହେବାକୁ ପଡ଼େ ଯେ ଲେଖକ ଉପକୂଳବର୍ତ୍ତୀ ଅଂଚଳର ବାସିନ୍ଦା, ଯୋଉଥିରେ ଗାଁ ଆଉ ଗାଁର ନୀରିହ ଲୋକମାନଙ୍କୁ କଥାକୁ ବୟାନ କରିଛନ୍ତି । 'ମକରା' ନଈକୂଳରେ 'କାଳିଘଡ଼ି' ଗାଁରେ ବୁଢ଼ୀଟିଏ ତା ନାତୁଣୀ ସଖୀକୁ ନେଇ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଦୁଃଖ କଷ୍ଟରେ ରହିଥାଏ । ବୁଢ଼ୀମାର ଗେହ୍ଲା ନାତୁଣୀ ହିଁ ସବୁକିଛି ।

କ୍ରମେ ଘଟଣାଟିଏ ଘଟିଯାଏ । ଆହ୍ଲାଦପଣରେ ଖେଳ ଜାରିରଖେ ସଖୀ । ଅଚାନକ ବିଷାକ୍ତ ପୋକଟିଏ କାମୁଡ଼ିଦିଏ ତା କଅଁଳ ଆଖିପତାକୁ । ଆଖି ଲାଲ ପଡ଼ିଯାଏ/ ଫୁଲିଯାଏ । ଲୁହ ବତୁରା ହୋଇଯାଏ ତତକ୍ଷଣାତ୍ । ବୁଢ଼ୀମା ମନରେ ଆଶଙ୍କା ଓ ଭୟ ଯେମିତି ଗୁଡ଼େଇ ତୁଡ଼େଇ ହୋଇଯାଏ । ଗରିବ ଗୁରୁବା ଲୋକ । ଆର୍ଥିକ ଅନଟନରେ ସଢ଼ୁଥିବା ବୁଢ଼ୀମା ନାତୁଣୀର ଏଭଳି ଅବସ୍ଥାରେ ମାନସିକ ଭାରସାମ୍ୟ ହରାଇବସେ ।

ସଖୀର ପଢ଼ାସାଥୀ ସୀତା । ଦୁହିଁଙ୍କର ବନ୍ଧୁତାରେ ପାଣିଗଳୁନି ଯେମିତି । ଏକାଠି ସ୍କୁଲକୁ ଯାଆନ୍ତି । ପାଠ ପଢ଼ନ୍ତି । ପିଲା ଦୁଇଟି ସିନା ହେଲେ ମମତା ଡୋରିରେ ଦୁହେଁ ଦୁହିଁଙ୍କୁ ବାନ୍ଧି ଧରିଛନ୍ତି । ସାଥୀ ବିନା ଏକା ଏକା ସ୍କୁଲ ଯିବା ଅସଜଡ଼ ଲାଗିଲେ ବି ସଖୀର କଥାନୁଯାୟୀ ସ୍କୁଲକୁ ଯାଏ ସୀତା । ମାତ୍ର ବୁଢ଼ୀମାକୁ କହିଦେଇଯାଏ- ସଖୀକୁ ଡାକ୍ତରଖାନାକୁ ନେବାପାଇଁ । କାଳେ ବିଳମ୍ବ ହେଲେ ରୋଗରେ ବ୍ୟାପକତା ଦେଖା ଦେଇପାରେ । ଶିଶୁଔପନ୍ୟାସିକ ଖୁବ୍ ସୁନ୍ଦର ଭାବରେ ସାଥୀ ମନର ସରଳତାକୁ ଲେଖନୀରେ ବାଢ଼ିଦେଇଛନ୍ତି ।

ସଖୀ ନ ଆସିବାରୁ ଗୁରୁଜୀଙ୍କ ମନରେ ଜିଜ୍ଞାସା ଭାବ ଉଦ୍ରେକ ହୋଇଛି । ସୀତାଠାରୁ ସବୁ ଖବର ଗ୍ରହଣ କରି ଗୁରୁଜୀ କିଛି ଆର୍ଥିକ ସହଯୋଗ ଆଦାୟ କରିଛନ୍ତି ପିଲାଙ୍କଠୁ । ସାଥୀ ପିଲାଏ ବି ଏମିତି ବିପଦରେ ସଖୀପାଇଁ ସହଯୋଗର ହାତ ବଢେଇଛନ୍ତି । ସହପାଠୀମାନଙ୍କ ମନରେ ଏମିତି ଭାବନା ହିଁ ସବୁଠୁ ମୂଲ୍ୟବାନ ଆଉ ପ୍ରେରଣାଦାୟକ ।

ସୀତା ଫେରିଆସେ ଘରକୁ । ନିରବ ହୋଇ ବସିରହେ ସଖୀ ପାଇଁ । ନଜର ପଡ଼େ କାଂଥରେ ଝୁଲା ହୋଇଥିବା ମାଟିମାଛ ଉପରେ । ସୀତା ବିଭିନ୍ନ ସମୟରେ ପୁରସ୍କାର ପାଇଥିବା ଅର୍ଥ ରାଶିକୁ ସେହି ମାଟିମାଛରେ ରଖିଥାଏ । ଭାଙ୍ଗିଲାପରେ ଜଣାପଡ଼େ ଦୁଇଶହ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଟଙ୍କା ଗଚ୍ଛିତ ଅଛି । ଏକ ସୁନ୍ଦର ସଂଯୋଗୀକରଣ । ଶିଶୁର ମାନସିକତାକୁ ଉପଲବ୍ଧି କରି ଶିଶୁ ଔପନ୍ୟାସିକ ଜଣାଇଛନ୍ତି ଯେ ସୀତା ପିଲାଟିଏ ହେଲେ ବି ତା ମନରେ ଟଙ୍କା ସଂଚୟ କରିବାର ଇଚ୍ଛାଟେ ଭରପୂର ରହିଛି । ମହଜୁଦ ଟଙ୍କାର ବିନିଯୋଗ ଉଚିତ ସମୟରେ ହୋଇପାରେ ବୋଲି ସୀତା ଆଗତୁରା ଭାବିପାରିଛି ।

ପାଠପଢ଼ାରେ ଜିଦ୍ ଧରୁଥିବା ଓ ସଖୀକୁ ବିପଦରେ ସାହାଯ୍ୟକରିବାର ଅହେତୁକ ଆକାଂକ୍ଷାକୁ ମନ ଭିତରେ ଜାବୁଡ଼ି ଧରେ ସୀତା । ସ୍କୁଲ ସହପାଠୀମାନଙ୍କୁ ଆଦାୟ ହୋଇଥିବା ଅର୍ଥରାଶି ଓ ନିଜ ସଂଚୟର ଅର୍ଥକୁ ବଢ଼ାଇଦିଏ ସୀତା ସଖୀର ବୁଢ଼ୀମାକୁ । ଏବଂ ଶୀଘ୍ର ଡାକ୍ତରଖାନାକୁ ନେଇ ସଖୀର ଚିକିତ୍ସା କରିବାକୁ କହିଦିଏ ।

ବୁଡ଼ିଲାଲୋକ କୁଟାଖିଅକୁ ଆଶ୍ରା କଲା ପରି ମନରେ ସାହସ ବାନ୍ଧି ବୁଢ଼ୀମା ନାତୁଣୀକୁ ଧରି ଡାକ୍ତରଖାନା ଯାଏ । ସଖୀର ପରୀକ୍ଷା ନିରୀକ୍ଷା ଚାଲେ । ଡାକ୍ତର କହନ୍ତି- 'ସଖୀର ଡାହାଣ ଆଖିଟା ନଷ୍ଟ ହୋଇଯାଇଛି । ବାମ ଆଖିଟା ମୋତିଆବିନ୍ଦୁ ହୋଇଥିବାରୁ ଅପରେସନର ନିହାତି ଆବଶ୍ୟକ ଏବଂ ତିନିହଜାର ଟଙ୍କା ଅର୍ଥ ଯୋଗାଡ଼ କରିବାକୁ ପଡ଼ିବ ।'

ଗରିବ ବୁଢ଼ୀମା ଉପରେ ଅକାଳ ଚଡ଼କ । ସମ୍ଭବ ଓ ଅସମ୍ଭବରେ ଦୋଛକିରେ ସେ । କାରୁଣ୍ୟର ଛିଟାକୁ ସୂଚାରୁରୂପେ ରୂପଲେଖ ଦେଇଛନ୍ତି ଔପନ୍ୟାସିକ । ଡାକ୍ତରବାବୁଙ୍କ ରୋଗୀସେବାରେ ସେ ପ୍ରଶ୍ନଟିଏ ଛାଡ଼ିଛନ୍ତି ।

ନାତୁଣୀକୁ ଧରି ଗାଁକୁ ଫେରିଛି ବୁଢ଼ୀମା । ବାଟସାରା ଭାବିଚାଲିଛି ଏଇଟା ପୂର୍ବଜନ୍ମର କର୍ମଫଳ ନା ଏକ ଅସମାପ୍ତ ଅଭିଶାପ ।

ଗାଁକୁ ଫେରିଯିବା ପରେ ସୀତାର ନଜରରେ ପ୍ରିୟ ସାଥୀ ସଖୀ ଆଉ ବୁଢ଼ୀମା । ଟଙ୍କା ବଦଳରେ ଆଖି ଅପରେସନ । ରୋଗୀ ସେବାରେ କାର୍ପଣ୍ୟତା ଦେଖାଦେଇଛି ଡାକ୍ତରଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଖରେ । ଧନୀ ଗରିବର ମାପକାଠିକୁ ହିସାବ ରଖିବା କଥା ନୁହେଁ ଜଣେ ରୋଗୀ ଚିକିତ୍ସକ । ସଖୀର ଅପରେସନ ନ ହୋଇପାରିଲେ ସେ ଅନ୍ଧୁଣୀ ହୋଇଯିବ । ସାରା ସଂସାର ଯେମିତି ବିଷମୟ ଲାଗିବ ତାକୁ । ବେସାହାରା ପାଲଟିଯିବ ତା ବୁଢ଼ୀମା ପାଇଁ । ସୀତାକୁ ଛନ୍ଦିଦେଇଛି ବୁଢ଼ିଆଣୀ ଜାଲଟିଏ ।

ହଠାତ୍ ସୀତାର ମନେପଡ଼ିଗଲା ପୁରୁଣା କଥାଟିଏ । ନଇରେ ସ୍ନାନ ସମୟରେ ବୁଡ଼ିଯିବାର ଏକ ଭୟାନକ ଦୃଶ୍ୟ । ତା'ର ପ୍ରିୟ ସାଥୀ ସଖୀ ନଇ କୂଳରେ ଠିଆ ହେଇ ଏକ ବାଉଁଶ ସାହାଯ୍ୟରେ ସୀତାକୁ ସାହାଯ୍ୟ କରିଛି । ସୀତା ମରଣମୁଖରୁ ଖସିଆସିଛି । କେମିତି ଭୁଲିପାରିବ ସୀତା ସଖୀର ଏ ପାରିଲାପଣିଆ ଓ ପରୋପକାର ଗୁଣକୁ !

ସଖୀର ବୁଢ଼ୀମା ଅସହାୟ । ସଖୀ ଅନ୍ଧୁଣୀ ହୋଇଯିବାର ଭୟ । ସୀତା ଜାଣିଶୁଣି ସମ୍ଭାଳି ରହିପାରିଥାନ୍ତା କେମିତି ? ତା ବାପା ମା'କୁ ନେହୁରା ହୋଇଛି । କିନ୍ତୁ ତା' ବଦଳରେ ପାଇଛି ତିକ୍ତତା ଆଉ ବେଖାତିର କଥା । ହତଚକିତ ହୋଇଛି ସେ । କିଛି ନ କରିବାର ଦୁଃଖ ହେଉ ବା କିଛି ଅର୍ଥ ଯୋଗାଡ଼ କରିବାର ସନ୍ଧାନ ହେଉ, ସୀତା ଫେରାର ହେଇଯାଇଛି । ଖୋଜ ଖବର ନାହିଁ । ସୀତା ନିଖୋଜ ହେବାର ଖବର ସତେ ଅବା ଦାଉ ସାଧିଛି ବୁଢ଼ୀମା ଉପରେ ।

ସଖୀର ବୁଢ଼ୀମା ମୁଣ୍ଡ ଉପରେ ସାରା ଆକାଶ । ଛିଣ୍ଡି ପଡ଼ିଯିବାର ଆଶଙ୍କା । ଉପାୟଶୁନ୍ୟ ହୋଇ ନିଜର ଘରଡ଼ିହ ବିକ୍ରି କରିଛି ଧନୀସାହୁକୁ । କାହାଣୀର ପ୍ରାସଙ୍ଗିକତାକୁ ବିଚାର କଲେ ଜଣାପଡ଼େ ଯେ ଧନୀସାହୁ ଗାଁର ଧନୀବ୍ୟକ୍ତିଟି ହେଲେ ବି ଗରିବକୁ ଆର୍ଥିକ ସହାୟତା ଦେବା ବଦଳରେ ଘରଡ଼ିହଟିକୁ କିଣିନେଇଛି ମାତ୍ର ଚାରିହଜାର ଟଙ୍କାରେ । ସମୁଦ୍ରରୁ ପାଣି ଟୋପେ କିଏ ନେଇଗଲେ ସମୁଦ୍ର କ'ଣ ଶୁଖିଯାଏ କି ?

ଚାରିହଜାର ଟଙ୍କା ପାଇଲାପରେ ସଖୀକୁ ନେଇଯାଇଛି ତା ବୁଢ଼ୀମା କଟକ

Listen to Odia Podcast on https://anchor.fm/aahwaan

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଡାକ୍ତରଖାନାକୁ । ଡାକ୍ତରଙ୍କ କହିବା ମୁତାବକ ଆବଶ୍ୟକ ଅର୍ଥ ପ୍ରଦାନ କରାଯାଇଛି । ଅପରେସନ ହୋଇଛି ସଖୀର । ଏକ ଅସଫଳତାର ଦୁଆରରେ ଠିଆ ହେଇ ଡାକ୍ତରବାବୁ କହିଲେ- 'ମୁଁ ନିରୁପାୟ ମାଉସୀ, ତୁମ ନାତୁଣୀ ସବୁଦିନ ପାଇଁ ଅନ୍ଧୁଣୀ ହୋଇଗଲା ।' ସତେ ଅବା ନିଆଁ ଧାସଟିଏ ବୁଢ଼ୀମାର ଛାତିରେ ବାଜିଯାଏ । ହତାଶାର ଦୀର୍ଘଶ୍ୱାସଟିଏ ଉଠିଆସେ ଆପେ ଆପେ ।

ସଖୀ ସବୁ ଶୁଣିପାରେ । ଆଶାର ବୈତରଣୀ ପାରିହେବାକୁ ଇଛା କରେ । ବୁଝେଇଛି ତା ବୁଢ଼ୀମାକୁ । 'ଆଲୋ ମା, ତୁ ଭାଙ୍ଗିପଡୁଛୁ କ'ଣ ପାଇଁ ? ମୋ'ରି ପରି ଅନେକ ଅନ୍ଧୁଣୀ ଏ ଦେଶରେ ଅଛନ୍ତି । ସେମାନେ ତ ପୁଣି ବଂଚିଛନ୍ତି ।'

ଏଇ ଟିକକ ଆଶ୍ୱାସନା ବୁଢ଼ୀମା ମନରେ ଆଶାର କିରଣ ବୁଣିଦେଇଛି ।

ସଖୀ ଭଲ ଗୀତ ଗାଏ । ବୋଧହୁଏ ଠାକୁର ଏ ସମୟରେ ସଖୀର ସ୍ୱର ପେଟିକାକୁ ଖୋଲି ଦେଇଛନ୍ତି । ଅର୍ଥ ଉପାର୍ଜନରେ ସହାୟକ ହୋଇଛନ୍ତି । ଫୁଟପାଥ୍ ହିଁ ବଂଚିବାର ରାହା । ବାସସ୍ଥାନ । ମୁଣ୍ଡ ଉପରେ ଖୋଲା ଆକାଶ । ବାହାରେ ମୁକ୍ତ ପବନ । ଯେଉଁ ଝିଅ ବହିବସ୍ତାନୀ ଧରି ସ୍କୁଲକୁ ଯାଉଥିଲା, ଖେଳିବା ବୟସଙ୍କ ଖେଳକୁଦ କରୁଥିଲା, ପିଲାଳିଆ ଢଙ୍ଗରେ ସବୁ କିଛି କରୁଥିଲା, ପାଠରେ ପ୍ରଥମ ହୋଇ ଗୁରୁଜୀମାନଙ୍କର ପ୍ରିୟ ହୋଇପାରିଥିଲା, ଆଜି ସେ ଜୀବନରେ ଭିନ୍ନ ମୋଡ଼ରେ ଫୁଟପାଥରେ ଜୀବନ କଟାଇବାକୁ ବାଧ୍ୟ ହେଉଛି । ଯଦିଓ ଭିକ ମାଗିବା ଏକ ଅସାମାଜିକ କାର୍ଯ୍ୟ, ପରନ୍ତୁ ଭିକ ମାଗିବା ହିଁ ସାର ହେଇଯାଇଛି କେବଳ ଅର୍ଥ ଯୋଗାଡ଼ କରିବା ଆଶାରେ । ନିଜର ଚିକିତ୍ସା ଲଗି । ସେଥିପାଇଁ କିଏ କାହିଁକି କହିବ ଯେ ଏହା ଗୋଟିଏ କଳଙ୍କିତ ପେଶା ବୋଲି !

ଭାଗ୍ୟର ବିଡ଼ମ୍ବନା ଆଉ ବିହିର ବିଚିତ୍ର ଖେଳ ।

ସୀତା ଫେରିଆସିଛି ଗାଁକୁ ଆପଣା ଛାଏଁ ଅବଶ୍ୟ ସାଥି ପାଇଁ କିଛି ଅର୍ଥ ହାତ ମୁଠାରେ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧରି । ତାର ସମସ୍ତ ଚେଷ୍ଟା ସଫଳ ହେଇଛି । ଖୋଜିଛି ପ୍ରିୟ ସାଥୀ ସଖୀକୁ । ତା ବୁଢ଼ୀମାକୁ । ଘରେ ନ ପାଇ ହତଚକିତ ହୋଇପଡ଼ିଛି । କୁଆଡ଼େ ଯାଇଛନ୍ତି ସେମାନେ । କିଏ ଜଣେ ଅଜାଣତରେ କହିଦେଉଛି – 'ଆଲୋ ବାଇଆଣୀ, ପାଠ କିଆଁ ପଢ଼ୁନୁ ।' ଠିକ୍ ସଖୀର ସ୍ୱର ପରି ଜଣାପଡ଼ୁଛି ।

ସୀତା ପାଠ ପଢ଼ିଛି ମନଯୋଗରେ । ସଖୀର ସ୍ଥାନକୁ ସିଏ ପୂରଣ କରିଛି – ସପ୍ତମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ପ୍ରଥମ ହୋଇଛି । ଏହା କ'ଣ ଗୌରବର ବିଷୟ ନୁହେଁ କି !

ପୁରସ୍କାର ପାଇବାପାଇଁ ସୀତା ଯାଇଛି କଟକ ତା ବାପା- ମାଙ୍କ ସାଥିରେ । ପୁରସ୍କାର ଗ୍ରହଣ କରି ଟ୍ୟାକ୍ସିରେ ଘରକୁ ଫେରିଛି । ଟ୍ୟାକ୍ସିର ଗତି ଅଧିକ ଅଛି । ହଠାତ୍ ବୁଢ଼ୀଟିଏ ଗାଡ଼ି ଆଗରେ ଧକ୍କା ଖାଇ ପଡ଼ିଯାଏ । ମୁଣ୍ଡରେ ଆଘାତ ।  ସୀତା ଓହ୍ଲାଇ ଦେଖେତ ବୁଢ଼ୀଟି ଆଉ କେହି ନୁହଁ । ସଖୀର ବୁଢ଼ୀମା । ଚମକି ପଡ଼ିଛି ସୀତା । ନିଜ ଆଖିକୁ ବିଶ୍ୱାସ କରିପାରିନି । ଲୁହ ଛଳଛଳ ହୋଇଯାଇଛି ଆଖିପତା । କିନ୍ତୁ ସୀତାର ନୁହଁ, ପ୍ରବନ୍ଧଟିକୁ ଉପସ୍ଥାପନା କଲାବେଳକୁ ମୋ ଆଖି ବି ବତୁରି ଯାଉଛି ଲୁହରେ । ସତରେ କେତେ ମର୍ମସ୍ପର୍ଶୀ ଘଟଣାଟିଏ ଘଟିଛି । ବେଡ଼ି ଉପରେ କୋରଡ଼ା ମାଡ଼ି ବସିଛି ସଖୀ ଉପରେ । କିଛିକ୍ଷଣ ପରେ ବୁଢ଼ୀମା ଚାଲିଯାଇଛି ଆରପାରିକୁ ଜୀବନ ଯୁଦ୍ଧରେ ପରାସ୍ତ ହେଇ । ନାତୁଣୀକୁ ସଂସାର ଦାଣ୍ଡରେ ଠିଆ କରାଇବାର ଚେଷ୍ଟା କରିକରି ।

ବୁଢ଼ୀମାର କଥାନୁଯାୟୀ ସଖୀକୁ ପାଖରେ ରଖେ ସୀତା । ଅନ୍ଧୁଣୀ ହେଲେ ବି ସେ ତା ପ୍ରିୟ ସାଥୀ । ପାଠପଢ଼ାର ସହପାଠୀ ।

ସୀତାର ବାପା–ମାଆଙ୍କର କଡ଼ା ଆକଟ । ସଖୀ ଉପରେ ଅନୁଚିତ ବ୍ୟବହାର । ସାଥୀ ବିନା ଜୀବନ ଅଧୁରା ବୋଲି ସୀତା ଜାଣିପାରିଛି । ସେ ସଖୀକୁ ବୁଝେଇଛି । ସଖୀର ଗୋଟିଏ ମନ ଅଛି । ଶୁଭ ଖବରଟେ ପାଇଚି ସୀତା । ଦୂର ସହର ଚେନ୍ନାଇରେ ଅନ୍ଧ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଅନ୍ଧୁଣୀମାନଙ୍କ ଆଖିରେ ଆଖି ରୋପଣ ହୋଇପାରୁଛି । ସୀତା ପାଖରେ ଆଠ ହଜାର ଟଙ୍କା ଗଚ୍ଛିତ ଅଛି । ସାହସ ବାନ୍ଧି ସୀତା ତା ପ୍ରିୟ ସାଥୀ ସଖୀକୁ ନେଇ ଚେନ୍ନାଇ ଯାତ୍ରା କରିଛି । ଛୋଟ ଝିଅ ହେଲେ ବି ମନରେ ବିରାଟ ସାହସ । ଅଦମ୍ୟ ଇଛା ଯେ ସଖୀ କେମିତି ଦୁନିଆକୁ ଦେଖିପାରିବ । ଡାକ୍ତରଖାନାରେ ଡାକ୍ତରମାନଙ୍କ ସହ ପରାମର୍ଶ କରିଛି । ଅଣଓଡ଼ିଆ ଡାକ୍ତରମାନଙ୍କର ଭାଷାକୁ ସହଜରେ ବୁଝିପାରିନଥିଲେ ବି ଦେବଦୂତ ଭଳି ଜଣେ ଓଡ଼ିଆ ଡାକ୍ତର ସହାୟତାର ହାତ ବଢ଼େଇଛନ୍ତି । ନିଜ ଘରେ ସ୍ଥାନ ଦେଇଛନ୍ତି । ବାପ ହୋଇ ସବୁ ପ୍ରକାର ସାହାଯ୍ୟ କରିବାର ପ୍ରତିଶ୍ରୁତି ବି ଦେଇଛନ୍ତି ।

ସୀତା ମନରେ ସକାରାତ୍ମକ ଭାବନା ଉଦୟ ହେଇଛି । ଗଚ୍ଛିତ ଅର୍ଥକୁ ଡାକ୍ତରଙ୍କୁ ଅର୍ପଣ କଲେ ବି ଓଡ଼ିଆ ଡାକ୍ତର ସହୃଦୟରେ ଗ୍ରହଣ କରିନାହାଁନ୍ତି । ବରଂ କହନ୍ତି- 'ଯେଉଁ ଲୋକ ଆଖିଦାନ କରୁଥିବ, ସେଠାରୁ ହିଁ ଆଖି ଅଣାଯାଇପାରିବ । ତାହା ପୁଣି ମୃତ୍ୟୁର ଚାରିଘଂଟାରେ ।' ଏଇଟା ହିଁ ଓଡ଼ିଆମୀ ଆଉ ଓଡ଼ିଆର ଅସ୍ମିତା ।

ଆଖିଦାନର ସମ୍ବାଦ ନ ମିଳିବାରୁ ଚିନ୍ତିତ ସମସ୍ତେ । ସୀତାର ହୃଦୟ ବିଗଳିତ ହୁଏ ନିଜର ଆଖିକୁ ଦାନ କରିବାକୁ । ହେଲେ ଡାକ୍ତରଙ୍କ ନକାରାତ୍ମକ ବାଣୀରେ ସୀତା ଅସହାୟ ମନେ କରେ । ତଥାପି  ଚାହିଁ ବସେ ଭଗବାନଙ୍କ ଆଶୀର୍ବାଦରେ ଆଖିଟିଏ ମିଳିଯାନ୍ତା କି ! ସଖୀ ନୂଆ ଆଖିଟିଏ ପାଇ ଜୀବନକୁ ଉପଭୋଗ କରିପାରନ୍ତା ।

ସଖୀପାଇଁ ରୁଟି ଓ କ୍ଷୀର ଧରି ବଜାରରୁ ଫେରୁଥାଏ । ରାସ୍ତା ପାର ସମୟରେ ଦୁର୍ଘଟଣାଟିଏ ଘଟେ । ମୁଣ୍ଡ ଫାଟି ରକ୍ତସ୍ରାବରେ ଛଟପଟ ହୁଏ ସୀତା । ଚିକିତ୍ସା ଚାଲେ ଅବିରତ । ମାତ୍ର ଜୀଇଁବାର ଟିକକ ଆଲୁଅ ଝାପସା ଦିଶେ ଡାକ୍ତରଙ୍କୁ । ସୀତା ଖନେଇ ଖନେଇ କହେ – 'ଡାକ୍ତରବାବୁ, ମୁଁ ମୋର ଆଖି ଦୁଇଟା ଦାନ କରୁଛି । ବାପାଙ୍କ ଅନୁମତି ଦରକାର ନା ? ମୁଁ ତ ଆପଣଙ୍କ ଝିଅ । ଆପଣ ବାପ ହୋଇ ଅନୁମତି ଦେଇପାରିବେ ।' ଏକ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ପାଖେ ଗୋଟିଏ ଝିଅର ଜୀବନ ଚାଲିଯିବାର ସମ୍ଭାବନା, ଆରପାଖେ ଆଉ ଗୋଟିଏ ନୀରିହ ଝିଅର ଆଖିରେ ଜୀବନକୁ ଅନୁଭବିବାର ଇଚ୍ଛା । ସୀତାର ଏପରି ମନଭୁଲାଣିଆ କଥାରେ ଡାକ୍ତରଙ୍କ ବାପପଣିଆ ସାର୍ଥକ ହେଇଛି । ମନକୁ ମନ ଗୁଣୀ ହୁଅନ୍ତି- 'ସତରେ ସୀତା କେତେ ମହତ୍ । ସଖୀ ପାଇଁ ଦୁଇଟି ଆଖି ଦେଇଦେଲା ।'

ସୀତା କାଳବିଳମ୍ବ ନ କରି ଅନୁରୋଧ ରଖେ ଡାକ୍ତରଙ୍କ ପାଖରେ –'ମୁଁ ବି ସଖୀ ପାଇଁ ଆଖିଟିଏ ଲଗେଇବାକୁ ଆସିଥିଲି । ଆପଣ ମୋ ଆଖି ସଖୀର ଆଖିରେ ଲଗେଇଦେବେ ।'

ଆଉ ତାପରେ ସବୁ ଶେଷ । ସୀତା ଚାଲିଯାଏ ଆରପାରିକୁ ।

ଅପରେସନ ପୂର୍ବରୁ ବାପା ହିସାବରେ ଡାକ୍ତରବାବୁ ଆବଶ୍ୟକୀୟ ଫର୍ମରେ ଦସ୍ତଖତ କରିବାକୁ ପାଦେ ଆଗେଇଲାବେଳକୁ ସୀତାର ବାପା ସେଠି ପହଂଚିଯାଆନ୍ତି । ସବୁ ଖବର ଜାଣି ସେ ଫର୍ମରେ ସେ ହିଁ ଦସ୍ତଖତ କରିଦିଅନ୍ତି ବାପା ହିସାବରେ । ଆଖିକୋଣରେ ଲୁହତକ ଜକେଇଆସେ । ସଖୀକୁ ଅନେକ କିଛି କହି ଅନୁତାପ ନିଆଁରେ ଥରୁଥାଆନ୍ତି ଗୋଟାପଣେ । ସୀତାର ମୃତ୍ୟୁ ଖବର ଖୁବ ବାଧେ । ଅଣ୍ଟାଳି ଅଣ୍ଟାଳି ଲଥ୍ କରି ସୀତା ଉପରେ ପଡ଼ିଯାଏ ସଖୀ । ନିଜ ଜୀବନକୁ ବିପନ୍ନ କରି ସୀତା ତା ପ୍ରିୟ ସଖୀ ପାଇଁ ଆଖିଦାନ କରିଛି । ନିଜେ ସବୁ ଦୁଃଖ କଷ୍ଟକୁ ପ୍ରତିହତ କରି ଆଜି ଜୀବନ ହାରିଛି । ଏଇଟା ଗୌରବର କଥାଟିଏ । ସମସ୍ତଙ୍କ ପାଇଁ ଉଦାହରଣଟିଏ । ଆଖିଦାନ ଏକ ମହାପୂଣ୍ୟ ବୋଲି ସୀତା କହିଦେଇଛି ଏ ଦୁନିଆକୁ । ପୁଣି କହିଦେଇଛି ନିଜ ପ୍ରିୟସାଥୀ ପାଇଁ ଜୀବନ ଯିବାରେ ଏକ ଅଶେଷ ଆନନ୍ଦ ମିଳିଥାଏ ।

ମୋ ବିଚାରଧାରାରେ ଶିଶୁ ଔପନ୍ୟାସିକ ପ୍ରଶାନ୍ତ କୁମାର ମଙ୍ଗରାଜ କହିପାରିଥାନ୍ତେ ଯେ ସଖୀକୁ ସାଥୀରେ ନେଇ ସୀତାର ବାପା ଘରକୁ ବାହୁଡ଼ି ଯାଇଛନ୍ତି । ଗୋଟିଏ ଝିଅକୁ ହରାଇ ଆଉ ଗୋଟିଏ ଝିଅଟିଏ ପାଖରେ ପାଇଛନ୍ତି । ଝିଅ ଯେ କନ୍ୟାରତ୍ନ ଏହାକୁ ଗ୍ରହଣ

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

କରିଛନ୍ତି ସାଗ୍ରହରେ । ଏମିତି ହେଇଥିଲେ ଉପନ୍ୟାସର ଅନ୍ତିମ ଚରଣ ଆହୁରି ଅଧିକ ରୁଚିବନ୍ତ ହୋଇପାରିଥାନ୍ତା ।

ଶିଶୁ ଉପନ୍ୟାସକୁ ନେଇ ଯେଉଁମାନେ ଆଜି ପ୍ରତିଷ୍ଠିତ ହୋଇଛନ୍ତି, ସେମାନଙ୍କ ଭିତରେ ପ୍ରଶାନ୍ତ କୁମାର ମଙ୍ଗରାଜ ଅନ୍ୟତମ । ତାଙ୍କର ଏ ଉପନ୍ୟାସଟି ଯେତିକି ମର୍ମସ୍ପର୍ଶୀ, ସେମିତି ଅନ୍ୟାନ୍ୟ ଉପନ୍ୟାସଗୁଡ଼ିକ ବି ପାଠକ ମହଲରେ ଆଦୃତ ହୋଇପାରିଛି । ସେ ଲେଖିଲାବେଳକୁ ଭାଷା- ଭାବକୁ ପ୍ରାଧାନ୍ୟ ଦିଅନ୍ତି ଏବଂ ଚରିତ୍ରମାନଙ୍କୁ ସୁସଂଯୋଜିତ କରନ୍ତି । କହିବାକୁ ଗଲେ ଏହା ତାଙ୍କର ବିଶେଷତ୍ୱ ।

'ପରିସମାପ୍ତି ହିଁ ମଧୁରତମ ଆବେଗ । ଶିଶୁଔପନ୍ୟାସିକ ନିଜ ଲେଖାରୁ ବିଦାୟ ନେଲାବେଳେ ପାଠକମାନଙ୍କର ଆଦରଣୀୟ ହୋଇଥାନ୍ତି ନିଜ ଲେଖାର ଲିଖନ କଳାରେ । ଠିକ୍ ସେମିତି ଶିଶୁଔପନ୍ୟାସିକ ପ୍ରଶାନ୍ତ କୁମାର ମଙ୍ଗରାଜ ନିଜ ଉପନ୍ୟାସର ଉପସଂହାରରେ ବନ୍ଧୁତାର ଚରମ ଉତ୍କର୍ଷତାକୁ ସଜେଇପାରିଛନ୍ତି ସୁନ୍ଦର ସାବଲୀଳ ପ୍ରସାଧାନରେ । ପାଠକମାନଙ୍କୁ ଭେଟି ଦେଇ ପାଠକୀୟ ସ୍ୱୀକୃତି ପାଇଛନ୍ତି ।

ଏଲ୍.ଆଇ.ଜି- ୧୫ ନୟାପଲ୍ଲୀ, ବ୍ରିଟ୍ କଲୋନୀ, ଭୁବନେଶ୍ୱର
ଭ୍ରାମ୍ୟଭାଷ : ୯୪୩୭୯୯୧୯୮୭୯

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମ ସାହିତ୍ୟ

ସାହିତ୍ୟ ସମାଜର ଦର୍ପଣ । ସାହିତ୍ୟଦ୍ୱାରା ସମାଜରେ ଶିକ୍ଷା, ସଂସ୍କାର, ମଣିଷପଣିଆର ପ୍ରଚାର ପ୍ରସାର ହୁଏ ।

ଏବେ ସାହିତ୍ୟିକଟିଏ କହୁଛି ପାରିତୋଷିକ ତ ଦୂରେ ଥାଉ ପଇସା ଦେଲେ ବି ସମ୍ପାଦକ ଠିକ୍ ସମୟରେ ବହି ପଠାଉନାହିଁ । ପଇସା ଦେଇ କେତେ ବହି ଛାପିବା । ପ୍ରକାଶକର ମତ ଆଉ ଆଗ ଭଳି ଓଡ଼ିଆ ବହି ପତ୍ରପତ୍ରିକା ବିକ୍ରୀ ହେଉନି । ଲାଭ କଥା ଛାଡ ମୂଳ ବି ଉଠୁନି ।

ପାଠକ କହୁଛି ଆଉ ସାହିତ୍ୟରେ ସେ ରସ ନାହିଁ । ସବୁ ଅନ୍ୟ ଭାଷାରୁ କପି (ନକଲ) ହେଉଛି । ଫେସବୁକ ହ୍ୱାଟ୍ସଆପ ଆସିଲା ପରେ ସମସ୍ତେ କବି ସମସ୍ତେ ସାହିତ୍ୟିକ । ଗୁଡାଏ ବହି ଇଣ୍ଟରନେଟରେ ମିଳୁଛି ଏଗୁଡା କିଆଁ କିଣିବା ।



ସିଦ୍ଧେଶ୍ୱର ତ୍ରିପାଠୀ

ସମାଲୋଚକଙ୍କ ମତ ସାହିତ୍ୟରେ ପ୍ରିୟାପ୍ରୀତି ତୋଷଣ ଚାଲିଛି । ପୁରସ୍କାର ବିକ୍ରି ହେଉଛି । ସାହିତ୍ୟିକ ଆଜି ମାନପତ୍ର ପ୍ରେମରେ ପଡି ଯାଇଛି । ପ୍ରକାଶକ ସାହିତ୍ୟ ଛାପୁନି, ଛାପୁଛି ନିଜ ବ୍ୟବସାୟର ଲାଭ ମିଳୁଥିବା ଧନୀକ ଶ୍ରେଣୀର ବ୍ୟକ୍ତିର ଲେଖାକୁ । ଚିକିମିକି ଦେହ ବାଣ୍ଟି ପାରିଲେ ଲେଖା ବି ଚିକିମିକି ବୋଲି ପରିଗଣିତ ହେଉଛି । ଆଖି ବୁଲେଇଲେ ପୁଳା ପୁଳା କବି ଆଉ ମେଞ୍ଚା ମେଞ୍ଚା ସାହିତ୍ୟ ଅନୁଷ୍ଠାନ ଆଉ ରାତି ପାହିଲେ ସମସ୍ତଙ୍କ ପାଖରେ ଡାଉନଲୋଡ଼ ପ୍ରିଣ୍ଟ ଆଉଟ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

(ସମସ୍ତେ ବୁଝିବା ଭଳି ଶବ୍ଦ) ହୋଇ ଟଙ୍ଗା ହୋଇଥିବା ମାନପତ୍ର । ପୁରାତନ ଛାନ୍ଦକୁ ଖେଚୁଡ଼ି କରି କଦର୍ଯ୍ୟ ଭାବରେ ମନ ମନେକା କବିତାର ନୂଆଧାରା ବି ସୃଷ୍ଟି ହେଲାଣି ।

ଏଠି ବୟୋଜ୍ୟେଷ୍ଠ ଆର୍ଥିକ ସ୍ୱଚ୍ଛଳ ସାହିତ୍ୟିକ ଆଉ ଫେସବୁକ ହ୍ୱାଟ୍ସଆପ ସଂଘର ସୃଷ୍ଟିକର୍ତ୍ତାଙ୍କ ପିଲାଳିଆମୀ ଆଉ ମନମାନି ବି ବେଳେ ବେଳେ ହାସ୍ୟାସ୍ପଦ ଲାଗେ । କବି ଗାଳ୍ପିକ ପ୍ରାବନ୍ଧିକ ନାଟ୍ୟକାର ଔପନ୍ୟାସିକ ସମସ୍ତେ ହାମବଡା ନୀତିରେ ମାହିର୍ । ଏଠି ବ୍ୟକ୍ତିର ନାଁକୁ କୁଆଡେ ମାନପତ୍ର ଦିଆଯାଏ ଲେଖାକୁ ନୁହେଁ । ଲବି କଲେ ଗାଳ୍ପିକ ବି କବି ହୋଇପାରେ । (ଆଜିକାଲିକା କବିତା ଲେଖି) ।

ସେଥିରେ ପୁଣି ବ୍ୟଙ୍ଗକବି ଗୀତିକବି ଗୀତିକାର ଆଉ ଏବେକାର କଲିମୀ ଅତ୍ୟାଧୁନିକ କବି । ସମସ୍ତଙ୍କ ମୁହଁ ଭିନ୍ନ ଭିନ୍ନ ଦିଗକୁ ।

ଏଠି ପଇସା ପାଇଁ ବ୍ୟଙ୍ଗକବି ମାନେ ହାସ୍ୟ ଅଭିନେତା ହେଇଗଲେଣି । ଆଉ ମୋଟାଅଙ୍କର ଦରମା ପାଉଥିବା ବ୍ୟକ୍ତିମାନେ ପଇସା ଫୋପାଡ଼ି ରାତାରାତି ବଡ଼ ଗୀତିକାର ହୋଇଗଲେଣି । ସେ ଗୀତ ବୁଝି ହେଉକି ନହେଉ କିନ୍ତୁ ଆଗଧାଡ଼ିର କଣ୍ଠଶିଳ୍ପୀ ଗାଇଛନ୍ତି ଆଉ ନାଁ ପୂର୍ବରୁ ଡଃ କି ପ୍ରଫେସର ଲାଗିଥିବା ଲୋକ ଯେହେତୁ ଲେଖିଛନ୍ତି ଲାଇକ କମେଣ୍ଟ ବି ଚାରିଟା ଅଧିକ ମିଳିବ ନିଶ୍ଚୟ ।

ଅନେକ ପାଠକ ଆଉ ବହି ପଢୁ ନାହାନ୍ତି ମୋବାଇଲରେ ଘଣ୍ଟା ଘଣ୍ଟା ଧରି ଖେଳ ଖେଳିବାକୁ ପସନ୍ଦ କରୁଛି ।

ତଥାପି ଲଙ୍କାରେ ବିଭିଷଣ ଥିବା ଭଳି ଆଜିବି ଆମ ସମାଜରେ କିଛି ଭଲ କବି ପ୍ରକାଶକ ପାଠକ ଅଛନ୍ତି ଏଥିରେ ସନ୍ଦେହ ନାହିଁ ଦେଖାଯାଉ ପରିବର୍ତ୍ତନର ସମୟ ଆସିଛି ।

କବିର ଘର, କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା
ଭ୍ରାମ୍ୟଭାଷ : ୭୦୦୮୩୧୫୦୪୦

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବାପା - ମାଆ

ବା – ବାଆ, ପା – ପାଣି

ମା – ମାଟି, ଆ - ଆକାଶ

ଏହି ଚାରୋଟି ଜିନିଷ ମଣିଷ ପାଇଁ ବହୁତ ମୂଲ୍ୟବାନ ।

ମୋ କଲମରେ ସେତେ କାଳି ନାହିଁ ଯାହା ତୁମର ଚରିତ୍ର ଆଙ୍କି ପାରିବ । ମୋ କାଗଜରେ ସେତେ ଦମ୍ଭ ନାହିଁ ଯାହା ତୁମ ତ୍ୟାଗର କାହାଣୀ ଲେଖିବ ।

ମୋ ଶବ୍ଦରେ ସେତେ ଶକ୍ତି ନାହିଁ ଯାହା ତୁମ ବିଷୟରେ ବର୍ଣ୍ଣନା କରିବ । ବାପା ମା ହେଉଛନ୍ତି ଜୀବନ୍ତ ଈଶ୍ୱର । ତାଙ୍କ ପାଇଁ ଆମେ ଏ ଦୁନିଆକୁ ଆସିଛେ, ସେମାନଙ୍କର ଅବଦାନ ଆମ ଜୀବନଠାରୁ ଆଉ ବଡ଼ କିଛି ନୁହେଁ । ପ୍ରତି ମୁହୂର୍ତ୍ତରେ ସେ ଆମର ଚିନ୍ତା କରିଥାନ୍ତି, ଭଲ ଖାଇବା, ଭଲ ପିନ୍ଧିବା, ଭଲରେ ରହିବା ଆମର ସମସ୍ତ ଅଳି ଅଝଟକୁ ପିଲାବେଳୁ ପୂରଣ କରି ଆସିଛନ୍ତି । ଦୁନିଆରେ ସବୁ ଲୋକଙ୍କର କିଛି ନା କିଛି ସ୍ୱାର୍ଥ ଥାଏ, କିନ୍ତୁ ବିନା ସ୍ୱାର୍ଥ ଥିବା ଲୋକ ହେଉଛନ୍ତି ବାପା ଆଉ ମା ।



ଆଲୋକ କୁମାର ସାହୁ

ଭଗବାନଙ୍କୁ ପୂଜା କଲେ ସେ ଆମକୁ ସୁଖ ସହିତ ଦୁଃଖ ବି ଦେଇଥାନ୍ତି କିନ୍ତୁ ବାପାମା'ଙ୍କୁ ପୂଜା କଲେ ସେ ଆମକୁ କେବଳ ସୁଖ ହିଁ ଆଶୀର୍ବାଦ ଦେଇଥାନ୍ତି । ଦୁନିଆରେ ସବୁଠାରୁ ମୂଲ୍ୟବାନ ପଦାର୍ଥ ହେଉଛନ୍ତି ବାପା ଆଉ ମା । ଆମେ ସବୁ ଜିନିଷକୁ ଆଣିପାରିବା କିନ୍ତୁ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାପା ମା'ଙ୍କୁ ଦ୍ୱିତୀୟ ଥର ପାଇପାରିବା ନାହିଁ ।

ଜୀବନରେ କେବେହେଲେ ଏହି ଦୁଇ ଜଣଙ୍କୁ କଷ୍ଟ ଦେବ ନାହିଁ, କାରଣ ତମ ଦେହରେ ପ୍ରବାହିତ ରକ୍ତ, ମାଂସ, ହାଡ ତାଙ୍କ ଠାରୁ ହିଁ ଜନ୍ମ ନେଇଛି, ତାହେଲେ ନିଜେ କିପରି ନିଜର ଶରୀରକୁ କଷ୍ଟ ଦେଇପାରିବ । ଜନ୍ମ ଠାରୁ ବଡ଼ ହେଲା ପର୍ଯ୍ୟନ୍ତ ସେ ଆମକୁ ତାଙ୍କର ଅଧା ସମୟ ବଡ କରିବାରେ ବିତେଇଦେଲେ, ଏବେ ଆମର କର୍ତ୍ତବ୍ୟ ତାଙ୍କୁ ଏହି ସମୟରେ ସବୁ ଖୁସି ଦେବାପାଇଁ ।

ଜଣେ ତ୍ୟାଗର ମୂର୍ତ୍ତିମନ୍ତ ତ ଆଉ ଜଣେ ମମତାର ଭଣ୍ଡାର । ଜଣେ ବୃକ୍ଷର ଚେର ହେଲେ ଆଉ ଜଣେ ବୃକ୍ଷର ଫଳ ସଦୃଶ । ଜଣେ କଲମର କାଳି ହେଲେ ଆଉ ଜଣେ ତାର ମୁନି । ଜଣେ ବହିର ମଲାଟ ହେଲେ ଆଉ ଜଣେ ପୃଷ୍ଠା । ଜଣେ ସୂର୍ଯ୍ୟ ହେଲେ ଜଣେ ଚନ୍ଦ୍ର, ଜଣେ ଦିନ ହେଲେ ଜଣେ ରାତି । ଜଣେ ସାଗର ହେଲେ ଆଉ ଜଣେ ଦରିଆ, ଜଣେ ନିଃଶ୍ୱାସ ହେଲେ ଆଉ ଜଣେ ପ୍ରଶ୍ୱାସ ।

ତୁମେ ଦେଖିଥିବା ସ୍ୱପ୍ନକୁ ତୁମେ ପୂରଣ କର ବା ନକର କିନ୍ତୁ ସେ ତୁମର ସ୍ୱପ୍ନକୁ ସବୁବେଳେ ପୂରଣ କରିଥାନ୍ତି । କିଛି ନ କହିବା ପୂର୍ବରୁ ଯିଏ ସବୁ କିଛି ଆଣିଦିଏ ସେ ହେଉଛନ୍ତି ବାପା । କିଛି ନ କହିବା ପୂର୍ବରୁ ଯିଏ ସବୁ କିଛି ରାନ୍ଧି ଆମକୁ ପରଷି ଦିଏ ସେ ହେଉଛନ୍ତି ମା । ଦୁଇ ଜଣଙ୍କର ବଳିଦାନ ଆମ ଜୀବନ ପାଇଁ ବହୁତ ମହତପୂର୍ଣ୍ଣ । ତାଙ୍କ କହିଥିବା ବାଟରେ ଯଦି ଆମେ ଚାଲିବା ସେ ତେରି ହେଉ ପଛେ ଆମେ ସଫଳତା ହାସଲ କରିପାରିବା ।

କେତେ ଦୁଃଖର ସାମ୍ନା କରିନାହାନ୍ତି ସେ ତୁମକୁ ଟିକିଏ ସୁଖ ଦେବାପାଇଁ, ବେଳେ ବେଳେ ନଖାଇ ନପିଇ ଆମକୁ ନାନା ଦରବ ଖୁଆଇଥାନ୍ତି, ପୂଜା ପାର୍ବଣରେ ଆମ ପାଇଁ ନୂଆ ପୋଷାକ କିଣି ଆଣନ୍ତି । ଆମର ଦେହ ଖରାପରେ ସବୁବେଳେ ଯତ୍ନ ନେଇଥାନ୍ତି, ତାଙ୍କର

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଭଲପାଇବା, ତାଙ୍କର ମଧୁର ବଚନ ଆମ ଶରୀରରେ ନୂତନ ଶକ୍ତି ଜାଗରଣ କରି ଦେଇଥାଏ ।

ଆମେ ଯେତେ ଦୂରରେ ଥିଲେ ବି ସେ ଆମକୁ ସବୁ ସମୟରେ ମନେ ପକେଇଥାନ୍ତି । ତାଙ୍କର ସେଇ ଭଲପାଇବା ଆମକୁ ସାରା ଜୀବନ ଆଗକୁ ବଢ଼ିବାରେ ସାହାଯ୍ୟ କରିବ । ନିଜେ ଫଟା କପଡା ପିନ୍ଧି ଆମକୁ ଭଲ ପୋଷାକ ପିନ୍ଧାଇଥାନ୍ତି । ନିଜେ ଛିଡ଼ା ଚପଲ ପିନ୍ଧି ଆମକୁ ଭଲ ଜୋତା ଦେଇଥାନ୍ତି । ନିଜେ ଖଣ୍ଡିଆ ସାଇକଲ ଚଲାଇ ଆମକୁ ଗାଡ଼ି ଦେଇଥାନ୍ତି, ଅଳ୍ପ ଖର୍ଚ୍ଚ କରି ପିଲାର ଭବିଷ୍ୟତ ଗଠନ ପାଇଁ ଧନ ରଖିଥାନ୍ତି । ଧନ୍ୟ ଧନ୍ୟ କୋଟି ପ୍ରଣାମ ସେଭଳି ଗୁରୁ, ଭଗବାନ, ବାପା ମା ଙ୍କୁ । ଯିଏ ଆମକୁ ସବୁ ସମୟରେ ଶକ୍ତି ଦେଇଥାନ୍ତି ଦାରିଦ୍ର୍ୟ ବିରୁଦ୍ଧରେ ଲଢେଇ କରିବାପାଇଁ । ଆଜି ତାଙ୍କର ପ୍ରତ୍ୟେକ କଥା ଆମ ଶରୀରରେ ରକ୍ତ ହୋଇ ବହି ଚାଲିଛି ।

ଯିଏ ନିଜେ ଦି ଅକ୍ଷର ନ ପଢ଼ି ପୁଅକୁ ହାକିମ କରେ ସେ ହେଉଛନ୍ତି ବାପା ।

ଯିଏ ନିଜର ସବୁ ସ୍ୱପ୍ନକୁ ପୁଅ ମାଧ୍ୟମରେ ପୂରଣ କରିବାକୁ ଚାହାନ୍ତି ସେ ହେଉଛନ୍ତି ମା । ମୁଁ ପୁଅ ଶବ୍ଦକୁ ତ ସାର୍ଥକ କରିପାରିଲିନି କିନ୍ତୁ ଜଣେ ବାପା ଶବ୍ଦକୁ ସାର୍ଥକ କରିଛି ସେ ହେଉଛନ୍ତି ମୋ ବାପା । ମୁଁ ଭଲପାଇବା କଣ ଜାଣିନି କିନ୍ତୁ ଆଜି ଜଣେ ଭଲପାଇବା ଦେଇ ଦେଇ ରୋଗରେ ପୀଡିତ ସେ ହେଇଛନ୍ତି ମୋ ମାଆ । ଦୁନିଆର ସବୁଠାରୁ ମୂଲ୍ୟବାନ ସ୍ଥାନ ଯାହାକୁ କେହିବି ଭରଣା କରିପାରିବ ନାହିଁ ।

ତାହା ହେଉଛି – ବାପାଙ୍କ କାନ୍ଧ ଆଉ ମାଆର କୋଳ ।

ଦୁନିଆର ସବୁ ବିଦ୍ୟା ଶିକ୍ଷା ଏହିଠାରୁ ହିଁ ଆରମ୍ଭ ହୋଇଥାଏ ।

ବିଧାରପୁର, ଗନ୍ଦିଆ, ଢେଙ୍କାନାଳ, ୭୫୯୦୧୬, ଓଡ଼ିଆ

ଭ୍ରାମ୍ୟଭାଷ : ୬୩୭୦୬୫୮୫୫୨

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ସମ୍ପୂର୍ଣ୍ଣ ଓଡ଼ିଆ ଓଟିଟି ଆପ୍ : ଆଓ ନେକ୍ସଟ୍ ଆପ୍

ବର୍ତ୍ତମାନରେ ଅତୀତର ଛାପ

କ୍ଲବ୍ - ୬୯, ଆଓ ଅରିଜିନାଲ୍ ଓଡ଼ିଆ ୱେବ୍-ସିରିଜ୍

ଆମରି ଭଳି ସେ ବି ଜଣେ ମଣିଷ । ହାଡ଼ ମାଂସ, ମତି ଗତି, ବୁଦ୍ଧି, ବୃତ୍ତି ପ୍ରବୃତ୍ତିଧାରୀ ବ୍ୟକ୍ତିତ୍ୱ । ସଂସାର ସୃଷ୍ଟିର ନିୟମ ଆଧାରରେ ସେ ପୁରୁଷ ହେଇପାରେ, ନାରୀ ଅବା ତୃତୀୟ ଲିଙ୍ଗ । ହେଲେ ଶରୀରର ସେଇ ଛାଞ୍ଚ ଭିତରେ ରହିଛି ଭିନ୍ନ ଏକ ମନ, ହୃଦୟ, ଓ ମସ୍ତିଷ୍କ । ପ୍ରତ୍ୟେକଟି ମଣିଷର ଆଦ୍ୟାନ୍ତର ଯାଏଁ ଅଛିଣ୍ଡା ଓ ଅଭିନ୍ନ ଭାବେ ଯୋଡ଼ି ହେଇ ରହିଥାଏ ତାର ପ୍ରାରବ୍ଧ-ନିୟତି । ସଂସାର ବିଚିତ୍ର, ତହୁଁ ବିଚିତ୍ର ମଣିଷ । କିଏ ମଣିଷ ମାରି ନିଶ୍ଚିନ୍ତ ନିଦ୍ରା ଯାଏ ତ ଅନ୍ୟ କିଏ ତା ଶରୀରରୁ ରକ୍ତ ଶୋଷି ନେଉଥିବା ଛାର ମଶାଟାକୁ ବି ମାରିଦେଲେ ଘଣ୍ଟାଏ ପର୍ଯ୍ୟନ୍ତ କରେ ପଶ୍ଚାତାପ । ତାରି ଭିତରେ ଭୁତ, ଭବିଷ୍ୟତ ଓ ଆଶାତୀତ ଆଗତକୁ ନେଇ ସେ ଦେଖେ ସ୍ୱପ୍ନ । ସେମିତି ଅନେକ ରଙ୍ଗୀନ ସ୍ୱପ୍ନ ଦେଖିଥିଲା ଆମରି ଭିତରୁ କେହି ଜଣେ ନିର୍ଦ୍ଦିଷ୍ଟ ସେ । ଆଉ ସେ କେହି ଜଣକ ଆମରିମାନଙ୍କ ମଧ୍ୟରୁ କେହି ଜଣେ ବି ହେଇପାରେ । ଆଜି ନ ହେଲେ, କାଲି ହେଇଯାଇପାରେ । ଏବେ ପ୍ରଶ୍ନ ଉଠୁଛି ଆଜି ନ ହେଲେ ଆସନ୍ତାକାଲି, ସେ କଣ ହେଇଯାଇପାରେ ଅପରାଧୀ । ଉତ୍ତରଟା ଆପଣଙ୍କୁ ବୋଧହୁଏ ନାପସନ୍ଦ ହେବ । ବିଶ୍ୱାସ ନ ହେଲେ ବି ଏହା ସତ,



ତୀର୍ଥଦା ଶତପଥୀ

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକ ନିରାଟ ସତ୍ୟ । ଅତୀତରୁ ବର୍ତ୍ତମାନ ଯାଏ ଗତିଶୀଳ ଜୀବନ ଭିତରେ ସଭିଙ୍କ ସହ ଏମିତି ଅନେକ କିଛି ଘଟଣା ଓ ଦୁର୍ଘଟଣା ଘଟିଯାଏ, ଯାହା, କ୍ଷଣିକ ଭିତରେ ବଦଳାଇ ଦିଏ ସେଇ ନିର୍ଦ୍ଧିଷ୍ଟ ବ୍ୟକ୍ତିଙ୍କ ଜୀବନର ମାନଦଣ୍ଡ, ଆଦର୍ଶ ଓ ଅନୁଚିନ୍ତା ।

ଅନେକଙ୍କୁ କହିଥିବା ଶୁଣିଥିବେ କିମ୍ବା କୌଣସି ନା କୌଣସି ପାଠ୍ୟ ପୁସ୍ତକ, ପୁସ୍ତିକାରେ ଆପଣ ପଢ଼ିଥିବେ, ଜାଣିଥିବେ ଯେ- ମାଆ ପେଟରୁ କେହି ଅପରାଧୀ ହେଇ ଜନ୍ମ ହେଇ ନ ଥାଏ । ପ୍ରତିକୂଳ ପରିସ୍ଥିତି, ଅସମୟ ସହ ମୁହାଁମୁହିଁ ସଂଘର୍ଷ ଏତେ ସହଜ ବି ନୁହେଁ । ହେଲେ ସେ ଭଲ ହେଉ ଅବା ଖରାପ, ସବୁ ବର୍ଗରେ ଥାଆନ୍ତି କିଛି ବ୍ୟତିକ୍ରମ, ଭିନ୍ନ ଓ ଅନନ୍ୟ । କେଉଁ ଏକ ଅଜଣା, ଏକାନ୍ତ ଓ ବନ୍ଦୀପ୍ରାୟ କୋଠରୀ ଭିତରେ ବସି ସେମାନେ ମଧ୍ୟ ଏମିତି କିଛି ଭାବୁଥିଲେ । ଦିନ, ମାସ, ବର୍ଷ...ଯେତିକି ପଛକୁ ପଛ ସେମାନେ ପଶ୍ଚାତପଦ ହେଉଥାନ୍ତି, ସେତିକି ସତେଜ ହେଇଯାଉଥାଏ ଯନ୍ତ୍ରଣା । ଲାଗୁଥାଏ ଯେମିତି ସଦ୍ୟ ଅସ୍ତ୍ରୋପଚାର ହେଇଥିବା କ୍ଷତର ସେଇ ସର୍ଜିକାଲ୍ ଷ୍ଟିଚ୍ ଗୁଡ଼ିକୁ କେହି ଜଣେ ଆଉ ଥରେ କାଟି ଦେଉଥାଏ । ଯେଉଁଥିପାଇଁ ଶରୀର ସହ ଆତ୍ମା ବି ହେଇଯାଉଥାଏ, କ୍ଷତାକ୍ତ ଓ ରକ୍ତାକ୍ତ । ସେମାନଙ୍କ ପାଇଁ ଆରମ୍ଭ ହେଇଯାଇଥିଲା ରୋମନ୍ଥନର ସମୟ । କେତେବେଳେ, କାହିଁକି, କିଏ ଆଉ କଣ ଥିଲା କାରଣ ଏଭଳି ବର୍ତ୍ତମାନ ପଛର ସେଇ ଅଦେଖା କାହାଣୀ । ଟଙ୍କା ବଳରେ ବ୍ରହ୍ମାଣ୍ଡର ସବୁ ଅସମ୍ଭବକୁ ସମ୍ଭବ କରିପାରିବା ଭଳି ମନ ରାଇଜର ସେଇ ବାଲିଘର ଏତେ ଶୀଘ୍ର ମାଟିରେ ମିଶିଯିବ ବୋଲି ସେମାନେ କେବେ ବି ଭାବି ନ ଥିଲେ ।

ଏତେ ସମୟ ପର୍ଯ୍ୟନ୍ତ ଯେଉଁ ଅପରାଧୀଙ୍କ ବିଷୟରେ ଆମେ ଉଲ୍ଲେଖ କରୁଛେ ସେମାନେ ଆଉ କେହି ନୁହନ୍ତି । ସେମାନେ ହେଉଛନ୍ତି ଏମିତି କିଛି ଅପରାଧୀ, ଯିଏ ବନ୍ଧୁକ, ଗୁଳି କିମ୍ବା ମୃତ୍ୟୁର ଭୟ ଦେଖାଇ କରନ୍ତିନି ଲୁଟ୍ ତରାଜ । ଏମିତିକି ଚୋରିର ଶିକାର ବି ସେମାନଙ୍କ ପରିଚୟ ଜାଣି ନ ଥାନ୍ତି । ହେଲେ ସେମାନଙ୍କ ରାଡାର୍ ରେ ଥାଆନ୍ତି ସେମାନଙ୍କ

Listen to Odia Podcast on https://anchor.fm/aahwaan

 Magazine Downloaded from www.aahwaan.com

ଶିକାର । ଖୁବ୍ ମିଠା ମିଠା କଥା, ପରୀରାଇଜର କାହାଣୀ ଓ ଅନେକ ମିଥ୍ୟା ପ୍ରଲୋଭନ ଦେଖାଇ ହେଇଯାଆନ୍ତି ଦୂର ଆପଣାର । ଥରେ ଅଭିଷ୍ଟ ସାଧନ ପରେ ସେହି ସାଇବର୍ ଅପରାଧୀଙ୍କ ମୋବାଇଲ୍ ହେଇଯାଏ ସ୍ୱିଚ୍ ଅଫ୍ । ଏପଟେ ଥାନାରେ ଏତଲା ଦେବା ବେଳକୁ ଅନେକ ସ୍ଥଳରେ ସେମାନେ ହେଇଯାଇଥାନ୍ତି ଅପହଞ୍ଚ ବା ଅନ୍-ଟ୍ରେସେବଲ୍ । ହେଲେ କ୍ଲବ୍-୬୯ରେ ପୋଲିସ ହାତରେ ଲାଗିଛି କିଛି ଠୋସ୍ ପ୍ରମାଣ, କିଛି ସୁରାକ୍ । ସେଇ ଖିଅକୁ ଧରି ପୋଲିସ ଚଳାଇଛି ଛାନଭିନ୍ । ମାର୍ଚ୍ଚ ୧୨, ୨୦୨୧ରୁ, ଆଓ ନେକ୍ସଟ, ନେକ୍ସଟ୍ ଟୁ ବେଷ୍ଟ ଓଟିଟିରେ ଆପଣ ଦେଖିପାରୁଛନ୍ତି ସାଇବର୍ କ୍ରାଇମ୍ ଆଧାରିତ ଏହି ୱେବ୍ ସିରିଜ୍ । ଲିଜା, ଜାଭା, ଅଶ୍ୱିନ ରାଏ ମହାପାତ୍ର, ସୁଜେନ୍, ମାକ୍ସି, ହେନା, ପ୍ରେରଣା ଓ ଆର୍. କେ., ଏମାନଙ୍କ ମଧ୍ୟରୁ କିଏ, କ୍ଲବ-୬୯ର ମାଷ୍ଟରମାଇଣ୍ଡ । ଦିନକୁ ଦିନ ବଢ଼ୁଥିବା ସାଇବର୍ ଅପରାଧ ସଂପର୍କିତ ଏହି ଅରିଜିନାଲ୍ କାହାଣୀ ଓଡ଼ିଶା ମନୋରଞ୍ଜନ ଦୁନିଆ ଓ ଓଟିଟି ପ୍ଲାଟଫର୍ମରେ ନୂଆ ଇତିହାସ ରଚିବ ବୋଲି ଆମର ଆଶା । କ୍ଲବ-୬୯ର ଆଉ ଏକ ମୁଖ୍ୟ ତଥ୍ୟ ହେଉଛି ଏହି ସିରିଜ୍ ସହ ଓଡ଼ିଆ ଏଣ୍ଟରଟେନମେଣ୍ଟ ଓ ଓଟିଟି ଶିଳ୍ପରେ ଡେବ୍ୟୁ କରିଛନ୍ତି ଟାଲେଣ୍ଟେଡ୍ ଅଭିନେତ୍ରୀ ପିଙ୍କି ପ୍ରଧାନ । ଏପଟେ, ଯଦି ଆମେ ଫିଲ୍ମ ମେକିଂ ଟେକ୍ନୋଲୋଜି ବିଷୟରେ କହିବା, ତେବେ କେବଳ ଓଡ଼ିଶା ଓ ଓଡ଼ିଆ ଓଟିଟି ଶିଳ୍ପ ନୁହେଁ ଓଡ଼ିଶା ମନୋରଞ୍ଜନ ଶିଳ୍ପରେ କ୍ଲବ୍-୬୯ର ନିର୍ମାଣ ଏକ ଯୁଗାନ୍ତକାରୀ ପ୍ରୟାସ । ଆଓ ଅରିଜିନାଲ୍ ୱେବ ସିରିଜ୍ ରେ ପ୍ରଦର୍ଶିତ ହେଇଛି ଏକ ହଜାର ଭିଏଫଏକ୍ସ ସଟ୍ । ଯେଉଁଥିପାଇଁ କେବଳ ଓଡ଼ିଶା ନୁହେଁ ବରଂ ଆଓ ନେକ୍ସଟ୍ କୁ ଦେଶ ବିଦେଶରୁ ମିଳୁଛି ବାହା ବାଃ । ଆଗାମୀ କିଛି ଦିନ ମଧ୍ୟରେ ଆଓ ନେକ୍ସଟ୍ ଆପ୍ ରେ ଦର୍ଶକ ଦେଖିବାକୁ ପାଇବେ ଅନେକ ମଜାଦାର୍ ଓ ରୋମାଞ୍ଚକର ସିନେମା, ଆଓ ଅରିଜିନାଲ୍ ୱେବ-ସିରିଜ୍, କ୍ଷୁଦ୍ର ଓ ଗବେଷଣାତ୍ମକ ଚଳଚ୍ଚିତ୍ର ।

ବି.ଦ୍ର : ଏହି ଆପ୍ ଗୁଗୁଲ୍ ପ୍ଲେ ଷ୍ଟୋରରୁ ଆପଣ ସହଜରେ ଡାଉନ୍ଲୋଡ୍ କରି ପାରିବେ ।

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଜୁଲାଇ ୨୦୨୧

ଲେଖା ପଠାଇବାର ଶେଷ ତାରିଖ : ୩ ଜୁଲାଇ ୨୦୨୧

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଆପଣଙ୍କ ଲେଖା ଗୁଡ଼ିକ ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ । ହାତଲେଖା ଗ୍ରହଣୀୟ ହେବନାହିଁ । ଜାଣିଛି ଟାଇପ୍ କରିବା ଭାରି କଷ୍ଟସାଧ୍ୟ, କିନ୍ତୁ ସେତିକି ପରିମାଣର କଷ୍ଟ ମୋତେ ବି କରିବାକୁ ହୁଏ । ଆପଣ ଗୋଟିଏ ଆଲେଖ୍ୟ ଟାଇପ୍ କରିବାକୁ କଷ୍ଟ ଅନୁଭବ କରୁଛନ୍ତି, ଏଠି ଶତାଧିକ ଆଲେଖ୍ୟ ପହଞ୍ଚୁଛି, ସବୁଗୁଡ଼ିକ ଟାଇପ୍ କରିବା ଅସମ୍ଭବ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଅନେକ ବନ୍ଧୁ ଲେଖା ପଠାଇବା ବେଳେ ଲେଖାକୁ ଇମେଲ୍‌ର ସବଜେକ୍ଟ ଲାଇନ୍‌ରେ ଲେଖି ଦେଉଛନ୍ତି, ଏଥିପ୍ରତି ସତର୍କ ରହିବେ । ଲେଖା ମେସେଜ୍ ବକ୍ସରେ ହିଁ ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

Listen to Odia Podcast on https://anchor.fm/aahwaan
ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ । ଆଜିକାଲି ମୋବାଇଲ୍‌ରେ ମଧ୍ୟ ସହଜରେ ଓଡ଼ିଆରେ ଟାଇପ୍ କରିବା ସମ୍ଭବ ହେଲାଣି, ଚେଷ୍ଟା କରିଦେଖନ୍ତୁ ।

ହ୍ୱାଟ୍‌ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast on https://anchor.fm/aahwaan

Magazine Downloaded from www.aahwaan.com

ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।










ସ୍କାନ୍ ହୋଇଥିବା ଛବି ଏବଂ ଟାଇପ୍ ହୋଇଥିବା ପିଡ଼ିଏଫ୍ ଫାଇଲ୍ ଗୁଡ଼ିକୁ ପୁଣିଥରେ ଟାଇପ୍ କରିବାକୁ ପଡୁଛି ଯାହା ଫଳରେ ପତ୍ରିକା ପ୍ରକାଶନରେ ଅହେତୁକ ବିଳମ୍ବ ହେଉଛି । ତେଣୁ ଆପଣଙ୍କ ଲେଖାକୁ ଓଡ଼ିଆରେ ଟାଇପ୍ କରି କେବଳ Microsoft Word File ରେ ହିଁ ପଠାନ୍ତୁ ।

ଆହ୍ୱାନ ଇ-ପତ୍ରିକାର ଓଡ଼ିଆ ପୋଡ୍କାଷ୍ଟ ସେବା ଏବେ ଉପଲବ୍ଧ । ଏଥିରେ ଆପଣ ଆହ୍ୱାନରେ ପ୍ରକାଶିତ କଥାବସ୍ତୁ ସମେତ ଅନେକ ଉପାଦେୟ କଥା ଶୁଣିପାରିବେ ।

**https://anchor.fm/aahwaan**

Listen to Odia Podcast on https://anchor.fm/aahwaan